ଗୋପାଳ ଛୋଟରାୟ

ସେଉ ଫୁଲ

Digitized by srujanika@gmail.com

ସେଇ ଫୁଲ

ଗୋପାଳ ଛୋଟରାୟ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ : ଅଭିରାମ ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

ମୁଦ୍ରକ : ଲିପିକାର, ଝାଞ୍ଜିରୀମଙ୍ଗଳା, କଟକ-୯

ପ୍ରଥମ ମୁଦ୍ରଣ : ଜୁଲାଇ, ୧୯୮୯

ମୂଲ୍ୟ : ଟ ୨୩-୦୦
ସାଧାବନ୍ଧେଇ : ଟ ୨୦-୦୦

Digitized by srujanika@gmail.com

ଉତ୍ସର୍ଗ

ଡକ୍ଟର କିଶୋର ଚନ୍ଦ୍ର ସାହୁ

ପରମ ଶ୍ରଦ୍ଧାଭାଜନେଷୁ

ଗୋପାଳ ଛୋଟରାୟ

Digitized by srujanika@gmail.com

ମୋ’ ରଚନାରୁ ପ୍ରକାଶିତ ପ୍ରାୟ ପଚିଶଖଣ୍ଡ ପୁସ୍ତକ ହେଉଛି କେବଳ ନାଟକ ଓ ଗୀତିନାଟ୍ୟ । ବିଭୂତି ପଟ୍ଟନାୟକ ସଂପାଦିତ ‘ଗଳ୍ପ’ ପତ୍ରିକାରେ ମୋର ‘ମାଗ୍ରଥନ୍’ ଗଳ୍ପଟି ପ୍ରକାଶ ପାଇଲା ପରେ ଶ୍ରୀ ପଟ୍ଟନାୟକ ଏମିତି କଥା ପ୍ରସଙ୍ଗରେ ମତେ କହିଲେ—ଏବେ ଆପଣ କିଛି ଗଳ୍ପ ଲେଖନ୍ତୁ; ଆପଣଙ୍କର ଗୋଟିଏ ଗଳ୍ପ-ସଂଗ୍ରହ ପ୍ରକାଶିତ ହେଉ ।...ତାହାହିଁ ହେଲା—‘ସେଇ ଫୁଲ’ ଗଳ୍ପସଂଗ୍ରହ ପ୍ରକାଶ ପାଉଛି । ଏଥିରେ ଯେଉଁ ପନ୍ଦରଗୋଟି ଗଳ୍ପ ସ୍ଥାନ ପାଇଛି, ସେଥିରୁ ସାତଗୋଟି ଗଳ୍ପ ‘ଝଙ୍କାର’ରେ ଓ ଅନ୍ୟ ଆଠ-ଗୋଟି ଗଳ୍ପ-ସମାରୋହ, କଥା, ତରଣୀ, ମୌସୁମୀ ଓ ସୂର୍ଯ୍ୟସ୍ନାତ ପ୍ରଭୃତି ପତ୍ରିକାମାନଙ୍କରେ ବିଭିନ୍ନ ସମୟରେ ପ୍ରକାଶିତ ହୋଇଥିଲା । ଆଜି ଏ ସଙ୍କଳନର ଜନ୍ମଲଗ୍ନ ଅବସରରେ ମୁଁ ସେମାନଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି ।

ଗୋପାଳ ଛୋଟରାୟ

Digitized by srujanika@gmail.com

ଗ୍ରନ୍ଥମନ୍ଦିର ପ୍ରକାଶିତ

ଗୋପାଳ ଛୋଟରାୟଙ୍କର ଅନ୍ୟ କେତେକ ରଚନା :

ନାଟକ :

ଫେରିଆ
ଶୋଷ
ସାଧନା
ଅମଡ଼ାବାଟ
ହାସ୍ୟରସର ନାଟକ
(କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ)
ଶ୍ରୀହରିଙ୍କ ସଂସାର
ଶତରଞ୍ଜି
ପଦ୍ମାଳୟ
ପୁରପୂର ପାରିବାରିକ

ଗୀତିନାଟ୍ୟ :

ଚିଠୋଟି ଅପେକ୍ଷା ଏକଣ
(ଓଡ଼ିଶା ସାହିତ୍ୟ ଏକାଡେମୀଦ୍ୱାରା ସମ୍ମାନିତ)
ଗଣେଶ
ନପାରୁ ଗୀତ ନମରୁ ପଢ
ବୋଲେହୁଁ ଟି
ଶ୍ରୀମତୀ ସମାଜ୍ଞ ନୀ
ମହିଷମର୍ଦ୍ଦିନୀ
ଶ୍ରୀଜଗନ୍ନାଥ
ସମ୍ପୂର୍ଣ୍ଣରାମାୟଣ
ଚମ୍ପୂବିନୋଦ
ବରଘର ଦେଖା
ବନ୍ଧୁସାଗର
ମୀରାବାଈ
ସୀତା ଲବକୁଶ

Digitized by srujanika@gmail.com

ସୂଚୀ

ବିଷୟ	ପୃଷ୍ଠା
୧ । ସେଇ ଫୁଲ	୧
୨ । ମାଟିକାନ୍ଥ ପକ୍କାକାନ୍ଥ	୧୬
୩ । ଚନ୍ଦ ବିଚନ୍ଦ	୨୦
୪ । ପ୍ରତିଶ୍ରୁତି	୩୦
୫ । ନାକ ଓ ବ୍ଲାକ	୩୮
୬ । କାମକଳା	୪୬
୭ । ଆଉ ଏକ ନାରୀ—ରାଧିକା ମାନସିଂ	୪୯
୮ । କିଛି କୋହଳ କରାଯାଇପାରେ	୬୨
୯ । ସୁଶୀଲା	୭୩
୧୦ । ମାରାଥନ୍	୭୯
୧୧ । ବାସର	୯୩
୧୨ । ନାସ୍ତି ଯବନିକା ପତନ	୯୯
୧୩ । ବନ୍ଧୁ	୧୦୫
୧୪ । ଲାଲ୍‌ବାଗ୍ କୋଠିରୁ ଏକ ନମ୍ବର ସଫଦରଜଙ୍ଗ	୧୧୭
୧୫ । ଉପହାର	୧୨୬

Digitized by srujanika@gmail.com

ସେଇ ଫୁଲ

ପ୍ରାୟ ପ୍ରତିଦିନ ସକାଳେ ତାଙ୍କ ଘର-ସଂଲଗ୍ନ ବଗିଚାରୁ ଫୁଲ ଚୋରି ହୋଇ-ଯିବା ଘଟଣା ସୁମନକୁ ଖୁବ୍ ବାଧୁଛି । ପ୍ରତିଦିନ ରାତିରେ ଶୋଇଲାବେଳେ ସେ ଦୃଢ଼ସଂକଳ୍ପ ହୋଇ ଶୋଇଚି ଯେ ଭୋର୍‌ରୁ ଉଠି ଜଗିବ; କିନ୍ତୁ କେବେହେଲେ ସକାଳ ଆଠଟା ପୂର୍ବରୁ ତା' ନିଦ ଭାଙ୍ଗି ନି । ···ଏମ୍. ଏ. ପଢୁଥିବା କୋଉ ପୁଅ ଝିଅ ସକାଳ ଆଠଟା ପୂର୍ବରୁ ଉଠନ୍ତି ଯେ ସେ ଉଠିବ ! —ଏଇ ଆଶ୍ୱାସନାରେ ସେ ତା' ନିଜ ଦୋଷକୁ ନିଜେ କ୍ଷମା ଦେଇଚି । ମାତ୍ର ଆଜି ଏ ଅଘଟଣ ଘଟିଲା କେମିତି ? ଆଜି ସକାଳେ ନିଦ ଭାଙ୍ଗିବା ସଙ୍ଗେ ସଙ୍ଗେ ଘଣ୍ଟା ଉପରେ ଆଖି ପଡ଼ିଚି—ଆଠ···ନା, ଆଠଟା ନୁହେଁ—ଛ'ଟା ବାଜିବାକୁ ଆଠ ମିନିଟ୍ । ···ଯାଙ୍ଗେ ସାଙ୍ଗେ ମୁହଁ ଧୋଇପକେଇ ଝରକା ପାଖକୁ ଚୌକିଟା ଟାଣିଆଣି ସୁମନ ବସିଲା । ଝରକା ତଳକୁ ଗେଣ୍ଡୁ ଫୁଲ ଗଛଟିଏ—କେଳିକୁସୁମ । ଫୁଲଦିନ ସରି ସରି ଆସୁଚି । ଏଇ ଗୋଟିଏ ଗଛ ବର୍ତ୍ତମାନ ସାରା ବଗିଚାର କାମଧେନୁ । ଆଜି ଦଶଟି ଫୁଲ ଫୁଟିଚି—ଏକାବେଳକେ ଫ୍ରେସ୍ । ସକାଳର ସୁନେଲି କିରଣରେ ଚକ୍ ଚକ୍ ଝିକ୍ ଝିକ୍ ଦିଶୁଛି । ଏବେ ଏ ଗଛଟିରେ ପ୍ରତିଦିନ ଫୁଲ ଫୁଟୁଚି । କିନ୍ତୁ ସୁମନର ନିଦ ଭାଙ୍ଗିଲାବେଳକୁ ଝାମ୍ପୁଲା ଗଛଟିରେ ସେ କେବଳ ଡେମ୍ଫ କେତୋଟି ହିଁ ଦେଖେ । ···ଆଜି କିଏ ଆସୁଚି ଆସୁ । ରାବଣର ରାଜସଭାରେ ଅଙ୍ଗଦ ପାଦ ଥାପି ବସିଲାଭଳି ସୁମନ ଚୌକିରେ ବେଶ୍ ଦମ୍ଭରେ ବସିଲା । ବାହାନାପାଇଁ ହାତରେ ଖଣ୍ଡେ ଖବରକାଗଜ ।

କେଁ···ଏଁ···ଏଁ । ଗେଟ୍ ଖୋଲିଲା । ···କିଏ ଆସୁଚି ? ଖବରକାଗଜ ଉପରୁ ମୁହଁ ଟେକି ସୁମନ ଚାହିଁଲା—ଆସୁଛନ୍ତି ପ୍ରାୟ ତିରିଶ ବର୍ଷ ବୟସର ଜଣେ ମହିଳା—ଖାଲି ମହିଳା ନୁହନ୍ତି, ଭଦ୍ରମହିଳା । ହାତ ଧରି ଚାଲିଛି ପ୍ରାୟ ଆଠବର୍ଷ ବୟସ୍କା କନ୍‌ଭେଣ୍ଟ ଛାତ୍ରୀ ଝିଅ । କାଖରେ ଦୁଇବର୍ଷର ପୁଅ । ପଡ଼ୋଶୀ ହିସାବରେ ଚିହ୍ନା; କିନ୍ତୁ ସୁମନ ସହିତ ଆଳାପ ଆଦି ପ୍ରାୟ ନାହିଁ । ହସ ହସ ମୁହଁରେ ସବସ୍ତ୍ରା ଭଦ୍ରମହିଳା ଫୁଲଗଛ ଆଡ଼କୁ ଆସୁଛନ୍ତି । ···ନା, ଏମାନଙ୍କୁ ତ କିଛି କହିହେବନାହିଁ । ସୁମନ ଖବରକାଗଜ ଉଢ଼ାଳରେ ମୁହଁ ଲୁଚେଇଲା ।

—ଏ ବିନି, ସୁମନ ଅଙ୍କଲ୍‌ଙ୍କୁ ନମସ୍କାର କର ।·· ବିନିର 'ସୁମନ ଅଙ୍କଲ୍ ନମସ୍କାର' ପ୍ରତିଦାନରେ ସୁମନ ଜିଭ ପାଟିର ସାହାଯ୍ୟ ନ ନେଇ ମନେ ମନେ ନମସ୍କାର ବୋଲି କହିଲା ।

Digitized by srujanika@gmail.com

ବେଶ୍ ପ୍ରଫୁଲ୍ଲ ଓ ସହାସ୍ୟବଦନ, ରସସିକ୍ତ କଣ୍ଠ ଓ ନିପୁଣ ଅଭିନୟ ଭଙ୍ଗୀରେ ବିନାର ମମି କହିଚାଲିଚନ୍ତି—ଏବେ ଟି.ଭି.ରେ ଓଡ଼ିଆ ପ୍ରୋଗ୍ରାମ ଦେଲାଣି ତ—ବିନା କାଲି ଟି. ଭି.ରେ ପଦେ ଓଡ଼ିଆ ଗୀତ ଶୁଣିଲା—"ଖୋସାରେ ଖୋସିଛ କେଳିକୁସୁମ।" କନ୍‌ଭେଣ୍ଟରେ ପଢ଼ୁଛି। ଖୋସା କ'ଣ—କେଳି କୁସୁମ କଣ—କିଛି ବୁଝୁନାହିଁ। ...ମୁଁ ତାକୁ ବୁଝେଇଲି—ଖୋସା ଆଉ ନାହିଁ, ଖୋସା ଜାଗାରେ ତୋର ଏଇ ଡବଲ୍ ବେଣୀ। ...ସେଇଠୁ ପଚାରିଲା—ଆଉ କେଳିକୁସୁମ? ...କହିଲି—ତୋ ସୁମନ ଅଙ୍କଲ୍‌ଙ୍କ ବଗିଚାରେ ଅଛି। ...ସକାଳୁ ଆଜି ମତେ ବେଡ୍-ଟି ଖୁଆଇ ଦେଲା ନାହିଁ—ଟାଣି ଟାଣି ଏଠିକି ନେଇଆସିଲା।

ସୁମନ ଚକ୍ତ ଚାଉଳ ଚୋବେଇ ମନେ ମନେ କହୁଥାଏ—ମୁଁ ବି କାଲି ଟି. ଭି.ରେ ଓଡ଼ିଆ ପ୍ରୋଗ୍ରାମ୍ ଦେଖିଛି। ଗୀତ ପଦଟାର ଗୋଟେ ଧାଡ଼ି ବି ତାକୁ ବୁଝେଇଲି—"ଖୋସାରେ ଖୋସିଛ କେଳି କୁସୁମ।" କେଳି କୁସୁମ ସାଙ୍ଗକୁ ଯୋଡ଼ି ଆଉ ଧାଡ଼ିଟା ଗାଇଥିଲା...ସେ ଧାଡ଼ିଟା! ...ବାଧା ପଡ଼ିଲା। ବିନା ମା କହୁଛନ୍ତି—ଦି' ବେଣୀରେ ତ ଦି'ଟା କେଳିକୁସୁମ ଖୋସିଲୁ—ଅଙ୍କଲ୍‌କୁ ଦେଖା। "ଦେଖ ଅଙ୍କଲ୍" କହି ବିନା ବୁଲିପଡ଼ିଲାବେଳକୁ ମା'ଙ୍କ କୋଳାଗ୍ରତ ଦୁଇବର୍ଷର ପୁଅ ଝୁଙ୍କିପଡ଼ି ଫୁଲ ଦି'ଟାକୁ ଟାଣିନେଇ, ତା କୁଞ୍ଚି କୁଞ୍ଚି ବାଳରେ ଖୋସିବାର ଉପକ୍ରମ କଲା। ପୁଅ ଉପରେ ମାଡ଼ ବର୍ଷଣ ସହିତ ବିନା ଗର୍ଜିଉଠିଲା—'ୟୁ-ୟୁ-ଫେଲ-ୟୁ ନଟି ମ୍ୟାନ—ମୋ ଫୁଲ ଦେ'।'
"ରହ। ରହ-ପିଲାଭାଇଟାକୁ ମାର୍ ନାହିଁ। ମୁଁ ଆଉ ଦି'ଟା ଫୁଲ ତତେ ଦଉଚି।"...ଆଉ ଦୁଇଟି ଫୁଲ ଛିଣ୍ଡେଇ ବିନା ବେଣୀରେ ଖୋସୁ ଖୋସୁ ଭଦ୍ରମହିଳା କହୁଥା'ନ୍ତି—ଦେଖ୍, ତୋ ସୁମନ ଅଙ୍କଲ୍ କେମିତି ହସୁଚନ୍ତି !

ସୁମନର ମୁହଁ ଖବରକାଗଜ ଉଢ଼ାଳରେ। ହୁଁ ! ହସୁଚନ୍ତି ! ଘଟଣା ଯାହା ଘଟିଯାଉଚି, ସୁମନ ଆଖିରେ ଲୁହ ନାହିଁ ସତ; ମାତ୍ର ଚାହିଁଲେ ସଙ୍ଗେ ସଙ୍ଗେ ଲୁହ ଝରାଇ ଦେଇପାରନ୍ତା।

ଚାରୋଟି ଫୁଲର (ଅ) ସଦ୍‌ବ୍ୟବହାର କରି ସେମାନେ ଚାଲିଯାଉଚନ୍ତି। ସୁମନ ମୁହଁ ଟେକୁନାହିଁ। ଗେଟ୍ ବନ୍ଦ ହେବାର ଶବ୍ଦ ହେଲା। ସେଇ ସଙ୍ଗେ ସଙ୍ଗେ ଭଦ୍ରମହିଳାଙ୍କ ସତର୍କ କଣ୍ଠସ୍ୱର ଶୁଣାଗଲା—ଗେଟ୍ ଭଲକରି ଲକ୍ କର ବିନା, ଗାଈ ପଶିବେ। ..."ଗାଈ ପଶିବେ !" କଥାଟା ଶୁଣି ସୁମନର ମନ ହେଉଥିଲା କହିପକେଇଥା'ନ୍ତା—ତେମେ କୋଉ କମ୍ କି ? ଗାଈ ଫୁଲ ଖାଇଥିଲେ ତ, ତା'ସାଙ୍ଗକୁ ପାହାରେ ଦି'ପାହାର ଖାଇଥାଆନ୍ତା ! ତେମେ ତ ବାଏଁ ବାଏଁ ଖସିଗଲ।

ତା'ହେଲେ ? ଭୁବନେଶ୍ୱରରେ ଏମିତି ଫୁଲଚୋରୀ ଚାଲେ ! ... ପୁଣି ଗେଟ୍ ଖୋଲିଲା। ଖୋଲିଲା ବେଶ୍ ଦର୍ପ ଓ ଦମ୍ଭର ସହିତ। ସୁମନ ମୁହଁଟେକି ଚାହିଁଲା। ଇଏ ନିଏ ଭଦ୍ରଲୋକ ଆସୁଚନ୍ତି—ସଦ୍ୟସ୍ନାତ, ପଟ୍ଟବସ୍ତ୍ରପରିହିତ, ଦିବ୍ୟଶରୀର, ପରିଣତ ବୟସର

Digitized by srujanika@gmail.com

ଆଉ ଜଣେ ସମ୍ଭ୍ରାନ୍ତ ପଡ଼ୋଶୀ । ଫୁଲଗଛ ଆଡ଼କୁ ତାଙ୍କର ଗତି । ମୁହାଁମୁହିଁ ହେଲେ ସୁମନ ନମସ୍କାର କରିବାକୁ ବାଧ୍ୟହେବ, ଏଇ ଭୟରେ ସେ ସମସ୍ତ ମୁହଁଟାକୁ ଖବରକାଗଜରେ ଢାଙ୍କି ରଖିଲା । ଶ୍ଲୋକପାଠ ସହ ଭଦ୍ରଲୋକ ଆସି ଝରକା ତଳେ ଠିଆହେଲେ ।

—ତମେ ଏତେ ସକାଳୁ ଉଠିଲଣି ସୁମନ ? ...ଖବରକାଗଜ ଉଢ଼ାଳରେ ହିଁ ନମସ୍କାର ଭଙ୍ଗୀରେ ହାତଟେକି ସୁମନ କ୍ଷୀଣ ଗଳାରେ କହିଲା—ଆଜ୍ଞା !

—ଗୁଡ୍ । ...ସକାଳୁ ସୂର୍ଯ୍ୟଙ୍କୁ ନମସ୍କାର କରିଚ ?

—ନା ।

—କାହିଁକି ? ସକାଳୁ ଉଠୁଚ ଯଦି ସୂର୍ଯ୍ୟଙ୍କୁ କାହିଁକି ନମସ୍କାର କରୁନ ? ...ଏଇ ଦି' ଧାଡ଼ି ଶ୍ଲୋକ ପଢ଼ି—ଜବା କୁସୁମ ସଂକାଶଂ...

ମୁଁ ଜାଣେ ।

(ଏତିକବେଳେ ଗେଟ୍ ପାଖରୁ ଗୋଟାଏ ଝିଅର ଉଚ୍ଚ କଣ୍ଠସ୍ୱର ଶୁଣାଗଲା—ହେ, ଫୁଲ ଗୋଟାଏ ଦିଅ ।)

ଏଣିକି ସକାଳୁ ସୂର୍ଯ୍ୟଙ୍କୁ ନମସ୍କାର କର । ଦେଖିବ, ତମ ମନ-ପ୍ରାଣ ଏଇ ଫୁଲପରି ଫ୍ରେସ୍, ସୁନ୍ଦର, ନିର୍ମଳ ହୋଇଉଠିବ ।

କାଗଜ ଉଢ଼ାଳରୁ ସୁମନ କଣେଇ ଚାହିଁଲା—ଗୁଚ୍ଛେଟି ଫ୍ରେସ୍, ସୁନ୍ଦର, ନିର୍ମଳ ଫୁଲ ନେଇ ସେ ଗେଟ୍ ପାର ହୋଇ ଚାଲିଯାଉଚନ୍ତି । ଏଥର ସେ କାଗଜ ରଖିଦେଇ ଗେଟ୍‌କୁ ଚାହିଁ ଦେଖିଲା—ଗେଟ୍ ପାଖରେ ଗୋଟାଏ ଦଶ ଏଗାର ବର୍ଷର ଅଧାମଇଳା ଫ୍ରକ୍‌ପିନ୍ଧା ଝିଅ ଠିଆହୋଇ, ହାତ ପତେଇ ସୁମନକୁ ଲକ୍ଷ୍ୟକରି ବଡ଼ପାଟିରେ କହୁଚି—ହେ, ଫୁଲ ଗୋଟାଏ ଦିଅ । ...ସୁମନର ସେଣିକି ଲକ୍ଷ୍ୟ ନାହିଁ । ସେ ମନେ ମନେ ଏହି ସିଦ୍ଧାନ୍ତରେ ପହଞ୍ଚିଲା ଯେ, ଭୁବନେଶ୍ୱରରେ ଖୁବ୍ ବେଶି ଗୁଡ଼ାଏ ଭଦ୍ରଲୋକ ରହୁଯାଇଥିବାରୁ ଏଭଳି ଘଟଣାମାନ ଘଟୁଚି । କଟକରେ ଏ ଢଙ୍ଗ ନାହିଁ । କ୍ଷୁଣ୍ଣ ମନରେ ସୁମନ ଚାହିଁ ଦେଖିଲା—ଗଛରେ ଆଉ ମାତ୍ର ଦିଓଟି ଫୁଲ ।

—ହେ, ଫୁଲ ଗୋଟାଏ ଦିଅ ।

ସୁମନ ବିରକ୍ତ ହୋଇ ଆହୁରି ଜୋର୍ ଗଳାରେ କହିଲା—କାହିଁକି ଗୋଟାଏ ଏମିତି ପାଟି କରୁଚୁ ? ...ଝିଅଟା ସାଙ୍ଗେ ସାଙ୍ଗେ ଗଳାର ସ୍ୱର ପଞ୍ଚମରୁ ତଳକୁ ଖସାଇ ଆଣି ଯାହା କହିଲା, ସୁମନ ଶୁଣି ନ ପାରିଲେ ବି ଠିକ୍ ବୁଝିପାରିଲା ଯେ, ଝିଅଟା ତା' ଦାବିରୁ ତିଳେମାତ୍ର ଓହରି ନାହିଁ । ସେ ହାତଠାରି ତାକୁ ଡାକିଲା । ଗେଟ୍ ଖୋଲି ଝିଅଟା ଦଉଡ଼ି ଦଉଡ଼ି ଆସି ମୁହୂର୍ତ୍ତେ ବିଳମ୍ବ ନ କରି ଫୁଲ ଛିଣ୍ଡେଇବାପାଇଁ ହାତ ବଢ଼େଇଲା ବେଳକୁ ସୁମନ ପାଟିକରି ଉଠିଲା—ହେକ୍ ! ...ଝିଅଟା ଅଟକିଗଲା । ଝିଅଟାକୁ ସେ ପୂର୍ବରୁ ଏଇ ଆଖପାଖରେ ଦେଖିଚି ।

Digitized by srujanika@gmail.com

—ଘର କୋଉଠି ?
—ଏଇ ତମ ଘର ପଛପଟେ
—ସରକାରୀ କ୍ୱାଟର ?
—ହଁ, ଟି-ଆର୍ ।
—ବଗିଚା ଅଛି ?
—ଟିକେ ।
—ଫୁଲଗଛ ଲଗେଇଚ ?
—ନା ।
—ଆଉ ?
—ପରିବା ।
—କି ପରିବା ?
—ଶାଗ, ମୂଳା, ଏଇ ଶିମ୍ବ, କଖାରୁ···ବାଇଗଣ ବୁଦାଏ ସେ ଦିନକୁ ଦି' କଳେ ଫଳୁଚି ।
—ସବୁ ଖାଉଚ ?
—ବେଶି ବିକୁଚି ।
—ଭାରି ଚାଲାକି ! ବଗିଚାରେ ପରିବା କରି ବିକିବ—ପର ବଗିଚାକୁ ଆସି ଫୁଲ ଛିଣ୍ଡେଇବ ।
—ଫୁଲ ଗୋଟାଏ ଦିଅ ।
—ସେ ବଡ଼ ଫୁଲଟାକୁ ଛୁଁନା । ସାନଫୁଲଟା ନେଇଯା' ।

ଟକ୍ କରି ଫୁଲଟା ଛିଣ୍ଡେଇ ଝିଅଟା ସେମିତି ଦଉଡ଼ି ଦଉଡ଼ି ପଳେଇଲା । ଝରକା ଏପାଖରେ ସୁମନ—ଝରକା ସେପାଖରେ ମାତ୍ର ଗୋଟିଏ କେଳିକୁସୁମ ଧୀର ପବନରେ ହଲୁଚି ।

ଦିନ ଦଶଟା । ହାତରେ ନୋଟ୍‌ଖାତା ଓ ଖଣ୍ଡେଅଧେ ବହି ଧରି ସୁମନ ବାହାରିଲା । ଗେଟ୍ ବାହାରକୁ ଯିବା ପୂର୍ବରୁ ଫୁଲଗଛ ପାଖରେ ଆସି ଠିଆହେଲା । ଫୁଲଟି ସେମିତି ରହି ରହି ତାକୁ କହୁଚି—ମୋ' ଭଉଣୀଯାକ ତ ଚାଲିଗଲେ । କିଏ କାହାର ଗଭା ମଣ୍ଡନ କଲା—କିଏ ବା ଠାକୁରଙ୍କ ପଦତଳେ ଲାଗି ହେଲା । ମତେ ଏଠି ପକେଇ ରଖିଚ କାହିଁକି ? ମୁଁ ଭଣ ଏମିତି ଶୁଖି ଶୁଖି ଝଡ଼ିଯିବି ?

ସକାଳେ ଯାହା ଘଟିଯାଇଚି, ତାର ବିରକ୍ତିକର ପ୍ରତିକ୍ରିୟାରୁ ସୁମନ ମୁକ୍ତ ହୋଇନି । ଏଇ ଅବସ୍ଥାରେ ଫୁଲଟିକୁ ଛିଣ୍ଡେଇ ନେଇ ପଞ୍ଜାବୀ ପକେଟରେ ରଖି, ଗେଟ୍ ବାହାରକୁ ଗଲା । ସେ ଆଜି ଜିନ୍‌ସ୍ ଉପରେ ପଞ୍ଜାବୀ ପିନ୍ଧିଚି ।

Digitized by srujanika@gmail.com

ବସ୍‌ରେ ଉଠି ସୁମନ୍ ସିଟ୍ ଉପରେ ବସିପଡ଼ି, ମୁଣ୍ଡ ତଳକୁ ଝୁଙ୍କାଇ ପକେଟରୁ ଫୁଲଟିକୁ କାଢ଼ି ଦେଖିଲା । ଏଇ କେଳି କୁସୁମ ! ଏଇ ଫୁଲପାଇଁ ଆଜି ସକାଳେ କେତେ କେଳି ଲାଗି ନଗଲା ! ଅଥଚ ତା' ମନରେ କେଳିର କୌଣସି ସ୍ପର୍ଶ ଲାଗିନାହିଁ । ସେ ବୁଝିପାରୁନାହିଁ, କାହିଁକି ସେ ଫୁଲଟିକୁ ଯତ୍ନରେ ପକେଟରେ ଆଣିଲା । ସିଟ୍‌ଉପରେ ପୁଣି ସିଧାହୋଇ ବସିବା ମାତ୍ରେ ସେ ଦେଖିଲା ଠିକ ତା ସାମନା ସିଟ୍‌ରେ ଜଣେ ମହିଳା ବସିଛନ୍ତି; ଆଉ କେଜାଣି କୋଉ ପରିସ୍ଥିତିରେ ତାଙ୍କ ବେଣୀଟି ସେ ବସିଥିବା ସିଟ୍‌ର ବାଡ଼ା ପଛପଟେ ଲମ୍ବି ଆସିଛି । ମହିଳାଟି କିଏ, ସେ କଥା ଜାଣିବାର ଆଗ୍ରହ ତା'ର ନାହିଁ । କିନ୍ତୁ ମହିଳାଟି 'କଣ'—ସେ କଥା···କିନ୍ତୁ ସେ ଜାଣିବ କେମିତି ? ମୁହଁ ଦେଖିବାର ଉପାୟ ନାହିଁ । କେବଳ ବେଣୀ ଦେଖି···ଅସମ୍ଭବ ! ଆଜିକାଲି ତ ପନ୍ଦରରୁ ପଇଁତ୍ରିଶ ବର୍ଷଯାଏ ସ୍ତ୍ରୀଲୋକମାନେ ବେଣୀ ଗୁନ୍ଥୁଛନ୍ତି ।

ସୁମନ ଅଟକିଗଲା । ବେଣୀର ପରିଚୟ କଥା ଭୁଲିଯାଇ ବେଣୀର ରୂପ, ଭଙ୍ଗୀ, ଆକାର ପ୍ରକାରରେ ସେ ଚମକ୍ରିତ ହୋଇଗଲା । ଭୁବନେଶ୍ୱରରେ ସେ ପ୍ରତିଦିନ ଶହ ଶହ ବେଣୀ ଦେଖୁଛି । ସେଥିରୁ ଶତକଡ଼ା ନବେଭାଗ ତ ଦେଢ଼ଗୃଖଣ୍ଡ ଲମ୍ବା । କୋଉଠି କେମିତି ଲମ୍ବା ବେଣୀଟିଏ ଆଖିରେ ପଡ଼ିଲେ, ସେଥିରେ ଗ୍ରେସ୍‌କାରବାର ହୋଇଥାଏ ବୋଲି ଶୁଣାଯାଏ । କିନ୍ତୁ ଏ ବେଣୀ ? ଲମ୍ବରେ ତ କାହିଁରେ କ'ଣ ତଳକୁ ଲମ୍ବି ଯାଇଛି । ପୁଣି···ନା ! ଏ ବେଣୀ ପାଇଁ କୌଣସି ବିଶେଷଣ ତା'ର ମନେପଡୁନି । ବେଣୀ ଶବ୍ଦଟା ଆଧୁନିକ, ସତ୍ୟଯୁଗୀୟ କି ପୌରାଣିକ ସେ ହେଜ କରିପାରୁ ନାହିଁ··· ଘନ··· କୃଷ୍ଣ··· ଗୁଚ୍ଛ ···ମେଘଡମ୍ବରୁ···କବରୀ ! କବରୀ ଶବ୍ଦର ଅର୍ଥ ବେଣୀ କି ନୁହେଁ ତା' ମଧ୍ୟ ସେ ଜାଣିପାରୁନାହିଁ । କେମିତି ଗୋଟାଏ ବିକ୍ଷିପ୍ତ···ବିକ୍ଷିପ୍ତ···ହଠାତ୍ ଏସବୁକୁ ମନରୁ ଆଡ଼େଇଦେଇ ସେ ବେଣୀର ଛନ୍ଦ ଗଣିବାକୁ ଆରମ୍ଭ କଲା । ଏତେ ବେଶି ଛନ୍ଦ ଯେ, ଗଣିହେଲାନାହିଁ—ଗୋଳମାଳ ହୋଇଗଲା । ତା' ପରେ ସେ ସ୍ଥିରହୋଇ ବସିରହି, ଚିକ୍କଣ କଳା ଗହଳ କେଶରାଶିର ରୂପାନ୍ତର ସୁଦୀର୍ଘ ବେଣୀଟିକୁ ଏକଲୟରେ ଚାହିଁ ରହିଲା । ଏଇଠି ହଠାତ୍ ସେ ଆବିଷ୍କାର କଲା—ଅତି ନିରନ୍ଧ୍ର ଛନ୍ଦଯୁକ୍ତ ବେଣୀର ପ୍ରାନ୍ତ ଉପର ଭାଗରେ ଗୋଟିଏ ଛିଦ୍ର ଅଛି, ଯାହା ଭିତରେ ତା' ପକେଟସ୍ଥ କେଳିକୁସୁମର ଡେମ୍ଫଟି ନିରାପଦରେ ଖଞ୍ଜି ହୋଇପାରିବ । ସେଇ ସଙ୍ଗେ ସଙ୍ଗେ ତା' ଭିତରେ ସେ ଗୋଟିଏ ତୀବ୍ର ତାଡ଼ନା ଅନୁଭବକଲା । ଅନୁଭବ କଲା ଗୋଟାଏ ବେଗ । ତା ଜୀବନରେ କେବେ କୌଣସି ଘଟଣାରେ ଏମିତି ଦୁର୍ଦ୍ଧର୍ଷ ଅପ୍ରତିହତ ତାଡ଼ନା ସେ ଅନୁଭବ କରିନାହିଁ । କନ୍‌ଭେଣ୍ଟ ସ୍କୁଲ ଗ୍ରୀନୀ ବନର ବବ୍‌କଟ୍ ବାଳର 'ଅଧଗୃଖଣ୍ଡେ ହାସ୍ୟକର ବେଣୀରେ କେଳିକୁସୁମ ଖଞ୍ଜିବାପାଇଁ ଆଜି ସକାଳେ ଗୁରଗୁରଟା ଫୁଲ ଯେପରି ଅବହେଳିତ ଅପମାନିତ ହୋଇଚନ୍ତି, ତା'ର ସଂଶୋଧନ ସେ କରିବ । ତା ଆଖି ପାଖରୁ ମାତ୍ର କେଇ ଇଞ୍ଚ ଦୂରରେ ଝୁଲୁଥିବା ଏଇ ରୂପସୀ ଛନ୍ଦମୟୀ ବେଣୀରେ ସେ କେଳିକୁସୁମ ଖଞ୍ଜିବ ।

Digitized by srujanika@gmail.com

କିନ୍ତୁ କେମିତି ? ସଙ୍କେତ୍ ଭିତରେ ତା' ହାତ ଚଞ୍ଚଳ ହେଇଉଠିଲାଣି । ଭିତରର ବେଗ ତୀବ୍ରରୁ ତୀବ୍ରତର ହେଇଉଠୁଛି । ବସ୍ ଭିତରକୁ ଅବଶ୍ୟ ବେଶି ଲୋକ ଉଠି ନାହାନ୍ତି । ତଥାପି···ତଥାପି ଯଦି ଧରାପଡ଼ିଯିବ ! ଯଦି ଧରାପଡିଯିବ—ତା'ହଲେ ଅବସ୍ଥା କ'ଣ ହବ ! ଏକଥା ବିଚାର କରିବା ପୂର୍ବରୁ ଗୋଟେ ସ୍ପ୍ଲିଟ୍ ସେକେଣ୍ଡରେ ସେ ତାର କମ୍ପ୍ୟୁଟର ପରିଚାଳିତ ହାତରେ ଫୁଲଟିକୁ ବେଣୀର ସେଇ ଛିଦ୍ରରେ ଖଞ୍ଜିଦେଲା । ଖଞ୍ଜିଦେଇ ସିଟ୍‌ରେ ଆଉଜି ବସି ଆଖି ବୁଜିଲା—ଆଖି ଖୋଲିଲା । ଖର ନିଃଶ୍ୱାସକୁ ଧୀର ନିଃଶ୍ୱାସ ସ୍ତରକୁ ଆଣିଲା । ତା'ପରେ ଏ ସବୁଥିରୁ ନିଜକୁ ନିର୍ଲିପ୍ତ କରିଆଣି, ନୋଟ୍ ବହିରେ ମନପ୍ରାଣ ଢାଳିଦେଲା । ବସ୍ ଚାଲିଲା ।

ବସ୍ ଷ୍ଟପ୍ । ବସ୍ ଅଟକିଲା । ବସ୍‌ରେ ଖୁବ୍ ଭିଡ଼ । ସୁମନ କିଛି ନ ମାନି ଯେତେ ଚଞ୍ଚଳ ସମ୍ଭବ ବହିରୁ ଏକ ପ୍ରକାର ମୁହଁ ଲୁଚାଇ ଓହ୍ଲାଇ ଆସି ତଳେ ଅପେକ୍ଷାକଲା—ଉଦ୍ଦେଶ୍ୟ, ସେ ଦେଖିବ କାହା ବେଣୀରେ ସେ କେଳିକୁସୁମ ଖଞ୍ଜିଛି ।···ମହିଳାଟି ଓହ୍ଲାଇଲେ । ସୁମନ ଦେଖିଲା । ସୁମନକୁ ଦେଖି ମହିଳାଟି ଈଷତ୍ ସ୍ମିତ ମୁଖରେ କହିଲେ—ଆରେ ସୁମନ ! ବସ୍‌ରେ ଉଠିବ ? ଖୁବ୍ ଭିଡ଼ ତ ହେଇଛି ! କଥା ଦି'ପଦ କହି ପ୍ରସନ୍ନ ବଦନରେ ମହିଳାଟି ଚାଲିଯାଉଛନ୍ତି । ସୁମନର ରକ୍ତ ଥଣ୍ଡା ହୋଇଆସିଲାଣି । ସେ ଦେଖୁଛି—ଏଇ ଯିଏ ବେଣୀରେ ଫୁଲ ଖଞ୍ଜି ଚାଲିଯାଉଛନ୍ତି, ତାଙ୍କ ପାଇଁ ବିଶେଷଣ ପ୍ରୟୋଗ କରିବାରେ 'ସୁ'ଅକ୍ଷରଟିର ଅଭାବ ପଡ଼ିଥାଏ । କାରଣ, ସେ କେବଳ ସୁ-କେଶୀ ନୁହନ୍ତି, ସେ ସୁନ୍ଦରୀ, ସୁ-ନାସା, ସୁ-ଗୃହିଣୀ, ସୁ-ମାତା, ସୁ-ଶିକ୍ଷିତା ଓ ସୁମନଙ୍କ ପରିବାରର ସୁ-ପରିଚିତା, ମହିଳା କଲେଜର ସମ୍ଭ୍ରାନ୍ତା ଅଧ୍ୟାପିକା ଶ୍ରୀମତୀ ସୁଭଦ୍ରା (ବାସ୍ତବରେ ସେ ସୁ-ଭଦ୍ରା) ମାନସିଂ ! "ଆଜି କ'ଣ ତାଙ୍କ ଦଶା ହବ !" ସକାଳୁ ଏ ପର୍ଯ୍ୟନ୍ତ ଘଟଣା ସବୁର ଏଇଭଳି ପୁନରାବୃତ୍ତି କରିବା ବ୍ୟତୀତ ସୁମନର ଆଉ କିଛି କରିବାର ନଥିଲା ।

ସୁଭଦ୍ରାଙ୍କର ସବୁ ସଦ୍‌ଗୁଣକୁ ପଛରେ ପକେଇ ଯୋଉ ଗୁଣ ପାଇଁ ସେ ସମସ୍ତଙ୍କର ଶ୍ରଦ୍ଧା ଓ ସମ୍ମାନର ପାତ୍ରୀ, ତାହା ହେଉଛି ତାଙ୍କର ବେଶଭୂଷା, କଥାବାର୍ତ୍ତା ଓ ଚାଲିଚଳନ ସବୁଥିରେ ଭଦ୍ର, ସଂଯତ ଓ ସମ୍ଭ୍ରମଶୀଳ ଆଚରଣ । କେବେ ଏଥିରେ ବିଚ୍ୟୁତି ଘଟିବାର କେହି ଲକ୍ଷ୍ୟ କରିନାହିଁ ।

କଲେଜକୁ ଯାଇ ସୁଭଦ୍ରା ପ୍ରଥମେ ପ୍ରିନ୍‌ସିପାଲଙ୍କ କୋଠରୀକୁ ଗଲେ—"ଅପା, ନମସ୍କାର ।" ପ୍ରିନ୍‌ସିପାଲ୍ ଉତ୍କଳର ମହାନ୍ତି ହେଉଛନ୍ତି ସୁଭଦ୍ରାଙ୍କ ସମ୍ପର୍କୀୟା ଅପା । ପ୍ରିନ୍‌ସିପାଲ ଲକ୍ଷ୍ୟ କଲେ, ଆଜି ସୁଭଦ୍ରାଙ୍କ ସବୁଦିନର ସେଇ ପ୍ରଶାନ୍ତ ମୁହଁଟିର ଓଠ-ଧାରରେ ଯେମିତି ଏକ କିଶୋରୀର ଚଟୁଳ ହାସ୍ୟରେଖା ଲେଖି ହୋଇ ଯାଇଛି । ଏଥିରେ ସେ ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ ତାଙ୍କ ନିଜର ପେଶାଦାରୀ ଗମ୍ଭୀର ମୁହଁଟି ହସରେ ଏକାବେଳକେ ଧୋଇହୋଇ ଗଲା । ସେ ହୋଇଉଠିଲେ ପ୍ରିୟମ୍ବଦା ।

Digitized by srujanika@gmail.com

—କଲେ ଭଦ୍ରା, ଆଜି ତ ତୁ ଯା’ କହନ୍ତୁ ଏକାବେଳେକେ ‘ଖୁସ୍ ମିଜାଜ୍’···

—ନାଁ ମ··· କଥାରେ ବାଧା ଦେଇ, ମୁହଁ ତଳକୁ କରି ସୁଭଦ୍ରା ଏକଥା କହିଲେ ସିନା, ଓଠର ହସଧାରକୁ ସେ ଲଚେଇ ଦେଇପାରିଲେ ନାହିଁ ।

—ହୁଁ, କ’ଣ କହୁଛୁ ?

—ଆଜି ମୋର କେବଳ ଗୋଟିଏ ପ୍ରାକ୍ଟିକାଲ୍ କ୍ଲାସ୍ ଅଛି । କ୍ଲାସ୍ ପରେ···ମୁଁ ଘରକୁ ଯିବ ।

—କୁଆଡ଼େ ଆଉଟିଙ୍ଗ୍‌ରେ ଯିବାର ଅଛି ?

—ନା, ଏମିତି···

ପ୍ରିନ୍‌ସପାଲ୍ ଟିକେ ହସି କହିଲେ—ହଉ ଯା’ ।

ସେଇ ସ୍ମିତ ମୁଖ ଆଉ କୃତଜ୍ଞତାମୂର୍ତ୍ତି ନମସ୍କାର ଜଣାଇ ସୁଭଦ୍ରା ବିଦାୟ ନେଲେ ।

ବହୁଦିନ ତଳେ ଗୋଟିଏ ବଙ୍ଗଳା ଫିଲ୍ମ ଆସିଥିଲା । ଫିଲ୍ମର ଗୋଟିଏ ଦୃଶ୍ୟର ସ୍ଥାନ ହେଉଛି ଏକ ମହିଳା ମହାବିଦ୍ୟାଳୟର ପ୍ରିନ୍‌ସିପାଲ୍‌ଙ୍କ କୋଠରି । ଗୋଟିଏ ଅଭିଯୁକ୍ତା ଛାତ୍ରୀ ଆସିଲା । ବିଚାରର ପରେ ଛାତ୍ରୀଟି ବିଦାୟ ନେଇ ଫେରିଯାଉଥିଲାବେଳେ ତା’ ପୃଷ୍ଠ-ଦେଶର ଜାମାପିନ୍ଧା ଭଙ୍ଗୀ ଦେଖି (ପୃଷ୍ଠଦେଶର ଦୁଇତୃତୀୟାଂଶ ମୁକ୍ତ ଓ ମାତ୍ର ଏକ ତୃତୀୟାଂଶ ଆବୃତ) ପୃଥୁଳକାୟା ପ୍ରିନ୍‌ସିପାଲ୍ ଆତଙ୍କରେ ତାଙ୍କର ରେକିଙ୍ଗ୍ ଚେୟାର-ବାଡ଼ାକୁ ଏତେ ଜୋର୍‌ରେ ଧକ୍‌କା ଦେଇ ଆଉଜିପଡ଼ିଲେ ଯେ, ଚେୟାର ସହିତ ସେ ତଳେ ପଡ଼ିଗଲେ ।

ଏଠି ସୁଭଦ୍ରା କୋଠରିରୁ ଚାଲିଯାଉଥିବାବେଳେ ତାଙ୍କର ପଛପଟ ଦେଖି ପ୍ରିନ୍‌ସିପାଲ୍ ମହାନ୍ତି ତାଙ୍କ ଚୌକି ପଛବାଡ଼ାକୁ ବେଶ୍ ଜୋର୍‌ରେ ଆଉଜି ପଡ଼ିଲେ । ଅବଶ୍ୟ ତାଙ୍କର ଶାରୀରିକ ଦୁର୍ଗତି କିଛି ହୋଇନାହିଁ, କିନ୍ତୁ ତାଙ୍କ ମାନସିକ ବେଦନା ତାଙ୍କ ମୁହଁ ଓ ଆଖିରେ ସୁସ୍ପଷ୍ଟ । ପାଟିରୁ ଆପେ ଆପେ ବାହାରିପଡ଼ିଲା—ଭଦ୍ରା !

···ସୁଭଦ୍ରା ଲେଉଟି ପଚାରିଲା— ଏଁ !

—ନା, କିଛି ନାହିଁ—ତୁ ଯା’ ।

ସୁଭଦ୍ରା କୋଠରିରୁ ବାହାରିଗଲେ । ପ୍ରିନ୍‌ସପାଲ୍‌ଙ୍କ ଟେବୁଲ ତୁଳ ପାଖରେ ଆଉ ଦୁଇଜଣ ମହିଳା ବସିଥିଲେ । ସେମାନଙ୍କୁ ଚାହିଁ ପ୍ରିନ୍‌ସିପାଲ୍ କହିଲେ—ଭଦ୍ରାର ଏ କ’ଣ ହେଲା !···ଜଣେ ମହିଳା କହିଲେ—ହେଇ କଥା ତ ! ଅନ୍ୟଜଣେ କହିଲେ—ସିଏ ତ ଏମିତି ନୁହନ୍ତି । ହୁଏତ କେହି ନଜର ଲେଜ କୋର୍ କରି··· । ବାଜେ କଥା, ବାଜେ କଥା·· ପ୍ରିନ୍‌ସିପାଲ୍‌ଙ୍କ ଗଳା ଯେମିତି ଶୁଖି ଶୁଖି ଯାଉଛି । —ବେଣୀରେ ଫୁଲ, ମୁହଁରେ ହସ—ଇଏ ଅନ୍ୟ କାହାରି କାମ ନୁହେଁ !

—ତେବେ କ’ଣ ସେ ନିଜେ ବେଣୀରେ ଫୁଲ ଖୋସିଥିଲେ ?

Digitized by srujanika@gmail.com

ଦୁଇକାନ ପାଖରେ ହାତଦେଇ ଡକ୍ଟର ମହାନ୍ତି ଗାଙ୍ଗିପତ୍ତି କହିଲେ—ଓଃ—ନୋ ! ଆଇ କାଣ୍ଟ୍ ଷ୍ଟାଣ୍ଡ୍ ଇଟ୍ । ଭଦ୍ରା ବେଣୀରେ ଫୁଲ ଖୋସି କଲେଜ ଆସିଚ ! ମୁଁ ମରଯା'ନ୍ତି ହେଲେ !

ପ୍ରିନ୍ସିପାଲ୍‌ଙ୍କ ଅଫିସରୁ ବାହାରି ସୁଭଦ୍ରା କରିଡରରେ ଚାଲୁଚନ୍ତି । ଟିକେ ପରେ ଗୋଟିଏ ରୁମ୍‌ରୁ ଚାରୋଟି ଝିଅ ବାହାରି ତାଙ୍କଠୁଁ କିଛି ଦୂରରେ ପଛେ ପଛେ ଚାଲିଲେ । ତାଙ୍କ ଭିତରେ କଥାବାର୍ତ୍ତା ଆରମ୍ଭ ହେଇଗଲା ।

—କିଏ ମ ଇଏ ? ବେଣୀରେ ଫୁଲ ଖୋସି ଚାଲୁଚନ୍ତି !

—ସୁଭଦ୍ରା ମାଡ଼ାମ୍ । ଠିକ୍ ତାଙ୍କର ପରି ଦିଶୁଚନ୍ତି ।

—ଆର୍ ୟୁ ଜୋକ ! ସିଏ ମୁହଁରେ ଭଲ କରି ଟିକେ ପଫ୍ ମାରନ୍ତି ନାହିଁ ସେ ପୁଣି ବେଣୀରେ ଫୁଲ ଖୋସିବେ !

—ଗୁଡ୍—କେହି ସାଉଥ୍ ଇଣ୍ଡିୟାନ୍ ହୋଇଥିବେ । ଝିଅ ପାଖକୁ ଆସିଚନ୍ତି ।

ଠିକ୍ ଏତିକିବେଳେ ଆଉ ଦୁଇଟି ଝିଅ ସୁଭଦ୍ରାଙ୍କ ସାମ୍ନାରୁ ଆସୁଥିଲେ । ଖୁବ୍ ସମ୍ଭ୍ରମତାର ସହ ନମସ୍କାର କରି ଝିଅ ଦୁଇଟି ସୁଭଦ୍ରାଙ୍କୁ ପାର ହୋଇ ଆସି ଏମାନଙ୍କ ସହ ମିଳିତ ହେଲାକ୍ଷଣି, ଏକାବେଳେକେ ଚାରୋଟି ଚାପାକଣ୍ଠରୁ ପ୍ରଶ୍ନ ହେଲା—କିଏ କ ?

—ସୁଭଦ୍ରା ମାଡ଼ାମ୍ ପରା ।

କେତୋଟି ମୁହୂର୍ତ୍ତରେ ନୀରବ ଚାହାଁମଣା ପରେ ଛ'ଟି ଝିଅକଣ୍ଠରୁ ଯେଉଁ ମିଶ୍ର ସାଙ୍ଗୀତିକ ସ୍ୱର ଝଂକୃତ ହୋଇଉଠିଲା—''ଏ ମା-ଆ-ଆ-ଆ-ଆ…''—ତାକୁ ଆମ ଶାସ୍ତ୍ରୀୟ ସଙ୍ଗୀତର ଦୁଇ ମହାରଥୀ ସୁନନ୍ଦା ପଟ୍ଟନାୟକ ଓ ବୀଣାପାଣି ମିଶ୍ର କୌଣସିମତେ ବେସୁରା ବୋଲି କହିପାରିବେ ନାହିଁ ।

ପ୍ରାକ୍‌ଟିକାଲ କ୍ଲାସ୍ । ଏବେ ବାହାଘର ସିଜନ୍ । ଭୁବନେଶ୍ୱରରେ ଘରେ ଘରେ ବାହାଘର । ପୁଣି କଲେଜ୍ ଡେ' ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ରିହାରସଲ୍ ଚାଲିଚି । ସେଥିପାଇଁ ଆଜି ଛାତ୍ରୀ ମୋଟେ ତିନୋଟି । ଜଣକ ନାମ ସ୍ନିଗ୍ଧା । କିନ୍ତୁ ଆଚରଣ ଟିକିଏ ଅସ୍ନିଗ୍ଧ । …ସୁଭଦ୍ରା ଆସିଲେ । ତାଙ୍କର ଅତି ଆଦରର ମାଡ଼ାମ୍‌ଙ୍କ ମୁହଁରେ ଆଜି ସ୍ନିଗ୍ଧଭାବ ଦେଖି ଛାତ୍ରୀ ତିନୋଟି ବେଶ୍ ଖୁସିଲାଗିଲା, ବେଶ୍ ଉତ୍ସାହିତ ହୋଇ-ଉଠିଲେ ।

କ୍ଲାସ ଆରମ୍ଭ ହେଲା । କ୍ରମେ କେଳିକୁସୁମର ଗ୍ରନ୍ଥି ଉଦ୍‌ଘାଟିତ ହୋଇଗଲା । କ'ଣ ଏ ରହସ୍ୟ ! ସୁଭଦ୍ରା ମାନସିଂଙ୍କ ବେଣୀରେ କେଳିକୁସୁମ ! ! ଛାତ୍ରୀ ତିନୋଟିଙ୍କ ଚିତ୍ତ ଚଞ୍ଚଳ ହୋଇଉଠୁଚି । ମନରେ ବିଭିନ୍ନ ଚିନ୍ତାର ଧକ୍‌କା । ସ୍ନିଗ୍ଧା ଭାବୁଚି, ହସରେ ସେ ଫାଟିପଡ଼ନ୍ତା କି ! ପର ମୁହୂର୍ତ୍ତରେ ପ୍ରାର୍ଥନା କରୁଚି—ନାହିଁ ପ୍ରଭୁ, ଇଏ ଆଉ କେହି ନୁହନ୍ତି, ସୁଭଦ୍ରା ମାଡ଼ାମ୍ । ହସଟା ମୋର ଚପେଇଦିଅ । …ନା, ହସ ପୁରା ଚାପି

Digitized by srujanika@gmail.com

ହେଲନାହିଁ । ଦୁଇ ଗୁପା ଓଠର କେଉଁ ଫାଙ୍କରେ କେଜାଣି 'ଫୁପ୍' ଶବ୍ଦଟି ବାହାରି ଆସିଲା । ବାନ୍ଧବୀ ଦୁଇଟି ଆତଙ୍କଗ୍ରସ୍ତା ହୋଇପଡ଼ିଲେ । ସୁଭଦ୍ରା ମୁହଁ ବୁଲାଇ ସ୍ନିଗ୍ଧା ଆଡ଼େ ଚାହିଁଲେ । ସ୍ନିଗ୍ଧା ପାଇଁ ଏଇ ଯଥେଷ୍ଟ । ପରିବେଶ ବଦଳିଗଲା । ସେମାନେ ପ୍ରାକ୍ଟିକାଲ୍‌ରେ ଭୁଲ କଲେ । ସୁଭଦ୍ରା ବିରକ୍ତ ହେଲେ । କ୍ଲାସ ଶେଷ କରି ସୁଭଦ୍ରା ତରବରରେ ବାହାରିଗଲେ । କ୍ଲାସ ଘଣ୍ଟା ପାଇଁ ନୁହେଁ—ତାଙ୍କର ଅନ୍ୟ କାମ ଅଛି ...ଏକ ଝଡ଼ପୂର୍ବ ନିସ୍ତବ୍ଧତା ।

ସ୍ନିଗ୍ଧାର ମୁହଁ ଲାଲ ହୋଇଆସୁଛି । ଦ୍ୱିତୀୟ ଗ୍ରୁପ୍‌ଟି ଡାକିଲା—ସ୍ନିଗ୍ଧା ! ...ସ୍ନିଗ୍ଧାକୁ ଆଉ ସମ୍ଭାଳେ କିଏ ? ଫୁଲି ଫୁଲି କାନ୍ଦିଉଠିଲା—କାହିଁକି ମ ? ଓଠରେ ହସ ଉକୁଟି ଉଠୁଚି ବେଣୀରେ ଫୁଲ ଖୋସି କଲେଜ୍ ଆସିବେ—ସେଥିରେ ପୁଣି ଆମକୁ ଗାଳିଦେବେ... !! ...ଦ୍ୱିତୀୟ ଗ୍ରୁପ୍‌ଟି ଦାର୍ଶନିକ ହୋଇଉଠିଲା—ରିଏଲି, ଇଟ୍ ଇଜ୍ ସ୍ୟାଡ୍ । ...ତୃତୀୟଟି ଉଟୋମାରି କହିଲା—ଇଏସ୍, ଇଟ୍ ଇଜ୍ ବ୍ୟାଡ୍ । ସ୍ନିଗ୍ଧା ଗର୍ଜିଉଠିଲା—ନୋ, ସି ଇଜ୍ ମ୍ୟାଡ୍—ମ୍ୟାଡ୍—ମ୍ୟାଡ୍ !

ସୁମନଙ୍କର ଘର । ତାଙ୍କ ପରିବାର ହେଉଚି ଗୋଟେ ଗ୍ରେଟ୍ ଜଏଣ୍ଟ୍ ପରିବାର । ଉପର ଦୁଇଭାଇ ବଡ଼ ଅଫିସର । ଦୁଇଟି କ୍ୱାର୍ଟର୍ ମିଳିଥିଲା । କିନ୍ତୁ ସମସ୍ତେ ଗୋଟିଏ କ୍ୱାର୍ଟର୍‌ରେ ରହୁଛନ୍ତି । ଯାଆ ଦୁହେଁ ଉଚ୍ଚ ଶିକ୍ଷିତା । କିନ୍ତୁ ଚାକିରି କରନ୍ତି ନାହିଁ—ଦୁହେଁ ଗୃହିଣୀ । ଦାଦାଙ୍କ ଝିଅ ନଣନ୍ଦଟିଏ ବି ଅଛି । ଏ ପରିବାର ସହିତ ସୁଭଦ୍ରାର ସୁ-ସମ୍ପର୍କ ହେଉଚି ସାନଯାଆ ମାଧବୀ ପାଇଁ । ପି.ଜି. ପର୍ଯ୍ୟନ୍ତ ଦୁହେଁ ଯେ କେବଳ ବ୍ୟାଚ୍‌ମେଟ୍ ଥିଲେ ତା' ନୁହେଁ...ଦୁହେଁ ଆଜୀବନ ଏକପ୍ରାଣ—ଏକଆତ୍ମା । ସୁଭଦ୍ରା ଜାଣନ୍ତି, ମାଧବୀଙ୍କଠୁଁ ବଳି ତାଙ୍କର ଆଉ କେହି ପ୍ରିୟତମା ବାନ୍ଧବୀ ନାହାନ୍ତି ।

ସେଦିନ ମାଧବୀର ଘରେ ଦୁଇଯାଆ ଓ ନଣନ୍ଦଟି ବସିଚନ୍ତି । ହସ ଖୁସିର ଗୋଟିଏ ମୂର୍ତ୍ତିମତୀ ପ୍ରତିମାଭଳି ସୁଭଦ୍ରା ଆସି ଦୁଆର ମୁହଁରେ ଠିଆ ହୋଇଗଲେ । ସୁଭଦ୍ରା ଏମିତି ଏ ଘରକୁ ଆସିଲେ ସମସ୍ତେ ଖୁବ୍ ଖୁସି ହୁଅନ୍ତି । ଆଜି ସମସ୍ତେ ଆହୁରି ଆହୁରି ଖୁସି ହୋଇଗଲେ । ମାଧବୀ ଟିକିଏ ଦୁଷ୍ଟାମି କରି—ଅର୍ଥପୂର୍ଣ୍ଣ ହସ ହସି ଆଖି ନଚାଇ କହିଲା—କ'ଣ ଲୋ ?

—କ'ଣ ?

—ବୁଝିପାରୁନୁ କ'ଣ ?

ବଡ଼ ଯାଆ କହିଲେ—ସତେ ସୁଭଦ୍ରା, ଏମିତି ହସିଲେ ତମେ କେତେ ଯେ ସୁନ୍ଦର ଦେଖାଯାଅ !

— ଆପଣ ଏମିତି କହିଲେ ମୁଁ ଆଉ ଏଠିକି ଆସିବି ନାହିଁ । ମାଧବୀକୁ ଆମ ଘରକୁ ନେଇଯିବି । ...ସୁଭଦ୍ରା ଯେ ଆଜି ଟିକେ ଚପଳ ହୋଇଉଠିଚନ୍ତି, ତାଙ୍କର ଏ କଥାରୁ ଦୁଇଯାଆ ବେଶ୍ ସୂଚନା ପାଇପାରିଲେ ।

Digitized by srujanika@gmail.com

ଏଥର ମାଧବୀର ପାଳି । କଟାକ୍ଷ ଶବ୍ଦଟିର ଆକ୍ଷରିକ ଅର୍ଥ ଯାହା, ଠିକ୍ ସେଇ ଗ୍ଲାଣୀରେ ଗ୍ଭହିଁ ମାଧବୀ କହିଲା—ତୋ' ଘରକୁ ମତେ ନେଲାବେଳେ ତ ନେବୁ—ଏବେ କି ଖୁସି ଖବର ଏଠିକି ଦବାକୁ ଆସିଚୁ—ଦେ । ମୁଁ ପଣତ ପତେଇ ବସିଲି ।

—ଆଣିଚ ତ, ଖାଧ୍ ତୋ'ର ପାଇଁ ଆଣିଚ ।

—ଠିଆହୋଇ ରହିଲ କାହିଁକି ସୁଭଦ୍ରା, ଭିତରକୁ ଆସ । ···ବଡ଼ଯାଆ କହିଲେ ।

— ଟିକିଏ ଆସୁଚ ।

ଚୁଲିପଡ଼ୁ ସୁଭଦ୍ରା ବାଥ୍‌ରୁମ୍‌କୁ ଗଲେ । ···ବେଣୀରେ ଫୁଲ ! କିଛି ସମୟ ପାଇଁ ଘର ଭିତରଟା ଯେମିତି ଅନ୍ଧାର ହୋଇଗଲା । ମାଧବୀ ଜାକିଜୁକି ହେଇ ବସିଲା । ରହି ରହି ବଡ଼ଯାଆ କହିଲେ—ସୁଭଦ୍ରାଙ୍କର ସେଇ ପ୍ରଶାନ୍ତ ମୁହଁ । କେବେହେଲେ ମିଛ ହସ ନାହିଁ କି ବୃଥା ରାଗ ନାହିଁ । ହସିଲେ ସେ ଆହୁରି ସୁନ୍ଦର ଦେଖାଯାʼନ୍ତି ସତ, କିନ୍ତୁ ତାଙ୍କ ମୁହଁର ପ୍ରଶାନ୍ତତା ଟିକିଏ ଯେମିତି ଚପ୍ ହେଇଯାଏ···ଆଜି ସେ ତାଙ୍କର କଣ ହେଇଚ !

ସୁଭଦ୍ରାଙ୍କ ଘଟଣାରେ ମାଧବୀ ପ୍ରକୃତରେ ଖୁବ୍ ବ୍ୟଥିତା ହେଇପଡ଼ିଚ । ତନ୍ଦ୍ର ଗଳାରେ ସେ କହିଲା—କ'ଣ ଭାବୁଚ ସେ ? ଗୋଟାଏ··· ଗୋଟାଏ··· (ମାଧବୀ ହୁଏତ ଆଉ କଣ କହିବାକୁ ଯାଉଥିଲା—କିନ୍ତୁ କହିପାରିଲା ନାହିଁ ।) ବେଣୀରେ ଫୁଲ ଖୋସି ସହରସାରା ବୁଲୁଚ ! କାନ ମୋଡ଼ ଧ'ଚଟକଣା ଦେଉଥା'ନ୍ତି । ବାଥ୍‌ରୁମ୍‌ରୁ ସେ ଆସୁ, ଫୁଲକୁ ଟିକ୍ ଟିକ୍ କରି ଛିଣ୍ଡେଇ···

—ମାଧବୀ ! ··· ବଡ଼ଯାଆ ଶାସନ କରିବା ଭଙ୍ଗୀରେ କହିଲେ—ସିଏ ତାର ଯାହା ଭାବିଥାଉ । ତୁ କ'ଣ ଭାବୁଚୁ ମତେ କହିଲୁ ? ଗୋଟେ ଫୁଲ ସେ ବେଣୀରେ ଖୋସିଚ—ଏଇଆ ତ ?

—ଅପା, ଆଉ ସିଏ ପାଇ ସେ ଫୁଲ ଖୋସୁ, କିଛି ଯାଏ ଆସେ ନାହିଁ—ସୁଭଦ୍ରା ବୋଲି କଥା ପଡ଼ୁଚ । ଇଟ୍ ଇଜ୍ ସକିଙ୍ଗ୍ ।

— ନୋ—କିଛି ନୁହେଁ, ସେ ଆସୁ—ତା' ସାଥିରେ ବେଶ୍ ଭଲମନରେ କଥାବାର୍ତ୍ତା କର । ମୁଁ ଏଠୁ ଗ୍ଲଲିଯାଉଛି । ତୁ ତାକୁ ଫୁଲକଥା କିଛି କହିବୁ ନାହିଁ ।

ନଣନ୍ଦକୁ କର୍ଫ ବରାଦକରି ସେ ଗ୍ଲଲିଗଲେ । ପଛେ ପଛେ ନଣନ୍ଦ ବି । ସୁଭଦ୍ରା ଆସିଲେ । ଆହୁରି ସ୍ୱଚ୍ଛ—ଆହୁରି ଉଲ୍ଲକ୍‌ସଡ଼ । —ଆଲେ ତୁ ଏମିତି ଜାକିଜୁକି ହୋଇ ବସିଚୁ କାହିଁକି ? ···ମାଧବୀକୁ ଆଲିଙ୍ଗନରେ ଭିଡ଼ିଧରିଲେ । ମାଧବୀ ଏବେ ବି ମୁକ୍ତ ହୋଇପାରୁ ନାହିଁ ।

— କ'ଣ ହେଇଚ ତୋ'ର ଭଦ୍ରା ?

— ତୁ କହ କ'ଣ ହେଇପାରେ ?

Digitized by srujanika@gmail.com

— ତୋ'ମୁଣ୍ଡ ଖରାପ ହେଇଯାଇଚ ।

— ସତରେ ସେଇଆ ।

ମାଧବୀ ଚାହିଁଲା ସୁଭଦ୍ରାଙ୍କର ଉଜ୍ଜ୍ୱଳ ଆଖିକୁ । ଯେମିତି ସ୍ୱପ୍ନ ବର୍ଣ୍ଣର ହୋଇଉଠିଚ ଡୋଳା ଦୁଇଟି ।···ସୁଭଦ୍ରା କଥା ଆରମ୍ଭକଲେ — ଶୁଣ, ଆଜି ଆମର ବିବାହ ବାର୍ଷିକୀ ଦିନ — ଆଜି ଚଉଦବର୍ଷ ପୂରୁଛି ।

ମାଧବୀର ପାଟି ଆଁ ହେଇଗଲା । ଚଉଦବର୍ଷହେଲା ବାହାହେଲଣି ! ବୟସ ହେଲଣି ପଇଁତିରିଶ ଛତିଶ — ଦି'ଦିଟା ପିଲାର ମା' ! ଏ ଚଉଦବର୍ଷ ଭିତରେ କେବେ ଏ ଉତ୍ସବ ପାଳିବା କଥା ଶୁଣାନଥିଲା । ଆଜି ବିବାହ ବାର୍ଷିକୀ ଉତ୍ସବ ପାଳିବବୋଲି ଏମିତି ସଜହେଇ ହସଖୁସିରେ ଫାଟିପଡ଼ୁଚ !

ସୁଭଦ୍ରା ପଢ଼ିପାରୁଚନ୍ତି ମାଧବୀ ମନର ନୀରବ ପାଠ । ସେ କିନ୍ତୁ ଆଜି ଦବିଯିବେ ନାହିଁ । କହିଲେ — କାଲି ଏକଥା ସେ ଉଠେଇଲେ—ମୁଁ ମାନିଲି ନାହିଁ — ବାଆଁରେଇ ଦେଲି । ସେ କିନ୍ତୁ ଛାଡ଼ିଲେ ନାହିଁ । ଜାଣିଚୁ ତ, ବାପା ଗାଁରୁ ଆସିଥିଲେ — ଗଲାବେଳେ ପିଲାଦୁହିଁଙ୍କୁ ସାଙ୍ଗରେ ନେଇଯାଇଚନ୍ତି ।

— ଓହୋ !···ମାଧବୀର କଥାରେ ଶ୍ଳେଷ ।

— ତୁ ଆଉ ମଝିରେ ଏମିତି କମେଣ୍ଟ ମାର୍‌ନା—ମୋ କଥା ଶୁଣି ଯା' ।···କହିଲେ — ଏମିତି ତ ଆମେ ମଝିରେ ମଝିରେ ପିଲାଙ୍କୁ ନେଇ ହୋଟେଲରେ ଖାଇଆସୁ । ଏଥର ଆମେ ଏକା ଯିବା । ଭଲ — ଖୁବ୍ — ଖୁବ୍ ଭଲ ଗୋଟେ ହୋଟେଲ — ଦିନ ଦି'ଟାରୁ ରାତି ନ'ଟା ।···ମୁଁ ନାହିଁ ତ କରିପାରିଲି ନାହିଁ । ଓଲଟି ତାଙ୍କ କଥାରେ ପୁରାପୁରି ମଜି ଗଲି । ମନଠୁ ଦେଖିଯାଏ କେମିତି ଗୋଟାଏ···

— ଶିହରଣ !

ମୁହାଁଲାଲ୍ ହୋଇଉଠିଲେ ବି ଏଇଠି ସୁଭଦ୍ରା ଟିକେ ନିଜକୁ ଦୋଷୀ ମଣିଲେ । ମାଧବୀ ଝାଡ଼ଝୁଡ଼ି ହୋଇ ସିଧାହୋଇ ବସି କହିଲା — ଏଇଥିପାଇଁ ତା'ହେଲେ ତୋ' ଆଖିଠୁ ଓଠଯାଏ ସବୁ ହସଖୁସିରେ ମାତିଉଠୁଚନ୍ତି ?

— ହଁ ତ ।

— ଖାଲି ହସଖୁସି ନା ଆଉ କ'ଣ ?

— ଆଉ ପୁଣି କ'ଣ ?

— ଆଉ···ଆଉ···

—ହେ, ତୁ ଆଉ-ଆଉ ହେଇ ମତେ ଚଢ଼ାନା । କଲେଜରୁ ମୁଁ ଘରକୁ ଯିବାଲୋକ । ଖାସ୍ ଏଇକଥା ତତେ କହିବ ବୋଲି ଏଠିକି ଆସିଲି । ତୁ ଆଉ ଆଉ ହଉଚୁ କାହିଁକି ?

Digitized by srujanika@gmail.com

—ନାହିଁ ମୁଁ କହୁଥିଲି, ହସଖୁସି ସାଙ୍ଗଙ୍କୁ ତୋ' ବେଶଭୂଷା ?

—ଏଥର ତୋ ମୁଣ୍ଡ ଖରାପ ହୋଇଗଲାଣି । କଲେଜରୁ ମୁଁ ସିଧା ଏଠିକି ଆସୁଚି । ସେଇ ଶାଢ଼ୀ, ସେଇ ବ୍ଲାଉଜ୍ ।···ଏଇ ଦେଖ୍ ଦେଖ୍, ମୁଁ ଲୁଚେଇ ଷ୍ଟୋରେଇ କେଉଁଠି କ ବେଶ ହୋଇଚି ଦେଖ୍ !

ଦେଖ୍ ଦେଖ୍ କହି ସୁଭଦ୍ରା ଦ୍' ଘେରି ବୁଲିଗଲେ; ଆଉ ମାଧବୀକୁ ନେଇ ଆରବ୍ୟ ଉପନ୍ୟାସର ସେଇ ପ୍ରହେଳିକାମୟ ଗୁମ୍ଫାରେ ଗ୍ରହିଦେଲେ, ଯୋଉଠି ସେ ବଗୁଷ୍ଟ "ଚିଚିଙ୍ଗ୍ ଫାଙ୍କ" କଥାଟା ଭୁଲିଯିବା ସଙ୍ଗେ ସଙ୍ଗେ ସୁଭଦ୍ରାଙ୍କ ବେଣୀର ଫୁଲ କଥାଟା ବି ଭୁଲିଗଲା । ଆଉ ସୁଭଦ୍ରାଙ୍କୁ ମନେ ମନେ କ୍ଷମା ଦେଇ କହିଲା—ପୁରା ପ୍ରୋଗ୍ରାମ୍‌ଟା କ'ଣ କହ ।

—ଦିନ ଦୁଇଟାରେ ଲଞ୍ଚ୍ । କାଲିଠୁ ଟେବୁଲ୍ ବୁକ୍ ହୋଇ ରହିଛି । ଉପରବେଳା ଟେରାସ୍ ଗାର୍ଡ଼େନ୍‌ରେ ଓପେନ୍ ମେଜିକ୍ । ସନ୍ଧ୍ୟାପରେ ଭିଡ଼ିଓ ଫିଲ୍ମ ।

ମାଧବୀ ଚମକି ଉଠିଲା—କ'ଣ ବ୍ଲୁ ଫିଲ୍ମ ?

—ମୋ'ଠୁ ଚଟକଣା ଖାଇବୁ ? କେବେ ଭଲା ତାଙ୍କର ସେ ଦୁର୍ବଳତା ଅଛି ଦେଖିଚୁ !

—ମାନିଲି, ମୋର ଭୁଲ ହୋଇଚି । କି ଫିଲ୍ମ କହ ।

—ଗୋଟାଏ ଅତି ବିଖ୍ୟାତ ଆମେରିକାନ୍ ଫିଲ୍ମ—"ଗନ୍ ଉଇଥ୍ ଦ ଉଇଣ୍ଡ୍" । ଏଥର ସେ ଆମେରିକାରେ ଫିଲ୍ମଟା ଦେଖି ଆସିଥିଲେ । ଫିଲ୍ମ ଅଭିନେତ୍ରୀ ଭିଭିୟାନ୍ ଲେ' କୁଆଡ଼େ ଏ ଫିଲ୍ମରେ ଅଭିନୟ କରି ଚିରଦିନ ପାଇଁ ଆମେରିକାନ୍‌ମାନଙ୍କ ହୃଦୟସମ୍ରାଜ୍ଞୀ ହୋଇ ରହିଯାଇଚି । ସେଇଥିପାଇଁ ସ୍ବା'ଙ୍କର ଝୁଙ୍କ୍ ମତେ ପାଖରେ ବସେଇ ଫିଲ୍ମଟା ଦେଖାଇବେ ।

ଏଥର ମାଧବୀ କିଛି ଗାମ୍ଭୀର୍ଯ୍ୟକୁ ଖାତିରନ୍ଦ ହସ ହସ ମୁହଁରେ କହିଲା—ଖାଲି ଦେଖାଇବେ ନାହିଁ ତ, ଚିରଦିନ ପାଇଁ ତୋତେ ତାଙ୍କ ହୃଦୟସମ୍ରାଜ୍ଞୀ କରି ରଖିବେ ।

—ହଁଅ—ଚଉଦବର୍ଷ ଭିତରେ ଗୋଟାଏ ଦିନ ତ ପାଦ ଖସିଚି, ଯାହା କହୁଚୁ କହ ।

ସ୍ନେହଭରା ଉଚ୍ଛ୍ୱାସରେ ମାଧବୀ, ସୁଭଦ୍ରାଙ୍କର ଦୁଇଗାଲ ଆସ୍ତେ ପାପୁଲିରେ ଆପୁଡ଼େଇଲା—ଚିବୁକ ହଲାଇଦେଲା—ଲଲାଟ ଉପରେ ଝୁରି କେଶକୁ ସଜାଡ଼ି କହିଲା—ଯା' ସୁନାଟି, ଲକ୍ଷ୍ମୀଟି, ସୁ ହାଭ୍ ମାଇଁ ବେଷ୍ଟ···

—ଥାଉ । ଆଉ ବେଶି କହନାହିଁ । ଘରକୁ ଯାଉଚି, ତୋ' ଯା'ଙ୍କୁ କହିଦେବୁ ।

ଘରପାଖରେ ପହଞ୍ଚି ସୁଭଦ୍ରା ଦେଖିଲେ ଗାଡ଼ି ଥୁଆହୋଇଚି । ରମାକାନ୍ତ ତା' ହେଲେ ଠିକ୍ ସମୟରେ ଆସିଯାଇଚନ୍ତି । ଘର ଭିତରକୁ ଯାଇ ସୁଭଦ୍ରା ସାମ୍ନା ସାମ୍ନି ସ୍ୱାମୀଙ୍କୁ ଭେଟିଲେ ।

—ମୋର କ'ଣ ଆସିବାକୁ ଡେରିହୋଇଯାଇଚି ?

Digitized by srujanika@gmail.com

—କାଲିଠୁଁ ତମ କାନରେ ମୁଁ ଯେଉଁ ମନ୍ତ୍ର ଫୁଙ୍କିଚ, ତମେ ଜେଣକରିପାରିବ ? ପନ୍ଦର ମିନିଟ୍ ପୂର୍ବରୁ ଆସିଚ ।

—ହଉ, ଥାଉ । ···ହଁ ଗୋଟିଏ କଥା । ମୁଁ ତ କେବେ ଗୁଣ ଫାଶ ପକାଏ ନାହିଁ । ଆଜି ମୋ' ଗୁଣ ପକେଇ କହୁଚୁ, ମନକଥା କିଛି ଗୁପି ନରଖି କୁହ—ଏତେ ବଡ଼ ଗୋଟାଏ ନାମ୍‌ଜାଦା ହୋଟେଲକୁ ଯାଉଚ, ମୁଁ କ'ଣ ଓଠରେ ଲିପ୍‌ଷ୍ଟିକ୍, ଗାଲରେ ରୁଜ୍, ଆଖି କଣରେ ଅଞ୍ଜନଗାର, ଭ୍ରୂଲତାରେ···କ'ଣ ତାକୁ କହନ୍ତି···

—କିଛି ଆପତ୍ତି ନଥିଲା । କିନ୍ତୁ ତମ ମୁହଁ ପାଇଁ କୌଣସି କସ୍‌ମେଟିକ୍ କମ୍ପାନୀ ଏଯାବତ୍ ଜିନିଷ ଏ ପର୍ଯ୍ୟନ୍ତ ତିଆରି କରିନାହିଁ । ···ଖାଲି ପଫ୍‌ର ଟିକେ ଟଚ୍ !

—ରକ୍ଷା ହେଇଚ । କହୁଥିଲି ପରା—ଏସବୁ ଜିନିଷ ମୋ'ପାଖରେ କିଛି ନାହିଁ । ତମକୁ ସାଙ୍ଗେ ସାଙ୍ଗେ ବଜାରକୁ ଯାଇ ଆଣିବାକୁ ପଡ଼ୁଥା'ନ୍ତା । ହଁ ତୁମେ ଟିକେ ରୁହ, ମୁଁ ମୁହଁ ହାତ ଧୋଇ ଶାଢ଼ୀଟା ବଦଳାଇ ଆସୁଚି ।

ହାଲ୍‌କା ମନ ନେଇ ସୁଭଦ୍ରା ଘର ଭିତରପଟକୁ ଯେମିତି ପବନରେ ଭାସିଗଲେ । ରମାକାନ୍ତ ଦେଖୁଚନ୍ତି ସୁଭଦ୍ରାଙ୍କ ବେଣୀରେ ଫୁଲ । ପତ୍ନୀ-ପ୍ରାଣ ସ୍ୱାମୀ ବନି ପ୍ରତୀକ୍ଷାରେ ଅପେକ୍ଷା କଲେ । ସେଇ ସଙ୍ଗେ ସଙ୍ଗେ କଳ୍ପନା କରୁଥାନ୍ତି—ସେ ଆଜି କି ଶାଢ଼ୀ ପିନ୍ଧିବ ?

ସୁଭଦ୍ରା ଆସିଲେ । ଶାଢ଼ୀଟା ପାଇଁ ମୁହଁରେ ହସମିଶା ଆତ୍ମସନ୍ତୋଷ । ଦେଢ଼ଇଞ୍ଚ୍ ଓସାର ସାଗର-ନୀଳରଙ୍ଗର କଳାଧଡ଼ି—ମାତ୍ର ଦେଢ଼ଫୁଟ ଓସାର ପଣତ ଡିଜାଇନ୍—ହାଲକା ବାଦାମୀ "ବଡ଼ି" ଉପରେ ଲୋହିତ ପଦ୍ମକେଶର ବୁଟା—ଏକଶହ ଅଶୀ କାଉଣ୍ଟ ସୂତାର ମସ୍‌ଲିନ୍ ପାତଲା ସମ୍ବଲପୁରୀ ଶାଢ଼ୀ—କିନ୍ତୁ ଆଦୌ—ଆଦୌ ଟ୍ରାନ୍‌ସପାରେଣ୍ଟ୍ ନୁହେଁ । ରମାକାନ୍ତ ମୁଗ୍‌ଧ ଦୃଷ୍ଟିରେ ଚାହିଁରହିଥାନ୍ତି । ସୁଭଦ୍ରା ଆଇନା ସାମନାରେ ଠିଆହୋଇ ଯତ୍‌ସାମାନ୍ୟ ପ୍ରସାଧନରେ ମନ ଦେଲେ । ପଛରେ ଠିଆ ହୋଇଥାନ୍ତି ରମାକାନ୍ତ । ଆଖି ସାମନାରେ ଫୁଲ ।

—ମୁଁ ତ ଗାଡ଼ିନେଇ ଚାଲିଗଲି । ତମେ ଆଜି କଲେଜ ରିକ୍‌ସାରେ ଗଲ ନା ବସ୍‌ରେ ?

—ବସ୍‌ରେ । ପାଖରେ ତ ବସ୍‌ଷ୍ଟାଣ୍ଡ ।

—ଓ···

—କଣ ଓ ?

—ନା; ଏବେ ବାହାରିବା ତ ?

—ମୁଁ ପରା ବେଣୀ ସଜାଡ଼ି ନାହିଁ ।

—ବେଣୀ ତ ଠିକ୍ ଅଛି ।

Digitized by srujanika@gmail.com

—ନା, ନା, ଏ କାଲିକା ବେଣୀ । ମୁଁ ଖାଲି ମୁଣ୍ଡରେ ଟିକେ ପାଣିଆ ମାରିଦେଇ ବାହାରି ଯାଇଥିଲି । ଭୁଲିରେ ଆଗେ ଶାଢ଼ୀଟା ପିନ୍ଧି ଦେଇଛି । ଏବେ ବେଣୀ ଖୋଲି ପୁଣି ବେଣୀ ପକେଇବ ।

—ଆଚ୍ଛା…

କଥା କହିବା ସଙ୍ଗେ ସଙ୍ଗେ ରମାକାନ୍ତ ଆସ୍ତେ ଫୁଲଟି କାଢ଼ିନେଇ କହିଲେ—ତମେ ଜେନିଫର୍ କେଣ୍ଡେଲ୍‌ଙ୍କୁ ଜାଣ ?

—ଜାଣେ—ଶଶିକାପୁରଙ୍କ ସ୍ତ୍ରୀ । ବିଚାରି ଏଇ ଅଳ୍ପଦିନ ତଳେ ମରିଗଲେ ।

ପ୍ରାୟ ପଚିଶ ବର୍ଷ ତଳର କଥା । ମୁଁ ସେତେବେଳେ ନୂଆ କଲେଜ ଯାଉଚି । ବାଲିଡର ସେଇ ବିଖ୍ୟାତ ଥିଏଟର ଗ୍ରୁପ୍ ସେକ୍ସପିରିୟାନା କଟକ ଆସିଥା'ନ୍ତି । ଜେନିଫର ସେଥିରେ ତରୁଣୀ ଅଭିନେତ୍ରୀ । ସେଦିନ ମଞ୍ଚରେ ଅଭିନୟ କରୁଚନ୍ତି ଜେନିଫର-ସେକ୍ସପିୟରଙ୍କ ଯୁଗର ନାୟିକା; ତମରି ପରି କେଶଗୁଚ୍ଛ ତାଙ୍କର ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବି ଯାଇଚି । ବାହାରେ ନକ୍ ହେଲା । ଖୋଲା କେଶ ନେଇ ବାହାରକୁ ଯିବେ କେମିତି ? ତମେ ବିଶ୍ୱାସ କରିବ ନାହିଁ, ସିଲେଇ ମେସିନ୍ ଗୁଲିଲାପରି ଆଖି ପିଛୁଳାକେ ପୁରା ବେଣୀ ଛନ୍ଦିଦେଲେ ।

—ମତେ କ'ଣ କହୁଚ ?

—ସେଦିନ ଜେନିଫରଙ୍କର ବେଣୀ ବନ୍ଧନ ଦେଖିଥିଲି । ଆଜି ତମ ବେଣୀପକା ଦେଖିବି ।

—ଦେଖିବ ତ ପଛରେ ଠିଆହୋଇଚ କାହିଁକି ?

—ତମ ବେଣୀଟା ପରା ପଛରେ ।

—ତମ ବୁଦ୍ଧି କ'ଣ ଆମ ପିଲାଦିନର ଇଂଲିଶ୍ ପଢ଼ାବଢ଼ିର ସେ ବୁଢ଼ାମୁନିଙ୍କ ଦଶାରେ ଆସି ପହଞ୍ଚିଲାଣି ? ସିଏ ତାଙ୍କ ପଛପାଖ ଚୁଟିକୁ ସାମନାକୁ ଆଣିବାପାଇଁ ଘେରି ଘେରି ବୁଲୁଥିଲେ । ବେଣୀ ପକା ଦେଖିବ ତ ସାମନାକୁ ଆସ ।

ହସି ହସି ରମାକାନ୍ତ ସାମ୍ନାକୁ ଗଲେ । ପ୍ରସାଧନ ପରେ ସୁଭଦ୍ରା ବେଣୀ ଖୋଲି ମୁଣ୍ଡ କୁଣ୍ଡେଇବା ଆରମ୍ଭ କରିଦେଇଥା'ନ୍ତି ।

—ଦେଖି, ଜେନିଫରଙ୍କ ଭଳି ତମେ କେମିତି ସ୍ପିଡ଼ରେ ବେଣୀ ପକେଇବ ।

—ସିଏ କଏ ଆଉ ମୁଁ କଏ ?

—ନା, ନା, ତମେ ପାରିବ—ନିଶ୍ଚେ ପାରିବ ।

—ହଉ, ଦେଖ କେତେଦୂର ପାରୁଛି ।

Digitized by srujanika@gmail.com

"ପାରୁଛୁ" କହିଲାବେଳକୁ ସୁଭଦ୍ରାଙ୍କ ବେଣୀ ପକା ଶେଷ ହୋଇଯାଇଛୁ । ରମାକାନ୍ତ ତୃପ୍ତ ।

ହୋଟେଲକୁ ଯିବା ପୂର୍ବରୁ ପସ୍ତୁତିପର୍ବ ଶେଷ ହୋଇଯାଇଚ । ଦୁହେଁ ସାମ୍ନାସାମନି ଠିଆ ହୋଇଚନ୍ତି । କ'ଣ ଭାବି କେଜାଣି ଅନୁରକ୍ତା ସ୍ତ୍ରୀଟି ସ୍ୱାମୀଙ୍କ ଗ୍ରୀବାରେ ମଥା ରଖିଲା ।

—ହେ', ହେ', ମୋ' ଜାମାରେ ସିନ୍ଦୁର ଲାଗିବ ।

—ରୁହମ । ମୋ' ଗହଳିଆ ମୁଣ୍ଡବାଳ ଭିତରେ ଗାରେ ସିନ୍ଦୁର କୁଆଡ଼େ ହଜି ଯାଇଥିବ ।

—ଗୋଟାଏ କଥା କହିବ ?

—ଆଜି ତ ଜାଣି ତମେ ହଜାରେ କଥା କହିବ ।

—ଆମ ବିବାହ ପର ପ୍ରଥମ ଦିନରେ ତମ ଖୋସାରେ ମୁଁ ଗୋଟିଏ ଫୁଲ ଖୋସି-ଦେଇଥିଲି—ମନେଅଛି ?

—ଅଛି । ଜାଣିଚ ତ ଫୁଲରେ ମୋର ସେମିତି ଶ୍ରଦ୍ଧା ନଥାଏ । ପୁଣି ଆମମାନଙ୍କ ଘରେ ଖୋସାରେ ଫୁଲ !! କାଳେ କିଏ ଦେଖିବ ବୋଲି ସକାଳ ହେବା ଆଗରୁ ଫୁଲଟାକୁ ମୁଁ ବାହାରକରିଦେଇଥିଲି ।

—ଚଉଦ ବର୍ଷ ପରେ ଆଜି ମନ ଗୁହୁଁଚ ତମ ବେଣୀରେ ଫୁଲଟିଏ ଖୋସିବି ।

ଟିକିଏ ରହି ସୁଭଦ୍ରା କହିଲେ—ଖୋସୁନ ।

—ବେଣୀରେ ଫୁଲ ଖୋସି ତମେ ବାହାରକୁ ଯିବ ତ ?

—କି ବୋକା ! ବେଣୀରେ ଫୁଲ ଖୋସି ମୁଁ ଏକା ଏକା ବାହାରକୁ ଗଲେ ସିନା ଲୋକେ ହସିବେ କି ଥଟ୍ଟା କରିବେ—ସେଥିରେ ମୁଁ ମରି ଶୋଇବି । ଏବେ ତ ମୁଁ ତମ ସାଥିରେ ଯାଉଚ ।·ବେଣୀରେ ତମେ ଫୁଲ ଖୋସ କି ହାତିଟାଏ ଝୁଲାଇଦିଅ ସେଥିରେ ମୋର କ'ଣ ଗଲା ? ଆଜି ଦିନଟା ତମପାଇଁ ସାତଖୁଣ ମାଫ୍ ।

—ସାତ ଖୁଣ୍ ମାଫ୍ !!···ସ୍ୱାମୀଙ୍କର ମନଖୋଲା ହସ ଆଉ ମଧୁର ଆଶ୍ଳେଷ ଭିତରେ, ତାଙ୍କ ଗ୍ରୀବା ଉପରେ ସ୍ତ୍ରୀଟିର ଆଖିପତା ମୁଦି ହୋଇ ଆସୁଚ । ଫୁଲ ସହ ରମାକାନ୍ତଙ୍କ ହାତ ସ୍ପର୍ଶ କରୁଚ ସୁଭଦ୍ରାଙ୍କ ବେଣୀ ।

ଗାଡ଼ି ଗ୍ଲଲଚ । ରମାକାନ୍ତ ଷ୍ଟିୟରିଙ୍ଗ ଧରିଛନ୍ତି । ପାଖରେ ସୁଭଦ୍ରା—ବେଣୀରେ ଖୋସା ହୋଇଚ ସେଇ କେଳିକୁସୁମ ଫୁଲଟି—ସେମିତି ସୁନ୍ଦର, ସତେଜ, ଆଉ ସ୍ୱାମୀଙ୍କ କର ସ୍ପର୍ଶରେ ପବିତ୍ର !

Digitized by srujanika@gmail.com

ମାଟିକାନ୍ଥ-ପକ୍କାକାନ୍ଥ

ରାତି ପାହା ପାହା ହେଇ ଆସୁଛି । ବୋହୂଟି କବାଟ ଖୋଲି ସତର୍କ ଦୃଷ୍ଟିରେ ଏପାଖ ସେପାଖ ଚାହିଁଲା—ନା, କେହି କୁଆଡ଼େ ନାହାନ୍ତି । ଘର ଭିତରକୁ ଫେରିଯାଇ ଗୋଟାଏ ଓଜନିଆ ବାଲ୍ଟି ଆଣି ଧୁମ୍ କରି ଦାଣ୍ଡ ପିଣ୍ଡାରେ ରଖିଲା । ବାଲ୍ଟି ଭିତରେ ଗୋବର ପାଣି । ବାଁହାତରେ ପଣତକାନିକୁ ଅଣ୍ଟାରେ ଗୁଡ଼େଇଆଣି ତାଙ୍କ ନୂଆଣିଆ ଚାଳଘରର ମାଟିକାନ୍ଥକୁ ଲିପିବସିଲା । କଟକ ସହରର ସବୁ ନୂଆଣିଆ ଚାଳଘର ପରି ଏ ଚାଳ-ଘରଟି ଲମ୍ବ-ଓସାରରେ ଯେମିତି ଶ୍ରେଷ୍ଠ ଉଚ୍ଚତାରେ ମଧ୍ୟ ସେମିତି ଶ୍ରେଷ୍ଠ । କାନ୍ଥ ମଥାନକୁ ହାତ ପାଉଛି । ଲିପିବାକୁ ବା କେତେ ବେଳ ? ଛକ ଉପର ଦୋକାନ ବଜାର ଖୋଲି ଲୋକଗହଳି ଲାଗିବା ପୂର୍ବରୁ ବୋହୂଟି ତା' ଲିପାପୋଛାର ସବୁ କଳା କୁଶଳତାର ନୈପୁଣ୍ୟ ଫୁଟାଇ, ସଦ୍ୟ ଲିପା ହୋଇଥିବା କାନ୍ଥକୁ ଥରେ ତୃପ୍ତ ନୟନରେ ଚାହିଁ ଘର ଭିତରକୁ ଚାଲିଯାଇଥିଲା ।

ଏଇ ମାଟି ଘରର ଠିକ୍ ସାମ୍ନା ଦୁଇମହଲା କୋଠା ଘରର ଉପର ମହଲା ଝରକାରୁ ଗୋଟିଏ ପ୍ରାୟ ଛନବର୍ଷ ଶିଶୁର ମୁଖଶ୍ରୀ'ଟି ଦେଖାଯାଉଥାଏ । ମଝିରେ ଗଳି—ଏପାଖରେ ମାଟିଘର, ସେ ପାଖରେ ପକ୍କାଘର । ବୋହୂଟି ଲିପାପୋଛା କାମ ସାରି ଘର ଭିତରକୁ ଯିବା ଆଗରୁ ଦୁଇମହଲା ଝରକା ପାଖରେ ଶିଶୁଟିକୁ ଦେଖି ଏକ ନିର୍ମଳ ମଧୁମୟ ହସ ହସିଦେଇଥିଲା । ବୋହୂଟି ଘର ଭିତରକୁ ଚାଲିଗଲାଣି । କିନ୍ତୁ ତା'ର ସେଇ ହସର ଟିକିଏ ସ୍ପର୍ଶ ଯେମିତି ଲାଗିରହିଛି ଶିଶୁଟିର ଓଠ ଧାରରେ ।

ଏ ଦୁଇ ମହଲା କୋଠାର ମାଲିକ ହେଉଛନ୍ତି ବଶୁବାବୁ—ଶିଶୁଟି ହେଉଛି ବଶୁବାବୁଙ୍କ ପୁଅ—ବୁଲୁ । ଦିନ ଦୁଇଟା, ବୁଲୁ ଆସି ତାଙ୍କ କୋଠାର ଦାଣ୍ଡ ପାହାଚ ପାଖରେ ଠିଆହେଲା । ଟିକିଏ ଏଣିକି ତେଣିକି ଚାହିଁ ଡିଆଁଟାଏ ମାରି ସେ ଯାଇ ଉଠିଲା ମାଟି ଘରର ଶ୍ରେଷ୍ଠ ପିଣ୍ଡା ଉପରେ । ତାଙ୍କ କୋଠାର ଦାଣ୍ଡ ପଟେ ବାରଣ୍ଡା ନାହିଁ, ସେଥିପାଇଁ ବେଳ ପାଇଲେ ସେ ଧାଇଁଆସେ ଏଇ ପିଣ୍ଡାକୁ । ବାଉଁଶ ଖୁଣ୍ଟରେ ଭରାଦେଇ ଗଳିରାସ୍ତାର ପ୍ରବହମାନ ଦୃଶ୍ୟକୁ ସେ ଉପଭୋଗ କରେ । ଛନ ବର୍ଷର ଶିଶୁ—ଏହା ପୂର୍ବରୁ ସେ ଏ ପିଣ୍ଡାକୁ ମୋଟେ ଦୁଇଥର ଆସିଥିଲା, ଏହା ତା'ର ତୃତୀୟ ଥର ।

Digitized by srujanika@gmail.com

ବୁଲୁ ଅସି ପିଣ୍ଡାରେ ଠିଆ ହେବାକ୍ଷଣି ତା'ଆଖି ମାଟି କାନ୍ଥରେ ଲାଖିରହିଲା। ବୋହୂଟିର ସବୁ ଯତ୍ନକୁ ବ୍ୟର୍ଥକରି ଲିପାକାନ୍ଥଟି ବଉଳି ଫାଟିଯାଇଛି, ଆଉ ସେଇ ଫଟା ଗାରର ସାହାଯ୍ୟରେ ଆପେ ଆପେ ଆଙ୍କି ହୋଇଯାଇଛି କେତେ ଚିତ୍ର—କେତେ ମାନଚିତ୍ର। ଗୋଟାଏ ଜାଗାରେ ତ ଠିକ୍ ଗୋଟିଏ ପଦ୍ମଫୁଲ ଆକାରରେ ମାଟି ଫୁଲି ଫାଟିଯାଇଛି। ପଲକ ନପକାଇ ବୁଲୁ ସେଇଠିକି ଚାହିଁରହିଥାଏ। ମନେ ମନେ ସେ କହିଉଠିଲା—ଫୁଲ! ସଙ୍ଗେ ସଙ୍ଗେ ହାତ ତା'ର ଲମ୍ବିଗଲା ସେଇ ଫୁଲ ପାଖକୁ। ଛୁଇଁଛି କି ନଛୁଇଁଛି, ଫୁଲପାଖୁଡ଼ା ପରି ଚେକଲାଏ ବଉଳା ମାଟି ଗୁଳୁ ଗୁଳୁ ହୋଇ ଖସିପଡ଼ିଲା ତା' ପାଦ ଉପରେ। ବୁଲୁ ଟିକିଏ ଚମକି ଉଠିଲା ସତ, କିନ୍ତୁ ଗୋଟାଏ କି ଅଜଣା ଆବେଗରେ ପୁଣି ସିଏ ହାତ ବଢ଼େଇଲା। ପୁଣି ଆଉ ଚେକଲାଏ! ସେ ବୋଧେ ବୁଝିପାରିଲାନାହିଁ ଯେ ଇଏ ଏମିତି କ'ଣ ହେଉଛି? ଟିକିଏ ହାତ ମାରିଦେଲାକ୍ଷଣି ଚେକଲା ଚେକଲା ହୋଇ କେମିତି ଖସିପଡ଼ୁଛି! କୌତୂହଳୀ ମନ ତା'ର ଦୋହଲିଉଠିଲା। ସତେ ଯେମିତି ସେ ପରୀକ୍ଷା କରିବାପାଇଁ ଆଉ ଠାଏ ହାତ ମାରିଲା। ସେଠୁ ବି ସେମିତି ଖସିପଡ଼ିଲା ଚେକଲାଏ ମାଟି। ବାପ୍! ବୁଲୁକୁ ଆଉ ପାରେ କିଏ? ଖୁସିରେ ପ୍ରେମରେ ମନ ପ୍ରାଣ ତା'ର ଉଲୁସି ଉଠିଲା। ଏମିତି ମନମତାଣିଆ ଖେଳ ପୁଣି ଅଛି କି? ବୋଉ ତା'ର କାହିଁକି ଆଜଯାଏ ଏ ଖେଳ ତାକୁ ଶିଖାଇ ନାହିଁ? ଏ ମଜା କ'ଣ କାଗଜର ଉଡ଼ାଜାହାଜ ଉଡ଼ାଇବାରେ ଅଛି? କେତେବେଳେ ଉହୁଙ୍କି ଉଠି, କେତେବେଳେ ନଇଁପଡ଼ି, କେତେବେଳେ ବା ଦୁଇ ହାତ ବଢ଼ାଇ ସେ ମାଟି ଛଡ଼ାଇ ଚାଲିଛି। ଶୀତ ସକାଳର କଅଁଳ ଖରାରେ କଅଁଳା ବାଛୁରୀ କଛୁ ନମାନି ପାଗଳଙ୍କ ପରି ଡେଇଁବୁଲିଲାପରି ବୁଲୁ ସେମିତି ପାଗଳଙ୍କ ପରି ମାତିଉଠିଛି, ଏ ମାଟି କାନ୍ଥର ଖେଳରେ। ଏ କାନ୍ଥଟା ଆଜି ବଉଳିଯାଇଛି କେବଳ ସେମିତି ତା'ର ଖେଳ ପାଇଁ।

"ଇଲୋ ମୋ' କାନ୍ଥ ସାଇଲି"—ମୁଖରା ସୁରଆ ମା'ର ପଞ୍ଚମ ତାନରେ ବୁଲୁର ଖେଳ ଥପ୍ କରି ବନ୍ଦ ହୋଇଗଲା। ସୁରଆ ମା' କହିଚାଲିଛି—"ହଇରେ ଟୋକା, ତୋର ଏଡ଼େ ବହପ।" ତା' କର୍କଶ ହାତ ମୁଠାରେ ବୁଲୁର କଅଁଳ ହାତଟି ବନ୍ଧା ପଡ଼ିଲାଣି। ବୁଲୁର ଆଖି ଛଳ ଛଳ। ଖନ ଖନ ପାଟିରେ ସୁରଆ ମା'ର ଅଭିଯୋଗର ଉତ୍ତର ସେ ଦେଲା, "ମୁଁ ତ ଖେଳୁଛି।"

"ତୋ ଖେଳ ମୁହଁରେ ନିଆଁ। ମୋର ପଟେ କାନ୍ଥକୁ ତୁ ଉଜାଡ଼ି ଦେଲୁଣି! କେଡ଼େ ଶରଧାରେ ମୋ ବୋହୂ ଲିପିଥିଲାଟି! ତୋ ହାତ ଛିଣ୍ଡିପଡ଼ୁ ନାହିଁରେ —"

ସୁରଆ ମା'!...ଦୋ'ମହଲା ଝରକା ଫାଙ୍କରୁ ବୁଲୁ ବୋଉଙ୍କର ଈଷତ୍ ରୁପା କିନ୍ତୁ ଦୃଢ଼ କଣ୍ଠସ୍ୱର ଶୁଣି ସୁରଆମା' କ୍ଷଣକ ପାଇଁ ଅଟକିଗଲା କେବଳ ଦ୍ୱିଗୁଣ ତେଜରେ ପୁଣି ଆକ୍ରମଣ କରିବାପାଇଁ—କାହିଁକି ବା, ଏତେ ଧମକ କାହିଁକି? କୋଠା ଉପରୁ ଓହ୍ଲେଇ

Digitized by srujanika@gmail.com

ଆସି ଦେଖନ୍ତୁ, ପୁଅ ତମର କ'ଣ କରୁଚି ? ଏମିତି ସୁନାନାଖି ପୁଅ ତମର !!···ତା'ପରେ ସେ ତା'ର ସ୍ୱଭାବସିଦ୍ଧ ଭଙ୍ଗୀରେ ଯାହାସବୁ କହିଲା, ତା'ର ସାରମର୍ମ ହେଉଚି—କଏ କୁଆଡ଼ୁ (ଅର୍ଥାତ୍ ବସ୍ତୁବାବୁ) । କୁଆଡ଼ୁ ଉଡ଼ିଆସି ଏଠି କଟକ ସହରରେ କୋଠା ପିଟିଛନ୍ତି, ହେଲେ ମରହଟି ଅମଳରୁ ତା' ବସବାସ ଏଇଠି । ଆଜି ସେ ଭଲରେ ଭଲରେ ଗୁଣ୍ଡ଼ି-ଦେଲା । ଆଉ କେବେ ଯଦି ଏମିତି ଦେଖେ, ସେକଥା ବୁଝିବ ଦ'ଶରା, ମହରମ, କାଳୀ-ପୂଜାର ପ୍ରସିଦ୍ଧ ନେତା ସୁରଆ—ତା' ପୁଅ ।···ତା' କଥା ଶେଷବେଳକୁ ବସ୍ତୁବାବୁଙ୍କ କୋଠାରୁ ବୁଲୁର ଆକୁଳ କ୍ରନ୍ଦନ ଶୁଣାଯାଉଥିଲା । ବୁଲୁ ମାଡ଼ ଖାଉଚି ।

ତା' ପରଦିନ ମାଡ଼ର ପରସ ଭୁଲିଯିବା ସଙ୍ଗେ ସଙ୍ଗେ ମାଡ଼ ଖାଇବାର କାରଣ ବି ବୁଲୁ ଭୁଲିଗଲା । ଅଦିନଆ ଝଡ଼-ବତାସ ବର୍ଷା ବାଦଲ ସବୁ କୁଆଡ଼େ କଟିଯାଇ ଆକାଶରେ ପୁଣି ଜହ୍ନ ହସିଉଠିଲା ପରି ବୁଲୁ ମନରୁ ସବୁକିଛି ଉଭେଇ ଯାଇ ଲଗି ରହିଲା କେବଳ ସେଇ ବଉଳା ମାଟିର ଖେଳ । ଦୁଇ ପକ୍ଷର ସବୁ ସତର୍କ ଦୃଷ୍ଟିକୁ ଏଡ଼ିଦେଇ କେତେ-ବେଳେ ସେ ପୁଣି ଯାଇ କାନ୍ଥତଳେ ହାଜର ହେଲାଣି । କିନ୍ତୁ ତା' ଖେଳ ଆରମ୍ଭ ହେଉଛି କି ନାହିଁ ସେ ଧରାପଡ଼ିଗଲା ଖୋଦ୍ ସୁରଆ ହାତରେ । ସୁରଆ ଶୂନ୍ୟେ ଶୂନ୍ୟେ ତାକୁ ଟେକି ନେଇ ନଥ୍‌କରି ତାଙ୍କ ଦାଣ୍ଡ ପାହାଚ ଉପରେ କଚାଡ଼ିଦେଇ ଆସି ରାସ୍ତା ଉପରେ ବୀର-ଦର୍ପରେ ଠିଆହେଲା । ଉଦ୍ଦେଶ୍ୟ—ପ୍ରତିବାଦ କରିବାକୁ କଏ ଆସୁଚି ଆସୁ ! ଏଇଟା କୋଉ ମଫସଲ ଗାଁ ନୁହେଁ, କଟକ ସହର—ଏଠି ମାଟି କିଣିବାକୁ ପଡ଼େ ! କେତେ ଲୋକସାନ୍ ସେ ସହିବ ?···ବସ୍ତୁବାବୁ ଘରେ ନାହାନ୍ତି । ପ୍ରତିବାଦ କରିବ କଏ ?

ତା'ପରେ ତିନିଦିନ କୌଣସି ଦୁର୍ଘଟଣା ଘଟିନି । ସେଦିନ ସକାଳୁ ନିଜେ ସୁରଆ ମା'ର ନିର୍ଦ୍ଦେଶରେ ବୋହୂଟି କାନ୍ଥଟି ଲିପାପୋଛ କରିଦେଲା । କିନ୍ତୁ ଉପରବେଳାକୁ ଶାଶୁ ବୋହୂ ଦୁହିଁଙ୍କ ଚେଷ୍ଟାକୁ ପରିହାସ କଲାପରି ଲିପା କାନ୍ଥଟି ପୁଣି ବଉଳିଗଲା । ଝରକା ସେ ପାଖରେ ଥାଇ କାନ୍ଥର ଏ ଲୋଭନୀୟ ଚିତ୍ରକୁ ବୁଲୁ ଦେଖୁଥାଏ । ତା'ର ମନେହେଉ-ଥାଏ, ବଉଳା କାନ୍ଥର ଫୁଲ ପତ୍ର ଯେମିତି ତାକୁ ହାତଠାରି ଡାକୁଚନ୍ତି । କିନ୍ତୁ ସେ ନିରୁପାୟ । ଏ ପାଖରେ ଦରଜା ବନ୍ଦ—ସେ ପାଖରେ ସୁରଆମାଆ ବାଡ଼ ପକେଇ ଜଗିଚି । ବୁଲୁ ଅଳିକଲା—ଅଝଟ ହେଲା—ଶେଷକୁ ନିରାଶ ହୋଇ କାନ୍ଦି କାନ୍ଦି ଶୋଇପଡ଼ିଲା ।

ସେଇଦିନ ରାତି । ବୁଲୁ ଶୋଇପଡ଼ିଛି । କିନ୍ତୁ ତା' ବାପା ବୋଉଙ୍କ ଆଖିରେ ନିଦ ନାହିଁ । ଯେଉଁମାନେ ବେଳ ଅବେଳରେ ତାଙ୍କ ଦୁଆରେ ହାତପାତି ଆସି ଠିଆ ହୁଅନ୍ତି, ସିଏ ପୁଣି ତାଙ୍କ ପୁଅ ଦେହରେ ହାତ ଦେବେ—ପୁଣି ଏଇ ସାମାନ୍ୟ କଥାରେ !!··· କଥାଟା ସାମାନ୍ୟ; ତଥାପି ବସ୍ତୁବାବୁଙ୍କୁ ଚିନ୍ତା କରିବାକୁ ପଡ଼ୁଚି । ସବୁକଥା ଶୁଣି ତାଙ୍କ କୁଳ ପୁରୋହିତ ଆଜି ସତର୍କ କରିଦେଇ ଯାଇଛନ୍ତି—"ଏଇଟା ଭଲ ଲକ୍ଷଣ ନୁହେଁ ବସ୍ତୁବାବୁ, ଛେଳି ଖଣ୍ଡିଆ କାନ୍ଥ ଖୋଳିଲା ପରି ତମ ପୁଅ ଏ କୋଠାବାଡ଼ି ଥାଉ ଥାଉ ମାଟି-

Digitized by srujanika@gmail.com

କାନ୍ଥ ଖୋଜୁଛି । କଥାରେ ଅଛି ମନ ଯେଉଁ ଫଳ । ତମେ ତାକୁ ଜବତ କର ।" ଦୀର୍ଘଶ୍ୱାସ ଛାଡ଼ି ବିଶ୍ୱବାବୁ କଡ଼ ନେଉଟାଇଲେ । ବୁଲୁ ଶୋଇଛି; କିନ୍ତୁ ଶୋଇବା ଅବସ୍ଥାରେ ବି ବେଳେ ବେଳେ ତା'ର କୋହ ଉଠୁଛି । ତା' କପାଳ ଆଉଁସି ଦେଇ ବୋଉ କହିଲେ— ଦେଖୁଛ ତ କେଡ଼େ ଜିଦ୍‌ଖୋର । ପୁତ୍ରସ୍ନେହତ ଯାହା କହିଗଲେ··· । ସ୍ତ୍ରୀଙ୍କୁ ସାନ୍ତ୍ୱନା ଦେଇ ବିଶ୍ୱବାବୁ କହିଲେ—ତମେ ଶୋଇପଡ଼ । କାଲି ମୁଁ ତାକୁ ଜବତ କରି ଦେଉଛି ।

—ବାପା ।···ବୁଲୁର ନିଦ ଭାଙ୍ଗିଛି । ପୁଅକୁ କୋଳକୁ ନେଇ ବିଶ୍ୱବାବୁ କହିଲେ— ଆରେ ବୁଲୁ, ପୁରୁଣା ମା' କାନ୍ଥରେ ଆଉ ଫୁଲ ଖେଳ ଖେଳିବୁ ନାହିଁ । ସେଗୁଡ଼ିକ ଫୁଲ ନୁହେଁ; ମାଟି । ମାଟିରେ ପୁଣି ଗୋବର ମିଶିଛି—ହାତ ଗନ୍ଧେଇବ । ଯିବୁ ?

—ନା ।

ବିଶ୍ୱବାବୁ ବିଜୟ ଗର୍ବରେ ସ୍ତ୍ରୀଙ୍କୁ ଗୁହିଁ ହସିଲେ ।

—ଆଉ ମୋ ଫୁଲ ?

—ଫୁଲ ? ଏଇ—ତୋ ଫୁଲ ।···ଖଟପାଖ କାନ୍ଥରେ ସିମେଣ୍ଟରେ ଲତା, ପତ୍ର, ଫୁଲ ଖୋଳା ହୋଇଛି । ତାକୁଇ ଦେଖାଇଦେଇ ବିଶ୍ୱବାବୁ କହିଲେ—ଏ ସବୁ ଫୁଲ ତୋ'ର, ବୁଝିଲୁ ?

ଆନନ୍ଦରେ ବୁଲୁ ଫିକ୍‌କିନା ହସିଉଠି ବିଛଣାରେ ଶୋଇପଡ଼ିଲା । ବାପାବୋଉ ଦୁହିଁଙ୍କ ଓଠରେ ତୃପ୍ତିର ହସ । ଦୁଇଗୁଣ୍ଠ ଜମି ଉପରେ ଅଠର ବଖରା କୋଠାକରି ଯିଏ ଦାଣ୍ଡରୁ ବାଡ଼ି ପର୍ଯ୍ୟନ୍ତ ମାଟିର ସମ୍ପର୍କ ରଖିନାହାନ୍ତି, ତାଙ୍କ ପୁଅ ପୁଣି ମାଟି କାନ୍ଥ ଖୋଜିବ ! ବିଶ୍ୱବାବୁ ନିଶ୍ଚିନ୍ତରେ ଶୋଇଲେ ।

ରାତି ପାହାନ୍ତା । ବୁଲୁର ଆକୁଳ ଚିତ୍କାର ଶୁଣି ସ୍ୱାମୀ ସ୍ତ୍ରୀ ଦୁହିଁଙ୍କ ନିଦ ଭାଙ୍ଗିଗଲା । ଆଲୁଅ ଜାଳି ଦେଖିଲେ, ବୁଲୁ ଖଟ ଉପରେ ଠିଆହୋଇ କାନ୍ଦୁଛି ।

—କ'ଣ ହେଲା ବୁଲୁ ? କ'ଣ ହେଲା ?

ଉତ୍ତରରେ ବୁଲୁ କାନ୍ଦି କାନ୍ଦି କାନ୍ଥ ଆଡ଼କୁ ହାତ ବଢ଼େଇ ଦେଖାଇଦେଲା । ତା' ଡାହାଣ ହାତର ଦୁଇଟା ନଖ ଉଠିଯାଇ ଧାର ଧାର ରକ୍ତ ବହୁଛି । ଏ କଥା ଆଉ ବୁଝିବାକୁ ବାକୀ ରହିଲା ନାହିଁ ଯେ, ମାଟି କାନ୍ଥର ବଦଳା ମାଟି ମୋହରେ ବୁଲୁ ସିମେଣ୍ଟ କାନ୍ଥରେ ଖେଳ ଖେଳିଛି—ଫଳରେ ତା' ନଖ ଫାଟି ବହୁଛି ଧାର ଧାର ରକ୍ତ ।

Digitized by srujanika@gmail.com

ଚକ୍ର ବଚକ୍ର

ଆଜି ପୁଣି ସେ ଝିଅ ଦୁ'ଜଣ ଏ ଅଫିସକୁ ଆସିଛନ୍ତି । ଲୀନା ଆଉ ଅମିତା—ଏକୋଇଶି ବାଇଶି ବର୍ଷର ଶିକ୍ଷିତା ଅବିବାହିତା ତରୁଣୀ । ଏଇ ଦୁଇ ସପ୍ତାହ ଭିତରେ ଏମାନେ ଏଠିକି ଏହା ପୂର୍ବରୁ ଦୁଇଥର ଆସିଥିଲେ । ଆଜି ଏହା ତୃତୀୟ ଥର । ଅଫିସ ବାରଣ୍ଡାକୁ ଆସି ସେମାନେ କିଛିକ୍ଷଣ ବୁଲାଚଲା କଲେ । ଏଠିକି ଆସିଲେ ଯେଉଁ ବେଞ୍ଚ୍‌ଟିରେ ସେମାନେ ବସନ୍ତି, ସେଥିରେ ଆଜି ଦୁଇଜଣ ଯୁବକ ବସିଛନ୍ତି । ସତୃଷ୍ଣ ନୟନରେ ଏମାନେ ବେଞ୍ଚ୍ ଆଡ଼େ ଚାହିଁଲେ । ଏମାନେ ଆସିବା ପରଠୁ ଯୁବକ ଦୁହିଁଙ୍କର ଆଖି ଏମାନଙ୍କ ଉପରେ ପଡ଼ୁଛି । କିନ୍ତୁ ଏ ଦୁହେଁ ବେଞ୍ଚ୍ ଆଡ଼କୁ ଚାହିଁବା ମାତ୍ରେ ଯୁବକ ଦୁହେଁ ଅନ୍ୟଆଡ଼କୁ ଦୃଷ୍ଟି ଫେରାଇ ନେଲେ । ନିରାଶ ହୁଅନ୍ତୁ କି ଅପମାନିତ ହୁଅନ୍ତୁ, ଏମାନେ ଟିକିଏ ଦୂରେଇ ଯାଇ ବାରଣ୍ଡା ରେଲିଂ ଧରି ଠିଆହେଲେ । ···ଲୀନା କାନ ପାଖରେ ଅମିତା ଗୁନ୍ ଗୁନ୍ କହିଲା—ବୈଷ୍ଣବବାବୁ ତ କାହିଁ କେଉଁଠି ଦିଶୁ ନାହାନ୍ତି ! ଆଜି ଏତିକିବେଳେ ଆମକୁ ଏଠିକି ଆସିବାକୁ କହିଥିଲେ । ଆ', ଅଫିସ ଭିତରକୁ ଯାଇ ତାଙ୍କ ଖବର ନେବା । ...ଦୁହେଁ ବାହାରି ପଡ଼ିଲେ । ପାଦେ ଯାଇଛନ୍ତି କି ନାହିଁ, ଲୀନା ଅଟକିଗଲା—ନା, ଯିବା ନାହିଁ ।

—କାହିଁକି ? କ'ଣ ହେଲା ?

—ଶୁଣ ! ବାହାରର—କେହି ପୁଅପିଲା ଯେତେ ଜରୁରୀ କାମରେ ହାତଯୋଡ଼ି ଅଫିସ ଭିତରକୁ ଗଲେ ବି ସେ ଅଫିସବାଲା କେହି ତାକୁ ଆଖି ଟେକି ଚାହିଁବେ ନାହିଁ । ଆମେ ଅଫିସରୁମ୍ ଦୁଆର ମୁହଁରେ ଯାଇ ଠିଆହେବା ମାତ୍ରେ ସମସ୍ତେ କାମ ବନ୍ଦ କରି ଆମ ଆଡ଼କୁ ଚାହିଁରହିବେ । ସେତେବେଳେ ମୋ ପାଟିରୁ କଥା ବାହାରିବ ନାହିଁ । ···ଅମିତାର ଦୀର୍ଘଶ୍ୱାସ ଆଉ ଲୀନାର ହତୋତ୍ସାହ । ଦୁହେଁ ପୁଣି ରେଲିଂ ପାଖକୁ ଫେରିଲେ ।

ଏଇ ଅଫିସ । କଟକ ସହରର ଏକ ଉଚ୍ଚ ସରକାରୀ ଅଫିସ । କର୍ମକର୍ତ୍ତା ଜଣେ ଉଚ୍ଚପଦସ୍ଥ କର୍ମଚାରୀ । ଏ ଅଫିସ ଅଧୀନରେ କେତେକ ଚାକିରୀ ଖାଲି ଅଛି—ଗ୍ରେଡ଼ ୨ କିରାଣୀ ଚାକିରି । ପ୍ରାର୍ଥୀ ନିର୍ବାଚନ ପାଇଁ ପରୀକ୍ଷା ଆଦି ସମସ୍ତ କର୍ମ ଶେଷ ହୋଇଯାଇଛି । ଫଳାଫଳ ଘୋଷଣା ହେବାର କଥା । କିନ୍ତୁ ପ୍ରାୟ ଆଠମାସ ହୋଇଗଲାଣି—କିଛି ହେଉନି । ଏଥିରେ ସରକାର ନିର୍ଦ୍ୱନ୍ଦ୍ୱରେ ବସିପାରନ୍ତି—କିନ୍ତୁ ଏ ପାଖରେ ପ୍ରାର୍ଥୀମାନଙ୍କ ମଧ୍ୟରେ ଅସ୍ଥିରତା ପ୍ରକାଶ ପାଇବା ସ୍ୱାଭାବିକ ।

Digitized by srujanika@gmail.com

ଏଇ ଗୃହକଣପାଇଁ ଲୀନା ଜଣେ ପ୍ରାର୍ଥୀ । ବି. ଏ. ଅନର୍ସ ପରୀକ୍ଷାରେ ମାତ୍ର ତିନନମ୍ବର ପାଇଁ ପ୍ରଥମ ଶ୍ରେଣୀ ପାଇ ନଥିଲେ ବି ଏମ୍.ଏ.ପଢ଼ିବାର ଲୋଭକୁ ସେ ଆଡ଼େଇଦେଇ ଗୃହକଣ ଅନ୍ୱେଷଣରେ ଲାଗିଛି । ତା'ର ଗୃହକଣଟା ଏକାନ୍ତ ଦରକାର । ଅନ୍ୟ କେଉଁଠି ଅବଶ୍ୟ ସେ ଗୃହକଣ ପାଇଁ ଦରଖାସ୍ତ କରିଛି । କିନ୍ତୁ ଏଠିକା ଗୃହକଣ ତାକୁ ମିଳିଯାଇପାରେ, ଏ ଭରସା, ଏପରିକି ଦୃଢ଼ ଆତ୍ମବିଶ୍ୱାସ ତା'ର ଅଛି । ଗୃହକଣପାଇଁ ପ୍ରାର୍ଥୀ ସଂଖ୍ୟା ଏଠି ଖୁବ୍ ବେଶୀ, ସେଇ ଅନୁପାତରେ ଗୃହକଣ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ । ପୁଣି ଲୀନାର ଦୃଢ଼ ଧାରଣା ସେ ପରୀକ୍ଷାରେ ଖୁବ୍ ଭଲ କରିଛି । ଏଇ ଦୁଇଟି କାରଣ ତା' ମନରେ ଏ ଭରସା ଆଣି ଦେଇଛି । ଗୃହକଣଟା କେମିତି ଚଞ୍ଚଳ ହୋଇଯିବ, ଏଥିପାଇଁ ତା'ର ଉତ୍କଣ୍ଠାର ସୀମା ନାହିଁ । ଅଥଚ ଅଠରମାସ ହୋଇଗଲାଣି, ଗୃହକଣର ମାଲିକ ଚୁପ୍ ହୋଇ ବସିଛନ୍ତି ।

ଏକ ଅତି ସାଧାରଣ ପରିବାରରେ ଲୀନା ଜନ୍ମିଛି ବଡ଼ଝିଅ । ତା' ସାନଭଉଣୀ ମୁକ୍ତା ତା' ଠାରୁ ମୋଟେ ଦେଢ଼ ବର୍ଷ ସାନ । ତା' ବିବାହ ସ୍ଥିର ହୋଇଯାଇଛି । ବରପକ୍ଷ କନ୍ୟାପକ୍ଷ ଉଭୟ ପ୍ରସ୍ତୁତ । କିନ୍ତୁ ବାଟରେ କଣ୍ଟା ପକେଇଛି ଲୀନା । ଉପର ଭଉଣୀର ବିବାହ ନହେବା ପର୍ଯ୍ୟନ୍ତ ତଳ ଭଉଣୀର ବିବାହ ହୋଇପାରିବ ନାହିଁ, ଏ ସିଦ୍ଧାନ୍ତକୁ ବରପକ୍ଷ କନ୍ୟାପକ୍ଷ ବେଶ୍ ଉଦାରତାର ସହ ମାନି ନେଇଛନ୍ତି ଓ ସେଇ ସୁଯୋଗକୁ ଅପେକ୍ଷା କରି ବସିଛନ୍ତି । ଆହୁରି ଆଶ୍ୱାସନାର କଥା ଯେ ଲୀନାର ବିବାହ ମଧ୍ୟ ସ୍ଥିର ହୋଇ-ଯାଇଛି—ଏକ ପ୍ରେମବିବାହ । ଦୁଇ ପକ୍ଷ ସମ୍ପୂର୍ଣ୍ଣ ରାଜି । କିନ୍ତୁ ପ୍ରତିବନ୍ଧକ ସୃଷ୍ଟି କରିଛି ବିବାହର ଏକ ସର୍ତ୍ତ । ବରପାତ୍ର ରଞ୍ଜନ ମହାନ୍ତି ଶିକ୍ଷିତ, ଭଦ୍ର, ସ୍ୱାବଲମ୍ବୀ ହେବାର ଦୃଢ଼ ସଂକଳ୍ପ ରହିଛି । କିନ୍ତୁ ଉପସ୍ଥିତ ଆୟରୁ ପରିବାର ପୋଷଣ ସୁବିଧାରେ ହୋଇପାରୁନି । ସେଥିପାଇଁ ବରପକ୍ଷ ଚାହାନ୍ତି, ଘରକୁ ଗୋଟିଏ ଗୃହକଣିଆ ବୋହୂ ଆସୁ । ସେ ଆଉ କିଛି ନଆଣି ସାଥିରେ ଗୃହକଣଟିଏ ଆଣିଲେ ପରିବାର ପୋଷଣ ସମସ୍ୟା ଦୂର ହୋଇଯିବ । ଏଣେ ବରପାତ୍ରଟି ଦ୍ୱିଗୁଣ ନିଷ୍ଠା ଓ ଉତ୍ସାହ ନେଇ ବ୍ୟବସାୟରେ ଲାଗିପଡ଼ିବ । ଲୀନା ବର୍ତ୍ତମାନ ଏମିତି ଏକ ତଡ଼ିଲା ଭୂଇଁରେ ଗୁଳୁଛି । ବିବାହ ସୂତ୍ରରେ ନିଜ ପ୍ରେମିକ ସହ ମିଳନର ମଧୁ ମୁହୂର୍ତ୍ତ ଅପେକ୍ଷା ତା' ସ୍ନେହର ସାନ ଭଉଣୀର ବିବାହ ତା'ର ବେଶି କାମ୍ୟ । ଲୀନାର ବିଭାଘରର ଏଇ ସର୍ତ୍ତଟି ଏକ ଭଦ୍ର ଓ କୌଳିକ ସମସ୍ୟାର ଏକ ସୁସ୍ଥ ଓ ସୁନ୍ଦର ସମାଧାନ ବୋଲି କୁହାଯାଇପାରେ । ଏଥିପାଇଁ ଲୀନା ଯେତେ ତଡ଼ିଲା ବାଲିରେ ଧାଇଁଲେ ବି ତା' ଦୁଃଖ ଆଉ କିଏ କାହିଁକି ବୁଝିବ ?

ଲୀନା ଠିକ୍ କଲା, ସରକାରଙ୍କ ନିଯୁକ୍ତି ତାଲିକା ଯେତେବେଳେ ବାହାରୁଛି ବାହାରୁ, ସେ ଚୁପ୍ ହୋଇ ବସିବ ନାହିଁ । ନିଜେ ଏ ଅଫିସ୍ ସେ ଅଫିସ୍ ଯାଇ ସବୁକଥା ବୁଝିବ । ସେଦିନ ଲୁଗାପଟା ପିନ୍ଧି ବାହାରିଲା ବେଳକୁ ହଠାତ୍ ତା' ମନ ଭିତରେ ଏ ପ୍ରଶ୍ନ ଦେଖା-ଦେଲା—ଏ କ'ଣ କରୁଛି ସେ ? ଏକା ଏକା ଏତେ ଅଫିସ୍ ସେ କ'ଣ ବୁଲିପାରିବ ?

Digitized by srujanika@gmail.com

ବର୍ତ୍ତମାନ ସମସ୍ୟାରେ ଜଣେ ମନ୍ତ୍ରୀ ଓ ଜଣେ ସୁନ୍ଦର୍ଶନା ତରୁଣୀର ଜୀବନ ଗୋଟିଏ ସୂତ୍ରରେ ବନ୍ଧା—ଏଇ ଦୃଷ୍ଟିରୁ ଯେ, ଦୁହିଁଙ୍କ ପାଇଁ ଦୃଢ଼ ସୁରକ୍ଷା ବ୍ୟବସ୍ଥା ଏକାନ୍ତ ଦରକାର । ତା' ନହେଲେ ଦୁହିଁଙ୍କ ଅବସ୍ଥା ସଙ୍କଟାପନ୍ନ । ମନ୍ତ୍ରୀଙ୍କର ସୁରକ୍ଷା ବ୍ୟବସ୍ଥା ତ ରହୁଚି—କିନ୍ତୁ ତା' ପାଇଁ ? ଯେତେ ଧ୍ୱନି ତୋଳିଲେ ବି ଦେଶର କୌଣସି ନାରୀ ଜାଗରଣ ବା ଉଇମେନ୍‌ସ୍ ଲିବରେସନ୍ ସଂସ୍ଥା ତାକୁ ସୁରକ୍ଷା ପ୍ରଦାନ କରିପାରିବ ନାହିଁ । ବାନ୍ଧବୀ ଅମିତା ତା' ଦୁଃଖ ବୁଝିଲା । ଏବେ ସେହି ତା'ର ଏସ୍‌କର୍ଟ୍ ।

ପ୍ରଥମେ ଯୋଉଦିନ ସେମାନେ ଏ ଅଫିସକୁ ଆସିଲେ, କୋଉଠୁ କିଛି କୂଳକିନାରା ପାଇଲେ ନାହିଁ । ଝିଅ ଦି' ଜଣ, କିରାଣୀ ଚାକିରି ପାଇଁ ନିଯୁକ୍ତିପତ୍ର କେବେ ବାହାରିବ, ଏକଥା କାହାକୁ କିପରି ପଚାରିବେ ! ଜଣେ ବୟସ୍କ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଭେଟିଲେ—ଟିକେ ଅତମତ ହେଇ ତାଙ୍କୁ ଏକଥା ପଚାରିଲେ । କର୍ମଚାରୀ ଜଣକ ମୁହଁ ମୋଡ଼ିଦେବା ଭଙ୍ଗୀରେ କହିଲେ—ସବୁ କାଗଜପତ୍ର ଲୁଚା ଆଲମାରୀରେ, ଚାବି ହାକିମଙ୍କ ପକେଟରେ । ଜାଣିବାର କିଛି ବାଟ ନାହିଁ ।...ହଁ, ଏ ଘଟଣା କିଛି ଜାଣିଥିଲେ ଜାଣିଥିବ ବୈଷ୍ଣବ ବାବୁ ।

—ସେ କିଏ ?

—ଏ ଅଫିସ କିରାଣୀ ୟୁନିଅନର ଲିଡ଼ର୍ । ଖୁବ କଡ଼ା ମିଜାଜ ଲୋକ । ଲିଡ଼ର ହେଇଚି ବୋଲି ଅଫିସରମାନେ ତାକୁ ଡରୁଛନ୍ତି ! ରୁହ, ତାଙ୍କୁ ମୁଁ ଡାକି ଦଉଚି ।

—ଶୁଣନ୍ତୁ, ଶୁଣନ୍ତୁ !

—କଣ ?

—କହୁଛନ୍ତି କଡ଼ା ମିଜାଜ ଲୋକ...

—ଓହୋ ! କଡ଼ା ମିଜାଜ ଯାହାପେଇଁ ତା' ପେଇଁ ନା—ତମର ସେଥିରେ କ'ଣ ଅଛି ?...ଏତିକି କହି ସେ ଅଫିସ ଭିତରକୁ ପଶିଗଲେ ଓ ଟିକିଏ ପରେ ଫେରିଆସି କହିଲେ—ଆସୁଛନ୍ତି ।

ବୈଷ୍ଣବ ବାବୁ ଆସୁଛନ୍ତି, ଏଇ କଥାରେ ଦୁହିଁଙ୍କ ଉପରୁ ଯେମିତି ଗୋଟାଏ ପଥର ବୋଝ ଉତୁରିଗଲା । ନିଜକୁ ପ୍ରସ୍ତୁତ କରି ରଖିବାକୁ ହବ, ଏଥିପାଇଁ ଲୀନା ରୁମାଲରେ ମୁହଁ ପୋଛି ପକେଇଲା । ତା' ଚାକିରି ପ୍ରାପ୍ତିର ସୂଚନା ଯିଏ ଦେବେ, ତାଙ୍କୁ କିପରି କ'ଣ କହି ଭେଟିବ, ସେ ଠିକ୍ ବୁଝିପାରୁ ନଥାଏ । ଏଣେ ମିନିଟ୍ ମିନିଟ୍ ସମୟ ବଢିଯାଉଛି । ପ୍ରତୀକ୍ଷା ।...ଜୀବନ ସଂଗ୍ରାମ ଯୋଉମାନଙ୍କର ନିତିପ୍ରତି ସହଚର, ପ୍ରତୀକ୍ଷାର ଲଗ୍ନ ସେମାନଙ୍କ ପାଇଁ ମଧୁର ନହେଲେହେଁ କେବେ ତିକ୍ତ ହୁଏନା । ଲୀନା ଏଥିରେ ଅଭ୍ୟସ୍ତ । କିନ୍ତୁ ଆଜି ଏ କେଇ ମୁହୂର୍ତ୍ତର ପ୍ରତୀକ୍ଷା ଲୀନା ପାଇଁ ଅତି ଯନ୍ତ୍ରଣାଦାୟକ ହୋଇପଡ଼ୁଛି । ସେ ଆଦୌ ସ୍ଥିର ରହିପାରୁନି ।...ବୈଷ୍ଣବବାବୁ ଆସିଲେ । ପୂର୍ଣ୍ଣବୟସ୍କ ଯୁବକ—ପରିଚ୍ଛନ୍ନ ପୋଷାକ

Digitized by srujanika@gmail.com

ମୁହଁରେ ଏଇ ସପ୍ତମ ଅଷ୍ଟମ ଦଶକର ଗ୍ରୁପ ସମେତ ବର୍ଦ୍ଧିତ ଗ୍ରେଟ ଗ୍ରେଟ ଧାଡି । ଏ ଦୁହିଁଙ୍କ ଉପରେ ପଲକମାତ୍ର ଦୃଷ୍ଟି ନିକ୍ଷେପ କରି କହିଲେ—କୁହନ୍ତୁ କୁଆଡ଼େ ଆସିଛନ୍ତି ? ମୁଁ ବୈଷ୍ଣବ ବାବୁ ।

—ଗ୍ରେଡ୍ ଟୁ ଆସିଷ୍ଟାଣ୍ଟ ଗ୍ରୁକର ପାଇଁ ଯେଉଁ ପରୀକ୍ଷା ହୋଇଥିଲା···

—ଓହୋ ! ଆପଣ ଦୁହେଁ କାଣ୍ଡିଡେଟ୍ ?

—ନା, ମୁଁ ଏକା ।

ଏ କଥାଟା ଲୀନା କହିଲା କି ଅମୀତା କହିଲା, ଜାଣିବାର ଆବଶ୍ୟକତା ବୈଷ୍ଣବବାବୁଙ୍କର ନାହିଁ । ସେ ମୁହଁ ପୋଛି କହିଗ୍ଲେଛନ୍ତି—ସବୁ କାମ ଶେଷ ହୋଇଯାଇଛି । ସବୁ ରେଡ଼ି । ଯେକୌଣସି ଦିନ ନିଯୁକ୍ତିପତ୍ର ବାହାରିଯାଇପାରେ ।

ବୈଷ୍ଣବବାବୁଙ୍କ ମୁହଁରୁ ଏଇ କେଇପଦ କଥା ଶୁଣି ଲୀନାର ମନେହେଲା, ତା' ଜୀବନରେ ଏମିତି ଆଶ୍ୱାସନାବାଣୀ ଏହା ପୂର୍ବରୁ ତାକୁ ଆଉ କେବେ କେହି ଶୁଣାଇ ନଥିଲା । ସିଏତ ପରୀକ୍ଷାରେ ଖୁବ୍ ଭଲ କରିଛି—ଅପେକ୍ଷା କେବଳ ଫଳାଫଳ ଘୋଷଣା । ବୈଷ୍ଣବବାବୁ କହୁଛନ୍ତି, ଯେକୌଣସି ଦିନ···ମଧୁର ସ୍ୱପ୍ନରେ ବାଧା ପଡ଼ିଲା । ବୈଷ୍ଣବବାବୁଙ୍କ ମୁହଁରୁ ଗୋଟିଏ ଅତି ଗ୍ରେଟ ଶବ୍ଦ—କିନ୍ତୁ ! !···ଗୋଟାଏ ସ୍ୱପ୍ନ, ଗୋଟାଏ ଆଶାପ୍ରଦ ଚିନ୍ତା ପୁଣି ଏମିତି ଚୂର୍ମାର ହୋଇଯାଏ । ଲୀନାର ସୁନ୍ଦର ମୁହଁ ବିବର୍ଣ୍ଣ ହୋଇଉଠିଲା । ବୈଷ୍ଣବବାବୁ ସାମାନ୍ୟ ମୁହଁ ଉପରକୁ ଉଠାଇଲେ । ତାଙ୍କର ଦୃଷ୍ଟି କିନ୍ତୁ ପ୍ରସାରିତ ହେଲା ବାରନ୍ଦାର ଶେଷ ପ୍ରାନ୍ତକୁ; ଯେଉଁଠି ଅଫିସରଙ୍କ ଚେମ୍ବର୍ । ତାଙ୍କ ଆଖି ମୁହଁରେ ଘୃଣା ଓ ଅବଜ୍ଞାର ଭାବ ଫୁଟିଉଠିଲା । ସେଇ ଦିଗକୁ ଗ୍ରୁହିଁରହି ତାଙ୍କ ଅନୁଚ୍ଚ ଥକ୍କା କଣ୍ଠରୁ ବାହାରିଆସିଲା—ୟୁ ବାଷ୍ଟାର୍ଡସ ! ···ଏ ଦୁହେଁ ପ୍ରମାଦ ଗଣିଲେ । କିନ୍ତୁ ଏମାନଙ୍କୁ ଭାବିବା ପାଇଁ ବେଶି ସମୟ ନଦେଇ ବୈଷ୍ଣବବାବୁ କହିଲେ—ଶୁଣନ୍ତୁ, ସବୁ ଠିକ୍ ହୋଇଯାଇଚି ସତ; କିନ୍ତୁ ବର୍ତ୍ତମାନ ଆଉ ଗୋଟିଏ ପରୀକ୍ଷା ଗ୍ରୁଲିଛି । ଏ ପରୀକ୍ଷା ଶେଷ ନହେବାଯାଏ, ନିଯୁକ୍ତିପତ୍ର ବାହାରି ପାରିବ ନାହିଁ ।

ଏ ଦୁହେଁ ଆତଙ୍କରେ ଥରିଉଠିଲେ । ଲୀନା ପାଟିରୁ କଥା ବାହାରିଲା ନାହିଁ । ଅମୀତା କହିଲା—କାଇଁ, ଏ ପରୀକ୍ଷା କଥା ଆମେ ତ' କିଛି ଜାଣିନୁ—ଆମ ପାଖକୁ କିଛି ଇଣ୍ଟିମେସନ୍ ଯାଇନି ।

ବୈଷ୍ଣବବାବୁ ଯେମିତି ଟିକେ ଚଞ୍ଚଳ ହୋଇଉଠି କହିଲେ—ମୁଁ ବର୍ତ୍ତମାନ ଆଉ ବିଶେଷ କିଛି କହିପାରୁନି । ଆପଣ ଗ୍ରୁହାନ୍ତି ତ ସପ୍ତାହେ ଖଣ୍ଡେ ପରେ ପୁଣି ଆସନ୍ତୁ ।··· ପୂର୍ବପରି ଏ ଦୁହିଁଙ୍କ ଉପରେ ଥରେ ଚଞ୍ଚଳ ଦୃଷ୍ଟିପାତ କରି ବୈଷ୍ଣବବାବୁ ଅଫିସ ଭିତରକୁ ପଶିଗଲେ ।

ରାସ୍ତା । ଲୀନା ଓ ଅମୀତା ଦୁହେଁ ଗ୍ରୁଲିଛନ୍ତି । ଅମୀତା କଥା ଆରମ୍ଭ କଲା—ଇଏ କ'ଣ ହେଲା ଲୀନା ?

Digitized by srujanika@gmail.com

—ମୁଁ ଜାଣିପାରୁନ, ବୈଷ୍ଣବବାବୁ କାହିଁକି ଆମକୁ ଏମିତି ଅନ୍ଧାରରେ ବୁଡ଼େଇ ରଖିଲେ । ପରୀକ୍ଷା କଥାଟା କ'ଣ, ସେ କଥା ଆମକୁ କହିଦେଇଥିଲେ ହେଇନଥାନ୍ତା ! ମୁଁ ତ ଭାବୁଛି ସେ ଆମକୁ ମୋଟେ ଖାତିର୍ କଲେ ନାହିଁ ।

—ହୁଏତ ସେଇ ଧରଣର ଲୋକ ।

—ହେଇପାରନ୍ତି । କିନ୍ତୁ ମୁଁ...ମୁଁ ଯେ...

—ଏ କ'ଣ ଲୀନା ! ତୁ ରାସ୍ତାରେ ଚାଲୁ ଚାଲୁ ଏମିତି କାନ୍ଦିବୁ ?

—ମୁଁ କ'ଣ କରିବ ତୁ ମତେ କହ । ଜାଣୁ ତ ଆମ ଫାମିଲିରେ ମୁଁ ମୁନ୍ନାକୁ ସବୁଠୁ ବେଶୀ ଭଲପାଏ—ବେଶୀ ସ୍ନେହ କରେ । ମୋ'ର ପାଇଁ ତା' ବାହାଘର ହେଇପାରୁନ । ବାହାଘର କଥା ଯେ ମତେ କିଛି ଲୁଚେନା । ବେଳେ ବେଳେ ଖାଲି ଏମିତି ଆଖିରେ ଚାହେଁ, ଯେମିତିକି ମୋ ଉପରେ ତା'ର ଦୁନିଆଯାକର ଭରସା ରହିଚି । ଆଉ ଏ ପାଟର ଅବସ୍ଥା ତୁ ତ' ଦେଖୁଚୁ । ମୁଁ ତ' କହୁଚି ମୁଁ ପରୀକ୍ଷାରେ ଭଲ କରିଚି—ଖୁବ୍ ଭଲ କରିଚି । ମୁଁ ଚାକିରି ନପାଇବି କାହିଁକି ?

—ହଉ ତୁ ରହ । ଏ ରିକ୍ସା—

—ରିକ୍ସା ଅଟକେଇଲୁ କାହିଁକି ? ଆମେ ତ' ଚାଲି ଚାଲି ଯିବା ।

—ଏମିତି ମୁଁ ତତେ ରାସ୍ତାରେ ଚଲେଇ କରି ନେଇ ପାରିବିନି ।···ଅମିତା ଏକ ପ୍ରକାର ଲୀନାକୁ ଟାଣିନେଇ ରିକ୍ସାରେ ବସାଇଲା ।

ସପ୍ତାହକ ପରେ ପୁଣି ସେ ଦୁହେଁ ଅଫିସକୁ ଆସିଲେ । ସେଇ ବାରଣ୍ଡା । ବୈଷ୍ଣବବାବୁ ସିଧାସଳଖ କଥା ଆରମ୍ଭ କଲେ—ଯେଉଁ ପରୀକ୍ଷା କଥା ମୁଁ କହିଥିଲି, ସେ ପରୀକ୍ଷା ହେଲା···ବୈଷ୍ଣବବାବୁଙ୍କ କଥା ଯେମିତି ଅଟକିଗଲା । ଲୀନାର ଧୈର୍ଯ୍ୟଚ୍ୟୁତି ଘଟୁଛି । ଡରି ଡରି ସେ କହିଲା—କୁହନ୍ତୁ ସାର୍ କି ପରୀକ୍ଷା ?

—ମୁଁ ଜାଣେନା ଏ ପରୀକ୍ଷା ପାଇଁ ଆପଣ ନିଜକୁ ପ୍ରସ୍ତୁତ କରି ଆସିଛନ୍ତି କି ନାହିଁ । ଅଥଚ ଏ ପରୀକ୍ଷା ନଦେଲେ···ଏହାପରେ ଲୀନା ପାଟିରେ ଆଉ କଥା ନାହିଁ । କେବଳ ଯେମିତି ଏକ ଅର୍ଥହୀନ ଦୃଷ୍ଟିରେ ଚାହିଁରହିଛି । ବୈଷ୍ଣବବାବୁ ଖୁବ୍ ସ୍ପଷ୍ଟ ଗଳାରେ କହିଲେ—ଆପଣ ଚାରିହଜାର ଟଙ୍କା ଦେଇପାରିବେ ? ଏହାର ଉତ୍ତରରେ ଲୀନା ପାଟିରୁ ଚଟ୍ କରି ବାହାରି ଆସିଲା —ମାନେ ! ପ୍ୟାଣ୍ଟପକେଟ୍‌ରେ ହାତ, ମୁହଁ ତଳକୁ, ବୈଷ୍ଣବବାବୁ କହୁଛନ୍ତି—

ଏ ସୋଜା କଥାଟାର ମାନେ ବୁଝିପାରିଲେନି ? ଆପଣ ସ୍ପେଶାଲ ଅଫିସର ମିଶ୍ର ସାହେବଙ୍କୁ ଚାରିହଜାର ଟଙ୍କା ଦେବେ, ଆପଣଙ୍କ ନିଯୁକ୍ତିପତ୍ରଟି ଆପଣଙ୍କ ଘରେ ଯାଇ ପହଞ୍ଚିବ । ଏ ପରୀକ୍ଷା ପାଇଁ ଆପଣ ପ୍ରସ୍ତୁତ ?

Digitized by srujanika@gmail.com

ଏହାପରେ ବେଶ୍ କିଛିକ୍ଷଣ ସମ୍ପୂର୍ଣ୍ଣ ନୀରବତା । ଲୀନା ଚେଷ୍ଟା କରି ବି କିଛି କହିପାରୁନଥାଏ । ନୀରବତା ଭଙ୍ଗ କଲି ଅନୀତା—ଆପଣ ଆମକୁ ଗୋଟିଏ ଦିନ ସମୟ ଦିଅନ୍ତୁ । …ଏତିକି କହି ସେ ଲୀନାକୁ ଚାହିଁଲା । ତା'ର ବାକି କଥାତକ ଲୀନା ପୂରଣ କଲା—ହଁ ଗୋଟାଏ ଦିନ, ମାନେ କାଲି… କାଲି ନଅ ତାରିଖ ବୁଧବାର, କାଲି ଆମେ ଏତିକିବେଳେ ଏଇଠି ଆସି ଦେଖାକରିବୁ ।

—ରାଇଟ୍ !…ଏମାନେ ବିଦାୟ ନେଲେ ଓ ବୈଷ୍ଣବବାବୁ ଅଫିସକୁ ଗଲେ ।

ଆଜି । ଆଜି ହେଉଛି ବୁଧବାର ନଅ ତାରିଖ । ଏ ଦୁହେଁ ଆସିଛନ୍ତି । କିଛି ସମୟ ଅପେକ୍ଷା କଲାପରେ ବୈଷ୍ଣବବାବୁ ଆସି ପଚାରିଲେ—କ'ଣ ହେଲା ?

—ଆମେ ପ୍ରସ୍ତୁତ ।

—ଗୁଡ୍ !

—ଆଜି ତ ଆମେ ଟଙ୍କା ଆଣିନୁ ।

—କେବେ ଆଣିବେ ?

—ଏଇ ଦି' ଚାରି ଦିନ ଭିତରେ ।

—ଠିକ୍ ଅଛି ।

—ଟଙ୍କା ଆଣି ଆପଣଙ୍କୁ ଦେବୁ ତ ?

ଏଇଠି ବୈଷ୍ଣବବାବୁ ବେଶ୍ ତୀକ୍ଷ୍ଣ ଦୃଷ୍ଟିରେ ଲୀନାକୁ ଚାହିଁ କହିଲେ—ମତେ ଦେବେ ! ହ୍ୱାଟ୍ ଡୁ ୟୁ ମିନ୍ ? ମୁଁ କିଏ ଆପଣଙ୍କଠୁ ଟଙ୍କା ନେବି ।…ଲୀନା ଏକାଲେଲେକେ ଡରିଯାଇ ଭଗ୍ନକଣ୍ଠରେ କହିଲା—ତା' ହେଲେ ? …ଆଜି ବି ବୈଷ୍ଣବବାବୁଙ୍କ ଆଖି ଟାଣିହୋଇଗଲା ବାରନ୍ଦାର ଶେଷ ପ୍ରାନ୍ତକୁ । କହିଲେ—ସେଇଠିକି ଯାଆନ୍ତୁ—ଯେଉଁ ନେମ୍‌ପ୍ଲେଟ୍ ଲେଖାହୋଇଛି—ଏ.ଏମ୍. ମିଶ୍ର ।

—କ୍ଷମା କରିବେ, ସିଏ ଆମଠୁ ଟଙ୍କା ନେବେ ତ ?

—କିଏ ନ ନେବେ ? କିଏ ନ ନଉଛନ୍ତି ? ଯୋଉଠି ଏଭଳି ଚାକିରି ଖାଲି, ସେଠି ଏମିତି ଦ୍ୱିତୀୟ ଭାଗ ପରୀକ୍ଷା ଚାଲିଚି । ଯିଏ ଉତ୍ତୀର୍ଣ୍ଣ ହେଲା, ସିଏ ଚାକିରି ପାଇଲା । ଆପଣ ଆଜି ତାଙ୍କ ସହିତ ଦେଖାକରି ସବୁକଥା ଫିକ୍ସ କରନ୍ତୁ । ଆପଣଙ୍କ ସହିତ ମୋର ପରିଚୟ ନାହିଁ । ମୁଁ ବୁଝିପାରୁଚି, ଚାକିରିଟା ଆପଣଙ୍କର ନିହାତି ଦରକାର । ଆପଣଙ୍କ ଭଲ ପାଇଁ ଏସବୁ କଥା କହିଲି । ଯା'ପରେ ଆପଣ ଯାହା ଉଚିତ ମନେକରିବେ କରନ୍ତୁ ।…ଲୀନାର ଛାତି ଭିତର ପଡୁଚି ଉଠୁଚି । ନିଃଶ୍ୱାସ ଖର ହୋଇଆସିଲାଣି । ଛେପ ଢୋକି ସେ କହିଲା—ଦେଖନ୍ତୁ ସାର୍, ଅଫିସରଙ୍କ ସାଙ୍ଗରେ ଡାଇରେକ୍ଟ୍ କଥା ହେବ ବୋଲି ଆମେ ଜାଣି-ନଥିଲୁ । ଆମେ ଝିଅ ପିଲା—

—ଝିଅପିଲା ହୋଇ ପାଠ ପଢ଼ିଲେ, କମ୍ପିଟିଟିଭ୍ ପରୀକ୍ଷା ଦେଲେ—ଚାକିରି ପାଇଲେ ପୁଅମାନଙ୍କ ସହିତ ସମାନ ସୁବିଧା, ବରଂ ଅଧିକ ସୁଯୋଗ ପାଇ କାମ କରିବେ । ଏଠି

Digitized by srujanika@gmail.com

ପଛଦୁଆ ଦଉଛନ୍ତି ନାହିଁକି ? କାଲି ତ ଦୁଇଜଣ କାଣ୍ଡିଡେଟ୍ ଆସି ଟଙ୍କା ଦେଇଯାଇଛନ୍ତି ।

—ଆପଣ···ଆପଣ···

—ସେମାନଙ୍କ ଟଙ୍କା ଦବା କଥା ମୁଁ କେମିତି ଜାଣିଲି ?

—ଆଜ୍ଞା ।

—ଡୋଣ୍ଟ ବି ସିଲି । ମୁଁ କେମିତି ଜାଣିଲି, ସେକଥା ଆପଣ ଜାଣିବା ଦରକାର ନାହିଁ । ଟଙ୍କା ଯେମିତି ଭାବରେ ଦିଆହେବା କଥା ଦିଆହଉଚି, ଆମେ ଯାହା ଜାଣିବାର କଥା ଜାଣୁଚୁ । ଚାକିରି ଯଦି ଦରକାର, ଆପଣ ତାଙ୍କ ପାଖକୁ ଯାଆନ୍ତୁ । ସେଠି କେମିତି କ'ଣ ଓ କି କଥା କହି ତାଙ୍କୁ ଇମ୍ପ୍ରେସ୍ କରିବେ—ଟଙ୍କା କଥା ଫିକ୍ସ ଅପ୍ କରିବେ, ସେ କଥା ଆପଣ ଜାଣନ୍ତି—ଦ୍ୟାଟ୍ସ୍ ୟୋର୍ ବିଜିନେସ୍ । ଯାଆନ୍ତୁ ।

ଏ ଦୁଇଜଣଙ୍କୁ ଏକ ଅନ୍ଧକାରମୟ ଗର୍ତ୍ତରେ ଛାଡ଼ିଦେଇ ବୈଷ୍ଣବବାବୁ ଚାଲିଗଲେ । ଅମିତା କହିଲା—ବୈଷ୍ଣବବାବୁ ଏମିତି କ'ଣ ସବୁ କହୁଛନ୍ତି ଲୀନା ? କ'ଣ ତୁ ବୁଝୁଚୁ ?

—ମୋ ମୁଣ୍ଡ ଭିତରେ ହଜାରେ କଥା ଖେଳୁଛି, କିଛି ଗୋଟାଏ କଥା ସ୍ଥିର କରି-ପାରୁନି ।···ଲୀନାର ଅବସ୍ଥା ଦେଖି ଅମିତାର ଦୟା ହେଲା । ସେ କହିଲା—ଚାଲ ଘରକୁ ଫେରିଯିବା । ଆମେ ଏ ଶକ୍ ନେଇପାରିବା ନାହିଁ ।···ଲୀନା ଅତି କରୁଣ ଭାବରେ ଅମିତାକୁ ଚାହିଁ କହିଲା—ଫେରିଯିବା ? ମୁକ୍ତାର ବାହାଘର ହୋଇପାରିବନି ?

—ତା' ହେଲେ···ଲୀନା ତୁ ଏତେ ଭାଙ୍ଗିପଡ଼ନା ।

—ଏଁ ! ନା, ମୁଁ ଭାଙ୍ଗିପଡ଼ୁନି । ବୈଷ୍ଣବବାବୁ ଠିକ୍ କଥା କହିଚନ୍ତି । ଏକା ବୈଷ୍ଣବବାବୁ ନୁହନ୍ତି, ରାସ୍ତାଘାଟ, କଲେଜ, ୟୁନିଭରସିଟି, ସବୁଠି ସେଇ କଥା—ଟଙ୍କା ନ ଦେଲେ ଚାକିରି ମିଳିବନି । ବୈଷ୍ଣବବାବୁ ଆମ ଆଖି ଖୋଲିଦେଇଛନ୍ତି । ତୁ ଆ, ଆମେ ମିଶ୍ର ସାହେବଙ୍କ ପାଖକୁ ଯିବା ।

ଅଫିସରୁମ୍ ବାହାରେ ପିଅନ ବସିଚି । ଅଫିସ୍ ସୁପରିନ୍‌ଟେଣ୍ଡେଣ୍ଟ ଭିତରକୁ ଯାଇଛନ୍ତି ବୋଲି ପିଅନଟି କହିଲା । ଟିକିଏ ପରେ ସୁପରିନ୍‌ଟେଣ୍ଡେଣ୍ଟ ବାହାରିଆସିଲେ । ସ୍ଲିପ୍ ନେଇ ପିଅନଟି ଭିତରକୁ ଗଲା ଓ ସାଙ୍ଗେ ସାଙ୍ଗେ ବାହାରକୁ ଆସି କହିଲା—ଯାଆନ୍ତୁ ।

ବୃଥା ସଙ୍କୋଚ ନାହିଁ; ବରଂ ସଂଯମ ଓ ଶିଷ୍ଟାଚାରର ଏକ ପ୍ରତିମୂର୍ତ୍ତି ପରି ଲୀନା ଭିତରକୁ ଚାଲିଲା—ପଛେ ପଛେ ଅମିତା । ଲୀନା ଦେଖୁଚି ତା' ସମ୍ମୁଖରେ ବସିଚନ୍ତି ଶ୍ରୀ ଏ. ମ୍. ମିଶ୍ର, ପ୍ରାୟ ଚାଳିଶ ବର୍ଷ ବୟସ୍କ ଜଣେ ସୁ-ଦର୍ଶନ ପୁରୁଷ । ଏହାଛଡ଼ା ଅନ୍ୟକୌଣସି ବିଶେଷ ଲକ୍ଷଣ ତାଙ୍କଠି ଲୀନା ପାଇଲା ନାହିଁ ।···ଲେଖାକାଗଜ ଖଣ୍ଡିକ ଉପରେ ଆଖିପକାଇ ଶ୍ରୀଯୁକ୍ତ ମିଶ୍ର ପଚାରିବା ଭଙ୍ଗୀରେ କହିଲେ—ଲୀନା ଦାସ ?

—ମୁଁ, ଇଏ ମୋର ବନ୍ଧୁ ।

—କୁଆଡ଼େ ଆସିଲେ ?

ଯେତେ ପାରେ ସ୍ପଷ୍ଟ ଗଳାରେ ଲୀନା କହିବାକୁ ଆରମ୍ଭ କଲା—ଗ୍ରେଡ୍ ୫ ଚାକିରିପାଇଁ

Digitized by srujanika@gmail.com

ମୁଁ ଜଣେ ପ୍ରାର୍ଥୀ ।

—ବେଶ୍ ତ ! ମୋ ପାଖକୁ ଆସିଛନ୍ତି କାହିଁକି ?

ଅନୀତା ଏଇଠି ଲକ୍ଷ୍ୟ କଲା, ଏ ମୁହୂର୍ତ୍ତରେ ଲୀନାର ରୂପ ହେଉଛି ସେଇ ଲୀନା, ଯିଏ ବି· ଏ· ଅନର୍ସ ପରୀକ୍ଷାରେ ଏତେ ଭଲ କରି ମଧ୍ୟ ଏମ୍. ଏ. ନପଢ଼ି ତା' ଆଦରର ସାନ ଭଉଣୀ ମୁହଁରେ ହସ ଫୁଟେଇବା ଲାଗି, ସାମାନ୍ୟ ଗ୍ରେଡ୍ ଟୁ କିରାଣି ଗୁକିରି ସକାଶେ ଏଠି ନିଜର ସତ୍‌ସାହସର ପରିଚୟ ଦେବାକୁ ଯାଉଚି ।···ଲୀନା କହିଲା—ଦୟାକରି ଆପଣ ମତେ ଅନୁମତି ଦିଅନ୍ତୁ, ମୋ କଥା ମୁଁ କହିବି ।···କିଛିଟା ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଶ୍ରୀଯୁକ୍ତ ମିଶ୍ର ଲୀନା ଆଡ଼େ ଗୁହିଁଲେ । ଝିଅଟା କହୁଛି କ'ଣ ? ତା'ର କହିବାର ଉଚିତ ଥିଲା —"ଆପଣଙ୍କ ଅନୁମତି ପାଇଲେ ମୋ କଥା ମୁଁ କହିବି ।" ଇଏ ଯେ, ଅନୁମତି ଦାବୀ କରୁଛି ।···ବୟ ଗ୍ଚ' ନେଇ ଆସିଲା । ଏମାନଙ୍କ ଆଡ଼କୁ ଗୁହିଁ ବୟକୁ କହିଲେ—ଆଉ ଦି' କପ୍ ଆଣ ।···ଏ ଦୁହେଁ ବିଚଳିତ ହୋଇପଡ଼ିଲେ । ଶ୍ରୀଯୁକ୍ତ ମିଶ୍ର ଭୃକୁଟିପାରି କହିଲେ— ମୋ ଗ୍ଚ' ଖାଇବା ସମୟରେ ଆପଣମାନେ ଆସିଛନ୍ତି ।···ଆଉ ଦି' କପ୍ ଗ୍ଚ' ଆସିଲା । ଗ୍ଚ' ଖିଆ ଆରମ୍ଭ ହେଲା । ଲୀନା ଭୃକୁଟିପାରୁ ନ ଥା, ଏ ଆତିଥେୟତା ତାକୁ କେଉଁଠି ନେଇ ପହଞ୍ଚାଇବ ।

କୁହନ୍ତୁ, କ'ଣ କହିବେ ?

—ଆମେ ଯାହା ଶୁଣିଛୁ—ଯାହା ଜାଣିଛୁ, ଗ୍ଚରିହଜାର ଟଙ୍କା ଦେଲେ ମୁଁ ଗ୍ଚକିରିଟା ପାଇପାରିବି ··କଥା କେଇପଦ କହିସାରିଲା ପରେ ଲୀନାର ମୁହଁ ଯେମିତି ଆପେ ଆପେ ଉଜଳି ହୋଇଗଲା । ପୁଣି ଯେତେବେଳେ ମୁହଁ ଟେକି ସେ ଶ୍ରୀଯୁକ୍ତ ମିଶ୍ରଙ୍କୁ ଗୁହିଁଲା, ପରମ ଆଶ୍ଚର୍ଯ୍ୟରେ, ପରମ ଶାନ୍ତିରେ ତା' ଆଖି ବୁଜିହୋଇଆସିଲା । କାରଣ ମିଶ୍ରଙ୍କ ମୁହଁରେ ଆଦୌ କିଛି ପ୍ରତିକ୍ରିୟା ନାହିଁ । ରହିଛି କେବଳ ଏକ ପ୍ରଶାନ୍ତ ଭାବ ।···ନୀରବତା ଭଙ୍ଗ କଲେ ଶ୍ରୀଯୁକ୍ତ ମିଶ୍ର— କେମିତି ଜାଣିଲେ ଏ କଥା ? କାହାଠୁ ଶୁଣିଲେ ?

—କ୍ଷମା କରିବେ ସାର୍; ଏକଥା ମୁଁ କହିପାରିବିନି ।··· ଅତି ବିନୀତ କଣ୍ଠରେ ଲୀନା ଏତକ କହିଲା ।

—ହୁଁ !···ଟିକିଏ ପରେ ଗଳାର ସ୍ୱର ଟିକିଏ କମାଇ ଶ୍ରୀଯୁକ୍ତ ମିଶ୍ର କହିଲେ— ଟଙ୍କା ଆଣିଛନ୍ତି ?···ଲୀନା କେବଳ ନାସ୍ତିସୂଚକ ଇଙ୍ଗିତ ଦେଲା ।

—ଟଙ୍କା ଆଣିନାହାନ୍ତି ତ ଆସିଲେ କାହିଁକି ? ଯାଆନ୍ତୁ, ମୋର ସମୟ ନାହିଁ ।

—ଦୟା କରନ୍ତୁ ସାର୍, ଦିନେ ଦୁଇଦିନ ସମୟ ଦିଅନ୍ତୁ । କିଛିକ୍ଷଣ ଆଖିବୁଜି ଶ୍ରୀଯୁକ୍ତ ମିଶ୍ର କ'ଣ ଭାବିଲେ—ତା'ପରେ କହିଲେ—

—ବେଶ୍ ବାର ତାରିଖ, ଏଇ ବାର ତାରିଖଦିନ ସାଢ଼େ ବାରଟାବେଳେ ଆସନ୍ତୁ । ସବୁ ଶହେ ଟଙ୍କାର ନୋଟ୍ ଆଣିବେ । ଏ ଦରଜାରେ ନ ଆସି ଏଇ ଏପାଖ ଦରଜାରେ

Digitized by srujanika@gmail.com

ଆସିବେ । ହଁ, ଏ କାଗଜରେ ଆପଣଙ୍କ ଟେଲିଫୋନ ନମ୍ବର ଟିକେ ଦିଅନ୍ତୁ ।...ବେଶ୍, ଯାଆନ୍ତୁ ।

ଅଫିସ୍‌ରୁ ବାହାରି ଆସିଲା ପରେ ଦୁହେଁ ଗୋଟିଏ କ୍ୟାଣ୍ଟିନ୍‌କୁ ଯାଇ ଟିକେ ନିରୋଳା ସ୍ଥାନ ଦେଖି ବସିଲେ ।

—ଆଚ୍ଛା ଲୀନା, ଘରଭଡ଼ାର ଟଙ୍କା ଯେ ଦେବାକୁ ପଡ଼ିବ, ଏକଥା ତ ତୁ ଘରେ କାହାକୁ କହିନୁ ।

—ନା, ଡର ଲାଗିଲା । ଘରେ ଯଦି କେହି ଆପତ୍ତି କରିଥାନ୍ତେ, ତେବେ ତ ମୋର ସବୁ ଆଶା ସେଇଠି ଚୂନା ହୋଇଯାଇଥାନ୍ତା ।

—ଏବେ ପୁଣି କ'ଣ କରିବୁ ?

—ମୁଁ ଭାବୁଚି ଅନୀତା...ଲୀନା ଆଉ କିଛି କହିପାରୁନି; କଥା ଅଟକିଯାଉଛି ।

—କ'ଣ ଭାବୁଚୁ ?...ଅନୀତା ଆଉକୁ ଥରେ ଚାହିଁ ମୁହଁ ତଳକୁ କରି ଲୀନା କହିଲା ।

—ମିଶ୍ର ସାହେବ ଯଦି ଟଙ୍କା ନ ମାଗି, ମୋଠୁଁ ଆଉ କିଛି ଚାହିଁଥାନ୍ତେ—

—ଆଉକିଛି...

—ସଟ୍ ଅପ୍ ! ଏ ସବୁ ତୁ କ'ଣ କହୁଚୁ ?

—ଶୁଣ ଅନୀତା, ସେ ଆଉ କିଛି ଚାହିଁଥିଲେ ତା'ର ବିଚାର ଏକା ମୁଁ କରିଥାନ୍ତି— ଏକା ମୁଁ ।

—କି ବିଚାର କରିଥାନ୍ତୁ ?

—ତୁ କହ ।...ଟିକିଏ ରହି, ଲୀନା ମୁହଁକୁ ଚାହିଁ ଅନୀତା କହିଲା—

—କ'ଣ ଜଣେ ସ୍ୱପ୍ନ°ସିଦ୍ଧା ନାରୀପରି...

—ହଁ ସେଇଆ । ମୋର ଅତୀତ ବର୍ତ୍ତମାନ ଭବିଷ୍ୟତ ସବୁକୁ ଜଳାଞ୍ଜଳିଦେଇ ତାଙ୍କ କଥାକୁ ମୁଁ ଗୋଡ଼ରେ ଆଡ଼େଇ ଦେଇଥାନ୍ତି । କିନ୍ତୁ ଏ ଯୋଉ ଫାନ୍ଦ ସେ ମେଲି-ଧରିଲେ—ମୋ ପାଇଁ ଏହାର ଯୋଉ ଆକର୍ଷଣ ! !—ଏଇଠି ହେଇ, ମୋ ଆଖି ଆଗରେ ମୁକ୍ତାର ମୁହଁ ଭାସିଉଠୁଚି । କେତେ ଭରସା ତା'ର ମୋ ଉପରେ ! ... ନାହିଁଲେ ଅନୀତା, ଟଙ୍କାର ଯୋଗାଡ଼ କରିବାକୁ ହେବ ।

ବୟ ଚା ଆଣି ଦେଇଗଲା । ଲୀନା ଲୁହ ଛଳ ଛଳ ଆଖିକୁ ଏକାନ୍ତରେ ପୋଛିଦେଇ ଅନୀତା କହିଲା—ନେ ଚା' ଖା' । ଘରକୁ ଯିବା ।

ବାର ତାରିଖ । ସେପାଖ ଦରଜା ବାହାରେ ଲୀନା ଅପେକ୍ଷା କରିଚି । ତନୁଶ୍ରୀ ଶୋଭିତା ଏ ଯୁବତିଟିଠାରେ କିଛି ବ୍ୟଗ୍ରତା ବା ଚଞ୍ଚଳତାର ଲକ୍ଷଣ ନାହିଁ । ବରଂ ସେ ଯେପରି କ୍ଲାନ୍ତିରେ ଟିକିଏ ଝାଉଁଳି ପଡ଼ିଚି । ଅଫିସ୍ ଭିତରେ ଶ୍ରୀଯୁକ୍ତ ମିଶ୍ର କିଛି ଫାଇଲ୍ କାମ କରୁଛନ୍ତି—ଟେବୁଲ ପାଖରେ ଜଣେ କର୍ମପ୍ରାର୍ଥୀ ଠିଆହୋଇଛି । ଫାଇଲ କାମ ଶେଷ ହେଲା । କର୍ମପ୍ରାର୍ଥୀଟି ବେଶ୍ ଭଦ୍ର ଓ ନମ୍ର ଭାବରେ ନମସ୍କାର ଜଣେଇ ବାହାରିଗଲେ ।

Digitized by srujanika@gmail.com

ଶ୍ରୀଯୁକ୍ତ ମିଶ୍ର ଟିକିଏ ଭଡ଼ମୋଡ଼ ହୋଇ ହାଇ ମାରିଲେ ଓ ଚଉକି ବାଡ଼ାକୁ ଆଉଜି ବସିଲେ । ସାମନା କାନ୍ଥଘଣ୍ଟା ସାଢ଼େ ବାରଟା ଆଡ଼କୁ ଆଗେଇ ଚାଲିଛି ।

ଦିନ ସାଢ଼େ ବାରଟା । ଲୀନା ଅଫିସ୍ ଭିତରକୁ ଯାଇ ପ୍ରଣାମ ଜଣାଇଲା । ମଥା ଦୋଳାଇ ମିଶ୍ର ପ୍ରଣାମ ଗ୍ରହଣ କଲେ । ଲୀନା ଟେବୁଲଧାରକୁ ଲାଗି ଠିଆହେଲା । ପର୍ସ ଖୋଲି ଟଙ୍କା ବାହାର କଲା । ଟେବୁଲ ଉପରେ ହାତରଖି ଶ୍ରୀଯୁକ୍ତ ମିଶ୍ର ବସିଛନ୍ତି । ଲୀନା ଟଙ୍କା ପୁଡ଼ାଟିକି ଶ୍ରୀଯୁକ୍ତ ମିଶ୍ରଙ୍କ ହାତକୁ ବଢ଼େଇ ଦେଲାବେଳକୁ, ଏକ ସମୟରେ ଶ୍ରୀଯୁକ୍ତ ମିଶ୍ରଙ୍କ ଅଫିସ୍ ଗୃହ ସଂଯୁକ୍ତ ଗ୍ରେଟ କୋଠରୀଟିରୁ ଦୁଇଜଣ ମହିଳା ପୋଲିସ ଓ ବାହାର ବାରଣ୍ଡା ପାଖ ଦରଜାର ପରଦା ଆଡ଼େଇ ଦୁଇଜଣ ଭିଜିଲାନ୍‌ସ ଅଫିସର ଘର ଭିତରକୁ ପଶିଆସିଲେ । ମହିଳା ପୋଲିସ ଦୁଇଜଣ ଲୀନା ଦୁଇପାଖରେ ଓ ଭିଜିଲାନ୍‌ସ ଅଫିସର ଦୁହେଁ ଶ୍ରୀଯୁକ୍ତ ମିଶ୍ରଙ୍କ ଦୁଇପାଖରେ ଠିଆ ହୋଇଗଲେ । ଜଣେ ମହିଳା ପୋଲିସ କହିଲେ—ଲୀନା ଦାସ, ଆପଣ ଶ୍ରୀଯୁକ୍ତ ମିଶ୍ରଙ୍କୁ ଲାଞ୍ଚ ଦେବା ଅପରାଧରେ ଆମେ ଆପଣଙ୍କୁ ଆରେଷ୍ଟ କରୁଛୁ । ଭିଜିଲାନ୍‌ସ ଅଫିସରଙ୍କ ମୁହଁରୁ ଶୁଣାଗଲା—ସାର୍, ଆପଣ ଲୀନା ଦାସଙ୍କ ଠାରୁ ଉତ୍କୋଚ ନେଉଥିବାରୁ ଆପଣଙ୍କୁ ଆମେ ଆରେଷ୍ଟ କରୁଛୁ ।

ଏହାପରେ କ'ଣ ହେବ ? କଣ ହୋଇପାରେ ?···ଶ୍ରୀଯୁକ୍ତ ଏ. ଏମ୍. ମିଶ୍ର—ଆଜୀବନ ନିଷ୍କଳଙ୍କ, ନିର୍ମଳ ଓ ସଚ୍ଚରିତ୍ର ଅଫିସର । ଲୀନାର କଥା ଶୁଣି ସେ ପ୍ରଥମେ ମନେ ମନେ ହସି ଭାବିଥିଲେ, ଝିଅଟାକୁ ସତର୍କ କରିଦେଇ ଛାଡ଼ିଦେବେ । କିନ୍ତୁ ଟଙ୍କା ଦେବାନେବା ପ୍ରସଙ୍ଗଟା ଲୀନା କୋଉଠୁ କେମିତି ଜାଣିଲା, ସେ କଥା କହିବାକୁ ଲୀନା ଯେତେବେଳେ ସ୍ପଷ୍ଟ ମନାକରିଦେଲା, ଶ୍ରୀଯୁକ୍ତ ମିଶ୍ର ସେହି ମୁହୂର୍ତ୍ତରୁ ତାଙ୍କ ମତ ପରିବର୍ତ୍ତନ କଲେ । ସେ ଜଣେ ଦୃଢ଼ମନା ଓ ନିଷ୍ଠାପର ଅଫିସର ହୋଇଥିବାରୁ ଏ ଅଫିସ୍‌ରେ ତାଙ୍କର କିଛି ଶତ୍ରୁଭାବାପନ୍ନ ଲୋକ ଥାଇପାରନ୍ତି । ଲୀନା ସେମାନଙ୍କ ସମ୍ପର୍କରେ ଆସିଥାଇପାରେ । କିନ୍ତୁ ତା'ପରି ଜଣେ ଶିକ୍ଷିତା ସୁନ୍ଦରୀ ବୁଦ୍ଧିମତୀ ଝିଅ ଏ ବାଟରେ ଏମିତି ଅଗ୍ରସର ହେବା ସମସ୍ତଙ୍କ ପ୍ରତି ବିପଦ୍‌ଜନକ । ସେ ଶିକ୍ଷା ପାଇବା ଉଚିତ୍ । ସେଥିପାଇଁ ସେ ମହିଳା ପୋଲିସ୍‌ର ବନ୍ଦୋବସ୍ତ କରିଥିଲେ ।

ଲୀନା ଦାସ ! ସାନ ଭଉଣୀ ମୁକ୍ତା ପାଇଁ ସେ ମଥାରେ ପଥର ଭାଙ୍ଗିବାକୁ ପ୍ରସ୍ତୁତ ହୋଇଥିଲା; କିନ୍ତୁ ସେଇ ମୁକ୍ତା, ଜଣେ ଅଫିସରଙ୍କୁ ଟଙ୍କା ଦେଇ ଚାକିରି ପାଇବା କଥାଟାର ପ୍ରବଳ ପ୍ରତିରୋଧ କଲା । ସେମାନେ ଚାକିରି ପାଇଁ ଟଙ୍କା ତ ଦେବେନି, ନୀରବ ଦର୍ଶକ ହୋଇ ମଧ୍ୟ ରହିବେନି । ସେମାନେ ଭିଜିଲାନ୍‌ସର ଆଶ୍ରୟ ନେଲେ ।

ଏକ ବାସ୍ତବ ଚିତ୍ର କ୍ରମେ ଏକ ବିଚିତ୍ର ପରିଣତିରେ ଉପନୀତ ହୋଇଗଲା ।

Digitized by srujanika@gmail.com

ପ୍ରତିଶ୍ରୁତ

ଆଜି ଉଣେଇଶିଶହ ଛୟାଅଶୀ ମସିହା ଫେବୃୟାରୀ ମାସ ଉଣେଇଶ ତାରିଖ । ଆଉ ମାତ୍ର ଚାରିବର୍ଷ ଆଠମାସ ନ'ଦିନ ପରେ ଆମେ ଏଇ ବିଂଶ ଶତାବ୍ଦୀର ନବମ ଦଶକରେ ପହଞ୍ଚିବା । ସେତେବେଳେ ହୁଏତ ପୃଥିବୀର ସବୁ କୋଣରୁ ଶୁଣାଯିବ—ଦ' ଟ୍ୱେଣ୍ଟି ଫାଷ୍ଟ ସେଞ୍ଚୁରୀ ଇଜ୍ ନକିଙ୍ଗ୍ ଆଟ୍ ଦ' ଡୋର୍ । ଅର୍ଥାତ୍ ଏକବିଂଶ ଶତାବ୍ଦୀ ଆସି କବାଟ ଖଟ୍ ଖଟ୍ କଲାଣି । ଆମେ ଭାରତବାସୀ କିନ୍ତୁ ବିଚରା ଏକବିଂଶ ଶତାବ୍ଦୀକୁ ଏ ସୁଯୋଗ ଦେଉନୁ । ସିଏ ଆମ କବାଟ ପାଖକୁ ଆସିବା ପୂର୍ବରୁ ଆମେ ଉଣେଇଶିଶହ ପଞ୍ଚାଅଶି ମସିହା ଆରମ୍ଭରୁ ତା' ଦୁଆର ମୁହଁରେ ପହଞ୍ଚିବା ପାଇଁ, ତା' କବାଟ ଖଟ୍ ଖଟ୍ କରିବାପାଇଁ, କଳ୍ପନା ଜଳ୍ପନା ଆରମ୍ଭ କରିଦେଲୁଣି । ଅନ୍ୟମାନେ ଏକବିଂଶ ଶତାବ୍ଦୀକୁ ସ୍ୱାଗତ ସମ୍ଭାଷଣ ଜଣାଇବା ପାଇଁ ପ୍ରସ୍ତୁତ ହେବାବେଳେ, ଆମେ ପ୍ରସ୍ତୁତ ହେଉଛୁ—ଟୁ ମାର୍ଚ୍ଚ ଅନ୍-ଟୁ ଦ' ଟ୍ୱେଣ୍ଟି ଫାଷ୍ଟ ସେଞ୍ଚୁରୀ ! ଅର୍ଥାତ୍ ଆମେ ଏକବିଂଶ ଶତାବ୍ଦୀର ବଳୟ-ସୀମାକୁ ଯାତ୍ରା କରିବୁ; ଯେମିତି ବରପକ୍ଷ କନ୍ୟା ଘରକୁ ଯାତ୍ରା କରିଥାଏ । ବର୍ତ୍ତମାନ ଏଇ ପ୍ରାକ୍-ଏକବିଂଶ ଶତାବ୍ଦୀର ବାହାଘର ରଥରେ ଭୁବନେଶ୍ୱରର କଳା ମଚ୍ ମଚ୍ ଚଉଡ଼ା ରାସ୍ତାରେ (ବରଟି ଅନ୍ତତଃ ଜଣେ ଏମ୍.ବି.ବି.ଏସ୍, ଜୁନିୟର ଇଂଜିନିୟର, ବ୍ୟାଙ୍କ୍ ପ୍ରୋବେଶନ୍ ଅଫିସର, କମ୍ପାନୀ ଏକ୍ଜିକ୍ୟୁଟିଭ୍ ବା ଏଇସବୁ ସ୍ତରର ହୋଇଥିବ) ଅନ୍ତତଃ ଦୁଇ ଶହ ବରଯାତ୍ରୀ ଓ ସେଇ କଛରେ ଗାଡ଼ି, ଆଲୋକମାଳା, ବାଦ୍ୟ ଓ ବାଦ୍ୟ ତାଳରେ ଚଳମାନ ନୃତ୍ୟ-ସମ୍ବଳିତ ବିଭବପୂର୍ଣ୍ଣ ବର ଶୋଭାଯାତ୍ରା ଯିବାଭଳି, ଆମର ଏକବିଂଶ ଶତାବ୍ଦୀକୁ ଯାତ୍ରା ସେଇଭଳି ବିଭବପୂର୍ଣ୍ଣ ହେବା ଏକାନ୍ତ ବାଞ୍ଛନୀୟ ।

ଆମେ ଏବେ ଗୋଟିଏ ଡେଭଲପିଙ୍ଗ୍ ବା ଉନ୍ନତମୁଖୀ ରାଷ୍ଟ୍ର । ନୂଆ ଶତାବ୍ଦୀର ନୂଆ ସକାଳ ହେବା ପୂର୍ବରୁ ଏଇ 'ମୁଖୀ'ଟିକୁ ବାଦ୍ ଦେଇ ଆମେ ଆମ ରାଷ୍ଟ୍ରର ବିଶେଷଣ କେବଳ 'ଉନ୍ନତ' ହିଁ ରଖିବୁ । ଅନୁନ୍ନତ କିମ୍ବା ଉନ୍ନତମୁଖୀ ରାଷ୍ଟ୍ର ଭାବରେ ଆମେ ଆମ ଜ୍ଞାନପୀଠ ପୁରସ୍କାରର ପରିମାଣ ଏକ କୋଟି ଟଙ୍କା ଓ ଶାରଳା ପୁରସ୍କାରର ପରିମାଣ ଏକ ଲକ୍ଷ ଟଙ୍କାକୁ ବଢ଼ାଇଦେଇପାରୁ । କିନ୍ତୁ ସେଥିରେ ଆମକୁ କେହି ଡେଭଲପ୍ଡ୍ କଣ୍ଟ୍ରି ବୋଲି କହିବେ ନାହିଁ । ଆମ ରାଷ୍ଟ୍ରକୁ ଆମେ ବିଧିବଦ୍ଧ ଭାବେ ଡେଭଲପ୍ଡ୍ କରିବାକୁ ପଡ଼ିବ —ଉନ୍ନତ କରିବାକୁ ପଡ଼ିବ ।...କିନ୍ତୁ ଏହା କ'ଣ ସମ୍ଭବ ?...ହଁ, ସମ୍ଭବ । କାରଣ ଏ

Digitized by srujanika@gmail.com

ଦ୍ୱାରରେ ଆମକୁ କିଛି କିଛି ପ୍ରତିଶ୍ରୁତି ମିଳିଲାଣି । ପ୍ରତିଶ୍ରୁତି ଏକ—ଆମେ ଏକବିଂଶ ଶତାବ୍ଦୀରେ ପହଞ୍ଚିଲାବେଳକୁ ଆମ ଦେଶରୁ ଦାରିଦ୍ର୍ୟ ସଂପୂର୍ଣ୍ଣରୂପେ ଲୋପ ପାଇଥିବ । ପ୍ରତିଶ୍ରୁତି ଦୁଇ—ସେତେବେଳେ ଦେଶରେ କୌଣସି ସଂକ୍ରାମକ ରୋଗର ଚିହ୍ନବର୍ଣ୍ଣ ନଥିବ !! ବାସ୍ ଏତିକି । ଏତିକି ହୋଇଗଲେ ପୃଥିବୀର ମାନଚିତ୍ରରେ ଉନ୍ନତ ରାଷ୍ଟ୍ରର ସଂଖ୍ୟା ଗୋଟିଏ ବଢ଼ିଯିବ । କାରଣ ଲଜିକ୍ ଶାସ୍ତ୍ର ଅନୁସାରେ ଯେଉଁଠି ରୋଗ ନାହିଁ କି ଦାରିଦ୍ର୍ୟ ନାହିଁ, ସେଠି ଆଉ ସବୁ ପରିପୂର୍ଣ୍ଣ ରହୁଚି । ଆଉ ଯେଉଁଠି ସବୁ ପରିପୂର୍ଣ୍ଣ ରହୁଚି, ସେଠି ରୋଗ ଦାରିଦ୍ର୍ୟ ପାଇଁ ମାତ୍ର ଏକ ବିନ୍ଦୁ-ପରିମିତ ସ୍ଥାନ ସୁଦ୍ଧା ନାହିଁ । ···ମାତ୍ର ଏ ପ୍ରତିଶ୍ରୁତି ରକ୍ଷା ହେଲେ ତ !

ପ୍ରତିଶ୍ରୁତି ଏକ ଆପେକ୍ଷିକ ଶବ୍ଦ । ଇଂରାଜୀ ଶାସନ କାଳରେ ଏ ଶବ୍ଦଟି ପ୍ରାୟ ଅଭିଧାନ ପୃଷ୍ଠା ଭିତରେ ସୀମାବଦ୍ଧ ରହୁଥିଲା । ସେମାନେ ପ୍ରତିଶ୍ରୁତି ଦାନ କ୍ଷେତ୍ରରେ ଖୁବ୍ କୃପଣ ଥିଲେ । ପୁଣି ସେମାନଙ୍କଠୁଁ ପ୍ରତିଶ୍ରୁତି ଆଦାୟ କରିବାପାଇଁ ଏପାଖର ଲୋକେ ଆହୁରି ବେଶି କୁଣ୍ଠିତ ଥିଲେ । ସେମାନେ କୃପଣ ଏମାନେ କୁଣ୍ଠିତ । ଏଥିରୁ ଏଇ ଲାଭ ହେଉ-ଥିଲା ଯେ 'ପ୍ରତିଶ୍ରୁତି' ପରି ଏକ ସୁନ୍ଦର ସୁଶ୍ରାବ୍ୟ ଶବ୍ଦଟି ଅଯଥା କ୍ଷତବିକ୍ଷତ ଓ ନିର୍ଯ୍ୟାତିତ ନହୋଇ ଅଭିଧାନର ପୃଷ୍ଠା ଭିତରେ ଭଦ୍ର ଓ ନିରାପଦ ଜୀବନଯାପନ କରୁଥିଲା । ସ୍ୱାଧୀନତା ପରେ 'ପ୍ରତିଶ୍ରୁତି'ର ସ୍ଥିତି ପୁରାପୁରି ଓଲଟିଗଲା । ପୂର୍ବେ ଯୋଉ ଶବ୍ଦଟି (ପ୍ରତିଶ୍ରୁତି) 'କାଳେ-ଭଦ୍ରେ' ଶୁଣିବାକୁ ମିଳୁଥିଲା, ଏବେ ତାହା ଏକ ନିତ୍ୟ-ଉଚ୍ଚାରିତ ଶବ୍ଦ ହୋଇଗଲା । ଏବେ ପ୍ରତ୍ୟେକଦିନ ଆମେ ସମ୍ବାଦ ଶୁଣୁଚୁ ବା ପଢ଼ୁଚୁ ଯେ, କେହି ନା କେହି କାହାକୁ ନା କାହାକୁ, କିଛି ନା କିଛି ପ୍ରତିଶ୍ରୁତି ଦେଉଛନ୍ତି—ଦେବାକୁ ବାଧ୍ୟ ହେଉଚନ୍ତି ! ···ଏଇଠି ଗୋଟିଏ ଉଦାହରଣ : ଜଣେ ମନ୍ତ୍ରୀ—ତାଙ୍କ ହାତରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଙ୍ଗଲ ବିଭାଗ । ଏ ମନ୍ତ୍ରୀଙ୍କର ତାଙ୍କ ନିଜ ଗାଁ ଓ ପରିବାରର ପ୍ରତି ଟିକିଏ ଦୁର୍ବଳତା ଅଛି । ସେଥିପାଇଁ ପ୍ରତି ମାସେ ଦୁଇ ମାସରେ ସେ ଥରେଅଧେ ଗାଁକୁ ଯାଇ ବୁଲିଆସନ୍ତି । ମନ୍ତ୍ରୀଙ୍କର ଏଇ ଗ୍ରାମ୍ୟ-ପ୍ରୀତି ସେ ଅଞ୍ଚଳର ବାସିନ୍ଦାଙ୍କ ପାଇଁ ଦେବତାଙ୍କ ଆଶୀର୍ବାଦର ରୂପ ନେଲା । ସେଥର ମନ୍ତ୍ରୀ ଗାଁକୁ ଆସି ନିଜ ଘର ବାରଣ୍ଡାରେ ବସିଥା'ନ୍ତି । ଲୋକ ଭିଡ଼ି । ମୃଦୁ ଗୁଞ୍ଜନ ଓ ସ୍ମିତ ଆନନ୍ଦ ସହ ସବିନୟ ନିବେଦନ କରାଗଲା :

—ଆପଣଙ୍କର ଏଇ ଗାଁରେ ଗୋଟିଏ ଡିଗ୍ରୀ କଲେଜ ଖୋଲାଯାଉ ।

—କାହିଁକି ? ଏଇ ବାସନ୍ତୀପଡ଼ାରେ ପରା ଗୋଟାଏ କଲେଜ ଅଛି ।

—ସେଇଟା ଆମ ପଞ୍ଚାୟତ ନୁହେଁ—କେଲୁଣି ଗାଁ ପଞ୍ଚାୟତ ଅଧୀନରେ । ଏଠୁ ଦେଢ଼ କିଲୋମିଟର ବାଟ ।

—ମୋଟେ ଦେଢ଼ କିଲୋମିଟର ତ !

—ସେଠି କଲେଜ ପାଇଁ ଜାଗା ମିଳିଲା ନାହିଁ ବୋଲି ଗୋଟାଏ ନଈ କଣ୍ଠିଆରେ କଲେଜ ହୋଇଚି । ସାଇକ୍ଲଷ୍ଟାଣ୍ଡ ପାଇଁ ଜାଗା ବଣ୍ଟାଏ ନାହିଁ । ଏଠି ଆମ ପିଲାଏ ସ୍କୁଲ

Digitized by srujanika@gmail.com

ସ୍କୁଲଯାଉଚନ୍ତି । ପିଲାଙ୍କୁ ଘର ବାଧୁଚି । ଖାଲି ଆମର ଏଇ ଗାଁରୁ ତ ଏଗାରଟି ଝିଅ ଆଉ ଆଠଟି ପୁଅପିଲା ଯାଉଚନ୍ତି ।

ମନ୍ତ୍ରୀ ଟିକଏ ଖୁବ ମୁହଁ ତଳକୁ କରି କହିଲେ—'ହୁଁ' !

—ସାର୍, ଆପଣ ଖାଲି ଟିକଏ ଦୃଷ୍ଟି ଫେରାଇଲେ···

—ଆଚ୍ଛା, ଆଚ୍ଛା, ଦେଖିବା ।

—ସେଇ କଥା ଆଜ୍ଞା, ଏତିକି ପ୍ରତିଶ୍ରୁତି ଆପଣଙ୍କଠୁଁ ମିଳିଲେ···

—ଦେଲି, ପ୍ରତିଶ୍ରୁତି ଦେଲି ।

ଏକ ଆନନ୍ଦ ଉଚ୍ଛ୍ୱାସପୂର୍ଣ୍ଣ ପରିବେଶ ଭିତରେ ମନ୍ତ୍ରୀ ରାଜଧାନୀକୁ ବାହୁଡ଼ିଲେ ।

ପୁଣି ଯଥା ସମୟରେ ମନ୍ତ୍ରୀ ଗାଁକୁ ଆସିଚନ୍ତି । ସେମିତି ଲୋକ ଭର୍ତ୍ତି । ଏଥର ଜନସ୍ୱ ସହିତ ଟିକଏ ସଲଜ ଆବେଦନ :

—ଆମ ଏ ଅଞ୍ଚଳରେ ଗୋଟିଏ ସ୍ୱାସ୍ଥ୍ୟ କେନ୍ଦ୍ର···

—ଇଏ ତ ଅତି ଉତ୍ତମ କଥା । ଦେଖୁଚି ଆପଣମାନେ ଖୁବ୍ ସ୍ୱାସ୍ଥ୍ୟ ସଚେତନ ହୋଇ-ପାରିଚନ୍ତି ।

—ସେଇକଥା ଆମେ ହୃଦୟଙ୍ଗମ କରି ଏ ପ୍ରସଙ୍ଗ ଉଠେଇଲୁ ନା !

—ବେଶ୍ ବେଶ୍ । ମୁଁ ପ୍ରତିଶ୍ରୁତି ଦେଲି ।

ମନ୍ତ୍ରୀ ବିଦାୟ ନେଲେ । ପୁଣି ମାସେ ଦେଢ଼ମାସେ ପରେ ଆସିଲେ । ପୁଣି ଜନ-ସମାବେଶ । ଏଥର ପ୍ରତିଶ୍ରୁତି ଆଦାୟରେ ଲୋକମାନଙ୍କ ପକ୍ଷରୁ ଦୃଢ଼ତା ପରିଲକ୍ଷିତ ହେଲା ।

—ନୂଆ କଲେଜ ପାଇଁ ଆମର ବେଶି ସଂଖ୍ୟାରେ ପିଲା ଦରକାର । ଆମର ଏଠି କେବଳ ଝିଅମାନଙ୍କ ପାଇଁ ଗୋଟିଏ ଗାର୍ଲସ୍ ହାଇସ୍କୁଲ ବସାଯାଉ ।

—ନା, ନା । ଆମ ପଞ୍ଚାୟତରେ ଗୋଟାଏ ହାଇସ୍କୁଲ ଅଛି । ସେଠି ପୁଅ ଝିଅ ଏକାଠି ପଢ଼ୁଛନ୍ତି । ଏଇଟା କୋ-ଏଜୁକେଶନର ଯୁଗ ।

—ଆପଣ ତ ଆମ ଅପେକ୍ଷା ବେଶି ଜାଣନ୍ତି । ଗତ ସେନ୍‌ସସ୍ ରିପୋର୍ଟରୁ ଜଣାପଡ଼ୁଚି, କେଜାଣି କେଉଁ କାରଣରୁ ଆମ ଏ ପଞ୍ଚାୟତରେ ପୁରୁଷମାନଙ୍କ ଅପେକ୍ଷା ସ୍ତ୍ରୀମାନଙ୍କ ସଂଖ୍ୟା ବହୁତ ବେଶି । ହଜାରେ ସ୍ତ୍ରୀ ଲୋକରେ ମୋଟେ ଆଠଶହ ଅଣାଅଶି ଜଣ ପୁରୁଷ ।

—ଜାଣେ । ଏକଥା ଆମ କ୍ୟାବିନେଟ୍ ମିଟିଂରେ ଆଲୋଚନା ହୋଇଥିଲା । କିନ୍ତୁ ଏଥିରେ ଅସୁବିଧା କ'ଣ ? ଆଉ ଗୋଟାଏ ହାଇସ୍କୁଲ ହବ କାହିଁକି ?

—ସହଜେ ତ ହାଇସ୍କୁଲରେ ପିଲା ଭର୍ତ୍ତି । ଦୁଇଟି ସିଫ୍‌ଟରେ ପଢ଼ା ହେଉଚି । ସେଥିରେ ହାଇସ୍କୁଲରେ ବି ପୁଅମାନଙ୍କ ଅପେକ୍ଷା ଝିଅମାନଙ୍କ ସଂଖ୍ୟା ବେଶି । ଶହେ ପିଲାରେ ପ୍ରାୟ ଷାଠିଏ ଝିଅ, ଚାଳିଶ ପୁଅ । ଏଇଟା ନାରୀ ସ୍ୱାଧୀନତାର ଯୁଗ । ସ୍କୁଲରେ ଝିଅଗୁଡ଼ାକ

Digitized by srujanika@gmail.com

ଟିକେ ଉପରମୁହାଁ ହୋଇଯାଇଛନ୍ତି । ଏଥିରେ ସୁଅମାନେ ତଳ ଏକକୋଣିଆ ହୋଇ ରହିଯାଉଛନ୍ତି । ତାଙ୍କ ନୈତିକ ବଳ ଭାଙ୍ଗିପଡ଼ୁଛି ।

ମନ୍ତ୍ରୀ ଟିକିଏ ଗମ୍ଭୀର ହୋଇଗଲେ । ମୁହଁ ତଳକୁ କରି ବସିଲେ । ସମସ୍ତଙ୍କ ଆଖି ମନ୍ତ୍ରୀଙ୍କ ଉପରେ । ସେମିତି ମୁହଁ ତଳକୁ କରି ମନ୍ତ୍ରୀ କଥା ଆରମ୍ଭ କଲେ :

—ଭାରି ଅସୁବିଧା କଥା । ଡ଼. ପି. ଆଇ କଡ଼ାଲୋକ । ନୂଆ ସ୍କୁଲ୍ ରେକଗ୍ନିସନ୍ ପାଇଁ ନାନା ଟେକ୍ନିକାଲ ଆପତ୍ତି ଡ଼. ପି. ଆଇ ଦପ୍ତରରୁ ଉଠିବ ।

ମନ୍ତ୍ରୀଙ୍କ ମନ୍ତବ୍ୟରେ ସମସ୍ୱରରେ ମୃଦୁ ପ୍ରତିବାଦ ସୂଚକ ଗୁଞ୍ଜନ ଉଠିଲା—ଆଜ୍ଞା, ଆପଣଙ୍କ ମୁହଁରୁ ଟିକିଏ ପ୍ରତିଶ୍ରୁତି ମିଳିଲେ ଡ଼. ପି. ଆଇ କାହିଁକି !! ···ମନ୍ତ୍ରୀଙ୍କ ମୁଖରେ ବି ଟିକିଏ ମୃଦୁ ହସ ଚହଟିଲା । କହିଲେ—ନାଇଁ ନାଇଁ, ସେକଥା ନୁହେଁ ଯେ, ମୁଁ କେତେ ପ୍ରତିଶ୍ରୁତି ଦେବି ? ଏଁ ? କୁହନ୍ତୁ, କେତେ ପ୍ରତିଶ୍ରୁତି ଦେବି ?

ମନ୍ତ୍ରୀଙ୍କ କଥାରେ ଉପସ୍ଥିତ ସମସ୍ତଙ୍କ ମୁହଁରେ ଟିକିଏ ହତାଶାଭାବ ଖେଳିଗଲେ ବି କେହି ସମ୍ପୂର୍ଣ୍ଣ ଆଶାଶୂନ୍ୟ ହୋଇପଡ଼ିନାହାନ୍ତି । କାହାରି ମୁହଁରେ କଥା ନାହିଁ । ତେବେ ପ୍ରାୟ ସମସ୍ତଙ୍କ ପାଟି କିଛିଟା ଆଁ ହୋଇ ରହିଛି । ଅବସ୍ଥାଟା ମନ୍ତ୍ରୀ ଉପଲବ୍ଧି କଲେ—ନାଇଁ ନାଇଁ, ଆପଣମାନେ କିଛି ଭାବନ୍ତୁ ନାହିଁ । ମୁଁ ···ମୁଁ ଦେଖିବି, ଅନୁଧ୍ୟାନ କରିବି, ନିଷ୍ଚୟ ବିଚାର କରିବି ।

ଏଇ ପ୍ରତିଶ୍ରୁତି ଦେଇ ମନ୍ତ୍ରୀ ରାଜଧାନୀକୁ ବାହୁଡ଼ିଗଲେ । ଯଥା ସମୟରେ ପୁଣି ଆସିଲେ । କିନ୍ତୁ ଏଥର ମନ୍ତ୍ରୀ ତାଙ୍କ ଘର ଭିତରକୁ ଯାଇ ଆଉ ପଦାକୁ ବାହାରିଲେ ନାହିଁ । ସମୟ ବିତିଯାଉଛି—ବାହାରେ ଲୋକେ ଅସ୍ଥିର ହୋଇଉଠୁଚନ୍ତି ।···କବାଟ ଖୋଲିଲା—ମନ୍ତ୍ରୀ ଘରୁ ବାହାରି ସିଧା କାର୍ ପାଖକୁ ଗଲେ । ପଛେ ପଛେ ଲୋକମାନେ ବି ଗଲେ । କାର୍ ଦରଜା ଖୋଲିଲା । ମନ୍ତ୍ରୀ କାର୍‌ରେ ବସିବା ପୂର୍ବରୁ ସେଇଠି ଟିକିଏ ଅଟକିଯାଇ କହିଲେ—କୁହନ୍ତୁ, ଏଥର ଆଉ କି ପ୍ରତିଶ୍ରୁତି ଦେବି ?

ଲଜ୍ଜାନତ ବଧୂପରି ସମସ୍ତଙ୍କ ମୁହଁ ତଳକୁ ହୋଇଗଲା—କିନ୍ତୁ କଥା ଅଟକିଲା ନାହିଁ ।

—ଆମର ଯୋଉ ହେଲ୍‌ଥ ସେଣ୍ଟର ହବ, ସେଠିକି କେହି ପୁରୁଷ-ଡାକ୍ତର ଆସିବେ ନାହିଁ ।

—ପୁରୁଷ-ଡାକ୍ତରମାନେ ତ ଗାଁଗଣ୍ଡାକୁ ଆସିବେ ନାହିଁ ବୋଲି ତାଙ୍କ ନିଜ ପକ୍ଷରୁ ମନା-କରିଦଉଚନ୍ତି । ଆପଣମାନେ ଆଉ ନୂଆ କଥା କ'ଣ କହିଲେ ?

—ସେଥିପାଇଁ ତ ଆମେ କହୁଚୁ ଆମ ସେଣ୍ଟରକୁ ଡାକ୍ତରାଣୀଟିଏ ଆସନ୍ତୁ ।

—ପାଗଳ ! ଡାକ୍ତରାଣୀ କାହାନ୍ତି ?

—ଅଛନ୍ତି ସାର୍ ! ଆମେ ଠିକ୍ କରି ରଖିଚୁ ।

—ମାନେ ?

Digitized by srujanika@gmail.com

—ଆମ ଏଇ କୁମ୍ଭାରଚକ ଗାଁର ବୁଲେଇ ମହାରଣାଙ୍କ ଝିଅ ଶୈଳବାଳା ଡାକ୍ତରାଣୀ ହୋଇଚ ।

—ସିଏ ତ ଏଇ ଛଅମାସ ହେଲା କୋରାପୁଟ ବଦଳି ହୋଇଗଲାଣି । ଏଇଟା ଗୋଟାଏ ପନିଶମେଣ୍ଟ (Punishment) ବଦଳି ।

—ଆଜ୍ଞା, ଆଜ୍ଞା, ମାଇପି ଲୋକ, ଛଅମାସ ପନିଶ୍‌ମେଣ୍ଟ ଭୋଗିଲେଣି—ଆଉ କେତେ-ଦଣ୍ଡ ଭୋଗିବେ ।

—ଉହୁଁ ! ଇଏ ହୋଇପାରିବ ନାହିଁ । ଛଅ ମାସରେ ପୁଣି ବଦଳି !

—ସାର୍, ଛଅଦିନରେ ବଦଳି ସବୁ ହଉଚ—ଇଏ ତ ଛଅମାସ ହେଲାଣି । ଏଇଟା ଆପଣଙ୍କ ନିଜ ହାତର କଥା । ଶୈଳବାଳାର ସ୍ୱାମୀ ନିଜେ ପଇସା ଖର୍ଚ୍ଚ କରି ସମାଜ ମଙ୍ଗଳ କାମ ସବୁ କରୁଚ । ଶୈଳ ଏଠିକି ଆସିଲେ ହେଲ୍‌ଥ ସେଣ୍ଟରର କାମ ଠିକ୍ ଚାଲିବ । ଆପଣଙ୍କ ନାଁ ରହିବ ।

ମନ୍ତ୍ରୀ ଗାଡ଼ି ଭିତରେ ବସିଲେ । ଦରଜା ବନ୍ଦ ହେଲା । ଗାଡ଼ି ଷ୍ଟାର୍ଟ ହେଲା । ଚକ ଗଡ଼ିବା ପୂର୍ବରୁ ମନ୍ତ୍ରୀ ଏମାନଙ୍କ ଆଡ଼କୁ ଚାହିଁ 'ହଉ' ଟିଏ କହି ବିଦାୟ ନେଲେ ।

ପ୍ରାୟ ଗୋଟିଏ ବର୍ଷ ଭିତରେ ଗୋଟିଏ ଅଞ୍ଚଳର ଉନ୍ନତି ବିଧାନ ପାଇଁ ମନ୍ତ୍ରୀ ଚାରୋଟି ପ୍ରତିଶ୍ରୁତି ଦେଲେ । ଏଇଠି କଥାଟାକୁ ଆମେ ଟିକିଏ ବିଚାର କରିବା···କୁହନ୍ତୁ ତ, ଏମିତି କେଉଁ କ'ଣ ମନ୍ତ୍ରୀ ଅଛନ୍ତି, ଯିଏ ଗୋଟିଏ ଅଞ୍ଚଳର କାମ ପାଇଁ ବର୍ଷକ ଭିତରେ ଚାରୋଟି ପ୍ରତିଶ୍ରୁତି ରକ୍ଷା କରିପାରିବେ ! ପୁଣି ଏମିତି ବା କୋଉ ମନ୍ତ୍ରୀ ଅଛନ୍ତି, ଯିଏ ନିଜ ନିର୍ବାଚନ ମଣ୍ଡଳୀର ଭୋଟଦାତାମାନଙ୍କୁ ଚାରୋଟି କ'ଣ, ଦରକାର ପଡ଼ିଲେ ଚାଳିଶଟି ପ୍ରତିଶ୍ରୁତି ଦେବାକୁ ବାଧ୍ୟ ନହେବେ ! ଦେଖାଯାଉ ମନ୍ତ୍ରୀ ଏଥର ଆସି କ'ଣ କହୁଛନ୍ତି ।

ଯଥାସମୟରେ ମନ୍ତ୍ରୀ ପୁଣି ଆସିଲେ । ପୂର୍ବଥର ମାନଙ୍କରେ ଆସିଲାବେଳେ 'ପ୍ରତିଶ୍ରୁତି' ଆଶଙ୍କାରେ ତାଙ୍କ ମୁହଁ ହୁଏତ ଟିକିଏ ଶୁଖିଲା ଦିଶୁଥାଏ । ଏଥରକ ବେଶ୍ ଫୁର୍ତ୍ତିରେ ସେ ଆସିଲେ । ମନ୍ତ୍ରୀଙ୍କ ଫୁର୍ତ୍ତିଭାବ ଦେଖି ଲୋକମାନେ ବି ଉତ୍‌ଫୁଲ୍ଲିତ ହୋଇଉଠିଲେ । ମନ୍ତ୍ରୀ ଆଗେ କଥା ଆରମ୍ଭ କଲେ :

—ଖବରଟା ଏଠି ପହଞ୍ଚି ନାହିଁ ?

—କଟକ ପାରାଦୀପ ରାସ୍ତାରେ ଗୋଟିଏ ଟ୍ରକ୍, ଗୋଟାଏ ବସ୍, ଗୋଟାଏ ଟ୍ରେକର; ଆଉ ଗୋଟାଏ ସ୍କୁଟର ଏକାଠି ଧକ୍‌କା ଲାଗି ଚାରିଏ ଲୋକ ହତାହତ ହୋଇଚନ୍ତି, ଏଇ ଖବର ?

—ନାଇଁ, ନାଇଁ ! ଏ ଖବରଟା ଆଜି ସନ୍ଧ୍ୟା ଆଞ୍ଚଳିକ ସମ୍ବାଦରେ ଶୁଣିବେ । ଆଜି ମନ୍ତ୍ରୀମଣ୍ଡଳରେ ଆଉ ଆଠ ଜଣ ନୂଆ ମନ୍ତ୍ରୀ ନିଆଯାଇଚନ୍ତି ।

—ଆଠ ଜଣ ନୂଆ ମନ୍ତ୍ରୀ !

Digitized by srujanika@gmail.com

—ହଁ, ଆଠ ଜଣ । ବର୍ତ୍ତମାନ ବିଭାଗ ଅପେକ୍ଷା ମନ୍ତ୍ରୀଙ୍କ ସଂଖ୍ୟା ପ୍ରାୟ ବେଶି ହୋଇଗଲା । ସେଥିପାଇଁ ମୋ ହାତରୁ ଶିକ୍ଷା ଆଉ ସ୍ୱାସ୍ଥ୍ୟ ଏ ଦୁଇଟି ବିଭାଗ କାଢ଼ି ନିଆହୋଇଛି ।

ସମସ୍ୱରରେ ଆକୁଳ ରବ—ଏଁ…ଏଁ…ଏଁ !

—ଶୁଣନ୍ତୁ, ଆପଣମାନେ ବ୍ୟସ୍ତ ହୁଅନ୍ତୁ ନାହିଁ ।

—ବ୍ୟସ୍ତ ନ ହେବୁ କେମିତି ଆଜ୍ଞା ? ଆମ ଏ ଅଞ୍ଚଳରେ ଡିଗ୍ରୀ କଲେଜ, ଗାର୍ଲସ୍ ହାଇସ୍କୁଲ, ହେଲ୍‌ଥ ସେଣ୍ଟର, ଆମ ଶୈଳ ଡାକ୍ତରଣୀ…

—ଏସବୁ ଫାଇଲ୍ ତ ଏପର୍ଯ୍ୟନ୍ତ ପ୍ରସେସିଙ୍ଗ୍ ଷ୍ଟେଜ୍‌ର ଆରମ୍ଭରେ ମାତ୍ର ରହିଛି । ଶିକ୍ଷା ଆଉ ସ୍ୱାସ୍ଥ୍ୟ ବିଭାଗ ଦୁଇଟି ଦୁଇଜଣ ନୂଆ ମନ୍ତ୍ରୀଙ୍କ ହାତକୁ ଗଲା ।

—ଏ ନୂଆ ମନ୍ତ୍ରୀଙ୍କ ପାଖରେ ଆମ ଫାଇଲ ପେଶ୍ ହବ ତ ?

—ଫାଇଲ୍ ତ ନିଶ୍ଚୟ ପେଶ୍ ହେବ । କିନ୍ତୁ ସିଏ ବୁଝିବେ କି ନ ବୁଝିବେ, ସେ ପ୍ରତିଶ୍ରୁତି ମୁଁ କେମିତି ଦେବି କୁହନ୍ତୁ ? ମୋ ହାତରେ ବିଭାଗ ଥିବା ପର୍ଯ୍ୟନ୍ତ ମୁଁ ତ ପ୍ରତିଶ୍ରୁତି ଦେବାରେ କେବେ ହେଳା କରିନାହିଁ ।…ତେବେ ଗୋଟିଏ ଶୁଭ ସମ୍ବାଦ—ମୋ' ହାତରେ ବର୍ତ୍ତମାନ ଜଙ୍ଗଲ ବିଭାଗ ରହିଛି ।

ମନ୍ତ୍ରୀଙ୍କ ହାତରେ ଜଙ୍ଗଲ ବିଭାଗଟି ରହିଛି—ଏ କଥାଟି କାହିଁକି ଓ କିପରି ଶୁଭ ସମ୍ବାଦ, ଲୋକେ ଠିକ୍ ବୁଝିପାରିଲେ ନାହିଁ । ଗୋଟାଏ କଥା ବୁଝି ନପାରିଲେ ଯେଉଁ ଅବସ୍ଥାର ସୃଷ୍ଟି ହୁଏ, ତାହାହିଁ ହେଲା—ଲୋକେ ନିଜ ନିଜ ଭିତରେ ଫୁସ୍‌ଫାସ୍ ହେଲେ । ମନ୍ତ୍ରୀଙ୍କୁ ଏଇଟା ଅସ୍ୱସ୍ତିକର, ଏମିତିକି ଅପ୍ରୀତିକର ବୋଧ ହେଲା । ସେ ଆଉ ନୀରବ ରହିପାରିଲେ ନାହିଁ । ସେ ଟିକିଏ ବକ୍ତୃତା ଦେବା ଢଙ୍ଗରେ କହିଲେ—ଆପଣମାନେ ଫୁସ୍ ଫୁସ୍ ହୁଅନ୍ତୁ ନାହିଁ । ଏଇଟା ଭଲ କଥା ନୁହେଁ । କୁହନ୍ତୁ, ଆପଣମାନେ କ'ଣ ମୋ କଥାଟା ବୁଝିପାରିଲେ ନାହିଁ ?

କିଏ ଜଣେ ଅତି କ୍ଷୀଣ ଗଳାରେ କହିଲା—ନାଇଁ ଆଜ୍ଞା ।

—କାହିଁକି, କି ଅବୋଧ୍ୟ କଥାଟା ମୁଁ କହିଲି ? ଏଁ ?…ମୁଁ କହିଲି ଯେ ମୁଁ ଜଙ୍ଗଲ ବିଭାଗ ମନ୍ତ୍ରୀ । ମୋ ହାତରେ ଜଙ୍ଗଲ ସମ୍ପଦ ।

ଜଣେ ଉତ୍ସାହୀ ପୁରୁଷ ଉଠିପଡ଼ି ବେଶ୍ ଉଚ୍ଚଗଳାରେ କହିଲେ—ବୁଝିଗଲୁ ଆଜ୍ଞା, ବୁଝିଗଲୁ । ଆପଣଙ୍କ ହାତରେ ଜଙ୍ଗଲ ସମ୍ପଦ । ଆମେ ଏଠି ବିଡ଼ି କାରଖାନା ଖୋଲିଲେ ସୁବିଧାରେ କେନ୍ଦୁପତ୍ର ପାଇପାରିବୁ ।…ଏ କଥାରେ ତାଳଦେଇ ଆଉଜଣେ କହିଲେ— ଠିକ୍ କଥା ମନ୍ତ୍ରୀ ମହୋଦୟ, ଆମ ପଞ୍ଚାୟତ ଇଲାକା ଭିତରେ କଟକ-ପାରାଦୀପ ରେଲ୍‌ଲାଇନ୍ ଯାଇଛି । ଜଙ୍ଗଲଜାତ ଜିନିଷ ଆଣିବାରେ କିଛି ଅସୁବିଧା ହେବ ନାହିଁ । ଆମର ଏଠି ସ୍କୁଲ୍, କଲେଜ, ହେଲ୍‌ଥ ସେଣ୍ଟର ପଛେ ନ ହେଉ, ଶୈଳ ଡାକ୍ତରଣୀ ନ ଆସୁ, ଆମ ଘର ତିଆରି ପାଇଁ କାଠପଟାର ଆଉ ଅଭାବ ରହିବ ନାହିଁ ।…“ସବୁଠୁ ବଡ଼କଥା”—ଜଣେ କିଏ ଲୋକଗହଳି ଭିତରୁ କହିଉଠିଲେ—“ସବୁଠୁ ବଡ଼କଥା, ଜାଳେଣି କାଠ । ଆମର

Digitized by srujanika@gmail.com

ଏଠି ଜାଳେଣି କାଠର ବଡ଼ ଅଭାବ । ଲୁଗୁଗ୍ରେସ୍‌ରେ ଇଲେକ୍‌ଟ୍ରିକ୍ ଲାଇନ୍ ଆଣି, ଘରେ ଘରେ ହିଟର ଜଳେଇ ରନ୍ଧାବଢ଼ା କାମ ଚାଲିଛି । ଶୁଣାଯାଉଚି, ଏଣିକି ଦିନକୁ ବାର ଘଣ୍ଟାରୁ ଅଠର ଘଣ୍ଟା ବିଜୁଳି ସପ୍ଲାଇ ବନ୍ଦ ହେବ । ହଉ, ଚିନ୍ତା କ'ଣ ? ଆପଣଙ୍କ ହାତରେ ସାର୍ ଜଙ୍ଗଲ ବିଭାଗ । ଆପଣଙ୍କ ଜଙ୍ଗଲରୁ କଟକ-ପାରାଦୀପ ରେଲ୍ ଲାଇନ୍‌ରେ ଗୋଟାଏ ପୁରା ମାଲ୍‌ଗାଡ଼ି ବୋଝେଇ ଜାଳେଣି କାଠ ଆସିଲେ, ଆମ ଏ ସାରା ପଞ୍ଚାଏତ୍‌…"

ମନ୍ତ୍ରୀ ବାଧା ଦେଲେ—ଶୁଣନ୍ତୁ, ଆପଣମାନେ ଭୁଲ୍ କହୁଛନ୍ତି, ଭୁଲ୍ ବାଟରେ ଯାଉଚନ୍ତି—ଯାହାକୁ କୁହନ୍ତି ନେଗେଟିଭ୍ ଆପ୍ରୋଚ୍ । ବର୍ତ୍ତମାନ ମନଇଚ୍ଛା ଜଙ୍ଗଲ କଟାଯାଉଚି ବୋଲି ସବୁଆଡ଼େ ପ୍ରତିବାଦ ହେଉଚି—ସରକାର ଚିନ୍ତିତ ହୋଇପଡ଼ିଚନ୍ତି । ଅଥଚ ଆପଣମାନେ କହୁଚନ୍ତି, ଗୋଟାଏ ଟ୍ରେନ୍‌ବୋଝେଇ ଜାଳେଣିକାଠ ଏଠିକି ଆସିବ ।

—ଆପଣ ସାର୍ ଜଙ୍ଗଲ ବିଭାଗ ମନ୍ତ୍ରୀ ବୋଲି ଆମେ ଏ କଥା କହିଲୁ ନା !

—ସେଇ ଜଙ୍ଗଲ ବିଭାଗ ମନ୍ତ୍ରୀ ଭାବରେ ମୁଁ କହୁଚି, ଏବେ ସରକାରଙ୍କ ସ୍ଲୋଗାନ୍ ହେଲା—ଜଙ୍ଗଲ ବଢ଼ାଅ, ଲକ୍ଷ ଲକ୍ଷ ସଂଖ୍ୟାରେ ଗଛ ଲଗାଅ, ପରିବେଶକୁ ସୁନ୍ଦର ସବୁଜ ରଖ ।

—ଆଜ୍ଞା, ଆଜ୍ଞା, ଯୋଉଠି ସିନା ଜଙ୍ଗଲ ଅଛି କି ଯୋଉଟା ଜଙ୍ଗଲ ଏରିଆ, ସେଠି ସିନା ଜଙ୍ଗଲ ବଢ଼ିବ—ଆମର ଏ ଏରିଆରେ ଆମେ ଜଙ୍ଗଲ କ'ଣ ଦେଖିନୁ ।

—ଓହୋ, ଜଙ୍ଗଲର ଉପକାରିତା ଜାଣିବେ କ'ଣ । ସେଥିପାଇଁ ଆମର ଏ ଅଞ୍ଚଳରେ ସ୍ଲୋଗାନ୍ ହେବା ଉଚିତ ଯେ ଲକ୍ଷ ଲକ୍ଷ ସଂଖ୍ୟାରେ ଗଛ ଲଗାଅ । ଜଙ୍ଗଲ ତିଆରି କର । ଏଥିପାଇଁ ଟଙ୍କାର ଆଦୌ ଅଭାବ ନାହିଁ । କେନ୍ଦ୍ର ସରକାର ବହୁତ ଟଙ୍କା ମଞ୍ଜୁର କରିଛନ୍ତି ।

ଏଥର ଲୋକଙ୍କ ଭିତରେ ଟିକିଏ ସାହସପୂର୍ଣ୍ଣ ଫୁସ୍‌ଫାସ୍ ଚାଲିଲା । ମନ୍ତ୍ରୀ କହୁଚନ୍ତି ଟଙ୍କାର ଅଭାବ ନାହିଁ । ସ୍ଥାନୀୟ ବାସିନ୍ଦା ଭାବରେ ଠିକାଦାରୀଟା ଆମମାନଙ୍କୁ ମିଳିଯିବ । ଜଙ୍ଗଲ ହେଲେ ହରିଣ ରହିବେ । ରାତିଅଧିଆ ହରିଣ ଶିକାର । ଲୁଗୁଗ୍ରେସ୍ କାଠହଣା ତ ନିତିଦିନିଆ କାରବାର ।…ଲୋକମାନଙ୍କ ମୁହଁ ଆଖିରେ ଏ ଅର୍ଥପୂର୍ଣ୍ଣ ପ୍ରତିକ୍ରିୟାକୁ ମନ୍ତ୍ରୀ ଠିକ୍ ବୁଝିପାରିଚନ୍ତି । ଟିକିଏ ସ୍ମିତ ବଦନରେ ପ୍ରଶ୍ନ କଲେ—ପୁଣି କି ଫୁସ୍‌ଫାସ୍ ?

—ନାଇଁ ଆଜ୍ଞା, ଆପଣ ଠିକ୍ କହୁଚନ୍ତି ଯେ, ହେଲେ ଜଙ୍ଗଲ କୋଉଠି ହବ ?…ମନ୍ତ୍ରୀ ଆହୁରି ଉତ୍ସାହିତ ହୋଇ କହିଲେ—ସେଇ କଥା ! ଜଙ୍ଗଲ କୋଉଠି ହବ ? ଏବେ ତ ଚକବନ୍ଦୀ କାମ ଚାଲିଚି । ପ୍ରଥମେ ଆମ ଏ ପଞ୍ଚାଏତର ଏକ ନମ୍ବର ଓ୍ୱାର୍ଡ଼ରୁ ଆରମ୍ଭ କରିବା ।

…ଉପସ୍ଥିତ ଏକନମ୍ବର ଓ୍ୱାର୍ଡ଼ର ଜଣେ ବାସିନ୍ଦା ଖୁସିରେ ଫାଟିପଡ଼ି କହିଲା—ହଁ ସାର୍ ! ଆମ ଗାଁ ଏକ ନମ୍ବର ଓ୍ୱାର୍ଡ଼ରେ । ସେଇଠୁ ଆରମ୍ଭ କରନ୍ତୁ ।

—ଭଲ । ଏକ ନମ୍ବର ଓ୍ୱାର୍ଡ଼ରେ କେତୋଟି ଗାଁ ?

—ଆଠଟି ।

ମନ୍ତ୍ରୀ ଆହୁରି ଉତ୍ସାହିତ ହୋଇ କହିଲେ—ବେଶ୍, ଆମର ଏ ଅଞ୍ଚଳରେ ତ ପଡ଼ିଆ

Digitized by srujanika@gmail.com

ଜମିର ଅଭାବ । ଆପଣଙ୍କ ଏକନମ୍ବର ଓ୍ୱାର୍ଡ଼ ଆଠଟି ଗାଁରୁ ଯଦି ଗାଁ ପିଛା ପାଞ୍ଚ ସାତ ଏକର ଚାଷଜମି ଚକବନ୍ଦୀ ମାର୍ଫତ୍‌ରେ ଛାଡ଼ିଦିଆଯାଏ, ତେବେ ପ୍ରଥମେ ଆମେ ପ୍ରାୟ ପଚାଶ ଏକର ଜମିରେ ଗୋଟିଏ ସୁନ୍ଦର ଜଙ୍ଗଲ ବଢ଼େଇ ପାରିବା ।

ଏକ ନମ୍ବର ଓ୍ୱାର୍ଡ଼ର ସେଇ ଲୋକଟି ଏଥର ଆତଙ୍କରେ ଚିତ୍କାର କରିଉଠିଲା—ମାରି-ଦେଲେ ଆଜ୍ଞା ! ଧାନ ଜମିରେ ଜଙ୍ଗଲ !! ରବି, ଶାରଦ, ଡାଲୁଅ ଫସଲରେ ଆମ ଏ ଅଞ୍ଚଳଟା ସୁନାଥାଳି । ଏ ପାଖରେ ତାଳଦଣ୍ଡା କେନାଲ, ସେ ପାଖରେ ମାଛଗାଁ କେନାଲ । ଏଇଟା ଜଳସେଚିତ ଅଞ୍ଚଳ । ଆପଣଙ୍କ ଜଙ୍ଗଲ ସ୍ଲୋଗାନର କାହିଁ କେତେ ଆଗରୁ ଆମର ଏଠି ସରକାରୀ ସ୍ଲୋଗାନ୍ ଦିଆଗଲା—ଫସଲ ଉତ୍ପାଦନ ବଢ଼ାଅ—ଖାଦ୍ୟ ଅମଳରେ ଦେଶକୁ ସ୍ୱାବଲମ୍ବୀ କର । ଆମେ ସେଥିରେ ଭାସିଯାଇ, ସବୁଜ ପରିବେଶକୁ ଖାତିର ନ କରି, ଆମର ଯାହା ଛୋଟା ବାରିବଗିଚା ଥିଲା, ସେ ସବୁକୁ କାଟିକୁଟି ସାଫ୍‌କରି ସେ ଜମିରେ ଧାନଚାଷ କଲୁ । ଆଳୁ, କୋବି, ପିଆଜ ଚାଷ କଲୁ । ସେଥିରେ ପୁଣି ପରିବାର ବଢ଼ିଗଲେ ଜମି ଅଣ୍ଟିବ ନାହିଁ । ଯାହା ଜମି ଅଛି, ସେଥିରେ ଧାନ ଫଳୁନାହିଁ ଯେ ଆମ ପାଇଁ ସୁନା ଫଳୁଛି । ଆଉ ଆପଣ ଆଜ୍ଞା କହୁଛନ୍ତି ଯେ, ଆମେ ସେଇ ଜମିରେ ଫସଲ ନକରି ଜଙ୍ଗଲ ବଢ଼େଇବୁ !

ଜଣାଗଲା, ମନ୍ତ୍ରୀ ଏଥିରେ ଉପରେ ଉପରେ ଆହତ ହୋଇଥିଲେ ବି ଭିତରେ ଭିତରେ ଆଶ୍ୱସ୍ତ ହୋଇଛନ୍ତି । ଶାନ୍ତ ଗଳାରେ ସେ କହିଲେ—ମତେ କେହି ଭୁଲ ବୁଝନ୍ତୁ ନାହିଁ । ଦେଶର ଉନ୍ନତି ପାଇଁ ଫସଲ ଯେମିତି ଦରକାର—ଜଙ୍ଗଲ ମଧ୍ୟ ସେମିତି ଦରକାର । ସେଥି-ପାଇଁ ମୁଁ କହୁଥିଲି—(ଟିକିଏ ରହି) ନା, ମୋର ଆଉ କିଛି କହିବାର ନାହିଁ । ମତେ ଏବେ ଆପଣମାନେ କୁହନ୍ତୁ ମୁଁ ଆଉ ଅଧିକ କ'ଣ କରିପାରିବି ? ଆଉ କି ପ୍ରତିଶ୍ରୁତି ଦେବି ? ମୋ' ହାତରେ ତ ଖାଲି ଜଙ୍ଗଲ ବିଭାଗ···

କିଛି କ୍ଷଣ ନୀରବତା । ତା'ପରେ ଗୋଟିଏ କୁଣ୍ଠିତ ଗଳାରୁ ଉତ୍ତର ଆସିଲା—ଆମେ ଆପଣଙ୍କ ଅସୁବିଧା ବୁଝିପାରୁଛୁ । ଆପଣ ଆଉ କ'ଣ କରିବେ ? ତା' ଅପେକ୍ଷା ଆମେ ଆପଣଙ୍କୁ ପ୍ରତିଶ୍ରୁତି ଦେଉଛୁ ଯେ, ଆପଣ ଏଇ ଜଙ୍ଗଲ ବିଭାଗ ମନ୍ତ୍ରୀ ଥିବାଯାଏ ଆପଣଙ୍କଠାରୁ ଆମେ କିଛି ପ୍ରତିଶ୍ରୁତି ଚାହିଁବୁ ନାହିଁ ।

ଜମିରେ ଜଙ୍ଗଲ ସୃଷ୍ଟି କରିବାପାଇଁ କାଳେ ମନ୍ତ୍ରୀ ବାଧ୍ୟ କରିବେ, ଏଇ ଆଶଙ୍କାରୁ ମୁକ୍ତ ହୋଇ ଲୋକମାନେ ଶାନ୍ତିରେ ନିଃଶ୍ୱାସ ମାରି ନିଜ ନିଜ ଘରକୁ ଫେରିଲେ । ମନ୍ତ୍ରୀ ମଧ୍ୟ ପ୍ରତିଶ୍ରୁତି ମୁକ୍ତ ହୋଇ, ଶାନ୍ତିରେ ନିଃଶ୍ୱାସ ମାରି, ଘରଭିତରକୁ ଗଲେ ।

ତା' ହେଲେ ? ଆମ ଦେଶରେ ଯେତେବେଳେ ସେ ଦିନର ଭଦ୍ର ମର୍ଯ୍ୟାଦା ସମ୍ପନ୍ନ 'ପ୍ରତିଶ୍ରୁତି'ର ଏ ଦୟନୀୟ ଅବସ୍ଥା, ଆମେ କେମିତି କି ସମ୍ବଳର ପ୍ରତିଶ୍ରୁତି ନେଇ ଏକବିଂଶ ଶତାବ୍ଦୀକୁ ଯାତ୍ରା କରିବା, ସେ କଥା ଅତି ସିରିୟସ୍‌ଲି ଚିନ୍ତା କରିବାକୁ ପଡୁଛି ।

Digitized by srujanika@gmail.com

ନାକ ଓ ବ୍ଲାକ୍

ଛୁଟିଦିନ—ଅତଏବ ଘରେ ଖଟଣି ବେଶି । କିନ୍ତୁ ଏ ଖଟଣିରେ ଆନନ୍ଦ ଥାଏ—ଆମୋଦ ଥାଏ । ତା'ର ଏକମାତ୍ର କାରଣ ହେଲା ଗୃହିଣୀଙ୍କ ଅବାରିତ ସାନ୍ନିଧ୍ୟଲାଭ । ସେ କାମ କରୁଥିବେ, କଥା କହୁଥିବେ, ଏ ଘରୁ ସେ ଘର ହେଉଥିବେ । ତାଙ୍କ କଥା ଯାହା ଉଦ୍ଦେଶ୍ୟରେ କୁହାହୋଇଥାଉନା କାହିଁକି ମୁଁ ତାଙ୍କ କଥାର ଉତ୍ତର ଦେବା ବାହାନାରେ ତାଙ୍କ ପଛେ ପଛେ ବୁଲୁଥିବି, ପଦେ ପଦେ କହୁଥିବି, ଏଘର ସେଘର ହେଉଥିବି । ଏଇ ପ୍ରକ୍ରିୟାରେ ରନ୍ଧାଘର ଭିତରେ ସମାବେଶଟା ଖୁବ୍ ରୋମାଞ୍ଚକ । ···ଆଜି ଅଫିସ୍ ଛୁଟି ସିନା, ଆମ ଝିଅ ନନ୍ଦୁର କଲେଜ୍ ଛୁଟି ନୁହେଁ । ସେ କଲେଜ ଯିବାପାଇଁ ତରତର । ସିଏ ତରତର ବୋଲି ତା' ବୋଉ ତରତର । ଆଉ ମୁଁ ତାଙ୍କୁ ଏ ତରତର ଅବସ୍ଥାରୁ ଉଦ୍ଧାର କରିବାପାଇଁ ରୋଷେଇ ଘରେ ତାଙ୍କ ହାତରୁ ଲୁହା ଖଡ଼ିକାଟି ନେଇ ମାଛଭଜାର ଦାୟିତ୍ୱ ନେଇଗଲି । ମାଛ ଭଜାରେ ମୋର ନିପୁଣତା ତାଙ୍କୁ ଅଗୋଚର ନୁହେଁ । ମୋ ହାତରେ ଖଡ଼ିକା ଦେଖି, ସେ ଖୁସିର ହସ ଟିକିଏ ହସିପକେଇ, ତେଲଶିଶିଟାରେ ଠିପି ବନ୍ଦ କରି ଥାକରେ ରଖି, କାଚର ଲୁଣଗିନାଟାକୁ କାନ୍ଥ କରକୁ ଘୁଞ୍ଚେଇଦେଇ, ଆଇଁଷବାସନ ଦି'ଖଣ୍ଡ ଯଥାସ୍ଥାନରେ ରଖି ହାତ ଧୋଇପକେଇ ପୂର୍ବପର କଥା କହୁ କହୁ ଅନ୍ୟ ଘରକୁ ଚାଲିଗଲେ । ମୁଁ ଟିକିଏ ଅପେକ୍ଷା କଲି । ରୋଷେଇଘରେ ରୋମାଞ୍ଚକ ପରିବେଶ କୁଆଡ଼େ ଉଭେଇଗଲା । ମାଛ ଭଜାରେ ଆଉ ଉତ୍ସାହ ନାହିଁ । ରନ୍ଧନଶାଳାରେ ସିଏ ନରହିଲେ ମୁଁ ବା କେମିତି ରହିବି ! ଖଡ଼ିକାଟିକୁ ଯଥାସ୍ଥାନରେ ରଖି ଅନ୍ୟ ଘରକୁ ଯାଇ ତାଙ୍କ ପଛପଟରେ ଠିଆହେଲି ।···ରୋଷେଇଘରୁ ମାଛ ଭଜାର ଉତ୍କଟ ବାସ ଆସିଲା । ସିଏ ପାଟି କରିଉଠିଲେ—ଆରେ ଆରେ ଚୁଲି କମେଇଦିଅ, ନହେଲେ କଡ଼େଇଟା ଓଲଟେଇ ପକାଅ । ମାଛ ପୋଡ଼ିଯାଉଚି ।···ନନ୍ଦୁ ହସିଉଠି କହିଲା—ବୋଉ, ବାପା ପରା ତୋ' ପଛରେ ଠିଆହେଇଚନ୍ତି, କହୁଚୁ କାହାକୁ ? ···ଯଥାସମୟରେ ଏଇସବୁ ମଧୁସିକ୍ତ ଜଞ୍ଜାଳରୁ ମୁକ୍ତହୋଇ ଓ ଭୋଜନ ବେଳେ ଗୃହିଣୀଙ୍କର ପରିଚର୍ଯ୍ୟାରେ ତୃପ୍ତହୋଇ ଟିକିଏ ଦିବା ବିଶ୍ରାମପାଇଁ ଖଟଉପରେ ଗଡ଼ିପଡ଼ିଲି । ହାତରେ ଖଣ୍ଡିଏ ପତ୍ରିକା । ସୂଚୀପତ୍ରରେ ପ୍ରବନ୍ଧ ବିଭାଗ ଉପରେ ଆଖିପଡ଼ିଲା । ପ୍ରଥମ ପ୍ରବନ୍ଧଟିର ନାମ ହେଉଚି—ନାକ ! ଟିକିଏ ହସିପକେଇଲି । ମାତ୍ର ସଙ୍ଗେ ସଙ୍ଗେ ପୃଷ୍ଠା ଖୋଲି ପଢ଼ା ଆରମ୍ଭ କଲି । ଯାହା ପଢ଼ିଲି ସେଥିରୁ ବୁଝିଲି, ଲେଖକ ସୁକାନ୍ତ କାନୁନ୍‌ଗୋ-

Digitized by srujanika@gmail.com

ଙ୍କର 'ନାକ' ଉପରେ ଏହା ଏକ ମୁକ୍ତ-ପ୍ରାଣ ଗବେଷଣାତ୍ମକ ପ୍ରବନ୍ଧ । ଗବେଷଣାଟା ଏଇ ମାର୍ଗରେ ଯାଇଚ—ଗୋଟିଏ ମୁଖ । ଧରନିଆଯାଉ ଗୋଟିଏ ନାରୀମୁଖ । ଆଖି, ଓଠ, କପୋଳ, ଗାଲ, ଚିବୁକ ପରି ନାକ ହେଉଚି ମୁଖମଣ୍ଡଳର ଏକ ଅଂଶ । ଗୋଟିଏ ମୁଖର ଆଖି ଗୋଟିଏ ଫୁଟିଯାଇଥିଲେ କି କପାଳ ଟିକିଏ ଅଣଓସାରିଆ ହୋଇଥିଲେ କି ଓଠ ଟିକିଏ ମୋଟାଳିଆ ହୋଇଥିଲେ କି ଗାଲ ଉପରେ ହନୁ ଟିକିଏ ବାହାରିପଡ଼ିଥିଲେ ସେ ମୁଖ ବିବାହ ବଜାରରେ ଚଳିଯିବ । କିନ୍ତୁ ନାକ ? ନାକର ତଳଅଂଶଟା ଏକାବେଳେକେ ଉଡ଼ିଯାଇ ଯଦି ଗ୍ରହଣଖଣ୍ଡି ହୋଇଯାଇଥାଏ, ତେବେ ସେ ନାକ ତ ନାକ, ସେ ମୁହଁ ଚନ୍ଦ୍ରମାଭଳି ଶୋଭାକର ହୋଇଥିଲେ ବି ସେ ନାକହୀନ ମୁହଁକୁ କେହି ଗ୍ରହିବେ ନାହିଁ । ଅନ୍ୟ କଥାରେ ମୁଖମଣ୍ଡଳର ଅନ୍ୟ ଅଂଶ ଅପେକ୍ଷା ନାକର ଆଦର ଯେମିତି ସବୁଠୁ ବେଶି । ନାକର ଦର ମଧ୍ୟ ସେମିତି ସବୁଠୁ ବେଶି । ଅନ୍ତତଃ ହେବାର କଥା । କିନ୍ତୁ ଯୁଗ ଯୁଗ ଧରି ଏଇ ମଣିପଜାତି ନାକ ପ୍ରତି ଚରମ ଅବହେଳା ଦେଖାଇଆସିଚି । କେମିତି ? ଏଇ ପ୍ରସଙ୍ଗଟା ପ୍ରବନ୍ଧର ଲେଖକ ବନ୍ଧୁ ସାକ୍ଷ୍ୟଲକ୍ଷ୍ୟ ଦେଇ ପ୍ରମାଣ କରିଦେଇଚନ୍ତି । ପ୍ରଥମେ ପୁରାଣ ଯୁଗ-କଥା ଧରାଯାଉ । ତ୍ରେତୟା ଯୁଗ । ପଞ୍ଚବଟୀ ବନ । କୁଟୀର ଦ୍ୱାରରେ ରାମ ସୀତା ବସିଚନ୍ତି । ମୋହିନୀ ରୂପ ଧାରଣ କରି ସୂର୍ପଣଖା ଆସିଲା । ରାମଚନ୍ଦ୍ରଙ୍କୁ ଦେଖିବାମାତ୍ରେ ତା'ର ତନୁ ମନ ପ୍ରେମରସରେ ଉଚ୍ଛୁଳିଉଠିଲା । ସେ ନବଦୂର୍ବାଦଳ କାନ୍ତି ରାଜୀବଲୋଚନଙ୍କ ସହିତ ନିଜର ବିବାହ ପ୍ରସ୍ତାବ ବାଢ଼ିଲା ।···ଏଇଟା କିଛି ନୂଆକଥା ନୁହେଁ, ପୁଣି ରାଜାମାନଙ୍କ ଉଆସରେ ଏକାଧିକ ରାଣୀ ରହିବାର ଦୃଷ୍ଟାନ୍ତ ରହିଆସିଚି । ତେବେ ବି ଶ୍ରୀରାମଙ୍କର ଯଦି ମନ ନମାନିଲା, ସେ ତାକୁ ଫେରାଇ ଦେଇପାରିଥା'ନ୍ତେ— କିମ୍ବା ଅନ୍ୟ କିଛି ଦଣ୍ଡ ଦେଇଥା'ନ୍ତେ । ହୁଏତ ତା' ଗ୍ରୀମୁଦାନ୍ତ ଦି'ଟା ଭାଙ୍ଗି ଦେଇପାରିଥା'ନ୍ତେ, କି ତାକୁ ହାତଖଣ୍ଡି କରି ଗ୍ରଡ଼ି-ଦେଇଥା'ନ୍ତେ ! ମାତ୍ର ସେ ତା' ନକରି ତା' ନାକଟାକୁ କଟାଇଦେଲେ !! ତା'ର ଏତେ ଏତେ ଅଙ୍ଗ ଅବୟବ ଥାଉ ଥାଉ ତା' ନାକଟା ପ୍ରତିହିଁ ସେ ଶତ୍ରୁତା ଆଚରଣ କଲେ ! ···ତା'ପରେ ଆମ ସାହିତ୍ୟର ସେଇ ମଧ୍ୟଯୁଗୀୟ ମହାକବିଗଣ—କବି ସମ୍ରାଟଙ୍କଠୁଁ ଆରମ୍ଭ-କରି କବିସୂର୍ଯ୍ୟ ପର୍ଯ୍ୟନ୍ତ ସେମାନଙ୍କ ନାୟିକାମାନଙ୍କ ରୂପ ଗରିମା ବର୍ଣ୍ଣନା ପାଇଁ ଉପମା ପ୍ରୟୋଗରେ ସେମାନେ ଶତମୁଖ ହୋଇଉଠିଚନ୍ତି—ମୁଖଚନ୍ଦ୍ରମା, ଏଣୀନୟନା, ନୀଳ ଭୁଜଙ୍ଗ ଭୃକୁ, କୁନ୍ଦଦନ୍ତ, କମ୍ବୋଷ୍ଠ, ବିମ୍ବୁଅଧର, କରପଲ୍ଲବ, ମୃଣାଳ ବାହୁ, ମୁକୁଳିତ ଗଣ୍ଡ, ଚୂର୍ଣ୍ଣ-କୁନ୍ତଳ, ପଦ୍ମପାଦ ଇତ୍ୟାଦି ଇତ୍ୟାଦି । ଆଉ ନାକ ! ନାକପାଇଁ କି ଉପମା ଥିଆରି କରି-ଚନ୍ତି ଜାଣନ୍ତି ?···ଖଣ୍ଡା—ଖଣ୍ଡାଧାରପରି ନାକ—ନହେଲେ ଶୁକଚଞ୍ଚୁ !! କୁହନ୍ତୁ ତ, ଖଣ୍ଡା ଆଉ ଶୁକଚଞ୍ଚୁ ପରି ଦୁଇଟା ଗୋଟିହୀନ ଅପାଙ୍କ୍ତେୟ ଶବ୍ଦ ନାସିକା ପରି ଏକ ସମ୍ଭ୍ରାନ୍ତ ଅବ-ୟବର ଉପମା ହେଇପାରେ ? ···ପୁଣି, ଆରବ୍ୟ ଉପନ୍ୟାସର ସେଇ ଅଦ୍ଭୁତ କାହାଣୀ ! ସେ କାହାଣୀ କଥା ଚିନ୍ତାକଲେ ଦେହ ଏବେ ବି ଶୀତେଇଉଠୁଚି । ଲୋକଟାର ହାତ ବଢ଼ିଲା ନାହିଁ କି ଗୋଡ଼ ବଢ଼ିଲା ନାହିଁ କି ମୁଣ୍ଡର ବାଳ ବଢ଼ିଲା ନାହିଁ । କାହାଣୀକାରଙ୍କ ନାକ

Digitized by srujanika@gmail.com

ପ୍ରତି ଅବିବେକପଣିଆ ଯୋଗୁଁ ତାଙ୍କ କାହାଣୀର ନାୟକର ନାକଟା ହିଁ ମାଇଲ ମାଇଲ ଧରି ଲମ୍ବି ଯାଇଥିଲା ! ହାୟରେ ନାକ ! ···ଏ ଯୁଗର ଆଧୁନିକା ତରୁଣୀମାନେ ବି ନାକପ୍ରତି କମ୍ ଅତ୍ୟାଚାର କରିନାହାନ୍ତି । ରୂପ ସଜ୍ଜାପାଇଁ ତାଙ୍କର କପୋଳପାଇଁ ଲୋଡ଼ା କୁଙ୍କୁମ, ଭ୍ରୂ ପାଇଁ ରଙ୍ଗ ପେନ୍ସିଲ୍, ଓଠ ପାଇଁ ଲିପଷ୍ଟିକ୍, ଆଖିପାଇଁ ଅଞ୍ଜନ, ଗାଲପାଇଁ ରୁଜ୍, ଚିବୁକପାଇଁ ବିଉଟି ସ୍ପଟ୍ ! ଆଉ ନାକପାଇଁ ଗୋଟାଏ କଡ଼ା ଯୁକ୍ତ ରାସାୟନିକ ପଦାର୍ଥ—ସ୍ମେଲିଂ-ସଲ୍ଟ କିମ୍ବା ଭିକ୍ସ୍ ଇନ୍ହେଲର୍ !!···ଆଉ ପୁରୁଷମାନେ ? ସେମାନେ ମଧ୍ୟ କେବେ ନାକକୁ ଶୁଭଦୃଷ୍ଟିରେ ଦେଖି ନାହାନ୍ତି । ନାରୀର ମୁଖ ଚୁମ୍ବନ ବେଳେ ସେମାନେ ଓଠ, ଅଧର, ଚିବୁକ, ଗଣ୍ଡ, କପୋଳ ସବୁକୁ ଅତି ଆପଣାର କରିନେଇ ନାକକୁ ଏକାବେଳେକେ ବାଦ୍ଦେଇଛନ୍ତି ।···ଆହା ବିଚରା ନାକ—ସ୍ୱୟଂ ବିଧାତା ପୁରୁଷ ମଧ୍ୟ ତା'ପ୍ରତି ବିରୂପ । ତାଙ୍କ କୃପାରୁ ସୁନ୍ଦରୀ ତରୁଣୀର କପୋଳରୁ ଝାଳ ବୁହେନି, ଦେଖାଦିଏ ସ୍ୱେଦବିନ୍ଦୁ । ନୟନରୁ ଲୁହ ଝରେନା, ଝରେ ମୁକ୍ତା । ମୁଖ ଭିତରୁ ଯାହା ବାହାରେ ତାହା ଛେପ ନୁହେଁ, ଅମୃତ । ପାଶ୍ଚାତ୍ୟ ଦେଶର ସମ୍ଭ୍ରାନ୍ତ ମା'ମାନେ ଶିଶୁ ସନ୍ତାନମାନଙ୍କର ମୁହଁରେ ମଇଳା ଲାଗିଲେ ନିଜ ପାଟିରୁ ଛେପମାରି ପରିଷ୍କାର କରନ୍ତି । ଅଥଚ ସେଇ ବିଧାତାପୁରୁଷଙ୍କ କୃପାରୁ ମୁଖମଣ୍ଡଳର ଅନ୍ୟ ଏକ ଅଂଶୀଦାର ନାକରୁ ଯାହା ନିର୍ଗତ ହୁଏ !! ···ଛୁଡ଼ନ୍ତୁ ।

ସେମିତି ମୁଁ ଖଟ ଉପରେ ଶୋଇଚି । ହାତରେ ପତ୍ରିକା । ଲେଖକଙ୍କର ଗବେଷଣାମୂଳକ ପ୍ରବନ୍ଧରେ ନାକର ଦୁରବସ୍ଥା କଥା ଭାବି ତା' ପ୍ରତି ମନ ମୋର ଦରଦରେ ଭରିଉଠୁଥାଏ, ଆଖି ବୁଜିହୋଇଯାଇଥାଏ । ଭାବନାରେ ବାଧା ଆସିଲା—ଚାହିଁ ଦେଖିଲି ଖଟ ପାଖରେ ଠିଆ ହୋଇ କଣ୍ଠର ମଧ୍ୟମ ପର୍ଦ୍ଦାରେ ସ୍ତ୍ରୀ ମୋର କହୁଚନ୍ତି—କ'ଣ ନାକରେ ତେଲପକାଇ ଏମିତି ଶୋଇଥିବ ?

ଏକଚକମ ଲମ୍ଫ ଦେଇ ମୁଁ ଉଠି ବସି କହିଲି—କୋଇନସ୍ ଡେନସ୍ । ଭୁଲ୍ ନୁହେଁ, ନ ହେବାର କଥା । ତା' ନହେଲେ ମୋ ମନରେ ଖେଳୁଥିବା କଥାଟା ତମ ମନରେ ଆଲୋଡ଼ନ ଆଣନ୍ତା କେମିତି ? ଶୁଣିବ···

କିନ୍ତୁ ତାଙ୍କ ମୁହଁ ଦେଖି ମୁଁ ବୁଝିପାରିଲି, ମୋ ମନକଥା ଜାଣିବାର ଆଗ୍ରହ ତାଙ୍କର ନାହିଁ । ଚୁପ୍ ରହିଲି । ଖଟ ଉପରେ ବସିପଡ଼ି ଟିକଏ ପରେ ମୋ ମୁହଁ ଆଡ଼କୁ ଚାହିଁ ରହି ସେ କହିଲେ—ତମ ନାକ ଉପରେ ଗୋଟାଏ ବରୁଣ ଉଠିଚି ।

ଆଶ୍ଚର୍ଯ୍ୟ ! ଆଜି ଆମ ଦୁଇଜଣଙ୍କର ଏ ନାକଛଡ଼ା ଆଉ କ'ଣ କିଛି କହିବାର ନାହିଁ । ଏଇ ଘଣ୍ଟାକ ତଳେ ମୁଁ ଶୋଇବାକୁ ଯିବାବେଳେ ମୋ ନାକ ଉପରେ ଉଠିଥିବା ଛୋଟ ବରୁଣଟିକୁ ଆବିଷ୍କାର କଲି । ଦାର୍ଶନିକ ମନ ମୋର ବରୁଣକୁ ଛାଡ଼ି ନାକର ଦର୍ଶନ ବୋଧରେ ବୁଡ଼ିରହିଲା । କିନ୍ତୁ ମୋର ସ୍ତ୍ରୀ—ସେ କାହିଁକି ଆଜି ମୋରିପରି ନାକ ପଛରେ ଧାଇଁ ବୁଲୁଛନ୍ତି !

Digitized by srujanika@gmail.com

ଡାହାଣ ହାତର ମଝି ଆଙ୍ଗୁଠିରେ ନାକ ଉପରେ ସଦ୍ୟ ଉଠିଥିବା ବରୁଣଟିର ଈଷତ୍ କଠିନ ସ୍ପର୍ଶ ଅନୁଭବ କରୁ କରୁ ନାକ ସମ୍ବନ୍ଧରେ ପଦେ ଅଧେ କିଛି କହିବାପାଇଁ ଯାଉଥିଲି, ଏଇ ସମୟରେ ସେ ପୁଣି କହିପକାଇଲେ—ଏଇ ନାକ ପୁଣି ଶେଷକୁ ଏମିତି କାଳ ହେଲା !!

କଥା ଶେଷରେ ମର୍ମନ୍ତୁଦ ଦୀର୍ଘଶ୍ୱାସ । ଗୁଡ଼ିଏ ଭିତରଟା ମୋର ଧଡ଼ପଡ଼େଇ ଉଠିଲା । ଶୁଣିଚ, ଅନେକ ଲୋକ ଏଇ ବ୍ରଣ ବେମାରରେ ମରିଛନ୍ତି । ମୋ ନାକ ଉପର ବ୍ରଣ ଦେଖି ସେ କ'ଣ ଭାବିବେ ସେଇ ଆଶଙ୍କା କଲେ ! ଭଦ୍ରଲୋକର ଦୃଷ୍ଟି ମଝିରେ ମସ୍ତବଡ଼ ଗୋଟାଏ ପ୍ରଶ୍ନବାଚକ ଚିହ୍ନ ନେଇ ମୁଁ ତାଙ୍କ ଆଡ଼େ ଚାହିଁଲି । ସେ କିନ୍ତୁ ପ୍ରସଙ୍ଗ ଓ ସ୍ୱର ଉଭୟର ପରିବର୍ତ୍ତନ କରି ପଚାରିଲେ—କାନନବାଳା କିଏ ?

ବଡ଼ମୁନା !! କାନନବାଳାଠାରେ ସ୍ୱାମୀଙ୍କର ପୁଣି କି ଦରକାର ? ଢେପ ଢୋକ କହିଲି —କାହିଁକି, ସେ ଜଣେ ଅତି ବିଖ୍ୟାତ ସିନେମା ଅଭିନେତ୍ରୀ । ସେ କହିଲେ—ତାକୁ ଠିକ୍ କେମିତି ଦେଖାନ୍ତି ?

ବ୍ରଣର ଭୟ ମତେ ଏମିତି ଘାରିଦେଇଥିଲା ଯେ, ହଠାତ୍ କୌଣସି କଥା କହିବାର ସାହସ ମୋର ନଥିଲା । ଟେବୁଲ ଉପରେ ପଡ଼ିଥିବା ରାଇଟିଂ ପ୍ୟାଡ୍‌ର ମଲାଟ ଉପରେ 'କାନନବାଳା' ଥିଲେ । ଛବିଟାକୁ ଆଣି ସ୍ୱାମୀଙ୍କ ହାତରେ ଦେଇ କହିଲି—ଏଇ ତାଙ୍କ ଛବି ।

ଖୁବ୍ ନିବିଷ୍ଟ ମନରେ ସେ ଛବିଟିକୁ ଦେଖୁଥାଆନ୍ତି । ମୁଁ ମଧ୍ୟ ଦେଖୁଥାଏ । ସମସ୍ତ ଛବିଟିରେ କାନନ ଦେବୀଙ୍କର ସେଇ ଚମତ୍କାର 'ନାକ'ଟାହିଁ ଲକ୍ଷ୍ୟ କରିବାର ବସ୍ତୁ ଦେଖି ଏକାବେଳେକେ ବିମୋହିତ ହେଇଯିବାର କଥା ।

ରାଗରେ ଛବିଟାକୁ ଖଟ ଉପରେ ପିଙ୍ଗିଦେଇ ସେ କହିଲେ—ମନ ହଉଚି ପୋଡ଼ା ମୁହଁୀର ନାକଟାକୁ କାମୁଡ଼ି ସୂର୍ପଣଖା କରି ଛାଡ଼ିଦିଅନ୍ତି !

ନାକ ସମ୍ବନ୍ଧରେ ମୋର ସମସ୍ତ ଗବେଷଣା ଓଲଟପାଲଟ ହୋଇଯାଇ ଗୋଟାଏ ନୂଆ ରୂପ ଧରି ମୋ ଆଖି ସାମନାରେ ଠିଆହେଲା । ଏତିକିବେଳେ ମୋ ହାତକୁ ଖଣ୍ଡେ ଚିଠି ବଢ଼ାଇଦେଇ ସେ କହିଲେ—ପଢ଼, ସବୁ ବୁଝିବ ।

ଚିଠି ଖଣ୍ଡିକ ଉପରବେଳା ଡାକରେ ଆସିଛି । ଲେଖିଛନ୍ତି ଶ୍ରୀରାମଚରଣ । ମୋ ଝିଅ ବିବାହରେ ସେ ଉଦ୍ଯୋଗ ହେଇଛନ୍ତି । ଚିଠିର ସାରମର୍ମ ହେଉଛି ଏଇ ଯେ, ଗୋଟିଏ ଭଲପାତ୍ରର ସନ୍ଧାନ ମିଳିଥିଲା—କିନ୍ତୁ ସେ ପାତ୍ର ଯେଉଁ କନ୍ୟାକୁ ବିବାହ କରିବ ତାର ନାକ କାନନବାଳାଙ୍କ ନାକ ପରି ହେବା ଦରକାର ବୋଲି ସେ ଖବରକାଗଜରେ ବିଜ୍ଞାପନ ଦେଇଚି ।

ସବୁକଥା ଏଥିରୁ ସୁସ୍ପଷ୍ଟ, ଯେହେତୁ ମୋ ଝିଅ ନିରୁପମାର ନାକ ଠିକ୍ ଚେପ୍ଟା । ସେଠାରେ ତା'ର ବିବାହ ସମ୍ଭବ ନୁହେଁ । ସ୍ତ୍ରୀଙ୍କୁ ଉଦ୍ଦେଶ୍ୟ କରି କହିଲି— ଦୁଃଖ

Digitized by srujanika@gmail.com

କାହିଁକି ? ନିରୁ ପାଇଁ ବର ଖୋଜାର ଏଇ ମାତ୍ର ଆରମ୍ଭ । ସବୁ ପାତ୍ର ତ କାନନ-ନାସିକା ଖୋଜିବେ ନାହିଁ । 'ହଉ ଦେଖି' କହି—ଏତିକିରେ ସେ ବିଦାୟ ନେଲେ । ମୁଁ କିନ୍ତୁ ଏଇ ବରପାତ୍ରଟିକୁ ମନେ ମନେ ଧନ୍ୟବାଦ ନଦେଇ ରହିପାରିଲେ ନାହିଁ । କାରଣ ସେ ଆଜି ଚିର ଉପେକ୍ଷିତ ନାକର ସମ୍ମାନ ରଖିବାକୁ ଯାଉଛି । କିନ୍ତୁ ଭାଗ୍ୟର କି ବିଡ଼ମ୍ବନା ! ଯେଉଁ ନାକ ପାଇଁ ମୋର ସହାନୁଭୂତିର ସୀମା ନାହିଁ—ସେଇ ନାକ ଆଜି ହେଲା ମୋର ଶତ୍ରୁ ।

ଛ'ଟି ମାସ କଟିଯାଇଛି । ଏ ଭିତରେ ଯେତୋଟି ବରପାତ୍ର ଜୁଟିଛନ୍ତି ସମସ୍ତେ ଫେରିଚନ୍ତି ସେଇ ଗୋଟିଏ କାରଣରୁ । କନ୍ୟାର ନାକ ଟିକିଏ ଚେପ୍‌ଟା ! ନିରୁର ମା' କହିଲେ—ଝିଅକୁ ମୋର ବାସନ୍ଦ ହେଲା । ନିରୁ କହିଲା, ସେ ବିବାହ କରିବ ନାହିଁ, ସୋସାଲିଷ୍ଟ ପାର୍ଟିରେ ଯୋଗଦେବ, ସେଠି ସବୁ ସମାନ । ମୋର ଧୈର୍ଯ୍ୟଚ୍ୟୁତି ଘଟିଲା । ସେତେବେଳକୁ ନାକ ପ୍ରତି ଆଉ ତିଳେମାତ୍ର ଦରଦ ନ ଥାଏ । ଧାଇଁଲି ମୋର ବନ୍ଧୁ, ଉପଦେଷ୍ଟା ଓ ପଥପ୍ରଦର୍ଶକ ଡାକ୍ତର ସଦାଶିବ ନିକଟକୁ । ସବୁ ହାଲ୍ ଶୁଣାଇ କହିଲି—କୁହ ତ ଡାକ୍ତର, କି ଅଭଦ୍ର ଆଉ ଇତର ଏଇ ବରପାତ୍ରଗୁଡ଼ାକ । କୋଡ଼ିଏବର୍ଷ ବୟସର ସୁନ୍ଦରୀ ସ୍ୱାସ୍ଥ୍ୟବତୀ ଝିଅ ମୋର —ସ୍କଲାରସିପ୍ ନେଇ ଏମ୍. ଏ. ପଢ଼ୁଚି, ରଙ୍ଗ ବାଛିବାକୁ ହେବନାହିଁ । ସମସ୍ତ ଘରକରଣା କାମରେ ଧୁରନ୍ଧର । ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ ବରାବର ଫାଷ୍ଟହୁଏ । ଦୋଷ ଭିତରେ ନାକଟା ଟିକିଏ ଚେପ୍‌ଟା । ଏଇ ସାମାନ୍ୟ କଥାରେ··· । ଡାକ୍ତର ବାଧାଦେଇ କହିଲେ—ସାମାନ୍ୟ କଥା ନୁହେଁ । ଚେପ୍‌ଟା ନାକଟାକୁ ସୁଧାରିବାର ଉପାୟ ନାହିଁ । ଦାନ୍ତ ଦି'ଟା ବାହାରା ହୋଇଥିଲେ କି ଆଖିରେ ଫୁଲ ପଡ଼ିଥିଲେ···ଆଚ୍ଛା, କିଛି ଚିନ୍ତା ନାହିଁ, ସବୁ ଠିକ୍ ହୋଇଯିବ !···ତା'ପରେ ଟିକିଏ ନିମ୍ନ ସ୍ୱରରେ କହିଲେ—କିନ୍ତୁ କିଛିଟା ବ୍ଲାକ୍-ରେ କାରବାର କରିବାକୁ ପଡ଼ିବ ।···ମୁଁ ଟିକିଏ ଅଡ଼ୁଆରେ ପଡ଼ି କହିଲି—ବ୍ଲାକ୍‌ରେ ମାନେ ? ବରପକ୍ଷ କନ୍ୟା ଦେଖିବାକୁ ଆସିଲେ ଅନ୍ଧାରରେ··· । ମୋ' ପାଟିରୁ କଥା ଛଡ଼ାଇ ନେଇ ଡାକ୍ତର କହିଲେ—ଧେତ୍ ! କି ବୋକା ତମେ ! ସାରା ଦେଶଟା ବର୍ତ୍ତମାନ ବ୍ଲାକ୍‌ରେ ଚାଲିଚି, ତମେ କହୁଚ କ'ଣ ନା···ଗୁଡ଼୍, ତମେ ତମର ଘରେ ତୁନି ହୋଇ ବସ । ନିରୁ ପାଇଁ ଗୋଟିଏ ଭଲ ବରପାତ୍ରର ବ୍ୟବସ୍ଥା ମୁଁ କରିବ ।···ଡାକ୍ତର ସିନା ମତେ ପ୍ରବୋଧନା ଦେଇ ଏକଥା କହିଲେ, ବାପ ମନ କଣ ଏଥିରେ ମାନିବ ? ଥଙ୍ଗେଇ ଥଙ୍ଗେଇ, ଟିକିଏ କରୁଣ ଦୃଷ୍ଟିରେ ଡାକ୍ତରଙ୍କୁ ଚାହିଁ କହିଲି—ଆଚ୍ଛା ଡାକ୍ତର, ତମ ଫିଜିଓଲଜିରେ କଣ ଏମିତି କିଛି ଟ୍ରିଟମେଣ୍ଟ ବିଦ୍ୟା ନାହିଁ, ଯେଉଁଥିରେ ନିରୁ ନାକର ଲେଭେଲଟାକୁ ଦୁଇ ତିନି ମିଲିମିଟର ଉପରକୁ ଉଠାଇ ଦେଇ ହେବ ?···ମୋ' କଥାରେ ଡାକ୍ତର ହସିପକେଇଲେ ସିନା, ମୋ' ଉପରେ ଚିଡ଼ିଉଠି କହିଲେ—ତମେ ଗଲ ଏଠୁ, ଯାଅ-ଘରକୁ ଯାଅ ।···ଘରକୁ ଫେରିଲି ବାଟରେ ସତେ ଯେମିତି ଭଗବାନ ମତେ ସବୁଥିରୁ ବଞ୍ଚିତ କରିସାରିଲେଣି, ସେଇମିତି ଅଭିମାନରେ ତାଙ୍କୁ ଜଣା କଲି —ପ୍ରଭୁ ହେ, ଏ ପୃଥିବୀରେ ଏତେ ଏତେ ଭୂମିକମ୍ପ ହେଉଛି,

Digitized by srujanika@gmail.com

ମାରୁର ନାକ ଉଲେ ସ୍ରେଟ ଗୋଟିଏ କମ୍ପନ ସୃଷ୍ଟି କରୁଛ ତା' ନାକଟିକୁ ସ୍ମାନ କରଦେଉ ପାରୁନ ?

ଭଗ୍ନହୃଦୟକୁ ପୁଣି ଯୋଡ଼ଯାଡ଼ ଘରକୁ ଫେରଲୁ । ପ୍ରାୟ ଆଠଦିନ ପରେ ସେମାନେ କନ୍ୟା ଦେଖିବାକୁ ଆସିଲେ—ବରର ପିତା ଓ ତାଙ୍କର ଦୁଇଜଣ ବନ୍ଧୁ । ସେମାନେ ଆସିବାର ପ୍ରାୟ ଘଣ୍ଟାଏ ପୂର୍ବରୁ ଡାକ୍ତର ଆସି ସବୁ ଦେଖାଶୁଣା କରୁଥା'ନ୍ତି । ନିଜେ ଡାକ୍ତର ତାଙ୍କ କହିବା ଅନୁଯାୟୀ ଏ ବରପାତ୍ରଟିକୁ ଠିକଣା କରିଛନ୍ତି । ସେମାନଙ୍କ ଆଦର ଅଭ୍ୟର୍ଥନାର ଆୟୋଜନ ନିଜେ ସବୁ କରୁଛନ୍ତି ।···ଟିକିଏ ନିରୋଳା ଜାଗାକୁ ମତେ ଡାକନେଇ, ପକେଟରୁ ଗୋଟିଏ ଚଷମା କାଢ଼ି ମତେ ଦେଇ କହିଲେ—ଏଇ ଚଷମା ନିରୁକୁ ଦିଅ—ସେ ପିନ୍ଧିବ ।···ପୂର୍ବପରି ସେମିତି ଥଙ୍ଗ ଥଙ୍ଗ ହୋଇ ରହି ରହି କହିଲି—ନିରୁ ଚଷମା ପିନ୍ଧିବ କାହିଁକି ? ତା'ନାକ ସିନା ଚେପ୍‌ଟା, ଆଖି ତ ଖରାପ ନୁହେଁ !···ମତେ ବୋଧ ଦେଲା ଭଳି ଦୃଢ଼ଗଳାରେ ସେ କହିଲେ—"ଆଖିର କଥା ନୁହେଁ—ଏଥିରେ ମୋଟେ ପାଓ୍ୱାର୍ ନାହିଁ । ଚଷମାଟା ପିନ୍ଧିଲେ ନାକର ଚେପ୍‌ଟା ଅଂଶ ଅନେକଟା ଢାଙ୍କି ହୋଇଯିବ ।"

ଡାକ୍ତରଙ୍କ ବ୍ଲାକ୍ କାରବାର କଥା ବୁଝିଲି ଆଉ କହିଲି—କିନ୍ତୁ ନିରୁ ଯଦି ରାଜି ନହୁଏ ?

ଟିକିଏ ବିରକ୍ତ ହେଲାପରି ଡାକ୍ତର କହିଲେ—ରାଜି କରାଇବାକୁ ହେବ—ନ ହେଲେ ଚଳିବ କେମିତି ? ତମେ ଯାଇ ତାକୁ ପିନ୍ଧାଅ ।

ଯେଉଁ କଷ୍ଟରେ ମୁଁ ସେଦିନ ନିରୁକୁ ଚଷମା ପିନ୍ଧାଇବାକୁ ରାଜି କରାଇଛି, ତା' ମୋ ମନ ଜାଣେ ।

ତଳେ ସତରଞ୍ଜି ଓ ଗାଲିଚା ବିଛା ହୋଇଥାଏ—ସେମାନେ ବସିଥାଆନ୍ତି । ଧୀର ମନ୍ଥର ଗତିରେ ନିରୁ ଯାଇ ସେମାନଙ୍କୁ ନମସ୍କାର କରି ଟିକିଏ ଦୂରରେ ବସିଲା ।

ମୁଁ ଲକ୍ଷ୍ୟକରି ଦେଖୁଥାଏ—ନିରୁକୁ ଦେଖି ବରପିତା ମନେ ମନେ ସନ୍ତୁଷ୍ଟ ହେଲେ । କିନ୍ତୁ ତାଙ୍କର ସନ୍ଦିଗ୍ଧ ଦୃଷ୍ଟି ଲାଖିରହିଲା ଯାଇ ନିରୁର ଚଷମା ଉପରେ—ଅର୍ଥ, ଏ ଚଷମା ପିନ୍ଧିଛି କାହିଁକି ? ମନେ ମନେ ମୁଁ ଇଷ୍ଟଦେବଙ୍କୁ ସ୍ମରଣ କରୁଥାଏ । ଅବସ୍ଥା ବୁଝିପାରି ଡାକ୍ତର ଏଣୁ ତେଣୁ ନିରୁର ପ୍ରଶଂସା ବାଢ଼ିବାରେ ଲାଗିଲେ ।

କିନ୍ତୁ କର୍ତ୍ତା ବଡ଼ ପୋଖତ ଲୋକ । ସେ ମତେ କିମ୍ବା ଡାକ୍ତରଙ୍କୁ କିଛି ନ କହି ନିରୁକୁ ପଚାରିବସିଲେ—କୁହ ତ ମା' ତମେ ଚଷମା କାହିଁକି ପିନ୍ଧିଚ ?

ନିରୁ କିଛି କହିପାରିଲା ନାହିଁ । ଆଖି ଦୁଇଟି ତାର ଆପେ ଆପେ ତଳକୁ ନଇଁଆସିଲା । ଉତ୍ତରଦେଲେ ଡାକ୍ତର —ସେ କିଛି ନୁହେଁ, ଚଷମା ଦେଇଛି ମାନେ···

—କଣ ଆଖି କିଛି ଖରାପ ଅଛି ? —କର୍ତ୍ତା ପଚାରିଲେ । ଡାକ୍ତର ଏଥର ହଡ଼ବଡ଼େଇ-ଗଲେ । କହିଲେ—ଆଖି ! ହଁ ଏଇ ସାମାନ୍ୟ—ମାନେ ସେ କିଛି ନୁହେଁ ।

Digitized by srujanika@gmail.com

ମୁଁ ମନେ ମନେ ଡାକ୍ତରଙ୍କ ଉପରେ ଉକ୍ତଗୁଳ ରାଗିବାର ହେଉଥାଏ । ନାକ ତ ଚେଷ୍ଟା ଥିଲା—ଶେଷକୁ ହିଁ ଅଛି ମୋର ଇଏ କାଣୀ କରି ଛାଡ଼ିବେ । କର୍ତ୍ତା ଟିକିଏ ଝୁଙ୍କି ପଡ଼ି କହିଲେ—ବଡ଼ ମୁସ୍କିଲ କଥା—ପିଲାଦିନୁ ଆଖି ଏମିତି ଖରାପ ହୋଇଗଲାଣି । ଆଚ୍ଛା, ଖୋଲ ତ ମା ଟିକିଏ ଚଷମାଟା !

ମୋର ସବୁ ଦମ୍ଭ ଆଉ ଭରସା ଏଠି ଚୂନା ହୋଇଗଲା । ଦରଜା ଆଡ଼େ ଚାହିଁଦେଖିଲି —ପର୍ଦ୍ଦାଟା ହଲଉଠିଲା—ବୋଧହୁଏ ନରୁ ମା'ଙ୍କର ପର୍ଦ୍ଦା ପଛ ପଟେ ପାଦ ଦୁଇଟା ସ୍ଥିର ହୋଇ ରହିପାରିଲା ନାହିଁ । ନିଜର ଦୁର୍ବଳତାକୁ ଘୋଡ଼ାଇବା ପାଇଁ ଡାକ୍ତର ସିଗାରେଟ୍ ଟାଣିବାରେ ଲାଗିଲେ ।

କର୍ତ୍ତା ସେହିପରି କହୁଥାନ୍ତି—ହଁ ଖୋଲିଦିଅ ମା', ଚଷମାଟା ଖୋଲି ଖାଲି ଆଖିରେ ଏଇଟା ପଢ଼—ପକେଟ୍‌ରୁ ଖଣ୍ଡେ କାଗଜ ବାହାରକରି ସେ ନରୁ ହାତକୁ ବଢ଼ାଇଦେଲେ ।

ନରୁ ଆଡ଼କୁ ଚାହିଁ ଦେଖିଲି—ଲଜ୍ୟା ଆଉ ରାଗରେ ତାର ସାରା ଶରୀରଟା ଯେମିତି ଜଳିଯାଉଛି । ସେ ଆଉ ଚୁପ୍ ରହିପାରିଲା ନାହିଁ । ଚଷମାଟାକୁ କାଢ଼ି ତଳେ ଫିଙ୍ଗି ଦେଇ ପ୍ରାୟ କାନ୍ଦି କାନ୍ଦି ସେ କହିପକାଇଲା—ସବୁ ମିଛ, ମିଛ, ମୋ ଆଖି ଆଦୌ ଖରାପ ନୁହେଁ ।

କର୍ତ୍ତା ବାଧାଦେଲେ—ଏ କ'ଣ ମା' ? ତୁମେ କାନ୍ଦୁଛ କାହିଁକି ?—ଆଖି ଖରାପ ନୁହେଁ ଶୁଣି ମୁଁ ସୁଖୀ ହେଲି—କିନ୍ତୁ ତମେ କାନ୍ଦୁଛ କାହିଁକି ?

ନରୁର କାନ୍ଦ ଯେମିତି ବନ୍ଦ ହେବାର ନୁହେଁ—ସେମିତି କାନ୍ଦି କାନ୍ଦି ସେଠୁ ଚାଲି-ଆସିଲା । କର୍ତ୍ତା ଭାବିଲେ ବୋଧହୁଏ ତାଙ୍କର କିଛି ଭୁଲ୍ ହୋଇଛି । ଖୁବ୍ କରୁଣଭାବେ ମୋ ଆଡ଼େ ଚାହିଁ ସେ କହିଲେ—କୁହନ୍ତୁ ତ ବାବୁ କଥା କ'ଣ ? ମା' ମୋର କାନ୍ଦିଲା କାହିଁକି ?

କର୍ତ୍ତାଙ୍କ କଥାର ଆନ୍ତରିକତାରେ ମୁଁ ଆଉ ଚୁପ୍ ରହିପାରିଲି ନାହିଁ । କହିଲି—ଦେଖନ୍ତୁ —ଦୋଷ ମୋର । ତା' ନାକର ଦୋଷ ଘୋଡ଼ାଇବା ପାଇଁ ତାକୁ ବାଧ୍ୟ ହୋଇ ଚଷମା ପିନ୍ଧିବାକୁ ହଆହୋଇଥିଲା ।

ଭ୍ରୂକୁଞ୍ଚନ କରି କର୍ତ୍ତା ପଚାରିଲେ—ନାକର ଦୋଷ ! ମାନେ ?—ତାଙ୍କ ପାଖରେ ବସି-ଥିବା ଭଦ୍ରଲୋକ ଚୁପ୍ ଚୁପ୍ କରି କ'ଣ ତାଙ୍କ କାନରେ କହିଲେ । ଏଥରକରେ କର୍ତ୍ତା ହୋ ହୋ କରି ଏତେ ଜୋର୍‌ରେ ହସିଉଠିଲେ ଯେ, ତାଙ୍କୁ ସମ୍ଭାଳିବା ମୁସ୍କିଲ ହୋଇଉଠିଲା । ଅନେକ କ୍ଷଣ ହସିବା ପରେ ସେ କହିଲେ—ଶୁଣନ୍ତୁ, ମୋର ଏଇ ପୁଅ, ଯାହାପାଇଁ ମୁଁ ଆଜି ଏଠିକି ଆସିଛି—ଖବରକାଗଜରେ ବିଜ୍ଞାପନ ଦେଇଥିଲା ଯେ, କାନନବାଲାଙ୍କ ନାକ ପରି ନାକ ଥିବା କନ୍ୟା ତା'ର ଆବଶ୍ୟକ ।

ଦରଜା ଆଡ଼କୁ ଚାହିଁ ଦେଖିଲି ପର୍ଦ୍ଦା ଫାଙ୍କରେ ଗୃହିଣୀଙ୍କର ବିସ୍ମୟଭରା ଆଖି ଦୁଇଟାରେ ସଙ୍କେତ—"ଏ ତେବେ ସେଇ···?" ହସି ହସି କର୍ତ୍ତା କହିଚାଲିଛନ୍ତି—ବିଜ୍ଞାପନର ଫଳ

Digitized by srujanika@gmail.com

କ'ଣ ହେଲା ଜାଣନ୍ତି—ବାବୁଙ୍କ ନାମରେ କାନନବାଲା ନୋଟିସ୍ ପଠାଇଲେ ଯେ, ଯେହେତୁ ସେ ତାଙ୍କର ନାକର ଫାଏଦା ଉଠାଇଛନ୍ତି, ସେ କାହିଁକି କ୍ଷତିପୂରଣ ଦାବୀ ନ କରିବେ ? ତାର କୈଫିୟତ୍ ସେ ଚାହାଁନ୍ତି । ଏତକରେ ବାବୁ ଚୁପ୍ । ତା' ପରଠୁଁ ପାର୍ଟୀ ଠିକ୍ କରିବାର ଭାର ପଡ଼ିଛି ମୋ ଉପରେ । ଆଜି ଆପଣଙ୍କୁ କିଏ ଏ ବୁଦ୍ଧି ଦେଲା ଯେ ଆପଣ ମୋର ଏଜ ଲକ୍ଷ୍ମୀ ମା'କୁ ଗୋଟାଏ ଚଷମା ପିନ୍ଧାଇ···ଆରେ ଆରେ, ଡାକ୍ତରବାବୁ ଚାଲିଯାଉଛନ୍ତି ଯେ—ଆସନ୍ତୁ—ଆସନ୍ତୁ । ନିରୁକୁ ଆପଣ ଚଷମା ପିନ୍ଧାଇଥିଲେ, ମୁଁ ଏବେ ତାକୁ ମୁଦ୍ଧି ପିନ୍ଧେଇବି ।

ଡାକ୍ତର ଅଟକିଲେ । ନମ୍ରମୁଖ, ସଲଜ୍ଜ ହସ । ଏଥିରେ ଉପସ୍ଥିତ ସମସ୍ତଙ୍କ ମୁହଁରେ ହସ ଫୁଟିଉଠିଲା ।

କାମକଳା

କାମକଳା ଆଜି ଆସୁଚି ।

ଏଇ ଅଳ୍ପଦିନ ତଳେ କାଠଗଡ଼ା ସାହିରେ ଲଢ଼େଇ ପାଲା ହଉଥିଲା । ରାତି ରାତି ଧରି ଚାଲୁଥାଏ ଛାନ୍ଦ ସାହିତ୍ୟର ଆଲୋଚନା । କାମକଳାର ରୂପଗୁଣ ବର୍ଣ୍ଣନା କରି ଗାୟକ ମହାଶୟ ସୁର୍ ଧରି ଗାଇଲେ—

"କାମକଳା ବଳା-ଶବଦେ ଚମକି ଉଠିଲା ବାରୁଣୀ-କଟକ
ନଗ୍ରଜନେ କ୍ଷଣେ ଅଟକି ରହିଲେ ଦେଖି ସେ ବାଳାର ଛଟକ,
କୁସୁମ, ମାଳା ସେ ଦେଇଛି ଲମ୍ବାଇ
ମାଳାଛଳେ କାମଦେବ ସତେ କି'ବା ବାଳିକାର ଅଙ୍ଗ ଚୁମ୍ବଇ ।"

ସୁଧାକର ମନ୍ତ୍ର-ମୁଗ୍ଧ ପରି ବସି ପାଲା ଦେଖୁଥାଏ । କାମକଳାର ରୂପ-ଗୁଣର ବର୍ଣ୍ଣନା ନୁହେଁ—କାମକଳା—ଏଇ ନାଁଟାହିଁ ତାର ମନପ୍ରାଣକୁ ଆଚ୍ଛନ୍ନ କରିରଖିଥାଏ । କାମ-କଳା !! କାହିଁ ? ଏ ଯୁଗର ଝିଅମାନଙ୍କର ତ ଏମିତି ଏକ ନାମକରଣ କେହି କରୁନ !! ସୁଧା-କରର ମନେହେଲା, ଗାୟକ ମହାଶୟ ଘଣ୍ଟା ଘଣ୍ଟା ଧରି ଉପମା, ଉପମେୟ, ଯମକ, ଅନୁପ୍ରାସର କସରତ କରି, କାମକଳା ଉପାଖ୍ୟାନ ବର୍ଣ୍ଣନା ନ କରି କେବଳ ନାଁଟି କହି-ଦେଇଥିଲେ ବୋଧହୁଏ ଶ୍ରୋତାମାନେ ତୃପ୍ତ ହୋଇପାରିଥାନ୍ତେ !

କୋଡ଼ିଏ ବର୍ଷ ବୟସର ଯୁବକ ସୁଧାକର । ଗାଁ ସ୍କୁଲରୁ ମେଟ୍ରିକ୍ ଫେଲ୍ ହେଲାପରେ ତିନିହାତ ଲମ୍ବ, ଦୁଇହାତ ଓସାରର ଝାଟିମାଟି ଘରେ ତେଜରାତି ଦୋକାନ, ତା'ପରେ ପୈତୃକ ସମ୍ପତ୍ତି ଦେଢ଼ମାଣ ଜମିରେ ଗୃହବାସ, ଶେଷରେ ଗାଁ ନିମ୍ନ ପ୍ରାଥମିକ ସ୍କୁଲରେ ବେସରକାରୀ ଭାବେ ତୃତୀୟ ଶିକ୍ଷକ ରୂପରେ କେତୋଟି ମାସ ବ୍ୟର୍ଥତାର ସହିତ କଟାଇ, ବର୍ତ୍ତମାନ ଜୀବିକା ଅର୍ଜନ ପାଇଁ ଆସିଚି କଟକ । ଟିକିଏ ଗୋରା, ସାମାନ୍ୟ ଶୀର୍ଣ୍ଣ ହେଲେହେଁ ପୁରୁଷ ସୁଲଭ ଚେହେରା ତା'ର ଅଛି । କିନ୍ତୁ ତା' ଚରିତ୍ରର କି ଏକ ବିଶିଷ୍ଟ ଗୁଣ ଥିଲା କେଜାଣି, ସାରା ଗାଁଟାର ମାଇପୀ ମହଲରେ ତା'ର ଅବାଧ ପ୍ରବେଶର ଅଧିକାର ଥିଲା । ଗାଁର ପ୍ରାୟ ସବୁ ଝିଅ ବୋହୂଙ୍କ ପାଖରେ ସେ ବସିଚି, ହସିଚି—ସମୟ ଅସମୟରେ ସେମାନଙ୍କର ବହୁ ଗ୍ରେଟ ବଡ଼ ଫାଇ ଫରମାସ ଖଟିଚି । କିନ୍ତୁ ଗାଁ ଛାଡ଼ି ଚାଲିଆସିବା ପରେ କାହାର ମଧୁ ସ୍ମୃତିକୁ ସେ ସମ୍ବଳ କରି ବସିନି କି ତା' ପାଇଁ କାହାର ହା' ହୁତାଶରେ ଦିନ କଟୁନି । ଏ ଦିଗରେ, ସେ ଏକାବେଳେକେ ନିର୍ଲିପ୍ତ—ନିରାମିଷାଶୀ କହିଲେ ଚଳେ ।

Digitized by srujanika@gmail.com

ଗାଁର ଚମ୍ପା, କନକ, ତାରା, କୁସୁମ, ଶ୍ୟାମା—ଏମାନଙ୍କର ସେ କେବଳ "ସୁଧାଭାଇ" ହୋଇ ରହିଯାଇଚି । ସମବୟସୀ ଝିଅମାନଙ୍କ ଭିତରେ ସବୁଠୁଁ ବେଶି ସୁନ୍ଦରୀ ହେଉଚି କନକ । ଖାଲି ସୁନ୍ଦରୀ ନୁହେଁ—ତା' ଦେହର ଲୋଭନୀୟ ଗଢ଼ଣ ଯେମିତି ତା'ର ଆଦ୍ୟ ଯୌବନର ସୀମାରେଖାକୁ ଅସ୍ୱୀକାର କରି ଏକ ଉଚ୍ଛୃଙ୍ଖଳ ଗତିରେ ମାଡ଼ିଗ୍ଲାଲିଚି । ଏଇ କନକ ସବୁବେଳେ ଦାବୀ କରିବସେ ଯେ ସୁଧାଭାଇ ତା'ର ସବୁଠୁ ବେଶି ପ୍ରିୟ—ଆଉ ସେ ସୁଧାଭାଇର ସବୁଠୁ ବେଶି ଆପଣାର । ଗାଁର ସର୍ବସାଧାରଣ କେତକୀ ବଣରେ ଫୁଲ ଫୁଟିଲେ, ପହିଲି ଫୁଲଟା କିଏ ନବ, ସେଥିପାଇଁ ଭୀଷଣ ପ୍ରତିଯୋଗିତା ଗ୍ଲଲେ । ସେଥର ପାଞ୍ଚ୍ଛଏ ଝିଅ ମେଳରେ କନକ ସୁଧାକରକୁ କହିଲା—"ଦେଖ ସୁଧାଭାଇ, ଏଥର ପହିଲି ଫୁଲଟା ଫୁଟିଲେ ତମକୁ ସାଙ୍ଗରେ ନେଇ ମୁଁ ଫୁଲ ଆଣିବାକୁ ଯିବି । ନା, ନା, ତମେ ଯେତେ ଯାହା କହିଲେ ମୁଁ କିଛି ଶୁଣିବି ନାହିଁ । ଅନ୍ଧାରୁଆ କେତକୀ ବଣ ଭିତରେ ପଶିବାକୁ ମତେ ଡର-ମାଡ଼ିବ ବୋଲି ସିନା ମୁଁ ତମକୁ କହୁଚି ।" କନକର ଏ ନିର୍ଲଜ କଥାରେ ସଙ୍ଗିନୀମାନେ ଉତ୍ଫୁଲ୍ଲ ହୋଇଉଠିଲେ । କନକ କିନ୍ତୁ ମନଖୋଲି ହସ ହସି ଓ ହସଖେଳରେ ଦେହରୁ ମୁଣ୍ଡରୁ ଲୁଗା ଖସାଇ କହିଥିଲା—"ଦେଖୁଚ ସୁଧାଭାଇ, ମୁଁ ତମକୁ ଏକଥା କହିଲି ବୋଲି ଏମାନେ କେମିତି ଚୁମୁଟି ଚୁମୁଟି ମୋ ଜଙ୍ଘ ଦି' ଟାକୁ ଦରଜ କରିଦେଲେଣି !" ଓଠରେ ଖଣ୍ଡିଖଣ୍ଡି ହସ ଖେଳାଇ ସୁଧାକର କେବଳ କହିଥିଲା—"ଦୁଷ୍ଟ ! ତମେମାନେ ସବୁ ଭାରି ଦୁଷ୍ଟ ହୋଇଗଲଣି ।" ବାସ୍, ଏତିକରେ ସବୁକଥା ଯେମିତି ସେଇଠି ମିଳେଇଗଲା । ଅଥଚ ଉପସ୍ଥିତ ଦେହହୀନ···ସତ୍ତାହୀନ ଭଞ୍ଜ-ନାୟିକା କାମକଳାର ରୂପଗୁଣର ବର୍ଣ୍ଣନା ଶୁଣି ନିର୍ବିକାର ସୁଧାକରର ମନ ଯେ ବିକାରଗ୍ରସ୍ତ ହୋଇଉଠିବ, ଏଥିରେ ଆଶ୍ଚର୍ଯ୍ୟ ହବାର ଯଥେଷ୍ଟ କାରଣ ଥିଲା ! ଏଇ ପରିସ୍ଥିତିରେ ଆଜି ସକାଳ ଡାକରେ ଖଣ୍ଡେ ଚିଠି ପାଇ ଗୃହ-ସ୍ୱାମୀ ନବଘନବାବୁ ହଠାତ୍ ଘୋଷଣା କରିଦେଲେ ଯେ—କାମକଳା ଆଜି ଆସୁଚି !

ସୁଧାକର ଭୁଲ୍ ଶୁଣୁ ନାହିଁ ତ ?

ନା ! ଚିଠି ପଢ଼ି ନିଜେ ନବଘନବାବୁ ଶୁଣେଇଚନ୍ତି, ରକ୍ତ-ମାଂସ-ଦେହଧାରିଣୀ କାମ-କଳା ଆସୁଚି । ପୁଣି ସ୍ୱୟଂ ଭଞ୍ଜ କବିଙ୍କ ଜନ୍ମସ୍ଥାନ ଖୋଦ୍ ଭଞ୍ଜନଗରରୁ !

ପଲକପାତ ନ ହେଉଣୁ ସୁଧାକରର ସ୍ମୃତି ଭିତରେ ଝମ୍ ଝମ୍ ହୋଇ ବାଜିଉଠିଲା କାମକଳାର ନୂପୁର ଧ୍ୱନି । "ନଗ୍ରଜନେ ଶ୍ଚଣେ" ଅଟକି ରହିଲା ପରି ସୁଧାକରର ସମସ୍ତ ପାର୍ଥିବ ଶକ୍ତି ଅଚଳ ହୋଇପଡ଼ିଲା । ଟିକିଏ ଆଗରୁ ଯେଉଁ ସୁଧାକର ଏଠି ଥିଲା···ସେ ସୁଧାକର ଯେମିତି ଆଉ ନାହିଁ ।···ହଠାତ୍ କିନ୍ତୁ ନବଘନ ବାବୁଙ୍କ ତାଡ଼ନାରେ ସୁଧାକରକୁ ତା' ନିଜ ଅବସ୍ଥାକୁ ଫେରିଆସିବାକୁ ପଡ଼ିଲା ।

"ମୋ ମୁହଁକୁ ଆଉ ଗ୍ଲହିଁରହିଲ କାହିଁକି ସୁଧାକର ? ଶୁଣିଲ ପରା ଆଜି ଦିନ ଦୁଇଟା ସୁଦ୍ଧା ସେମାନେ ଆସି ପହଞ୍ଚିବେ । ଘରଦ୍ୱାର ଟିକେ ସଜଡ଼ାସଜଡ଼ି କର । ଏ ମଝିଘରଟା ତମ ବାବୁଙ୍କ ଶୋଇବାଘର ହବ । ସେ ଘରଟା ଅଫିସ ଘର—ଏଇଟା ବୈଠକଖାନା । ବାହାର

Digitized by srujanika@gmail.com

ଘରଟାରେ ପିଲାଏ ପଢ଼ାପଢ଼ି କରିବେ । ଆଉ ତମେ ଯୋଉ ଘରଟାରେ ଶୁଆବସା କରୁଚ, ସେଇଟାକୁ କାମକଳାପାଇଁ ଛାଡ଼ିଦିଅ । ତମେ ବରଂ ସିଡ଼ି ଘରକୁ ଚାଲିଯାଅ । ଟିକିଏ ଖୋଲାଘର ନ ହେଲେ କାମକଳା ଚଳିପାରିବ ନାହିଁ । ସୁକୁମାରୀଟା ସେ···”

କଥା କହୁ କହୁ ନବଘନବାବୁ ବୈଠକଖାନା ପାରହେଇ ସେ ପାଖକୁ ଚାଲିଗଲେଣି । ତାଙ୍କର ପ୍ରକୃତିଗତ ଅଭ୍ୟାସ ଏଇଟା ! ଗୋଟାଏ ଜାଗାରେ ସ୍ଥିର ରହି ସେ କିଛି କହି-ପାରନ୍ତି ନାହିଁ । ଶୋଇବା ଘରେ ଆରମ୍ଭ କଲେ ଗାଧୁଆ ଘରେ କଥା ଶେଷ କରନ୍ତି ।

ନବଘନବାବୁ ଏତେ କଥା କହିଗଲେ; କିନ୍ତୁ ତାଙ୍କର ସବୁତକ କଥା ପବନରେ ମିଳେଇଯାଇ କେବଳ ଗୋଟିଏ କଥା ସୁଧାକର କାନରେ ବାରମ୍ବାର ଗୁଞ୍ଜନ ଆଣିଲା—ସୁକୁମାରୀ କାମକଳାପାଇଁ ତା’ ଘରଟା ଛାଡ଼ିଦବାକୁ ପଡ଼ିବ । ଏଥର ନୂପୁର ଶବ୍ଦ ନୁହେଁ—କାମକଳାର କୁସୁମମାଳାର ଗନ୍ଧ ଯେପରି ତା’ ନାକ ପାଖରେ ମହକି ଉଠୁଚି । କେବଳ ଦୁଇଟି ନାସିକା ରନ୍ଧ୍ରର ପ୍ରଖର ଶ୍ୱାସ-ପ୍ରଶ୍ୱାସ ବ୍ୟତୀତ ତା’ର ଆଉ ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ଅଚଳ—ଅଥର୍ବ ।

ପୁଣି ସେପଟ ବାରଣ୍ଡାରୁ ନବଘନବାବୁଙ୍କ ପାଟି ଶୁଭିଲାଣି । ସୁଧାକର ଚଞ୍ଚଳ ହେଇ-ଉଠିଲା । ନା—ଆଉ ନୁହେଁ···ଏଥର ଘର ସଜାଡ଼ିବାକୁ ହବ ।

ଅଗଣା ସାରା ଏପଟ ସେପଟ ହେଇ ନବଘନବାବୁ କହିଚାଲିଚନ୍ତି—ଏତେ ସଖ୍‌ରେ କଟକ ସହରରେ ଘର ତିଆରି କରେଇଥିଲେ ଯେ, ନିଜେ ପେନ୍‌ସନ୍ ନେଇ ବର୍ଷକରୁ ପ୍ରାୟ ୧୧ ମାସ ରହିଲେ ଗାଁରେ । ପୁଅ (ଶରତବାବୁ) ଡେପୁଟି ଚାକିରି କରି ଓଡ଼ିଶା ସାରା ବୁଲୁଛନ୍ତି । ଏତେଦିନେ ଭଗବାନଙ୍କର ଦୟାହେଲା, ଶରତବାବୁ ଭଞ୍ଜନଗରରୁ ବଦଳି ହୋଇ କଟକ ଆସୁଛନ୍ତି ।

ସୁଧାକରକୁ ଉଦ୍ଦେଶ୍ୟ କରି ନବଘନବାବୁ ପୁଣି କହିଲେ—ଛଅମାସ କାଳ ଖାଲି ପେଟକୁ ଦି’ଟା ଖାଇ ଏଠି ଘର ଜଗି ପଡ଼ିରହିଛ । ଶରତ ତ ବଦଳି ହୋଇ କଟକ ଆସିଲାଣି, ଦେଖିବ, ସେ ତମର କିଛିନା କିଛି ଗୋଟେ ବ୍ୟବସ୍ଥା କରିବ ।

ସୁଧାକର ଏକ ଲୟରେ କାମ କରିଚାଲିଚି । ସାବୁନପାଣି ଢାଳି ମୋଟା ବ୍ରସ ସାହାଯ୍ୟରେ ସେ ସିମେଣ୍ଟ ଚଟାଣ ସଫା କରିବାରେ ଲାଗିଚି । ବାରିପଟ କୂଅ ପାଖରୁ ନବଘନ ବାବୁଙ୍କ ପାଟି ପୁଣି ଶୁଣାଗଲା । ଦକ୍ଷିଣ ଓଡ଼ିଶାର ଲୋକେ ଯେ ଭାରି କାମିକା, ଏକଥା କାମ କଳାକୁ ଦେଖିଲେ ବୁଝିପାରିବ । ଶରତର ଘରଟାଯାକର କାମ ସେହି ସିନା ତୁଲାଉଚି; ପୁଣି କି ପରିଷ୍କାର ପରିଚ୍ଛନ୍ନ ! ତା’ ନିଜ ଦେହରେ ଟିକେ ମଇଳା ରଖେଇ ଦେବ ନାହିଁ କି କୋଉଠି ଟିକେ ମଇଳା ପଡ଼ିଲେ ସେ ସହିପାରିବ ନାହିଁ । ଯେମିତି ସୁକୁମାରୀ ପ୍ରକୃତି, ସେମିତି କାମିକା । ସ୍ତ୍ରୀ’ଙ୍କ ଭାଗ୍ୟ ଭଲ ଯେ ଏମିତିକା ରତ୍ନଟିଏ ସେ ପାଇଛନ୍ତି ।

କଥା ଶେଷ ବେଳକୁ ସୁଧାକର ଦେଖିଲା, ନବଘନ ବାବୁ ତା’ ସାମ୍ନାରେ ଠିଆ

Digitized by srujanika@gmail.com

ହୋଇଛନ୍ତି । ନବଘନବାବୁ ଗର୍ଜିଉଠିଲେ—କଅଁ, ତମକୁ ପରା କହିଲି ସେ ମଝିଘରଟାରେ ତମ ବାବୁ ଶୁଆବସା କରିବେ । ତମେ ତମ ଶୋଇଲାଘରଟାକୁ ଏକାବେଳକେ ସାବୁନପାଣି ଘସି ସଫା କରୁଚ କାହିଁକି ? ସେ ଘରଟାରେ ପରା କାମକଳା ରହିବ । କଣ—ଶୁଭୁଚ ନା ନାହିଁ ମୋ କଥା ?

ଶୁଭୁଚ, କେବଳ ସେଇ ଗୋଟିଏ କଥା ସୁଧାକର କାନକୁ ଶୁଭୁଚ—ସୁକୁମାରୀ କାମକଳା ଭଞ୍ଜ ଭୂମିର ପରିଷ୍କାର ପରିଚ୍ଛନ୍ନ କାମକଳା ଏଇ ଘରେ ଆସି ରହିବ । ସୁଧାକରର ତା'ହେଲେ ଭୁଲହେଲା କେଉଁଠି ?

ନବଘନବାବୁ ଏକପ୍ରକାର ସୁଧାକରର ହାତ ଧରି ତାକୁ ମଝିଘରକୁ ଉଠାଇନେଲେ ।

ଧନ ପ୍ରାପ୍ତ ଘଟଣା । ଘର ଭିତରେ କବାଟ ବନ୍ଦ କରି ଅନ୍ଧାରିଆ ଘର ଭିତରେ ସୁଧାକର ନିଜକୁ ଭାବନାର କୋଉ ସୀମାହୀନ ଅନ୍ଧାର ଭିତରେ ହଜାଇଦେଇଛି । ଆଉ କ୍ଷୁ-କ୍ଷଣରେ ସେ ପାଲାଗାୟକ ମୁହଁରୁ ଶୁଣିଥିଲା ଭଞ୍ଜ-ନାୟିକା କାମକଳାର କାହାଣୀ । ଆଉ ତା'ଠୁ ବଳି କ୍ଷୁଦ୍ରକ୍ଷଣରେ ନବଘନବାବୁ ଆଜି ସକାଳେ ଘୋଷଣା କଲେ ଯେ, ଭଞ୍ଜନଗରରୁ କାମକଳା ଆଜି ଆସୁଛି । ଗାୟକଙ୍କ ମୁହଁରୁ ଶୁଣିଥିଲା—କାବ୍ୟ-ନାୟିକା କାମକଳାର ରୂପଯୌବନର ବର୍ଣ୍ଣନା । ନବଘନବାବୁଙ୍କ ମୁହଁରୁ ଶୁଣିଲା—ତାଙ୍କ ପୁତ୍ରବଧୂର ପରିଚୁରିକା କାମକଳାର ଅପରନ୍ତ ଗୁଣକୀର୍ତ୍ତନ । ପ୍ରାପ୍ତ ଅଲୌକିକ ଏହି ଯୋଗାଯୋଗ ପାଇଁ ସୁଧାକରର ଯେମିତି କାନ୍ଦିବାକୁ ଇଚ୍ଛା ହେଲା । ଯାହା କନକ ପାରିନି, ଚମ୍ପା ପାରିନି, କି ହାରୁ ପାରିନି, ଆଜି କାମକଳା ତାହା ପାରିଉଠିଛି ! କାହିଁକି ? ଖାଲି ନାଁଟା ପାଇଁ ସିନା ! ସେଦିନ ଏ ନାଁଟା ତାକୁ ମୋହାଚ୍ଛନ୍ନ କରି ରଖିଥିଲା ବୋଲି ଆଜି କାମକଳାର ଆଗମନ ଯେପରି ତାକୁ ଏକ ଗୋଲକଧନ୍ଦା ଭିତରକୁ ଠେଲିଦେଉଛି । ସେ ଆଜି ପରାଜିତ—ପଥଭ୍ରଷ୍ଟ । କିନ୍ତୁ ଏ ପରା-ଜୟ ଭିତରେ ଯେପରି ଆତ୍ମ-ପ୍ରକାଶ କରିଛି ତା'ର ନବ-ଜାଗ୍ରତ ପୌରୁଷ ।

ଝରକା କବାଟ ଖୋଲି ସୁଧାକର ଦେଖିଲା, ଘରଟିକୁ ସେ ବାସ୍ତବିକ ଅତି ନିପୁଣତାର ସହିତ ପରିଷ୍କାର କରିପାରିଛି । ତାର ଜିନିଷପତ୍ର କେଇଖଣ୍ଡି ସେ ସିଡ଼ିଘରକୁ ଉଠାଇ ନେଲାଣି । ଏ ଘରେ ରହିଛି ମାତ୍ର ଖଣ୍ଡେ ଦଉଡ଼ିଆ ଖଟ । କାମକଳା ଏଇ ଖଟରେ ଶୋଇବ ।

ହଠାତ୍ ବାହାରେ ପାଟିତୁଣ୍ଡ ଶୁଣାଗଲା । ସେଥି ସଙ୍ଗେ ସଙ୍ଗେ ଶୁଣାଗଲା ନବଘନଙ୍କ ପାଟି—ସେମାନେ ଆସିଗଲେଣି । ଦ୍ୱିତୀୟ ଚିନ୍ତା ନ କରି ଝଡ଼ ପରି ସୁଧାକର ସେ ଘରୁ ବାହାରି-ଗଲା । ମଝି ଅଗଣାରେ ହୋଇଛି ସୁଧାକର ଦେଖିଲା, ରାସ୍ତା ଉପରେ ଜିପ୍‌ଟାଏ ଥିଆ ହୋଇଛି । ଜିପ୍‌ରୁ ଓହ୍ଲାଉଛନ୍ତି ଶରତବାବୁ । ଜିପ୍‌ର ପଛ ଅଂଶଟା ସୁଧାକର ଦେଖି ପାରିଲାନି । କିନ୍ତୁ କାମକଳା ଯେ ଏଇ ଜିପ୍‌ରେ ଆସିଛି ! ତାହେଲେ ? କ'ଣ କରିବ ସେ ? ଉତ୍ତର ଖୋଜି ପାଇବା ପୂର୍ବରୁ ସେ ସେମିତି ଝଡ଼ ଗତିରେ ଫେରିଆସିଲା ଘରକୁ । ମନ ଭିତରେ ଲାଗିରହିଚି ପୂର୍ବର ସେଇ ପ୍ରଶ୍ନ—କ'ଣ କରିବ ସେ ? ଆଜି ସାରାଦିନ ସେ ଚିନ୍ତା

Digitized by srujanika@gmail.com

କରୁଥିଲା, କାମକଳା ଆସିଲେ କ'ଣ କହିବ, କଣ ଦେଇ ସେ ତାକୁ ଭେଟିବ । କୌଣସି ସିଦ୍ଧାନ୍ତ ସେ ଖୋଜି ପାଇଲା ନାହିଁ । କେବଳ ଗାୟକ ମୁହଁରୁ ଶୁଣିଥିବା ସେ ଗୀତ ଗୁଣଧାଡ଼ି ଖଣ୍ଡିଏ କାଗଜରେ ଲେଖି ଦଉଡ଼ିଆ ଖଟର ଛନ୍ଦ ଭିତରେ ରଖିଦେଇଛି । ନବଘନ ବାବୁଙ୍କଠୁ ସେ ଶୁଣିଛି—କାମକଳା ପଢ଼ି ଜାଣେ, ଭଜନସଙ୍ଗୀତ ତା ମୁହେଁ ମୁହେଁ । ଏଇ ସମ୍ବାଦ ତାକୁ ଏଥିପାଇଁ ଉତ୍ସାହିତ କରିଥିଲା । ଏଇ ତ, କାଗଜ ଖଣ୍ଡିକ ଭଙ୍ଗାଭଙ୍ଗି ହୋଇ ଖଟ ଦେହରେ ଏଇଠି ରହିଛି । ଉତ୍ତେଜନାରେ ଦେହସାରା ତା'ର କମ୍ପୁଚି···କିନ୍ତୁ ନବଘନ ବାବୁଙ୍କ ବାରମ୍ବାର ଡାକ ସତ୍ତ୍ୱେ ଘରୁ ବାହାରି ଯିବାର ସାହସ ତା'ର ହଉନି । ହଠାତ୍ ସେ ଶୁଣିପାରିଲା, ଅଗଣା ଭିତରୁ କିଏ ଜଣେ ସ୍ତ୍ରୀ କହି କହି ଆସୁଚି—ସୁଧାକର କାହିଁ —କୋଉଠି ଅଛି ? ବାବୁ ତ ସୁଧାକରର ରାଜ୍ୟର ପ୍ରଶଂସା କରୁଥିଲେ—କାହିଁ ସେ ? କୋଉଠି ?

କଥା ନୁହେଁ ତ, ଯେମିତି ବୀଣା ବାଜୁଚି । ମଣିଷର କଥା ପୁଣି ଏତେ ମିଠା ହୋଇପାରେ ? ସୁଧାକର ଆଉ ପାରିଲା ନାହିଁ । ଗୋଟାଏ ଝୁଙ୍କରେ କାଗଜ ଖଣ୍ଡକ ଖଟରୁ ଟାଣିଆଣି ପାଟିରେ ପୂରାଇଦେଲା ।

ଦୂରରୁ ନବଘନବାବୁଙ୍କ ତାଗିଦାରେ ସୁଧାକର ପଦାକୁ ବାହାରି ଆସିଲା । ସାମନାରେ ଠିଆହୋଇଛି—କିଏ ? କାମକଳା ? ହଁ, ଭୁଲ ହବାର ନୁହେଁ—ଗୋରା ତକ୍ ତକ୍ ହାତରେ ଚିତା କୁଟାହୋଇ ସ୍ପଷ୍ଟ ଭାବେ ନାଁ ଲେଖାହୋଇଛି—କାମକଳା !

ସୁଧାକରର ପାଦତଳ ଝିମ୍ ଝିମ୍ ହୋଇଯାଉଚି—ପାଦତଳର ମାଟି ଯେମିତି ତଳକୁ ତଳକୁ ଦବି ଦବି ଯାଉଛି । ସେ ଅଚଳ ଅଟଳ ରହିବାକୁ ଚାହେଁନା, ଏଇ ମୁହୂର୍ତ୍ତରେ ସେ କୁଆଡ଼େ ଶୂନ୍ୟରେ ଉଡ଼ି ମିଳେଇଯିବାକୁ ଚାହେଁ ।

ବୀଣାର ତା'ର ଝଣ ଝଣ ହୋଇ ଛିଡ଼ିଗଲା ବୋଧହୁଏ । କାହିଁ ଗଲା ସେ ମଧୁର ସ୍ୱର ? ଗଳାରେ ଗୋଟାଏ ତୀବ୍ର ଉତ୍କଟ ଝଙ୍କାର ଦେଇ କାମକଳା କହିଲା—ମୋ ମୁହଁକୁ ଏମିତି ବଲବଲ କରି ଚାହିଁରହିଚୁ କାହିଁକରେ ସୁଧାକର ! ମତେ ଚହ୍ନି ପାରୁନୁ ? ମୁଁ କାମକଳା ।

କଥା ସଙ୍ଗେ ସଙ୍ଗେ ସୁଧାକର ଗାଲରେ କାମକଳା ହାତର ଏକ ମଧୁର ଖୁନ୍ଦା !

ସୁଧାକର କ'ଣ କରିବ ? କାନ୍ଦିବ ?

—ଖୁନ୍ଦା ଦେଲି ବୋଲି ମୁହଁ ଶୁଖେଇ ଦଉଚୁ ସୁଧା ! ତୋ' ବୟସ କେତେ ହବ କହିଲୁ ? ଅଠର କି କୋଡ଼ିଏ । ମୋ' ବଡ଼ ନାତିକୁ ପରା ଏଇ ପଅରିଦିନ ସତର ପୂରି ଅଠର ଚାଲିଲା । ନାତି ନାତୁଣୀଙ୍କୁ ଘରେ ଛାଡ଼ିଆସିଲି । ତୁ ନହେଲେ ମୋ ହାତରୁ ଖୁନ୍ଦା ଖାଇବ କିଏ ?

କାମକଳା ଏଥର ଅତି ସ୍ନେହରେ ସୁଧାକରର ଚିବୁକ ଧରି ହଲାଇଦେଲା ! ସେତେବେଳକୁ ଗୀତଲେଖା କାଗଜ ଖଣ୍ଡିକ ସୁଧାକରର କଣ୍ଠନଳୀ ପାର ହେବାର ଉପକ୍ରମ କରୁଥାଏ ।

Digitized by srujanika@gmail.com

ଆଉ ଏକ ନାରୀ—ରାଧିକା ମାନସିଂ

ଏଇଟା ଶୋଇବା ବେଳ ନୁହେଁ—କିନ୍ତୁ ମା ଝିଅ ଦୁହେଁ ଏମିତି ଶୋଇଚନ୍ତି । ଷୋଳ-ବର୍ଷର ଝିଅ ରାଧିକା ବୋଉ କୋଳରେ ଛ' ବର୍ଷର ଝିଅଟିପରିଏ ଜାକିଜୁକି ହୋଇ ଶୋଇଚି । ଏ ଅବସ୍ଥାରେ ଯାହା ହୋଇଥାଏ—କେତେବେଳେ ତା' ଗହଳିଆ ମୁଣ୍ଡବାଳ ଉପରେ, କେତେବେଳେ ତା'ପିଠି ଉପରେ ବୋଉଙ୍କ ସସ୍ନେହ ହାତ ବୁଲି ଆସୁଚି ।···ରାଧା ଏଥର ମେଟ୍ରିକ୍ ପରୀକ୍ଷା ଦେଇଥିଲା । ଆଜି ଫଳ ବାହାରିଚି । ସେ ପାଶ କରିଛି, ଭଲରେ ପାଶ୍-କରିଛି । ବୋଉଙ୍କ ମନରେ ଅସଂଖ୍ୟ ଭାବନା । ଉପର ଭାଇ ଭଉଣୀଙ୍କର ସବୁ ଅଡୁଆ ତୁଟି-ଯାଇଛି । ଭଉଣୀର ଦୁହିଙ୍କର ଉଚ୍ଚଶିକ୍ଷା—ଚାକିରି । ଦୁହେଁ ବର୍ତ୍ତମାନ ଶାଶୁଘରେ, ଏଇ ଭୁବନେଶ୍ୱରରେ । ରାଧାର ଭାଇ ଭାଉଜ ଆମେରିକାରେ । ଏ ଝିଅଟା ଭାଗ୍ୟରେ କ'ଣ ଅଛି କେଜାଣି ? କିଏ ଜାଣେ, ତାକୁ କେଉଁ କଲେଜରେ ସିଟ୍ ମିଳିବ ! ପଙ୍କଜ କହୁଥିଲା, ଅନ୍ତତଃ ଦଶଟା କଲେଜରେ ଫର୍ମ ପୂରଣ କରିବାକୁ ପଡ଼ିବ—ତା'ହେଲେ କୋଉଠି ଗୋଟାଏ ହେଲେ ମିଳିଯିବ । ବୋଉଙ୍କର ଏଇ ସ୍ୱଗତ ଭାବନା ବେଳେ ରାଧା ସେମିତି ବୋଉ କୋଳରେ ମୁହଁ ଗୁଞ୍ଜି କହିଉଠିଲା—ବୋଉ, ମୁଁ ଆଉ ଉପରକୁ ପଢ଼ିବି ନାହିଁ । ରାଧାର ଏଇ କଥା କେଇପଦ ବୋଉ ଶୁଣି ନ ଶୁଣିଲା ପରି ରହିଲେ । ସେ ତାଙ୍କ ଭାବନାର ଖିଅ ବୁଣି-ଚାଲିଛନ୍ତି ।···ସେଦିନର କଥା—ସିଏ ଆଉ ପଙ୍କଜ ବସିଥାନ୍ତି । ଦଶ ଏଗାରବର୍ଷର ଝିଅ ରାଧିକା ଗାଧୋଇ, ଚକ୍‌ଚକ୍ ଗହଳିଆ କଳା କେଶକୁ ଦ'ଭାଗକରି କୁଣ୍ଡେଇ, ହାତରେ ଫୁଲ ଡାଲିଟିଏ ଧରି ସେଇ ବାଟେ ଗଲା । ତାକୁ ଦେଖି ପଙ୍କଜ କହିଉଠିଲେ—ଅପା, ରାଧିକାଟା ଆମର ସେଣ୍ଟ ପର୍ସେଣ୍ଟ ଫେମିନାଇନ୍ ଝିଅଟିଏ । ଖାଲି ସୁନ୍ଦରୀ ବୋଲି ନୁହେଁ—ତାର ଚାଲି, ଢଙ୍ଗ, କଥା-ବାର୍ତ୍ତା, ଗୃହିଣୀ, ରୂପରେଖ ସବୁ କହିଦଉଚି ସିଏ କେବଳ ଝିଅଟିଏ । ପୁଅ ସ୍ୱଭାବ ମୋଟେ ନାହିଁ । ଘର ଶୁଭଲକ୍ଷଣ ! ପଙ୍କଜର କଥା ଶୁଣି ତାଙ୍କ ଓଠପ୍ରାନ୍ତରେ ସୁନ୍ଦର ହସଧାରଟିଏ ଖେଳିଯାଇଥିଲା । ଏବେ ସେଇ କଥା କେଇପଦ ତାଙ୍କର ମନେପଡ଼ିଗଲା । ଓଠଧାରରେ ଆଜି ବି ସେମିତି ନିର୍ମଳ ସରୁ ହସଟିଏ ଖେଳିଗଲା । ଅନ୍ତରର କୋଉ କୋଣରୁ କେଜାଣି ସ୍ନେହ ସାଗର ଉଚ୍ଛୁଳିଉଠିଲା । ଆଦରରେ ଝିଅକୁ ଟିକିଏ ଜାକିଧରିଲେ ।

—ବୋଉ !

—କ'ଣ ?

—ମୁଁ କଣ କହିଲି ପରା ?

Digitized by srujanika@gmail.com

—କଣ କହୁଛୁ !

—ମୋ ପାଠପଢ଼ା କଥା ।

—ଆଲୋ ମୁଁ ’ ପରା ସେଇକଥା ମନେ ମନେ ଭାବୁଛି ।

—ନାଇଁ ବୋଉ, ତତେ ଆଉ ଭାବିବାକୁ ପଡ଼ିବ ନାହିଁ । ମୁଁ ଆଉ ପଢ଼ିବି ନାହିଁ ।

ଏଇଠି ବୋଉ ଟିକେ ଅଟକିଯାଇ ପଚାରିଲେ—କ’ଣ ପଢ଼ିବୁ ନାହିଁ ?···ବୋଉର କୋଳରୁ ଘୁଞ୍ଚିଆସି, ତାଙ୍କ ମୁହଁକୁ ଦୁଇ ପାପୁଲିରେ ଧରି କହିଲା—କ’ଣ ଆଉ ? ପାଠ, ପାଠ—ମୁଁ ଆଉ ପାଠ ପଢ଼ିବି ନାହିଁ । ମୋ ପାଠରେ ଏଇଠି ଡୋର ବାନ୍ଧିଲି ।···ଏଥର ବୋଉ ହସିଟିଏ ମାରି କହିଲେ—ତୋ ବଡ଼ ଅପା କ’ଣ ମିଛରେ ତତେ କହେ—ରାଧା ପଢ଼ାପଢ଼ି ଭଲ କରୁଛି, ହେଲେ ବୋକାଟାଏ ।···ବୋଉଙ୍କ କଥାରେ ରାଧା ହସିଉଠି କହିଲା—ଅପା ଆଖିରେ ମୁଁ ବୋକା ହେଲେ ହେବ, ମୁଁ ଆଉ ଉପରକୁ ପଢ଼ିବି ନାହିଁ ।···ବୋଉଙ୍କ ଭ୍ରୂ କୁଞ୍ଚିତ ହୋଇଗଲା ।—ନ ପଢ଼ି କରିବୁ କଣ ?

—ଘର କାମ କରିବି । ରନ୍ଧାବଢ଼ା, ଧୁଆଧୋଇ, ପିଠାପଣା, ପିଲେଇ ସେବାଯତ୍ନ, ଚିଠାଲେଖା, ଫୁଲଗୁନ୍ଥା—ସବୁ, ସବୁ କାମ···ଖୁବ୍ ଉତ୍ସାହର ସହିତ ରାଧା ଉଠିବସି କହିଚାଲିଥାଏ—ତୋର ମନେନାହିଁ ବୋଉ, ଏଇ ଗଲା ଖରାଦିନେ ଅସହ୍ୟ ଗରମ ହୋଇଥିଲା । ମୁଁ ଦିନେ ଝାଳନାଳ ହେଇ ଏତେ—ଏତେ ଚନ୍ଦନ ଘୋରିଲି । ଦି’ ଅପାଯାକ ଏଇଠି ଆଥାନ୍ତି । ଆମେ ସମସ୍ତେ ସେ କାଳର ରାଜକନ୍ୟାପରି ଦେହସାରା ଚନ୍ଦନ ବୋଳି ହେଲୁ । କି ଥଣ୍ଡା ! ଏକଥାରୁ ମୁଁ ଯଦି ବୋକା ହେଲି ବୋଲି ଅପା କହିବ, ତେବେ ମୁଁ ରାଜି, ହେଲେ ମୁଁ ଆଉ ପଢ଼ିବି ନାହିଁ ।

—ଆଉ ବାହାଘର ?

—ବାହାଘର ! କି ବାହାଘର ?

—ବୁଝିପାରୁନୁ କି ବାହାଘର ? ତୋର ବାହାଘର ।

—ବାହାଘର କଥା ମତେ କ’ଣ କହୁଛୁ ? ସେ କଥା ତୁ ବୁଝିବୁ, ତୁ ଜାଣ୍ଣ ।

—ମୁଁ କ’ଣଟା ବୁଝିବି ? ଆଖି ଆଗରେ ଦେଖିଲୁ ତ ତୋ ଉପର ଦି’ ଭଉଣୀ ବେଶି ପାଠ ପଢ଼ିଲେ—ଭଲ ଚାକିରି କଲେ—ସେମିତି ଜାଗାରେ ବାହା ହେଇଗଲେ ।··· ବୋଉଙ୍କ କଥା ଶୁଣି ରାଧା କ୍ରମେ ପ୍ରମାଦ ଗଣିଲାଣି । ତାଙ୍କ ପାପୁଲି ନିଜ ହାତମୁଠାକୁ ଆଣି ଅତି ସ୍ନେହ ଶ୍ରଦ୍ଧାରେ ରାଧିକା କହିଲା—ବୋଉ ! ବୋଉ ହାତ ଟାଣିନେଇ କହି-ଚାଲିଚନ୍ତି—ଆଉ, ମୋ’ ହାଡ଼ ଜଳାନା । ଅଧାପାଠୋଇ ହେଇ ହଜାରେ ଘରକାମ କଲେ ବି ଶେଷକୁ ସେଇ ପିଅନ କି ପ୍ରାଇମେରୀ ସ୍କୁଲ ଟିଚର ଘରେ ବୋହୂପଣିଆ କରିବୁ ।

ଖଟରୁ ଉଠି ବୋଉ ଚାଲିଗଲେ । ବୋଉଙ୍କର ହାତ ଟାଣିନେବା ବା କର୍କଶ କଥା ନୁହେଁ, ଚଞ୍ଚଳ ଏମିତି ଉଠି ଚାଲିଯିବାଟାହିଁ ରାଧାକୁ ଖୁବ୍ ଆଘାତ ଦେଇଛି । ରାଧା ପିଲା ବୟସର

Digitized by srujanika@gmail.com

ଝିଅ ସତ; କିନ୍ତୁ ଠିକ୍ ପିଲା ବୁଦ୍ଧିରେ ସେ ଏକଥା କହୁନଥିଲା । ସିଏ କାହାଘର ବୋହୂ ହେବ, ଏ ଚିନ୍ତା ତା'ର ନଥିଲା । କିନ୍ତୁ ସବୁ ଝିଅ ଯେ କଲେଜ ୟୁନିଭର୍ସିଟିକୁ ଯାଇ ଷୋଳ ସତର ବର୍ଷରୁ ବାଇଶି ତେଇଶି ବର୍ଷଯାଏ ସେଠି ଘାଣ୍ଟି ହେବେ—ଏ କଥା ସେ ବୁଝୁନଥିଲା । ଜୀବନର ଏଇ ଶ୍ରେଷ୍ଠ ବର୍ଷତକ ସେ ଏମିତି ନଷ୍ଟ କରିବ କାହିଁକି ? ଘରଟା ତାକୁ ଖୁବ୍ ଭଲଲାଗୁଚି । ଅନ୍ୟମାନଙ୍କୁ ସ୍ନେହ ବାଣ୍ଟି, ସେମାନଙ୍କଠାରୁ ସ୍ନେହ ଆଶିଷ ଲାଭ କରି, ଘରର ସବୁ କାମ ତୁଲାଇ ଯଥା କାଳରେ ସେ ବାହାହୋଇ ଯାଇପାରନ୍ତା—ମନେ ମନେ ସେ ଏଇଆ ଭାବୁଥିଲା; ଆଉ ଏଇ କଥା ସେ ମନ ଖୋଲି କହିଦେଇଥିଲା । ମାତ୍ର ଫଳ ହେଲା କ'ଣ ? ବୋଉର ଏ ବ୍ୟବହାରରେ ସେ ଖୁବ୍ ଡରିଗଲା । ବୋଉ ପାଖରେ ମାନଅଭିମାନ କରିବ କ'ଣ—ବରଂ ଏହାପରେ ସେ ବୋଉ ସହିତ, ମାମୁଁଙ୍କ ସହିତ କଲେଜରେ ଏଡ୍‌ମିଶନ କଥା ଆଲୋଚନା କଲା—କେବଳ ଡର ଭୟରେ । ଅନ୍ୟ କେଉଁ କଲେଜ ନୁହେଁ, ମହିଳା କଲେଜରେ ତାକୁ ସିଟ୍‌ଟିଏ ମିଳିଗଲା । ସୁଶୀଳା ସୁବୋଧିନୀ ଝିଅଟିଏ ପରି ପଢ଼ାପଢ଼ି ଶେଷ କରି ସେ ବି· କମ୍. ପାଶ୍ କଲା—ଭଲରେହିଁ ପାଶ୍ କଲା ।

ଦିବା ସ୍ୱପ୍ନ ! ଦିବା ସ୍ୱପ୍ନ ନ ଦେଖେ କିଏ ? ଯେଉଁମାନେ ଅସହାୟ, ସେମାନଙ୍କର ଦିବା ସ୍ୱପ୍ନହିଁ ସହାୟ । ରାଧିକା ଏବେ ସେଇ ଦିବାସ୍ୱପ୍ନ ଦେଖୁଚି । ଏଥର ସେ ବୋଉକୁ କହିବ, ସେ ଚାକିରି କରିବ ନାହିଁ କି ପୋଷ୍ଟ ଗ୍ରାଜୁଏସନ୍‌କୁ ଯିବ ନାହିଁ । ନୋହିଲେ ତା' ଅଳି ନିଶ୍ଚୟ ରଖିବ । ···ବାଧା ପଡ଼ିଲା । ବୋଉ ଆଉ ମାମୁଁ ଆସିଲେ । ମାମୁଁଙ୍କ ହାତରେ ଦୁଇଟି ଫର୍ମ । ଗୋଟିଏ ଚାକିରି ପାଇଁ ଦରଖାସ୍ତ ଫର୍ମ—ଅନ୍ୟଟି ଏମ୍. ଏ. ପଢ଼ିବା ପାଇଁ ଏଡ୍‌ମିଶନ୍ ଫର୍ମ । ଫର୍ମ ଦୁଇଟି ହାତରେ ଧରି ରାଧା ବୋଉ ଆଉ ମାମୁଁ ଦୁହିଁଙ୍କ ମୁହଁକୁ ଖାଲି ଚାହିଁରହିଲା । ତା' ଲାବଣ୍ୟଭରା ଉଜ୍ଜ୍ୱଳ ମୁହଁଟି ଧୀରେ ଝାଉଁଳି ଆସିଲା । ବୋଉ ସଙ୍ଗେ ସଙ୍ଗେ କହିଉଠିଲେ —ବୁଝିଲୁ ରେ ପଙ୍କଜ, ତୋ ଭାଣିଜୀର ସବୁ ଭଲ, ସବୁ କଥା ତୁଲେଇ ନବ । ହେଲେ ଗୋଟାଏ କିଛି କଥା ପଡ଼ିଲେ, ଆରମ୍ଭରେ ମଉଳିପଡ଼ିବ ।

—ବୋଉ, ବାପା ଏ ଫର୍ମ ଦେଖିଚନ୍ତି ?

—ହଁପରା । କଟକ ଯିବା ଆଗରୁ କହିଗଲେ—ତାଙ୍କର ତ ସବୁଦିନେ କଟକ ଯିବା ଆସିବା —ତାଙ୍କୁ ବେଳ କାହିଁ ? ପଙ୍କଜ ଅଛି ବୋଲି ଏ ସବୁ କାମ ଉଠେଇ ନଉଚି । କହିଯାଇଚନ୍ତି, ଆଜି ଏ ଫର୍ମ ଯେମିତି ହେଲେ ଦାଖଲ ହେବ ।

—ଏ ଫର୍ମ···ମାମୁ ଉତ୍ତର ଦେଲେ—ସବୁ ପୂରଣ ହେଇଚି, ତୁ କେବଳ ଏଇ ସବୁ ଜାଗାମାନଙ୍କରେ ଦସ୍ତଖତ କର ।

ଦସ୍ତଖତ କରି ରାଧା ଫର୍ମ ଫେରାଇଦେଲା । ଫର୍ମ ନେଇ ମାମୁଁ ବାହାରିଗଲେ । ରାଧା ମୁହଁ ଟେକି ବୋଉକୁ ଚାହିଁଲା । ନିଶ୍ଚିତ ଭାବେ କାରୁଣ୍ୟଭରା ଅସହାୟ ଚାହାଣୀ । ବୋଉ ବୁଝିପାରି, ଝିଅକୁ ପାଖକୁ ଆଉଜାଇଆଣି ତାର ମସୃଣ ବାହୁଟିକୁ ଆଉଁସି ଆଉଁସି କହିଲେ —କ'ଣ ମା ?

Digitized by srujanika@gmail.com

—ସତରେ ମୁଁ ଚାକିରି କରିବି । ବୋଉ ହସିଉଠି କହିଲେ—ତୋ' ବୁଦ୍ଧି !! ଆଗେ ଚାକିରି ହେଉ । ଦେଖିଲୁ ନାହିଁ ତୋ' ଉପରି ଭଉଣୀ ଦି'ଟା ପଢ଼ାପଢ଼ିରେ କେମିତି ବ୍ରିଲିଆଣ୍ଟ୍ । ହେଲେ ଚାକିରି ବେଳକୁ ଯାହା କୁହନ୍ତି ହିମାଳୟ ଗୁମ୍ଫାରେ ତପସ୍ୟା କଲାଭଳି ସାଧନା କରିବାକୁ ପଡ଼ିଲା ।···ଏଇଟା କି ପତ୍ରିକା ? ଓ, ହିନ୍ଦୀ ! ତୁ ହିନ୍ଦୀରେ ଯେମିତି ପାରଙ୍ଗମ ହେଇଉଠିଲୁଣି ନା, ବେଳ ଦେଖି କୋବିଦ ପରୀକ୍ଷାଟା ଦେଇଦେ', ଚାକିରି ବେଳେ କାମକୁ ଆସିବ ।··· କହୁ କହୁ ବୋଉ ବାହାରିଗଲେ । ଅନେକ—ଅନେକ ଦିନ ପରେ ରାଧିକାର କଳା ଇନ୍ଦୀବର ନୟନ ଦୁଇକୋଣରେ ଦୁଇଟୋପା ଲୁହ ଜକେଇ ଆସିଲା ।

ଚାକିରି ପାଇଁ ଇଣ୍ଟରଭ୍ୟୁ । ରାଧିକା ମାନସିଂ ଇଣ୍ଟରଭ୍ୟୁ ପାଇଁ ଡାକରା ପାଇଛି । ଆଜି ଇଣ୍ଟରଭ୍ୟୁ । ଏଣେ ତା' ବଡ଼ଭଉଣୀ ନଣନ୍ଦର ବାହାଘର—ଆଜି ମଙ୍ଗନ । ଇଣ୍ଟରଭ୍ୟୁ କଥା ରାଧାକୁ ସବୁ ବୁଝେଇ ବୋଉ ବଡ଼ ଝିଅ ଘରକୁ ବାହାରିଗଲେ । ଉପରବେଳାକୁ ଫେରି ଦେଖିଲେ ରାଧା ଖଟ ଉପରେ ବସି ଗୋଟାଏ ସ୍ୱେଟର ବୁଣୁଚି ।

—ରାଧିକା, ତୁ ଆସିଲୁଣି ମା' ? କ'ଣ କରୁଚୁ ଏଠି ?

—ଏଇ ଦେଖିଲୁ ବୋଉ, ବାପାଙ୍କ ପାଇଁ ପୁଲ୍‌ଓଭର ସ୍ୱେଟରଟା, ଅଧା ହୋଇ ପଡ଼ିଥିଲା । ବାପା ଶୀତଦିନେ ଖୁବ୍ ହଇରାଣ ହଉଚନ୍ତି । ଆଜି ଲାଗିପଡ଼ି ସାରିଦେଇଚି । ଭଲ ହୋଇନି ?

—ସ୍ୱେଟର···ହଁ ଭଲ ହେଇଚି । ବାପା ଦେଖିଲେ ଖୁବ୍ ଖୁସି ହେବେ । ତୁ ଆଗେ କହିବୁଟି ତୋ' ଇଣ୍ଟରଭ୍ୟୁ କେମିତି ହେଲା ?

—ଇଣ୍ଟରଭ୍ୟୁ !!

—ହଁ, ତୋ' ଅପା କହିଚି ପରା, ଇଣ୍ଟରଭ୍ୟୁ କେମିତି କ'ଣ ହେଲା ତା' ପାଖକୁ ଖବର ପଠାଇବା ପାଇଁ ।

—ମୁଁ ··ମୁଁ ଇଣ୍ଟରଭ୍ୟୁକୁ ଯାଇନି ବୋଉ ।

ବୋଉଙ୍କର ତଣ୍ଟି ଯେମିତି ଶୁଖିଶୁଖି ଆସୁଚି । —ଇଣ୍ଟରଭ୍ୟୁକୁ ଯାଇନୁ ?

—ନା ।

—କାହିଁକି ?

—ମୋ ମନ ଚାହିଁଲା ନାହିଁ, ମନ ମାନିଲା ନାହିଁ । ଯିବି ବୋଲି ଲୁଗାପଟା ପିନ୍ଧିଲି, ତେବେ ବି ମନ ଚାହିଁଲା ନାହିଁ । କ'ଣ ଆଉ କରିଥା'ନ୍ତି କହିଲୁ ?···ଏଇ ଦେଖ୍, ବୁଣା କାମ ସରିଯାଇଚି ବୋଲି ସ୍ୱେଟର ପିଠିପାଖ ଡିଜାଇନ୍‌ଟା କି ସୁନ୍ଦର··· । ରାଧାର ଗାଲ, ପିଠି, ବାହା ସବୁଠି ବୋଉଙ୍କର ଚଟକଣା ବର୍ଷିଯାଉଚି । ଅତି ନିର୍ଦ୍ଦୟ ଭାବରେ ରାଧାକୁ ପିଟୁଚନ୍ତି । ରାଧା ହୁଏତ ସମ୍ଭାଳି ନପାରି ବୋଉ ବୋଉ ବୋଲି ଚାପା ସ୍ୱରରେ ପାଟିକରି ଉଠୁଚି । ବୋଉ ଗର୍ଜି ଉଠିଲେ—ମନ ଚାହିଁଲା ନାହିଁ ! ଏମିତି ଅଲୁଅଲ ମନ

Digitized by srujanika@gmail.com

ତୋର ! ଯା ଦେଖିବୁ, ତୋ’ ଅପା ନଣନ୍ଦ ତିନିବର୍ଷ ଚାକିରି କରି ଯୋଉ ଟଙ୍କା ଜମା ରଖି-ଥିଲା, ସେ ପାଣ୍ ବନ୍ଧ ତା’ ବାପା ହାତକୁ ବଢ଼େଇଦେଲା । ସେଥିରେ ସେ କେମିତି ସୁନା ଗହଣାରେ ଗୁଡ଼ିହେଇଯାଇଚି । ଆଉ ତୁ ଇଣ୍ଟରଭ୍ୟୁକୁ ନଯାଇ ତୋ’ ବାପା ପାଇଁ ଖଣ୍ଡେ ସୁଏଟର ବୁଣୁଚୁ !! ହଉ, ଯାହା କଲୁ କଲୁ, ଏଣିକି ଯେବେ ଏ ଢଙ୍ଗ ବାହାରିବ, ତୋ’ ତଣ୍ଟିକି ଏମିତି ଚିପିଦେବି ଜାଣିଥା ।…ରାଧାକୁ ଧକ୍କାଟାଏ ମାରି ଠେଲିଦେଇ ସେଠୁ ଚାଲିଗଲେ । ରାଧା ଖଟ ଉପରେ ଗଡ଼ିପଡ଼ିଲା ।

ସେମିତି ଗଡ଼ିପଡ଼ିବା ଅବସ୍ଥାରେ ରାଧିକା ଖଟ ଉପରେ ଶୋଇଚି—ତଳରେ କାଲୁଷ ହୋଇ ଗୋଡ଼ ହାତ ଜାକି ଶୋଇଚି । ବୋଉଙ୍କ ମାଡ଼ ତାକୁ ଖୁବ୍ କାଟିଚି ଖୁବ୍ ବାଧିଚି । ପାଟି-କରି କାନ୍ଦି ନାହିଁ ସତ, ଆଖି ମୁହଁ ଲୁହରେ ଭିଜିଯାଇଚି । କାହିଁକି ଏମିତି ହେଲା ? ବୋଉ କାହିଁକି ଏମିତି ଉତ୍ତ୍ୟକ୍ତ ହୋଇଉଠିଲା ? ତା’ର କୋଡ଼ିଏ ବର୍ଷ ବୟସ ଭିତରେ ଯୋଉ ଦଣ୍ଡ ସେ ଭୋଗିନଥିଲା ଆଜି କାହିଁକି ଭୋଗିଲା ? ପାଠ ପଢ଼ି ଚାକିରି କରିବା କ’ଣ ନାରୀ ସ୍ୱାଧୀନତା ? ଗୋଟାଏ ପାରିବାରିକ ବନ୍ଧନରୁ ମୁକୁଳିଯାଇ ଗୋଟାଏ ଅଫିସ ଗୃହର ପଙ୍ଖାତଳେ ଚୌକି ଉପରେ ବସି ଦାସୀତ୍ୱର ଜୀବନ କଟାଇବା କ’ଣ ନାରୀଜାଗରଣ ? ଭାରତୀୟ ଓଡ଼ିଆ ପରିବାରର ସେ ଗୋଟିଏ ଝିଅ, ଗୋଟିଏ ଭଉଣୀ, ଗୋଟିଏ ଝିଆରୀ ବା ଗୋଟିଏ ନାତୁଣୀ—ସମସ୍ତଙ୍କ ସ୍ନେହ ମମତାର ଅଧିକାରିଣୀ । ମାତ୍ର ପରିବାରର ସମସ୍ତେ ସ୍ୱାର୍ଥ ସର୍ବସ୍ୱ ହୋଇ ଅର୍ଥ ବିନିମୟରେ ତାକୁ ଦାସତ୍ୱବନ୍ଧନକୁ ଠେଲିଦେବାର ଇକୁଏସନ୍ କ’ଣ ନାରୀର ଅର୍ଥନୈତିକ ମୁକ୍ତି ! ନାରୀର ଏଇ ସ୍ୱାଧିକାର ଲଭ ପାଇଁ କ’ଣ ଦେଶସାରା ଆଜି ସଭା ସମିତି, ସ୍ଲୋଗାନ୍ ସମାରୋହ ଲାଗିରହିଚି ? କ’ଣ ବା ଅଧିକା ସେ ଚାହିଁଥିଲା ? ଗୋଟାଏ ଅଫିସ୍‌ରେ କେତୋଟା ଫାଇଲ୍‌ର ବୋଝ ନସମ୍ଭାଳି ଗୋଟିଏ ପରିବାରର ସବୁ ଦାୟିତ୍ୱ ସେ ଆପେ ଆପେ ଆଦରିନେଇଥା’ନ୍ତା । ଏଇଟା କ’ଣ ଏମିତି ଗୋଟାଏ ଅପରାଧ ? ଏଁ ! ରାଧିକା ଚମକି ଉଠିଲା । ନା, ଆଉ ଏ ସବୁ ଭାବନା ସେ ଭାବିବ ନାହିଁ । ଏଥିରେ ତା’ ଆଖି ଲୁହ ପୋଛିହବନାହିଁ । ସେ ତା’ ମନ ଭିତରୁ ସବୁ ବିଦ୍ୱେଷ, ସବୁ କଳୁଷ ଭାବ ପୋଛି ଦେଇ ଧୀର ସ୍ଥିର ଶାନ୍ତ ଝିଅଟିଏ ପରି ଶୋଇପଡ଼ିବ ।

ତାହାହିଁ ହେଲା । ଏତେ ସହ୍ୟେ ସେ ସମସ୍ତ ରାତି ସେମିତି ଗୋଟିଏ ଭଙ୍ଗୀରେ ଶୋଇ-ପଡ଼ିଲା । ସକାଳ ହେଲା । ଏହାପରେ ତା’ ଜୀବନର ବ୍ରତ ହେଲା ଚାକିରି ବିଜ୍ଞାପନ ଖୋଜିବା, ଚାକିରି ପାଇଁ ଦରଖାସ୍ତ କରିବା ଓ ଇଣ୍ଟରଭ୍ୟୁକୁ ଯିବା । ବୋଉ ଚକିତ ମୁଗ୍ଧ ହୋଇ-ଗଲେ ।…ଏଇ ସମୟରେ ସେଦିନ ଏ ରାଜ୍ୟର ଏକ ନୂତନ ପ୍ରଭାବଶାଳୀ ସଂସ୍ଥା ଏକ ଫାଇନାନ୍ସ କର୍ପୋରେସନ୍‌ରୁ ରେଜିଷ୍ଟ୍ରି ଡାକରେ ଆସିଲା ରାଧିକା ମାନସିଂଙ୍କ ନାମରେ ନିଯୁକ୍ତିପତ୍ର । ଯିଏ ଶୁଣିଲା ସିଏ କହିଲା ଭଲ ଅଫିସ୍—ଭଲ ଚାକିରି । ବୋଉ ଗୋଟିଏ ଶୁଭ ଭଲ ଦିନ ସ୍ଥିର କରିଦେଲେ । ଦାଣ୍ଡଦୁଆର ମୁହଁରେ କଳସି ବସିଲା—ରାଧା

Digitized by srujanika@gmail.com

ଅଫିସ୍‌ରେ ଜଏନ୍ କଲା । ଠିକ୍ ନ'ଟା ପଞ୍ଚାବନରେ ଘର ଗ୍ରାଉଣ୍ଡର—ଛ'ଟା ପାଖାପାଖି ଘରକୁ ଫେରିବ । ଅଫିସରୁ ଫେରି କ୍ଳାନ୍ତହେବାର ଅଭିନୟ ଧନେ କରିନ । ବୋଉ ଯାହା ଟିଫିନ୍ ସଜାଡ଼ି ଦେଉଚନ୍ତି ଆଖି ବୁଜି ନେଉଚ୍ଛି । ଝିଅ ଭଲ ଚାକିରି ପାଇଚି ବୋଲି ଘରେ ସମସ୍ତେ ଖୁସି, ଅତଏବ ରାଧିକା ମାନସିଂ ନିଶ୍ଚୟ ଖୁସି ।

ପ୍ରାୟ ଗୋଟିଏ ମାସ ପରର କଥା । ପଙ୍କଜ ଆସି ଅପାକୁ ଏକାନ୍ତରେ ଡାକି କହିଲା—ଶୁଣ ଅପା, ଗୋଟିଏ ଖୁବ ଗୁରୁତର କଥା !···ଆଲୋ ତୁ ଏମିତି ଡରିଯାଉଚୁ କାହିଁକି ? ଏ ଗୁରୁତର କଥାର ଏପାଖ ସେପାଖ ଦୁ' ପାଖ ଅଛି । ଶୁଣ୍—ରାଧାର ଏଇ ଯୋଉ ଚାକିରି, ଯୋଉ ଏକାଉଣ୍ଟାମ୍ ସିଟ୍‌ରେ ସେ କାମ କରୁଚ୍ଛି ସେ ସିଟ୍‌ଟା ଗୋଟାଏ କାମଧେନୁ ସିଟ୍ ।

—କାମଧେନୁ !

—ସ୍ୱର୍ଗର କାମଧେନୁ ଗାଈର ଚାରିରେ ହାତ ମାରିଦେଲେ ଯେମିତି କ୍ଷୀର ଅହରହ ଗଳି ପଡ଼ୁଥିଲା, ସେମିତି ଏ ସିଟ୍‌ରୁ ଉପୁରି ଟଙ୍କା ଝରୁଚି । ରାଧିକା ମାଡ଼ାମ୍ ଟିକିଏ ମଥା ଟୁଙ୍ଗାରି ପର୍ସ ମୁହଁ ଖୋଲିଦେଲେ, ପର୍ସ ଭର୍ତ୍ତି ହୋଇଯାଆନ୍ତା । କିନ୍ତୁ ତୋ ଝିଅ ମୁଣ୍ଡ ଟୁଙ୍ଗାରୁ ନାହିଁ କି ପର୍ସ ମୁହଁ ଖୋଲୁ ନାହିଁ । ମୁଁ ଜାଣିଥିଲି, ଏଇଟା ସେଣ୍ଟିପର୍ସେଣ୍ଟ ଫେମିନାଇନ୍ ଝିଅଟେ । ଲାଞ୍ଚ, ମିଛ, ଦୁର୍ନୀତି ତା'ଦ୍ୱାରା ହେଇପାରିବନାହିଁ । ମାତ୍ର ଯୋଉ ପାର୍ଟିମାନଙ୍କର ଫାଇଲ କାରବାର ହଉଚି, ସେମାନେ ମାଡ଼ାମ୍‌ଙ୍କ ପାଉଣା ନଦେଲେ ନିଶ୍ଚିନ୍ତ ରହିପାରୁ ନାହାନ୍ତି—ଟଙ୍କା ଦେବାପାଇଁ ସେମାନେ ହାତ ଖୋଲି ବସିଛନ୍ତି ।···କହିହଉନି, ଏକଥା ଶୁଣି ବୋଉଙ୍କ ମନ ପ୍ରାଣରେ କି ପୁଲକ କି ଶିହରଣ ଜାଗିଲା ! ଦାନ୍ତ ଚିପି ଚିପି ନମ୍ର ସ୍ୱରରେ ପଚାରିଲେ—ଦିନକୁ କେତେ ଯାଏ···? ଅପା ପାଟିରୁ କଥା ଛଡ଼େଇନେଇ ପଙ୍କଜ କହିଲା—ତାର କିଛି ସୁମାରି ନାହିଁ । ଦିନକୁ କୋଡ଼ିଏଟି ପାଞ୍ଚଦଶ ଫାଇଲ୍ ଆସୁଛି । କୋଉ ଫାଇଲ୍‌ରେ ପଚାଶ ତ କୋଉ ଫାଇଲ୍‌ରେ ପାଞ୍ଚ—ଛଅ ହଜାରେ ।···ଏଥର ଅପା ଝାଡ଼ିଝୁଡ଼ି ହେଇ ବସି ସ୍ପଷ୍ଟ ଗଳାରେ କହିଲେ—ନା, ଏ କାମଧେନୁକୁ ହାତଛଡ଼ା କରିହେବ ନାହିଁ । ଆଜି ରାଧା ଅଫିସରୁ ଆସୁ ।

—କିଛି ଦର୍କାର ନାହିଁ । ମାଡ଼ାମ୍ ରାଧିକା ମାନସିଂ ଅଫିସ୍‌ରେ ଫାଇଲ୍ କାରବାର କରନ୍ତୁ—ସେଠି ତାଙ୍କ ପର୍ସ ନ ଖୋଲୁ । ଯୋଉମାନେ ଟଙ୍କା ଦେବାର କଥା ସେମାନେ ଏଠି ଆଣି ତୋ ପାଖରେ ଦେଇଯିବେ । ଏ ଯୋଗାଡ଼ ମୁଁ ପକ୍କା କରି ରଖିଛି ।

ଠିକ୍ ତାହାହିଁ ହେଲା । କାମଧେନୁ ରହିଲା ଅଫିସରେ—କିନ୍ତୁ ଦୁଗ୍ଧ ଖୁବ ଆସିଲା ଘରକୁ । ମାନସିଂ ଗୃହିଣୀଙ୍କ ଜମା ଅସମ୍ଭବ ଭାବେ ବୃଦ୍ଧି ପାଇବାରେ ଲାଗିଲା । ଗୋଟିଏ ଦିନ ଏଗାର ହଜାର ଟଙ୍କା ତାଙ୍କ ହାତକୁ ଆସିଥିଲା । ସେଦିନ ଗୋଟେ ଉତ୍ତେଜନା କି ଉନ୍ମାଦନା କି ଗୋଟାଏ କିଛି ଉତ୍ତାପର ଜ୍ୱାଳାରେ ସେ କିଛି ଖାଇପାରିନଥିଲେ କି ଶୋଇପାରିନଥିଲେ । ଆଉ ରାଧା—ସିଏ ଏ କାମଧେନୁ ପ୍ରସଙ୍ଗ ଜାଣିଥିଲା କି ଜାଣିନଥିଲା, ଜାଣିଥିଲେ କ'ଣ

Digitized by srujanika@gmail.com

ନୁଅନ୍ତା, ଜାଣିନଥିଲେ କ'ଣ ନହେବ, ଏ ମୁହୂର୍ତ୍ତରେ ଏସବୁର କଳ୍ପନା, ସବୁକିଛି ଚିନ୍ତା ଆଉ ପରିସରର ବାହାରେ ।...ତିନି ବର୍ଷ ବିତିଗଲା ।

ବହୁଦିନପରେ ମା' ଝିଅ ଦୁହେଁ ପୁଣି ଆଜି ଏକାଠି ଶୋଇଛନ୍ତି । ଅଫିସ୍‌ରୁ ଫେରି ରାଧା ବୋଉ ଛାତିରେ ମୁହଁ ଗୁଞ୍ଜି ଶୋଇଛି । ତା' ପଛପଟ କାନ୍ଧ ଆଉ ବେକର ମୁକୁଳା ଅଂଶକୁ ବୋଉ ଧୀରେ ଧୀରେ ଚିପି ଦେଉଛନ୍ତି । ରାଧାକୁ ଖୁବ ଭଲଲାଗୁଚି । ଆଖିପତା ମୁଦି ମୁଦି ହେଇଆସୁଚି । ବୋଉ କଥା ଆରମ୍ଭ କରିଦେଲେ—ସୋଦିନ ତୋ ବାହାଘର କଥା ପକ୍‌କା ହେଇଗଲା, ସେଦିନ ତୋ ଶାଶୁ କ'ଣ କହିଲା ଜାଣୁ ?

—ନାଇଁ ।...ହସି ହସି ବୋଉ କହୁଛନ୍ତି—କହିଲା ପରା, ସମୁଦୁଣୀ, ତମେ ତ ଗୋଟିଏ କାମଧେନୁ ବୋହୂ ଆମକୁ ଦେଉଚ, ଦେବା ନବା କଥାରେ ଆମ ଧାଡି ଆଉ ଫିଟିବ ନାହିଁ ।

—ମୁଁ ତୋର ଏତେ ଏତେ କଥା ରଖିଲି ବୋଉ, ତୁ ମୋର ଗୋଟିଏ କଥା ରଖିବୁ ନାଇଁ ?

—ଆଉ ଦିନ କେତୁଟାରେ ତୁ ପରଘରକୁ ଯିବୁ, ଏକଥା କହୁଚୁ କାହିଁକି ? କ'ଣ ମା', ତୋର କି କଥା ?

—ଏ ବାହାଘର ତୁ ଭାଙ୍ଗିଦେ ।

—ରାଧା ! ଯିଏ ଶୁଣୁଚି ସିଏ କହୁଚି—ଏମିତି ଘର, ଏମିତି ବର !

—ମୁଁ ଘର ବର କଥା ପଚାରୁନି ବୋଉ । ମୁଁ କହୁଚି—ମୁଁ ବାହାହେବି ନାଇଁ ।...ଏ କଥା କେଇପଦ ଶୁଣି ବୋଉ ଚମକେଲ ଭଳି କାନ୍ଦିଉଠିଲେ । ଥରିଲା ଗଳାରେ କହିଲେ —କାହିଁକି ଲୋ ମା, କାହିଁକି ଏତେ ବଡ଼ କଥାଟେ କହିଲୁ ?...ଏଇଠି ରାଧିକା ବୋଉଙ୍କ ମୁହଁକୁ ସିଧା ଚାହିଁ କହିଲା—ଯେତେ କାମଧେନୁ ବୋହୂ ପାଇଲେ ବି, କୋଉ ବର ନଚାହେଁ ଗୋଟିଏ ଅକ୍ଷତ କୁମାରୀ କନ୍ୟାକୁ ବାହା ହେବାପାଇଁ ! !...ରାଧିକା ପୁଣି ଆଖି ତଳକୁ କରି କହିଲା—ତୋ ଝିଅ ଆଉ କୁମାରୀ ହେଇନାହିଁ । ତା' କୁମାରୀ ଧର୍ମ ନଷ୍ଟ ହେଇଯାଇଛି । ବୋଉ ଚିତ୍କାର କରିଭଳି କହିଉଠିଲେ—ରାଧା, ରାଧା !

—ମୋର ଏଇ ଚାକିରି ଇଣ୍ଟରଭ୍ୟୁ ଦିନ । କର୍ପୋରେସନର ଚେୟାରମ୍ୟାନ...

—ନାଇଁ ନାଇଁ ରାଧା, ଏସବୁ କଥା ତୁ ମତେ କିଛି କହନାଇଁ ।

—ଏଇ କଥାତକ ଛଡ଼ା ମୋର ତୋତେ ଆଉ କିଛି କହିବାକୁ ନାହିଁ ବୋଉ । ନିତ୍ୟ ମିତ ଅଫିସ୍ ଯାଇଚି ଆସିଚି, ଦିନେ ଗଣିନି କି ବୁଝିନି । ମୋ ଚାକିରିରୁ ତୋ ପାଖକୁ ଟଙ୍କାର ସୁଅ ଛୁଟିଚି, ମୁଁ ହଁ-ନା କିଛି କହିନି । ଆଜି ମୋର ଏତକ କଥା ତୁ ଶୁଣିବୁ ବୋଉ—ତତେ ଶୁଣିବାକୁ ହବ ।...ବୋଉ ବେଳକୁ ବେଳ ଭାଙ୍ଗିପଡୁଛନ୍ତି—ତୋପରି ଝିଅ, ତୁ ସେ—ସେ ଲୋକଟା କଥାରେ କେମିତି ଯେ...! ବୋଉଙ୍କ ଜିଭ ଅଟକିଗଲା ।

—କେମିତି ରାଜି ହେଲି ? ଆଗେ ତୁ ମତେ କହିଲୁ ବୋଉ, ଚାକିରି ନକଲେ ମା' ଝିଅର ତଣ୍ଟି ଚିପିଦେବ, ଆଉ ଚାକିରିଟିଏ ପାଇବାକୁ ହେଲେ ଝିଅକୁ ପର ପୁରୁଷର ଫାନ୍ଦରେ

Digitized by srujanika@gmail.com

ପଡ଼ିବାକୁ ହେବ—ଏ ଦୁଇଟାରୁ କେଉଁଟା ଠିକ୍ ?···ନା, ତୁ କହିପାରିବୁନି । ତେବେ ତୁ ଏତିକି ଜାଣିରଖ, ସେଠି ରାଜା ଅରାଜାର କଥା କିଛି ନଥିଲା । ଗଙ୍ଗାଠୁଁ ଗୋଦାବରୀଯାଏ ଜାଲ ବିସ୍ତୃତହୋଇଛି—ମୁଁ ତ ସାମାନ୍ୟ ମଫସଲଟାଏ, କେଉଣ୍ଟି ମାତ୍ର । ମୋର ଶକ୍ତି କେତେ ମୁଁ ଜାଲରେ ପଡ଼ିବ ନାହିଁ ! !···କ୍ରନ୍ଦନ ଉଚ୍ଛ୍ୱାସରେ ରାଧାର ଗଳା ରୁଦ୍ଧ ହୋଇଆସୁଚି । ବୋଉଙ୍କ ପାଟିରେ ବି କଥା ନାହିଁ । କେତୋଟି ମୁହୂର୍ତ୍ତ ଏମିତି ବିତିଗଲା, ରାଧା ଆଉ ନୀରବ ରହିପାରିଲା ନାହିଁ । ସେ କହିଲା—ମୁଁ ତୋ ମୁହଁକୁ ଅନେଇ ଏସବୁ କଥା କହିପାରୁନି ଠିକ୍, ହେଲେ କାହାକୁ ଆଉ କହିବ ? ତୁ ତ ଜାଣୁ, ତୋ ଝିଅ କେବେ କୌଣସି ପୁରୁଷକୁ ମୁହଁ ଟେକି ଚାହିଁନି । ସେଦିନ କର୍ପୋରେସନ୍‌ର ଚେୟାରମ୍ୟାନ୍ ସେ ଲୋକଟା···ରାଧା ଆଉ ନିଜକୁ ସମ୍ଭାଳି ପାରିଲା ନାହିଁ । କଇଁ କଇଁ ହୋଇ କାନ୍ଦି କହୁଥାଏ—ମୁଁ ଇଣ୍ଟରଭ୍ୟୁ ଦବାକୁ ଯାଇଚି—ପ୍ରଥମ ଶ୍ରେଣୀ ଅନର୍ସ ଗ୍ରାଜୁଏଟ୍ । ଏସବୁର ମୂଲ୍ୟ ତା'ପାଖେ କିଛି ନାହିଁ । ଚାକିରି ଦଉଚି ବୋଲି ମୋ ଉପରେ ତାର ଯେମିତି ଅନାଦିକାଳରୁ ଲକ୍ଷ ଲକ୍ଷ ଦାବି ରହିଆସିଚି—ସେ ଦାବି ଏଇଠି ପୂରଣ ହେବ !···ଟିକିଏ ରହି ରାଧା ପୁଣି କହିଚାଲିଚି—ସେଦିନ ସେ କାଳ ମୁହୂର୍ତ୍ତରେ ସେ ମୋଠାରୁ ସବୁ କିଛି ନିଃଶେଷ କରି ନେଇଯାଇଛିଲେ ବୋଉ—ମୋ ପ୍ରିୟଜନକୁ ଦବାପାଇଁ ମୋ ପାଖରେ ଆଉ କିଛି ନାହିଁ । ବୋଉଙ୍କର ଛାତିଫଟା ଦୀର୍ଘଶ୍ୱାସ ସ୍ପଷ୍ଟ ବାରିହୋଇ ପଡ଼ୁଚି । ଏହାପରେ ଅନେକ ବେଳଯାଏ ଦୁହେଁ ଏକାଠି ଶୋଇରହିଛନ୍ତି—କିନ୍ତୁ କାହାରି ପାଟିରେ କଥା ନାହିଁ । ବୋଉଙ୍କ ଛାତି ଭିତରଟା ଜଳି ଦଗ୍ଧ ହୋଇଯାଉଛି ।···ଏ ଘଟଣା ପରେ ବେଶି କିଛିଦିନ ବିତିଗଲା ।

ରାଧାର ଚରିତ୍ରର ଗୋଟିଏ ବିଶେଷ ଦିଗ ହେଲା, ସେ ଯାହା ଦୁଃଖ ଯନ୍ତ୍ରଣା ଭୋଗୁନା କାହିଁକି, ଠିକଣା ମୁହୂର୍ତ୍ତରେ ସେ ସବୁକୁ ମନ ଭିତରେ କେଉଁ ଅତଳ ଗହ୍ୱରରେ ଗୁପ୍ତିଦେଇ ଅନ୍ୟ-ମାନଙ୍କର ଆପଣାର ହୋଇଯାଏ । ତା' ପାଇଁ ଆଉ କେହି କଷ୍ଟ ଭୋଗୁ, ଏହା ସେ ସହି-ପାରେନା । ସେଦିନ ରବିବାର । ସବୁ ଛୁଟିଦିନ ରାଧାର ରୋଷେଇଘରେ ବେଳ କଟେ । ସେଦିନ ସେ ରୋଷେଇଘରେ ବ୍ରେକ୍‌ଫାଷ୍ଟ ପାଇଁ କିମା ସାଣ୍ଡୱିଚ୍ ତିଆରି କରୁଚି, ବୋଉ ଆସି ଝିଅ ପାଖକୁ ଲାଗି ଠିଆହୋଇ ବିନା ଗୌରଚନ୍ଦ୍ରିକାରେ କଥା ଆରମ୍ଭ କରିଦେଲେ—ସବୁ ଦୋଷ ତୁ ମୋ' ମୁଣ୍ଡ ଉପରେ ଲଦି ଦେ' ମା । ତୁ' ତ ଯାଚିହୋଇ କିଛି କରିନୁ । ନିଜର ସ୍ୱାର୍ଥ ପାଇଁ ଅନ୍ୟମାନେ ଯାହା କରୁଚନ୍ତି, ଯେତେ ବାଟ ଆଗେଇ ଯାଉଚନ୍ତି, ସେ କଥା ତ ଏବେ ସମାଜର ଗୋଟାଏ ଚଳଣି ହୋଇଗଲାଣି । ମୋ ଦୋଷ ପାଇଁ ତୁ କାହିଁକି ଦଣ୍ଡ ପାଇବୁ ? ଏ ବାହାଘର ହେବ ।···ତାହାହିଁ ହେଲା । ସବୁ ପରିଚର୍ଯ୍ୟା, ସବୁ ମର୍ଯ୍ୟାଦାକୁ ସମ୍ମାନ ଦେଇ ରାଧିକାର ବିବାହ ଯେପରି ଆନୁଷ୍ଠାନିକ ଭାବରେ ହେବାର କଥା, ଠିକ୍ ସେହିପରି ରମାକାନ୍ତ କାନୁନ୍‌ଗୋଙ୍କ ସହିତ ସମ୍ପନ୍ନ ହେଲା ।

ବିବାହର ପ୍ରଥମ ରାତ୍ରି । ଦୁହେଁ ବସିଛନ୍ତି । ସାଧାରଣ କଥାବାର୍ତ୍ତା ଚାଲିଚି—ତମେ କେତେ ଦିନ ଛୁଟି ନେଇଚ ରାଧା ? ଟିକିଏ ରହି ରାଧା କହିଲା—ଏଠି ଦରକାର ପଡ଼ିଲେ

Digitized by srujanika@gmail.com

ଛୁଟି ଆଜ୍ଞାର ବଢ଼େଇବ, ନାହିଁ ତ କ୍ୟାନ୍‌ସେଲ୍ କରିବ ।···ରମାକାନ୍ତଙ୍କ ମୁହଁରେ ସ୍ମିତ ହସ । ରମାକାନ୍ତ ସୁଦର୍ଶନ, ସୁପୁରୁଷ । ପେସା, କମ୍ପାନୀ ଟିକସ ପରାମର୍ଶଦାତା । ବେଳେ ବେଳେ ଟୁର୍‌ରେ ଭୁବନେଶ୍ୱର ବାହାରକୁ ଯିବାକୁ ପଡ଼େ । ପଲଙ୍କରୁ ଉଠି ଠିଆହୋଇ ଜାମା ଖୋଲିବାକୁ ଉଦ୍ୟତ ହେଲାବେଳେ ରାଧିକା କହିଲା—ଶୁଣ···ରମାକାନ୍ତ ଅଟକିଗଲେ । ମୁହଁରେ ବିସ୍ମୟର କମ୍ପିତ ଆଭାସ । ସ୍ଥିର ଅବିଚଳିତ କଣ୍ଠରେ ଇଣ୍ଡଷ୍ଟ୍ରିଆଲ୍ ଡେଭଲପମେଣ୍ଟର ଚେୟାର-ମ୍ୟାନ୍‌ଙ୍କ ସହ ଘଟଣାଟିକୁ ରାଧା ଗୋଟି ଗୋଟି କରି କହିଗଲା, ଆଉ ଏକଥା ଜଣାଇଦେଲା ଯେ ସେ ରମାକାନ୍ତଙ୍କ ସ୍ତ୍ରୀ ହୋଇ ଏଠିକି ଆସିନି । ଏଥିପାଇଁ ସେ ଅଯୋଗ୍ୟା । ଯାହା କେବେହେଲେ ତା' ଦେହ ଗ୍ରହଣ କରିନଥିଲା, ତା' ମନ ଗ୍ରହଣ ନଥିଲା, ସେ କଥାକୁ ସେ ମନ-ଭିତରେ ଗୁପ୍ତ ରଖିପାରନ୍ତା ନାହିଁ । ସେଥିପାଇଁ ସବୁ କଥା ସେ ଖୋଲି କହିଗଲା । ସ୍ତ୍ରୀ ନୁହେଁ, ଏ ଘରକୁ ସେ ଗୋଟିଏ ଚାକରାଣୀ ହୋଇ ଆସିଛି । ସେମାନେ ତା' ପ୍ରତି ଯେମିତି ବ୍ୟବହାର କରନ୍ତୁ, ସେ ମାନିଯିବ—ସହିଯିବ ।···ଏ ଘଟଣାରେ ରମାକାନ୍ତଙ୍କ ମନ ଭିତରେ ଯାହା ପ୍ରତିକ୍ରିୟା ହେଲା, ଏ ମୁହୂର୍ତ୍ତରେ ସେ ତାହା ବାହାରକୁ ପ୍ରକାଶ କରିବାକୁ ଦେଲେନାହିଁ । ବାସର ଘରେ ଦୁଇଟି ଜଣିକିଆ ପଲଙ୍କ । ଗୋଟିକରେ ରମାକାନ୍ତ ଶୋଇଲେ—ଅନ୍ୟଟିରେ ରାଧା ।

ଯାହା କିଛି ଗୋଟାଏ ଅଘଟଣ ବାସର ଗୃହରେ ଘଟିଗଲା । କିନ୍ତୁ ପରିବାର ଭିତରେ ଏହାର ବିନ୍ଦୁମାତ୍ର ସୂଚନା କେହି ପାଇପାରିଲେ ନାହିଁ; ବରଂ ରାଧିକା ପରି ଗୋଟିଏ ଗୃହକର୍ମ ନିପୁଣା, ସର୍ବଗୁଣସମ୍ପନ୍ନା ଲକ୍ଷ୍ମୀ ବୋହୂଟିଏ ଘରକୁ ଆସିଛି ବୋଲି ଆତ୍ମୀୟ-ସ୍ୱଜନ ସମସ୍ତେ ଆନନ୍ଦରେ ଉଲ୍ଲସିତ । ଛୁଟି କ୍ୟାନ୍‌ସେଲ୍ କରି ରାଧା ଅଫିସ୍‌ରେ ଯୋଗ ଦେଲାଣି । ଟଙ୍କା ସ୍ରୋତ ପରି ଘରକୁ ଆସୁଛି । ରମାକାନ୍ତଙ୍କ ଗାଡ଼ି ବୁକ୍ ହୋଇଯାଇଛି । ଦୁଇ ମାସ ପରେ ଗାଡ଼ି ଆସିବ । ଏତିକିବେଳେ ଏ ଘରକୁ ଆସିଲେ ଚନ୍ଦ୍ରମା ଦେଈ, ରମାକାନ୍ତଙ୍କ ବଡ଼ଭଉଣୀ—ପ୍ରାୟ ମଧ୍ୟବୟସ୍କା । ଶାଶୁଘର ରାଉରକେଲାରେ । ରମାକାନ୍ତ ଟେଲିଫୋନ୍ କରି ଡକାଇ ଆଣିଚନ୍ତି ।···ଘରେ ପହଞ୍ଚି ଚନ୍ଦ୍ରମା ଦେଈ ଆଗେ ରାଧା ପାଖରେ ଯାଇ ବସିଲେ । ସବୁ କଥା ସେ ଜାଣିଚନ୍ତି—କିନ୍ତୁ ମୁହଁରେ କିଛି ଉତ୍ତେଜନା ନାହିଁ । ହସ ହସ ମୁହଁରେ ସାନ ଭାଉଜଟିକୁ ସ୍ନେହପୂର୍ଣ୍ଣ ଆଲିଙ୍ଗନରେ ଆଣି କଥା ଆରମ୍ଭ କଲେ—ସତୀତ୍ୱ ଶବ୍ଦଟା ଅଛି, ସତୀ ସ୍ତ୍ରୀ ବି ଅଛନ୍ତି । ମାତ୍ର ଅସତୀ ଶବ୍ଦଟା ଉଠିଗଲାଣି—ଏବେ ଏ ସମାଜରେ ଆଉ ଅସତୀ ହୋଇ କେହି ନାହାନ୍ତି । ସୁନାଲକ୍ଷ୍ମୀ ମା' ମୋର, ମନ ଊଣା କରୁଚୁ କାହିଁକି ? ତୋର ଏଥିରେ କିଛି—କିଛି—କିଛି ଦୋଷ ନାହିଁ । ମୋ ବାହାଘରକୁ ଦୁଇଦିନ ପାଇଁ ଆସିଥିଲି । ଆଜି ଖାଲି ଏଇକଥା ତୋତେ କହିବାପାଇଁ ଆସିଲି ।···ଟିକିଏ ରହି ପୁଣି କହିଲେ—ରମୁ ଆଜି ଟୁର୍‌ରେ କଲିକତା ଯାଉଚି ପରା ?

—ହଁ, ଏବେ ଖାଇକରି କମ୍ପାନୀ କାର୍‌ରେ ବାଇରୋଡ଼୍ ଯିବେ, ଦୁଇଦିନ ପରେ ଟ୍ରେନ୍‌ରେ ଫେରିବେ । ମୁଁ ରିଟର୍ଣ୍ଣ ଏୟାରକଣ୍ଡିସନ୍ ବର୍ଥ ରିଜର୍ଭ କରେଇଦେଇଚି । ବେଶ୍ ସ୍ୱାଭାବିକ,

Digitized by srujanika@gmail.com

ଧୀର, ସାବଲୀଳ ଭଙ୍ଗୀରେ ରାଧା ଉତ୍ତରଦେଲା । ତା'ର ଏଇ କେତେପଦ କଥାରେ ଅପାଙ୍କ ମନରୁ ସବୁ ଭ୍ରାନ୍ତ, ସବୁ ସଂଶୟ ଦୂର ହୋଇଗଲା ।—ହଉ ଆ; ସମସ୍ତେ ଏକାଠି ଖାଇବା ।

ଡାଇନିଂ ଟେବୁଲ । ଗୋଟିଏ ସ୍ନେହୀ ପରିବାରରେ ଯାହା ହୋଇଥାଏ, ଠିକ୍ ସେଇ ଢଙ୍ଗରେ ଅପା ରାଧିକାକୁ ଆଦର କରି କୋଳକରି, ତା' ମଥାକୁ ନିଜ ସ୍କନ୍ଧ ଉପରକୁ ଆଉଜାଇ ଆଣି ମିଠାଭାତରୁ ଗୁଣ୍ଡାଏ ଆଗେ ରାଧାପାଟିରେ ଖୁଆଇଦେଲେ । ରାଧା ସେମିତି ଅପାଙ୍କୁ ଖୁଆଇଦେଇ ଋଣ ପରିଶୋଧ କଲା । ତୃପ୍ତ ମନରେ ରମାକାନ୍ତ ଏ ଦୃଶ୍ୟ ଦେଖୁଥା'ନ୍ତି ।

କଲିକତା ଯିବା ମୂଳରୁ ରମାକାନ୍ତଙ୍କ ଏଟାଚି ଓ ବ୍ରିଫ୍‌କେସ୍ ସଜଡ଼ା ହେଉଥାଏ—ରାଧା ହିଁ ସଜାଡ଼ୁଥାଏ । କାମ ଶେଷ ହେଲା । ଦୁହେଁ ସାମନାସାମ୍ନି ଠିଆ ହୋଇଥା'ନ୍ତି । ରାଧାର ଷୋଳବର୍ଷ ବୟସର କଥା ଆଜି ତା'ର ମନେପଡ଼ିଗଲା, ଯେତେବେଳେ ସେ କଲେଜ୍‌ରେ ନ ପଢ଼ି ଘରେ ରହି ଭବିଷ୍ୟତରେ ଗୃହିଣୀ ଜୀବନ ଯାପନର ସ୍ୱପ୍ନ ଦେଖୁଥିଲା, ସେତେବେଳେ ତା'ର କଳ୍ପିତ ପ୍ରିୟ ପୁରୁଷର ମୁହଁ ତା' ମାନସଚକ୍ଷୁରେ ଥରଟିଏ ପାଇଁ ଭାସିଆସିଥିଲା ।···ଆଶ୍ଚର୍ଯ୍ୟ ! ଆଜି ସେ ଏଠି ରମାକାନ୍ତଙ୍କ ମୁହଁଭିତରେ ଦେଖୁଛି ଅବିକଳ ସେଇ ମୁହଁଟି । ସେ ବିଚଳିତ ହୋଇଉଠିଲା । ପର ମୁହୂର୍ତ୍ତରେ ତା' ଦୁଇ ଆଖିରୁ ଧାର ଧାର ହୋଇ ଅବିଶ୍ରାନ୍ତ ଲୁହର ଝର ଫିଟିଗଲା । ରମାକାନ୍ତ ବ୍ୟସ୍ତ ବିବ୍ରତ ହୋଇପଡ଼ିଲେ । କିଛି କହି ପାରୁ ନଥା'ନ୍ତି । ଏ ପର୍ଯ୍ୟନ୍ତ ସେ ରାଧିକାକୁ ସ୍ପର୍ଶ କରିନାହାନ୍ତି । ଆଜି ଏ ଅବସ୍ଥାରେ !···ରାଧା ନିଜର ଦୁର୍ବଳତା ବୁଝିପାରି କହିଲା—ମତେ କ୍ଷମା କର, ମୋର ଭୁଲ୍ ହୋଇଛି ।

—ଭୁଲ୍ ଠିକ୍‌ର କଥା ନୁହେଁ । କୁହ, ଆଉ କାନ୍ଦିବ ନାହିଁ ତ ?···ରାଧା ସମ୍ପୂର୍ଣ୍ଣଭାବେ ନିଜକୁ ପ୍ରକୃତିସ୍ଥ କରି କହିଲା—ନା ।

—ମୋର ବେଳ ହୋଇଗଲାଣି—ମୁଁ ବାହାରିଲି—ହଁ କୁହ ତ, କଲିକତାରୁ ତମ ପାଇଁ କ'ଣ ଆଣିବି ?···ଟିକିଏ ରହି, ସ୍ୱଳ୍ପ ହସି ରାଧିକା କହିଲା—ତମକୁ ଯାହା ଭଲ ଲାଗିବ, ଯାହା ତମ ମନକୁ ପାଇବ, ଆଣିବ ।···ରାଧାର ଏଇ ପିଲାଳିଆ ଉତ୍ତର ରମାକାନ୍ତଙ୍କୁ ଭଲ ଲାଗିଲା । ସ୍ମିତ ବଦନରେ ସେ ବାହାରିଗଲେ । କହିଗଲେ, ଠିକ୍ ଦୁଇଦିନ ପରେ ଫେରିବେ ।

ସେଦିନ ସମୟ ସକାଳ ପ୍ରାୟ ସାଢ଼େ ପାଞ୍ଚଟା । ରମାକାନ୍ତ କଲିକତାରୁ ଫେରିଲେ । ଏତେ ଭୋରରୁ ସମସ୍ତେ ହୁଏତ ଶଯ୍ୟା ତ୍ୟାଗ କରିନାହାନ୍ତି । ସେ ସିଧା ତାଙ୍କ ଶୋଇବା ଘରକୁ ଗଲେ । ଦରଜା ଅଳ୍ପ ଖୋଲାଅଛି । ଭିତରକୁ ଯାଇ ଦେଖିଲେ ଅସ୍ପଷ୍ଟ ବେଡ୍‌ରୁମ୍ ବତୀରେ କିଛି ବାରିହେଉନି । ଝରକା ଖୋଲିଦେଲେ । ନିର୍ମଳ ପ୍ରଭାତର ପ୍ରଥମ ସୂର୍ଯ୍ୟାଲୋକରେ ଘରଟି ଭିତରେ ଆଲୋକ ପ୍ରଭା ଖେଳିଗଲା । ରାଧା ଖଟର ପ୍ରାୟ ଧାରକୁ ଲାଗି ଶୋଇଛି । ଆଜି ଏଇ ଆଦ୍ୟ ପ୍ରଭାତର ଏକ କୋମଳ ମୁହୂର୍ତ୍ତରେ ଏଇ ନିଦ୍ରିତା ସୁନ୍ଦରୀଟିର

Digitized by srujanika@gmail.com

ସ୍ୱପ୍ନାବିଷ୍ଟ ରୂପ ତାଙ୍କୁ ଖୁବ ଭଲ ଲାଗିଲା । ରୂପଠୁଁ ଭଲ ଲାଗିଲା ତା'ର ସାନ୍ନିଧ୍ୟ । ସେଇ ଖଟ ଧାରରେ ଟିକିଏ ଜାଗା ଦେଖି ସେ ବସିପଡ଼ିଲେ । ଗୋଟାଏ ଆବେଗରେ ରାଧିକାର ଶୁଭ୍ର ଲଲାଟଟିକୁ ସ୍ପର୍ଶ କରିବାକୁ ଯାଉଥିଲେ, ଅଟକିଗଲେ । ତା'ର ଓଠ କୋଣରୁ ଗୋଟିଏ ସ୍ରୋତର ଧାର ବହିଆସି ଗାଲରେ ଶୁଖିଯାଇଛି । ଏଥିକରେ ଏ ସମସ୍ତ ସୃଷ୍ଟି ତାଙ୍କୁ ଅନ୍ଧକାରମୟ ଦେଖାଗଲା । ହାତଟିକୁ ଉଠାଇ ଧରିଲେ । ତାଙ୍କ ଥର ଥର ହାତ ମୁଠାରୁ ରାଧାର ନିର୍ଜୀବ ଥଣ୍ଡା ହାତଟି ଖସିଆସି ଆପେ ଆପେ ଖଟ ତଳକୁ ଲମ୍ବିଗଲା । ରାଧା ଆଉ ନାହିଁ । ରାଧା ମରିଯାଇଛି ' ସେ ଆତ୍ମହତ୍ୟା କରିଛି । ଟେବୁଲଉପରେ ଖାଲିଶିଶିଟିଏ । ପାଖରେ ତା' ହାତର ଖଣ୍ଡିଏ ଲେଖା—"ମୋର ଯାହାକୁ ଯାହା କହିବାର କଥା କହିସାରିଛି, ଯାହାଠୁ ଯାହା ଶୁଣିବାର କଥା ଶୁଣିସାରିଛି । ଆଉ କିଛି କହିବାର ନାହିଁ କି ଆଉ କିଛି ଶୁଣିବାର ନାହିଁ ।"

Digitized by srujanika@gmail.com

କିଛି କୋହଲ କରାଯାଇପାରେ

ଏହାକୁ ଏକ ଯୋଗାଯୋଗ କୁହାନଯାଇ ଆଉ କ'ଣ ବା କୁହାଯିବ ? ଗାଁଟିର ସାଆନ୍ତ ସାହିରେ ଅଠଚଟି ପରିବାର—ବାଉରି ସାହିରେ ଠିକ୍ ସେତିକି ଅଠଚାଟି ପରିବାର । ସାଆନ୍ତ ସାହିର ସମସ୍ତଙ୍କ 'ହଂଙ୍କା' ବା ଉପନାମ ହେଉଛି ସାମନ୍ତରାୟ—ବାଉରି ସାହିର ସମସ୍ତଙ୍କ ଉପନାମ ହେଉଛି ଭୋଇ । ତାରତମ୍ୟ ସବୁଥିରେ ଯାହା ଦେଖାଯାଏ, ଏଠି ପ୍ରାୟ ସେଇଆ । ବାଉରି ସାହିର ସମସ୍ତେ ମୂଲିଆ । ସାଆନ୍ତ ସମସ୍ତେ ସ୍ୱଚ୍ଛଳ ନହେଲେ ବି ପ୍ରାୟ ସମସ୍ତଙ୍କର କିଛି କିଛି ଚାଷଜମି ଅଛି—କିଛି ଚାକିରିବାଲା ବି ଅଛନ୍ତି । ଏକମାତ୍ର ବ୍ୟତିକ୍ରମ ହେଉଛି—ମାଧବଭାଇ । ମାଧବଭାଇ ସାଆନ୍ତ ସାହିର ଲୋକ—ମାଧବ ସାମନ୍ତରାୟ । ଚାଷଜମି ତ ଆଦୌ ନାହିଁ—ଘର ଡିହ ମାତ୍ର ତିନି ଡିସିମିଲ । ମାଧବଭାଇଙ୍କ ପୂର୍ବ ପିତୃପୁରୁଷ କଥା ସେ କହି-ପାରିବେ ନାହିଁ—କିନ୍ତୁ ତାଙ୍କ ବାପା ଅମଳରୁ ସେ ଗାଁର ଭୋଇମାନଙ୍କ ସହିତ ମିଳିମିଶି ମୂଲିଆ କାମ କରି ପେଟ ପୋଷିଆସୁଛନ୍ତି । ଜଣେ କାମିକା ମୂଲିଆ ଭାବରେ ମାଧବଭାଇର ଯେମିତି ସୁନାମ ଅଛି—ଭୋଇ ସାହିର ଏତେ ମୂଲିଆଙ୍କ ଭିତରେ ଏକା ପାଣ୍ଡବ ଭୋଇର ମଧ୍ୟ ସେମିତି ସୁନାମ ଅଛି । ସୁତରାଂ ଏଇ ସୂତ୍ରରୁ ଦୁହେଁ ନିକଟରୁ ନିକଟତର ହୋଇଆସିଛନ୍ତି । କିନ୍ତୁ ପରିସ୍ଥିତି ପ୍ରତି ସଜାଗ ରହି ମାଧବ ପାଣ୍ଡବକୁ ଡାକନ୍ତି—ଭୋଇପୁଅ । ଭୋଇପୁଅ ମାଧବକୁ ଡାକନ୍ତି—ମାଧବଭାଇ । ଦୁହିଁଙ୍କ ଭିତରେ କଥାବାର୍ତ୍ତା ଉକାଉକିରେ କେତେବେଳେ 'ତେମେ,' କେତେବେଳେ 'ତୁ' ଶବ୍ଦ ପାଟିରୁ ଆପେ ଆପେ ବାହାରିପଡ଼େ । ଗାଁର ସମସ୍ତେ ଜାଣନ୍ତି, ଏ ଦୁହିଁଙ୍କର କାମ ଏକ୍, ଆତ୍ମା ଏକ୍ ।

ଯଥା ସମୟରେ ମାଧବଭାଇ ପୁଅ ସୁର ପ୍ରାଇମେରି ସ୍କୁଲ୍ ଅ ଆ ଶ୍ରେଣୀରେ ଯାଇ ପଢ଼ା ଆରମ୍ଭକଲା । ଗ୍ରାମ୍ୟ ପରିସ୍ଥିତି ଓ ମାଧବଭାଇଙ୍କ ନିଜ ଅବସ୍ଥା ଦୃଷ୍ଟିରୁ ଏହାକୁ ଯଥା ସମୟ କୁହାଯାଇଛି, ଯଦି ଚ ସୁରର ବୟସ ତା' ପଢ଼ା ଆରମ୍ଭ ବେଳକୁ ଛ' ବର୍ଷ ହୋଇଗଲାଣି । ସେଦିନ ମାଧବଭାଇ ଭୋଇ ପୁଅକୁ କହିଲେ—ଗେଣ୍ଡୁ (ଭୋଇପୁଅଙ୍କ ପୁଅ) ଆସି ଛ' ସାତ ବର୍ଷର ହେଲାଣି, ତାକୁ ଇସ୍କୁଲକୁ ପଠଉନ !

—କେମିତି ପଠେଇବି ? କଥାଟାକୁ ମାଧବଭାଇ ତେମେ ସ୍ୱୀକାର କର । ଶାରଦ ଆଉ ଡାଲୁଅ, ଏ ଦି' ଧାନକଟା ବେଳେ ଗେଣ୍ଡୁ ମୋ ପାଖରେ ନ ରହିଲେ ମୋ' ହାତ ବାନ୍ଧି ହୋଇ-ଯିବ । ମୁଁ ଧାନ କାଟିବି—ସେ ହଳା ବାନ୍ଧିବ । ଧାନ ରୁଆ ବଗୁବେଳେ ଆମେ ଦି' ପ୍ରାଣୀ

Digitized by srujanika@gmail.com

ବିଲକୁ ଯାଉଚନ୍ତି, ଗେଣ୍ଡୁ ଦୁ' ବର୍ଷର ଝିଅଟାକୁ ଜଗୁଚି । ସେଥର ସିନା ସେ ନେଇଥାଏ ନାହିଁ ; ମାତ୍ର ଏଥର ଦୁ'ବର୍ଷ ପରେ ଝିଅଟାକୁ ଯେତେବେଳେ ଚାରିବର୍ଷ ପୂରିଗଲା, ମାଧଭାଇର ଅଳିକୁ ଭୋଇପୁଅ ଏଡ଼ିଦେଇ ପାରିଲା ନାହିଁ । ଗେଣ୍ଡୁ ଅ, ଆ, ଶ୍ରେଣୀରେ ନାଁ ଲେଖେଇଲା ।

ସମୟ ବଢ଼ିଯାଉଛି । ଶିକ୍ଷାର ବିସ୍ତାର ଚାଲିଛି । ଗାଁଟି ଗ୍ରେଡ଼ ହେଲେ ବି ମାଇନର ସ୍କୁଲଟିଏ ଖୋଲିଛି । ସୁର ଜନ୍ମ ପ୍ରାଥମିକ ପାସ୍ କରି ମାଇନର୍ ସ୍କୁଲକୁ ଗଲା । ଦୁଇବର୍ଷ ପରେ ଗେଣ୍ଡୁ ବି । ମାଇନର ପାଠପାଇଁ ବହିପତ୍ର ବେଶି ଦରକାର । ଯେଉଦିନ ଶିବୁ ସାମନ୍ତରାୟଙ୍କ ଡାକୁଅଧାନ ଅମଳ କରିବାବେଳେ ଭୋଇପୁଅ ଖୁବ୍ ଖୁସିରେ କହିଲା—ମାଧଭାଇ, ହରିଜନ ପିଲାବୋଲି ଗେଣ୍ଡୁକୁ ସବୁ ବହିପତ୍ର ମାଗଣା ମିଳିଛି । ଏଥିରେ ମାଧଭାଇ ଆହୁରି ଖୁସି ହୋଇ କହିଲେ—ପୁଅକୁ ପଢ଼େଇବାକୁ ମନାକରୁଥିଲୁ ପରା ! ଦେଖ୍, ଦରମା ତ ଛାଡ଼, ପୁଣି ମାଗଣା ବହି । ...କିଛି ସମୟ ନୀରବରେ କାମ ଚାଲିଲା । ତା'ପରେ ମାଧଭାଇଙ୍କ କଥା —ଭୋଇପୁଅ, ମୋର ମନ ହେଉଛି, ମୁଁ ହରିଜନ ହୋଇଯାନ୍ତି କି ! ...ମାଧଭାଇ କଥା ଶୁଣି ଭୋଇପୁଅର ପାଟି ଆଁ ହୋଇଗଲା ! ମାଧଭାଇ କ'ଣ ରହସ୍ୟ କରୁଛି !! ହରିଜନ ହୋଇଯିବା କଥା କହୁଛି !! ସେ ଦୁହେଁ ଖେଳସାଥିର ହୋଇଥିଲେ ତାଙ୍କ ଭିତରେ ଥିବା-ନାବ କ'ଣ ଏମିତି ହୋଇପାରିଥା'ନ୍ତା ? ଭୋଇପୁଅ ମନକଥାର ଉତ୍ତର ମାଧଭାଇ ପାଟିରୁ ବାହାରି ଆସିଲା—କି ହୀନ ଅବସ୍ଥାରେ ମୁଁ ସୁରିଆ ପାଇଁ ବହିପତ୍ର ଦରମା ଯୋଗାଡ଼ କରୁଛି, ତୁ କ'ଣ ଜାଣିନୁ ? ମୁଁ ହରିଜନ ହୋଇଥିଲେ... ! ଭୋଇ ପୁଅର ମୁହଁଟା ଯେମିତି ବଜ୍ର-ପରି କଠିଣ ହୋଇଗଲା ! ତା'ର ଏ ଉଗ୍ର ରୂପ ଦେଖି ମାଧଭାଇ କଥା ଆପେ ଆପେ ଅଟକି-ଗଲା । ନିଜେ କ୍ରୋଧ ଅପମାନରେ ଜଳିଯାଇ ଥରିଲା କଣ୍ଠରେ ଭୋଇପୁଅ କହିଲା—କ'ଣ କହିଲୁ ତୁ ମାଧଭାଇ ! ତୁ ହରିଜନ ହେବୁ ? ଛି-ଛି-ଛି, କାହିଁକି ତୁ ? କେଇଖଣ୍ଡ ବହିପତ୍ର ପାଇଁ ଆମେ ବାପ-ପୁଅ ବେଲା ଗୋଟାଏ ଅଣ୍ଡାଭାଙ୍ଗି ଠିଆ ହେଉଛୁ ! ହଁ, ମାଗଣାରେ ବହି ମିଳିଲା ବୋଲି ମନଟା ଟିକିଏ ଖୁସିହୋଇଗଲା ।...ଏହାପରେ ଦୁହିଁଙ୍କର ଆଉ କିଛି କହିବାର ନଥିଲା ।

ଏଥର ବିଧାନସଭା ନିର୍ବାଚନ ପରେ ଏ ଅଞ୍ଚଳର ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଏ ଗାଁରେ ହାଇସ୍କୁଲ ସ୍ଥାପିତ ହେଲା । ସୁର ଓ ଗେଣ୍ଡୁ ହାଇସ୍କୁଲକୁ ଗଲେ । ବର୍ତ୍ତମାନ ସୁର ମେଟ୍ରିକ୍ ଶେଷ କ୍ଲାସ୍‌ରେ ଓ ଗେଣ୍ଡୁ ନବମ ଶ୍ରେଣୀରେ । ହରିଜନ କଲ୍ୟାଣ ସମିତି ପକ୍ଷରୁ କିଛି ଜାମା-ପଟା ହରିଜନ ଛାତ୍ରମାନଙ୍କୁ ପୁରସ୍କାର ମିଳିଛି । ସ୍ଥାନୀୟ ହରିଜନ ଏମ୍. ଏଲ୍. ଏ ପୁରସ୍କାର ବଣ୍ଟନ କଲେ । ସେଇ ଅବସରରେ ଗେଣ୍ଡୁକୁ କହିଲେ—ଭଲହେଲା, ତୁ ପଢ଼ାପଢ଼ି କରୁଛୁ । ମନେରଖ, ତୁ ହରିଜନ ପିଲା, ତୋ' ଭବିଷ୍ୟତ ଉଜ୍ଜ୍ୱଳ । କେବେହେଲେ ମୁହଁଶୁଖା ହୋଇ ରହିବୁ ନାହିଁ । ସବୁବେଳେ ସ୍ମାର୍ଟ ରହିବୁ ।

ଯେଉଦିନ ଗେଣ୍ଡୁ ତା'ର ପୁରସ୍କାର ନୂଆ ହାଫ୍‌ପ୍ୟାଣ୍ଟ ହାଫ୍‌ସାର୍ଟ ପିନ୍ଧି ଗୋଟାଏ

Digitized by srujanika@gmail.com

ନୁଆଁଣିଆ ଗଛଡ଼ାଳ ଉପରେ ବସିଥାଏ । ଆସିଲା ମାଳତୀ । ସେପାଖ ଭୋଇସାହିର ଝିଅ । ପନ୍ଦର ଷୋଳ ବର୍ଷର ଭଲ ଝିଅଟିଏ—ସୁଲକ୍ଷଣା, ଲାବଣ୍ୟବତୀ । ମାଳତୀ କଛୁଟା ଅସ୍ତ ପଦରେ ଆସି ଗଛ ଡାଳ ତଳେ ଠିଆହେଲା । କେତେବେଳେ ଦୃଷ୍ଟି ଗେଣ୍ଡୁ ଉପରକୁ, କେତେବେଳେ ତଳକୁ । କଛୁ କ୍ଷଣ ପରେ କହିଲା—ଡାଳଟା ଉପରେ ବସିଚୁ କାହିଁକି ?··· ମାଳତୀର କଥା ଗେଣ୍ଡୁ ଯେମିତି ଶୁଣି ବି ଶୁଣିପାରୁ ନଥାଏ । ଡାଳକୁ ଆଉଜି ବସି ଗୁଣୁଗୁଣୁ ଗୀତ ଗାଉଥାଏ ।

ମାଳତୀ ଅଡ଼ୁଆରେ ପଡ଼ିଗଲାଣି । ଆଉ କଛୁ କହିପାରୁନି । ତା' ପିନ୍ଧା ଶାଢ଼ୀକୁ ଖାଲି ଏପଟ ସେପଟ ସଜାଡୁଥାଏ । ଗେଣ୍ଡୁ ମାଳତୀ ଆଡ଼କୁ ନଚାହିଁ ପଚାରିଲା—ମତେ କ'ଣ କହିଲୁ କି ଲୋ ମାଳତୀ ? ମାଳତୀ ଓଠରେ ହସ ଟିକିଏ ଖେଳିଗଲା ।

—କହିଲି କି ଡାଳଟା ଉପରେ ବସିଚୁ କାହିଁକି ?

ଗେଣ୍ଡୁ ସାଙ୍ଗେ ସାଙ୍ଗେ ଟେଢ଼ା ଗଳାରେ ଉତ୍ତରଦେଲା—ତୋର କ'ଣ ଗଲା ?··· ମାଳତୀର ମୁହଁଟି ଶୁଖିଗଲା । ଭାବିଲା ଏଠୁ ଚାଲିଯିବ । କିନ୍ତୁ ଯାଇପାରୁ ନଥାଏ । ଏଭଳି ବେଳେ ଗେଣ୍ଡୁ ତା' ନୂଆ ପ୍ୟାଣ୍ଟସାର୍ଟକୁ ଟିକିଏ ଗର୍ବରେ ଚାହିଁ କହିଲା--ତୁ ଘୁଞ୍ଚ, ମୁଁ ଓହ୍ଲାଏ ।

ମାଳତୀ ଘୁଞ୍ଚିଗଲା । ଗେଣ୍ଡୁ ତଳକୁ ଓହ୍ଲାଇଲା । ମାଳତୀ ମନେ ମନେ ଭାବୁଥାଏ—ମତେ ଘୁଞ୍ଚିବାକୁ ନକହି ତଳକୁ ଡେଇଁପଡ଼ିଥିଲେ ମୋ ଧିଅରେ ଅବା ଟିକିଏ ଧକ୍କା ଖାଇଥା'ନ୍ତା । ସେଥିରେ କ'ଣ ଏମିତି ହୋଇଯାଉଥିଲା ଯେ ?

ତଳକୁ ଓହ୍ଲାଇ ଗେଣ୍ଡୁ ତା' ପ୍ୟାଣ୍ଟ ଜାମା କୋଉଠି ଜାକଜୁକ ହୋଇଯାଇଚି ସଜାଡ଼ୁ-ଥାଏ । ଲାଜ ଲାଜ ହେଲେ ବି ନୂଆ ପ୍ୟାଣ୍ଟସାର୍ଟପିନ୍ଧା ଅଠର ବର୍ଷର ତରୁଣ ଗେଣ୍ଡୁ ଉପରୁ ମାଳତୀ ଆଖି ଫେରାଇ ପାରୁ ନଥାଏ । ତା' ମନ ଭିତରେ ଯୌବନର ଲହରୀ । ଗେଣ୍ଡୁ ମନଭିତରେ ଖେଳୁଚି—ତା' ଉଜ୍ଜ୍ୱଳ ଭବିଷ୍ୟତ । ମାଳତୀ ଆଡ଼କୁ ଦୃଷ୍ଟି ଫେରାଇବା ପାଇଁ ତା'ର ଅବସର କାହିଁ ? ନିଜେ ନିଜେ ଖୁବ୍ ଉତ୍ଫୁଲ୍ଲ ହୋଇ ପଚାରିଲା—ଦେଖିଲୁ ମାଳତୀ, ଏ ଟେରିଲିନ୍ ପ୍ୟାଣ୍ଟ ସାର୍ଟରେ ମୁଁ ଖୁବ୍ ସ୍ମାର୍ଟ ଦିଶୁନି ?···କଥାଟା ଶୁଣି ଆଉ ଟେରିଲିନ୍ କ'ଣ, ସ୍ମାର୍ଟ କ'ଣ, ଏକଥା କଛୁ ନବୁଝି ମାଳତୀ ଖାଲି ହସିଲା—ସୁନ୍ଦର ମଧୁର ହସ । ହସିଲା ଏଇଆ ବୁଝି ଯେ ଗେଣ୍ଡୁ ତାକୁ ଭଲରେ କଥା କହିଲା, ସେ ଶୋଟାଏ କେମିତି କ'ଣ ଦେଖାଯାଉଚି, ଏକଥା ତାକୁ ପଚାରିଲା । ତା'ପରେ ଟିକିଏ ଉତ୍ସାହିତ ହୋଇ ବେଶ୍ ଖୋଲାଗଳାରେ କହିଲା—ହଇରେ ଗେଣ୍ଡୁ···

—ମାରିବ ଦ' ଥାପଡ଼ ଯେ ତୋ' ଗୋରାଗାଲ ଫଟେଇଦେବ । ବଦ୍‌ମାସ ଟୋକୀ ! ···ରାଗରେ ଗେଣ୍ଡୁ ଜଳୁଥାଏ । ମାଳତୀର ଗୋରା ଦେହଟା ଏକାବେଳେକେ ବିବର୍ଣ୍ଣ ହୋଇ-ଗଲା । ପଳେଇ ଯିବାର ବାଟ ଖୋଜୁଥାଏ, ଯାଇପାରୁନଥାଏ । କାଳେ ପଛରୁ ଟାଣିଆଣି

Digitized by srujanika@gmail.com

ମାରିବ । ଏତେ ପାଠ ପଢ଼ିଲଣି, ମାରିଲେ ତା'ର କିଏ କ'ଣ କରିବ ! ଆଖି ଲୁହ ଛଳ ଛଳ । ଗେଣ୍ଡୁ ମାଳତୀର ସାମ୍ନାସାମ୍ନି ହୋଇ କହିଲା—ସ୍କୁଲରେ ମୋ' ନାଆଁ ଲେଖାହୋଇଛି ପ୍ରସନ୍ନ—ତୁ ମତେ ଗେଣ୍ଡୁ ବୋଲି କ'ଣ ଡାକୁଚୁ ?

—ମୁଁ କେମିତି ଜାଣିବି ଯେ ତୋ' ନାଆଁ ଇସ୍କୁଲରେ କ'ଣ ଲେଖାହୋଇଛି ?

—ସ୍କୁଲରେ ଜାଣିଲେ, ଗାଁରେ ଜାଣିଲେ, ତୁ ଜାଣିପାରିଲୁ ନାହିଁ ? ମୋ ନାଁ ପ୍ରସନ୍ନ । ···ଗେଣ୍ଡୁର ରାଗ ଟିକିଏ ବି କମୁନାହିଁ ।

ନାଁଟା କହିଦେଲେ ଗେଣ୍ଡୁ ଖୁସି ହୋଇଯିବ, ଏଇ ଭରସାରେ ଦୁ' ଓଠ ଚାପି 'ପ୍ରସନ୍ନ' ଶବ୍ଦଟାକୁ ଉଚ୍ଚାରଣ କରିବାପାଇଁ ମାଳତୀ ଖୁବ୍ ଚେଷ୍ଟାକଲା—ପାରିଲା ନାହିଁ । ଡରରେ କହିଁ କହିଁ ହୋଇ କାନ୍ଦଉଠି କହିଲା—ଏ ନାଁ ମୋ' ତୁଣ୍ଡରେ ପଶୁନାହିଁ ।

—କାହିଁକି ଗୋଟାଏ କାନ୍ଦୁଚୁ ? ଘରେ ପଛେ ତୋ' ବୋପା ମା'ଠୁଁ ଦୁ'ବେଳା ଦୁମ୍‌ଦାମ୍ ଖାଉଥିବୁ—ଏଠି ବାଧୁଯାଉଚି !

ଏଥର ଲୁହ ପୋଛି ଟିକିଏ ସାହସ ସହିତ ମାଳତୀ କହିଲା—

—ଘରେ ବାପା ମା' ମାରିବେ ବୋଲି ତୁ ମତେ ମାରିବୁ ?

—ମାରିଲେ ତୁ କ'ଣ କରିବୁ ?

—ତୁ କ'ଣ ଜାଣିନୁ ?

—କ'ଣ ?

—ସାଇଭାଇରେ କିଏ ନ ଜାଣେ ଯେ ?

—କୋଉ କଥା ବା ?

ଏତେ କଥା ପରେ ବି ମାଳତୀ ମୁହଁ ତଳକୁ କରି, ଗୋଡ଼ ନଖରେ ଭୂଇଁରେ ଗାର ଟାଣି ଧୀର ଗଳାରେ କହିଲା—ତୋ' ସାଙ୍ଗରେ ମୋ' ବାହାଘର ପଡ଼ିଚି । ତମ ଘର ରାଜି—ଆମଘର ରାଜି । ଆମ ଭୋଇ ଘରେ ପାଠୁଆ ବର ପାଇବ ବୋଲି ମୋ' ବୋଉର ପାଦ ତଳେ ପଡ଼ୁନାହିଁ । ଆଉ, ତୁ ଏବେଠୁ ମତେ ମାରିବାକୁ ଧମକେଇଲୁଣି !

—ତୁ ଯା' ଏଠୁ ।

—କୁଆଡ଼େ ଯିବି ? ବୋଉ ଏଇନେ କାମକୁ ଯାଉନାହିଁ ବୋଲି ମୁଁ ଏକୁଟିଆ କାମକୁ ଯାଉନି । ଏବେ ଆଉ କୋଉଠିକି ଏକୁଟିଆ ଯିବାକୁ ବି ବୋଉ ମନାକରିଚି । ତତେ ଏଠି ଦେଖି ଟିକିଏ ଚାଲିଆସିଲି । ତଡ଼ଦଉଚୁ କାହିଁକି ?

ମାଳତୀର କଥାକୁ ଗେଣ୍ଡୁର ଟିକିଏ ବି ଖାତିର ନାହିଁ । ରହି ରହି ମନ ଭିତରେ ଏମ୍. ଏଲ୍. ଏଙ୍କର ସେଇ କେଇପଦ କଥା ବାଜିଉଠୁଚି—ତୋର ଭବିଷ୍ୟତ ଉଜ୍ଜ୍ୱଳ । ମାଳତୀ କୁଆଡ଼େ କିଛି ନ କହି, ଏମିତିକି ତା' ଆଡ଼କୁ ଆଉ ଥରୁଟିଏ ବି ନ ଚାହିଁ, ଗେଣ୍ଡୁ ଶିର ଦର୍ପରେ ସେଠୁ ଚାଲିଗଲା । ମାଳତୀର ଛାତି ଭିତରଟା ଫାଟି ଫାଟିଯା'ଉଛି । ସେ ବୁଝିପାରୁନାହିଁ

Digitized by srujanika@gmail.com

କାହିଁକି ଏମିତି ହଉଚି । ତା'ପରେ ଗୋଟିଏ ସ୍ଥିର ହୃଦ-ପଦ୍ମର କେଶରଟି ଏମିତି ଦଳି ହୋଇଗଲେ ଯାହାହୁଏ ସେ ଅନୁଭବ ତା'ର ନାହିଁ । ···ତେବେ, ତା' ନିଜ ମନକୁ ସେ ଏଇ ପ୍ରବୋଧନା ଦେଲା—ହଁ, ଆମ ଘର ସିନା ତା' ପଛରେ ଗୋଡ଼େଇଛନ୍ତି, ତା' ମନ ଯଦି ନ ମାନିଲା··· ! ଏଇଠି ସେ ଆଗକୁ କିଛୁ ଭାବିବା ପୂର୍ବରୁ ଅଟକିଗଲା । ଗୋଟିଏ କୋମଳ ଅନୁଭୂତି ତା' ମନରେ ଜାଗିଉଠିଲା—ହେଲେ, ମୋ' ମନ ତ ମାନୁଥିଲା, ଏତିକି ସେ ବୁଝିଲା ନାହିଁ ।

ଏ ଘଟଣାର ଦୁଇଦିନ ପରେ ହୁଏତ ଉଜ୍ଜ୍ୱଳ ଭବିଷ୍ୟତକୁ ଆଖି ଆଗରେ ରଖି ଗେଣ୍ଡୁ ସ୍କୁଲ ଛାଡ଼ି, ଗାଁ ଛାଡ଼ି ଚାଲିଗଲା ।

ଦୁଇବର୍ଷ ବିତିଯାଇଛି । ଏ ଭିତରେ ମାଳତୀର ବିବାହ ଅନ୍ୟଠି ହୋଇଯାଇଚି । ଗତବର୍ଷ ସୁରି ମେଟ୍ରିକ୍ ପରୀକ୍ଷା ଦେବାର କଥା, ପରୀକ୍ଷାବେଳେ ଭୀଷଣ ଜର ଭୋଗି ପାଞ୍ଚ ଛ'ଦିନ ଘରେ ପଡ଼ିରହିଲା । ଗୋଟାଏ ବର୍ଷ ନଷ୍ଟ ହେଲା । ଏ ବର୍ଷ ପରୀକ୍ଷା ଦେଇ ମେଟ୍ରିକ୍ ପାଶ୍ କରିଚି । ଯୋଉଦିନ ତା' ଫଳ ବାହାରିଲା, ତା' ପରଦିନ ଜଣାପଡ଼ିଲା ମାଧବଭାଇକୁ ଯକ୍ଷ୍ମାରୋଗ ଧରିଚି । ଡାକ୍ତର କହୁଚନ୍ତି, ଆଜିକାଲି ଯକ୍ଷ୍ମାରୋଗ କିଛି ନୁହେଁ । ରୀତିମତ ଔଷଧ ସାଙ୍ଗକୁ ଭଲ ଖାଦ୍ୟ, ଅଣ୍ଡା, ଦୁଧ, ଫଳ ଆଦି ଖାଇ ପୂର୍ଣ୍ଣ ବିଶ୍ରାମ ନେଲେ ଗୋଟିଏ ବର୍ଷରେ ରୋଗ ଭଲ ହୋଇଯିବ । ସୁରିକୁ ପ୍ରକୃତିରେ ଚାରିଦିଗ ଅନ୍ଧାର ଦେଖାଗଲା । ବାପାଙ୍କ ଜୀବନରକ୍ଷା ଲାଗି ସେ ଗାଁରେ ମୂଲିଆ କାମ କରିବାକୁ ପ୍ରସ୍ତୁତ । କିନ୍ତୁ ସେ ଜାଣେ ବାପା କେବେ ଏ କାମ କରେଇଦେବେ ନାହିଁ । ଆଜି ମେଟ୍ରିକ୍ ପାଶ୍ କରି କାଲି ଚାକିରି ପାଇଁ କୋଉଠି ଠିଆ-ହେଲେ ଲୋକେ ହସିବେ । ଗୋଟାଏ ମୁହୂର୍ତ୍ତରେ ସେ ନିଷ୍ପତ୍ତି କରିନେଲା—ସେ ତାରପୁର ବସ୍‌ଷ୍ଟାଣ୍ଡକୁ ଯିବ । ଚଳନ୍ତିକ ଜାଗା । ବହୁତ ବସ୍ ଆସେ, ଯାଏ । ବସ୍‌କୁ ଜିନିଷପତ୍ର ଉଠାଉଠି କରିବ । ···ମାଧବଭାଇ ଆଉ କିଛି ନ କହି କେବଳ ଏତିକି କହିଲେ—

ଏଠୁ ପାଞ୍ଚ ଛ' ମାଇଲ ବାଟ !

—ଭୋର୍ ପାଞ୍ଚଟାରେ ଯାଇ ସନ୍ଧ୍ୟାକୁ ଫେରିବି । କିଛି ନା କିଛି ମିଳିବ । ଗାଁଠୁ ଦୂରରେ ଏ କାମ କଲେ କେହି ଜାଣିବେ ନାହିଁ । ତମକୁ ବାଧିବ ନାହିଁ ।

ବାହାରୁ କଥା କହି କହି ଭୋଇପୁଅ ଆସିଲା—କୋଉଠୁ ଏ କାଳରୋଗ ଆସିଲା ମାଧବଭାଇ, ତମକୁ ଧରିଲା; ମତେ ଧରିଲା ନାହିଁ ! ପିଲାଟା ପାଶ୍ କଲା ଯେ, ଦିନ ଦି'ଟା ମନଖୁସି କରି-ପାରିଲା ନାହିଁ ।··· କଥା କହିବା ଅବସରରେ କିଛି ଟଙ୍କା ମାଧବଭାଇ ହାତରେ ଧରେଇଦେଲେ । ମାଧବଭାଇ କିଛି ବୁଝିପାରୁନଥା'ନ୍ତି ।

—ଏ ଟଙ୍କା ?

—ଏଡ଼େ ସରାଗରେ ଯୋଉ ଦାମୁଡ଼ି ଦି'ଟା ପାଳିଥିଲି, ବିକିଦେଲି । ପାଆଁଶ ଚାରିକୋଡ଼ି ଟଙ୍କା । ସାବି କେତେ କାନ୍ଦିଲା । କାନ୍ଦିଲେ କ'ଣ ହବ—ତା'ରି ବାହାଘର ପାଇଁ ତ ଆଗରୁ ସବୁ ଯୋଗାଡ଼ କରି ରଖୁଚି ।

Digitized by srujanika@gmail.com

ସୁର ପଚାରିଲା—ଏ ଟଙ୍କା କାହିଁକି ଦେଲ ମଉସା ?

—ତୋ ବାପା ପାଇଁ ଖର୍ଚ୍ଚ କର । ସାବ୍ବା ବାହାଘର ବେଳକୁ ଶୁଝିଦବୁ ନାହିଁ ? କାମକୁ ଯାଉଚି ମାଧବଭାଇ । ତୁ' ତୁ ଯିବୁ ନାହିଁ—ମୁଁ ଏକା ପଡ଼ିଗଲି । ସୁର, ବାପାଟା ପରି, ମନଦୁଃଖ କରନା, ମାଧବଭାଇ ଭଲ ହୋଇଯିବ—ନିଶ୍ଚେ ଭଲହୋଇଯିବ ।

—ଗେଣ୍ଡୁର ଖବର କ'ଣ ?

—କି ଖବରଟା ଦେବି ? କ'ଣ ସେ ଜାଗା ନାଁ'ଟା କି ? ମନେପଡ଼ୁ ନାହିଁ । ସେଇଠି ତ ଥିଲା । ଛ' ମାସ ତଳେ ଖଣ୍ଡେ ଚିଠି ଦେଇଥିଲା ।

—ପଢ଼ାଟା ଅଧାରୁ ଛାଡ଼ିଦେଇ ଚାଲିଗଲା···

—ସେଥିରେ ମୋର କ'ଣଟା ଗଲା ତୁ ମତେ କହ ମାଧବଭାଇ ! ମୁଁ ଯଦି ମରିପଡ଼ି ହାତରୁ ପଇସା ଖର୍ଚ୍ଚ କରି ତାକୁ ପଢ଼ଉଥା'ନ୍ତି, ତେବେ ମୋ ପଇସା ପାଣିରେ ପଡ଼ିଲା ବୋଲି ମୁଁ ମୁଣ୍ଡ କଚାଡ଼ି ହ'ନ୍ତି । ସିଏ ତ ମାଗଣା ମାଗଣା ପଢ଼ୁଥିଲା । ଏଥିରେ କାହା ପଇସା ପାଣିରେ ପଡ଼ିଲା, ସେ କଥା ସିଏ ବୁଝିବ କି ଏମ୍. ଏଲ୍. ଏ ବୁଝିବେ କି ଇସ୍କୁଲ ସାଆର୍ ବୁଝିବେ । ମୋର କ'ଣ ଗଲା । ଯାଇଚି, ଯାଉ । ଏଠି ଥିଲେ ମୋ' ରୋଜଗାରରୁ ଖାଉଥା'ନ୍ତା !···କିଛିଟା ବିରକ୍ତ ହୋଇ ସେଇପୁଅ ତରବରରେ କାମକୁ ବାହାରିଗଲା । ଅତି ଅସହାୟ ଅବସ୍ଥାରେ ସେମିତି ମାଧବଭାଇ ମନେ ମନେ ଗୁଣି ହଉଥା'ନ୍ତି—ବାପ ମା' ଝିଅ ତିନିହେଁ ଖଟି ରୋଜଗାର କରୁଛନ୍ତି ବୋଲି ତା'ର ପୁଅ ରୋଜଗାରକୁ ଖାତିର୍ ନାହିଁ । ଆଉ ଆମର ହାତଗୋଡ଼ ବାନ୍ଧି ହୋଇ ରହିଚି । ଆମର ସା'ନ୍ତ ଘର ହୋଇନଥିଲେ, ସୁରିଆବୋଉ ଆଉ ତା' ଝିଅ ମୂଲଲାଗି ମୋ' ଜୀବନ ବଞ୍ଚେଇଥା'ନ୍ତେ ।

—କ'ଣ ତେମେ ଏତେ ଭାବୁଚ ବାପା ?

—ଏଁ !

—ନାଇଁ, ତେମେ ଏତେ ଭାବ ନୁଅ ନାହିଁ । ଦେଖିବ, ସବୁ ଠିକ୍ ହେଇଯିବ ।

ପ୍ରକୃତରେ ସବୁ ଠିକ୍ ହୋଇଗଲା । ପ୍ରାୟ ଛ' ସାତ ଦିନ ପରେ ସୁରକୁ ଗୋଟିଏ ଗ୍ରେଟ ଚାକିରି ମିଳିଗଲା । ମାସକୁ ଦରମା ଦୁଇଶ ଟଙ୍କା ।

ଗାଁ ସାମନାକୁ ଲାଗି ଗୋଟାଏ କ'ଣ ଜନକଲ୍ୟାଣ ପ୍ରୋଜେକ୍ଟ ହେବ ବୋଲି ଶୁଣାଯାଉଥିଲା । ହଠାତ୍ ଦେଖାଗଲା ପ୍ରୋଜେକ୍ଟ କାମ ଆରମ୍ଭ ହେଇଯାଇଛି । ପ୍ରଥମେ ଅନେକ ମାଟିକାମ ହେବ । ସ୍ଥାନୀୟ ହରିଜନ ଏମ୍. ଏଲ୍. ଏ ଭୂଇଁରେ କୋଦାଳ ଛୁଆଁଇ ଶୁଭଦାନ କଲେ । ଜଣେ ଓ୍ୱାର୍କ ସର୍କାର ନିଯୁକ୍ତ ପାଇଁ ଏଇ ବିଜ୍ଞାପନଟି ବାହାରିଲା—"ନିମ୍ନତମ ଯୋଗ୍ୟତା ମେଟ୍ରିକ୍ । ବୟସ ଅଠରରୁ ପଚିଶ । ଏଇ ଅଞ୍ଚଳର ଭୂମିହୀନ ଗରିବ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।" ସୁର ନିର୍ବିବାଦରେ ଚାକିରିଟି ପାଇଗଲା । କର୍ତ୍ତୃପକ୍ଷଙ୍କର ଏଇ ନ୍ୟାୟ ବିଚାର ଓ ଉଦାରତା ପାଇଁ ସ୍ଥାନୀୟ ଲୋକେ ଧନ୍ୟ ଧନ୍ୟ କଲେ ।

Digitized by srujanika@gmail.com

ମାଧଭାଇ, ଖୋଇପୁଅ, ଘୁର, ମାଳତୀ ଓ ଗେଣ୍ଡୁକୁ ନେଇ ଯେଉଁ ପଞ୍ଚପ୍ରାଣ ଚକଟି ଘୂରୁଥିଲା. ଆପାତ ଦୃଷ୍ଟିରୁ ତା'ର ଗତି ଏଇଠି ବନ୍ଦ ହୋଇଯିବାର କଥା । କିନ୍ତୁ ତାହା ହେଲା ନାହିଁ । ସେଦିନ ଏମ୍. ଏଲ୍. ଏଙ୍କ ଘରେ ଏମ୍. ଏଲ୍. ଏ ବସିଛନ୍ତି—ସାମନାରେ ଠିଆ ହୋଇଛି ଗେଣ୍ଡୁ । ଦୁହେଁ ନୀରବ, କିନ୍ତୁ ଚିନ୍ତିତ । ଗେଣ୍ଡୁ ହିଁ ନୀରବତା ଭଙ୍ଗ କଲା—ଆପଣ ତ କହିଥିଲେ ମୋ ଭବିଷ୍ୟତ ଉଜ୍ଜ୍ୱଳ !

—ସେଇଥିପାଇଁ ତୋ' ଉଜ୍ଜ୍ୱଳ ଭବିଷ୍ୟତକୁ ତୋ ହାତ ମୁଠାରେ ବାନ୍ଧିରଖିବା ସକାଶେ ତୁ ପଢ଼ା ଗୁଡ଼ି ଘର ଗୁଡ଼ି ଗୁଲିଗଲୁ ? ···ଏଠୁ ସ୍କୁଲ ଗୁଡ଼ି ଗଲାବେଳେ ତୁ କେଉଁ କ୍ଲାସରେ ପଢ଼ୁଥିଲୁ ?

—ନାଇନ୍‌ଥ । ନବମ ଶ୍ରେଣୀ !···ଉତ୍ତରଟା ଦେଇସାରି ଗେଣ୍ଡୁ ଲକ୍ଷ୍ୟ କଲା ଏମ୍. ଏଲ୍. ଏ ଆହୁରି ଚିନ୍ତିତ ହୋଇପଡ଼ିଛନ୍ତି ।

—ଆଉ ଟିକିଏ ଉପରକୁ ପଢ଼ାପଢ଼ି କରିଥିଲେ କ'ଣ ଏମିତି ଦୋଷ ଲାଗିଯାଉଥିଲା ଯେ ? ···ଏମ୍. ଏଲ୍. ଏଙ୍କର ଏ ପ୍ରଶ୍ନରେ ଆନ୍ତରିକତାର ସ୍ପର୍ଶ ଗେଣ୍ଡୁ ପାଇଛି । ଟିକିଏ ଏପାଖ ସେପାଖ ହୋଇ ସେ ସ୍ପଷ୍ଟ ଗଳାରେ ଉତ୍ତରଦେଲା—ମୁଁ ପଢ଼ିଛି ସାର୍, ଏକାଦଶ ଶ୍ରେଣୀ ଯାଏ ପଢ଼ିଛି ।

ଗେଣ୍ଡୁର ଉତ୍ତର ଶୁଣି ଏମ୍. ଏଲ୍. ଏଙ୍କ ମୁହଁ ଉଜ୍ଜ୍ୱଳ ହୋଇଉଠିଲା । ଉତ୍ସାହିତ ହୋଇ ସେ କହିଲେ—ମେଟ୍ରିକ୍ ପରୀକ୍ଷାଟା··· ?

—ଏ ବର୍ଷ ଦେବାକୁ ଭରସା ପାଇଲିନି ।

—କେଉଁ ସ୍କୁଲରେ ପଢ଼ୁଥିଲୁ ?

—ଯେଉଁଠି ମୁଁ ଏ ଯାଏ ଥିଲି—ମଦ୍ଧରପଡ଼ା ହାଇସ୍କୁଲ ।

—ସ୍କୁଲ ସାର୍ଟିଫିକେଟ ଆଣିଚୁ ?

—କହିଲେ ଆଣିଦେବି ।

—ମୁଁ କହିବାଯାଏ କଥା ଯାଉଚି କାହିଁକି ?

—ମୁଁ କାଲି ମଦ୍ଧରପଡ଼ା ଯିବି ।

ଏମ୍. ଏଲ୍. ଏଙ୍କ ଘରୁ ଗେଣ୍ଡୁ ଯାଇ ନିଜ ଘରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇଯାଇଛି । ଘରେ ପହଞ୍ଚି ସେ ଆଗେ ଭେଟିଲା ତା' ସାନଭଉଣୀ ସାବିକୁ । ମିଞ୍ଜି ମିଞ୍ଜି ଡିବିରି ଆଲୁଅରେ ଭାଇକୁ ଦେଖି ସାବି ପାଟିରୁ ସେ କେଇ ମୁହୂର୍ତ୍ତ କିଛି କଥା ବାହାରିଲା ନାହିଁ । ତା'ପରେ ସେ ଏକାବେଳେକେ ବିହ୍ୱଳତା ହେଲାଭଳି କହିଉଠିଲା—ଭାଇ, ତୁ ଆସିଚୁ ଭାଇ ! ବାପା ଦାମୁଡ଼ି ଦ'ଟାକୁ ବିକି ଦେଇଚି ।

—ଭଲ କରିଚି । ସିଏ ବିକି ନଥିଲେ କାଲି ସକାଳେ ମୁଁ ବିକିଥା'ନ୍ତି ।

ଖୋଇପୁଅ ଆସି ପାଖରେ ଠିଆ ହେଲାଣି । ପୁଅ ମୁଣ୍ଡରେ ହାତ ବୁଲାଇ ପଚାରିଲେ—ଏ

Digitized by srujanika@gmail.com

ରାତିଟାରେ କୋଉଠୁ ଆସିଲୁ ?

—ମୁଁ ଏମ୍. ଏଲ୍. ଏଙ୍କ ଘରୁ ଆସୁଚି ।

—ତୋ’ ଦେହ ମୁଣ୍ଡ ସବୁ ଭଲଟି ?

—ହଁ, ଦାମୁରି କେତେଟଙ୍କାରେ ବିକିଚ ?

—ପାଆଁଶ ଗୃଶକୋଡ଼ି···

—ମତେ ସେଥିରୁ ପାଆଁଶ ଟଙ୍କା ଦିଅ ।

—ସେ ଟଙ୍କା ପରି ମୁଁ ସାବି ବାହାଘର ପାଇଁ···

—ସାବି ବାହାଘର ବେଳେ ମୁଁ ପାଆଁଶ ଜାଗାରେ ହଜାରେ ଟଙ୍କା ଦେବି । ···ଚାଲ, ଟଙ୍କା ବାହାର କର । ରାତି ଥାଉଁ ଥାଉଁ ମୁଁ ବସ୍‌ଷ୍ଟାଣ୍ଡରୁ ବାହାରିଯିବି ।

ଗେଣ୍ଡୁ ଏମ୍. ଏଲ୍. ଏଙ୍କ ଘରୁ ଆସିଚି । ଭୋଇପୁଅର ଆଉ କିଛି କହିବାର ନଥିଲା ।

× × ×

ମନ୍ଦିରପଡ଼ା ହାଇସ୍କୁଲ ଅଫିସ୍ । ଟେବୁଲ ଉପରେ ଗୋଟିଏ ଖାତା ମେଲାଇ କିରାଣୀବାବୁ ବସିଛନ୍ତି । ସମ୍ମୁଖରେ ଠିଆହୋଇଚି ଗେଣ୍ଡୁ । କିରାଣୀ କହିଚାଲିଚନ୍ତି—ମାନିଲ, ଏ ଦୁଇବର୍ଷ ତମେ ଏଇ ଆଖ ପାଖରେ ରହିଆସିଚ···ବୈକୁଣ୍ଠ ବାରିକଙ୍କ ଘରେ କିଛିଦିନ ରହିଥିଲ ନା କ’ଣ ? ତାଙ୍କ ଝିଅ ସବିତା ଏ ସ୍କୁଲରେ ପଢୁଥିଲା, ଆଉ ତ କାହିଁ କ୍ଲାସକୁ ଆସୁନାହିଁ ।···ମୁଁ କହୁଥିଲି କ’ଣ କି, ତମେ ତ କେବେ ଏ ସ୍କୁଲରେ ପଢ଼ିନ କି ଏ ସ୍କୁଲ୍ ହତା ମାଡ଼ିନ । ତମକୁ ସାର୍ଟିଫିକେଟ୍ କିଏ ଦବ ?···କଥାଟିକ କହିସାରି କିରାଣୀ ମୁହଁ ତଳକୁ କରି ବସିଲେ । ଗେଣ୍ଡୁ ପକେଟ୍‌ରୁ ପାଁଶ ଟଙ୍କାର ନୋଟ ବିଡ଼ାଟି କାଢ଼ି ଖାତା ଉପରେ ରଖିଲା । କିରାଣୀ ଚଟ୍ କରି ଖାତା ବନ୍ଦକରି ଖାତା ସହ ନୋଟ୍ ବିଡ଼ାଟି ଧରି ଗେଣ୍ଡୁକୁ କହିଲେ—ସାର୍‌ଙ୍କ ପାଖକୁ ଆସ ।

ମନ୍ଦିରପଡ଼ା ହାଇସ୍କୁଲ୍‌ରୁ ଯେଉଁ ସାର୍ଟିଫିକେଟ୍ ଗେଣ୍ଡୁ ଆଣିଲା—ତା’ର ମର୍ମ ହେଲା—କୋଡ଼ିଏ ବର୍ଷ ବୟସ୍କ ନିଷ୍କଳଙ୍କ ଚରିତ୍ର ଛାତ୍ର ପ୍ରସନ୍ନ କୁମାର ଭୋଇ ଉଣେଇଶି ଶହ ଅଶୀ ଓ ଏକାଅଶୀ, ଏଇ ଦୁଇବର୍ଷ ଏ ସ୍କୁଲ୍‌ର ଛାତ୍ର ଥିଲେ । ସେ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଛନ୍ତି ।

× × ×

ପ୍ରୋଜେକ୍ଟ ଅଫିସ୍‌ରେ ସୁପର କାମ ହେଲା, ସକାଳୁ ମୂଲିଆମାନଙ୍କର ହାଜିରା ନେବ—ସେମାନଙ୍କର କାମ ତଦାରଖ କରିବ, ପ୍ରତିଦିନ କାମ ଶେଷରେ ସେମାନଙ୍କୁ ମଜୁରି ଦେବ । ଏ ଅଞ୍ଚଳରେ ପ୍ରଚଳିତ ମଜୁରି ଅପେକ୍ଷା ଇଏ ପ୍ରୋଜେକ୍ଟ କାମ ବୋଲି ଟଙ୍କାଏ ଲେଖାଁ ଅଧିକ ମଜୁରି ମିଳୁଚି । ସେଥିପାଇଁ ବହୁତ ମୂଲିଆ ଆସୁଚନ୍ତି ।··ସେଦିନ ତମ୍ବୁ ଭିତରେ ସୁପର ହାଜିରାଖାତା ଦେଖୁଚି—ସେକ୍‌ସନ୍ ଅଫିସର୍ ହାତରେ ଗୋଟିଏ ବିଜ୍ଞାପନ ଧରି ଆସି

Digitized by srujanika@gmail.com

କହିଲେ—ଦେଖ ସୁରବାବୁ ! ତମର ଏ ଓ୍ୱାର୍କ ସରକାର ପୋଷ୍ଟ ପାଇଁ ଯେଉଁ ବିଜ୍ଞାପନ ବାହାରିଥିଲା, ସେଥିରେ ଟିକିଏ ଗଲ୍‌ତି ଥିଲା । ସେତେବେଳେ ଏମ୍. ଏଲ୍. ଏ ବି ସେଇକଥା କହୁଥିଲେ । ଏ ନୂଆ ସଂଶୋଧିତ ବିଜ୍ଞାପନ ଅନୁସାରେ ଆଉଥରେ ଦରଖାସ୍ତ ମଗାଯିବ ।

ସୁର ଟିକିଏ ବିଚଳିତ ହୋଇ ପଚାରିଲା—ମୁଁ ପୁଣି ଦରଖାସ୍ତ କରିବି ତ ?…ସୁର ପିଠିରେ ହାତ ଥାପଡ଼େଇ ବେଶ୍ ଦମ୍ଭ ଓ ଆନ୍ତରିକତା ସହ ସେକ୍‌ସନ୍ ଅଫିସର କହିଲେ—ନିଶ୍ଚୟ, ତମେ ତ ଅଲ୍‌ରେଡ଼ି ଏ ଚାକିରିରେ ଅଛ । ତମ କ୍ଲେମ୍ କୁଆଡ଼େ ଯିବ । ଗୋଟାଏ ନିୟମ ରକ୍ଷାପାଇଁ ଏ ନୂଆ ବିଜ୍ଞାପନଟା ବାହାରିଛି ।…ଏଇ ସଂଶୋଧିତ ନୂଆ ବିଜ୍ଞାପନଟିର ମର୍ମ ହେଲା—

ଶିକ୍ଷାଗତ ଯୋଗ୍ୟତା—ମେଟ୍ରିକ୍ । ହରିଜନ ପ୍ରାର୍ଥୀଙ୍କ କ୍ଷେତ୍ରରେ ଶିକ୍ଷାଗତ ଯୋଗ୍ୟତା କଚ୍ଛ କୋହଳ କରାଯାଇପାରେ । ଶିକ୍ଷା, ବୟସ ଓ ଅନ୍ୟାନ୍ୟ କ୍ଷେତ୍ରରେ ଯୋଗ୍ୟତା ସମାନ ଥିଲେ, ହରିଜନ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବା କଥା ବିଚାରକୁ ନିଆଯିବ ।

ନୂଆ ବିଜ୍ଞାପନ ଅନୁସାରେ ଦରଖାସ୍ତ ସବୁ ଆସିଲା । ସୁର ବି ଦରଖାସ୍ତ କରିଚି—ଆଉ ଦରଖାସ୍ତ କରିଚି ପ୍ରସନ୍ନ କୁମାର ଭୋଇ—ଗେଣ୍ଡୁ । ନିଯୁକ୍ତି କର୍ତ୍ତା ଏସ୍. ଡ଼ି. ଓ । ଏମ୍.ଏଲ୍.ଏ ତାଙ୍କ ପାଖେ ପାଖେ ଅଛନ୍ତି । ଦରଖାସ୍ତ ବର୍ଣ୍ଣିତ ଯୋଗ୍ୟତା ସବୁର ଇକ୍ୱେସନ୍ (equation) ଏହିପରି ହେଲା—ଏ ଅଞ୍ଚଳର ଭୂମିହୀନ ବାସିନ୍ଦାଭାବେ ସୁର ଓ ପ୍ରସନ୍ନ ଦୁହିଁଙ୍କର ଯୋଗ୍ୟତା ସମାନ । ବୟସ ଦୃଷ୍ଟିରୁ ଦୁହିଁଙ୍କର ଯୋଗ୍ୟତା ସମାନ । ଶିକ୍ଷା, ସୁରର ମେଟ୍ରିକ୍ ପାଶ୍—ପ୍ରସନ୍ନର ଏକାଦଶ ଶ୍ରେଣୀ । କିନ୍ତୁ ହରିଜନ ପ୍ରାର୍ଥୀ ହୋଇଥିବାରୁ ପ୍ରସନ୍ନର ଶିକ୍ଷାଗତ ଯୋଗ୍ୟତା କଚ୍ଛ କୋହଳ କରାଯାଇ ମେଟ୍ରିକ୍ ସହିତ ସମତୁଲ କରାଗଲା । ଅତଏବ ଦୁହିଁଙ୍କର ଶିକ୍ଷାଗତ ଯୋଗ୍ୟତା ସମାନ । ଶେଷ ଇକ୍ୱେସନ୍ ହେଲା, ଯେହେତୁ ପ୍ରାର୍ଥୀ ଭାବରେ ଦୁହିଁଙ୍କର ସବୁ କ୍ଷେତ୍ରରେ ଯୋଗ୍ୟତା ସମାନ, ହରିଜନ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବା କଥା ବିଚାରକୁ ନିଆଯାଇ ଶ୍ରୀ ପ୍ରସନ୍ନ କୁମାର ଭୋଇ (ଓରଫ୍ ଗେଣ୍ଡୁ)କୁ ଏ ଚାକିରିରେ ନିଯୁକ୍ତି କରାଗଲା ଓ ସୁରେନ୍ଦ୍ର କୁମାର ସାମନ୍ତରାୟ ଚାକିରିରୁ ଅବ୍ୟାହତି ପାଇଲେ ।

ଏଥିରେ ସ୍ଥାନୀୟ ଲୋକେ ଆହୁରି ବେଶି ଧନ୍ୟ ଧନ୍ୟ କରି କହିଲେ—ଦେଖ, ଆଜିକାଲି କେହି ନିୟମ କାନୁନ୍ ମାନୁନାହାନ୍ତି । କିନ୍ତୁ ଆମ ହରିଜନ ଏମ୍. ଏଲ୍. ଏ ଥିଲେ ବୋଲି ବିଚରା ହରିଜନ ପିଲାଟି ଚାକିରି ପାଇଗଲା ।…ସୁର ଓ ମାଧଭାଇ ମଧ୍ୟ ଏ ତଥ୍ୟଟିକୁ ମାନି ନେଲେ ।

କିଛିଦିନ ପରେ ଗେଣ୍ଡୁଠୁ ଡାକରାପାଇ ସୁର ଯାଇ ଦେଖିଲା ତମ୍ବୁ ଭିତରେ ଯେଉଁ ଚଉକିରେ ସେ ବସୁଥିଲା, ସେଥିରେ ଗେଣ୍ଡୁ ବସି ଟଙ୍କା ଗଣୁଚି । ସୁରକୁ ଦେଖି ଗେଣ୍ଡୁ କହିଲା—ଆସୁନୁ ।…ମନରେ କିଛି ଅସୁସ୍ଥଭାବ ନ ଆଣି ସୁର କହିଲା—ସକାଳୁ କ'ଣ ଟଙ୍କା ଗଣିଲୁଣି । ମଜୁରି ତ ଆଉ ବେଳକୁ ଦିଆଯିବ ।

Digitized by srujanika@gmail.com

—ବୁଝିପାରୁନୁ ?

—କ'ଣ ?

ଏତିକିବେଳେ ଗୋଟିଏ ମୂଲିଆ ଆସି ଗେଣ୍ଡୁକୁ ଟଙ୍କାଟିଏ ଦେଇଗଲା । ସୁର କିଛୁ ବୁଝିପାରୁନାହିଁ । ପଚାରିଲା—ଏ କ ଟଙ୍କା ସେ ଦେଲା ? ନିର୍ଲିପ୍ତ ଭାବରେ ଗେଣ୍ଡୁ ଉତ୍ତର ଦେଲା—ମୋ' ପଣି ।

—ମାନେ ?

—ଏଠି ଯେତେ ମୂଲିଆ କାମ କରୁଛନ୍ତି, ସେମାନେ ତାଙ୍କ ରୋଜଗାରରୁ ଦିନକୁ ମତେ ଟଙ୍କାଏ ଲେଖାଁ ପଣି ଦଉଚନ୍ତି ।

—ତୁ ନେଉଚୁ ?

—ନନେବି କାହିଁକି ? ଏବେ ଭରାଟ ସମୟ । ବାହାରେ କାମ ନାହିଁ । ଘରେ ବସିଥା'ନ୍ତେ । ସେମାନେ ଜାଣିଚନ୍ତି, ପଣି ନ ଦେଲେ କାମ ମିଳିବ ନାହିଁ । ଏବେ ସେମାନେ ଖୁସି, ମୁଁ ଖୁସି...ଶୁଣିଲି, ତୁ ପଣି ନେଉନଥିଲୁ ।

ସୁର କିଛି ନ କହି ଖାଲି ଟିକିଏ ହସିଲା । ଆସିଲା ମାଳତୀ । ସେ ଏଠି ମାଟିକାମ କରୁଛି । ଲୁଗାକାନିରୁ ଟଙ୍କାଟିଏ ବାହାର କରି ଗେଣ୍ଡୁଆଡ଼କୁ ବଢ଼େଇଲା । ଗେଣ୍ଡୁ ତା' ହାତରୁ ନେଲା ନାହିଁ—ମୁହଁ ବୁଲେଇ ବସିଲା । ମାଳତୀ ଟେବୁଲ୍ ଉପରେ ଟଙ୍କାଟି ରଖିଦେଇ ଚାଲିଗଲା । ମାଳତୀ ଯିବା ବାଟକୁ ଚାହିଁ ବିଦ୍ୟୁତ୍ ବେଗରେ ଏଇ କଥାଟା ଗେଣ୍ଡୁର ମନ ଭିତରେ ଖେଳିଗଲା—"ମୁଁ ଏଠୁ ଚାଲିଯାଇ ନଥିଲେ ତୋ' ସାଙ୍ଗରେ ମତେ ବାହା କରେଇ ଦେଇଥା'ନ୍ତେ । ଏମ୍. ଏଲ୍. ଏ କହିଥିଲେ ମୋ' ଭବିଷ୍ୟତ ଉଜ୍ଜ୍ୱଳ । ତୋ' ଜାଗାରେ ମନ୍ଦରପଡ଼ା ବୈକୁଣ୍ଠ ବାରିକଙ୍କ ଝିଅ ସବିତା ସାଙ୍ଗରେ ମୋର ବାହାଘର ହେବ । ମୁଁ ଆଉ ଭୋଇପଡ଼ାରେ ରହିବି ନାହିଁ । ମୁଁ ହରିଜନ—ସେଥିପାଇଁ ମତେ ଏ ଅନାବାଦି ଜମିରୁ ଛ' ଗୁଣ୍ଠ ଜମି ମିଳିବ ବୋଲି ଏମ୍. ଏଲ୍. ଏ କହିଛନ୍ତି । ମୁଁ ସବର୍ଣ୍ଣଘର ଝିଅ ସବିତାକୁ ବାହାହେଇ ଏଇଠି ଆସି ଘରକରି ରହିବି ।"

ସୁରର ଡାକରେ ଗେଣ୍ଡୁ ଟିକିଏ ଚମକିଉଠିଲା । ସୁର କହିଲା—ମତେ କାହିଁକି ଡାକିଚୁ କହ ?

—ତୁ ଏଠି କାମ କରିବୁ ?

—କି କାମ ?

—ତଦାରଖ । ମାଟିବୁହା କାମ ନୁହେଁ । ମୂଲିଆମାନଙ୍କ ଉପରେ ତୁ ହେବୁ ମେଟ୍ । ସେମାନେ କାମ କରିବେ, ତୁ ତଦାରଖ୍ କରିବୁ । ସେଥିପାଇଁ ତୁ ଦିନକୁ ଦୁ'ଟଙ୍କା ଅଧିକ ମଜୁରି ପାଇବୁ ।.. କୃତଜ୍ଞତାରେ ସୁରର ମନ ପ୍ରାଣ ଭରିଉଠିଲା । ଗୋଟାଏ ଆବେଗରେ ଗେଣ୍ଡୁର ହାତକୁ ମୁଠାଇ ଧରି କହିଲା—ସତରେ ଗେଣ୍ଡୁ ତୁ ମତେ ଏ କାମ ଦେବୁ ! ! ଏ

Digitized by srujanika@gmail.com

ଦୁଇଟଙ୍କା ଅଧିକ ମଜୁରିରେ ବାପାଙ୍କ ଔଷଧ ଖର୍ଚ୍ଚଟା ଉଠିଯିବ ।...ସୁର ହାତମୁଠାରୁ ପାପୁଲିକୁ ମୁକ୍ତ କରିଦେଇ ନିର୍ବିକାର ଭାବରେ ଗେଣ୍ଡୁ କହିଲା—ସେ ଦୁଇଟଙ୍କା ମୁଁ ତୋଠୁଁ ପଣି ନେବ ।...ସୁରର ଉଷୁମ ହାତଟା ବରଫ ପରି ଅଣ୍ଡା ହୋଇଗଲା ।

—ତୁ, ତୁ ମୋ'ଠୁ ଲାଞ୍ଚ ନେବୁ ଗେଣ୍ଡୁ ?

—ମୋର ଟଙ୍କା ଦର୍କାର, ମୁଁ ଟଙ୍କା ନେବି...ହାଜରି ଖାତାରେ ତୋ' ନାଁ ଲେଖିଚ !

—ନା, ମୁଁ ଏ କାମ କରିବି ନାହିଁ ।

× × ×

ମାଧବଭାଇଙ୍କ ଘର । ସୁରଠୁ ସବୁ କଥା ଶୁଣି ମାଧବଭାଇ କହିଲେ—ଆଜିକାଲି କିଏ ଲାଞ୍ଚ ନ ନଉଛି ଯେ ତୁ ଏମିତି ଭଲ କାମଟାକୁ ଛାଡ଼ିଦେଲୁ ?

—ପ୍ରାର୍ଥନା ପରେ ସ୍କୁଲରେ ଆମେ ଶପଥ ନେଇଚୁ—ନିୟମ କରିଚୁ, କାହାଠୁ ଲାଞ୍ଚ ନେବୁ ନାହିଁ କି କାହାକୁ ଦେବୁ ନାହିଁ ।

ହତାଶ ହେଲାଭଳି ମୁଣ୍ଡରେ ହାତଦେଇ ମାଧଭାଇ କହିଲେ—ଆମ ଅବସ୍ଥା ତ ଦେଖୁଚୁ । ଏମିତିକା ଗୋଟେ ନିୟମ କଲୁ କାହିଁକି ?

କ'ଣ ଗୁଡ଼ାଏ କିଛି କହିଯିବ ବୋଲି ସୁରର ଭିତରଟା ଫାଟିପଡୁଥାଏ । ଲୁହ ଛଳ ଛଳ ଆଖିରେ ସେ କହିଲା—ମୁଁ କ'ଣ ଜାଣିଥିଲି ତମକୁ ଏମିତି ଗୋଟାଏ ରୋଗ ଧରିବ ବୋଲି...

—ଏଁ !

ଭୋ ଭୋ ହୋଇ କାନ୍ଦି ସୁର କହିଚାଲିଚ—ମୁଁ କ'ଣ ଜାଣିଥିଲି ଯେ ମୁଁ ପାଠ ପଢ଼ି ଯୋଗ୍ୟ ହୋଇ ଯୋଉ ଚାକିରି ପାଇଥିଲି, ତାକୁ ଗୋଟାଏ ଅପାଠୁଆ ଅଯୋଗ୍ୟ ଲୋକ ଛଡ଼େଇ ନେବ !

କାନ୍ଧରେ ଗାମୁଛାଟା ପକେଇ ସୁର ବାହାରିଗଲା । ବାହାରେ ଭୋଇପୁଅ ଠିଆହେଇଚ । ସୁରକୁ ଦେଖି କହିଲା—ମଟର ଉପରେ ମାଲ୍ ବୋଝେଇ କରିବାକୁ ତାରପୁର ଯାଉଚୁ ?

—ହଁ !

—ଯା' ବାପା, ଯା !...ଭୋଇପୁଅ ଅକ୍‌କା ହେଇ ତଳେ ବସିପଡ଼ିଲା । ବାହାରେ ଥାଇ ସୁରର ଶେଷ କଥାତକ ସବୁ ସେ ଶୁଣିଚ ।

Digitized by srujanika@gmail.com

ସୁନୀଲା

ସୁନୀଲା···

ଏ ଗଳ୍ପର ମୁଖ୍ୟପାତ୍ର ହୋଇ ନ ଥିଲେ 'ସୁନୀଲା' ନାଁର ବ୍ୟବହାର ମୁଁ ଆଦୌ କରିନଥା'ନ୍ତି । କାରଣ ଏଇଟା ତା'ର ଅସଲ ନାଁ ନୁହେଁ । ନିମ୍ନ ପ୍ରାଥମିକ ବୃତ୍ତି ପରୀକ୍ଷାକୁ ଯିବା ପୂର୍ବରୁ ଶିକ୍ଷକ ମହାଶୟ 'ନୀଲା' ନାଁଟିକୁ ଟିକିଏ କବିତାମୟ କରିଦେଇଥିଲେ 'ନୀଲା' ପୂର୍ବରୁ 'ସୁ' ଟିଏ ଯୋଗକରି । ବସ୍ତୁତଃ 'ଶ୍ରୀମତୀ ସୁନୀଲା ଦେଈ' ରହିଗଲା କେବଳ କାଗଜପତ୍ରରେ, ଆଉ ସେ ରହିଗଲା ସେଇ ନୀଲା ହୋଇ । ଆଉ ମୁଁ ତା'ଠୁ ମୋଟେ ଦୁଇବର୍ଷ ବଡ଼—ସବୁଦିନେ ତାକୁ ନୀଲା ବୋଲି ଡାକିଆସିଛି—ଆଜି···ନା, ଆଜିକା କଥା ଥାଉ, ଆଜିଠୁ ପ୍ରାୟ ନ' ବର୍ଷ ତଳର କଥା କହେ ।

କ୍ରମାଗତ ପନ୍ଦରଟି ବସନ୍ତର ଅନାହୂତ ଦାନ ନୀଲାର ତନୁଲତାକୁ ସେତେବେଳେ ସଂଜୀବିତ କରି ରଖିଥାଏ । ତା'ର ଏଇ ବୟସର ରୂପଟାକୁ ମୁଁ ପ୍ରଥମେ ଦେଖିଲି ଫାଲ୍‌ଗୁନର ଗୋଟିଏ ଜ୍ୟୋତ୍ସ୍ନାପ୍ଳୁତ ସନ୍ଧ୍ୟାରେ । ପ୍ରଖର ସୂର୍ଯ୍ୟାଲୋକରେ ନ ଦେଖି ଈଷତ୍ ମ୍ଳାନ ଜ୍ୟୋତ୍ସ୍ନାଲୋକରେ ଦେଖିଲି ବୋଲି ବୋଧହୁଏ ନୀଲା ମୋ ଆଖିକୁ ଏତେ ଭଲ ଲାଗିଥିଲା । କାରଣ ଜଣେ ନିରପେକ୍ଷ ଚିତ୍ରକରର ଦୃଷ୍ଟିରେ ନୀଲାର ସୌନ୍ଦର୍ଯ୍ୟ ଥିଲା ଗୋଟାଏ ସାଧାରଣ ସୀମା ଭିତରେ ଆବଦ୍ଧ ।

ତା' ପରଦିନ ନୀଲା ପାଖରୁ ମୁଁ ଚାଲିଆସିଥିଲି ଦୂରକୁ ।

ଆଚ୍ଛା, ଏଇଠି ଟିକିଏ ମନ ଜଗତର ଭିତର କଥାଟା ଦେଖାଯାଉ । ସତର ବର୍ଷ ବୟସର କିଶୋର କୁହ ବା ଯୁବକ କୁହ, ସେଇ ଧରଣର କିଛି ଗୋଟାଏ ପ୍ରାଣୀ ମୁଁ । ସେଦିନ ନୀଲା ମୋ ପାଖକୁ ଆସିନଥିଲା ଅଭିସାର ରଚନା କରି କିମ୍ବା ମୁଁ ତା'ର ଆଗମନର ପଥ ଚାହିଁ ଜାଗର ଜାଳି ବସିନଥିଲି । ଦୋଳ ପୂର୍ଣ୍ଣିମାର ଅନାବିଲ ଆନନ୍ଦୋତ୍ସବ ଭିତରେ ତା' ସହିତ ମୋର ଏଇ ଉଦ୍ଦେଶ୍ୟହୀନ ଦେଖା । କିନ୍ତୁ ଗୋଟାଏ କେଉଁ ଅଦୃଶ୍ୟ ଶକ୍ତିର ଇଙ୍ଗିତରେ ସେଇ ମୁହୂର୍ତ୍ତଟି ହୋଇ ରହିଲା ଅମୃତମୟ ।

ଶିକ୍ଷାସ୍ଥଳ ମୋର ସହର । ରୁଚି, ସୌନ୍ଦର୍ଯ୍ୟ ଓ ବୟସ ନିର୍ବିଶେଷରେ ଅଗଣିତ ନାରୀ ମୁଁ ଏଠି ଦେଖିବାକୁ ପାଏ । କିନ୍ତୁ ନୀଲା ସହିତ ମାତ୍ର ଥରଟିଏ ଦର୍ଶନର ଛାପ ମୋ'ଠାରେ ରଖିଗଲା କାହିଁକି ?

Digitized by srujanika@gmail.com

ମୁଁ କହୁନାହିଁ ମୋର ପ୍ରତି ପଲକପାତରେ ମୋ ଆଖି ସାମନାରେ ଭାସିଉଠୁଥିଲା ନୀଲାର ରୂପଗରିମା—ମୋ କବିତା ପୁସ୍ତକର ଛନ୍ଦେ ଛନ୍ଦେ ନାଚିଉଠୁଥିଲା ତା'ର ମୁଖ ଛବି କିମ୍ବା ମୋର ପ୍ରତି ପଦକ୍ଷେପରେ ମୁଁ ଝୁଣ୍ଟି ପଡୁଥିଲି ନୀଲାର କଥା ସ୍ମରଣ କରି ।

କିନ୍ତୁ ମୋର ଅଗୋଚରରେ···ନା—'ଅଗୋଚର' କହିଲେ ହୁଏତ ଠିକ୍ ହଉନି; ଗୋଟାଏ କେମିତି ଅର୍ଦ୍ଧଚେତନ ଅବସ୍ଥାରେ ମୁଁ ଅନୁଭବ କରୁଥିଲି ଯେ ମୋ ଅନ୍ତରର କେଉଁ ଏକ ବିକ୍ଷିପ୍ତ କୋଣରେ ନୀଲା ପ୍ରତି ମୋର ଜାଗିଉଠିଚି ଗୋଟାଏ ମନୋରମ ଆକର୍ଷଣ, ଯାହାକୁ ଏଡ଼ାଇ ଚାଲିବା ଉଚିତ କି ନୁହେଁ ତା' ମୋର ବିଚାରବୁଦ୍ଧିର ବାହାରେ ଥିଲା, କିନ୍ତୁ ଏକଥା ଠିକ୍ ଯେ, ଏଡ଼ାଇ ଚାଲିବାକୁ ଚେଷ୍ଟା କରିଥିଲେ ସୁଦ୍ଧା, ମୁଁ ତା' ଆଦୌ ପାରିନଥା'ନ୍ତି ।

ସତର ବର୍ଷ ବୟସ୍କ ଗୋଟିଏ ବାଳକର ମନରାଜ୍ୟର ଏଇ ବିଶ୍ଳେଷଣ ବୋଧହୁଏ ରୂପକଥାର ସ୍ତରକୁ ଚାଲିଆସୁଛି । କିନ୍ତୁ ଠିକ୍ ସେଇ ସମୟରେ ନୀଲା ମନରେ କାହିଁକି ଜାଗିଥିଲା ଅନୁରୂପ ଚିନ୍ତା । କାରଣେ ଅକାରଣେ ସେ କାହିଁକି ଭାବୁଥିଲା ମୋ'ର କଥା—ଆଉ ଭାବି ସୁଖ ମଧ୍ୟ ପାଉଥିଲା ।

ଏ ପ୍ରଶ୍ନ ସମାଧାନର ଅପେକ୍ଷା ରଖେନା । ଏ ପ୍ରଶ୍ନ ଚିରନ୍ତନ, ଯା'ର ସମାଧାନ ମଧ୍ୟ ଅନୁରୂପ । ଆଉ ଏଇଥିପାଇଁ ବୋଧହୁଏ ଗୋଟିଏ ବର୍ଷା-ମୁଖର ଦ୍ୱିପ୍ରହରରେ ନୀଲାକୁ ମୋର ବାହୁବନ୍ଧନରେ ଆଣି ଖୁବ୍ ବିଜ୍ଞବ୍ୟକ୍ତି ପରି ମୁଁ କହିଥିଲି—ମୁଁ ଜାଣେ ନୀଲା, ନୀତି-ବାଦୀମାନେ ଆମକୁ ଖୁବ୍ ନା'ପସନ୍ଦ କରିବେ—କେତେକେ ହେୟ ଚକ୍ଷୁରେ ବି ଦେଖିବେ, ବିଶେଷତଃ ସେମାନେ ଯେତେବେଳେ ଆମ ବୟସର ବିଚାର କରିବସିବେ । କିନ୍ତୁ ନୀଲା, ମାତ୍ର ଗୋଟାଏ ମୁହୂର୍ତ୍ତର ଦେଖାରେ ଦୁଇଟି ଜୀବନ ଯଦି ଆପେ ଆପେ ଏତେଦୂର ଟାଣି ହୋଇଆସିଲା, ସେଠି ଆମର ଦୋଷ ରହିଲା କେଉଁଠି ?

ନୀଲା ପ୍ରଥମେ ବୋକାଙ୍କ ପରି କିଛି ସମୟ ମୋ ମୁହଁକୁ ଚାହିଁରହିଥିଲା । ତା' ପରେ ସେ ଖୁବ୍ ସହଜ ଗଳାରେ କହିଥିଲା—ମୁଁ ବୁଝେନା ଏ ସବୁ କଥା । ତମେ ପାଖରେ ଥିଲେ ମୋର କାହାକୁ କିଛି ଭୟ ନଥାଏ ।

ଆମ ଦୁଇଜଣଙ୍କର କଥାକୁ ମିଳାଇକରି ମୁଁ ଦେଖିଛି ଯେ କିଛି ନ ବୁଝି ମଧ୍ୟ ନୀଲା ମୋ କଥାର ଠିକ୍ ଉତ୍ତର ଦେଇଛି ।

ଉତ୍ଥାନ ପତନ ବିହୀନ ଦୁଇଟି ଜୀବନର ଦୁଇଟି ବର୍ଷ କଟିଗଲା ।

ତା' ପରେ ଆସିଲା ନୀଲାର ବିବାହ ପ୍ରସ୍ତାବ ଅନେକ ଜାଗାରୁ । ପ୍ରଥମେ ନୀଲା ଏ ସବୁ ପ୍ରତି ମୋଟେ ଦୃଷ୍ଟି ଦେଉନଥିଲା । କିନ୍ତୁ ଯୋଉଦିନ ଗୋଟାଏ ଜାଗାରେ ନୀଲାର ବିବାହର ସମସ୍ତ ବନ୍ଦୋବସ୍ତ ହୋଇଗଲା, ସେଦିନ ସେ ଚଞ୍ଚଳ ଚରଣ ଓ ଚଞ୍ଚଳ ମନ ନେଇ ମୋ' ପାଖକୁ ଆସିଲା ।

Digitized by srujanika@gmail.com

—ସେ କେମିତି ହବ କହିଲ । ସେମାନେ ଯେ ନିବନ୍ଧ କରିସାରିଲେଣି । ମୁଁ କିଛି ହେଲେ ଭାବିପାରୁନି । ଆଚ୍ଛା, ଏଥିରେ ଆମର କ'ଣ କିଛିହେଲେ କରିବାର ନାହିଁ !

ନୀଳାର କରୁଣ ଦୃଷ୍ଟି ଉପରେ ଦୃଷ୍ଟି ନିବଦ୍ଧ କରି ମୁଁ କହିଲି—ଆଜିଠୁ ଦୁଇବର୍ଷ ପଛକୁ ଫେରିଚାହିଁ ମୁଁ ଦେଖୁଚି ନୀଳା, ଏତେ ବଡ଼ ଗୋଟାଏ ପ୍ରଶ୍ନ ଏଇ ପ୍ରଥମ ଆମକୁ ଦେଖା-ଦେଇଚି । ଏତେ ଚଞ୍ଚଳ ଆମେ କ'ଣ ବା କରିପାରିବା ?

ସତରେ କିନ୍ତୁ ଆମର କିଛି କରିବାର ନ ଥିଲା । ସମାଜର ଦୁଇଟା ଅସ୍ତିତ୍ୱହୀନ ପ୍ରାଣୀ ଆମେ—ସାମାଜିକ ହିସାବ ନିକାଶରେ ଆମର ସ୍ଥାନ କାହିଁ ?

ତା' ପରେ ଅନେକ ନିଷ୍ଫଳ ଜଳ୍ପନା-କଳ୍ପନା, ରୁଦ୍ଧ ଅଭିଯୋଗ, ବ୍ୟର୍ଥ ଅଭିମାନ ଓ ପରିଶେଷରେ ନୀଳାର ଅବିରାମ ଅଶ୍ରୁ ନିର୍ଝରଣ ଭିତରଦେଇ ବାଧ୍ୟବନ୍ଧ ଭାବରେ ହୋଇ-ଗଲା ତା'ର ବିବାହ ।

ଏ ଗଳ୍ପର ପ୍ରଥମ ଅଧ୍ୟାୟ ଏଇଠି ଶେଷ ହେଲା । ଏହାର ଦ୍ୱିତୀୟ ଓ ଶେଷ ଅଧ୍ୟାୟର ଆରମ୍ଭ ହେଲା ପ୍ରାୟ ନ' ବର୍ଷ ପରେ ।

× × × ×

ଦୁଇବର୍ଷ ହେବ ମୋର ବିବାହ ହୋଇଯାଇଥାଏ । ପଢ଼ା ଛାଡ଼ି ମୁଁ କରୁଥାଏ ଚାକିରି । ଆଉ ଘରେ ସ୍ତ୍ରୀକୁ ଛାଡ଼ି କଟକରେ ରହୁଥାଏ ଗୋଟାଏ ମେସ୍‌ରେ ।

—ଏଇ ତ, ତମେ ଅଛ ଦେଖୁଚି ।···ବହିଉପରୁ ଆଖି ଟେକି ଚାହିଁଲି—ସଦାନନ୍ଦବାବୁ, ନୀଳାର ସ୍ୱାମୀ । ତାଙ୍କର ବସିବାପାଇଁ ଚୌକିଟାକୁ ଆଗେଇଦେଲି ଅଭ୍ୟର୍ଥନା ଭଙ୍ଗୀରେ ।

—ମୋର ଏଠିକି ବଦଳି ହୋଇଚି । ସେମାନେ ସମସ୍ତେ ଆସିଚନ୍ତି ।

—କାହାନ୍ତି ସେମାନେ ?

—ଧର୍ମଶାଳାରେ । ଏଠୁ ଆଜି ଆମେ ପ୍ରଥମେ ତମ ଗାଁକୁ ଯିବୁ । ଅନେକ କାମ ଅଛି ମୋର ବଜାରରେ । ତମେ ଟିକିଏ ଧର୍ମଶାଳାକୁ ଚାଲ—ସେମାନଙ୍କର ଦେଖା ରଖା କରିବ ।

ଭଦ୍ରଲୋକଙ୍କ ସହିତ ଯା' ପୂର୍ବରୁ ଅନେକ ଥର ଦେଖାହୋଇଚି । ନୀଳା ଓ ମୁଁ ଏକା ଗାଁର । ତେଣୁ ସେ ଆପେ ଆପେ ମୋ ସହିତ ତାଙ୍କ ସମ୍ବନ୍ଧଟା ଦୃଢ଼ କରିନେଇଚନ୍ତି ।

କିନ୍ତୁ ନୀଳା ଆସିଚି । ନଅବର୍ଷ ପରେ ତା' ସହିତ ଏଇ ପ୍ରଥମ ଦେଖାହବ । କିପରି ଭାବରେ ଯାଇ ତାକୁ ଦେଖା କରିବି—କିଏ ଆଗ କଥା କହିବ···ଏଇ ସବୁ ଭାବନାରେ ମୁଁ ଏମିତି ବୁଡ଼ିରହିଥିଲି ଯେ ତାଙ୍କ କଥା ଉପରେ କଥା କହିବାର ଅବକାଶ ମୋର ନଥିଲା ।

—କ'ଣ କିଛି କାମ ଅଛି ?

ମୋର ଚେତନା ଆସିଲା । କହିଲି—ନା, ନା, ଚାଲନ୍ତୁ, ମୁଁ ଯାଉଚି ।

ସେ ଗଲେ ବଜାର ଆଡ଼େ—ମୁଁ ଗଲି ଧର୍ମଶାଳାକୁ । ପହଞ୍ଚିବା ସଙ୍ଗେ ସଙ୍ଗେ ନୀଳା

Digitized by srujanika@gmail.com

ମୁଣ୍ଡଲଗାଇ ପ୍ରଣାମ କଲା । ପାଖରେ ଠିଆହୋଇଥିଲା ଗୋଟିଏ ଛ' ସାତ ବର୍ଷ'ର ପିଲା— ନୀଳାର ପୁଅ ସେ । ମା'ର ଇଙ୍ଗିତରେ ସେ ବି ମା'କୁ ଅନୁକରଣ କଲା ।

ଚରମ ଲୌକିକତା—ଟିକିଏ ଚଞ୍ଚଳ ହୋଇଉଠିଲି ମୁଁ । ଆଗେ କଥା ଆରମ୍ଭ କଲା ନୀଳା ।

—ବସ ।

ତକ୍ତପୋଷ ଉପରେ ମୁଁ ବସିଲି । ଥରେ ପୂର୍ଣ୍ଣଦୃଷ୍ଟିରେ ମୋ ଆଡ଼େ ଚାହିଁ ସେ କହିଲା— ତମ ଚେହେରା ଭାଙ୍ଗି ଯାଉଛି । ଟିକିଏହେଲେ ତ ମୋଟା ହେଉନ; ବରଂ ଝଡ଼ିଯାଇଚ ।

ଉତ୍ତରରେ ମୁଁ ଚାହିଁଲି ନୀଳା ଆଡ଼େ । ନୀଳା ମୋଟା ହେଇଚ । ତା'ର ଏଇ ସ୍ୱାସ୍ଥ୍ୟା-ନ୍ନତିର ପରିଚୟ ଦେବାପାଇଁ କ'ଣ ସେ ମୋ ସ୍ୱାସ୍ଥ୍ୟ ପ୍ରତି ଆକ୍ଷେପ କରିଥିଲା !

ଚାରୋଟି ପିଲାର ମା' ନୀଳା । ଶ୍ରେଷ୍ଠ ଘରଟିର ଏଣେତେଣେ ପଡ଼ିରହିଥିବା ଜିନିଷପତ୍ର ସହିତ ସାମଞ୍ଜସ୍ୟ ରଖି ପିଲା ଚାରୋଟି ଏଠି ସେଠି ଜାକିଜୁକି ହୋଇ ବସିଛନ୍ତି । ଶ୍ରୀହୀନ ଅସୁନ୍ଦର ଚେହେରା ସେମାନଙ୍କର—କଦାକାର ସଦାନନ୍ଦର ନୀଳାକୁ କୁତ୍ସିତ ଦାନ । ତଥାପି ସ୍ୱାମୀ ଓ ସନ୍ତାନଗଣର ଅତ୍ୟାଚାର ଜର୍ଜ୍ଜରିତା ନୀଳାର ହୋଇଚ ସ୍ୱାସ୍ଥ୍ୟର ଉନ୍ନତି—ଆଉ ମୋର ଘଟିଚି ଅପଚୟ । କିନ୍ତୁ ଆମ ଦୁହିଁଙ୍କର ସ୍ୱାସ୍ଥ୍ୟର ତୁଳନା କରିବାକୁ ତ ମୁଁ ଏଠିକି ଆସିନଥିଲି ?

—ଆସିବାର ଥିଲ ଥିଲା, ଆଗରୁ ଟିକିଏ ଖବର ଦେଲ ନାହିଁ ! ! କିଛି ହେଲେ ତ ସୁବିଧା କରିପାରିଥା'ନ୍ତି ।

—ତେମେ କଟକରେ ଅଛ ବୋଲି ତ ମୁଁ ଜାଣେ ନାହିଁ ।

—ଏତେବଡ଼ ଡାହା ମିଛ କଥାଟା ତୁ କହିପାରିଲୁ ନୀଳା ? ସଦାନନ୍ଦ ବାବୁଙ୍କ ସହିତ ମୋର ତ ଅନେକଥର ଏଠି ଦେଖାହୋଇଚ ।

କଥାଟାକୁ ଚାପିଦେବା ଉଦ୍ଦେଶ୍ୟରେ ନୀଳା ହଠାତ୍ ପଚାରିବସିଲା ଗୋଟାଏ ଅନାକାଂକ୍ଷିତ ପ୍ରଶ୍ନ—ଭାଉଜ କେମିତି ଅଛନ୍ତି ?

ମୁଁ ମୋଟେ ପ୍ରସ୍ତୁତ ନଥିଲି ତା'ର ଏଭଳି ଏକ ପ୍ରଶ୍ନ ପାଇଁ । ସେଇ ମାତ୍ର ସେ ଦେଇ-ଥିବା କେଇଖଣ୍ଡି ପାନକୁ ହାତରେ ଏପାଖ ସେପାଖ କରିବା ଛଡ଼ା ମୋର ସେଠି ଆଉ କିଛି କରିବାର ନଥିଲା ?

—ଲୁହନା କେମିତି ଅଛନ୍ତି ?

ଗୋଟାଏ ପିଲାକଥା ଉତ୍ତରଦେଲି—କେମିତି ଆଉ କ'ଣ ? ଦୁଇ ବର୍ଷର ବୋହୂ ଯେମିତି ରହିବାର କଥା ସେମିତି ।

ସିମେଣ୍ଟ ଚଟାଣ ଉପରେ ବେଶ୍ ଦୃଢ଼ ଭାବରେ ନିଜର ଆସନ ପ୍ରତିଷ୍ଠା କରିନେଇ ସେ କହିଲା—ଭାବିଚ ମୁଁ ତମର କିଛି ଖବର ରଖିନ—ମୁଁ କିଛି ଜାଣେନା, ନା ? କାହିଁକି ଏମିତି ହେଉଚ କହିଲ ? ଏଇଥିପାଇଁ କ'ଣ ସବୁ ଲୋକେ ବାହା ହୁଅନ୍ତି ? ଏ ଦୁଇବର୍ଷ ଭିତରେ

Digitized by srujanika@gmail.com

ତାଙ୍କ ସହିତ ଦୁଇଦିନ ତମର ଭଲରେ କଟିଚ ନା ?

ଏତେବଡ଼ ଗୋଟାଏ ପାରିବାରିକ ଅଭିଯୋଗକୁ ମୁଁ କେମିତି ଭାବରେ ଗ୍ରହଣ କରୁଚି, ସେଥିପ୍ରତି ମୋଟେ ଦୃଷ୍ଟି ନଦେଇ, ଗୋଟାଏ ପାନ ଶିଙ୍ଗ ସାହାଯ୍ୟରେ ଚଟାଣ ଉପରେ କେତେ ଗୁଡ଼ାଏ ନିରର୍ଥକ ରେଖା ଟାଣି ନମ୍ରମୁଖୀ ମୀଳା କହିଗଲିଚ—ବୋଧେ ଅସୁନ୍ଦରୀ ହୋଇ-ଥିଲେ ଅବା ମନକୁ ପାଇନଥା'ନ୍ତା । ବେଶ୍ ସୁନ୍ଦରୀ ବୋଲି ତ ମୁଁ ଶୁଣିଚି—ଆଉ ପୁଣି କ'ଣ ? ବଡ଼ଲୋକର ଝିଅ ବୋଲି ଗୋଟାଏ ଅଧେ ବଦ୍‌ଗୁଣ ବା ଥାଇପାରେ—ତା' ସାଙ୍ଗରେ ଆଉ ଦିନଟା ଭଲ ଗୁଣ ତ ଥିବ ! ସେଥିକରେ କ'ଣ ତମେ ନିଜକୁ ଚଳେଇ ନେଇପାରୁନ ? ତମ ଶଶୁରଘର ଗାଁର ଲୋକେ କ'ଣ ସବୁ କହୁଚନ୍ତି ଜାଣ ?

ମୋର ଆଉ ଧୈର୍ଯ୍ୟ ନଥିଲା । ମୀଳାର କଥା ଶୁଣୁ ଶୁଣୁ ମୀଳାର ଅଲକ୍ଷ୍ୟରେ ମୁଁ ଉଠି-ଯାଇଥିଲି ଝରକା ପାଖକୁ । ମୋର ଯେମିତି ମନେହେଉଥିଲା ତା'ର ପ୍ରତ୍ୟେକ କଥାରେ ସେ ମତେ ଖାଲି ଗଞ୍ଜଣା ଦେବାପାଇଁ ପ୍ରସ୍ତୁତ ହୋଇ ରହିଚି ।

ମୀଳା 'ବୋଧହୁଏ ବୁଝିପାରିଥିଲା ତା' କଥାର ଗୁରୁତ୍ୱ । ପରିସ୍ଥିତିକୁ ଲଘୁ କରିବା ଉଦ୍ଦେଶ୍ୟରେ ସେ ତା' କଥାର ସ୍ୱର ବଦଳାଇ ଟିକିଏ ପରିହାସ ମିଶା କଣ୍ଠରେ କହିଲା—ଏଥର ତ ମୁଁ ଯିବି ଆମ ଘରକୁ, ଭାଉଜଙ୍କ ସାଙ୍ଗରେ ତ ମୋର ଦେଖାହେବ —ଦେଖିବି ଭଲା, କେମିତି ତମେ ଏଣିକି ଘରଛଡ଼ା ହୋଇ ରହିବ !

ଭାବିଲି କହିବି—ତୁ କେମିତି ଜାଣିବୁ ମୀଳା, ବିବାହର ମାତ୍ର ଦୁଇଦିନ ପରେ ରମା (ମୋର ସ୍ତ୍ରୀ) ଗୋଟାଏ ବହି ଭିତରୁ ଆବିଷ୍କାର କଲା ତୋର ଖଣ୍ଡିଏ ନାମବିହୀନ ଚିଠି । ଚିଠିଟାର ଚରମ ଅପମାନ ସେ କରିବାକୁ ଯାଉଥିଲା—ମୁଁ କିନ୍ତୁ ସେଥିରେ ବାଧା ଦେଲି । ଆଉ ଏଇ ଘଟଣାର ପରିଣାମ ଆଜି ତୋତେ ସୁବିଧା ଦେଇଚି ଏ ସବୁ କଥା କହିବାକୁ ।

କିନ୍ତୁ ମୋ ମନ ଭିତରର କଥାକୁ କୁଆଡ଼େ ଉଲଟାଇଲାନ୍ତି କରି ମୋ' ପାଟିରୁ ହଠାତ୍ ବାହାରି ଆସିଲା—ସେ ବେଳର ସବୁକଥା ତା' ହେଲେ ତୁ ଭୁଲିଯାଇଚୁ ମୀଳା—କିଛି ଆଉ ତୋର ମନେପଡ଼େନା ? ଏତେଦିନ ପରେ ତୋଠୁ ଏଇସବୁ କଥା ଶୁଣିବାକୁ ମୁଁ କ'ଣ ଏଠିକି ଆସିଚି ?

ଫେରି ଚାହିଁ ଦେଖିଲି କଥାଟା ଶୁଣି ମୀଳା ପଲକହୀନ ଆଖିରେ ମୋତେ ଅନାଇ ରହିଚି —ମୁହଁଟା ତା'ର ଏକାବେଳେକେ ରକ୍ତହୀନ । କ୍ଷୋଭ ଆଉ ସଂକୋଚରେ ମୁଣ୍ଡଟା ମୋର ତଳକୁ ନଇଁଆସିଲା ।

ଟିକିଏ ପରେ ପ୍ରକୃତିସ୍ଥ ହୋଇ ମୀଳା କହିଲା—ଅନେକ ପାଠ ପଢ଼ିଚ ତମେ—ମୋ ଅପେକ୍ଷା ଖୁବ୍ ବେଶି ବୁଦ୍ଧି ତମର । କି ଜବାବ୍ ତମକୁ ମୁଁ ଦେବି କହିଲ ?

ଏଇଠି ଟିକିଏ ଅଟକିଯାଇ ପୁଣି କହିଲା—ମନେପଡ଼ିବାର ଆଉ ଅଛି ବା କ'ଣ ? ମୋ ପରି ଘରସଂସାରର ଜଞ୍ଜାଳରେ ପଶି ରହିଥିଲେ ତମେ ଆଜି ଏକଥା ମୋଟେ ଉଠାଇ

Digitized by srujanika@gmail.com

ନ' ଥାନ୍ତି । ତା'ଛଡ଼ା···ପନ୍ଦରବର୍ଷ ବୟସରେ ମୁଁ ଯାହା କରିଯାଇଥିଲି, ସେଥିପାଇଁ ଯଦି ମତେ କିଏ ଦୋଷ ଦେଉଥା'ନ୍ତା—ତା'ହେଲେ ମୁଁ କହିଥା'ନ୍ତି, ଦୋଷ ମୋର ନୁହେଁ, ମୋ' ମନକୁ ଯେଉଁ ବିଧାତା ଗଢ଼ିଛି, ଦୋଷ ତା'ର । ଆଉ ଆଜି ମୋର ଏ ପଚିଶ ବର୍ଷ ବୟସରେ ମୁଁ ଯଦି ସେଇ କଥାର ଖିଅ ଟାଣି, ସେଇ କଥା ସବୁକୁ ଭାବି ଭାବି ଗୋଟାଏ ସଂସାରକୁ ଭାଙ୍ଗି ଚୂରି ଶେଷକରିଦିଏ, ତା'ହେଲେ ମୋ' ଛଡ଼ା ଏ ଦୋଷ ନବାକୁ କେହି ଆଗେଇ ଆସିବେ ନାହିଁ । ଟିକିଏ ଭାବିଚିନ୍ତି ଦେଖିଲ—ମୁଁ ଠିକ୍ କହୁଚି କି ଭୁଲ୍ କହୁଚି । ଆଉ ତମ କଥା—ଗୋଟାଏ ମରିହଜିଗଲା ଦିନର ସ୍ମୃତିକୁ ତମେ ଯଦି···

ପାଖ ରାସ୍ତା ଦେଇ ଚାଲିଯାଉଥିବା ଖୁବ୍ ପୁରୁଣା ମଡେଲ୍ର ଗୋଟାଏ ମଟରର ଆର୍ତ୍ତ-ନାଦରେ ନୀଳାର ବାକି କଥାତକ ମୁଁ ଆଉ ଶୁଣିପାରିଲି ନାହିଁ । ଠିକ୍ ସେତିକବେଳେ ପ୍ରାୟ ଅସ୍ତବ୍ୟସ୍ତ ହୋଇ ସେଠି ଆସି ପହଞ୍ଚିଲେ ସଦାନନ୍ଦବାବୁ । ଆମ ଉଭୟଙ୍କୁ ଲକ୍ଷ୍ୟକରି ସେ କହିଲେ—ମୋର ଓ ପିଲାମାନଙ୍କର ଖାଇବାର ବନ୍ଦୋବସ୍ତ ହୋଟେଲରେ କରି ଆସିଲି । କିନ୍ତୁ ସୁନୀଳା ତ ହୋଟେଲ୍ରେ ଖାଇବେ ନାହିଁ ।

ସୁନୀଳା !! ନାଁ'ଟା ମତେ ଏକାବେଳକେ ନୂଆ ବୋଧ ହେଲା ।

ମତେ ଉଦ୍ଦେଶ୍ୟ କରି ସଦାନନ୍ଦବାବୁ ପୁଣି କହିଲେ—ତମ ମେସ୍ରେ ଯଦି···

ସ୍ୱାମୀର ଅଧା କଥାକୁ ପୂରଣ କଲା ସ୍ତ୍ରୀ—ହଁ, ମୋ ଖାଇବା ବନ୍ଦୋବସ୍ତ ସେ କରିସାରି-ଛନ୍ତି ।···ଏଇ କ୍ଷଣକ ପୂର୍ବରୁ ତା'ର ସେ ଭାରାକ୍ରାନ୍ତ ମୁହଁ କୁଆଡ଼େ ଉଭେଇଗଲାଣି । ହସ ହସ ମୁହଁରେ ନୀଳା କହିଚାଲିଚି—ତମେ ଏଠି ନ ଥିଲ ବୋଲି ଭାବିଥିଲି ସିଏ ରାଜି ହେଇ ବସିଥା'ନ୍ତେ ! ନାଇଁ, ମୋ ଖାଇବା ବରାଦ ସବୁ ହେଇଚି । ତମେ ହୋଟେଲ୍ରେ ପିଲାଙ୍କୁ ଖୁଆଇ ଆଣ ।

ରାସ୍ତାକୁ ବାହାରିଆସି ମୁଁ ନୀଳାକୁ ବାଦ୍ଦେଇ ଭାବୁଥିଲି ସୁନୀଳାର କଥା ।

Digitized by srujanika@gmail.com

ମାରାଥନ୍

ହର୍ଷପାଟଣା ।

ଗାଆଁଟିର ନାଆଁଟି କେବଳ ଉଚ୍ଚାରଣ ଦୃଷ୍ଟିରୁ ସୁଶ୍ରାବ୍ୟ ନୁହେଁ; ଏଠାରେ ଯେଉଁ ଐତିହାସିକ ଘଟଣାଟି ଘଟିବାକୁ ଯାଉଛି, ସେ ଦିଗରୁ ମଧ୍ୟ ସ୍ମରଣୀୟ । ସାରା ଗାଆଁ ଆଜି ସେଇ ଘଟଣାର ପ୍ରସ୍ତୁତିରେ 'ହର୍ଷ' ମୁଖର । 'ପାଟଣା' କହିଲେ ମନ ଟାଣିହୋଇଯାଏ କେଉଁ ସୁଦୂର ଅତୀତକୁ । ଆଉ ମାରାଥନ୍ ? କେବଳ ଅତୀତ ନୁହେଁ, ପ୍ରାୟ ଅଢ଼େଇ ହଜାର ବର୍ଷ ତଳ ଅତୀତର ଏକ ରୋମାଞ୍ଚକର ଉପାଖ୍ୟାନ ହଠାତ୍ ସ୍ମୃତି ଓ ସତ୍ତାକୁ ଶିହରାଇ ଦିଏ ।

ଆଜି ଏଇ ଗ୍ରାମ ସୀମାନ୍ତରୁ ଏ ବର୍ଷ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ମାରାଥନ୍ ଦୌଡ଼ ଆରମ୍ଭ ହେବ । ଗ୍ରାମ ସୀମାନ୍ତରେ ଏକ ବିସ୍ତୃତ ପଡ଼ିଆ—ପଡ଼ିଆ ସୀମାରୁ ଲମ୍ବି ଯାଇଛି ସଡ଼କ । କ୍ରୀଡ଼ା ପ୍ରତିଯୋଗିତାର କର୍ମକର୍ତ୍ତାମାନଙ୍କ ଉଦ୍ୟମରେ ଯେଉଁ ପଡ଼ିଆ ଏକଦା ଅନାବନା ଗୁଳ୍ମ ଲତାରେ ଆଚ୍ଛାଦିତ ହୋଇ ରହିଥିଲା, ବର୍ତ୍ତମାନ ତାହା ନରମ ଦୂବଘାସର ଏକ ସୁନ୍ଦର ସବୁଜ ଗାଲିଚା ! ନଭେମ୍ବର ମାସର କଅଁଳ ଶୀତଦିନ । ଉପରେ ଉଜ୍ଜ୍ୱଳ ଶାନ୍ତ ନୀଳ ଆକାଶ, ତଳେ ସବୁଜଘାସ ପଡ଼ିଆ । ଦୌଡ଼ ଆରମ୍ଭ ପୂର୍ବରୁ ପ୍ରତିଯୋଗୀମାନେ ଆରାମରେ ଅଙ୍ଗ ସଂଚାଳନ କରିବାପାଇଁ ସୁବ୍ୟବସ୍ଥା ସଂପୂର୍ଣ୍ଣ ।

ମାରାଥନ୍ ଦୌଡ଼ର ତଥାପି କିଛି ସମୟ ଅବଶିଷ୍ଟ ଅଛି । କିନ୍ତୁ ସକଳ ଆୟୋଜନ ଶେଷ ହୋଇଯାଇଛି ତ୍ରୁଟିହୀନ ଭାବରେ । ଯଥା ସ୍ଥାନରେ ଉପସ୍ଥିତ ରହିଛନ୍ତି କ୍ରୀଡ଼ା ସଂଚାଳକ, ସାମ୍ବାଦିକ, ଦୂରଦର୍ଶନ ଓ ବେତାର ପ୍ରସାର ସଂସ୍ଥା ।

ହର୍ଷପାଟଣା ଗ୍ରାମବାସୀମାନେ ଆନନ୍ଦରେ ଅସ୍ଥିର, ଉତ୍କଣ୍ଠିତ । ଅସଂଖ୍ୟ ବେଲୁନ, ଫେଷ୍ଟୁନ୍, ଫୁଲ, ପତ୍ର ଆଉ ତୋରଣ ସବୁର ସମାରୋହରେ ହର୍ଷପାଟଣା ସତେଯେମିତି ସେ ଯୁଗର ଗୋପପାଟଣାର ଶୋଭାଶ୍ରୀକୁ ଲୁଟି ଆଣିଛି ।

ପଡ଼ିଆର ମଝିରେ ଅଛନ୍ତି ପ୍ରତିଯୋଗୀମାନେ । ମାରାଥନ୍‌ରେ ପ୍ରତିଯୋଗୀମାନଙ୍କର ସଂଖ୍ୟା ସୀମିତ ନୁହେଁ । ଦେଶର ପ୍ରାୟ ସବୁ ଅଞ୍ଚଳର ପ୍ରତିନିଧି ଏଥିରେ ଅଛନ୍ତି । ଆଉ ଅଛି ସାଗର ମିଶ୍ର । ହଁ, ଏଥର ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ମାରାଥନ୍ ଦୌଡ଼ରେ ସାଗର ମିଶ୍ର ପ୍ରତି-ଯୋଗିତା କରୁଛି । ସତେଇଶି ବର୍ଷ ବୟସର ତରୁଣ କ୍ରୀଡ଼ାବିତ୍ ସାଗର ପ୍ରାୟ ଅନ୍ୟମନସ୍କ

Digitized by srujanika@gmail.com

ଖାବେ ଭୁଲୁ ଭୁଲୁ ଘାସ ଉପରେ ବସିପଡ଼ିଲା । ଦେହର ପଛପଟେ ଦୁଇ ହାତପାପୁଲିରେ ଭରାଦେଇ ଅର୍ଦ୍ଧ ବୈଠକୀ ଭଙ୍ଗୀରେ ସାଗର ବସିଚି । ଦୋଳାୟିତ ଆଶୁ । ଦୃଷ୍ଟି କାହିଁ କେତେ ଦୂରକୁ ପ୍ରସାରିତ । କ'ଣ ଭାବୁଚି ସେ ?···କୋଡ଼ିଏ ବର୍ଷ ବୟସରେ ତା'ର ସ୍ପୋର୍ଟ୍ସ ଖେଳାଳୀ ଜୀବନ ଆରମ୍ଭରୁ ତା'ର ଏକମାତ୍ର ଲକ୍ଷ୍ୟ ଥିଲା—ସ୍ତରଶ ମିଟର ଦୌଡ଼ । ଅନ୍ୟ କୌଣସି ଇଭେଣ୍ଟରେ ସେ ଅଂଶ ଗ୍ରହଣ କରିନାହିଁ । ଦେଶର ବହୁ ବିଭିନ୍ନ ପ୍ରତିଯୋଗିତାରେ ସେ ଏଇ ସ୍ତରଶ ମିଟର ଦୌଡ଼ରେ ବହୁ ସ୍ୱର୍ଣ୍ଣପଦକ ପାଇଚି । ତା'ର ପରିଚିତ ମହଲ ତାକୁ କୁହନ୍ତି—ଦ୍ୱିତୀୟ ମିଲ୍ଖା ସିଂ । କିନ୍ତୁ ସ୍ତରବର୍ଷ ତଳେ ସେଥର ଜାତୀୟ କ୍ରୀଡ଼ାରେ ସେ ସ୍ୱର୍ଣ୍ଣପଦକ ବିଜୟୀ ହେବାର ସମସ୍ତ ସମ୍ଭାବନା ଥିବା ସତ୍ତ୍ୱେ, ଅତି ଆକସ୍ମିକ ଭାବେ ମାତ୍ର ତୃତୀୟ ସ୍ଥାନଟି ଲାଭକଲା । ତାପରେ ମାତ୍ର ଗୋଟିଏ ଅନିଦ୍ର ରାତି ବିତାଇ ପରଦିନ ସକାଳେ ତା'ର ଅତି ପ୍ରିୟ ଦୌଡ଼ ସ୍ତରଶ ମିଟର୍‌କୁ ବିଦାୟଦେଇ ଏକ ନୂତନ ଦୌଡ଼ ବାଛି ନେଲା । କ'ଣ ସେ ଦୌଡ଼ ?···ନା, ଆଠଶ ମିଟର୍ ନୁହେଁ—ପନ୍ଦର ଶହ ମିଟର ନୁହେଁ—ପାଞ୍ଚ-ହଜାର କି ଦଶ ହଜାର ମିଟର ନୁହେଁ । ଏକାବେଳେକେ ପ୍ରାୟ ଛବିଶ ମାଇଲ୍ ଦୂରତ୍ୱର ଦୌଡ଼—ମାରାଥନ !···ସ୍ତରଶହରୁ ମାରାଥନ୍ ! ! ସେ କ'ଣ ଭୁଲ୍ କରିଚି ?

ସାଗର ଉଠି ସିଧା ହୋଇ ବସିଲା । ଏ କ'ଣ ଭାବୁଛି ସେ ? କାହିଁକି ସେ ଭୁଲ୍ କରିବ ? ନା, ସେ ଭୁଲ୍ କରିନାହିଁ । ସେଦିନ ସେ ତା' ଜୀବନର ଏଇ ଅଭୂତପୂର୍ବ ନିଷ୍ପତ୍ତି ଗୋଟିଏ ରାତି ନୁହେଁ—ଗୋଟିଏ ମୁହୂର୍ତ୍ତରେ ମଧ୍ୟ ନେଇପାରିଥାନ୍ତା । ସେଇ ଦିନଠୁଁ ଏପର୍ଯ୍ୟନ୍ତ ଏଇ ଦୀର୍ଘ ସ୍ତରବର୍ଷ କାଳ ସେ ଏଇ ମାରାଥନ୍ ପାଇଁ ଅକ୍ଳାନ୍ତ ଅପ୍ରତିହତ ପ୍ରଚେଷ୍ଟା ଚଳାଇ ଆସିଛି । ସରକାରୀ ବେସରକାରୀ ସଂସ୍ଥା ଅପେକ୍ଷା ତା'ର ନିଜର ପ୍ରଚେଷ୍ଟା ବେଶି । ଆଖି ଆଗରେ ମାରାଥନ୍ ଦୌଡ଼ର ରେଖା ଟାଣି ସେ ପ୍ରତିଦିନ—ପ୍ରତିଦିନ ଦୌଡ଼ିଚି; ଦିନକୁ ଏକାଦିକ୍ରମେ ଘଣ୍ଟାଏ, ଦୁଇଘଣ୍ଟା ଏପରିକି ସ୍ତରଘଣ୍ଟାରୁ ଅଧିକ ସମୟ ସେ ଦୌଡ଼ିଛି । ଆଖି ଝାପ୍‌ସା ହୋଇଯାଇଛି, କଣ୍ଠ ତା'ର ଶୁଖିଆସିଛି । ଜଙ୍ଘ ଓ ଗୋଡ଼ ଭିତରର ଶିରା ସବୁ ଫାଟି ଫାଟି ଗଲାପରି ବୋଧହୋଇଛି । ତଥାପି ତା'ର ପ୍ରତିଦିନର ଦୌଡ଼ ଅଭ୍ୟାସ ଗୋଟିଏ ଦିନ ପାଇଁ ସୁଦ୍ଧା ସେ ବନ୍ଦକରିନି । ଯେତେବେଳେ ସୁବିଧା ପାଇଛି ତା'ର କୋଚ୍, ତା'ର ଗୁରୁ ଗ୍ରେଟା ସିଂଙ୍କ ପାଖରେ ପାଠଆଲିରେ ରହି ମାରାଥନ୍‌ର କୌଶଳ ଶିକ୍ଷା କରିଛି । ଶେଷରେ ସମସ୍ତଙ୍କୁ ଚମତ୍କୃତ କରି ଏଥରର ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ମାରାଥନ୍ ଦୌଡ଼କୁ ବାଛି ନେଇଛି । ଏଥିରେ ସେ ତୃପ୍ତ ।

ପରମ ତୃପ୍ତିର ଚିହ୍ନ ସାଗରର ମୁହଁ ଆଖିରେ ଫୁଟିଉଠିଲା । ସେ ଆହୁରି ଶଲ୍‌କ୍‌ସଡ଼ ଆହୁରି ଆରାମରେ ବସି ତା'ର ଘନ କୋମଳ କେଶ ଗୁଚ୍ଛ ଉପରେ ପାପୁଲି ସଂଚାଳନ କଲା । ଜାଣେ ସେ—ଆଜିର ମାରାଥନ୍ ଆରମ୍ଭ ହେବ ଅଦୂରସ୍ଥ ସେଇ ସଡ଼କରୁ । ତା'ପରେ ନଈବନ୍ଧ, ନାଳ ବନ୍ଧ, ପୋଲ, ବଜାର, ପୁଣି ପୋଲ—ପୁଣି ସଡ଼କ···ପ୍ରାୟ ଛବିଶ ମାଇଲ ।

Digitized by srujanika@gmail.com

ଷ୍ଟାଡ଼ିୟମ୍ ଭିତରେ ପହଞ୍ଚିଲା ବେଳକୁ ତା'ର କେଶରାଶି ବିପର୍ଯ୍ୟସ୍ତ ହୋଇଯାଇଥିବ । ଯାଉ, ଇଏ ଯେ ମାରାଥନ୍ !

ଇତିହାସ ବହିର ପୃଷ୍ଠା ଓଲଟିଗଲା ।

ମାରାଥନ୍ । ଖ୍ରୀଷ୍ଟପୂର୍ବ ଚାରିଶହ ନବେ ଅର୍ଥାତ୍ ପ୍ରାୟ ଅଢ଼େଇ ହଜାର ବର୍ଷର ସେଇ ରୋମାଞ୍ଚକର ଅମର ଗ୍ରୀକ୍ କାହାଣୀ । ଗ୍ରୀସ୍ ରାଜଧାନୀ ଏଥେନ୍ସ୍‌ଠାରୁ ପ୍ରାୟ ପଚିଶ ଛବିଶ ମାଇଲ୍ ଦୂରବର୍ତ୍ତୀ ଗ୍ରୀସ୍‌ର ଏକ ପ୍ରଦେଶ ମାରାଥନ୍‌ର ଯୁଦ୍ଧ କ୍ଷେତ୍ରରେ ଗ୍ରୀକ୍ ସୈନ୍ୟବାହିନୀ ପାରସ୍ୟର ଏକ ଆକ୍ରମଣକୁ ପ୍ରତିହତ କରିଦେଲେ । ଗ୍ରୀକ୍ ସୈନ୍ୟବାହିନୀର ଏଇ ବିଜୟ ବାର୍ତ୍ତା ତୁରନ୍ତ ଯାଇ ରାଜଧାନୀରେ ପହଞ୍ଚିବା କଥା; କିନ୍ତୁ କିପରି ? ଗ୍ରୀକ୍ ବାହିନୀର ଜଣେ ବୀର ସୈନିକ ଫ୍ଲିଡ଼ିପିଡ଼େସ୍—ସିଏ କେବଳ ଜଣେ ବୀର ସୈନିକ ନୁହେଁ—ତତ୍‌କାଳୀନ ଗ୍ରୀକ୍ ଅଲମ୍ପିକ୍‌ର ସେ ଜଣେ ସୁଦକ୍ଷ କ୍ରୀଡ଼ାବିତ୍ ! ବହୁ ଦୌଡ଼ ପ୍ରତିଯୋଗିତାରେ ସେ ଚମ୍ପିଆନ୍ । ଅତଏବ ଏଇ ବିଜୟ ବାର୍ତ୍ତା ବହନ ଦାୟିତ୍ୱ ପଡ଼ିଲା ଫ୍ଲିଡ଼ିପିଡ଼େସ୍ ଉପରେ । ଦିନ ଦିନ ଧରି ଯୁଦ୍ଧ କ୍ଷେତ୍ରରେ ଶ୍ରାନ୍ତ କ୍ଲାନ୍ତ ଫ୍ଲିଡ଼ିପିଡ଼େସ୍ ଯାତ୍ରା ଆରମ୍ଭ କଲା । ଚାଲି ଚାଲି ନୁହେଁ—ଦଉଡ଼ି ଦଉଡ଼ି । କ୍ରୀଡ଼ାବିତ୍ ସେ । କିନ୍ତୁ ସେ ଦିନର ସେ କ୍ରୀଡ଼ାରେ ତା'ର କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିଲେ । ତାକୁ ଅତିକ୍ରମ କରି ଅନ୍ୟ କେହି ସ୍ୱର୍ଣ୍ଣପଦକ ଲାଭ କରିବାର ଅବକାଶ ନଥିଲା । କିନ୍ତୁ କିମ୍ବଦନ୍ତୀ କୁହେ, ସେ ପାଦେ ବି ଚାଲି ଚାଲି ଯାଇନ । ତା'ର ଗତି କେବେ ଶିଥିଳ ହୋଇନ । ଗ୍ରୀକ୍ ଅଲମ୍ପିକ୍‌ର ପ୍ରତିଯୋଗିତା ଭଳି ସ୍ପୋର୍ଟସ୍ମ୍ୟାନ୍ ଫ୍ଲିଡ଼ିପିଡ଼େସ୍ ସମଗ୍ର ପଥଟା ଦଉଡ଼ି ଦଉଡ଼ି ଯାଇଛି । ପୁଣି, ମାରାଥନ୍ ଯୁଦ୍ଧ କ୍ଷେତ୍ରର ଏଇ ବିଜୟ ସମ୍ବାଦ ଏ ପର୍ଯ୍ୟନ୍ତ ଅନ୍ୟ କେଉଁଠି ପହଞ୍ଚିନଥିବ । ସେଥିପାଇଁ ତାକୁ ଉତ୍ସାହିତ କରିବାପାଇଁ, ତାକୁ ଅଭ୍ୟର୍ଥନା ଜଣାଇବାପାଇଁ ପଥଧାରରେ କେହି ଅପେକ୍ଷା କରିନଥିବେ । ଯଦି ଅକସ୍ମାତ ଫ୍ଲିଡ଼ିପିଡ଼େସ୍ ଅନ୍ୟ କାହାର ଦୃଷ୍ଟି ସୀମା ଭିତରକୁ ଆସିଥିବ, ସେ ତାକୁ ଏକ ପାଗଳ ବୋଲି ଭାବିଥିବ—କିମ୍ବା ଭାବିଥିବ ଏ ଲୋକଟା ନିଶ୍ଚୟ ମାରାଥନ୍ ଯୁଦ୍ଧ କ୍ଷେତ୍ରରୁ କେହି ପଳାତକ ସୈନିକ । କିନ୍ତୁ ବିଶ୍ୱ ଇତିହାସ ସୃଷ୍ଟିକାରୀ ଏଇ ଗ୍ରୀକ୍ ଯୁବକ ଏସବୁ ପ୍ରତି ଆଦୌ ସଚେତନ ନଥିଲା । ତା'ର ଲକ୍ଷ୍ୟ ଏଥେନ୍ସ ନଗରୀ । ଏଥେନ୍ସରେ ପହଞ୍ଚିଲାପରେ ନଗରର ନାଗରିକ ତଥା ଗ୍ରୀକ୍ ରାଜପୁରୁଷଗଣ ପ୍ରଥମେ ତା'ରି ମୁହଁରୁ ଶୁଣିବେ ଏଇ ମହାନ୍ ବିଜୟ ବାର୍ତ୍ତା । ଏଇ ଉନ୍ମାଦନା, ଏଇ ଆବେଗରେ ଶରୀର ଓ ମନର ସମସ୍ତ କ୍ଲାନ୍ତି, ସମସ୍ତ ଶିଥିଳ—ତାକୁ ପୋଛିଦେଇ ଛବିଶ ମାଇଲ ପଥ ଦଉଡ଼ିଯାଇ ସେ ପହଞ୍ଚିଲା ନଗରର ଉପକଣ୍ଠରେ । କିନ୍ତୁ ଏ କ'ଣ ? ଆଉ ଯେମିତି ସେ ଆଗେଇ ପାରୁନାହିଁ । ସେ ରାଙ୍ଗି ପଡ଼ୁଛି । ଏଇଠି ସେ କ'ଣ ଅଟକିଯିବ ? ··କ୍ଲାନ୍ତ ଓଠରେ କ୍ଷୀଣ ହସ । ସେ କେମିତି ଅଟକିବ ? ଆଉ କେହି ହୁଏତ ଅଟକିଯା'ନ୍ତା । ସେ ଅଟକିଲେ ଗ୍ରୀକ୍ ସୈନ୍ୟବାହିନୀ—ଗ୍ରୀକ୍ ଅଲମ୍ପିକ୍ ଯେ ଚିରଦିନ ପାଇଁ କଳଙ୍କିତ ହୋଇ ରହିଯିବ । ଲମ୍ବା ଲମ୍ବା ପାହୁଣ୍ଡ ପକାଇ ଓ ଦେହର ଉପର ଅଂଶକୁ ସାମନାକୁ ଝୁଙ୍କାଇଦେଇ ଫ୍ଲିଡ଼ିପିଡ଼େସ୍ ଯାଇ ପହଞ୍ଚିଲା ଏଥେନ୍ସ୍‌ର ଜନାକୀର୍ଣ୍ଣ

Digitized by srujanika@gmail.com

ଝ୍ୱପଣୀରେ । ବିଜୟୀ ଭଙ୍ଗୀରେ ଡାହାଣ ହାତ ଊର୍ଦ୍ଧ୍ୱକୁ ଟେକି ସେ କମ୍ପିତ କଣ୍ଠରେ ଘୋଷଣା କଲା ମାରାଥନ୍ ଯୁଦ୍ଧ କ୍ଷେତ୍ରରେ ଗ୍ରୀକ୍ ସୈନ୍ୟବାହିନୀର ବିଜୟବାର୍ତ୍ତା ।…ତା' ପରେ ? ଏଥେନ୍ସ ନଗରୀର ଅଗଣିତ ନରନାରୀଙ୍କ ହର୍ଷ ଉଲ୍ଲାସରେ ଭାଗ ନେବାପାଇଁ ସେ ଆଉ ଇହଧାମରେ ନଥିଲା । ସେଇଠି ଝଲପଡ଼ି ସେ ତ୍ୟାଗ କରିଥିଲା ଶେଷ ନିଃଶ୍ୱାସ ।

ଦୀର୍ଘ ଦୀର୍ଘଶ୍ୱାସ ସହ ସାଗର ଯେପରି ଚିକେ ଚେଇଁଉଠିଲା । ମାରାଥନ୍‌ର ଏଇ କାହାଣୀ ସେ ବାରମ୍ବାର ପଢ଼ିଛି, ମୁଗ୍ଧ ହୋଇଛି । ପଢ଼ୁ ପଢ଼ୁ ତା' ଦେହ ମନରେ ପୁଲକ ଜାତ ହୋଇଛି । ଧନ୍ୟ ସେ ଯୁଗର ଗ୍ରୀସ୍ ସଭ୍ୟତା ! କ'ଣ ନ ଦେଇଛି ସେ ପୃଥିବୀକୁ ! ! ଦେଇଛି ଏକାଡ଼େମୀ, ଦର୍ଶନ ଓ ତର୍କବିଦ୍ୟା—ଦେଇଛି ଥିଏଟର ଆଉ ନାଟକ—ଦେଇଛି ଯୋଦ୍ଧା ଓ ଯୁଦ୍ଧର କାହାଣୀ—ପ୍ରତ୍ୟୟୀ ଓ ପତ୍ୟୟର କାହାଣୀ—ଆଉ ଦେଇଚି ଅଲିମ୍ପିକ କ୍ରୀଡ଼ା ଆଉ ମାରାଥନ୍ ଦୌଡ଼ ।

ହାତରେ ଘଣ୍ଟା ନାହିଁ । ସମୟର ସୁଚନା ପାଇବାପାଇଁ ସାଗର ଏଣେତେଣେ ଖୁଣ୍ଟୁଛି; ମାତ୍ର ମାରାଥନ୍ ମହମାରୁ ନିଜକୁ ମୁକ୍ତ କରିପାରୁନି । ଚତୁର୍ଥ କମ୍ବା ପଞ୍ଚମ ଶତାବ୍ଦୀର ପ୍ରାରମ୍ଭରେ ଗ୍ରୀସ୍ ଅଲିମ୍ପିକ କ୍ରୀଡ଼ା ବିଲୟ ଭଜିଲା । ତା'ର ପ୍ରାୟ ପନ୍ଦର ଶହ ବର୍ଷ ପରେ ଫ୍ରାନ୍ସର ଯୋଗଜନ୍ମା ପୁରୁଷ ବ୍ୟାରନ୍ ପିରେ ଦ୍ରି କବେଟିନ୍ ଅଠର ଶହ ଛୟାନବେ ମସିହାରେ ପ୍ରତିଷ୍ଠା କଲେ ଆଧୁନିକ ବିଶ୍ୱ ଅଲିମ୍ପିକ । ସେ ଯୁଗର ସେଇ ରୋମାଞ୍ଚକର ଐତିହାସିକ ଘଟଣାକୁ ଚିରସ୍ମରଣୀୟ କରି ରଖିବାପାଇଁ ଆଧୁନିକ ଅଲିମ୍ପିକ କ୍ରୀଡ଼ାରେ ସୃଷ୍ଟି ହେଲା ଏକ ନୂତନ ଦୌଡ଼—ମାରାଥନ୍ । ଏଇ ପ୍ରଥମ ଆଧୁନିକ ବିଶ୍ୱ ଅଲିମ୍ପିକ୍ (୧୮୯୬) ଅନୁଷ୍ଠିତ ହେଲା ଏଥେନ୍ସ୍‌ରେ ଓ ପ୍ରଥମ ଆଧୁନିକ ମାରାଥନ୍ ଦୌଡ଼ର ରୁଟ୍ ବା ପଥ ନିର୍ଦ୍ଧାରିତ ହେଲା ସେଇ ମାରାଥନ୍‌ରୁ ଛବିଶ ମାଇଲ୍ ଦୂରବର୍ତ୍ତୀ ଏଥେନ୍ସ୍ ପର୍ଯ୍ୟନ୍ତ । ଆଉ ଏ ଦୌଡ଼ରେ ସ୍ୱର୍ଣ୍ଣପଦକ ଲାଭକଲେ ଆଉ ଜଣେ ଗ୍ରୀକ୍ କ୍ରୀଡ଼ାବିତ୍—ସ୍ପିରିଡ଼ନ୍ ଲୁଇସ୍ ।

ସାଗରର ମୁହଁ ଉଜ୍ଜ୍ୱଳତର ହୋଇଉଠୁଚି । ମନପ୍ରାଣରେ ସନ୍ତୋଷ…ଏତିକବେଳେ ତାକୁ ଶୁଣାଗଲା ଦୁଇଟି ଇଂରେଜୀ ଶବ୍ଦ—"ମାଇଁ ସୁଇଟ୍ ହାର୍ଟ ।" ସାଗର ପଛକୁ ଫେରିଗୁହିଁଲା—ଆଉ ଦୁଇ ଜଣ ପ୍ରତିଯୋଗୀ—ଅପରିଚିତ । ଜଣକର ଖେଳାଳୀ ନମ୍ବର ଅଣାଅଣୀ, ଅନ୍ୟ ଜଣକର ଦୁଇଶ ବୟାନବେ ନମ୍ବର । ସେମାନେ ଅଳ୍ପ ଦୂରରେ ବସି ବେଶ୍ ସ୍ୱଚ୍ଛନ୍ଦରେ ଇଂରେଜୀରେ କଥାବାର୍ତ୍ତା କରୁଥା'ନ୍ତି । ସେମାନଙ୍କ କଥା ଶୁଣିବାରେ ସାଗର ନିଜେ ଆଗ୍ରହୀ ନ ଥିଲେ ମଧ୍ୟ, କଥାବାର୍ତ୍ତାର ବେଶ୍ କିଛି ଅଂଶ ସାଗରକୁ ସ୍ୱତଃ ଶୁଣାଯାଉଥାଏ । ଅଣାଅଶୀ ନମ୍ବର କଥାରୁ ସାଗର ଏଇଆ ବୁଝିଲା ଯେ, ତା'ର ସୁଇଟ୍ ହାର୍ଟର ଭଗବାନଙ୍କ ଉପରେ ସେମିତି ବିଶ୍ୱାସ ନାହିଁ । ସେଥିପାଇଁ ତା'ର ଛ'ଜଣ ବାନ୍ଧବୀ ଗତ ରାତିରୁ ତା' ପାଇଁ ପ୍ରାର୍ଥନା କରିବା ଆରମ୍ଭ କରିଦେଇଛନ୍ତି । ସିଏ ନିଜେ ଏବେଠୁଁ ଆସି ଷ୍ଟାଡ଼ିୟମ୍‌ରେ ଆସନ ଜମେଇ ବସିବଣି । ମାରାଥନ୍ ଶେଷ ପର୍ଯ୍ୟାୟରେ ଅଣାଅଶୀ ନମ୍ବର ଯେତେବେଳେ ଷ୍ଟାଡ଼ିୟମ୍ ଭିତରକୁ

Digitized by srujanika@gmail.com

ପ୍ରବେଶକରିବ, ତା'ର ସୁଇଟ୍‌ହାର୍ଟ ବାରଫୁଟ ପରିଧିର ଗୋଟିଏ ବଡ଼ଷ୍ଟ ବେଲୁନ୍, ଆକାଶକୁ ଉଡ଼ିବ ।

ହସିବାର ଇଚ୍ଛା ନ ଥିଲେ ମଧ୍ୟ ସାଗରକୁ ହସ ମାଡ଼ିଲା । ଏ ଲୋକଟି କେତେବେଳେ ଷ୍ଟାଡ଼ିୟମ୍‌ରେ ପ୍ରବେଶ କରିବ ? ମାରାଥନ୍ ଏମିତି ଗୋଟିଏ ଦୌଡ଼ ଯେ ଆଧୁନିକ ମାରାଥନ୍ ଆରମ୍ଭ ହେବା ଦିନଠୁଁ ଏପର୍ଯ୍ୟନ୍ତ ଏହାର କୌଣସି ଦୌଡ଼ରେ ସମସ୍ତ ପ୍ରତିଯୋଗୀ ଷ୍ଟାଡ଼ିୟମ୍ ଭିତରେ ନିଜସ୍ୱ ସୀମା ପର୍ଯ୍ୟନ୍ତ ପହଞ୍ଚି ପାରି ନାହାନ୍ତି । ଅନେକ ଅଧାରୁ ଓହରି ଯାଇଛନ୍ତି । ସେଥିପାଇଁ କୁହାଯାଏ ଯେ କୌଣସି ପଦକ ଲାଭ ନକରି ମଧ୍ୟ ଯେଉଁ ପ୍ରତିଯୋଗୀ ଏ ଦୌଡ଼ର ନିର୍ଦ୍ଧାରିତ ପଥ ଓ ଦୂରତ୍ୱ ଅତିକ୍ରମ କରିପାରିବ, ସେ ମଧ୍ୟ ଗୌରବର ଅଧିକାରୀ ହେବ ।...ଏ ସୁଇଟ୍‌ହାର୍ଟଟିର କ'ଣ ତେବେ ଭରସା ରହିଛି ଯେ ତା'ର ପ୍ରେମିକ ଷ୍ଟାଡ଼ିୟମରେ ନିଶ୍ଚୟ ପ୍ରବେଶ କରିପାରିବ । ହୋଇପାରିଥାଏ, ଏ ଭରସା ହିଁ ଏ ତାକୁ ଦେଇଛି । ଏ ଲୋକଟି ତେବେ ସାଗରର ଜଣେ ପ୍ରବଳ ପ୍ରତିଦ୍ୱନ୍ଦ୍ୱୀ । ଲୋକଟା ଉପରେ ଏକ ଚଞ୍ଚଳ ଦୃଷ୍ଟି ପାତକରି ସାଙ୍ଗେ ସାଙ୍ଗେ ପୁଣି ଦୃଷ୍ଟି ଫେରାଇଆଣିଲା । ଏ ଦିଗରୁ ଏ ଚାରିବର୍ଷ ଭିତରେ ତା' ନିଜ କଥା ତ ସେ କେବେ ଚିନ୍ତା କରିନାହିଁ । ଏଥର ମାରାଥନ୍‌ର ଦୂରତ୍ୱ ଛବିଶ ମାଇଲ୍ ତିନି ଶହ ପଞ୍ଚାଅଶୀ ଗଜ ଅତିକ୍ରମ କରି ସେ ଷ୍ଟାଡ଼ିୟମ୍ ଭିତରକୁ ପ୍ରବେଶ କରିପାରିବ ତ !! ସାଗର ପୁଣି ସିଧା ହୋଇ ବସିଲା । ତା' ମୁହଁରେ ଦୃଢ଼ତାର ବ୍ୟଞ୍ଜନା ।...ଦୁଇଶହ ବସ୍ତାନବେ ନମ୍ବର ଖେଳାଳିର କଥା ଭାସିଆସୁଛି । ତା'ର ମଧ୍ୟ ସୁଇଟ୍‌ହାର୍ଟଟିଏ ଅଛି । ତେବେ ଆଫେୟାର୍ସ ମାତ୍ର ଏଇ ଛ' ଆଠ ମାସ ହେବ ଆରମ୍ଭ ହୋଇଛି । ଝିଅଟି ଭଲ—କିନ୍ତୁ ଭାରି ଡରକୁଳୀ । ତା'ର ଧାରଣା ମାରାଥନ୍‌ର ପ୍ରତିଯୋଗୀମାନେ ଷ୍ଟାଡ଼ିୟମ୍‌ରେ ଯେତେବେଳେ ପ୍ରବେଶ କରନ୍ତି, ସେମାନଙ୍କ ଆଖି ଡୋଳା ପଦାକୁ ବାହାରିପଡ଼ିଥାଏ—ମୁହଁ ବିକୃତ ହୋଇଯାଏ—କେହି କେହି ନିଜସ୍ୱ ସୀମା ଛୁଇଁବା ପରେ ବେହୋସ୍ ହୋଇପଡ଼ନ୍ତି । ଆଉ କେହି କେହି ତ ଅଧା ବାଟରୁ ବେହୋସ୍ ହୋଇ ସିଆଡ଼େ ସିଆଡ଼େ ହସ୍‌ପିଟାଲ୍‌କୁ ଯା'ନ୍ତି । ସେଥିପାଇଁ ସେ ଷ୍ଟାଡ଼ିୟମ୍‌କୁ ତ ଆସିବ ନାହିଁ—ଘରେ ରେଡ଼ିଓ ଶୁଣିବ ନାହିଁ କି ଟି. ଭି. ଦେଖିବ ନାହିଁ । ତା' ପ୍ରେମିକର ଫଟୋଟିଏ ଗ୍ରନ୍ଥ ଉପରେ ରଖି ଆଜି ଦିନ ସାରା ସେ ନିଦ ଔଷଧ ଖାଇ ଶୋଇ-ରହିବ । କଥାବାର୍ତ୍ତା କାଲି ସକାଳେ ।

ମାରାଥନ୍ ଆରମ୍ଭ ପୂର୍ବରୁ ଏଭଳି ଲଘୁ ଆଲୋଚନା ସାଗରକୁ ଭଲ ଲାଗୁନଥାଏ । ଭାବିଲା ଏଠୁ ସେ ଉଠିଯିବ । ହଠାତ୍ ଏତିକିବେଳେ ତା' ମନରେ ଗୋଟାଏ ଖିଆଲ୍ ଆସିଲା—କାହିଁ, ତା'ର ତ କେହି ସୁଇଟ୍‌ହାର୍ଟ ନାହିଁ ! ଏମାନଙ୍କ କଥାବାର୍ତ୍ତାରୁ ଜଣାଯାଏ—ଝିଅ ଦୁଇଟି ଏମାନଙ୍କର କେବଳ ପ୍ରେମିକା ନୁହଁନ୍ତି—ଏମାନଙ୍କ ପାଇଁ ପ୍ରେରଣାର ଉତ୍ସ ମଧ୍ୟ । ଏହା କ'ଣ ସମ୍ଭବ ? ଏହା କ'ଣ ପ୍ରୟୋଜନ ? ସୁନ୍ଦର ସୁପୁରୁଷ ସାଗର ଏ ପର୍ଯ୍ୟନ୍ତ ତା' ପାଇଁ କୌଣସି ପ୍ରେମିକାର ସନ୍ଧାନ କରିନାହିଁ ।...ତେବେ ସେ ଝିଅଟି—ରେଖା—ମଧ୍ୟମ

Digitized by srujanika@gmail.com

ଗଢ଼ଣ । ଆଖିଝଲସା ନୁହେଁ, ଆଖିକୁ ମୁଗ୍ଧ କଲାଭଳି ଗୋରାରଙ୍ଗର ଲାବଣ୍ୟମୟୀ ଝିଅଟି । ତା' ରୂପରେ ସମସ୍ତ ଲାବଣ୍ୟ ଭରିରହିଥାଏ, ତା'ର ସେଇ ମନଭୁଲା ହସ ଟିକକରେ । ଗୋଟିଏ ପଦ କଥା କହିବା ଆଗରୁ ଓଠରେ ଟିକିଏ ହସ ଖେଳାଇଦେଇ ମୁହଁ ତଳକୁ କରି କଥା କହିବ, ଦୁଇହାତ ଭିତରେ ଖେଳୁଥିବ ପଣତକାନି । ···କିନ୍ତୁ ସେ କାହିଁ ? ପ୍ରେମ ଅନୁରାଗ ତ ଦୂରର କଥା । ନୁହେଁ କେତୋଟି ଅନ୍ତରଙ୍ଗ ମୁହୂର୍ତ୍ତରେ ପହଞ୍ଚିବା ପୂର୍ବରୁ ଅନ୍ୟ ଜଣକୁ ବିବାହ କରି ସେ ସ୍ୱାମୀ ସହିତ ଆମେରିକା ଚାଲିଗଲାଣି । ତେବେ ତା' ପାଇଁ ଉତ୍ସାହ—ତା'ର ପ୍ରେରଣା··· ! ବାଧାପଡ଼ିଲା । ମାଇକ୍ରୋଫୋନ୍ କହିଉଠିଲା—ଆଟେନ୍‌ସନ୍—ଆଟେନ୍‌ସନ୍ ରନର୍‌ସ । ···ନା ! ତା'ର ପ୍ରେରଣାର ପ୍ରୟୋଜନ ନାହିଁ । ରନର୍ ନମ୍ବର ତିନି ଶହ ଏକୋଇଶି ସାଗର ମିଶ୍ର ଉଠି ଠିଆହେଲା । ମାଇକ୍ରୋଫୋନ୍‌ରେ ନିର୍ଦ୍ଦେଶ ଆସୁଛି—ପ୍ରତି-ଯୋଗୀମାନେ ପଡ଼ିଆରେ ଠିଆ ହୁଅନ୍ତୁ—ପ୍ରସ୍ତୁତ ହୁଅନ୍ତୁ—ଦଶ ମିନଟ୍ ପରେ ଦୌଡ଼ ଆରମ୍ଭପାଇଁ ନିର୍ଦ୍ଦେଶ ଦିଆଯିବ ।···ଏଇ ପରମ ମୁହୂର୍ତ୍ତ ପାଇଁ ହର୍ଷପାଟଣା ଗାଁର ଅଧିବାସୀ-ମାନେ ନିଜକୁ ପ୍ରସ୍ତୁତ କରି ରଖିଥିଲେ । ଖୁବ୍ ସଂଯତ; କିନ୍ତୁ ସୁମଧୁର ସ୍ୱରରେ ଭାସିଆସିଲା ସାହାନାଇ, ଯୋଡ଼ିନାଗରା, ଶଙ୍ଖ ଓ ହୁଳହୁଳିର ଧ୍ୱନି । ଆକାଶକୁ ବେଲୁନ୍ ଉଠିଲା—ପାରା ଉଡ଼ିଲେ । ଛୋଟ ଛୋଟ ପିଲାମାନେ ପତାକାଧରି ସ୍ଲୋଗାନ ଦେଲେ—'ମାରାଥନ୍ ଜିନ୍ଦାବାଦ୍' 'ହର୍ଷପାଟଣା ଧନ୍ୟ ହେଲା' । ···ହଠାତ୍ ଆଉ ଏକ ଦୃଶ୍ୟ । ଏଠି ଯେତେଜଣ ପ୍ରତି-ଯୋଗୀ ଅଛନ୍ତି—ଗାଁ ହାଇସ୍କୁଲର ଠିକ୍ ସେତିକି ଜଣ ଛାତ୍ରୀ ଧଳା ଶାଢ଼ୀ ପିନ୍ଧି ହାତରେ ଗୋଟିଏ ଗୋଟିଏ ଗେଣ୍ଡୁ ଫୁଲ ଧରି ପଡ଼ିଆ ଭିତରକୁ ଦୌଡ଼ି ଦୌଡ଼ି ଆସିଲେ । ଜଣେ ଜଣେ ଝିଅ ଜଣେ ଜଣେ ପ୍ରତିଯୋଗୀଙ୍କୁ ଫୁଲ ବଢ଼ାଇଦେଇ ଶୁଭ କାମନା ଜଣାଉ-ଥା'ନ୍ତି । ସାଗର ଏ ଦୃଶ୍ୟ ଦେଖୁଚି, ହଠାତ୍ ପଛପଟରୁ ଏକ କୋକିଳକଣ୍ଠୀ ଝିଅର ସ୍ୱର ଶୁଣାଗଲା—ଗୁଡ୍ ମର୍ଣ୍ଣିଂ ସାର୍ ! ସାଗର ବୁଲିପଡ଼ିଲା । କିଶୋରୀ ଝିଅଟି ଠିଆହୋଇଚି । ଏଇ ଝିଅ ! ଏମିତି ବୀଣାଜିଣା କଣ୍ଠ ! ସାଗର ଠିଆହୋଇଚି—ଝିଅଟି ଠିଆହୋଇଚି । ସାଗର ଝିଅଟିକୁ ଚାହିଁ ମଧ୍ୟ ଚାହିଁପାରୁନି । ଝିଅଟି ତା' ହାତର ଫୁଲ ବଢ଼ାଇ ଧରିଛି । ସାଗର ନେଉନାହିଁ । ଝିଅଟି ତା' ଅବସ୍ଥା ବୁଝିସାରିଲାଣି । ସେ ଜାଣିଲାଣି କାହିଁକି ତିନି ଶହ ଏକୋଇଶି ନମ୍ବର ତାକୁ ଚାହୁଁ ନାହାନ୍ତି—ତା' ହାତରୁ ଫୁଲ ନେଉନାହାନ୍ତି । ତା' ଓଠ ଥରିଉଠିଲାଣି—ଆଖି ଲୁହ ଛଳଛଳ । ···"ନିଅନ୍ତୁ ସାର୍" । ଏଥର ସାଗର ଝିଅଟିର ମୁହଁକୁ ଥରେ ଚାହିଁଦେଇ ଫୁଲଟି ନେଲା । 'ଗୁଡ୍ ଲକ୍' କହି ଆଖି ପୋଛି ପୋଛି ଝିଅଟି ଦୌଡ଼ି-ପଳାଇଲା । ଅନୁତପ୍ତ ସାଗର ଠିଆହୋଇଚି । କାହିଁକି ତା' ପ୍ରତି ସେ ଏମିତି ବ୍ୟବହାର କଲା ? କେତେ ଆଗ୍ରହରେ ଆଉ ହସ ହସ ମୁହଁରେ ଫୁଲଟି ଧରି ଠିଆ ହୋଇଥିଲା । ପୁଣି ଗୋଲାପ କଢ଼ିପରି ହେଡ଼େ ସୁନ୍ଦର ଝିଅଟି । କିନ୍ତୁ··· !! ଏଇ ଅଳ୍ପ କ୍ଷଣ ପୂର୍ବରୁ ଅଣାଅଣି ଆଉ ଦୁଇଶହ ବୟାନବେ ନମ୍ବର କଥାବାର୍ତ୍ତାରୁ ସେ ଶୁଣିଥିଲା—ଏ ବେଳରେ ଗୋଟିଏ କାଣୀ ଝିଅର ମୁହଁ ଚାହିଁବା ଅଶୁଭ । କଥାଟାକୁ ସାଗର ଆଦୌ ବିଶ୍ୱାସ କରିନଥିଲା । ଏ

Digitized by srujanika@gmail.com

ମୁହୂର୍ତ୍ତରେ ଶୁଣି ପର ମୁହୂର୍ତ୍ତରେ ତା' ମନରୁ ପୋଛିଦେଇଥିଲା । ଅଥଚ ମାତ୍ର କେଇ ମିନିଟ୍ ପରେ ସେ ଝିଅଟାକୁ ଦେଖି ଅବିଶ୍ୱାସରେ ଏକାବେଳକେ ଚମକିପଡ଼ିଲା, ଯେହେତୁ ଝିଅଟାର ଗୋଟାଏ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଚି—ସେ କାଣୀ ! ଏ ଯୋଗାଯୋଗର ଅର୍ଥ କ'ଣ ହୋଇପାରେ ? ଏତେ ଝିଅ ତ ପଡ଼ିଆ ଭିତରକୁ ଆସିଲେ—ତା' ପାଖକୁ ଏ ଏ କାଣୀ ଝିଅଟି କାହିଁକି ଆସିଲା ! ସେ ଅନୁତାପ କରୁଚି ସତ, ସେଇ ସଙ୍ଗେ ସଙ୍ଗେ ସେ ବ୍ୟଥିତ, ବିବ୍ରତ ହୋଇପଡ଼ୁଚି । ଜାଣେନା ତା' ଭାଗ୍ୟରେ ଆଜି ଅଛି କ'ଣ ! ଏତିକିବେଳେ ତା' କୋଚ୍ ଗ୍ରେଟାସିଂଙ୍କ ସତର୍କବାଣୀ ତା' କାନରେ ପ୍ରତିଧ୍ୱନିତ ହେଲା—"ଭାଗ୍ୟ କାହାର ହାତମୁଠାରେ ନାହିଁ । ସେ ତା' ବାଟରେ ଯିବ । ତୋ' ନିଜ ଶକ୍ତି ଉପରେ ତୋର କର୍ତ୍ତୃତ୍ୱ ବଜାୟ ରଖି ତୁ ଆଗେଇଯିବୁ ।"

ସାଗର ଚଞ୍ଚଳ ହୋଇଉଠିଲା । ତା'ର ଆଉ କିଛି ଭାବନା ନାହିଁ । ଝିଅଟିକୁ ମନେ ମନେ ଖୋଜିଲା—ପାଇଲା ନାହିଁ । ଆଉ ସମୟ ମଧ୍ୟ ନାହିଁ । ଷ୍ଟାର୍ଟିଂ ବେସ୍‌କୁ ଯିବାପାଇଁ ନିର୍ଦ୍ଦେଶ ଆସିଗଲାଣି । ଶାନ୍ତ ନିର୍ମଳ ମନ ଓ ସଂପୂର୍ଣ୍ଣ ସୁସ୍ଥ ଶରୀରରେ ସାଗର ତା'ର ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ହେଲା ।

ସବୁ କୋଳାହଳ ଥମିଯାଇଛି । ସବୁ ଆୟୋଜନ ସଂପୂର୍ଣ୍ଣ । ପରିବେଶ ସ୍ଥିର, ନିଶ୍ଚଳ । ଏକ ଆବେଗପୂର୍ଣ୍ଣ ପ୍ରତୀକ୍ଷା ଭିତରେ ଆସିଲା ସେଇ ପରମ ମୁହୂର୍ତ୍ତ—ସେଇ କଥିତ ଆଓ୍ୱାର । ବନ୍ଧୁକ ଫୁଟିଲା—ମାରାଥନ୍ ଦୌଡ଼ ଆରମ୍ଭ ହେଲା ।

ସାଗର ଦୌଡ଼ୁଚି । ସେ ବୁଝିପାରିଛି, ଶହେ ମିଟରର ଦୌଡ଼ ଆରମ୍ଭର ଯେଉଁ ଉନ୍ମାଦନା ତାହା ମାରାଥନ୍‌ରେ ନାହିଁ । ସେ ଉନ୍ମାଦନା ତ ଆରମ୍ଭ ହେବ ପଚିଶ ମାଇଲ୍ ପରଠୁଁ । କିନ୍ତୁ ସେ ଦୌଡ଼ୁଚି ବେଶ୍ କ୍ଷିପ୍ର ଗତିରେ । ଆଜି ଦୌଡ଼ିବାକୁ ତାକୁ ଖୁବ୍ ଭଲ ଲାଗୁଚି । ମନରେ ଅଯଥା ଆଶଙ୍କା ନାହିଁ, ଉଦ୍‌ବେଗ ନାହିଁ, ଉତ୍କଣ୍ଠା ନାହିଁ । ସହଜ, ସରଳ ଭଙ୍ଗୀରେ ସେ ଦୌଡ଼ୁଚି । କ୍ରମେ ଗୋଟି ଗୋଟି ହୋଇ ମାରାଥନ୍ ମାଇଲ୍ ଚିହ୍ନ ପଛକୁ ରହିଯାଉଚି—ରହିଯାଉଚି ଗାଁ ପରେ ଗାଁ—ପୋଲିସ୍ ପୋଷ୍ଟ—ଉତ୍ସାହୀ ହର୍ଷମୁଖର ଦର୍ଶକବୃନ୍ଦ । ପାଞ୍ଚ ମାଇଲ୍ ଚିହ୍ନ ପରେ ସାଗର ଦେଖିଲା ପ୍ରତିଯୋଗୀମାନେ ଭାଗ ଭାଗ ହୋଇଗଲେଣି । ଗୋଟିଏ ଦୁଇଟି ଦଳ ଆଗରେ ଦୌଡ଼ୁଛନ୍ତି । ତା' ନିଜ ଦଳରେ ଅଛନ୍ତି ପ୍ରାୟ ପାଞ୍ଚ ଛ' ଜଣ । ଜଣେଅଧେ ପରିଚିତ ମୁହଁ ସେ ଦେଖିପାରୁଚି । ଅନ୍ୟମାନେ ପଛରେ । ଅଣାଅଣି ଆଉ ଦୁଇଶହବସ୍ତାନବେ ନମ୍ବରକୁ ଦେଖିପାରୁନାହିଁ । ଦେଖିବା ଦରକାର ମଧ୍ୟ ନାହିଁ । ସେ ଦୌଡ଼ୁଛି, ଯେମିତି ସେ ଦୌଡ଼ିଆସୁଚି ଗତ ଚାରିବର୍ଷର ପ୍ରତ୍ୟେକଟି ଦିନ ।

ବାର ମାଇଲ ଚିହ୍ନ ପାରହୋଇଗଲା । ତା'ର ଅଗ୍ରଗାମୀ ପ୍ରତିଯୋଗୀମାନଙ୍କର ସଂଖ୍ୟା କମିଗଲାଣି । ସମସ୍ତଙ୍କର ଆଗରେ ଯେଉଁ ପ୍ରତିଯୋଗୀଟି ଦୌଡ଼ୁଚି, ସେ ଏବେ ମଧ୍ୟ ସାଗରର ଦୃଷ୍ଟି-ସୀମା ଭିତରେ ରହିଚି । ତା' ପଛକୁ ଅଛନ୍ତି ଆଉ ଚାରିଜଣ । ସାଗରର ସ୍ଥାନ

Digitized by srujanika@gmail.com

ଷଷ୍ଠରେ । ସାଗର ଜାଣେ ଏ ସ୍ଥାନ ନିଶ୍ଚୟ ଚୂଡ଼ାନ୍ତ ନୁହେଁ । ଏଥିରେ ବହୁ ପରିବର୍ତ୍ତନ ହେବ; କିନ୍ତୁ ସେ ଏଇଥିପାଇଁ ସନ୍ତୁଷ୍ଟ ଯେ ଆରମ୍ଭରୁ ଏ ପର୍ଯ୍ୟନ୍ତ ତା' ଦୌଡ଼ର ଗତି ପ୍ରାୟ ସ୍ଥିର ରହିଛି । କୋଚ୍ ଗ୍ରେୱାଲ ସିଂଙ୍କ ମତରେ ଏହା ଶୁଭଲକ୍ଷଣ; କିନ୍ତୁ ଏହା ପରଠୁଁ ତା'ର ଷ୍ଟ୍ରାଟେଜି, ତା'ର କୌଶଳ ଓ ସ୍ଥିତିର ପରିବର୍ତ୍ତନ କରିବାକୁ ପଡ଼ିବ । ଏଥିପାଇଁ ସେ ଦେହ ଓ ମନ ଦୁଇ ଦିଗରୁ ପ୍ରସ୍ତୁତ ।

× × × ×

ବାରମାଇଲ୍ ଚାଲି ବହୁ ପଛକୁ ରହିଗଲାଣି । ଯେଉଁମାନେ ଆଗରେ ଥିଲେ ସେମାନଙ୍କ ଭିତରୁ କେତେକ ପଛକୁ ରହିଗଲେଣି । କିନ୍ତୁ ସେମାନଙ୍କ ଅପେକ୍ଷା ଆହୁରି ବେଶି ସଂଖ୍ୟାରେ ପ୍ରତିଯୋଗୀ ଆଗକୁ ବାହାରିଗଲେଣି ।···ତେର ମାଇଲ୍‌ର ଚାଲି !! ମାରାଥନ୍ ଦୂରତ୍ୱର ଠିକ୍ ଅର୍ଦ୍ଧେକ ପଥ ସାଗର ଅତିକ୍ରମ କଲା । ଆଜି ଠିକ୍ ଏଇ ପରିଣ୍ଟରୁ ଯେମିତି ଏକ ହାଲୁକା ଦେହ ଓ ଖୋଲାମନ ନେଇ ସେ ପ୍ରକୃତ ପ୍ରତିଯୋଗିତାର ସମ୍ମୁଖୀନ ହେଲା । ଏ ପର୍ଯ୍ୟନ୍ତ ତା'ର ମନ ହୁଏତ ସ୍ଥିର ଥିଲା । ବର୍ତ୍ତମାନ ଖୋଲାମନରେ କେତେ ପ୍ରଶ୍ନ । କେତେ ଉତ୍ତର ଉଙ୍କିମାରୁଛି । ତା'ର ସୁଦୀର୍ଘବର୍ଷର ସ୍ୱପ୍ନ ଆଜି ଏକ ନିର୍ଦ୍ଦିଷ୍ଟ ରୂପ ନେବାକୁ ଯାଉଛି । କ'ଣ ସେ ସ୍ୱପ୍ନ !!···ତା'ର ସୁଦୀର୍ଘବର୍ଷର ସାଧନା କ'ଣ ମାରାଥନ୍ ପାଇଁ ଯଥେଷ୍ଟ ନୁହେଁ ?··· ତା'ର କ'ଣ ଆଉ କିଛି ଦିନ ଅପେକ୍ଷା କରିବା ଉଚିତ ଥିଲା ?

ପନ୍ଦର ମାଇଲ୍ ଚାଲି । ଟିକିଏ କ୍ଳାନ୍ତ ବୋଧ ହେଉଛି କି ? ନା, କ୍ଳାନ୍ତ ନୁହେଁ, ଟିକିଏ କେମିତି ଅବସନ୍ନ ଲାଗୁଛି ।···କିନ୍ତୁ କ୍ଳାନ୍ତ ହୋଇନି ବା କିଏ ? ଫ୍ଲାଡ଼ିପିଡ଼େସ୍ ! ଷ୍ଟିଭେନ୍ ଲୁଇ !! ତା'ର ଗୁରୁ ଗ୍ରେୱାଲ ସିଂ, ଆଉ-ଆଉ ହେଲସିଙ୍କି ଅଲମ୍ପିକ୍‌ରେ ବିଶ୍ୱକ୍ରୀଡ଼ା ଜଗତର ବିସ୍ମୟ—ଏମିଲ ଜେଟୋପେକ୍ । ସେଇ ଊଣେଇଶିଶହ ବାବନ ହେଲସିଙ୍କି ଅଲମ୍ପିକ୍‌ରେ ଜେଟୋପେକ୍ ପାଞ୍ଚହଜାର ମିଟର, ଦଶହଜାର ମିଟର୍ ଓ ପରିଶେଷରେ ମାରାଥନ୍—ଏ ତିନୋଟିଯାକ ଦୌଡ଼ରେ ସ୍ୱର୍ଣ୍ଣପଦକ ଲାଭ କରିଥିଲେ । ଆଧୁନିକ ଅଲମ୍ପିକ୍ ଆରମ୍ଭ ହେବା ଦିନରୁ ଏ ପର୍ଯ୍ୟନ୍ତ ଏ ବିସ୍ମୟ ଅନ୍ୟ କେହି ସୃଷ୍ଟି କରିପାରି ନାହାନ୍ତି । ସେ କ'ଣ କ୍ଳାନ୍ତ ହୋଇଥିଲେ ?···କ୍ଳାନ୍ତ ହୁଅନ୍ତୁ ବା ନ ହୁଅନ୍ତୁ, ସେ ଠିକ୍ ଦୌଡ଼ିଥିଲେ ।···ସାଗର ସେମିତି ଠିକ୍ ଦୌଡ଼ୁଛି । ଦୌଡ଼ୁଛି ସତ; କିନ୍ତୁ ମନ ଭିତରେ ସେମିତି ପ୍ରଶ୍ନର ଦୌଡ଼ ଚାଲିଛି ।···କ୍ରୀଡ଼ା କ୍ଷେତ୍ରରେ ଗୋଟିଏ କଥା ଅଛି—ଟୁ ସ୍ପେସିଆଲାଇଜ୍—ଯେପରି ମିଲ୍‌ଖା ସିଂ—ଚାରିଶ ମିଟର ଦୌଡ଼, ଗୀତା ଜୁତ୍‌ସି—ଆଠ ଶହ ମିଟର ଦୌଡ଼ । ଶ୍ରୀରାମ ସିଂ—ଆଠଶ ମିଟର୍ ଦୌଡ଼ ! ଜେଟୋପେକ୍ କିନ୍ତୁ ନିଶ୍ଚିତଭାବେ ଏ ସବୁଥିରେ ସ୍ପେସିଆଲାଇଜ୍ କରିଥିଲେ । କିନ୍ତୁ ସେ ନିଜେ କରିଛି କ'ଣ ? ଯେଉଁଥିରେ ସ୍ପେସିଆଲାଇଜ୍ କରିଥିଲା ତାକୁ ତ ସେ ଛାଡ଼ିଦେଲା । ଏଇ ପ୍ରଥମ ସେ ମାରାଥନ୍‌ରେ···ବାଧା ପଡ଼ିଲା । ଠିକ୍ ଏତିକବେଳେ ଜଣେ ରନର୍ ତୀବ୍ର ଗତିରେ ପଛରୁ ଆସି ସମସ୍ତଙ୍କୁ ଟପିଯାଉଛି । କାହିଁକି ? ଏଇ ଆଗରେ ତ ଷୋଳ ମାଇଲ୍ ଚାଲି । ଏବେଠୁ ସେ ଏତେ ଜୋର୍‌ରେ ଦୌଡ଼ୁଛି କାହିଁକି ? ପ୍ରାୟ

Digitized by srujanika@gmail.com

ସମସ୍ତଙ୍କ ଦୃଷ୍ଟି ତା' ଉପରେ । ଷୋଳମାଇଲ୍ ଚିହ୍ନ ପାଖରେ ସେ ଲୋକଟା ପହଞ୍ଚୁ ପହଞ୍ଚୁ ତା' ଗତି ସ୍ଥିର ହୋଇଗଲା । ପାଦ ଟଳମଳ । ତା' ପରେ ସେଇଠି ସେ ଦୁଇହାତ ଉପରକୁ ଟେକି ଅଚେତ୍ ହୋଇ ରାସ୍ତାଧାରରେ ଲୋଟିପଡ଼ିଲା । ସଙ୍ଗେ ସଙ୍ଗେ ଆସି ପହଞ୍ଚିଗଲେ ଡାକ୍ତର, ନର୍ସ, ଆମ୍ବୁଲାନ୍ସ । ରନର୍‌ମାନେ ଅତିକ୍ରମ କରିଚାଲିଛନ୍ତି । କେହି ଅଟକୁ ନାହାନ୍ତି । ସାଗର ମଧ୍ୟ ଅଟକିଲା ନାହିଁ । ଏ ଭିତରେ ଷୋଳ ମାଇଲ୍ ଚିହ୍ନ ଯେ ଅତିକ୍ରାନ୍ତ ହୋଇ-ଗଲାଣି ଏ କଥା ହୁଏତ ସେ ଜାଣିପାରିଲା ନାହିଁ । ସେ ଦୌଡ଼ୁଚି ।

ପଥ ଅତିକ୍ରାନ୍ତ ହୋଇଯାଉଚି । ଅତିକ୍ରାନ୍ତ ହୋଇଯାଉଛନ୍ତି ରାସ୍ତାଧାରର ଉତ୍ସାହୀ ଦର୍ଶକବୃନ୍ଦ—ସେମାନଙ୍କର ଅକପଟ ଉତ୍ସାହ ଧ୍ୱନି । ସାଗର କିନ୍ତୁ ସ୍ଥିର ରହିପାରୁନି । ଲୋକଟା କାହିଁକି ଏ ଭୁଲ୍ କଲା ? ଦୌଡ଼ିବାକୁ ଆଉ ସମର୍ଥ ନହୋଇ ସେ କ'ଣ ଭାବିଲା ଯେ ଷୋଳ ମାଇଲ ଚିହ୍ନ ହେଉଚି ତା'ର ବିଜୟସ୍ତମ୍ଭ ! ଆଉ ଯେମିତି ହେଉ ତାକୁ ସେଠି ପହଞ୍ଚି-ବାକୁ ହେବ । ଏମିତି ଭୁଲ୍—ଏ ଭ୍ରାନ୍ତି କ'ଣ ମାରାଥନ୍‌ରେ ହୁଏ ? କେମିତି ଜାଣିବ ସେ ? ଇଏତ ତା'ର ପ୍ରଥମ ମାରାଥନ୍ । ଏ ପର୍ଯ୍ୟନ୍ତ ସେ ଠିକ୍ ଦୌଡ଼ିଚି ସତ; କିନ୍ତୁ···କିନ୍ତୁ ଯଦି ତା'ର ପାଦ ଅବଶ ହୋଇଯାଏ—ଗତି ଶିଥିଳ ହୋଇଆସେ—ଆଉ ତା'ର ଏମିତି କିଛି ଗୋଟିଏ ଭୁଲ୍ ହୋଇଯାଏ ···!! ପାଦ ଅବଶ ନ ହୋଇ ବି ଆତଙ୍କରେ ତା' ଦେହ ଶିହରି ଉଠିଲା । କଣ୍ଠ ଶୁଖିଆସିଲା—ଆଖିରେ ଲୁହ ଜମିଗଲା ।·· ମାତ୍ର ଏତିକବେଳେ ସେ ଦେଖିଲା ବାରଶହ ନମ୍ବର ପଛରୁ ଆସି ଠିକ୍ ତା'ର ଯୋଡ଼ିହୋଇ ଦୌଡ଼ୁଚି । ଲୋକଟାକୁ ସେ ଜାଣେ; କିନ୍ତୁ ଆଳାପ ନାହିଁ । କିଛି ସମୟ ଦୁହେଁ ଦୌଡ଼ିଲେ । ଏ ବେଳରେ ପ୍ରାୟ କେହି ପ୍ରତିଯୋଗୀ କଥା କୁହନ୍ତି ନାହିଁ । କିନ୍ତୁ ସେ ଲୋକଟା କହିଲା—"ଖୁବ୍ ଷ୍ଟିଡ଼ିଲି ଦୌଡ଼ୁଚ ତ ।"···ସାଗର ନିରୁତ୍ତର । ଲୋକଟା କଟାକ୍ଷରେ ସାଗରକୁ ଥରେ ଦୁଇଥର ଚାହିଁଲା । ତା'ପରେ ଓଠରେ ଟିକିଏ ହସ ଫୁଟାଇ, କଣ୍ଠରେ ଯେତେ ସମ୍ଭବ ଆନ୍ତରିକତା ଆଣି କହିଲା—ତୁମେ ତ ଜଣେ ଖୁବ୍ ସାଉଣ୍ଡ ରନର୍ ! ଏହା ପର ଷ୍ଟ୍ରାଟେଜି କ'ଣ ?··· ସାଗର ମୁହଁ ବୁଲେଇନେଲା । କେତେକ ମୁହୂର୍ତ୍ତ ପରେ ଲୋକଟା ଈଷତ୍ ଗମ୍ଭୀରଭାବେ "ହୁଁ"ଟିଏ କହି ତା'ର ଗତି ବଢ଼େଇଦେଲା ।···ସାଗର ଦେଖୁଚି ବାରଶହ ନମ୍ବର ଆଗେଇ ଯାଉଚି । ମାତ୍ର ତା' ନିଜର କିଛି ପ୍ରତିକ୍ରିୟା ନାହିଁ । କୋଚ୍ ଗ୍ରେଟା ସିଂ କହିଚନ୍ତି —"କାହାରି ପ୍ରଭୋକେସନ୍‌ରେ କେବେ ମାତିଉଠିବ ନାହିଁ ।"···ଷୋଳ ମାଇଲ୍ ଘଟଣାରୁ ଏପର୍ଯ୍ୟନ୍ତ ସବୁ ଜଞ୍ଜାଳରୁ ମୁକ୍ତ ହୋଇ ସାଗର ପୁଣି ଖୋଲା ମନରେ ଦୌଡ଼ିଲା ।

ରାସ୍ତାକଡ଼ର ଦୃଶ୍ୟ କ୍ରମେ ଆଖିକୁ କ୍ଳାନ୍ତିକର ବୋଧହଉଚି । ସେଇ ଲୋକଗହଳି—ସେଇ ପାଟି—ସେଇ ଚିୟର୍ ଅପ୍ । ଷୋଳ ମାଇଲ୍ ଚିହ୍ନ ପଛକୁ ରହିଗଲାଣି । ସାଗର ଦେଖିଲା ଗୋଟାଏ ନିରୋଳା ସ୍ଥାନରେ ଜଣେ ବୟସ୍କ ଭଦ୍ରଲୋକ ଠିଆହୋଇଚନ୍ତି — ଏକୁଟିଆ । ଦୃଷ୍ଟି ତାଙ୍କର ସାଗର ଉପରେ ନିବଦ୍ଧ । ତାକୁ ଯେମିତି ଶୁଣେଇ ଭଦ୍ରଲୋକ କହିଲେ—ଆହା ବିଚରା, କାହିଁକି ଯେ ଏତେ କଷ୍ଟ କରି···! ସାଗର ଆଗେଇ ଯାଉଚି ।

Digitized by srujanika@gmail.com

ଭଦ୍ରଲୋକଙ୍କର ସବୁକଥା ନ ଶୁଣି ବି ସାଗର ବୁଝିପାରେ ସେ କ'ଣ କହୁଚନ୍ତି । ଏତେ-ବେଳେକେ ତା' ମୁହଁରେ ସାମାନ୍ୟ ଟିକିଏ ହସର ରେଖା ଖେଳିଗଲା । ଇଚ୍ଛାହେଲା କହିଆନ୍ତା —କାହିଁକି କଷ୍ଟକରି ଦୌଡ଼ୁଚି, ଯେ କଥା ମତେ ନ ପଚାରି ପ୍ଲିଂଡ଼ପିଡ଼େସ୍‌କୁ ପଚାରିଥିଲେ, ସେ ବି କିଛି ଉତ୍ତର ଦେଇନଥା'ନ୍ତେ । କାରଣ ଏ ପ୍ରଶ୍ନର ଗୋଟିଏ ଉତ୍ତର ହଉଚି—ମାରାଥନ୍ ! ଆଉ ଏଥିରେ ଦୌଡ଼ିଚନ୍ତି ଫ୍ଲଡ଼ପିଡ଼େସ୍, ଷ୍ଟିଫେନ୍‌ଲୁଇ, ଜେଟୋପେକ୍, ଗ୍ରେଟା ସିଂ—ଆଉ ଇଥିଓପିଆର ସେଇ ଅନାମଧେୟ ଇତିହାସବିହୀନ ଅଲମ୍ପିକ୍ ରନର୍ ଯିଏ କାହିଁ କେତେ ପଛରୁ ଆସି ଜିତିଗଲା ସ୍ୱର୍ଣ୍ଣପଦକ ତା'ର ପ୍ରଥମ ମାରାଥନ୍ ଦୌଡ଼ରେ ।··· ସାଗରର ଶୁଷ୍କ ମୁହଁରେ କଞ୍ଚିତ ସରସତାର ଆଭାସ । ଇଏ ତା'ର ପ୍ରଥମ ମାରାଥନ୍ ।

× × × ×

ପଚିଶମାଇଲ୍ ଚିହ୍ନ ! ସାଗର ଚମକିଉଠିଲା । ହଠାତ୍ ତା' ଆଖି ଆଗରେ ଭାସିଉଠିଲା ଷୋଳ ମାଇଲ୍‌ର ସେଇ କରୁଣ ଦୃଶ୍ୟ—ଲୋକଟା ନିଶା ଖାଇଲାପରି ଟଳି ଟଳି ଭୂଇଁରେ ଅଚେତ ହୋଇ ଲୋଟିପଡ଼ିଲା । ତା'ର ଆଶଙ୍କା ହେଲା ସେ ନିଜେ ସେମିତି ଭୁଲ୍ କରୁନାହିଁ ତ ? ତା' ଆଖି ଝାପ୍‌ସା ହୋଇଆସୁଚି । ଷୋଳ ମାଇଲ୍‌ର ଦୃଶ୍ୟ ଗୋଟାଏ ପ୍ରେତପରି ଯେମିତି ତାକୁ ଗ୍ରାସକରିଗଲାଲା । ତା' ପାଦଦୁଇଟା ଯେମିତି ତା' ସହିତ ବିଦ୍ରୋହ କରି ତା' ଠାରୁ ବିଚ୍ଛିନ୍ନ ହୋଇଯାଉଚନ୍ତି । ଭିତରେ ଭିତରେ ସେ ଛଟପଟ ହେଉଚି । ପଚିଶ୍ ମାଇଲ୍ ! ଏଇ ପଚିଶ ମାଇଲ୍‌କୁ ସେ ଅପେକ୍ଷା କରି ରହିଥିଲା । ଏଠୁ ଷ୍ଟାଡ଼ିୟମ୍ ଭିତରର ବିଜୟ ଚିହ୍ନ ଆଉ ମୋଟେ ଏକ ମାଇଲ ତିନିଶହ ପଞ୍ଚାଅଶୀ ଗଜ । ତା'ର ମନେହେଲା ଏ ଦୂରତ୍ୱ ଆହୁରି ଲମ୍ବି ଯା'ନ୍ତା କି—ଆହୁରି···ଆହୁରି ! ଗୋଟାଏ ଅବଚେତନ ଅବସ୍ଥାରୁ ଫେରିଆସି ସେ ବୁଝିପାରିଲା ଏଇଟା ତା'ର ଗୋଟାଏ ମାନସିକ ପରାଜୟକୁ ଢାଙ୍କି ରଖିବାର ଛଳନା । କାରଣ ସେ ପ୍ରକୃତରେ କ୍ଳାନ୍ତ ହୋଇନି—ଅବଶ ହୋଇନି—ଅଥଚ ସେ ଦୌଡ଼ି ପାରୁନି । ସାଗର ଆତଙ୍କିତ ହୋଇଉଠିଲା । ଏତିକିବେଳେ ମାଇକ୍ରୋଫୋନ୍‌ରୁ ଭାସିଆସିଲା— "ନମ୍ବର ତିନିଶହ ଏକୋଇଶି ! ପଚିଶ ମାଇଲ ଚିହ୍ନ ପାଖରେ ତମର ପୋଜିସନ୍ ହେଲା ଆଠ—ଅଷ୍ଟମ ।" ଅଷ୍ଟମ !! ତା' ଆଗରେ ସାତଜଣ ରନର୍ ଦୌଡ଼ୁଛନ୍ତି । ନିମିଷକରେ ସବୁ ମାନସିକ ବ୍ୟାଧିକୁ ଘୁଞ୍ଚିଦେଇ ତା' ଭିତରର ରନର୍ ଚିତ୍କାର କରିଉଠିଲା—ଓ-ନୋ ! ତା'ପରେ ସେ ଦୌଡ଼ିଲା—ଯେମିତି ସେ ଦୌଡ଼ିଆସିଚି ଆରମ୍ଭରୁ ଏ ପର୍ଯ୍ୟନ୍ତ ।···କିନ୍ତୁ କିନ୍ତୁ କ'ଣ କରିବ ସେ ! କେମିତି ଦୌଡ଼ିବ ? ତା' ଆଗରେ ଯେ ସାତ ଜଣ ଦୌଡ଼ୁଛନ୍ତି ! ସେମାନଙ୍କୁ ଅତିକ୍ରମ କରିବ କିପରି ? ଆଉ ମାତ୍ର ଗୋଟିଏ ମାଇଲ୍ ବାକି !!

ସାଗର ଦୌଡ଼ୁଚି, ଦେଖିଲା ତା' ସାମ୍ନାରେ ଜଣେ ରନର୍ ତା' ଗତି ବଢ଼ାଇଦେଲା । ମାତ୍ର ଦୁଇ ମିନିଟ୍ ଭିତରେ ଏ ଲୋକଟାକୁ ଟପି ତାକୁ ଆଗେଇ ଯିବାକୁ ପଡ଼ିବ । କେବଳ ତାକୁ ନୁହେଁ, ଯା' ପରି ଆଉ ଛ' ଜଣକୁ ମଧ୍ୟ ସେ ପରାଜିତ କରିବ । ବିଜୟର ନିଶା ଧୀରେ ଧୀରେ ତା' ଭିତରକୁ ପ୍ରବେଶ କରୁଚି !

Digitized by srujanika@gmail.com

ସାଗର ଦେଖିଲା, ଆଗରେ କିଛିଦୂରରେ ପଂଝାଏ ପୁଅଝିଅ ନାଚକୁଦ ତାଳିମାରି ଚିଅର୍ ଅପ୍ ଧ୍ୱନି କରୁଛନ୍ତି । ସାଗର ଜାଣେ ନିକଟରେ ଗୋଟାଏ କଲେଜ ଅଛି । ଏମାନେ ନିଶ୍ଚୟ ସେଇ କଲେଜ୍‌ର ପୁଅଝିଅ । ସେଥି ଭିତରୁ ଗୋଟାଏ ଝିଅ ଏ ଦିଗକୁ କିଛିଟା ଆଗେଇଆସି, ସମସ୍ତ ମୁହଁଟାରେ ଉଦ୍ଦାମ ହସ ଫୁଟାଇ, ନିଶ୍ଚିତ ଭାବେ ସାଗରକୁ ଲକ୍ଷ୍ୟ କରି ତାକୁ ଉତ୍ସାହିତ କରୁଛି । ତାକୁ ଉତ୍ସାହିତ କରିବାପାଇଁ ସେ ନିଜେ ଯେମିତି ଦ୍ୱିଗୁଣ ଉତ୍ସାହିତା ହୋଇଉଠିଛି । ଫିକା ଶ୍ୟାମବର୍ଣ୍ଣର ଉନ୍ନତଯୌବନା ସ୍ୱାସ୍ଥ୍ୟବତୀ ସୁନ୍ଦରୀ ଝିଅଟା—ପରିଧାନ ସେଲୁଆର୍ ପଞ୍ଜାବୀ । ଦୁପଟ୍ଟାକୁ ପଇତା ପରି କାନ୍ଧରୁ କଟି ପର୍ଯ୍ୟନ୍ତ ଟାଣି ଆଣି କଟିରେ ଗୁଡ଼େଇ ଦେଇଛି । ···ଝିଅଟା ଯେଉଁ ସ୍ଥାନରେ ଥିଲା, ସାଗର ଠିକ୍ ସେଇ ସ୍ଥାନରେ ତା'ର ପ୍ରତିଦ୍ୱନ୍ଦ୍ୱୀ ରନର୍‌କୁ ଅତିକ୍ରମ କଲା । ଏଥିରେ ଝିଅଟା ଆହୁରି ଉତ୍ସାହିତା ହୋଇ ଆନନ୍ଦରେ ତାଳି ମାରି ମାରି କହିଉଠିଲା···ରନର୍ ଥ୍ରି-ଟୁ-ଓ୍ୱାନ୍, ରନ୍-ରନ୍ ! ପଛ ଲୋକଟା ଆହୁରି ପଛକୁ ରହିଗଲାଣି । ନିମିଷ ଦୃଷ୍ଟିପାତରେ ସାଗର ସେ ସୁନ୍ଦରୀ ଝିଅଟାକୁ ଦେଖିଛି । ସେମାନେ ତ ଦୁଇଜଣ ରନର୍ ଥିଲେ । ଝିଅଟା ତା' ନମ୍ବର ଡାକି କାହିଁକି ଏକା ତାକୁ ଉତ୍ସାହିତ କଲା !·· ସେଥର ମେକ୍‌ସିକୋ ବିଶ୍ୱକପ୍ ଫୁଟବଲ୍ ପ୍ରତିଯୋଗିତାରେ କୌଣସି କୌଣସି ଦେଶ, ପ୍ରତିଦ୍ୱନ୍ଦ୍ୱୀ ଦେଶମାନଙ୍କର ଖେଳାଳି-ମାନଙ୍କ ନୈତିକତାକୁ ଭ୍ରଷ୍ଟ କରିବାପାଇଁ ସୁନ୍ଦରୀ ଲୋଭନୀୟା ତରୁଣୀମାନଙ୍କୁ ନିୟୋଗ କରିଥିଲେ । ···ଏ ଝିଅଟା ତେବେ କିଏ ?···ସାଗରର ପାଦ ଟିକିଏ ଧିମେଇ ଆସୁଛି । ଏହା ସ୍ୱାଭାବିକ । ଅନତି ଦୂରରେ ଆଉ ଏକ ପ୍ରତିଯୋଗୀକୁ ଟପିବାକୁ ହେବ । ସେଥିପାଇଁ ସେ ହୁଏତ ଟିକିଏ ଶକ୍ତି ସଂଚୟ କରୁଛି । ଏତିକିବେଳେ ପୁଣି ସେ ଝିଅଟାର ସ୍ୱର ଶୁଣାଗଲା—ନମ୍ବର ତିନିଶ ଏକୋଇଶି, ତୁମେ ଦୌଡ଼—ଦୌଡ଼ ! ମୁଁ ବି ତମ ସଙ୍ଗେ ସଙ୍ଗେ ଦୌଡ଼ୁଛି—ତୁମେ ଦୌଡ଼—ମୂ ରନ୍ ! ଈଷତ୍ ବେକ ଭାଙ୍ଗି ସାଗର ପଛକୁ ଚାହିଁ ଦେଖିଲା—ଆଶ୍ଚର୍ଯ୍ୟ ! ସେମିତି ହସ ହସ ମୁହଁରେ କଥା କହି କହି ଝିଅଟା ରାସ୍ତା ଧାରେ ଧାରେ ଦୌଡ଼ୁଛି । ସେ ଚମକି ଉଠିଲା; କିନ୍ତୁ ବିଚଳିତ ହେଲା ନାହିଁ । ଅନ୍ୟ ପକ୍ଷରେ ସେ ଦୌଡ଼ର ଗତି ଦୁଇ ଗୁଣ ବଢ଼ାଇଦେଲା । ବୁଝି ହେଉନାହିଁ ସେ ଝିଅଟାର ଧ୍ୟାନରୁ ଏଡ଼ାଇ ଦେବାପାଇଁ କି ତା' ପ୍ରତିଦ୍ୱନ୍ଦ୍ୱୀକୁ ପରାଜିତ କରିବାପାଇଁ ଏମିତି ତୀବ୍ର ଗତିରେ ଦୌଡ଼ୁଛି । ···ଏଇ ଯେ ଦୌଡ଼ର ଗତି ସେ ବଢ଼ାଇଲା, ସେଥିରେ ସେ ଜଣେ ନୁହେଁ, ପରେ ପରେ ଦୁଇଜଣ ରନର୍‌ଙ୍କୁ ଟପିଗଲା । ସେ ଲକ୍ଷ୍ୟ କରିଛି, ପୂର୍ବର ସେଇ ଚାରିଶହ ନମ୍ବରକୁ ମଧ୍ୟ ସେ ଅତିକ୍ରମ କରିଛି । ମନରେ ସନ୍ତୋଷ । କିନ୍ତୁ କ୍ଲାନ୍ତି ଭାରରେ ଶରୀର କ୍ରମେ ଅବଶ ହୋଇପଡ଼ୁଛି । ପାଦ ସ୍ଥିର ରହୁନାହିଁ । ଗତ ଚାରିବର୍ଷର ଦୈନନ୍ଦିନ ଅଭ୍ୟାସରେ ସେ ବହୁବାର ଜାତୀୟ କ୍ରୀଡ଼ାର ମାରାଥନ୍ ରେକର୍ଡ଼କୁ ରକ୍ଷା କରିପାରିଛି । ତା'ର ସବୁ ସାଧନା କ'ଣ ବ୍ୟର୍ଥ ହେବ !! ଏକ ନିଃଶ୍ୱାସରେ ଦୁଇଜଣ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାଜିତ କରିବା କ'ଣ ଉଚିତ ହୋଇନାହିଁ ? ଏ ପରିସ୍ଥିତିରେ ଗୁରୁ ଗ୍ରେଟା ସିଂଙ୍କ ଉପଦେଶ ତା'ର ଠିକ୍ ସ୍ମରଣ ହେଉ-

Digitized by srujanika@gmail.com

ନାହିଁ; କିନ୍ତୁ ସେ ଦୌଡ଼ୁଛି । ଦୌଡ଼ୁଛି ସତ; କିନ୍ତୁ ଶରୀରର ଶ୍ରାନ୍ତି ଆଉ କ୍ଳାନ୍ତିରୁ ସେ ମୁକ୍ତି ପାଇପାରୁନି । ଏଇ ତ, ଅନତି ଦୂରରେ ତା'ର ଅଗ୍ରଗାମୀ ଜଣେ ପ୍ରତିଯୋଗୀର ଗତି ଧିମେଇ ଗଲାଣି । ସେ ପାଦ ଘୋଷାରି ଘୋଷାରି ଦଉଡ଼ୁଛି । ନା, ଆଉ ନୁହେଁ । ଏ ଅବସ୍ଥାର ସୁଯୋଗ ସେ ନେବ । ତା' ଶରୀରର ସବୁ ରକ୍ତ ଶିରା-ପ୍ରଶିରାରୁ ବାହାରିଆସି ତା' ଚମଡ଼ାତଳେ ଜମାଟ ବାନ୍ଧି ଫାଟିପଡ଼ୁ ପଛେ, ମାରାଥନ୍‌ର ଜଣେ ପ୍ରତିଷ୍ଠାବନ୍ତ ଖେଳାଳି ପରି ସେ ଦୌଡ଼ିବ ।···ମନର ସମସ୍ତ ବଳ ଓ ଶରୀରର ସମସ୍ତ ଶକ୍ତି ଫେରାଇ ଆଣି ସେ ଠିକ୍ ଦୌଡ଼ିବା ଆରମ୍ଭ କଲାବେଳକୁ ତାକୁ ଶୁଣାଗଲା ସେଇ ସ୍ୱାସ୍ଥ୍ୟବତୀ ସୁଶ୍ରୀ ଝିଅଟା କେଉଁଠି ପଛରୁ କେଜାଣି ଚିତ୍କାର କରି କହୁଛି ରନର୍ ତିନି-ଦୁଇ-ଏକ, ତୁମେ ଦୌଡ଼—ମୁଁ ତମ ସଙ୍ଗେ ସଙ୍ଗେ ଦୌଡ଼ୁଛି—ତମେ ଦୌଡ଼—ୟୁ ରନ୍—ରନ୍ । ସାଗରର ଆଖି ବୁଜି ହୋଇଗଲା । ଝିଅଟିର ସ୍ୱର ପୁଣି ଶୁଣାଯାଉଛି । ଗୋଟାଏ ମୁହୂର୍ତ୍ତର ଚିନ୍ତାରେ ତା'ର ଏଇ ଆତ୍ମବିଶ୍ୱାସ ଦୃଢ଼ ହେଲା ଯେ ଏ ସ୍ୱର ସେଇ ଝିଅଟିର ନୁହେଁ । ଏ ସ୍ୱର ଭାସିଆସୁଛି ଅଢ଼େଇହଜାର ବର୍ଷ ତଳର ଗ୍ରୀକ୍ ଗ୍ରୁମି ସ୍ୱାନ୍ ଫ୍ଲିଡିପିଡେସର କଣ୍ଠରୁ—ତାକୁ ଏ ସ୍ୱର—ଏ ବାଣୀ ଶୁଣାଉଛନ୍ତି ତା'ର ପୂଜ୍ୟ ଗୁରୁ ଗ୍ରେଟା ସିଂ ପାଟିଆଲା ମହାରାଜା ହସ୍‌ପିଟାଲ୍‌ର ଏକ ରୋଗଶଯ୍ୟାରୁ । ସାଗର ଆଖି ଖୋଲିଲା । ଆଖି ଆଉ ଝାପ୍‌ସା ନୁହେଁ । ସବୁ ପରିଷ୍କାର । ସେ ସବୁ ପରିଷ୍କାର ଦେଖିପାରୁଛି । ଷ୍ଟାଡିୟମ୍ ଗେଟ୍ ଆଉ ମାତ୍ର ଅଧମାଇଲ୍···ସାଗର ଦୌଡ଼ିଲା ।

× × ×

ଷ୍ଟାଡିୟମ୍ ଗେଟ୍‌ରେ ମାଇକ୍ରୋଫୋନ୍‌ରେ କେହି ଜଣେ କହିଲା—ମାରାଥନ୍ ଦୌଡ଼ରେ ଷ୍ଟାଡିୟମ୍ ଭିତରକୁ ପ୍ରଥମେ ପ୍ରବେଶ କରିଚନ୍ତି ନମ୍ବର ତିନିଶ ଏକୋଇଶ !···ପ୍ରଥମ ! ସେ ପ୍ରଥମ !! ସାଗର ଶୁଣି ମଧ୍ୟ ଯେମିତି ଶୁଣିପାରିଲା ନାହିଁ—ଶୁଣି ବିଶ୍ୱାସ କରିପାରିଲା ନାହିଁ । କାରଣ ଏ ଅଧମାଇଲ୍ ପଥ ସେ କେମିତି ଦୌଡ଼ିଛି, କାହାକୁ ଅତିକ୍ରମ କରିଛି, ଏକଥା ସେ ଏ ମୁହୂର୍ତ୍ତରେ ସବୁ ଭୁଲିଯାଉଛି । ଷ୍ଟାଡିୟମ୍ ବାହାର ଓ ଭିତରେ ହଜାର ହଜାର ଦର୍ଶକଙ୍କ ତାଳି ଓ ଆନନ୍ଦଧ୍ୱନି ଫାଟିପଡ଼ୁଛି । ଷ୍ଟାଡିୟମ୍ ଭିତରକୁ ପ୍ରବେଶ କରିବାରେ ସେ ପ୍ରଥମ । ଗେଟ୍ ପାଖରୁ ଚାହିଁ ଦେଖିଲା, ଟ୍ରାକ୍‌ରେ କେହି ନାହାନ୍ତି । ଶୂନ୍ୟ ଟ୍ରାକ୍ ତାକୁ କୋଳାଗ୍ରତ କରି ଟାଣିନେବାକୁ ଅପେକ୍ଷା କରି ରହିଛି । ଗେଟ୍‌ରୁ ବିଜୟସ୍ତମ୍ଭ ତିନିଶହ ପଞ୍ଚାଅଶୀ ଗଜ । ଏଇ ଟ୍ରାକ୍‌ରେ କେତେଥର ଦୌଡ଼ି ସେ ଚାରିଶହ ମିଟର୍ ସ୍ୱର୍ଣ୍ଣପଦକ ପାଇଛି । ତା' ମୁହଁ ଆଖି ମନ ପ୍ରାଣ ସବୁ ଉଜ୍ଜ୍ୱଳ ହୋଇଉଠିଲା । ମନେ ମନେ ଭଗବାନଙ୍କୁ ପ୍ରଣତି ଜଣାଇ ସେ ଟ୍ରାକ୍‌ରେ ଦୌଡ଼ୁଛି । ଦର୍ଶକମାନେ ଠିଆହୋଇ ତାକୁ ସମ୍ବର୍ଦ୍ଧନା ଜଣାଉଛନ୍ତି । ଟ୍ରାକ୍‌ରେ ଆଉ କେହି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି । ସେ ସମସ୍ତ ପଛ ଷ୍ଟାଡିୟମ୍ ବାହାର ରାସ୍ତାରେ ଶେଷ ହୋଇଛି । ତଥାପି ଟ୍ରାକ୍‌ରେ ସେ ତା'ର ଦୌଡ଼ର ଗତି ଦ୍ୱିଗୁଣ ବଢ଼ାଇଦେଲା । ଯେପରିକି ଆଉଜଣେ ପ୍ରତିଦ୍ୱନ୍ଦ୍ୱୀ ତା' କାନ୍ଧକୁ କାନ୍ଧ ମିଶାଇ ଦୌଡ଼ୁଛି । ସେ ତା'ର ଦର୍ଶକମାନଙ୍କୁ ନିରାଶ କରିପାରିବ ନାହିଁ । ବିଜୟସ୍ତମ୍ଭ ନିକଟ ହୋଇଆସୁଛି । ଦର୍ଶକମାନଙ୍କ ଆନନ୍ଦ

Digitized by srujanika@gmail.com

ଉଲ୍ଲାସ ବଢ଼ିଚାଲିଚି । ଜଣେ କୁଶଳୀ ଅଭିଜ୍ଞ ରନର୍ ପରି ଗୋଟିଏ ଲ୍ରେପ୍ ବା ଲମ୍ବ ପଦ-କ୍ଷେପରେ ସାଗର ଟେପ୍ ଛୁଇଁଲା ।

ଏଥରର ଜାତୀୟ କ୍ରୀଡ଼ା ମାରାଥନ୍‌ରେ ସାଗର ମିଶ୍ର ପ୍ରଥମ । ସେ ସ୍ୱର୍ଣ୍ଣପଦକ ବିଜୟୀ ।

ବିଜୟ ଚନ୍ଦ୍ର ଛୁଇଁବା ପରେ ସାଗର ହୁଏତ ବସିପଡ଼ିଥାନ୍ତା କିମ୍ବା ଭୂଇଁରେ ଲୋଟିପଡ଼ିଥାନ୍ତା; କିନ୍ତୁ ସେ ତା' କଲାନାହିଁ । ଦର୍ଶକମାନଙ୍କ ସମ୍ବର୍ଦ୍ଧନାର ଉତ୍ତରରେ ସେ ଦୁଇହାତ ଟେକି ଆଗକୁ ଆଗକୁ ଧୀରେ ଧୀରେ ଗତି କମେଇ ସେମିତି ଦୌଡ଼ିବାକୁ ଲାଗିଲା । ପ୍ରାୟ ଶହେ ଗଜ ଦୌଡ଼ିଲା ପରେ ସେ ଦୌଡ଼ ଶେଷ କଲା । ଦୁଇହାତ ଅଣ୍ଟାରେ ଦେଇ ସେ କାନ୍ଧ ଓ ବେକ ହଲେଇଲା । ତା'ପରେ ଚାଲି ଚାଲି ବିଜୟ ଚନ୍ଦ୍ର ପାଖକୁ ଫେରିଲା ।

ମାଇକ୍ରୋଫୋନ୍ ଘୋଷଣା କରିଚାଲିଚି—ସାଗର ମିଶ୍ର ପ୍ରଥମ । ଟି.ଭି. ଆଉ ଫିଲ୍ମ କ୍ୟାମେରା ତ କେଜାଣି କେତେ ଫଟୋ ନେଇଚାଲିଛନ୍ତି । ବେତାର ପ୍ରଚାର କରୁଥିବ, ମାରାଥନ୍‌ରେ ପ୍ରଥମ ଥର ପ୍ରତିଦ୍ୱନ୍ଦ୍ୱିତା କରି ସାଗର ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିବାର ଗୌରବ ଅର୍ଜ୍ଜନ କରିଛନ୍ତି । ସମ୍ବାଦ ସଂସ୍ଥାମାନଙ୍କ କ୍ୟାମେରାର କ୍ଲିକ୍ କ୍ଲିକ୍ ଶବ୍ଦ ଯେମିତି ଶେଷ ହେବାର ନୁହେଁ ।

ଏ ଭିତରେ ଦ୍ୱିତୀୟ ଓ ତୃତୀୟ ସ୍ଥାନର ଅଧିକାରୀ ତଥା ଅନ୍ୟ କେତେକ ପ୍ରତିଯୋଗୀ ଷ୍ଟାଡିୟମ ଭିତରକୁ ଆସିଗଲେଣି । ମଝିରେ ମଝିରେ ତାଳି ଶବ୍ଦ ହେଉଚି । ସାଗର ଦେଖିଲା ଚାରିଶହ ନମ୍ବର ପ୍ରତିଯୋଗୀ ଘାସ ଉପରେ ଏ ପାଖରୁ ସେ ପାଖକୁ ଗଡ଼ୁଚି । ସାଗର ବୁଝିଲା ସେ ରୌପ୍ୟପଦକ ପାଇଚି । ସାଗର ତା' ପାଖକୁ ଗଲା । ଚାରିଶହ ନମ୍ବର ତାକୁ ଦେଖି ହସ ହସ ମୁହଁରେ ଉଠିବସି କହିଲା—ତମର ଦୌଡ଼ର ଷ୍ଟାଇଲ୍ ଦେଖି ଆରମ୍ଭରୁ ମୁଁ ଜାଣିଥିଲି ତମକୁ ଏଠି କେହି ହରେଇ ପାରିବେ ନାହିଁ—ଏପରିକି ମୁଁ ମଧ୍ୟ ନୁହେଁ ।...କଙ୍ଗ୍ରାଚୁ-ଲେସନ୍ସ୍ ! ସେମିତି ହସ ହସ ମୁହଁରେ କରମର୍ଦ୍ଦନ କରୁ କରୁ ସାଗର କହିଲା—ଧନ୍ୟବାଦ !

ମନ୍ଦ୍ର ସ୍ୱରରେ ବାଦ୍ୟ ବାଜିଉଠିଲା । ତିନିଜଣଯାକ ପଦକ ବିଜେତା ବିଜୟ ପୀଢ଼ଉପରେ ଯାଇ ଠିଆହେଲେ । ଦର୍ଶକମାନଙ୍କ ଆନନ୍ଦଉଲ୍ଲାସ ଲାଗିରହିଛି । ସ୍ୱର୍ଣ୍ଣପଦକ ବିଜେତା ସାଗର ଠିଆ ହୋଇଛି ଉପର ସୋପାନରେ । ସେ ଦେଖିଲା ଏକ ବିରାଟ ବେଲୁନ୍ ଉପରକୁ ଉଠିଲା । ଏ ନିଶ୍ଚୟ ଅଣାଅଣୀ ନମ୍ବରର ସୁଇଟ୍-ହାର୍ଟ । ଅଣାଅଣୀ ନମ୍ବର ତ ହେଇ ସେଠି ଠିଆହୋଇ ଗ୍ୟାଲେରୀ ଆଡ଼କୁ ଲକ୍ଷ୍ୟ କରି ହାତ ହଲଉଚି । ଦୁଇଶହ ବୟାନବେ ନମ୍ବରର ସୁଇଟ୍-ହାର୍ଟ ତ ଗୃହ ଉପରେ ଫଟୋ ରଖି ଶୋଇଯାଇଥିବ ।...ଆଉ ସେମିତି ଅନ୍ୟ କାହାରି କେହି ସୁଇଟ୍-ହାର୍ଟ !...

ପୁଣି ଗ୍ୟାଲେରୀରୁ ତାଳି ବାଜିଲା । ତିନୋଟି ସୁନ୍ଦରୀ ତରୁଣୀ ତିନୋଟି ସୁଦୃଶ୍ୟ ଥାଳିରେ ପଦକ ଧରି ବିଜୟସ୍ତମ୍ଭ ଆଡ଼କୁ ଆସିଲେ—ଆଉ ଆସିଲେ ଆମ ଜାତୀୟ କ୍ରୀଡ଼ାର ଏକ

Digitized by srujanika@gmail.com

ଗାମ୍ଭିମାନ୍ ପୁରୁଷ ପୂର୍ବତନ ଡକାଥେଲନ୍ ଗୃମ୍ପିୟାନ୍ ଏନ୍. କେ. ଦାସ ।...ଉଚ୍ଚତମ ସୋପାନରେ ଠିଆହୋଇଛି ସାଗର ମିଶ୍ର । ତା'ର ସ୍ଥାନ ଆଜି ସବୁଠୁ ଉଚ୍ଚରେ । ଜୀବନରେ ଗର୍ବ କେବେ ତାକୁ ସ୍ପର୍ଶ କରିନି । ଆଜି ମଧ୍ୟ ନୁହେଁ । କିନ୍ତୁ ଏଇ ବିଜୟର ଯେଉଁ ଗୌରବ ପାଇଁ ସେ ଆଜି ଏଠି ମଥା ଉନ୍ନତ କରି ଠିଆହୋଇଛୁ, ତା'ର ଏକ ଜୀବନ୍ତ ସ୍ପର୍ଶ ସେ ପ୍ରତି ଲୋମକୂପରେ ଅନୁଭବ କରିପାରୁଛି । ସେ ବିଜୟୀ । ହାସ୍ୟୋଜ୍ଜ୍ୱଳ ପ୍ରଶାନ୍ତ ବଦନରେ ଏନ୍. କେ. ଦାସ ତାକୁ ସ୍ୱର୍ଣ୍ଣପଦକ ପିନ୍ଧାଇଦେଲେ । ଆନନ୍ଦର ପୁଲକିତ—ଆନନ୍ଦର ଉଲ୍ଲସିତ ବଦନରେ ମଥା ନତ କରି ପଦକ ଗ୍ରହଣ କଲା ଏଥର ଜାତୀୟ କ୍ରୀଡ଼ାରେ ମାଗ୍ରଥନ୍ ବିଜୟୀ ସାଗର ମିଶ୍ର ।

ଆଉ, ଷ୍ଟାଡ଼ିୟମ୍ ଭିତରେ ଏଇସବୁ ଆନନ୍ଦମୁଖର ଘଟଣା ଘଟିଯାଉଥିବା ବେଳେ, ଷ୍ଟାଡ଼ିୟମ ବାହାରେ ସେଇ ଫିକା ଶ୍ୟାମବର୍ଣ୍ଣର ସୁଶ୍ରୀ ଝିଅଟି ଦଉଡ଼ି ଦଉଡ଼ି, ହାଲିଆ ହୋଇ, ପାଦ ଘୋଷାରି ଘୋଷାରି ଫାଟକ ପାଖକୁ ଆସିଲା । ଗୋଟାଏ ଉଚ୍ଛ୍ୱାସରେ ସେ ହୁଏତ ଷ୍ଟାଡ଼ିୟମ ଭିତରକୁ ପଶି ଆସିଥା'ନ୍ତା । କିନ୍ତୁ ଫାଟକ ବାହାରେ ତାକୁ ଅଟକାଇ ଦିଆଗଲା । ଫଳରେ ସେ ସେଇଠି ବସିପଡ଼ିଲା । ପାଟିରେ କଥା ନାହିଁ । କେବଳ ଆଖିରେ ଏକ କରୁଣ ଜିଜ୍ଞାସା । କାହାରି କିଛି ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ଖର ଶ୍ୱାସର ବେଗ ସମ୍ଭାଳି ନପାରି ଭୂଇଁରେ ଅଚେତ ହୋଇ ସେ ଲୋଟିପଡ଼ିଲା । ଆଉ, ଯେପାଖରେ ଷ୍ଟାଡ଼ିୟମ ଭିତରେ ମାଗ୍ରଥନ୍ ବିଜୟୀ ସାଗର ମିଶ୍ର ଗଳାରେ ସ୍ୱର୍ଣ୍ଣପଦକ ଲମ୍ବି ଯାଉଥିଲା ବେଳେ ଏବର୍ଷ ତାଙ୍କ କଲେଜରେ ଗ୍ୱରିଣ ମିଟର ଦୌଡ଼ରେ ଚାମ୍ପିୟାନ୍ ଏଇ ସେଲୁଆର ପଞ୍ଜାବୀ ପିନ୍ଧା ସ୍ୱାସ୍ଥ୍ୟବତୀ ସୁଶ୍ରୀ ଝିଅଟିକୁ ଷ୍ଟାଡ଼ିୟମ୍ ଫାଟକ ବାହାରେ ଏମର୍ଜେନ୍ସି ଷ୍ଟାଫ୍‌ର ଲୋକ-ମାନେ ଆମ୍ବୁଲାନ୍ସ ଭିତରେ ଶୁଆଇ ଚିକିତ୍ସା ପାଇଁ ହସ୍ପିଟାଲ୍ ନେଇଯାଉଥିଲେ ।

Digitized by srujanika@gmail.com

ବାସର

ଏକ ଅଭିଜାତ ରାଜପୁତ୍ ବଧୂର ବାସର ଗୃହ । ସୁବିସ୍ତୃତ ପଲଙ୍କ ଉପରେ ବାସକ ସଜ୍ଜା —ବିସ୍ତୃତତର ବାସର କକ୍ଷ । ଅନ୍ୟ କୌଣସି ବର୍ଣ୍ଣନାର ପ୍ରୟୋଜନ ନାହିଁ । ଏହା ସ୍ୱୟଂ-ପ୍ରଭ—ସ୍ୱୟଂ ପ୍ରଧାନ । ପଲଙ୍କ ଉପରେ ବସିଛି ବଧୂରୂପା ରାଣୀ ।···ନା, କୋଉ ରାଜାର ରାଣୀ ନୁହେଁ । ଆଜିର ଏଇ ମଧୁଚନ୍ଦ୍ରର ନାୟିକା ବଧୂଟିର ନାମ ହେଉଛି ରାଣୀ ।

ଅଠର ବର୍ଷ ବୟସ୍କା ରାଣୀ ଶଯ୍ୟା ଉପରେ ବାମ ଆଣ୍ଠୁ ପକେଇ ଡାହାଣ ଆଣ୍ଠୁ ଟେକି ବସିଛି । ଡାହାଣ ଆଣ୍ଠୁ ଉପରେ ଚିବୁକର ଭରା । ଦୃଷ୍ଟି ଠିକ୍ କେଉଁ ଆଡ଼କୁ ପ୍ରସାରିତ କହି ହେଉନାହିଁ । ବାସର ରାତିରେ ନବବଧୂ ସ୍ୱାମୀର ପ୍ରତୀକ୍ଷାରେ ରହିବା ସ୍ୱାଭାବିକ । ସେ ପ୍ରତୀକ୍ଷା କିନ୍ତୁ ଭିନ୍ନ ଭିନ୍ନ ଭାବନାର ଧାରାରେ ରସାଣିତ—କେହି ମଧୁମୟ, କେହି ପ୍ରୀତିପଦ—କେହି ଶଙ୍କାକୁଳ, କେହି ବା ସଂଶୟାକୁଳ । କିନ୍ତୁ ରାଣୀର ମୁଖଶ୍ରୀଟିକୁ ଦେଖି କିଛି କହିହେଉ ନାହିଁ ସେ କି ପ୍ରତୀକ୍ଷାରେ ମଗ୍ନ । ମୁଖମଣ୍ଡଳରେ କୌଣସି ନିର୍ଦ୍ଦିଷ୍ଟ ଭାବର ପରିପ୍ରକାଶ ନାହିଁ । ବିରକ୍ତି ନାହିଁ କି ଆସକ୍ତି ନାହିଁ । ଆକାଂକ୍ଷା ନାହିଁ କି ଉପେକ୍ଷା ନାହିଁ । କିପରି ଏକ ଶାନ୍ତ ଅଥଚ ନିରଳସ ଭାବ । ତା'ର କାରଣ, ରାଜପୁତନାର ଉଦୟପୁର ରାଜ୍ୟ ଚୂଡାବତ୍ ଜାୟ-ଗିର୍‌ର ତରୁଣ ସର୍ଦ୍ଦାରଙ୍କ ନବବିବାହିତା ସହଧର୍ମିଣୀ ରାଣୀ, ଉପସ୍ଥିତ ଚୂଡାବତ୍ ଅନ୍ତଃପୁରର ବାସର ଗୃହରେ ବସି ନିଜ ପିତୃକୁଳର ସ୍ମୃତି-ଚାରଣରେ ନିଜକୁ ମଗ୍ନ କରିଦେଇଛି ।··

ରାଜପୁତନାର ଚରିତ ଇତିହାସରେ ବହୁ ବୈଚିତ୍ର୍ୟମୟ ଘଟଣା ଘଟିଯାଇଛି । ଦେଖାଯାଇଛି, ଦିଲ୍ଲୀର ମୋଗଲ ଶାସକମାନଙ୍କ ସହିତ ସମ୍ପର୍କ କେତେବେଳେ ପରମ ପ୍ରୀତି-ବନ୍ଧନରେ ଅନୁରଞ୍ଜିତ ତ କେତେବେଳେ ଚରମ ଶତ୍ରୁତାର ରକ୍ତରେ ଜର୍ଜ୍ଜରିତ । କିନ୍ତୁ ଏକଥା ନିଶ୍ଚିତ ଯେ ଯେତେବେଳେ ଦିଲ୍ଲୀରେ ମୋଗଲ ମସନଦ୍ ରାଜପୁତ୍‌ମାନଙ୍କ ବିରୁଦ୍ଧରେ ପ୍ରବଳ ବିଷୋଦ୍‌ଗାର କରିଛି, ରାଜସ୍ଥାନର ରାଜପୁତ୍ ବୀରମାନେ ନୀଳକଣ୍ଠ ପରି ସେ ବିଷକୁ ପାନକରି ନିଜର ସମ୍ମାନିତ ଜୀବନଯାତ୍ରାରେ ଅଟଳ ରହିଛନ୍ତି । ଇତିହାସର ଏଇପରି ଏକ ସ୍ମରଣୀୟ ମୁହୂର୍ତ୍ତରେ ଉଦୟପୁର ରାଜ୍ୟର ହାଡା ସର୍ଦ୍ଦାରଙ୍କ ପତ୍ନୀଙ୍କ ଗର୍ଭରୁ ଜନ୍ମ ହୋଇଥିଲା ରାଣୀ, ତାଙ୍କର ପ୍ରଥମ ସନ୍ତାନ । ରାଣୀର ଜନ୍ମୋତ୍ସବ ଯେପରି କଲ୍ଲୋଳମୟ ଆଡ଼ମ୍ବରରେ ପାଳିତ ହେଲା, ସେଥିରୁ ପିତାମାତାଙ୍କଠାରୁ ଆରମ୍ଭକରି ପରିବାର ଆତ୍ମୀୟ-ସ୍ୱଜନ କାହାରି ମନରେ ସର୍ଦ୍ଦାରଙ୍କ ପ୍ରଥମ ସନ୍ତାନ ରାଣୀ ଝିଅଟିଏ ବୋଲି ସାମାନ୍ୟତମ କ୍ଲେଶ ବା ଆଘାତର ସୂଚନା ମିଳିନଥିଲା । ସମସ୍ତେ ଆନନ୍ଦିତ ଯେ ପରିବାରକୁ ରାଣୀ ଆସିଛି —ସମସ୍ତଙ୍କ ଚିତ୍ତରାଜ୍ୟକୁ ବିମୋହିତ କରି ଆସିଛି ଏଇ କନ୍ୟାରତ୍ନଟି ।

Digitized by srujanika@gmail.com

ଚନ୍ଦ୍ରକଳାପରି ରାଣୀ ବଢ଼ି ଚାଲିଲା—ବର୍ଷେ, ଦୁଇବର୍ଷ, ପାଞ୍ଚବର୍ଷ, ସାତବର୍ଷ । ରାଣୀକୁ ସାତବର୍ଷ ପୂର୍ଣ୍ଣ ହେଲାବେଳକୁ ସର୍ଦ୍ଦାରଙ୍କ ହୃଦ୍‌ବୋଧ ହେଲା ଯେ ତାଙ୍କ କୋଳକୁ ଆଉ କେହି ସନ୍ତାନ ଆସିବେ ନାହିଁ । ପୁଣି ପୂର୍ବର ସେଇ ଉଦାରତା । ଚିରକାଳ ଗୋଟିଏ କନ୍ୟା-ସନ୍ତାନର ପିତାମାତା ହୋଇ ରହିବେ, ଏଥିରେ ଦୁଃଖ ଶୋକ ତ ଦୂରର କଥା, ସର୍ଦ୍ଦାର ଦମ୍ପତି ବୁହେଁ ଆଠବର୍ଷର ଗୌରୀ କନ୍ୟାକୁ ଦେଖି ଏକାବେଳେକେ ବିମୁଗ୍ଧ ହୋଇ ରହିଗଲେ । ବରଂ ସର୍ଦ୍ଦାର ଆଉ ଗୋଟିଏ ପାଦ ଆଗେଇଗଲେ । ସେ ଏକପ୍ରକାର ପ୍ରଚାର କରିଦେଲେ ଯେ ରାଣୀ ତାଙ୍କର କନ୍ୟା ନୁହେଁ, ପୁତ୍ର । ସେ ତାଙ୍କର ଜ୍ୟେଷ୍ଠପୁତ୍ର—ଏକମାତ୍ର ପୁତ୍ର ।...ଜାଯ୍‌ଗିରର ସମସ୍ତେ ଜଣେ ପୁତ୍ରହୀନ ପିତାର ଏ କରୁଣ ଦୁର୍ବଳତାକୁ ଉଦାର ଚିତ୍ତରେ ସ୍ୱୀକାର କରିନେଲେ । କେବଳ କଥାରେ ନୁହେଁ, ଶିକ୍ଷା ଦୀକ୍ଷା ଲାଳନପାଳନ ସବୁଥିରେ ସର୍ଦ୍ଦାର ରାଣୀକୁ କନ୍ୟାର ଆସନ ସହ ପୁତ୍ରର ଆସନରେ ନେଇ ବସାଇଲେ । ବିଦ୍ୟାଶିକ୍ଷା ସହ ରାଣୀ ଚନ୍ଦ୍ରାଙ୍କନ, ଅସ୍ତ୍ରଚାଳନା, ଅଶ୍ୱଚାଳନା ସବୁଥିରେ ପ୍ରବୀଣା ହୋଇ-ଉଠିଲା । ଆଠବର୍ଷରୁ ଅଠରବର୍ଷ । ସେଲୱାର ପଞ୍ଜାବୀ ଉପରେ କଟିରେ କମରପଟି, ବକ୍ଷରେ ସାଞ୍ଜୁ ଓ ମଥାରେ ପଗଡ଼ି ସହ ତରୁଣ ରାଜପୁତ୍ର ବୀର ବେଶରେ ରାଣୀ ଅଶ୍ୱପୃଷ୍ଠରେ ଚତୁର୍ଦ୍ଦିଗ ପ୍ରଦକ୍ଷିଣ କରି ଘରଆସକୁ ଫେରିଆସେ । ଘରଆସରେ ଝୀନବସନ ଓ ମଣିମାଣିକ ସୁଶୋଭିତା ପରମା ସୁନ୍ଦରୀ ରାଣୀ ଅନ୍ତଃପୁରର ଶୋଭାବର୍ଦ୍ଧନ କରେ । ଥରେ ରାଣୀର ଜଣେ ଅନ୍ତରଙ୍ଗ ସହଚରୀ କହି-ଥିଲା—ଆକାଶର ଅଙ୍ଗନରେ ସୂର୍ଯ୍ୟ ଦୀପ୍ତିମାନ ପୁରୁଷ ପରି ପ୍ରଖର ତେଜ ବିକୀରଣ କରେ, ଚନ୍ଦ୍ରମା ନବମୀତା ବଧୂ ପରି ତରଳ ଶୁଭ୍ରମଧୁ ଜ୍ୟୋତ୍ସ୍ନା ଲହରାଇଦିଏ । କିନ୍ତୁ ଆମ ରାଜ-ବାଟୀର ଘର ଅଙ୍ଗନରେ ଆମ ଟୋକା ପଢମାରାଣୀ ଏକା ଏକା ଏ ଦୁଇଟି କର୍ମ ସମ୍ପାଦନ କରୁଛି । ଗୋଟିଏ ପ୍ରହରରେ ସେ ସୂର୍ଯ୍ୟଙ୍କ ପରି ଦୀପ୍ତିମାନ ପୁରୁଷ ସାଜେତ, ଅନ୍ୟପ୍ରହରରେ ଚନ୍ଦ୍ରମାପରି ମଧୁଜ୍ୟୋତ୍ସ୍ନାରେ ଭାସିଉଠେ । ରାଣୀ ଆମର ଏକାଧାରରେ ଦୁଇଟି ଉଜ୍ଜ୍ୱଳ ଗ୍ରହ—ଦିବାକର ଆଉ ନିଶାକର ।

ନଜଗଡ଼ଠାରୁ କିଛି ଦୂରରେ ଅବସ୍ଥିତ ବିଜମପୁର ଗ୍ରାମ । ସେଇ ଗ୍ରାମର ଜଣେ ଧନୀ ଶ୍ରେଷ୍ଠୀ ନାଗରିକ ଅନନ୍ତ ସିଂହ ପଞ୍ଚଓ୍ୱାରୀ—ସର୍ଦ୍ଦାରଙ୍କ ପରମବନ୍ଧୁ । ଥରେ ବିଜମପୁର ଅଞ୍ଚଳରେ ଗୋଟାଏ ବିରାଟକାୟ ଦନ୍ତାହସ୍ତୀ ଉପଦ୍ରବ ଆରମ୍ଭ କରିଦେଲା । ଧନଜୀବନ କ୍ଷତି ହେଲା । ଶିକାରୀମାନେ ନିଯୁକ୍ତ ହେଲେ । ହାତୀଟା ଏକାଧିକବାର କ୍ଷତବିକ୍ଷତ ହେଲା । ସେ ଯେଉଁ ଅନୁପାତରେ କ୍ଷତ ହେଲା, ତା'ଠାରୁ ଅଧିକ ବିକ୍ରମରେ ଉନ୍ମତ୍ତ ହୋଇଉଠିଲା । ଘର-ଆଡ଼େ ଆତଙ୍କ ଖେଳିଗଲା । କିନ୍ତୁ କେହି ହାତୀକୁ ଜୀବନରେ ବଧ କରିପାରିଲେ ନାହିଁ । ଶେଷକୁ ସର୍ଦ୍ଦାରଙ୍କୁ ବିନୀତ ନିବେଦନ କରାଗଲା । ସର୍ଦ୍ଦାର ଉଦାର ଚିତ୍ତରେ ଏ ନିବେଦନ ଗ୍ରହଣ କଲେ ।...ନିର୍ଦ୍ଦିଷ୍ଟ ଦିନରେ ଦେଖାଗଲା, ଏକା ସର୍ଦ୍ଦାର ନୁହନ୍ତି, ରାଣୀ ମଧ୍ୟ ଶିକାରକୁ ଆସିଛି । ପଞ୍ଚଓ୍ୱାରୀ ପରିବାରରେ ସମସ୍ତେ ରାଣୀର ପରିଚୟ ଗାଥା ଶୁଣିଛନ୍ତି । ବିଶେଷତଃ ଅନନ୍ତ ସିଂହଙ୍କ ଲଜ୍ଜାଶୀଳା ସୁକୁମାରୀ କନ୍ୟା ଯମୁନା ଯେତେବେଳେ ରାଣୀ ସମ୍ବନ୍ଧ

Digitized by srujanika@gmail.com

ମିଳିତ ହେଲା, ସେ କେବଳ ମୁଗ୍ଧ ବିହ୍ୱଳିତ ଦୃଷ୍ଟିରେ ତରୁଣ-ବେଶୀ ରାଣୀକୁ କିଛିକ୍ଷଣ ଚାହିଁରହିଲା । ମଥାର ପଗଡ଼ି ତଳେ ରାଣୀର ଘନକୃଷ୍ଣ କବରୀ ଅତି ଚତୁରତା ସହ ଆତ୍ମ-ଗୋପନ କରି ରହିଛି । ଅଠରବର୍ଷ ବୟସ୍କା ରାଜପୁତ ବାଳିକାର ପୂର୍ଣ୍ଣଯୌବନଶ୍ରୀକୁ ବକ୍ଷର ସାଞ୍ଜୁ ଆବରଣ ଯୋଗାଇବା ପାଇଁ ସତ୍ତ୍ୱେଯେମିତି ଅକ୍ଷମତା ପ୍ରକାଶ କରିଛି । ବକ୍ଷର ଏ ବିଚିତ୍ର ଶୋଭା ରାଣୀକୁ ନାରୀ ନୁହେଁ, ପୁରୁଷସୁଲଭ ତାରୁଣ୍ୟମୟ ଆକର୍ଷଣରେ ବାନ୍ଧି-ରଖିଛି । ପିତୃବନ୍ଧୁର କନ୍ୟା ବୋଲି ରାଣୀ ଯେତେବେଳେ ଯମୁନାକୁ କୋଳାଗତ କରି ତା' କପୋଳ ଚୁମ୍ବନ କଲା, କିଏ କହିବ, ସେତେବେଳେ ଯମୁନାର ହୃଦରାଜ୍ୟରେ ବୟସର ବେପଥୁ ଜାତ ହୋଇଥିଲା କି ନାହିଁ ।

ସମ୍ବାଦ ଆସିଲା, ମତ୍ତହସ୍ତୀ ଅରଣ୍ୟ ଅଞ୍ଚଳ ଛାଡ଼ି ଜନବସତି ଆଡ଼କୁ ଗତି କରୁଛି । ଅନୁ-ଚରମାନଙ୍କ ସହ ସର୍ଦ୍ଦାର ଓ ରାଣୀ ଘଟଣାସ୍ଥଳରେ ପହଞ୍ଚିଲେ । ଗୋଟିଏ ଛୋଟ ମୁଣ୍ଡିଆ ପାହାଡ଼ ତଳେ ଏମାନେ ଅପେକ୍ଷା କଲେ । ଦୂରରୁ, ଖୁବ୍ ଦୂରରୁ ଦେଖାଗଲା ମଦମତ୍ତ ହସ୍ତୀଟା ଏଇଆଡ଼କୁ ଆସୁଛି ।...ପିତାଙ୍କୁ ଚାହିଁ ଅଳି କରିବା ଢଙ୍ଗରେ ରାଣୀ କହିଲା—ଏ ହାତୀ ଶିକାର ଦାୟିତ୍ୱ ମତେ ଦିଅ ବାବା !...ରାଣୀର ମୁହଁକୁ ଚାହିଁ ସର୍ଦ୍ଦାର ଟିକିଏ ବାତ୍ସଲ୍ୟ-ଭରା ହସ ହସିଲେ, ତା'ପରେ ସସ୍ନେହ କରସ୍ପର୍ଶରେ ରାଣୀର ମଥା ଆଉଁସିଦେଲେ ।... ରାଣୀ ଏତିକି ତ ଚାହୁଁଥିଲା ।

ଆଉ ସମୟ ନାହିଁ । ଏକାନ୍ତ କ୍ଷିପ୍ର ଗତିରେ ବିରାଟ ଜନ୍ତୁଟା ଆଗକୁ ଆଗକୁ ମାଡ଼ିଆସୁଛି । ଉପସ୍ଥିତ ସମସ୍ତେ ନିଶ୍ଚଳ ନିସ୍ତବ୍ଧ । ରାଣୀର ନିର୍ଭୀକ ଦୃଷ୍ଟି ହସ୍ତୀ ଉପରେ ନିବଦ୍ଧ । ମୁଖ-ମଣ୍ଡଳରେ ଅଯଥା ଉତ୍ତେଜନା ନାହିଁ—ଅଛି ସ୍ୱାଭାବିକ ଦୃଢ଼ତା । ଓଠରେ ଦାନ୍ତ ଚାପିହୋଇ ରହିଛି । ହୁଏତ କିଛିଟା ଆଶ୍ୱାସନା ଓ ଉତ୍ସାହ ଦେବାପାଇଁ ସର୍ଦ୍ଦାର ରାଣୀର କାନ୍ଧ ଉପରେ ହାତ ରଖିବାକୁ ଯାଉଥିଲେ, ରାଣୀର ଈଷତ୍ କଟାକ୍ଷରେ ସବୁ ବୁଝିପାରି ସେଥିରୁ ନିବୃତ୍ତ ହୋଇ-ଗଲେ । ଏ ମୁହୂର୍ତ୍ତରେ ଶିକାରୀର ହକ୍ କାହାରି ସ୍ପର୍ଶ ଚାହେଁନା ।

ଯେପରି ପାଦ ଗଣି ଗଣି ହାତୀଟା ପାହୁଲ ପକେଇ ପକେଇ ଆସୁଛି । ରାଣୀର ଦୃଢ଼ ପାପୁଲି ସଜାଗ ହୋଇଉଠିଲାଣି । ଯଥାକାଳରେ ହାତୀ ନିଶାଣ ସୀମା ଭିତରେ ପାଦ ଥୋଇଲା, ଆଉ ପର ମୁହୂର୍ତ୍ତରେ ବିକଟ ଗର୍ଜନ କରି, ଆଉ ଗୋଟିଏ ପାହୁଲ ବି ଆଗକୁ ଆସି ନପାରି, ସେଇଠି ଦୁଇ ପାଦ ଓ ଶୁଣ୍ଢ ଉପରକୁ ଟେକି ଭୂମି ଉପରେ ଲୋଟିପଡ଼ିଲା—ଲୋଟିପଡ଼ିଲା ଏକ ଅଦ୍ଭୁତ ଅପରୂପ ଭଙ୍ଗୀରେ !! କପୋଳର ଠିକ୍ କେନ୍ଦ୍ରବିନ୍ଦୁରେ ଲକ୍ଷ୍ୟ-ଭେଦ ହୋଇ ରକ୍ତର ସ୍ରୋତ ଛୁଟୁଛି—ପଛଗୋଡ଼ ଦୁଇଟିକୁ ଭାଙ୍ଗି ସେ ଭୂମିରେ ବସି-ପଡ଼ିଛି—ଆଗଗୋଡ଼ ଦୁଇଟି ସମାନ୍ତରାଳ ଭାବରେ ଭୂମି ଉପରେ ଆଗକୁ ଲମ୍ବି ଯାଇଛି ଓ ତା'ର ହସ୍ତୀସୁଲଭ ଅମିତ ପରାକ୍ରମ ଗୋଟାଏ ତରୁଣୀ ନିକଟରେ ପରାଜିତ ହୋଇଯାଇଛି ବୋଲି ଦୁଇଗୋଡ଼ ମଝିରେ ତା'ର ନିଶ୍ଚଳ ମଥା ଓ ଶୁଣ୍ଢକୁ ଭୂମିରେ ଲମ୍ବାଇଦେଇ ସତେ ଯେପରି ରାଣୀକୁ ନୀରବ ପ୍ରଣାମ ଜଣାଉଛି ।

Digitized by srujanika@gmail.com

ରାଣୀର ଏଇ ଚମତ୍କାର କୃଢରେ ତା'ର ସର୍ଦ୍ଦାର ପିତା ଏକାବେଳେକେ ଆନନ୍ଦ ବିଭୋର ହୋଇଉଠିଲେ । ତାଙ୍କ ମନ ଭିତରୁ ଏଇ ଆନନ୍ଦଲହରୀ ମଉଳିଯିବା ପୂର୍ବରୁ ରାଜପୁତନାର ଚିରାଚରିତ ଆଡ଼ମ୍ବରପୂର୍ଣ୍ଣ ସମାରୋହରେ ଚୂଦାଓ୍ୱତ୍ ଜାୟଗିରର ତରୁଣ ସର୍ଦ୍ଦାରଙ୍କ ସହିତ ରାଣୀର ବିବାହ ସମ୍ପନ୍ନ ହୋଇଗଲା ।...ବର୍ତ୍ତମାନ ଜ୍ୟେଷ୍ଠପୁତ୍ର ନୁହେଁ—ଏକ ଲାବଣ୍ୟବତୀ କନ୍ୟାକୁ ସେ ହସ ହସ ମୁହଁରେ ଶ୍ୱଶୁରାଳୟକୁ ବିଦାୟଦେଲେ ।

ଆଜି ସେଇ ବାସର ରଜନୀ । ସୁସଜ୍ଜିତ ପଲଙ୍କ । ପଲଙ୍କ ଉପରେ ବାମ ଆଣ୍ଠୁମାଡ଼ି, ଡାହାଣ ଆଣ୍ଠୁ ଉପରେ ଚିବୁକର ଭରାଦେଇ ରାଣୀ ଏପର୍ଯ୍ୟନ୍ତ, ତା' ଜୀବନର ଗତ ପାଞ୍ଚ-ବର୍ଷର ସ୍ମୃତିଚାରଣ କରୁଥିଲା । ଯେଉଁ ବୟସରୁ ବିବାହ ପର୍ଯ୍ୟନ୍ତ ଝିଅମାନେ ସବୁଜ ସ୍ୱପ୍ନ ଦେଖିଥାନ୍ତି, ସେ ସ୍ୱପ୍ନ ଦେଖିବାର ଯୋଗ ତା' କୁମାରୀ ଜୀବନରେ ଆସିନାହିଁ । ମୁହଁ ଟେକି ବାସର କକ୍ଷଟିର ଏଣେତେଣେ ଚାହିଁ ଦେଖିଲା ।...ଆଜି ଏଠି କ'ଣ ଦେଖୁଚି ସେ !! ଯାହା ହୁଏତ ସେ ଦିନେ କଳ୍ପନାରେ ଅନୁଭବ କରିଥାନ୍ତା, ସେ ସମସ୍ତ ଆଜି ଏଠି ଏକ ବାସ୍ତବ ଲୀଳାକ୍ଷେତ୍ରରେ ପରିଣତ ହୋଇଚି । ଶତାବ୍ଦୀ ଶତାବ୍ଦୀ ଧରି ରାଜସ୍ଥାନ ପଟ୍ଟଚିତ୍ର ପୃଥିବୀ-ପ୍ରସିଦ୍ଧ । ରାଣୀ ଦେଖୁଚି, ବିସ୍ତୃତ କକ୍ଷର କେତେଗୋଟି ସୁ-ନିର୍ବାଚିତ ସ୍ଥାନରେ କେତୋଟି ସୁକଳ୍ପିତ ଚିତ୍ର ସ୍ଥାନ ପାଇଚି । କେଉଁଠି ହଂସ ମିଥୁନ ତ କେଉଁଠି ଚଞ୍ଚଳ ଚପଳ ମୃଗ-ଦମ୍ପତି, କେଉଁଠି କ୍ରୀଡ଼ା ଉନ୍ମୁଖ ମୟୂର ମୟୂରୀ ତ କେଉଁଠି ରାଜସ୍ଥାନର ଉଷ୍ମ ଜଳ-ବାୟୁରେ ପୁଷ୍ଟ ତନୁଶ୍ରୀ ଶୋଭିତା ରାଜପୁତ ଲଳନାମାନଙ୍କ ବସନ୍ତ ଉତ୍ସବ । କେଉଁଠି "ଯୋଷାବରରେ, ଯଥାର୍ଥରେ ମୁଁ ତୋହର" ଭଙ୍ଗୀରେ ବୃନ୍ଦାବନ କୁଞ୍ଜ କୁଟୀରରେ ରାଇ-କିଶୋର ତ କେଉଁଠି ଏକ ପୁଷ୍ପବାଟିକାରେ ଶିବଧନୁ ଭଙ୍ଗ ପୂର୍ବରୁ ଜନକ-ନନ୍ଦିନୀ ସୀତାଙ୍କ ସହିତ ନବ ଦୂର୍ବାଦଳ କାନ୍ତି ଶ୍ରୀରାମଙ୍କ ପ୍ରଥମ ଦୃଷ୍ଟି ବିନିମୟ । ରାଣୀ ଚଞ୍ଚଳ ହୋଇ-ଉଠିଲା । ଦୁଇହାତ ଟେକି ଅଳସ ଭାଙ୍ଗିବା ଅବସରରେ ତା'ର ସମସ୍ତ ଅତୀତଟାକୁ ସେ ହଜାଇଦେଲା ।...ଏବେ ବସନ୍ତ ଉତ୍ସବ ଚାଲିଚି । ରାଜସ୍ଥାନରେ ବସନ୍ତ ଉତ୍ସବ ହେଉଚି ରାଧାଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ଭକ୍ତି ଆଉ ପ୍ରୀତିରସରେ ରସାଣିତ ଏକ ଅନୁରାଗପୂର୍ଣ୍ଣ ଉତ୍ସବ । ରାଣୀର ମନେହେଲା ସେ ବସନ୍ତ ଉତ୍ସବରେ ମାତିବ । ମୀରାବାଈଙ୍କ ବସନ୍ତ ଗୀତି ଗାଇବ—"ରଙ୍ଗଭରି ରଙ୍ଗଭରି ରଙ୍ଗସୁ ଭରିରେ—ହୋଲି ଆଇ ପ୍ୟାରୀ ରଙ୍ଗସୁ ଭରିରେ ।"...ପରିଚାରିକା ସମ୍ବାଦ ଦେଲା—ସର୍ଦ୍ଦାରଙ୍କ ସ୍ୱାଗତ କରିବାର ବେଳ ହୋଇଗଲାଣି । କ୍ଷଣକପାଇଁ ଯେମିତି ଏକ ଚଳଚଞ୍ଚଳା ନିର୍ଝରିଣୀ ସ୍ଥିର ଅଚଞ୍ଚଳ ହୋଇଗଲା । ଜୀବନରେ ପ୍ରଥମଥର ପାଇଁ ରାଣୀର ଅନ୍ତର ଭିତରେ 'ପ୍ରେମ' ଶବ୍ଦଟିର ମଧୁର ଗୁଞ୍ଜରଣ ଖେଳିଗଲା । ଆଉ ଏଇ ଟିକକ ଅନୁଭୂତିରୁ ସେ ବୁଝିପାରିଲା ଯେ, ଏପର୍ଯ୍ୟନ୍ତ କେବଳ ଏଇ ପ୍ରେମପାଇଁ ହିଁ ସେ ବଞ୍ଚିରହିଚି । ଆଖିବୁଜି ମା' ଭବାନୀଙ୍କୁ ସ୍ମରଣ କରି ପ୍ରାର୍ଥନା କଲା—ମୁଁ ଏଠିକି ଆସିଲାବେଳେ ତୁମରି ଆଶୀର୍ବାଦ ଲାଭକରି ଆସିଚି । ମୋର ମାଗୁଣି, ମତେ ପ୍ରେମର ଏକ ପରିପୂର୍ଣ୍ଣ ପ୍ରତିମା କରି ଗଢ଼ିଦିଅ ମା'—ଗୋଟିଏ ପ୍ରେମମୟୀ ପ୍ରତିମା କରି ଗଢ଼ିଦିଅ ।...ଆଖି ଖୋଲିଲାବେଳକୁ ଦେଖିଲା

Digitized by srujanika@gmail.com

ସମ୍ମୁଖରେ ଠିଆହୋଇଛନ୍ତି ଚୁଦାଓ୍ୱତ୍ରର ଭବ୍ୟକାନ୍ତ ସର୍ଦ୍ଦାର, ତା'ର ସ୍ୱାମୀ ।...ସ୍ୱାମୀଙ୍କ ମଧୁର ସ୍ୱହାଣୀରେ କି ମୋହିନୀ ଶକ୍ତି ଥିଲା କେଜାଣି, ରାଣୀ ଭୁଲିଲା ମା' ଭବାନୀ ତା'ର ଗୁହାରି ଶୁଣିଛନ୍ତି । ପ୍ରେମପାଇଁ ବଞ୍ଚିବା ତା'ର ସାର୍ଥକ ହୋଇଛି ।

"ବସନ୍ତ ଉତ୍ସବର ବେଳ । ବାହାରେ ଚନ୍ଦ୍ରାଲୋକ । ଆମ ଉଆସ ଭିତର ପୁଷ୍ପ ଉଦ୍ୟାନରେ ଆସ ଟିକିଏ ବୁଲିଆସିବା ।" ...ଏତିକି କହି ଯୁବ-ସର୍ଦ୍ଦାର ହାତଟି ବଢ଼ାଇଦେଲେ । ରାଣୀ ଜାଣିପାରିଲା ନାହିଁ, ସେ ନିଜେ ହାତ ବଢ଼ାଇଲା ନା ତା' ହାତଟି ଆପେ ଆପେ ସ୍ୱାମୀଙ୍କ ହାତରେ ଛନ୍ଦିହୋଇଗଲା ! ପରମ ପ୍ରୀତିଭରେ ସର୍ଦ୍ଦାର ରାଣୀର ଆଙ୍ଗୁଳିରେ ମରକତର ମୁଦ୍ରି କାଟିଏ ପିନ୍ଧାଇଦେଲେ । ପ୍ରଥମ ସ୍ପର୍ଶ !...

ଶୟନକକ୍ଷ ବାହାରେ ସଂକେତ ଧ୍ୱନି । ସର୍ଦ୍ଦାର ଦ୍ୱାର ପର୍ଯ୍ୟନ୍ତ ଆଗେଇଗଲେ । ବାର୍ତ୍ତା ଆସିଛି, ମୋଗଲମାନଙ୍କଦ୍ୱାରା ଉଦୟପୁର ଆକ୍ରମଣର ଆହ୍ୱାନକୁ ଉଦୟପୁରର ରାଣା ଗ୍ରହଣ କରିଛନ୍ତି । ଯୁଦ୍ଧପାଇଁ ଉଦୟପୁର ପ୍ରସ୍ତୁତ । ରାଜ୍ୟର ସବୁ ସର୍ଦ୍ଦାର ଉଦୟ-ପୁରରେ ଆସି ସୈନ୍ୟବାହିନୀ ସହ ଠୁଳ ହେବାପାଇଁ ରାଣା ନିର୍ଦ୍ଦେଶ ଦେଇଛନ୍ତି । ଉଦୟପୁର ରାଜ୍ୟର ଜଣେ ସର୍ଦ୍ଦାର ଏଭଳି ବାର୍ତ୍ତା ପାଇବାମାତ୍ରେ ମୋଗଲମାନଙ୍କୁ ପ୍ରତିହତ କରିବା-ପାଇଁ ସେନାବାହିନୀ ସହ ତୁରନ୍ତ ଉଦୟପୁର ଯାତ୍ରାକରିବା କଥା; କିନ୍ତୁ ଆଜି ଏ ତିଥିରେ ଏ ବାର୍ତ୍ତାର ଉତ୍ତର ଦେବାପାଇଁ ଚୁଦାଓ୍ୱତ୍ର ସର୍ଦ୍ଦାରଙ୍କର ହୁଏତ ବାକ୍ସ୍ଫୁରଣ ହେଲାନାହିଁ । ଉତ୍ତର ଆସିଲା ବାସରକକ୍ଷ ଭିତରୁ—ସ୍ପଷ୍ଟ, ନିର୍ଭୀକ ଓ ଦୃଢ଼ କଣ୍ଠରେ ରାଣୀ କହିଉଠିଲା— ମହାମାନ୍ୟ ରାଣାଙ୍କୁ ଜଣାଇଦିଅ, ଯୁଦ୍ଧରେ ଉଦୟପୁରକୁ ସାହାଯ୍ୟ କରିବାପାଇଁ ଆଜି ଏଇ ମୁହୂର୍ତ୍ତରେ ଚୁଦାଓ୍ୱତ ସର୍ଦ୍ଦାର ଆଉ ତାଙ୍କ ସୈନ୍ୟବାହିନୀ ଉଦୟପୁର ରାଜଧାନୀକୁ ଯାତ୍ରା କରୁଛନ୍ତି ।...ବାହାରେ ଘୋଡ଼ାଟାପୁ ଶୁଣାଗଲା ! ହୃଷ୍ଟମନରେ ବାର୍ତ୍ତାବହ ଫେରିଯାଉଛି । କକ୍ଷ ଭିତରେ ଅଶାନ୍ତିର ଝଡ଼ । କିଛିକ୍ଷଣ ପୂର୍ବର ସର୍ଦ୍ଦାରଙ୍କ ସେଇ ମଧୁର ସ୍ୱହାଣୀରୁ ଅଗ୍ନି ବର୍ଷଣ ହେଉଛି । ରାଣୀର କାନ୍ଧକୁ ରୁକ୍ଷ ଭାବରେ ସ୍ପର୍ଶିଧରି ସର୍ଦ୍ଦାର କହୁଛନ୍ତି—ଏ ତୁମେ କ'ଣ କଲ ରାଣୀ ? ମୁଁ ତେବେ ତୁମର କେହି ନୁହେଁ ? ଆଜି ଏ ଲଗ୍ନରେ ମୋର ପ୍ରୟୋଜନ ଏଠି ନାହିଁ !!...ଗୋଟାଏ ପଲକରେ ନିଜକୁ ସର୍ଦ୍ଦାରଙ୍କଠୁଁ ମୁକ୍ତ କରି ଆଣି, ତା'ର ସେଇ ହାତକୁ ନିଜ ହାତମୁଠାରେ ଧରି ଏଇ କିଛିକ୍ଷଣ ପୂର୍ବରୁ ସିଏ ତା' ମନଭିତରେ ପ୍ରେମର ଇନ୍ଦ୍ରଜାଲ ସୃଷ୍ଟି କରିଥିଲେ, ସେଇ ହାତର ଚୁଡ଼ି କଙ୍କଣକୁ ଝଣଝଣ କରି ହଲାଇ ତୀବ୍ର କଣ୍ଠରେ ରାଣୀ କହିଲା—ନିଅ, ମୋର ଚୁଡ଼ି ପିନ୍ଧ, ମୋର ଓଢ଼ଣୀ ନିଅ, ତୁମର ତରବାରୀ ମୋତେ ଦେଇଦିଅ । ଏ ଚୁଡ଼ି ପିନ୍ଧ, ଓଢ଼ଣା ଟାଣି ଘରର ଚାରିକାନ୍ଥ ଭିତରେ ନିରାପଦରେ ବସି ରୁହ । ରାଜପୁତ୍ର ବୋଲି ଗର୍ବ କରିବା ତ ଦୂରର କଥା, ନିଜେ ଜଣେ ରାଜପୁତ୍ରର ସନ୍ତାନ ବୋଲି ଏ ପରିଚୟ ଭୁଲିରେ କୋଉଠି ଦିଅନାହିଁ ।...ରାଗ ଓ ଅପମାନରେ ଜଳିଯାଉଥିଲେ ଯୁବ ସର୍ଦ୍ଦାର ନୀରବରେ କକ୍ଷ ତ୍ୟାଗକରି ଚାଲିଗଲେ ।

ସମସ୍ତ ଅନ୍ତଃପୁର ନିସ୍ତବ୍ଧ— ନିଥର ।...ଏସବୁ ସତ୍ତ୍ୱେ ରାଣୀ ମନରେ ଭରସା, ସର୍ଦ୍ଦାର

Digitized by srujanika@gmail.com

ନିଷ୍ଟୟ ଉଦୟପୁର ଯାତ୍ରାକରିବେ । କିନ୍ତୁ କାହିଁ ? ସମସ୍ତ ବନ୍ଧୁମାଉଡ—ସହସ୍ରାଧିକ ଅଶ୍ୱାରୋହୀ ଏବଂ ରାଜପୁତ୍ରଙ୍କ ସମସ୍ତ ସୈନ୍ୟ ଉଦୟପୁର ଯାତ୍ରାକରିଛନ୍ତି—ଗୁଳନା ଆଉ ଉଦୟପୁରର ଜୟଗାନରେ ତ କାହିଁ ଚୂଡାଓ୍ୱତ ରାଜଧାନୀ ଉଚ୍ଛୁଳି ପଡୁନାହିଁ !! ଆହୁରି ଏକପ୍ରହର ବିତିଗଲା । ଆସିଲା ଜଣେ ପରିଗ୍ଧାରିକା ।···ହତାଶସ୍ୱାମୀ ପୁଚ୍ଛିଛନ୍ତି, ତାଙ୍କ ପ୍ରତି ରାଣୀର ଅନୁରାଗ—ଅନୁରକ୍ତିର କିଛି ସଂକେତ ତାଙ୍କ ନିକଟକୁ ପଠାଇବାପାଇଁ; ତା'-ହେଲେ ସେ ପୁଣି ବାସର କକ୍ଷକୁ ବିଜେ କରିବେ ।···ରାଣୀ କିଛିକ୍ଷଣ ସ୍ଥିର ଦୃଷ୍ଟିରେ ପରି-ଗ୍ଧାରିକାକୁ ଗ୍ଧହିଁ ଗୋଟିଏ ସୁବର୍ଣ୍ଣଥାଳି ଆଣିବାକୁ ନିର୍ଦ୍ଦେଶ ଦେଲା । ହର୍ଷୋତ୍ଫୁଲ୍ଲା ବାଳିକାଟି ଗ୍ଧଲିଯିବା ପରେ ରାଣୀ ବାସର କକ୍ଷ ସଂଲଗ୍ନ ଆଉ ଗୋଟିଏ କକ୍ଷକୁ ଯାଇ କିଛି ସମୟପରେ ଫେରିଆସିଲା । ହାତରେ ତା'ର ଗୋଟିଏ ଚନ୍ଦ୍ରପଟ୍ଟ । ଚନ୍ଦ୍ରଟିକୁ ଥାଳିରେ ରଖି ଢାଙ୍କିଦେଲା ଆଉ ବାଳିକା ଦାସୀଟିକୁ ନିର୍ଦ୍ଦେଶ ଦେଲା—'ନେ' । କହିଦେବୁ ଇଏ ମୋର ଶେଷ ସଂକେତ —ଅନ୍ତିମ ଭେଟି ।

ଦାସୀ ହାତରେ ସୁବର୍ଣ୍ଣଥାଳି ଓ ଥାଳିରେ ରାଣୀର ଏକ ମନଲୋଭା ଚନ୍ଦ୍ର ଦେଖି ସର୍ଦ୍ଦାରଙ୍କ ମନରୁ ସବୁ ଗ୍ଳାନି, ସବୁ ସଂଶୟ ଦୂର ହୋଇଚାଲି । ପ୍ରେମୋଚ୍ଛ୍ୱାସରେ ଚୁମ୍ବନ ଦେବାପାଇଁ ଚନ୍ଦ୍ରଟିକୁ ହାତରେ ଉଠାଇନେଇ ଦେଖିଲେ, ଚନ୍ଦ୍ରର ଗ୍ରୀବାଦେଶରେ ଗୋଟିଏ ଉଜ୍ଜ୍ୱଳ ଲାଲରେଖା ଟଣାହୋଇଛି !! ପରିଗ୍ଧାରିକାକୁ ପୁଚ୍ଛିଲେ । ସେ କହୁଚି—ରାଣୀମା' କହିଚନ୍ତି, ଇଏ ତାଙ୍କର ଅନ୍ତିମ ଭେଟି । ଆଉ ମୁହୂର୍ତ୍ତେ ବିଳମ୍ବ ନକରି ଅନ୍ତଃପୁରକୁ ଯାଇ ଦେଖନ୍ତି ତ ବାସରକକ୍ଷରୁ ରକ୍ତର ସ୍ରୋତ ଛୁଟିଆସୁଚି । କକ୍ଷ ଭିତରେ ପଡ଼ିଛି ରାଣୀର ସଦ୍ୟ ମୃତଦେହ । ପାଖରେ ତରବାରୀ । ତରବାରୀ ଚଳାଇ ସେ ନିଜ ହାତରେ ନିଜ ଜୀବନ-ଦୀପଟିକୁ ନିଭାଇ ଦେଇଚି । ଆଜି ପଲଙ୍କର ଯେଉଁ ସ୍ଥାନରେ ସେ ବସିଥିଲା, ଠିକ୍ ସେଇ ସ୍ଥାନରେ ଥୁଆହୋଇଚି ଖଣ୍ଡିଏ ଲେଖା—"ପ୍ରେମପାଇଁ ବଞ୍ଚିଥିଲି, ମାନରକ୍ଷାପାଇଁ ଜୀବନ ଦେଲି" । ପାଖରେ ଥୁଆ ହୋଇଚି ମସ୍ତକତର ମୁଦ୍ରାକାଟି ।

Digitized by srujanika@gmail.com

ନାସ୍ତି ଯବନିକା ପତନ

ତେଇଶି ବର୍ଷର ତରୁଣୀ । ସୁନ୍ଦରୀ ? ନା, ଜୋରଦେଇ କହିହେବ ନାହିଁ ।···ଅସୁନ୍ଦରୀ ? ନା-ନା, ଆଦୌ ଅସୁନ୍ଦରୀ ନୁହେଁ । ତା'ହେଲେ ? ଆକର୍ଷଣଟା କେଉଁଠି ? ବୋଧହୁଏ ତା'ର ତନିମା ! କୃଶତନୁ, ମୃଣାଳ ବାହୁ, ମସୃଣ ଚମ୍ପକ ଅଙ୍ଗୁଳି । ବେଶୀ କଥା କୁହେନି—ନିଜେ ଯାଚିହୋଇ ଗୁଡ଼ାଏ କଥା କହିବାର ଝିଅ ସେ ନୁହେଁ । ଯାହା କଲେ ସ୍ପଷ୍ଟ ନିର୍ଭୁଲସୂଚକ ସୁଲଳିତ ମଧୁର କଣ୍ଠର ଉଚ୍ଚାରଣ ।

ଦେଖିଲେ ଏମିତି କେହି ବିହ୍ୱଳ ହୋଇପଡ଼ିବାର ଚେହେରା ତା'ର ଥାଇନପାରେ; କିନ୍ତୁ ସେ ଚେହେରାରେ କେମିତି ଏକ ମିଷ୍ଟ କୋମଳ ମ୍ଳିଜିଙ୍ଗ୍ ଆଉ ମନୋହର ରୂପର ଆଭାସ ସଙ୍ଗେ ସଙ୍ଗେ ଏକ ଇମ୍ପୋଜିଙ୍ଗ୍, ଏକ ପ୍ରଭାବଶାଳୀ ସ୍ଥିତି ରହିଛି, ଯାହାକୁ ସହଜରେ ଏଡ଼ାଇ ଦେଇ ହୁଏନା । ଆଉ ଶିକ୍ଷାଦୀକ୍ଷା ? ଶିକ୍ଷା ତ ଯାହା ରହିବାର କଥା ରହିଛି । ଆଜି-କାଲି କେଉଁ ସହରବାସିନୀ ଝିଅ ବା ବିଦ୍ୟାପୀଠମାନଙ୍କରେ ପାଦ ରଖୁନି ! କିନ୍ତୁ ଦୀକ୍ଷା ପାଳନ ଓ ସାଧନାରେ ସେ ଆଶ୍ରମବାସିନୀ ମୁନିକନ୍ୟାମାନଙ୍କ ସମକକ୍ଷା । ତା'ର ସନ୍ତୋଷ ତା' ସାଧନାର ସିଦ୍ଧି ସେ ଲାଭ କରିପାରିଚି । ଏମିତି ଜିଦ୍‌ଖୋର ଝିଅ ସେ ନୁହେଁ; କିନ୍ତୁ ସେ ଯଦି ତା'ର ସେହି ନିରାଡ଼ମ୍ବର ଅଥଚ ସ୍ୱଚ୍ଛ ସୁନ୍ଦର କୋମଳ ଶଯ୍ୟାଟି ଉପରେ ଶୋଇ ଟିକେ ଆରାମ କରୁଥିବ; ଆଉ ତା' ବୋଉ ଆସି କହିବେ, "ସେ ବାରନ୍ଦାରେ ବାଦାମ୍ କିସ୍‌ମିସ୍ ଥାଳିଟା ଖରାରେ ଦେଇଚି ଟିକିଏ ଜଗା ରଖିଥା, ମୁଁ ସେ ପାଖରେ ଅଛି", ଟିକିଏ ହସିଦେଇ ସେ କହିବ—"ନାହିଁ ବୋଉ, ମୁଁ ଏଇ ପାଖକୁ ମୁହଁ ବୁଲେଇ ଶୋଇଲି, ଥାଳିଟା ତୁ ଆର ପାଖ ବାରନ୍ଦାକୁ ନେଇଯା ।" ବୋଉ ସେମିତି ହସି ହସି କହିବେ, "ଆଉ ଯଦି କେହି ଗ୍ରୁପ୍ ଥିଏଟରବାଲା କଣ୍ଟ୍ରାକ୍ଟ ନେଇ ଆସିବେ", ଉତ୍ତରରେ ସେ କେବଳ ଟିକିଏ ହାତ ହଲେଇଦେବ, ବୋଉ ସେମିତି ହସି ହସି ଥାଳିଟା ନେଇ ଚାଲିଯିବେ । ହଁ, ଅତି ସାଧାରଣ ପରିବେଶରେ ଅତି ଅସାଧାରଣ ଭାବେ ପ୍ରଭାବଶାଳୀ ଝିଅ ଏଇ ସରଳା ! ତା'ର କର୍ମଭୂମି ହେଲା ଥିଏଟର ରଙ୍ଗମଞ୍ଚ, ଧର୍ମ ହେଲା ରଙ୍ଗମଞ୍ଚର ନାଟକ ଅଭିନୟ ଓ ନୃତ୍ୟ ପରିବେଷଣ ।

ସେଦିନ ଟି' ଟେବୁଲ୍‌ରେ ସରଳା ଓ ବୋଉ ଦୁହେଁ ବସିଛନ୍ତି । ଟି' ଟେବୁଲ୍‌ଟା ଯାହା କିଛି ପରିଚର୍ଚ୍ଚା ସରଳାହିଁ କରୁଥାଏ । ବୋଉ କହିଲେ, "ତୁ ତ କିଛି କହୁନୁ । ମୁଁ ଆଉ କେତେ ପରୁଶି ହେଉଥିବ !" ହାତରେ କେଟ୍‌ଲି ଉଠାଇ ସରଳା କହିଲା, "ମୋ କପ୍‌ରେ ଆଉ ଟିକିଏ ଟି' ଦିଅ ।" ଏଥର ବୋଉ ଦୀର୍ଘନିଶ୍ୱାସ ନେଇ କହିଲେ, "ତୁ ମ[illegible] ଏ[illegible]ଆ କହି ଏମିତି ଠକୁଥିବୁ ? ଆସି ତେଇଶିବର୍ଷ ହେଲା ।" ଏଥର ସରଳା କଟାକ୍ଷରେ ବୋଉକୁ

Digitized by srujanika@gmail.com

ଚାହିଁଲା । ସାମାନ୍ୟ ହସ ସତ୍ତ୍ୱେ ତା'ର ମଧ୍ୟ ଗୋଟିଏ ଛୋଟ ଦୀର୍ଘଶ୍ୱାସ ବାହାରିଆସିଲା । ଟେବୁଲ୍ ଉପରେ ପ୍ଲେଟ୍ ଇତ୍ୟାଦି ସଜଡ଼ାସଜଡ଼ି କରିଦେଲା । ଚାକର ପିଲାଟି ଆସି ଜିନିଷ ନେଇଗଲା । ତା'ପରେ ବୋଉପାଇଁ ତା' ମନରେ ଯେତେ ଯାହା ପ୍ରୀତି, ଭକ୍ତି, ସ୍ନେହ ଶ୍ରଦ୍ଧା ରହିଛି, ସେ ସବୁକୁ ତା' ଆଖି ମୁହଁରେ ଆଣି ଠୁଳକରି କହିଲା, "ଶୁଣ୍ ବୋଉ, ତୋ ତେଇଶିବର୍ଷ କଥା ମୁଁ କହୁଛି ।" ବୋଉ ଏଥର ବାତ୍ସଲ୍ୟ ରସରେ ଏକାବେଳେକେ ଫାଟିପଡ଼ି କହିଲେ, "ମୋର ଏଇ ପେଟରୁ ତୁ ଜନ୍ମ । ଏ ତେଇଶିବର୍ଷ ତୋତେ ବଢ଼େଇ କୁଢ଼େଇ ଆଣିଲି, ତୁ ମତେ କ'ଣ ତେଇଶିବର୍ଷ କଥା ବୁଝେଇବୁ ?" ସରଳା ଟିକିଏ ରହିଗଲା । ତା'ପରେ ତା' କଥାରେ କିଛିଟା ଋଜୁତାର ସ୍ପର୍ଶ ଆଣି କହିଲା—"ମୋ କଥା ତୁ ଶୁଣ୍ ବୋଉ । କୋଡ଼ିଏ-ବର୍ଷଯାଏ ପାଠ ପଢ଼ିଲି । ସେଇ ସଙ୍ଗେ ସଙ୍ଗେ ନାଟ ଓ ଅଭିନୟ ଯାହା ଶିଖିବାର ଶିଖିଲି । ତା' ପରେ ଏ ତିନିବର୍ଷ ହେଲା ଅଭିନୟ କରିଆସୁଚି, ନାଚ ପ୍ରୋଗ୍ରାମ କରୁଚି । ବାହାଘର-ପାଇଁ ସମୟ କାହିଁ ? ପୁଣି, ତୁ ତ ଜାଣୁ ବୋଉ, ମୁଁ ଏମିତି କିଛି ସୁନ୍ଦରୀ ଝିଅ ନୁହେଁ ।" "ତୁନିହୁ, ମୋ ରାଗ ଜଳଉଛୁ । ତୋ ଅସୁନ୍ଦରପଣିଆ ଭିତରେ ମୋର ଯୋଉଁ ସୁନ୍ଦର ଝିଅଟା ଅଛି, ସେକଥା ମୁଁ ଜାଣେ । ମୋ' ଆଖି ଆଗରେ ସିଏ ଅନବରତ ଝଟକୁଚି ।" ବୋଉଙ୍କ ଦୁଇ ଆଖି କୋଣରେ ଦୁଇଟୋପା ଲୁହ ଜକେଇଆସୁଛି । ସରଳା ଚଟ୍‌କିନା ବୋଉ ପାଖକୁ ଉଠିଆସି ବୋଉଙ୍କ କାନ୍ଧରେ ହାତ ପକେଇ କହିଲା, 'ବୋଉ' ! ବୋଉ ଆଖି ପୋଛି-ପକେଇ କହିଲେ—"କ'ଣ କହିଲୁ ତୋ ମାଇଁ !! କହିଲୁ, ଅପା, ସରକୁ ଯିଏ ଦେଖିବ—ସିଏ ଶ୍ରଦ୍ଧାରେ ସ୍ନେହରେ ତାକୁ ବୋହୂ କରି ନେବ ।" ପୁଣି ବୋଉଙ୍କ କଣ୍ଠ ଭାରି ଭାରି ହୋଇ-ଆସୁଚି; କିନ୍ତୁ ସେ କହିଚାଲିଛନ୍ତି, "ତୁ ଡ୍ରାମା କରୁଚୁ, ନାଚ ପ୍ରୋଗ୍ରାମ କରୁଚୁ, ଏଠିକି ସେଠିକି ଯାଉଚୁ ଦିଲ୍ଲୀ କଲିକତା । ଦିନ ଯେତିକି ଗଡ଼ିଚାଲିଚି, ମତେ ସେତିକି ମାଡ଼ି ମାଡ଼ି ପଡ଼ୁଛି—ବେଳେ ବେଳେ ଡର ଲାଗୁଚି ବି ।" ଯେତେ ଚେଷ୍ଟାକରି ବି ବୋଉ ଲୁହ ସମ୍ଭାଳି ପାରିଲେ ନାହିଁ । ସରଳା ବୋଉଙ୍କ ମୁହଁକୁ ନିଜ ଆଡ଼କୁ ବୁଲାଇଆଣି ଦୁଇ ପାପୁଲିରେ ଧରି ଲୁହ ପୋଛି କହିଲା, "ନାଇଁ ବୋଉ, ନା, ମୁଁ ତୋ'ର ଏ ଅବସ୍ଥା କେବେ ଦେଖିପାରିବି ନାହିଁ । ମୁଁ ତତେ ସବୁବେଳେ ପଚାରି ଆସିଚି, ଆଜି ପୁଣି ପଚାରୁଚି, ତୁ ମତେ କହ, ମୋ ଉପରେ ତୋ'ର ବିଶ୍ୱାସ ଅଛି ତ ?" "ହଁ, ମୁଁ ତତେ ସବୁବେଳେ କହିଆସିଚି, ଆଜି ବି କହୁଚି, ମୋର ତୋ ଉପରେ ପୂରା ବିଶ୍ୱାସ ଅଛି ।" ସରଳା ବୋଉଙ୍କ ମୁହଁକୁ ଚାହିଁଲା । ସେ ଦେଖୁଚି, କିଛି ଆଶା ବା ପ୍ରତ୍ୟାଶାରେ ତାଙ୍କ ଆଖି ଦୁଇଟି ଉଜ୍ଜ୍ୱଳ ହୋଇଉଠୁଚି । ବୋଉଙ୍କ କାନ୍ଧରେ ମଥା ରଖି ସରଳା କହିଲା, "ମୁଁ ଏଠି ପ୍ରୋଗ୍ରାମ କରୁଚି—ବେଳେ ବେଳେ ବାହାରକୁ ଯାଉଚି—ତୁ ଏତିକି ଜାଣିରଖ, ତୋତେ ନ ଜଣାଇ ମୁଁ କୋଉଠି କିଛି କରିବି ନାହିଁ । ମୋ' ଜୀବନର ଏମିତି କିଛି ଘଟଣା ନାହିଁ, ଯାହା ତୁ ନ ଜାଣି ଘଟିବ ।" ବୋଉଙ୍କର ମନେହେଲା ଯେମିତି ଝଲକାଏ ଶୀତଳ ମଧୁର ପବନ ବହିହୋଇଯାଇ ତାଙ୍କ ମନ-ପ୍ରାଣକୁ ଉଲ୍ଲସିତ କରିଦେଲା । ସରଳା ଉପରେ ତାଙ୍କର ଅତୁଟ ବିଶ୍ୱାସ ରହିଚି ଠିକ୍;

Digitized by srujanika@gmail.com

କିନ୍ତୁ ବେଳେ ବେଳେ ତାକୁ ନେଇ ତାଙ୍କ ମନରେ ଯେଉଁସବୁ ଅହେତୁକ ଆଶଙ୍କା ଜନ୍ମୁଥିଲା, ସେ ସବୁ ଏକାବେଳକେ ପୋଛି ହୋଇଗଲା । ଝିଅକୁ ସ୍ନେହପୂର୍ଣ୍ଣ ଆଲିଙ୍ଗନରେ ଆଣି ସେ ହୁଏତ କିଛି କହିବାକୁ ଯାଉଥିଲେ; କିନ୍ତୁ ସରଳା କୁହାଇଦେଲା ନାହିଁ । ସେ ବୋଉଙ୍କ ହାତ ଆଙ୍ଗୁଳିରେ ଗୋଟାଏ ଟିପକୁ ନିଜ ହାତମୁଠାରେ ଆଣି, ତା' ନିଜ ଗାଲରେ ଛୁଆଁଇ ନେଇ କହିଲା, "ଆଜି ଏକଥା ବି ଏଠି କହିରଖୁଛି ଯେ ଏ ପର୍ଯ୍ୟନ୍ତ ତୋ'ର ଏ ତେଇଶି-ବର୍ଷ ଝିଅ ଦେହରେ କେହି ଟିପ ଛୁଆଁଇ ନାହିଁ ।" ଝିଅର ଏକଥାରେ ବୋଉଙ୍କ ଦେହରେ ପୁଲକ ଜାଗିଉଠିଲା । ଓଠରେ ମଧୁର ହସ, ଆଖିରେ କମ୍ପିତ ଆନନ୍ଦାଶ୍ରୁ । ତାକୁ ଆଲିଙ୍ଗନରେ ଆଣି ତା'ର ସେଇ ମୃଣାଳ ବାହୁକୁ ଆଉଁସି ଆଉଁସି ମନେ ମନେ କହିଉଠିଲେ- "ସତେ, କି ସୁନ୍ଦର ବାହୁ ଦିଓଟି ।" ତା'ପରେ ତାଙ୍କ ପାଟିରୁ ଯେମିତି ଆପେ ଆପେ ବାହାରି-ଆସିଲା—"ସଞ୍ଜୟ ତ କାହିଁ କେତେଦିନ ହେଲା ଆସିନାହିଁ ?" ଏ ପ୍ରଶ୍ନଟି ବୋଉ ସରଳା ଉଦ୍ଦେଶ୍ୟରେ ପଚାରିଥିଲେହେଁ, ସରଳା କିଛି ନକହି, ବୋଉଙ୍କ ଆଲିଙ୍ଗନରୁ ନିଜକୁ ମୁକ୍ତ କରି ଆଣି ସିଧା ହୋଇ ବସିଲା । ତାଠୁଁ କିଛି ଉତ୍ତରର ଆଶା ନରଖି ବୋଉ କହିଚାଲିଛନ୍ତି, "ସଞ୍ଜୟ ତ ଆମ ଘରକୁ ଦୁଇ-ଚାରିଥର ଆସିଲାଣି । ତୁ ତ ଜାଣିଛୁ, ସିଏ ତୋ' ମାଉଁର ନିଜ ଦାଦାପୁଅ ଭାଇ । ସେଇ ସମ୍ପର୍କ ରଖି ସିଏ ଏଠିକି ଆସେ । ସିଏ ଏଠିକି ଆସିବା କଥା···" ବୋଉ ଏତିକି କହି ଅଟକିଗଲେ । ଝିଅ ଆଡ଼କୁ ଚାହିଁଲେ, ସେ ନିର୍ବିକାର ଭାବରେ ବସିଛି । ବୋଉ ପୁଣି କଥା ଆରମ୍ଭ କଲେ, "ତୋ ମାଉଁ କହୁଥିଲା, ସଞ୍ଜୟ ପାଇଁ କନ୍ୟାଘର ଖୋଜା-ଚାଲିଛି । ସଞ୍ଜୟର ମନ ଏଇଠି । ତାଙ୍କ ଘରକୁ ତୋତେ ବୋହୂ କରି ନେବାପାଇଁ କାହାରି ଆପତ୍ତି ନାହିଁ । ସବୁଠୁ ବେଶୀ ମନ ତୋ' ମାଉଁର । ସବୁଆଡ଼ୁ ବିଚାର କରି ଦେଖିଲେ ସଞ୍ଜୟ ହେଉଛି ଅତି ଯୋଗ୍ୟ ପାତ୍ର··· ।" ବାହାରେ ଗାଡ଼ି ରହିବା ଶବ୍ଦ ହେଲା । ଟିକିଏ ପରେ ଆସିଲା ସଞ୍ଜୟ-ସୁଦର୍ଶନ ଓ ଫ୍ଲାମ୍ ବୋୟାଣ୍ଟ ଢଙ୍ଗର ତରୁଣ । ସେ ଏଠିକି ପୂର୍ବରୁ ଆସିଛି; କିନ୍ତୁ ଆଜି ଆସିବାରେ ବୋଉ ବେଶ୍ ଉଲ୍ଲସିତ ଉତ୍ସାହିତ ହୋଇ କହିଉଠିଲେ, "ଚାଲ ପୁଅ, ସେ ଘରକୁ ଚାଲ ।" ସଞ୍ଜୟ ଖୁବ୍ ସ୍ମାର୍ଟ ଅଥଚ ଯେତେ ସମ୍ଭବ ଭଦ୍ରଭାବେ ଏ ଦୁହିଁଙ୍କୁ ନମସ୍କାର ଜଣାଇ କହିଲା, "ନାହିଁ ଆଜ୍ଞା, ଆଜି ଏଇଠି ବସାଯାଉ ।" "ହଉ ବସ, ମୁଁ ଚା' ବରାଦ କରେ" କହି କହି ବୋଉ ଚାଲିଗଲେ । ସଞ୍ଜୟ ଆଉ ସରଳା ଦୁହେଁ ଦୁହିଁଙ୍କ ସାମନାସାମନି ହୋଇ ବସିଛନ୍ତି । ମଝିରେ ଟେବୁଲ୍ । "ଆଉ ଖବର କ'ଣ ?" ସଞ୍ଜୟ ପଚାରିଲା । ସରଳା ମୁହଁରେ ମୃଦୁ ହସ । "ମୋ ପ୍ରଶ୍ନର ଉତ୍ତରରେ ତମେ କେବଳ ଟିକେ ହସିପକେଇଲେ, ତା' ଅର୍ଥ ତୁମର ସବୁ ଭଲ, ସବୁ କୁଶଳ ।" ଏଥର ଦୁହେଁ ହସିଉଠିଲେ । ବୋଉ ଆଣି ଚା' ଦେଇଗଲେ । "ତମ ଚା' ?" "ଏଇ ମାତ୍ର ଖାଇଛି, ଆପଣ ଖା'ନ୍ତୁ ।" ସଞ୍ଜୟ ପ୍ରାୟ ବେଶି କଥା ଯେ କହେ, ତା ନୁହେଁ—ବେଳେ ବେଳେ ବେଶ୍ ସୁନ୍ଦର ସରସ କଥା କହେ । ପ୍ରତିଭାବାନ୍ ଉଚ୍ଚ-ଶିକ୍ଷିତ । ଇଚ୍ଛା ଥିଲା ଏଜୁକେଶନ୍‌ରେ ରିସର୍ଚ୍ଚ କରିବ; କିନ୍ତୁ ବାପାଙ୍କ ଇଚ୍ଛାରେ ୟେଲ୍ ୟୁନିଭର୍‌ସିଟିରୁ ବିଜନେସ୍ ମେନେଜମେଣ୍ଟର ଡକ୍ଟରେଟ୍ କରି

Digitized by srujanika@gmail.com

ଆସିଛ । କିଛିଟା ପ୍ରଗଲ୍‌ଭ ନିଶ୍ଚୟ; କିନ୍ତୁ ସରଳା ପାଖରେ ସେ ଯେମିତି ଆପେ ଆପେ ସଂଯତ ହୋଇଯାଏ । ସେ' ଖାଉ ଖାଉ କହିଲା, "ମୁଁ ଆଜି କେବଳ ଗୋଟିଏ କଥା ତମକୁ କହିବାକୁ ଆସିଛ । ଆମ ପକ୍ଷରୁ ସବୁ ଠିକ୍ ହୋଇଯାଇଛ । ରାଧା ଅପା (ସରଳାର ମାଉଁ) ଠାରୁ କିଛି ଆଭାସ ତ ନିଶ୍ଚୟ ପାଇଥିବ । ବାପା ବୋଉ ଆମ ପରିବାର ସମସ୍ତେ ରାଜି, ଖାଲି ରାଜି ନୁହନ୍ତି, ସମସ୍ତେ ଏଥିରେ ଖୁସି । କାଲି ସଂଧ୍ୟାରେ ରାଧା ଅପା, ମୋ ବୋଉ ବାପା ସମସ୍ତେ ଏଠିକି ଆସିବେ, ଏକା ମତେ ଛାଡ଼ି" ହସି ହସି କହୁଥାଏ । "କ'ଣ ତମେ ଚାହଁ ମୁଁ ଆସିବି ?" ସ୍ମିତ-ବଦନା ସରଳାର ମୁହଁ ତଳକୁ । ଉତ୍ସାହିତ ହୋଇ ସଞ୍ଜୟ କହିଚାଲିଛ "ନାଇଁ ନାଇଁ, ଯେତେ ପ୍ରୋଗ୍ରେସିଭ୍ ହେଲେ ବି ବାପା ଏକଥାଟି ଚାହାନ୍ତି ନାହିଁ । ମୁଁ ତ ଆସୁଛି, ଆସୁଥିବି; କିନ୍ତୁ କାଲି ଆସିବି ନାହିଁ ।" ସରଳା ଦେଖୁଛି ଖୁବ୍ ସନ୍ତୋଷ ଭାବ ନେଇ ସଞ୍ଜୟ ନିଜ ହାତରେ ପ୍ଲେଟ୍‌ରୁ ସେ' ନାଇ ଖାଉଛି । ଏଇ ସଞ୍ଜୟ, ସରଳା ଜାଣିଛି ସେ ସଚ୍ଚରିତ୍ର କର୍ମନିଷ୍ଠ ଉଦ୍‌ଯୋଗୀ ପୁରୁଷ । ବାପା ପ୍ରଚୁର ସମ୍ପତ୍ତିର ଅଧିକାରୀ; କିନ୍ତୁ ତା' ନିଜ ଉଦ୍ୟୋଗର ପରିସର ବଢ଼ିଚାଲିଛି ।···ଯଥା ସମୟରେ ସଞ୍ଜୟ ଏମାନଙ୍କଠୁ ବିଦାୟ ନେଲା ।

ତା' ପରଦିନ ସେମାନେ ସମସ୍ତେ ଏଠିକି ଆସିଲେ । ଏକା ସଞ୍ଜୟ ଆସିନାହିଁ । ସରଳା ତା' ନିଜ କଥା ନିର୍ବିକାର ଭାବେ ତା' ବୋଉ ଉପରେ ଛାଡ଼ିଦେଇଛି । ସେମାନେ ତ ନିଶ୍ଚିନ୍ତ ବିବାହ ସପକ୍ଷରେ ପ୍ରସ୍ତୁତ ହୋଇ ଆସିଛନ୍ତି । ଅତଏବ ଏ ବିବାହ ହେବା ସଂପୂର୍ଣ୍ଣ ନିଶ୍ଚିତ । ଆଉ କିଛି କଥାବାର୍ତ୍ତା ହେବାର ନାହିଁ । ଯଥାଯଥ ଚର୍ଚ୍ଚା ପରିଚର୍ଯ୍ୟା ପରେ ଏମିତି ସାଧାରଣ କଥାବାର୍ତ୍ତା ଚାଲିଛି । ସଞ୍ଜୟର ବାପା ହରପ୍ରସାଦ ବାବୁ ସରଳାକୁ ଲକ୍ଷ୍ୟ କରି କହିଲେ—"ହଁ ମା, ଏଇ ଦିନ-ଚାରିଦିନ ତଳେ ଟିଭିରେ ତୋର ଗୋଟିଏ ସାକ୍ଷାତକାର ପ୍ରୋଗ୍ରାମ ଥିଲା । ସେଥିରେ ତୋତେ କିଏ ଇଣ୍ଟରଭ୍ୟୁ କରିଥିଲେଟି ?" ସଲଜ୍ଜ ବଦନରେ ସରଳା କହିଲା—"ଉତ୍କଳର ନିବେଦିତା ଆଚାର୍ଯ୍ୟ, ୟୁନିଭରସିଟି ସାଠକୋଲଜି ବିଭାଗର ହେଡ୍ ଅଫ୍ ଦି ଡିପାର୍ଟମେଣ୍ଟ ।" ଖୁସିହୋଇ ହରିବାବୁ କହିଲେ, "ନାରୀ ଜାତିର କଳଙ୍କ ଉପରେ ତାଙ୍କର ଗୋଟିଏ ପ୍ରଶ୍ନର ଉତ୍ତରରେ ତୁ ଯାହା କହିଥିଲୁ, ମୋ' କଥା ବୁଝିପାରୁଚୁ ତ ମା ?" 'ହଁ' କହି ସରଳା ତାଙ୍କୁ ଚାହିଁରହିଲା । "ତାଙ୍କୁ ଯାହା କହିଥିଲୁ, ଠିକ୍ ସେଇ କଥାଟି ଏଠି କହ, ମୁଁ ଆଉଥରେ ତୋ ମୁହଁରୁ ଶୁଣିବି ।" ଟିକିଏ ରହି, ଗୋଟିଏ ସୁବୋଧା ଛାତ୍ରୀଟି-ପରି ସ୍ପଷ୍ଟ ଗଳାରେ ସରଳା କହିଲା, "ତାଙ୍କ ପ୍ରଶ୍ନର ଉତ୍ତରରେ ମୁଁ କହିଥିଲି, ନାରୀ ମୁକ୍ତା ନୁହେଁ ଯେ ତା' ଦେହରେ କଳଙ୍କ ଲାଗିବ ନାହିଁ । ସେଇପରି ନାରୀ ଲୁହା ନୁହେଁ ଯେ ତା' ଦେହରେ ନିଶ୍ଚୟ କଳଙ୍କ ଲାଗିବ ।" ହରପ୍ରସାଦ ବାବୁ ପିଲଙ୍କ ପରି ଖୁସିରେ ଭାସିଯାଇ କହିଲେ, "ମୁଁ ତୋତେ ଯେତିକି ଜାଣିଥିଲି, ସେଥିରୁ ତୋଠୁଁ ଏମିତି ଏକ ଚମତ୍କାର ଉତ୍ତର ଆଶା କରିଥିଲି ।" କଥା କହିବା ଅବସରରେ ହରିବାବୁ ଗୋଟିଏ ହୀରକ-ଖଚିତ ମୁଦି ସରଳାର ଚମ୍ପକ ସଦୃଶ୍ୟ ଅନାମିକା ଆଙ୍ଗୁଳିରେ ପିନ୍ଧାଇଦେଲେ । ବୋଉଙ୍କ ଇଙ୍ଗିତରେ ସରଳା ଭୂମିରେ ମଥା ଲଗାଇ ପ୍ରଣାମ କରି ତାଙ୍କଠୁ ଆଶୀର୍ବାଦ ଗ୍ରହଣ କଲା । ଆଶୀର୍ବାଦ

Digitized by srujanika@gmail.com

ପରେ ହରପ୍ରସାଦ ବାବୁ ସରଳାକୁ କହିଲେ, "ମୋର ଆଉ ପଦେ କଥା ମା' । ଏତେଦିନ ଧରି ତୁ ରଙ୍ଗମଞ୍ଚରେ ଏକ ଉଜ୍ଜ୍ୱଳ ପ୍ରଦୀପ ଜାଳି ରଖିଥିଲୁ । ଏବେ ତୁ ସେ ପ୍ରଦୀପଟି ନେଇ ଆମ ଘରେ ବୋହୂ ରୂପରେ ଜାଳିବୁ । ତୁ ରଙ୍ଗମଞ୍ଚ ଛାଡ଼ିଦେବୁ । ଓଡ଼ିଶାରେ ରଙ୍ଗମଞ୍ଚ ରହିବ ହିଁ ରହିବ । କିନ୍ତୁ ଆଜିଠୁଁ ରଙ୍ଗମଞ୍ଚରେ ତୋ' ଅଭିନୟର ଯବନିକା ପତନ ହେବ । ଏଇଟା ମୋର ତୋ' ପାଖରେ ଦାବୀ ନୁହେଁ, ଅଳି । କହ ମା, ମନ ଖୋଲି କହ, ତୁ ଏଥିରେ ରାଜି ତ ?" ପ୍ରଶାନ୍ତ ବଦନରେ ସରଳା ଏ ପ୍ରଶ୍ନର ଛଳନାବିହୀନ ନିଷ୍କପଟ ଉତ୍ତର ଦେଲା, "ହଁ, ମୁଁ ରାଜି ।" ତା'ର ଏ ଉତ୍ତରରେ ଏକା ହରବାବୁ ନୁହନ୍ତି, ଉପସ୍ଥିତ ସମସ୍ତେ ସନ୍ତୁଷ୍ଟ, ସମସ୍ତେ ଖୁସି । ସେମାନେ ବିଦାୟ ନେଲେ । ବୋଉଙ୍କ ମନରେ ଶାନ୍ତି, ସରଳା ମନରେ ଏକ ନୂତନ ଅଜଣା ଉଚ୍ଛ୍ୱାସ । ବୋଉ ତାକୁ ନିଜ ଉପରକୁ ଆଉଜାଇ ଆଣି ଆଦର କରିବସିଲେ । ତାଙ୍କ କାନ୍ଧରେ ସେମିତି ମଥା ରଖି ସରଳା କହିଲା, "ଶୁଣ ବୋଉ, ଏ ବାହାଘର ହେବାର କଥା ହେବ, ଏଥିରେ ଆଉ କିଛି କଥା ନାହିଁ । ବାହାଘରବେଳେ ଆଉ ଯେତେ ଯିଏ ଆସନ୍ତୁ, ସବୁ ଦାୟିତ୍ୱ ତୋ' ଉପରେ । ତୁ ସେ ଦାୟିତ୍ୱ ତୁଲାଇଲା ବେଳେ ମୁଁ ଦିନରାତି ତୋ' ପାଖେ ପାଖେ ଥିବି, ବୁଝିଲୁ"···ଆନନ୍ଦରେ, ଆବେଗରେ ବୋଉ ଝିଅକୁ ଗାଢରେ ଭିଡ଼ି ଧରିଲେ ।

ଏ ଭିତରେ ବିବାହର ଦିନ ବାର ସବୁ ଠିକ୍ ହୋଇଯାଇଛି । ସେଦିନ ସଞ୍ଜୟ କାନ୍ଧରେ ଗୋଟାଏ କ୍ୟାମେରା ଝୁଲାଇ ଏମାନଙ୍କ ଘରକୁ ଆସିଲା । ବାହାଘର ପରେ ପରେ ତା' ବ୍ୟବସାୟ ସଂକ୍ରାନ୍ତରେ ତାକୁ ମାସ ଗୋଟାଏପାଇଁ ଆମେରିକା ଯିବାକୁ ପଡ଼ୁଛି । ତା'ର ଇଚ୍ଛା ସେ ଉଭୟ ସରଳା ଓ ବୋଉଙ୍କୁ ତା' ସାଥିରେ ଆମେରିକା ନେଇଯିବ । ପାସ୍‌ପୋର୍ଟ ସକାଶେ ଏ ଦୁଇଜଣଙ୍କର ଦୁଇଟି ଫଟୋ ଦରକାର । କଥା କହିବା ସଙ୍ଗେ ସଙ୍ଗେ ସେ ଫଟୋ ଦୁଇଟି ଉଠାଇନେଲା । ବୋଉ ଆପତ୍ତି କରିଉଠିଲେ—"ନାଇଁ ନାଇଁ, ମୁଁ ଯିବିନାହିଁ, ମୁଁ ସେଠି ଚଳିପାରିବି ନାହିଁ ।" ବୋଉଙ୍କୁ ବୁଝାଇ ସଞ୍ଜୟ କହିଲା, "କିଛି ଅସୁବିଧା ହେବନାହିଁ ବୋଉ, କିଛି ଅସୁବିଧା ହେବନାହିଁ । ଆମେରିକା ଆମ ଦେଶପରି ନୁହେଁ । ସେ ଦେଶର ମାଟି, ଗୋଡ଼ି ସବୁ ଭଦ୍ର । ମୁଁ ପଢ଼ୁଥିଲାବେଳେ ପର ବାପା ବୋଉ ଦୁହେଁ ଯାଇ ସେଠି ଦୁଇମାସ ଯାଏ ରହିଥିଲେ ।" 'ହଉ ବସ', ସରଳା କହିଲା ।" "ନାଇଁ ନାଇଁ, ପ୍ଲିଜ୍, ଏବେ କାମ ଅଛି, ମୁଁ ବସିପାରିବି ନାହିଁ, ମୁଁ ଚାଲିଲି ।" ତରବରରେ ସଞ୍ଜୟ ବାହାରିଗଲା । କିନ୍ତୁ ଟିକିଏ ପରେ ପୁଣି ଫେରିଆସିଲା । ସେତେବେଳକୁ ସରଳା ଏକା ବସିଛି । "ଶୁଣ ସରଳା···" ବାଧାଦେଇ ସରଳା ନିଜ ମୁଦିପିନ୍ଧା ହାତଟି ବଢ଼େଇଦେଇ କହିଲା, "ସେଦିନ ତ ତମେ ଆସିନଥିଲ, ଏଇ ଦେଖ ।" "ବାପା ଦେଇଛନ୍ତି ! ବାସ୍ତବିକ ମୁଦିଟା ତମ ହାତକୁ ଚମତ୍କାର ମାନୁଛି, ଚମତ୍କାର ।" ଖୁସିରେ, ଆନନ୍ଦରେ ସଞ୍ଜୟର ମୁହଁ ଆଖି ସବୁ ଉଜ୍ଜ୍ୱଳ ହୋଇଉଠୁଛି "ସତେ, ମୁଦିଟା ତମ ହାତକୁ, ତମର ଏଇ ଅନାମିକା ଆଙ୍ଗୁଳିକୁ ଖୁବ ସୁନ୍ଦର ଦିଶୁଛି । ଘରୁ ବାହାରିଲାବେଳେ ତମ ହାତରେ ଏ ମୁଦିଟା ଦେଖିବାପାଇଁ ଭାବିଥିଲି । କିନ୍ତୁ ଏଠି ଆସି ଭୁଲିଗଲି ।" ସରଳା ଚାହିଁଥିଲା ତା'ର ମୁଦିପିନ୍ଧା ହାତକୁ ସଞ୍ଜୟ

Digitized by srujanika@gmail.com

ତା' ନିଜ ହାତରେ ଧରି ମୁଦ୍ରିଟା ଦେଖିଥାନ୍ତା; କିନ୍ତୁ ତା ହେଲାନାହିଁ । ସଞ୍ଜୟ କହୁଛି, "ତମେ ଜାଣ ସରଳା, ତମକୁ ଯେଉଁଦିନ ପ୍ରଥମେ ମୁଁ ଷ୍ଟେଜ୍‌ରେ ଦେଖିଲି, ତମେ ସେଦିନ ଶାଢ଼ୀ ଗହଣାରେ ସାଜି ହୋଇ ଗୋଟିଏ ବୋହୂ ଭୂମିକାରେ ଅଭିନୟ କରୁଥାଅ । ଅଭିନୟ ଗ୍ଭଲିଚି, ମୁଁ ଦେଖୁଚି—ବୋହୂ ବେଶରେ ତମେ ପ୍ରକୃତରେ ଗୋଟିଏ ଲକ୍ଷ୍ମୀ ବୋହୂ ପରି ଦେଖାଯାଉଥାଅ । ହଠାତ୍ ମୋର ମନେହେଲା—ନା, ତମର ସ୍ଥାନ ଏ ରଙ୍ଗମଞ୍ଚରେ ନୁହେଁ । ମୁଁ ତମକୁ ଉଦ୍ଧାର କରିବ ! ଏ ମଞ୍ଚରେ ଏମିତି ବୋହୂ ହେବାପାଇଁ ତମେ ଜନ୍ମ ହୋଇନା । ମୁଁ ତମକୁ ଏଠୁ ଯେମିତିହେଲେ ଉଦ୍ଧାର କରିନେବି । ପ୍ରଭୁଙ୍କୁ ମୋର କୋଟି କୋଟି ପ୍ରଣାମ—ସେ ମୋର ଡାକ ଶୁଣିଚନ୍ତି—ମୋ ମନ କାମନା ପୂର୍ଣ୍ଣ ହୋଇଚି । ହଉ, ମୁଁ ଯାଉଚି, ଏଁ ।" ସରଳା ସେମିତି ଗ୍ଭହିଁରହିଚି, ସେ ବାହାରିଗଲା ।

ପ୍ରାୟ ଗ୍ଭରି-ପାଞ୍ଚଦିନ ପରେ ଭିସା ପାସ୍‌ପୋର୍ଟ ଆଦିର କାଗଜପତ୍ର ନେଇ ସଞ୍ଜୟ ଆସିଲା । ସମୟ ସନ୍ଧ୍ୟା । ସରଳା ଘରେ ନାହିଁ । "କୁଆଡ଼େ ଯାଇଚି ସେ, କେତେବେଳେ ଆସିବ ।" ଉତ୍ତରରେ ବୋଉ ଲଫାପାଟିଏ ତା' ହାତକୁ ବଢ଼ାଇଦେଇ କହିଲେ, "ଏ ଚିଠି ଦେଇଯାଇଚି ।" ଚିଠି ଉପରେ ଲେଖାହୋଇଚି ସଞ୍ଜୟର ନାଁ । କିଛିଟା ଚକିତ-ବିସ୍ମିତ ହୋଇ ସଞ୍ଜୟ ଲଫାପା ଭିତରୁ ଚିଠିଟି ବାହାର କରି ଆଣିଲାବେଳକୁ ସେ ପାଖରେ ହର୍ଷ-ଉଲ୍ଲାସମୟ-ପୂର୍ଣ୍ଣ ଥିଏଟର ମଞ୍ଚର ଉଇଙ୍ଗ୍‌ସ ଅନ୍ତରାଳରୁ ସରଳା ତା'ର ଚଳଚଞ୍ଚଳ ପାଦ ଦୁଇଟିରେ ନୃତ୍ୟର ଅନୁପମ ଲହରୀ ଖେଳାଇ ପାଦ-ପ୍ରଦୀପ ସମ୍ମୁଖକୁ ନାଚି ନାଚି ଗ୍ଭସି-ଆସୁଚି । ମଞ୍ଚର ଅଭିନେତ୍ରୀ ସେ ନୃତ୍ୟାଙ୍ଗନା; ପୁଣି ଫେରିଆସିଚି ସେଇ ମଞ୍ଚକୁ ।

ସଞ୍ଜୟ ଚିଠି ପଢ଼ୁଚି—"ଗୌତମଙ୍କ ଦୃଷ୍ଟିରେ ଅହଲ୍ୟା ଥିଲେ ପାପିନୀ, ସେଥିପାଇଁ ସେ ହେଲେ ଶାପଗ୍ରସ୍ତା-ପ୍ରସ୍ତର । ଦୟାର ଅବତାର ଗ୍ଭମଚନ୍ଦ୍ର ତାଙ୍କୁ ଆସି ଉଦ୍ଧାର କଲେ । ...ଏଠି କେହି କିଛି ପାପ କରି ନର୍କ ଦଣ୍ଡ ଭୋଗୁନଥିଲା ଯେ, ଆଉ କେହି ଆସି ଦୟା ଦେଖାଇ ତାକୁ ସେ ନର୍କ ଭୋଗରୁ ଉଦ୍ଧାର କରିନେବ !! ନା, ଏ ଅହମିକାକୁ ନା ମୁଁ, ନା ମୋ ବୋଉ କେହି ଆମେ ବରଦାସ୍ତ କରିପାରିଲୁ ନାହିଁ ।"

ଚିଠି ପଢ଼ିସାରି ସଞ୍ଜୟ ସେଠି ବସିରହିଚି । ହାତରେ ସରଳାର ସେଇ ଖୋଲାଚିଠି ଓ ହୀରକଖଚିତ ମୁଦ୍ରିକାଟି ।

Digitized by srujanika@gmail.com

ବନ୍ଧୁ

ବାରିପଦା ସହର । ଭଞ୍ଜଭୂମିର ଏଇ ସୁନ୍ଦର ଜନବସତିଟି ଶିକ୍ଷା, ସଂସ୍କୃତି ଓ ନାଟ୍ୟ-ସଙ୍ଗୀତ ତଥା ଛଉନାଚ ପ୍ରଭୃତି ଚିତ୍ତ-ବିନୋଦନ ଧର୍ମୀ କଳା ସମ୍ଭାର ପାଇଁ ବହୁକାଳରୁ ପ୍ରସିଦ୍ଧି ଲାଭ କରିଆସିଛି । ସେଦିନ ଏକ ମଧୁର ସନ୍ଧ୍ୟାରେ ବାରିପଦାର ଗୋଟିଏ ପ୍ରେକ୍ଷାଳୟରେ ଏକ ମନୋରଞ୍ଜନ କାର୍ଯ୍ୟକ୍ରମ ଚାଲିଛି । ପରିପୂର୍ଣ୍ଣ ପ୍ରେକ୍ଷାଳୟର ଦ୍ୱିତୀୟ ଧାଡ଼ିରେ ବସିଛନ୍ତି କେତୋଟି ତରୁଣୀ କଲେଜ ଛାତ୍ରୀ । ଦେଖିଲେ ହିଁ ଜଣାଯାଏ ସେମାନେ ସ୍ଥାନୀୟ ଅଧିବାସୀ ନୁହଁନ୍ତି—ହୁଏତ ଓଡ଼ିଶାର ଅନ୍ୟ ଏକ ଅଞ୍ଚଳରୁ ଆସିଛନ୍ତି ।

କାର୍ଯ୍ୟକ୍ରମ ଚାଲିଚି—ଗୋଟିଏ ନୃତ୍ୟ—ସାନ୍ତାଳ ନୃତ୍ୟ । ବିପୁଳ ହର୍ଷଧ୍ୱନି ଓ କରତାଳି ମଧ୍ୟରେ ନୃତ୍ୟ ଶେଷ ହେଲା । ଅନ୍ତରାଳରୁ ଭାସିଆସିଲା ପରବର୍ତ୍ତୀ କାର୍ଯ୍ୟକ୍ରମର ଘୋଷଣା । ଘୋଷିକା କହୁଚନ୍ତି—ଆମର ପରବର୍ତ୍ତୀ କାର୍ଯ୍ୟକ୍ରମ ହେଉଛି ସଙ୍ଗୀତ ପରିବେଷଣ—କଣ୍ଠଶିଳ୍ପୀ ଶ୍ରୀ ଜୀବପ୍ରସାଦ ମହାପାତ୍ର, ଏଇ ଭଞ୍ଜଭୂମି ବାରିପଦା ଅଧିବାସୀମାନଙ୍କର ଅତିପରିଚିତ, ଏକାନ୍ତ ଲୋକପ୍ରିୟ ଓ ପ୍ରତିଭାବାନ୍···ଶ୍ରୀ ମହାପାତ୍ର !···ପ୍ରେକ୍ଷାଳୟର ଦ୍ୱିତୀୟ ଧାଡ଼ିରେ ଆସୀନା ତରୁଣୀମାନଙ୍କ ମଧ୍ୟରୁ ଜଣେ ହେଉଛି ଊର୍ମି ଓ ତା' ପାଖକୁ ଲାଗି ଯିଏ ବସିଚି ତା'ର ନାଁ ହେଉଚି ମମତା—ଦୁହେଁ ବାନ୍ଧବୀ । ସଙ୍ଗୀତ କାର୍ଯ୍ୟକ୍ରମଟି ଘୋଷଣା ପରେ ପ୍ରତିଭାବାନ୍ କଣ୍ଠଶିଳ୍ପୀଙ୍କୁ ଭେଟିବାପାଇଁ ଦୁହେଁ ଯେପରି ଟିକିଏ ସଜାଗ ହୋଇଉଠିଲେ । ଧୀର ପଦରେ ମଞ୍ଚକୁ ପ୍ରବେଶ କଲେ ତରୁଣ କଣ୍ଠଶିଳ୍ପୀ ଜୀବପ୍ରସାଦ । ମାଇକ୍ରୋଫୋନ୍ ସାମ୍ନାରେ ଠିଆହୋଇ ଯନ୍ତ୍ରଟିକୁ ପରୀକ୍ଷା କରିବା ଅବସରରେ ମମତା ବେଶ୍ ନିମ୍ନ ସ୍ୱରରେ ଊର୍ମି କାନ ପାଖରେ କହିଲା—ବେଶ୍ ସୁନ୍ଦର ତ ଦେଖିବାକୁ !···ଊର୍ମି ଠିକ୍ ସେହି ଢଙ୍ଗରେ ଉତ୍ତର ଦେଲା—କଣ୍ଠଟା ସୁନ୍ଦର କି ନୁହେଁ ଆଗେ ଦେଖାଯାଉ ।···ଶିଳ୍ପୀ ଟିକିଏ ଆଳାପରୁ ତାଙ୍କ ସଙ୍ଗୀତ ପରିବେଷଣ ଆରମ୍ଭ କଲେ । ଆରମ୍ଭରୁ ହିଁ ଜଣାପଡ଼ିଗଲା ଗୀତଟି କଚ୍ଛମାଯାରେ ଗୋଟିଏ ରାଗ ସଙ୍ଗୀତ । ଏଥିରେ ଊର୍ମି ବେଶ୍ ଉତ୍ସାହିତା ହୋଇଉଠିଲା, ଯେପରିକି ସେ ସଙ୍ଗୀତର ରସ ପାନ କରିବାପାଇଁ ଶରୀର ଓ ମନ ଉଭୟ ସ୍ଥିତିରୁ ପ୍ରସ୍ତୁତ । ଜୀବପ୍ରସାଦ ଆଳାପରୁ ଗୀତକୁ ଆସିଲେ—ଊର୍ମି ଚଉକି ବାଡ଼ାକୁ ଆଉଜି ବସିଲା, କ୍ରମେ ତା'ର ଆଖି ଦୁଇଟି ମୁଦିହୋଇ ଆସିଲା । ମମତା ଆଖି ଫେରାଇ ଊର୍ମିକୁ ଚାହିଁଲା । ତା' ମନରେ ଆଶଙ୍କା, ଊର୍ମି ଶୋଇପଡ଼ିଲା କି ? କିନ୍ତୁ ନା । ମମତା ଦେଖୁଚି, ଊର୍ମି ଚଉକି ବାଡ଼ାକୁ ଆଉଜି ଆଖି ବୁଜି ବସିଚି—ତା'ର ହାତ ଦୁଇଟି ଗୁଣ୍ଠିରେ ଛନ୍ଦିହୋଇ ରହିଚି—ଆଉ ତା'ର ଗୋଟିଏ

Digitized by srujanika@gmail.com

ମୃଣାଳବନ୍ଧ ବାହୁ ଉପରେ ଅନ୍ୟ ହାତର ଦୁଇଟି ଅଙ୍ଗୁଳି, ସଙ୍ଗୀତର ଗତିକ୍ରମରେ ତାଳଦେଇ ଚାଲିଛି । ଏ ଦୃଶ୍ୟ ଦେଖି ମମତା ଆଖି ନଚାଇ ଇଙ୍ଗିତପୂର୍ଣ୍ଣ ନୀରବ ହସ ଧାରେ ହସି ଆଖି ଫେରେଇନେଲା ।···ପ୍ରକୃତରେ ଗୀତଟି ଯେମିତି ପ୍ରାଣସ୍ପର୍ଶୀ ସେମିତି ଶ୍ରୁତି-ମଧୁର । କ୍ରମେ ଗୀତ ଶେଷ ହେଇଆସିଲା । ଊର୍ମି ଏପର୍ଯ୍ୟନ୍ତ ସେଇ ଅବସ୍ଥାରେ ଅଛି । ଗୀତ ଶେଷରେ ତା' ପାଟିରୁ ଯେମିତି ଆପେ ଆପେ ବାହାରିଆସିଲା—ବାଃ ! !···ଶ୍ରୋତା-ମାନଙ୍କ ଆନନ୍ଦସୂଚକ କରତାଳି ମଧ୍ୟରେ ଊର୍ମି ଆଖି ଖୋଲି ଦେଖିଲା, କବିପ୍ରସାଦ ମଞ୍ଚରୁ ଫେରିଯାଉଚନ୍ତି । ମମତା ତା' କହୁଣୀ ସ୍ପର୍ଶରେ ଊର୍ମିକୁ ଚେତାଇ ଦେଇ କହିଲା—କ'ଣ ? ଏକାବେଳେକେ ମଜ୍ଜି ଯାଇଥିଲୁ !

ମଜ୍ଜି ଯାଇଥିଲି ଯେ, ହେଲେ ଯାହାଙ୍କ ପାଇଁ ମଜ୍ଜି ଯାଇଥିଲି, ମୁଁ ଆଖି ଖୋଲିଲା ବେଳକୁ ସେ ଚାଲିଗଲେଣି । ଟିକିଏ ଭଲକରି ଦେଖିପାରିଲି ନାହିଁ ।···ଊର୍ମିର ଏ କଥାରେ ମମତା କିଛିକ୍ଷଣ ଯେମିତି ଏକ ଜିଜ୍ଞାସୁଣ ଭଙ୍ଗୀରେ ତାକୁ ଚାହିଁରହିଲା । କିଛି କହିଲା ନାହିଁ, ହୁଏତ କିଛି କହିପାରିଲା ନାହିଁ ।

ଯଥା ସମୟରେ ସୋ' ଶେଷହେଲା । ସମସ୍ତେ ବାହାରକୁ ଆସିଲେ । ଊର୍ମି ଦେଖିଲା ଅଦୂରରେ ଗୋଟିଏ ଝିଅ ଟିକିଏ କାର୍ଯ୍ୟବ୍ୟସ୍ତ ଥିଲାଭଳି ଏଣିକି ଆସୁଛି । ଊର୍ମି ହାତ ଉଠାଇ ଝିଅଟିକୁ ନମସ୍କାର କଲା । ଝିଅଟି ଟିକିଏ ଚମକିଲା ଭଳି ଅଟକିଯାଇ ମୁହଁରେ ହସ ଫୁଟାଇ କହିଲା—କୁହନ୍ତୁ । ଏଇ ଯୋଉ ସୋ' ହେଉଥିଲା, ମୁଁ ସେଇ ଅନୁଷ୍ଠାନର···

—ଥାଙ୍କ୍ସ । ସେ ଭଦ୍ରଲୋକ···ଊର୍ମି ଯେମିତି ନାଁ ଭୁଲିଯାଉଚି । ଝିଅଟି ଅଳ୍ପ ହସି କହିଲା—କିଏ ?···ଊର୍ମିର ମନେପଡ଼ିଲା—କବିପ୍ରସାଦ ମହାପାତ୍ର । ଟିକିଏ ଦେଖା ହୋଇ-ପାରିବ ?

—ନୋ' ଡିଆର୍ ।

—ସୋ' ତ ଶେଷ ହେଇଗଲାଣି, ଟିକିଏ ଦେଖା କରିବାରେ ଅସୁବିଧା କ'ଣ ଅଛି ?

—ସୋ' କଥା ନୁହେଁ । ତାଙ୍କ ପ୍ରୋଗ୍ରାମ ପରେ ପରେ ସେ ଚାଲିଗଲେଣି । କଣେ ଆର୍ଟିଷ୍ଟ ସେ—କିନ୍ତୁ ସୋ' ପରେ ହଲ୍ ବାହାରେ ଠିଆହେଇ ଦର୍ଶକମାନଙ୍କଠୁ ପ୍ରଶଂସା ଆଦାୟ କରିବାର ଯୋଉ ଆର୍ଟ, ସେ ବିଦ୍ୟା ତାଙ୍କୁ ଜଣାନାହିଁ ।···'ଦୁର୍ଭାଗ୍ୟ' କହି ଊର୍ମି ଚାଲିଯାଉ-ଥିଲା । ପଛରୁ ଝିଅଟିର କଥା ପୁଣି ଶୁଣାଗଲା—ଆପଣମାନେ ସବୁ କଲେଜ ଝିଅନା, କଟକରୁ କ'ଣ କିଛି କାମରେ ବାରିପଦା ଆସିଛନ୍ତି ?

—ଆପଣ ତା'ହେଲେ ଆମକୁ ଜାଣିଛନ୍ତି ?

—ନ ଜାଣିଥିଲେ ବି କିଏ କଟକଝିଅ କିଏ ବାରିପଦାଝିଅ ୧ ଥର ବୁଝିପାରିବନି !···ଦୁହେଁ ପ୍ରାଣ ଖୋଲି ହସ ହସିଉଠିଲେ । ଅତି ଆନ୍ତରିକତାର ସହ ଝିଅଟି କହିଲା—ଶ୍ରୀ ମହାପାତ୍ରଙ୍କୁ ଯଦି କିଛି କଣେଇବାର ଥାଏ, କୁହନ୍ତୁ—ମୁଁ ତାଙ୍କୁ କହିବି ।

Digitized by srujanika@gmail.com

—ପାଶବେ ?

—ବାଃ ! ଏତକ ପାଶବ ନାହିଁ !

—ତାଙ୍କୁ କହିବେ, କଟକରୁ ଯୋଉ ଝିଅପଅଝାକ ଆସିଥିଲେ, ସେମାନେ ତାଙ୍କ ଗୀତ ଶୁଣି...

ହୁଏତ ଟିକଏ ଦୁଷ୍ଟାମି କରି ଝିଅଟି କହିଲା—କିନ୍ତୁ ଝିଅପଅଝାକ କାହାନ୍ତି ? ସେମାନେ ତ ଯାଇ ବସ୍‌ରେ ଉଠିଲେଣି, ବସ୍ ହର୍ଣ୍ଣ ଦେଲାଣି । ଆପଣ ଏଠି ଏକା...ଊର୍ମି ପ୍ରକୃତରେ ହାଣ-ଗଲା । ଏଇ ହାଣସିବାର ଅବସ୍ଥାକୁ ଉଚ୍ଛ୍ୱସିତ ହସରେ ଢାଙ୍କି ରଖି କହିଲା—ତାଙ୍କୁ କହିବେ, ସେଇ ଝିଅପଅଝାକ ଭିତରୁ ଜଣେ ଝିଅ ତାଙ୍କୁ ବହୁତ ଅଭିନନ୍ଦନ...

—ଅଭିନନ୍ଦନ ! ଉଁ ହୁଁ, ଆଜିକାଲି ଅଭିନନ୍ଦନର କୁଆର ଏତେ ଉଠୁଚି ଯେ, ଶବ୍ଦଟା କାନକୁ କେମିତି ପୁରୁଣାକାଳିଆ ଷ୍ଟେଲ୍ ଶୁଭିଲାଣି ! କିଛି ଗୋଟାଏ ନୂଆ ରସାଳିଆ ଲଗ-କାଲ୍ ଶବ୍ଦ କୁହନ୍ତୁ ।

ଆଚ୍ଛା, ଆଚ୍ଛା, ତାଙ୍କୁ କହିବେ ଯେ ଅଭିନନ୍ଦନର ସେଇ ନୂଆ ସଂସ୍କରଣ ରସାଳିଆ ଲଗ-କାଲ୍ ଶବ୍ଦଟା ବାହାରିଛି, ଅଥଚ ଏଯାଏଁ କୋଉ ଅଭିଧାନ କ ଭୋକାବୋଲାରିରେ ସ୍ଥାନ ପାଇନାହିଁ, ସେଥିରୁ ତାଙ୍କୁ ବହୁତ ବହୁତ ବହୁତ ଆମର ଭେଟି ।...ହସର ଲହରି ଭିତରେ ଝିଅଟି ସହୃତ ନମସ୍କାର ବିନମସ୍କ କରି ବେଶ୍ ତୃପ୍ତ ମନରେ ଊର୍ମି ବିଦାୟ ନେଲା ।

× × × ×

ପ୍ରାୟ ଅଠର ମାସ ପରର କଥା । କଟକ ସହରର ଏକ ସମ୍ଭ୍ରାନ୍ତ ଅଞ୍ଚଳରେ ଡକ୍ଟର ଦାସଙ୍କ ଘର । ଘଣ୍ଟି ବାଜିଲା । ଊର୍ମି ପର୍ଦ୍ଦା ଆଡ଼େଇ ଦେଖିଲା ଜଣେ କେହି ଆଗନ୍ତୁକ । ପଚ୍ଚାରିଲା—କାହାକୁ ଖୋଜୁଛନ୍ତି ?...ଡକ୍ଟର ଦାସଙ୍କୁ ।

—ମୁଁ ଡାକଦେଉଛି ।...ଊର୍ମି ଭିତରକୁ ଚାଲିଗଲା । ଟିକଏ ପରେ ଡକ୍ଟର ଦାସ ଆସିଲେ —ମଧ୍ୟବୟସ୍କ । ଡକ୍ଟର ଦାସଙ୍କୁ ଦେଖି ଆଗନ୍ତୁକ ଟିକଏ ବିବ୍ରତ ହେଲାଭଳି କହିଲେ— ମୁଁ ଆସିଛି ଡକ୍ଟର ବି.ଏନ୍. ଦାସଙ୍କ ପାଖକୁ ।

—ମୁଁ ତ, ମୁଁ ଡକ୍ଟର ବି.ଏନ୍. ଦାସ ।...ଏଥର ଆଗନ୍ତୁକ ଏକାବେଳେକେ ଅପଦସ୍ଥ ହୋଇପଡ଼ିଲେ—ମୋର ଭୁଲ୍ ହୋଇଯାଇଛି, ମୁଁ ଆସିଥିଲି ରେଭେନ୍‌ସା କଲେଜର ଇକନ-ମିକ୍ସ୍ ରିଡର୍ ଡକ୍ଟର ବି. ଏନ୍. ଦାସଙ୍କ ପାଖକୁ ।...ଡକ୍ଟର ଦାସ ହସିଉଠି କହିଲେ— ବୁଝିଲି । ଆମେ ଏ ଅଞ୍ଚଳରେ ଦୁଇଜଣ ବି.ଏନ୍. ଦାସ ଅଛୁ—ଜଣେ ରେଭେନ୍‌ସା କଲେଜର ବି.ଏନ୍. ଦାସ, ପି.ଏଚ୍. ଡି. ଆଉ ମୁଁ ମେଡିକାଲ୍ କଲେଜର ବି.ଏନ୍ ଦାସ, ଏମ୍.ଡି । ତାଙ୍କ ଘରଟା ଆପଣ ପଛରେ ଛାଡ଼ିଦେଇ ଆସିଲେ ।

—କ୍ଷମା କରିବେ, ମୁଁ ଆସି ଆପଣଙ୍କୁ ଅସୁବିଧାରେ ପକାଇଲି । ନମସ୍କାର କରି ଆଗନ୍ତୁକ ଯୁବକଟି ବିଦାୟ ନେଲେ । ଠିକ୍ ଏତିକିବେଳେ ଊର୍ମି ତା' ପଢ଼ାଘର ଝରକା ପାଖରେ ଆସି ବସିଲା, ହାତରେ କିଛି ବୁଣାବୁଣି ସାମଗ୍ରୀ । ବୁଣା ଆରମ୍ଭ କରିବା ସଙ୍ଗେ ସଙ୍ଗେ ଗୁଣୁଗୁଣୁ

Digitized by srujanika@gmail.com

ହୋଇ ଗୋଟିଏ ଗୀତର ଗୋଟିଏ ପଦ ଗାଇବାକୁ ଲାଗିଲା । ସେପାଖରେ ଆଗନ୍ତୁକ ଯୁବକଟି ଡକ୍ଟର ଦାସଙ୍କ ପାଖରୁ ଆସି ଗେଟ୍ ଆଡ଼କୁ ଯାଉ ଯାଉ ଲନ୍‌ର ମଝାମଝି ଅଟକିଗଲା । ଊର୍ମିର ଗୁଣୁଗୁଣୁ ସ୍ୱର ତା' କାନରେ ପଡ଼ୁଚି; ସେଇଠି ଠିଆହୋଇ ସେ ଏଣେତେଣେ ଚାହିଁଲା । ଦେଖିଲା ଗୋଟିଏ ଝିଅ ଝରକା ପାଖରେ ବସିଛି ଓ ତା' କଣ୍ଠରୁ ଗୁଣୁଗୁଣୁ ସ୍ୱର ଭାସିଆସୁଛି । ସେ ଝିଅଟି ଉପରୁ ଆଖି ଫେରାଇନେଲା ସତ; କିନ୍ତୁ ସେଇଠି ସେମିତି ଠିଆହୋଇ ରହିଲା । ଏକ ଆକସ୍ମିକ ଘଟଣାପରି ଊର୍ମିର ଆଖି ତା' ଉପରେ ପଡ଼ିଲା । ତା'ର ଗାୟନ ବନ୍ଦ ହୋଇଗଲା । ଏଥିରେ ଆଗନ୍ତୁକ ପୁଣି ଝରକା ଆଡ଼କୁ ଫେରି ଚାହିଁଲା—ଦୁହେଁ ଦୁହିଁଙ୍କୁ ଦେଖୁଛନ୍ତି, କିନ୍ତୁ କେହି ଠାବ କରିପାରୁନାହାନ୍ତି ଏ ଆକର୍ଷଣର ସୂତ୍ର କେଉଁଠି ! କିଛିଏ ପରେ ଊର୍ମି ନିଜେ ତାଙ୍କ ନିକଟକୁ ଯାଇ ପଚାରିଲା—ବାପାଙ୍କ ସାଥିରେ ଦେଖାହେଲା ତ ?...ଊର୍ମିର ଏ ପ୍ରଶ୍ନ ଯେମିତି ସେ ଆଦୌ ଶୁଣିନାହିଁ, ଏମିତି ଏକ ମାନସିକ ଦ୍ୱନ୍ଦ୍ୱ ଭିତରେ ଯୁବକଟି ଓଲଟା ପ୍ରଶ୍ନ ପଚାରିଲା—ଆପଣ ଆପଣ ଏ ଗୀତ ଗାଉଥିଲେ ?...ଊର୍ମି ଏ ପ୍ରଶ୍ନଟାକୁ ଆଦୌ ଗ୍ରହଣ କରିପାରୁନାହିଁ । ତା'ର ମନେହେଲା ସେ ଯେମିତି ଅପମାନିତା ବୋଧ କରୁଛି ! କିନ୍ତୁ ପରମୁହୂର୍ତ୍ତରେ ତା'ର ଚେତନା ଉଦୟ ହେଲା ଯେ ତା ସମ୍ମୁଖରେ ଯିଏ ଠିଆ ହୋଇଛନ୍ତି, ସ୍ୱଳ୍ପକ୍ଷଣ ପାଇଁ ହେଉପଛେ—ଏ ପରିବାରର ସେ ଜଣେ ଅତିଥି । ଯେତେ ପାରେ କୋମଳ କଣ୍ଠରେ କହିଲା—ଗୀତ କାହିଁ ? ମାତ୍ର ଗୋଟାଏ ଲାଇନ୍ ତ !

—ସେଇ ଲାଇନ୍‌ଟା···? ଊର୍ମିର ମନେହେଲା ଏ ଘଟଣା ସବୁ ସାଧାରଣ ସୀମାକୁ ଅତିକ୍ରମ କରି ଯାଉଚି । ସେ ଘରଭିତରକୁ ଫେରିଯିବ ।···କିନ୍ତୁ ପାରିଲା ନାହିଁ । ପଚାରିଲା —ଏ ଗୀତଟା ପ୍ରତି କାହିଁକି ଯେ ଆପଣଙ୍କର ଏତେ ଆଗ୍ରହ···

—ଉତ୍ତରଟା ଆପଣ ହିଁ ଦିଅନ୍ତୁ ।

—ମୁଁ ! !

—ଚେଷ୍ଟା କରନ୍ତୁ ।

ଊର୍ମିର ଦୃଷ୍ଟି ସୀମାରୁ ଗୋଟାଏ ପରଦା ଅପସରିଗଲା । ସେଦିନ ବାରିପଦା ସହରର ସେଇ ମନୋରଞ୍ଜନ କାର୍ଯ୍ୟକ୍ରମର ମୁହୂର୍ତ୍ତର ଗୋଟିଏ ଦୃଶ୍ୟ ! ସଂକୋଚର ଘେର ଭିତରେ ଥାଇ ବି ସେ କହିଲା—ଆପଣ···ଆପଣ ବାରିପଦାର···କବିପ୍ରସାଦ ମହାପାତ୍ର ।

—ଆଉ ଆପଣ କଟକର ସେଇ କଲେଜ୍ ଝିଅ, ଯିଏ ମତେ ଖୋଜି ନପାଇ, 'ଅଭିନନ୍ଦନ' ଶବ୍ଦର ଯେଉଁ ନୂଆ ସଂସ୍କରଣ ଲିରିକାଲ୍ ଶବ୍ଦଟା ବାହାରିଛି; ଅଥଚ ଏଯାଏଁ ଅଭିଧାନକୁ ଆସିନାହିଁ, ସେଇଥିରୁ ବହୁତ ବହୁତ ମୋ ପାଇଁ ଜମାଦେଇ ଆସିଥିଲେ ! ! ଊର୍ମି ଅନୁଭବ କରିପାରୁଚି ତା' ଦେହ ମନର ଚକିତ ଚଞ୍ଚଳ ଭାବର ଉଦୟ । ତା' ପାଦତଳର ମାଟି ଯେମିତି ଦବି ଦବି ଯାଉଛି । ଗୋଟିଏ ଆଦରଣୀୟା ଡାର୍ଲିଂ ଝିଅ ଭାବରେ ତା'ର ସୁନାମ ଅଛି; କିନ୍ତୁ ସେଥିପାଇଁ କିଛି ବାହାଦୁରୀ ପ୍ରକାଶ କଲାପରି ଗୁଣ ହେଉ ବା ଦୋଷ ହେଉ ତା'ର ନାହିଁ । ସେ ଆଉ ମୁହୂର୍ତ୍ତେ ଅପେକ୍ଷା ନକରି କହିଲା—ଆପଣ···ନା, ଏ ଲନ୍‌ରେ ନୁହେଁ,

Digitized by srujanika@gmail.com

ଆପଣ ଘରଭିତରକୁ ଆସନ୍ତୁ ।

—ଡକ୍ଟର ଦାସଙ୍କଠୁ ତ ବିଦାୟ ନେଇଆସିଲି । ଏଥର ଊର୍ମିର କଥାରେ ଅନୁନୟର ଆଭାସ—ଦେଖନ୍ତୁ, ପ୍ରଥମେ ମୋ ସହିତ ଆପଣଙ୍କର ଦେଖାହୋଇଥିଲା, ମୁଁ ତ ଆପଣଙ୍କୁ ବିଦାୟ ଦେଇନି ।

—ବେଶ୍ ତ, ଏବେ ବିଦାୟ ଦିଅନ୍ତୁ ।···ଊର୍ମିର ମୁହଁଟି ଶୁଖି ଶୁଖି ଆସିଲା, ସେ ଅପଦସ୍ଥ ହୋଇପଡ଼ୁଛି । କିନ୍ତୁ ତାକୁ ଆଉକିଛି ଭାବିବାକୁ ସମୟ ନଦେଇ କବି କହିଲା – ପ୍ଲିଜ୍, ମତେ କ୍ଷମାକରନ୍ତୁ । ମୁଁ ଆସିବି; କିନ୍ତୁ ଆଜି ନୁହେଁ ।

—ତା'ହେଲେ କେବେ ? କାଲି ?

—ହଁ, କାଲି, କାଲି ଆସିବି ।···ଦୁହେଁ ବିଦାୟନେଲେ । ଊର୍ମି ବସି ବସି ଭାବୁଚି—ଏଇ ଯାହା ଏଇ କେତେମିନିଟ୍ ଭିତରେ ଘଟିଗଲା, ତାହା ସ୍ୱାଭାବିକ ନହେଲେ ବି ଅସ୍ୱାଭାବିକ ନୁହେଁ । ଏକଥା ଠିକ୍ ଯେ ବାଣପଦାରେ ସେଦିନ ସଂଧ୍ୟାରେ ତାଙ୍କୁ ଗୋଟିଏ ମୁହୂର୍ତ୍ତପାଇଁ ଦେଖି ଓ ତାଙ୍କ ଗୀତ ଶୁଣି ସେ କେବଳ ତାଙ୍କର ପ୍ରଶଂସକ ନୁହେଁ, ତାଙ୍କ ପ୍ରତି ସେ ଆକୃଷ୍ଟ ହୋଇ-ପଡ଼ିଥିଲା; ଆଉ ଏକଥା ମଧ୍ୟ ସେ ମାନିନେଇଥିଲା ଯେ ସେଦିନ ସେଇଠିକରେ ସେ ଘଟଣାଟିର ସମାପ୍ତି ଘଟିଥିଲା । କିନ୍ତୁ ଅଠର ମାସ ପରେ କବିପ୍ରସାଦ ଏମିତି ଏକ ବିଚିତ୍ର ପରିବେଶ ସୃଷ୍ଟି କରି ଆସିବେ ଓ ତା' ସହିତ ଏମିତି କେତୋଟି ଅନ୍ତରଙ୍ଗ ମୁହୂର୍ତ୍ତ କଟାଇବେ...କହିଯାଇ-ଚନ୍ତି କାଲି ଆସିବେ ! ଆସିବେ ତ ? ହଁ ତା' ପରଦିନ କବିପ୍ରସାଦ ଆସିଲା । ଏବେ ଦୁହେଁ ଏକ ମନୋରମ ଆସନ୍ନ-ସନ୍ଧ୍ୟାରେ ଗୋଟିଏ ଟି'ପଏର ଦୁଇ ପାଖରେ ମୁହାଁମୁହିଁ ହୋଇ ବସି ଚା'ପାନ କରୁଛନ୍ତି । ଏପର୍ଯ୍ୟନ୍ତ କଥାବାର୍ତ୍ତାର ଗତିରୁ ଜଣାଯାଏ ସେମାନଙ୍କ ଭିତରେ ଏକ ଆନ୍ତରିକତାପୂର୍ଣ୍ଣ ସମ୍ପର୍କ ସ୍ଥାପିତ ହୋଇଆସିଲାଣି । ଊର୍ମି କହୁଚି—ଆପଣ ମୋ ନିକଟରେ ଏମିତି ଏକ ଅପରାଧ କରିଛନ୍ତି, ଯେଉଁଥିରେ ମୁଁ ଆପଣଙ୍କୁ କେବେ କ୍ଷମା କରିପାରିବି ନାହିଁ ।

—ଆପଣ ମତେ କ୍ଷମା ନକରିବା ଯାଏ ଏଠୁ ଯିବା ମୋ ପକ୍ଷେ ସମ୍ଭବ ନୁହେଁ । ଏବେ ଅପରାଧଟା କ'ଣ କୁହାଯାଉ ।

—ଆପଣ ସ୍ୱାର୍ଥପର । କିଛିଦିନ ଧରି ମ୍ୟୁଜିକାଲ୍ ପ୍ରୋଗ୍ରାମ୍‌ରେ କଟକ ଆସିଚନ୍ତି, ଅଥଚ ସେକଥା ମତେ ଲୁଚାଇଛନ୍ତି ।···କବି କିଛିଟା ବିସ୍ମିତ ହୋଇଉଠିଲା ସତ; କିନ୍ତୁ ସେ ବିସ୍ମୟରେ ଅଛି ତୃପ୍ତି ଆଉ ସନ୍ତୋଷ । ଊର୍ମି କହିଗଲାଚି—କୁହନ୍ତୁ, କଟକ କେବେ ଆସିଲେ ? ଆଜି ସନ୍ଧ୍ୟାରେ ଆପଣଙ୍କର ପ୍ରୋଗ୍ରାମ୍ ଅଛି ?

—ଅଛି ।

—କିଛି ନ ଲୁଚାଇ ସବୁକଥା ଖୋଲି କୁହନ୍ତୁ । ଆଜି ଆପଣଙ୍କର ପ୍ରୋଗ୍ରାମ ଆମଘରୁ ଆମେ ସମସ୍ତେ ଦେଖିବାକୁ ଯିବୁ । ···କବି ପ୍ରଥମେ 'ହୁଁ' ଟିଏ ମାରି ଟିକିଏ ରହି କଥା ଆରମ୍ଭ କଲା—ଏଠି ବର୍ତ୍ତମାନ ଆଉ ଏକ ଏମ୍. ଡି. ଆଉ ପି. ଏଚ୍. ଡି. ଘଟଣା ଘଟିବାକୁ ଯାଉଛି ।

Digitized by srujanika@gmail.com

—ମାନେ !

—ପ୍ରଥମ କଥା ହେଲା ମୁଁ କଟକ ଆସିଲିଣି ଗତବର୍ଷ କଲେଜ୍ ସେସନ୍ ଆରମ୍ଭରୁ । ମୁଁ ବର୍ତ୍ତମାନ ରେଭେନ୍ସା କଲେଜର ଏମ୍. ଏ. ଫାଇନାଲ୍ ଶ୍ରେଣୀର ଛାତ୍ର—ଇକନମିକ୍ସ ।
…ଉର୍ମି ଯାହା କୁହନ୍ତୁ ଆକାଶରୁ ପଡ଼ିଲା—ଆପଣ · ଆପଣ ପ୍ରାୟ ଦେଢ଼ବର୍ଷ ହେଲା କଟକ ଆସିଲେଣି ! !

—ହଁ, ଯୋଉଦିନ ଆପଣ ବାରିପଦାରେ ମୋ ପ୍ରୋଗ୍ରାମ ଦେଖିଥିଲେ, ସେଦିନ ବି. ଏ. ରେଜଲ୍ଟ ବାହାରିଲା । ତା'ପରେ ମୁଁ କଟକ ଆସି ରେଭେନ୍ସାରେ ନାଁ ଲେଖାଇଲି ।

ଆପଣ ଏତେଦିନ ହେଲା ରେଭେନ୍ସାରେ ପଢ଼ୁଛନ୍ତି; ଅଥଚ ମୁଁ ଆପଣଙ୍କୁ ଦେଖିନି !
…ସ୍ମିତ ମୁଖରେ ରବି ଉତ୍ତରଦେଲା—ମୁଁ କିନ୍ତୁ ଆପଣଙ୍କୁ ଦେଖିଚି । ଆପଣ ସେଇ ରେଭେନ୍ସାରେ…

—ହଁ'ତ । ମୁଁ ରେଭେନ୍ସାରେ ପଢ଼େ । ଏମ୍. ଏ. ପ୍ରିଭିୟସ୍ ଓଡ଼ିଆ । କିନ୍ତୁ ଆମ କଲେଜରେ ତ ଅସଂଖ୍ୟ ଅସଂଖ୍ୟ ଝିଅପିଲା । ଆପଣ ମତେ ଦେଖିଲେ କେମିତି ? ମନେ-ରଖିଲେ କେମିତି ?…ଏକ ଉଜ୍ଜ୍ୱଳ ଆଭାରେ ରବିପ୍ରସାଦର ମୁହଁ ଉଦ୍‌ଭାସିତ ହୋଇଉଠିଲା । ସ୍ନିଗ୍‌ଧ ଅଥଚ କରୁଣା ଦୃଢ଼ କଣ୍ଠରେ କହିଲା—ଆକାଶରେ ଲକ୍ଷକୋଟି ତାରା; ସ୍ବାତୀ' ବୋଲି ଜାଣିଲେ ଦେଖିହେବ ନାହିଁ ନା ଦେଖିଲେ ମନେ ରଖିହେବ ନାହିଁ ।

ଟିକିଏ ପୂର୍ବରୁ ରବି ମୁହଁରେ ଉଜ୍ଜ୍ୱଳ ଆଭା ଉକୁଟି ଉଠିଥିଲା, ଏବେ ସେ ନିଜେ ଦେଖୁଚି ଉର୍ମିର ଶୁଭ୍ର ମୁଖମଣ୍ଡଳରେ ରକ୍ତିମ ଆଭା । ସେ ଆଉ ରବି ଆଡ଼େ ଚାହିଁପାରୁନି । ଆଖି ତଳକୁ କରି କହିଲା—ଏତେବଡ଼ କଥାଟାଏ କହିଲେ !

—ଏଥର ଆପଣଙ୍କ ପାଳି, ଆପଣ କୁହନ୍ତୁ ।… ଉର୍ମି ନୀରବ । କ'ଣ ସେପରି ଚିନ୍ତା କରୁଚି । ଟିକିଏ ପରେ କହିଲା—ମୁଁ ? ମୁଁ ଏଇଆ କହୁଚି ଯେ ଆକାଶରେ ଗୋଟିଏ ବୋଲି ସୂର୍ଯ୍ୟ; କିନ୍ତୁ ସୂର୍ଯ୍ୟର ତେଜ ଏତେ ପ୍ରଖର ଯେ ଆଖିରେ ଦେଖି ବି ସେ ରୂପକୁ ଧରିବାନ୍ଧି ରଖିହୁଏନା ।…ରବି ମୁହଁରେ ହସ ଫୁଟିଉଠିଲା । ଉର୍ମି ଏଥର ରବି ମୁହଁକୁ ଚାହିଁ କହିଲା —ହସିଲେ କାହିଁକି ?

—ମୁଁ ହାରିଗଲି, ଏଇଥିପାଇଁ ହସିଲି ।…ରବି ଉଠି ଠିଆହେଲା ।

—ଏ କ'ଣ ଉଠିଲେ ଯେ ?

—କହିଥିଲିନା, ଆଜି ସନ୍ଧ୍ୟାରେ ଗୋଟେ ପ୍ରୋଗ୍ରାମ ଅଛି ।

—ଆଉ ପୁଣି କି ପ୍ରୋଗ୍ରାମ ?

—ଏଇ ଇଭିନିଂ ସୋ'ରେ ଗୋଟେ ସିନେମା ଦେଖିଯିବାର ପ୍ରୋଗ୍ରାମ ।…ଦୁହେଁ ହସିଉଠିଲେ; ସେଇ ହସ ଭିତରେ ଉର୍ମି ପଚାରିଲା—କି ଫିଲ୍ମ ?

—ଗୋଟାଏ ଇଂଲିଶ ଫିଲ୍ମ "It happened one evening"…ଫିଲ୍ମର ନାଁଟା ଶୁଣି ଉର୍ମି ଚକିତ ଚଞ୍ଚଳ ହୋଇଉଠିଲା । ଝରକାବାଟେ ବାହାରକୁ ଚାହିଁ ଦେଖିଲା ସନ୍ଧ୍ୟା

Digitized by srujanika@gmail.com

ନଇଁଆସୁଚି । ଘରଭିତରେ ଆଲୁଅ ଜାଳିବାର ସମୟ ପ୍ରାୟ ଆସନ୍ନ । ଏକ ମନୋରମ ଅମୃତମୟ ସାନ୍ଧ୍ୟ ମୁହୂର୍ତ୍ତ । ମନକୁ ମନ ଆବୃତ୍ତି କଲାପରି ଊର୍ମି କହିଉଠିଲା—It…happened…one…evening !!…ଏହାପରେ ଦୁହେଁ ଦୁହିଁଙ୍କୁ ମୁଗ୍ଧ ଦୃଷ୍ଟିରେ ଚାହିଁ-ରହିଲେ । କବିକୁ ପ୍ରଶ୍ନ କରିବା ଭଙ୍ଗୀରେ ଊର୍ମି ପଚାରିଲା—Has it happened ? …ଊର୍ମିର ଏ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କବି ତା'ର ଚମ୍ପା ରଙ୍ଗର ଅତି ସୁନ୍ଦର ପାପୁଲିଟିକୁ ଚାପିଧରିଲା…ଏଇ ସନ୍ଧ୍ୟା ପରେ ଆହୁରି କେତୋଟି ମଧୁମୟ ସନ୍ଧ୍ୟା ବିତି-ଯାଇଛି ।

× × ×

ସେଦିନ ଡକ୍ଟର ଦାସ ଜାମାପଟା ପିନ୍ଧୁଛନ୍ତି । ସେପାଖରେ ଶ୍ରୀମତୀ ଦାସ କାହା ସହିତ କଥାବାର୍ତ୍ତା କରିବାର ଅସ୍ପଷ୍ଟ ସ୍ୱର ଶୁଭୁଛି । ଟିକିଏ ପରେ ଶ୍ରୀମତୀ ଦାସ ଆସି ସ୍ୱାମୀଙ୍କୁ ପଚାରିଲେ—ତମେ ଆଉ ଚା' ଖାଇବ କି ?

—ନା । କିଏ ଆସିଛି ?

—ଊର୍ମିର ସାଙ୍ଗ ।

—ସାଙ୍ଗ ! କୋଉ ସାଙ୍ଗ ?

—ତା'ର କେଇଟା ସାଙ୍ଗ ତମ ଘରକୁ ଆସନ୍ତି କି ? ସେଇ ତ ଗୋଟିଏ ସାଙ୍ଗ, ଗୋଟିଏ ବନ୍ଧୁ—କବି ।

—ଓ, ହଁ । ଭଲପିଲା, ଶୁଣିଛି ପୁଣି ଭଲ ଛାତ୍ର ।

—ତାଙ୍କ କଲେଜରେ ଗୋଟେ ଡ଼ିଏଟ୍ କମ୍ପିଟିସନ୍‌ରେ କବି ଆଉ ଊର୍ମି ପରା ଫାଷ୍ଟ ହୋଇଥିଲେ ।

—ଜାଣିଛି ତ, ଖବରକାଗଜରେ ବାହାରିଥିଲା । …କହି କହି ଡକ୍ଟର ଦାସ ବାହାରି-ଗଲେ । ଡ୍ରଇଁରୁମ୍‌ରେ କବିକୁ ଭେଟି କହିଲେ—ଆରେ, ତମେ କ'ଣ ଏକା ? ତମ ବନ୍ଧୁଟି କାହାନ୍ତି ? …କବି ଟିକିଏ ଇତସ୍ତତଃ ହୋଇ କହିଲା—ଜାଣିନି ତ ।

ଘରେ ତ ଥିଲା, ଏଇ ଆଖପାଖକୁ କୋଉଠି ଯାଇଥିବ । …ଏତିକିବେଳେ ଊର୍ମିକୁ ଆସୁଥିବାର ଦେଖି କହିଲେ—ଏଇତ ଆସିଲାଣି । ହଁ ଊର୍ମି, ଭୁଲିଗଲି, ବୋଉକୁ କହିଦବୁ ତୋ ମାମୁ ଟେଲିଫୋନ କରିଥିଲା ।…ବାହାରକୁ ଚାଲିଗଲେ । ଊର୍ମି ଆସି ବସିଲା—କେତେବେଳୁ ଆସିଲଣି ?

—କେତେବେଳୁ ଆସିଲଣି ସେଇଟା କିଛି କଥା ନୁହେଁ ; କଥା ହେଲା, ତମ ବାପା ମତେ ଏଠି ଦେଖି ପଚାରିଲେ—"ଏକା ବସିଛ ଯେ, ତମ ବନ୍ଧୁଟି କାହିଁଗଲା ?"…ସ୍ମିତ ମୁଖରେ କିଛିଟା ଭ୍ରୂକୁଞ୍ଚିତ କରି ଊର୍ମି କହିଲା—ଭୁଲ୍‌ଟା କ'ଣ କହିଲେ ?

—ଭୁଲ୍‌ଟା ହେଲା—'ବନ୍ଧୁ'ଟି ।

Digitized by srujanika@gmail.com

—ଶୁଣ, ଯୋଉଦିନ ତୁମେ ଆମ ଘରେ ପ୍ରଥମେ ଏଇଠି ବସି ଚା' ଖାଇଲ, ସେଇଦିନ ମୁଁ ତମ ବାନ୍ଧବୀ ସ୍ତରକୁ ଟାଣି ହୋଇଯାଇଛୁ । ସ୍ୱା'ପରେ ଆଉ କିଛି କଥା ନାହିଁ ।···ଭିତରେ ବୋଉଙ୍କ ପାଟି ଶୁଭିଲା, ଚାକର ପିଲାକୁ ନିର୍ଦ୍ଦେଶ ଦେଉଚନ୍ତି—ଡାଇନିଂ ଟେବୁଲ ଉପରେ ପ୍ଲେଟ୍‌ସବୁ ରଖି ସେମାନଙ୍କୁ ଡାକ ।

×　　　　×　　　　×

ଖଟ ଉପରେ ଝୁଙ୍କିପଡ଼ି ଊର୍ମି ଖବରକାଗଜ ଦେଖୁଚି—ଦେଖୁଚି ଖୁବ୍ ଆଗ୍ରହ ଆଉ ଉତ୍କଣ୍ଠାର ସହିତ । ବାପା ବୋଉ ଆସିଲେ । ଡକ୍ଟର ଦାସ ପଚାରିଲେ—କ'ଣ ମା ? ଖବର-କାଗଜରୁ କ'ଣ ଏମିତି ଖୋଜିଲାପରି ପଢୁଚୁ ?···ଉତ୍କଣ୍ଠା ଓ ଆଗ୍ରହକୁ ଚାପିରଖି ଯେତେ ସମ୍ଭବ ସହଜ ଗଳାରେ ଊର୍ମି କହିଲା—ଆଇ. ଇ. ଏସ୍.ର ଫଳ ବାହାରିଚି—ଆଇ. ଇ. ଏସ୍. ? ଇଣ୍ଡିଆନ୍ ଇଂଜିନିୟରିଙ୍ଗ୍ ସର୍ଭିସ୍ ?

—ନା-ନା, ଇଣ୍ଡିଆନ୍ ଇକନମିକ୍ସ ସର୍ଭିସ ।···ଟିକିଏ ଆଶ୍ଚର୍ଯ୍ୟ ହୋଇଯାଇ ବାପା ପଚାରିଲେ— କିଏ ଇକନମିକ୍ସ ସର୍ଭିସ !! କିଏ ପରୀକ୍ଷା ଦେଇଚି ?···ବୋଉ ଆଗେଇ-ଆସି କହିଲେ—ତମେ କ'ଣ ଜାଣିନ ? କବି ପରା ଏ ପରୀକ୍ଷା ଦେଇଥିଲା ।

ଓ, କ'ଣ ହୋଇଚି ପରୀକ୍ଷାରେ ?

—ସେ ପାଇଚନ୍ତି । ପୁଣି ଲେକ୍‌ଚରର୍‌ସିପ୍ ପାଇଁ ପି. ଏସ୍. ସି. ରେଜଲ୍ଟ ବି ବାହାରିଚି । ତାକୁ ବି ପାଇଚନ୍ତି ।···ଖୁସି ମନରେ ଡକ୍ଟର ଦାସ କହିଲେ—ଗୁଡ୍ ! ଏଇଠି ମିସେସ୍ ଦାସ କହିଉଠିଲେ—କବି କଟକ ଆସିବା ଏଇ କାଲିପରି ଲାଗୁଚି । ଏ ଭିତରେ ଏମ୍. ଏ. ପାର୍ଟ୍ କରି ପରୀକ୍ଷାରେ ଫର୍ଷ୍ଟ କରି ଦୁ' ଦୁଟା ଚାକିରି ପାଇସାରିଲାଣି ।···ମିଷ୍ଟର ଦାସ ଊର୍ମିକୁ ପଚାରି ବୁଝିଲେ ଯେ, କବି ବର୍ତ୍ତମାନ ତାଙ୍କ ଘରେ ଅଛି । ଟିକିଏ ଦ୍ୱିଧାରେ ପଡ଼ିଲା ପରି ସେ କହିଲେ—ଘର···ତାଙ୍କ ଘରଟା କୋଉଠିକି ? ···ଉତ୍ତର ଆସିଲା ଶ୍ରୀମତୀ ଦାସଙ୍କଠାରୁ—ବାରିପଦାମ, ତାଙ୍କ ଘର ବାରିପଦାରେ ।

—ତା' ହେଲେ ଊର୍ମି, ତୁ ତା ପାଖକୁ ଗୋଟେ ଟେଲିଗ୍ରାମ୍ ପଠେଇ ଦେ'—ଗ୍ରୀଟିଂସ୍ ···ତୋର ବନ୍ଧୁ ସେ···କହି କହି ସେ ଚାଲିଗଲେ । ଊର୍ମି ପାଖରେ ବୋଉ ବସି ତା' ମଥାରୁ ପିଠି ପର୍ଯ୍ୟନ୍ତ ଆଉଁସି ଡାକିଲେ—ଊର୍ମି !···ଊର୍ମି କିଛି ନ କହି କେବଳ ବୋଉ ମୁହଁକୁ ଚାହିଁ ରହିଲା । ସେ ଚାହାଣୀରେ କିଛିଟା ସନ୍ତୋଷ, କିଛିଟା ଆଶଙ୍କା, କିଛିଟା ତୃପ୍ତି, କିଛିଟା ଚଞ୍ଚଳତା ।

କବି ଇକନମିକ୍ସ ସର୍ଭିସ୍ ପାଇ ବର୍ତ୍ତମାନ ଟ୍ରେନିଙ୍ଗ୍‌ରେ ଅଛି । କିଛି ଦିନ ଛୁଟିରେ କଟକ ଆସି ଏ ପରିବାରରେ କେତୋଟି ମୁହୂର୍ତ୍ତ ଆନନ୍ଦରେ କଟାଇ ପୁଣି ଟ୍ରେନିଙ୍ଗ୍‌କୁ ଫେରିଗଲେଣି । ସେଦିନ ଡକ୍ଟର ଦାସ ଓ ଶ୍ରୀମତୀ ଦାସଙ୍କ ଭିତରେ କଥାବାର୍ତ୍ତା ଚାଲିଚି । ଶ୍ରୀମତୀ ଦାସ କହୁଚନ୍ତି—ଊର୍ମିର ବାହାଘର ତମେ ଏଇବର୍ଷ କରୁଚ ତ ?—ଡକ୍ଟର ଦାସ ସୋଫାଉପରେ ସିଧାହୋଇ ବସି କଥାରେ ବେଶ୍ ଜୋର୍‌ଦେଇ କହିଲେ—ହଁ, ଆସନ୍ତା ମାର୍ଚ୍ଚ ମାସରେ ନିଶ୍ଚୟ

Digitized by srujanika@gmail.com

ତା'ର ପଢ଼ାପଢ଼ି ତ ସରିଲା, ଚାକିରି ତ କରିବନାହିଁ କହୁଚ । ଆଉ ଡେରି କାହିଁକି ? ମୁଁ ଆଜି ମାନେ ଏଇ ବର୍ତ୍ତମାନ ଚିଠି ଲେଖିବି । ମୁହାଁମୁହିଁ କଥାବାର୍ତ୍ତା ସିନା ହୋଇନି; କିନ୍ତୁ ଉଭୟ ପକ୍ଷ ତ ଭିତରେ ଭିତରେ ରାଜି ।—ଆନନ୍ଦ-ଉଚ୍ଛ୍ୱାସରେ ଶ୍ରୀଯୁକ୍ତ ଦାସ ନିଜକୁ ଯେମିତି ଭସାଇଦେଇଚନ୍ତି । ଏଇଠି ଶ୍ରୀମତୀ ଦାସ ଟିକିଏ ତୀକ୍ଷ୍ଣଭାବରେ ସ୍ୱାମୀଙ୍କ ମୁହଁକୁ ଚାହିଁ ପଚାରିଲେ—ରାଜି ଯେ, ତମେ ଚିଠି କାହାପାଖକୁ ଲେଖିବ ?

—ସଦାଶିବ ବାବୁ, ଆଉ କାହାପାଖକୁ ?

—ତମେ ସବୁ ଜାଣି ଶୁଣି ବୁଝି ଅଡ଼ୁଆ ଭିତରେ ପଶୁଚ କାହିଁକି ? ···ସ୍ତ୍ରୀଙ୍କ ମୁହଁରୁ ଏକଥା ଶୁଣି, ସେ ଯେପରି ମୂକ ପାଲଟିଗଲେ । ସେ କ'ଣ ଜାଣିଚନ୍ତି—କ'ଣ ଶୁଣିଚନ୍ତି କି ବୁଝିଚନ୍ତି, ଏକଥା ସେ ନିଜେ କିଛି ବୁଝି ପାରୁନାହାନ୍ତି, କିଛି କହି ବି ପାରୁନାହାନ୍ତି । ଶ୍ରୀମତୀ ଦାସ ପୁଣି କହିଲେ—ତମେ କ'ଣ ଊର୍ମି ମନକଥା କିଛି ଜାଣିନ ? ଊର୍ମି'ର ଇଚ୍ଛା କବି ସାଙ୍ଗରେ ତା'ର ବାହାଘର ହେବ ।···ଶ୍ରୀମତୀ ଦାସଙ୍କ ଏତିକି କଥାରେ ତାଙ୍କୁ ଚାରିଦିଗ ଅନ୍ଧାର ଦିଶିଲା । ମୁହଁଟା ସଂପୂର୍ଣ୍ଣ ସାଦା ଦେଖାଯାଉଚି । ସେ ନିଜେ ନିଜକୁ କହିଲା ଭଳି କହିଲେ—ସଦାଶିବ ବାବୁଙ୍କ ପୁଅ, ଭଲ ଡାକ୍ତର, ଉଚ୍ଚ ଡିଗ୍ରୀ—ଚାକିରି ନକରି ଏଇଠି କ୍ଲିନିକ୍ ଖୋଲିଲା । ଏଠି ବାହାଘର ନହେଲେ ସେମାନେ ଭାରି ଦୁଃଖ ପାଇବେ, ଆଘାତ ପାଇବେ, ତାଙ୍କ ସମସ୍ତଙ୍କୁ ଭାରି ବାଧିବ—ସମସ୍ତେ—ସାରା-ପରିବାର !

—ତାଙ୍କ ଘରେ ବାହାଘର ହବା କଥା । ଏଇ ପାଞ୍ଚ ଛ' ମାସ ତଳେ ତୁମେ ସଦାଶିବ ବାବୁଙ୍କ ସହିତ କ'ଣ କଥାବାର୍ତ୍ତା ହୋଇଥିଲ; କିନ୍ତୁ ଏ ବାହାଘରପାଇଁ କେହି କାହାକୁ ତ ପକ୍କା ଜବାବ୍ ଦେଇନାହଁ । ପୁଣି ଏକଥା କହିଲାବେଳେ ତୁମେ ଊର୍ମି କଥା ପୁରାପୁରି ଭୁଲିଯାଉଛ କେମିତି !···ସ୍ତ୍ରୀ'ପରେ ଶ୍ରୀଯୁକ୍ତ ଦାସ ସଂପୂର୍ଣ୍ଣ ନୀରବ ରହିବା କଥା । କିଛିକ୍ଷଣ ନୀରବ ରହିଲେ ବି । ଗଳାର ସ୍ୱର ଯେମିତି ଭାଙ୍ଗି ଭାଙ୍ଗି ଆସୁଛି ! ସେଥିରେ କହିବେ ବା କ'ଣ ? ରହି ରହି କେବଳ ଏତିକି କହିଲେ—ନା, ଊର୍ମି କଥା ଭୁଲୁନାହିଁ । ମାଘ'ମାସରେ କବି ସାଥିରେ ତା'ର ବାହାଘର ହେବ । ···ଏତିକିରେ ହିଁ ଏ ଆଲୋଚନା ଶେଷ ହୋଇ-ଗଲା । ସ୍ୱାମୀଙ୍କ କାନ୍ଧ ଉପରେ ହାତ ରଖି ସ୍ତ୍ରୀ କହିଲେ—ବୁଝ, ମୁଁ ଚମପାଇଁ ଚା' ଆଣୁଚ ।

× × ×

ବନ୍ଧୁ ! ବନ୍ଧୁତା ! ଏ ଶବ୍ଦର ଯୋଉ ମର୍ଯ୍ୟାଦା ଅଛି, ଯୋଉ ସାଙ୍କେତିକ ଅଛି, ତାହା କ'ଣ କ୍ରମେ କ୍ଷୀଣ ହୋଇଆସୁଚ···କବି ଭାଲିପିଲା । ଗତ ଚାରିବର୍ଷଧରି ସେ ଆସିଚ, ଯାଇଚ ଊର୍ମିର ଜଣେ ବନ୍ଧୁଭାବରେ । ସେ ତାକୁ ଜାଣିଚନ୍ତି, ଚହ୍ନିଚନ୍ତି, ତା' ସହିତ ଗୋଟିଏ ଟେବୁଲରେ ବସି ଖାଇଚନ୍ତି ଊର୍ମିର ସେଇ ବନ୍ଧୁଭାବରେ । କାହିଁ, କେବେହେଲେ ତ ତାଙ୍କ ମନରେ କବି ସହିତ ଊର୍ମିର ବିବାହ ପ୍ରଶ୍ନ ଉଠିନି । ସେଇପରି କେବେ ମଧ୍ୟ ତା'ପାଇଁ ଏ ଘରର ଦ୍ୱାର ରୁଦ୍ଧ ହୋଇନି ।

Digitized by srujanika@gmail.com

ଏ ବିବାହର ବିରୋଧ ସେ କରୁନାହାନ୍ତି । ଊର୍ମି ତେଇଶିବର୍ଷର ଉଚ୍ଚ-ଶିକ୍ଷିତା ତରୁଣୀ । ତା'ର ଦାୟିତ୍ୱଜ୍ଞାନର ଅଭାବ ନାହିଁ । କିନ୍ତୁ 'ବନ୍ଧୁ'—ଏଇ ଶବ୍ଦଟିର ଯେଉଁ ବିଭବ ଅଛି, ଯେଉଁ ବିଶ୍ୱପ୍ରାଣତାର ଆକର୍ଷଣ ରହିଚି, ସେସବୁ କ'ଣ ଏବେ ଶ୍ରାନ୍ତ ହେଇଗଲାଣି ! ବନ୍ଧୁ ତା କହିଲେ ଯେଉଁ ନିର୍ମଳ ଅନାବିଲ ମାନବିକ ଗୁଣର ଚିତ୍ର ଆଙ୍କି ହେଇଯାଏ, ତା'ର ପରିଣତି ତା'ର ଲକ୍ଷ୍ୟ କ'ଣ କେବଳ ବିବାହ—କେବଳ ଦୈହିକ ବନ୍ଧନର ଦାସତ୍ୱ ! ଦୁଇବନ୍ଧୁ କ'ଣ ଆଜୀବନ ସେଇ ବନ୍ଧୁ ହେଇ ରହିପାରିବେ ନାହିଁ । ବନ୍ଧୁତା କ'ଣ ଏକ ଦରଦୀ ପ୍ରାଣର ଅନାଘ୍ରାତ ପୁଷ୍ପ ହେଇ ରହିପାରିବ ନାହିଁ ?—ଧୂପବତୀପରି ଏକ ଶୁଭ୍ର-ସତେଜ ପ୍ରତୀକ ହେଇ ରହିପାରିବ ନାହିଁ ?···ଦୁଇଟି ତରୁଣ ତରୁଣୀଙ୍କର ସଖ୍ୟଭାବ, ବନ୍ଧୁଭାବ ସହିତ ପରିବାରର ଗୁରୁଜନମାନଙ୍କର କିଛି ସମ୍ପର୍କ ନ ରହିଲେ, ଆମେ ତ ଛିନ୍ନମୂଳ ହେଇଯିବୁ !

ଏ କେତେଦିନଧରି ଡକ୍ଟର ଦାସଙ୍କ ମନରେ ଏଇସବୁ ଚିନ୍ତା ଦେଖାଦେଇଚି । ଏସବୁର କୌଣସି ସମାଧାନର ପ୍ରଶ୍ନ ତାଙ୍କ ମନରେ ଅବଶ୍ୟ ନାହିଁ । କିନ୍ତୁ ସେ ଏଥିରୁ ମୁକ୍ତ ହେଇପାରୁନାହାନ୍ତି; ବରଂ ଭିତରେ ଭିତରେ କ୍ଷତବିକ୍ଷତ ହେଉପଡୁଚନ୍ତି । ବେଳେ ବେଳେ ଆଖିରୁ ଲୁହ ଝରିଆସୁଛି । ଏଭଳି ଦୁର୍ବଳତାର ଶିକାର ହେବାକୁ ସେ ଚାହାନ୍ତି ନାହିଁ —ଅଥଚ ତାଙ୍କ ମନର ବଳ ଫେରିପାଇବାକୁ ସେ ସମର୍ଥ ହେଇପାରୁନାହାନ୍ତି ।

ସେଦିନ ଡକ୍ଟର ଦାସ ଗୋଟିଏ ଇଜି-ଚେୟାର ଉପରେ ବସିଛନ୍ତି । ଶ୍ରୀମତୀ ଦାସ ଆସି ସଙ୍ଗେ ସଙ୍ଗେ କଥା ଆରମ୍ଭକଲେ—କ'ଣ ହେଇଚି ତମର ? ବାହାଘର ପ୍ରସ୍ତାବରେ ତ ରାଜି ହେଲ, ବାହାଘର ଆୟୋଜନ ଚାଲିଛି—ଅଥଚ ତମ ମନ ଭଲ ରହୁନି । ବସି ବସି କ'ଣ ସବୁ ଏଣ୍ଟତେଣ୍ଟ ଭାବୁଛ; ବେଳେ ବେଳେ ଆଖି ଛଳଛଳ ହେଇଯାଉଚି । ତମକୁ କିଛି ପଚାରିବାର ସାହସ ଭରସା ଆମର କାହାରି ନାହିଁ । ଊର୍ମି ତ ଡରମରି କଲାକାଠ ପଡ଼ିଗଲାଣି । ଜାଣିପାରୁଥିବ, ଡରରେ ସେ ତମ ପାଖ ମାଡ଼ୁନାହିଁ । ଏଇ ଦୁଇଦିନ ତଳେ କବି ଆସିଥିଲା, ଘଣ୍ଟାଏ ଖଣ୍ଡେ ଏଠି ରହି ବାରିପଦା ଗଲା । ସେକଥା ବି ତମକୁ କହିବା ପାଇଁ ଊର୍ମି ସାହସ କରିପାରିଲା ନାହିଁ ।···ଯେତେପାରେ ନିଜକୁ ପ୍ରକୃତିସ୍ଥ କରିବାକୁ ଚେଷ୍ଟା-କରି ଡକ୍ଟର ଦାସ କହିଲେ—ଠିକ୍ କ'ଣ କହୁଛ ତୁମେ ?

—ମୁଁ କିଛି କହିପାରିବିନି । ସେଇ ଊର୍ମି ଆସୁ କହିବ । ମୁଁ ତାକୁ ଡାକିଆଣେ ।··· ଶ୍ରୀମତୀ ଦାସ ଭିତରକୁ ଗଲେ, ଟିକିଏ ପରେ ମା' ଝିଅ ଦୁହେଁ ଆସିଲେ ।··· ଏଇ ଊର୍ମି, ଯେତେବେଳେ, ଯୋଉ ମୁହୂର୍ତ୍ତରେ, ଯୋଉ ଅବସ୍ଥାରେ ସେ ବାପାଙ୍କୁ ଦେଖେ, ଆଶା-ଭରସା, ସ୍ନେହ-ଶ୍ରଦ୍ଧା ଆଉ ଆନନ୍ଦ-ଉତ୍ସାହରେ ତା' ସୁନ୍ଦର ମୁହଁଟି ଉଜ୍ଜ୍ୱଳ ହୋଇଉଠେ । ଆଜି ସେ ମୁହଁଟେକି ଚାହିଁପାରୁନି । ସେ ଆସି ଅନ୍ୟ ଆସନରେ ନବସି ସେଇଠି ବାପାଙ୍କ ଆଣ୍ଠୁ ଉପରେ ମୁଣ୍ଡ ରଖି ତଳେ ବସିପଡ଼ିଲା । ଡକ୍ଟର ଦାସ କିଞ୍ଚିତଭାବରେ ବିଚଳିତ ହେଇ-ପଡ଼ି କହିଲେ—କ'ଣ, କ'ଣ ହେଇଚି ମା' ? ତୁ ଉଠିଲୁ ଆଗେ, ଏ ସୋଫାରେ ବସ ।

—ନାହିଁ ବାପା, ମୁଁ ଏଇଠି ବସୁଚି ।···ଜଣାଗଲା ଊର୍ମି ଆଖିରୁ ଲୁହ ପୋଛୁଚି ।

Digitized by srujanika@gmail.com

ଶ୍ରୀଯୁକ୍ତ ଦାସ ଆହୁରି ବିଚଳିତ ହୋଇପଡ଼ି ଅତି ଅସହାୟଭାବେ ସ୍ତ୍ରୀଙ୍କୁ ଚାହିଁ ପଚାରିଲେ—କ'ଣ ହୋଇଛି ଊର୍ମିର ?

—କହୁନୁ ଲୋ ଊର୍ମି ! …ଊର୍ମି କିନ୍ତୁ ନୀରବ । ଶ୍ରୀମତୀ ଦାସ ସ୍ୱାମୀଙ୍କୁ ଉଦ୍ଦେଶ୍ୟକରି କହିଚାଲିଚନ୍ତି—ଆମେ ସବୁ ବୁଝିପାରୁଛୁ । ଊର୍ମିର ବାହାଘର ପରେ ଆମେ ଦୁହେଁ ଏଠି ଏକୁଟିଆ ହୋଇଯିବୁ । ମୁଁ ତ ଜାଣି ଘରର ଘରଣୀ, ଘର କାମରେ ମୋର ବେଳ କଟିବ । ହେଲେ ତମେ !… ଡକ୍ଟର ଦାସ ଏଥିରେ ବାଧାଦେଇ କହିଉଠିଲେ—ଏକଥା କିଏ ତମକୁ କହିଲା ?

—ଏକଥା କେହି କାହାକୁ କିଛି କହିବାର ନାହିଁ । ଏକଥା ମୁଁ ବୁଝିଛି, ଊର୍ମି ବୁଝିଛି । …ଆଉ ସେଇଥିପାଇଁ ତମର ଏ ଅବସ୍ଥା ।

ହଁ ବାପା, ବୋଉ ଠିକ୍ କହୁଛି । ଭାଇ-ଭାଉଜଙ୍କର ଆମେରିକାରୁ ଫେରିବାର କିଛି ଠିକ୍-ଠିକଣା ନାହିଁ । ତମେ ତ ନିଜେ କହୁଥିଲ ସେମାନେ ହୁଏତ ସେଠି ସେଟଲ୍ କରିଯିବେ । ତା'ହେଲେ ? ତମେ ଚଳିବ କେମିତି ? ସତରେ ବାପା, ମୁଁ ଚାଲିଗଲାପରେ ତମେ ପୂରାପୂରି ଏକୁଟିଆ ହୋଇଯିବ, ନିରାଶ୍ରୟ ହୋଇଯିବ । ବୋଉ ଅବସ୍ଥା ବି ସେଇଆ । ସିଏ ବା କେତେ କ'ଣ ତମକଥା ବୁଝିବ !…ଡକ୍ଟର ଦାସ ଯେମିତି ଗୋଟାଏ ଜାଲ ଭିତରେ ବନ୍ଧ-ହୋଇଯାଉଛନ୍ତି । କିଛି ଭରସା ଆଶାରେ ସେ ସ୍ତ୍ରୀଙ୍କ ଆଡ଼େ ଚାହିଁଲେ । ଊର୍ମି କଥାର ଖିଅ ଧରି ଶ୍ରୀମତୀ ଦାସ କହିଲେ—ସେଇ କଥା ତ । ବାରହାତ କାନ୍ତ ବାର ଆଙ୍ଗୁଳରେ ରହିବା ଯାହା, ମୋ ଅବସ୍ଥା ଠିକ୍ ସେଇଆ ।…ଶ୍ରୀଯୁକ୍ତ ଦାସ କିଛିକ୍ଷଣ ସ୍ଥାଣୁ ପାଲଟିଗଲେ । ସେ ଅନୁଭବ କରୁଚନ୍ତି ଊର୍ମିର ଆଖି ଲୁହରେ ତାଙ୍କ ଆଣ୍ଠୁ ଓଦା ହୋଇଆସୁଛି । ଝିଅକୁ ଚାହିଁଲେ, ସେଇମିତି ସେ ବେକଭାଙ୍ଗି ତାଙ୍କ ଆଣ୍ଠୁ ଉପରେ ମଥା ରଖି ବସିଚି । ସସ୍ନେହ କରସ୍ପର୍ଶରେ ତାକୁ ଆଉଁସି ଡାକିଲେ—ଶୁଣ୍ ମା ! …ଊର୍ମିର କଥା ଶେଷ ହୋଇନି । ସେଇ ଅବସ୍ଥାରେ ସେ କହିଚାଲିଚି—ଦୁଇଦିନ ତଳେ କିଏ ଆସିଥିଲେ । ସବୁକଥା ଶୁଣି ସେ ରାଜି ହୋଇଚନ୍ତି । ଇକନମିକ୍ସ ସର୍ଭିସ୍‌ପାଇଁ ଓଡ଼ିଶାରେ ଭେକାନ୍‌ସି ନାହିଁ । କୋଉଠି ପୋଷ୍ଟିଙ୍ଗ୍ ହବ କିଛି ଠିକ୍ ଠିକଣା ନାହିଁ । ଭାରତ ବାହାରେ ବି ହୋଇପାରେ । ସବୁ ଶୁଣି ସେ ରାଜି ହୋଇଚନ୍ତି ଏ ଚାକିରି ସେ ଛାଡ଼ିଦେବେ । ଲେକ୍‌ଚରର୍ ହେବେ । ଲେକ୍‌ଚରର୍ ଚାକିରି ପୋଷ୍ଟିଙ୍ଗ୍ ଏଯାଏଁ ହୋଇନି । ଏଇ ମାସରେ ହେବ । ଲିଷ୍ଟ୍‌ରେ ତାଙ୍କ ପୋଜିସନ୍ ଖୁବ୍ ଭଲ ଅଛି । ଏଇଠି ରେଭେନ୍‌ସାରେ ମିଳିଯାଇପାରେ । ମୁଁ ତୁମ ପାଖେ ପାଖେ ରହିବି ।…ନାଇଁ ବାପା, ତୁମେ ଆଉ ମନଦୁଃଖ କରନାହିଁ । ମୁଁ କହୁଚି—କହୁଚି ମୁଁ ତମକୁ ଛାଡ଼ି କୁଆଡ଼େ ଯିବିନାହିଁ । …କନ୍ଦନ-ଉଚ୍ଛ୍ୱାସରେ ଊର୍ମିର କଣ୍ଠ ରୁଦ୍ଧହୋଇଆସୁଚି ।

ଡକ୍ଟର ଦାସ ବୁଝିପାରୁଚନ୍ତି, ସେ ହାରିଯାଇଚନ୍ତି । ସେଇ ସଙ୍ଗେ ସଙ୍ଗେ ସେ ଅନୁଭବ କରୁଛନ୍ତି ତାଙ୍କ ପଞ୍ଚଭୂତ ଶରୀରରେ ଏକ ନୂତନ ପ୍ରଲେପର ସ୍ପର୍ଶ । ଊର୍ମିକୁ ଡାକିଲେ—ଊର୍ମି ।

—ବାପା !

Digitized by srujanika@gmail.com

—ଉଠିଲୁ ମା', ମୋ ମୁହଁକୁ ଚାହିଁଲୁ ।

ଊର୍ମି ଆଖି ଟେକି ବାପାଙ୍କୁ ଚାହିଁଲା । ଦୁହେଁ ଦୁହିଁଙ୍କୁ ଦେଖୁଛନ୍ତି । ବାପା ଦେଖୁଛନ୍ତି ଝିଅର ସେଇ ସବୁଦିନର ସରଳ ନିଷ୍ପାପ ମୁହଁ । କୋଉଠି କିଛି ଭ୍ରାନ୍ତି ନାହିଁ କି ଛଳନାର ଇଙ୍ଗିତ ନାହିଁ । ଆଖିଦୁଇଟି ଲୁହରେ ଭିଜି ଯେମିତି ଆହୁରି ସତେଜ, ଆହୁରି ନିର୍ମଳ ହୋଇ-ଯାଇଛି ।···ଊର୍ମି ଦେଖୁଛି ବାପାଙ୍କର ବର୍ତ୍ତମାନର ଏ ମୁହଁ ଗତ କେତେଦିନର ଶୁଷ୍କ ପରିହତ ମୁହଁ ନୁହେଁ । ଏ ମୁହଁରେ ସ୍ନେହ-ମମତାର ଉଜ୍ଜ୍ୱଳ ଆଭା ଉକୁଟି ଉଠୁଛି । ଆଖିପତା ଓଦା; କିନ୍ତୁ ଆନନ୍ଦବିଭୋର । ସେ କହିଲେ—ନାଇଁ ମା' କୋଉ ବାପ ଏତେ ସ୍ୱାର୍ଥପର ହୋଇ-ପାରିବ ନାହିଁ । ଏ ବାହାଘର ହେବ, ଆଉ କିବା ତା'ର ଏଇ ଗୁଜରାଟରେ ହିଁ ରହିବ । ଅଧ୍ୟାପକ ଜୀବନକୁ ମୁଁ ବହୁତ ସମ୍ମାନ ଦିଏ; କିନ୍ତୁ ଗୋଟାଏ ଗୁଜରାଟରେ ଟ୍ରେନିଂ ନେଇ ଗ୍ରୁପ୍ତଦେବା ଶୋଭନୀୟ ନୁହେଁ । ପୋଷ୍ଟିଙ୍ଗ୍ ଯେଉଁଠି ହେବ, ତୁମେ ଦୁହେଁ ସେଠିକି ଯିବ ।

ଲାଲବାଗ କୋଠିରୁ ଏକ ନମ୍ବର ସଫଦରଜଙ୍ଗ୍

କଟକ ଲାଲବାଗ ଥାନା ସମ୍ମୁଖସ୍ଥ ସୁବିସ୍ତୀର୍ଣ୍ଣ ଜମିଉପରେ ମଧ୍ୟଯୁଗୀୟ ଆଭିଜାତ୍ୟର ପ୍ରତୀକ ବିରାଟ ପ୍ରାସାଦଟି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରଠୁଁ ଭାରତ ସ୍ୱାଧୀନତାଲାଭର କିଛିବର୍ଷ ପର୍ଯ୍ୟନ୍ତ ଥିଲା ଓଡ଼ିଶାର ଗଭର୍ଣ୍ଣରଙ୍କ ହାଉସ୍ ବା ରାଜଭବନ । ନିଶ୍ଚିତଭାବେ ଏହା ଏକ ଐତିହାସିକ ପୀଠ । ଷୋଳଶହ ବତିଶ ମସିହାରେ ମୋଗଲ ଶାସକମାନଙ୍କଦ୍ୱାରା ନିର୍ମିତ ଏହି ସୁବୃହତ୍ ପ୍ରାସାଦ ବହୁ ଐତିହାସିକ ସ୍ମୃତି ବହନ କରିଆସିଛି—ଇତିହାସର ବହୁ ରାଜପୁରୁଷଙ୍କ ପଦଚିହ୍ନ ଏଠି ଅଙ୍କିତ ହୋଇଛି । ମାତ୍ର ଇତିହାସର ଏ ସମସ୍ତ ସ୍ମୃତି ଆଉ ତଥି ମଳିନ ପଡ଼ିଗଲା ସେହିଦିନ, ଯେଉଁଦିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପୁଣ୍ୟଶ୍ଳୋକ ଜବାହରଲାଲ୍ ନେହେରୁ ଓଡ଼ିଶାର ତତ୍କାଳୀନ ରାଜଭବନ ଏହି ଲାଲବାଗ କୋଠିରେ ପ୍ରଥମ ପଦାର୍ପଣ କଲେ ଓ ଏଠି ଗୋଟିଏ ରାତ୍ରି ଅତିବାହିତ କଲେ । ରାତ୍ରିଟି ହେଉଛି ମେ-ଜୁନ୍ ମାସର ଏକ ଗ୍ରୀଷ୍ମରାତ୍ରି ।···ମର୍କତ କେଶରୀଙ୍କ ଅମରକୀର୍ତ୍ତି କାଠଯୋଡ଼ିନଦୀର ପଥର ବନ୍ଧଠାରୁ ସମ୍ୟକ୍ ଦୂରତ୍ୱ ରକ୍ଷାକରି ଏହି ପ୍ରାସାଦଟି ନିର୍ମିତ । ପ୍ରାସାଦରେ ବହୁ-ସଂଖ୍ୟାରେ କକ୍ଷ ରହିଛି । କିନ୍ତୁ ଏହାର ଦକ୍ଷିଣ ପଟର ଠିକ ମଧ୍ୟଭାଗରେ ଥିବା କକ୍ଷଟି ହେଉଛି ସବୁଠୁ ବୃହତ୍ କକ୍ଷ । ଏହି କକ୍ଷର ବର୍ହିଭାଗ ଅର୍ଦ୍ଧବୃତ୍ତାକାର; ପୁଣି ଏ ବୃତ୍ତର ଠିକ୍ କେନ୍ଦ୍ର-ସ୍ଥଳୀରେ ଅଛି ଏକ ଲୌହ ରେଲିଂଯୁକ୍ତ ବାତାୟନ । କାଠଯୋଡ଼ିର ମୁକ୍ତ ବାୟୁକୁ ଅହରହ ସ୍ୱାଗତ ଜଣାଇବାପାଇଁ ହିଁ ଏ ବାତାୟନର ସ୍ଥିତି । ବାତାୟନ ନିମ୍ନଦେଶରୁ ନଦୀବନ୍ଧ ଆଡ଼କୁ ଲମ୍ବି ଯାଇଛି ପ୍ରଶସ୍ତ ବାରନ୍ଦା । ବାରନ୍ଦାର ଶେଷ ଧାରରେ ପାରାପେଟ୍; ପାରାପେଟ୍‌ରେ ଜାଲି ବା ଗ୍ରୀଲ୍ ନାହିଁ, ଅଛି ଲୌହ ରେଲିଂ । ବାରନ୍ଦା ଉପର ଛାତ ସୀମାରୁ ଲମ୍ବି ଆସିଛି ଛାଜା । ବାରନ୍ଦା ଧାର ଓ କାଠଯୋଡ଼ିର ପଥରବନ୍ଧ ଧାର ମଧ୍ୟରେ ଅଛି ସ୍ୱଳ୍ପପରିମିତ ଖୋଲାସ୍ଥାନ ।

ସେଇ ମେ-ଜୁନ୍‌ର ସେଇ ସ୍ମରଣୀୟ ଗ୍ରୀଷ୍ମରାତିଟି ! ଲାଲବାଗ କୋଠିର ସେଇ ବଡ଼ କକ୍ଷଟିରେ ନେହେରୁଙ୍କ ରାତ୍ରିଯାପନ କରୁଛନ୍ତି । ସମସ୍ତ ନିରାପତ୍ତା ବ୍ୟବସ୍ଥା ସଂପୂର୍ଣ୍ଣ । ରାତି ବାରଟା । ଏପର୍ଯ୍ୟନ୍ତ ଥିବା ନିରାପତ୍ତା ରକ୍ଷୀମାନେ ପରିବର୍ତ୍ତିତ ହୋଇ ତାଙ୍କ ସ୍ଥାନରେ ନୂତନ ରକ୍ଷୀମାନେ ନିଯୁକ୍ତ ହେଲେ । ନେହେରୁଙ୍କ ଶୟନକକ୍ଷ ସଂଲଗ୍ନ ବାରନ୍ଦାଧାର ଓ କାଠ-ଯୋଡ଼ିର ପଥରବନ୍ଧ ମଧ୍ୟରେ ଥିବା ସ୍ୱଳ୍ପପରିମିତ ଖୋଲାସ୍ଥାନରେ ନିରାପତ୍ତା ଦାୟିତ୍ୱରେ ଅଛନ୍ତି ଜଣେ ସବ୍-ଇନ୍‌ସ୍ପେକ୍ଟର । ରାତି ବାରଟା ପରେ ସେ ସବ୍-ଇନ୍‌ସ୍ପେକ୍ଟର ବଦଳି ହୋଇ ତାଙ୍କ ସ୍ଥାନରେ ଆସିଲେ ଜଣେ ତରୁଣ ସବ୍-ଇନ୍‌ସପେକ୍ଟର । ତାଙ୍କର ସମ୍ପୂର୍ଣ୍ଣ ନାମ ପରିବର୍ତ୍ତେ ସେ ପୋଲିସ ବିଭାଗ ତଥା ସାଧାରଣରେ ଆର୍. କେ. ନାମରେ ପରିଚିତ ।···ମଥା

Digitized by srujanika@gmail.com

ଉପରେ ହିମାଳୟପରି ଗୁରୁଦାୟିତ୍ୱ—ମନଭିତରେ ହିମାଳୟର ବେଗଗାମୀ ଝରଣାପରି ଉଚ୍ଛଳ-କର୍ତ୍ତବ୍ୟବୋଧ । ଏହିପରି ମାନସିକ ଓ ଶାରୀରିକ ଅବସ୍ଥାରେ ଆର୍. କେ. ତାଙ୍କର ଦାୟିତ୍ୱ ଗ୍ରହଣ କଲେ । ନିର୍ମଳ ଜ୍ୟୋତ୍ସ୍ନାରାତି । ବାତାୟନ ମଧ୍ୟଦେଇ ଏପର୍ଯ୍ୟନ୍ତ ଯେତିକି ଚନ୍ଦ୍ରାଲୋକ ଆସିଛି ଓ ସେତିକିରେ କକ୍ଷଟି ଯେତିକି ଆଲୋକିତ ହୋଇଛି, ସେତିକିରୁ ଆର୍. କେ. ଜାଣିପାରୁଛନ୍ତି ଯେ ସେଇ କକ୍ଷଭିତରେ ଜବାହରଲାଲ୍ ଏକ ଶଯ୍ୟା-ଉପରେ ନିଦ୍ରାଯାଇଛନ୍ତି । ଏପରି ଏକ ଦୃଶ୍ୟରେ ଆର୍. କେ. ଚକିତ-ବିମୋହିତ ହୋଇ-ପଡ଼ିଲେ । ବାରନ୍ଦାଧାର ଓ ନଦୀବନ୍ଧ ମଧ୍ୟରେ ଥିବା ଖୋଲାସ୍ଥାନ ଉପରେ ସେ ଠିଆହୋଇ-ଛନ୍ତି । ଦୃଷ୍ଟି ତାଙ୍କର ବାତାୟନ ମଧ୍ୟଦେଇ ଶୟନକକ୍ଷ ଭିତରକୁ ପ୍ରସାରିତ । ସେ କର୍ତ୍ତବ୍ୟରତ ଥିବା ସ୍ଥାନଠାରୁ କକ୍ଷଟିର ଦୂରତା ପ୍ରାୟ ପଚିଶ ଫୁଟ । ମଝିରେ ବାରନ୍ଦା ଓ ମୁକ୍ତବାତାୟନ । ତା' ଅର୍ଥ ତାଙ୍କ ଦୃଷ୍ଟି ଓ ନେହେରୁଜୀଙ୍କ ଶଯ୍ୟା ମଧ୍ୟରେ କିଛି ଅନ୍ତରାୟ ନାହିଁ । ବାତାୟନର ରେଲିଂ ମଧ୍ୟଦେଇ ସେ କକ୍ଷଭିତରର ଦୃଶ୍ୟ ବେଶ୍ ଦେଖିପାରୁଛନ୍ତି । କକ୍ଷଭିତରେ କୋଉଠି ହୁଏତ ଶୟନକକ୍ଷ ଉପଯୋଗୀ ନିଷ୍ପ୍ରଭ ଆଲୋକ ଜଳୁଛି; କିନ୍ତୁ ମୁହୂର୍ତ୍ତ ମୁହୂର୍ତ୍ତ ପୂର୍ଣ୍ଣିମା ରାତ୍ରି ବଢିଯିବା ସଙ୍ଗେ ସଙ୍ଗେ ଚନ୍ଦ୍ରଙ୍କ ଗତିରେ ଯୋଉ ପରିବର୍ତ୍ତନ ହେଉଛି, ସେଥିରେ ଶୟନ-କକ୍ଷଟି କ୍ରମେ ଚନ୍ଦ୍ରାଲୋକରେ ଅଧିକରୁ ଅଧିକ ଆଲୋକିତ ହୋଇଉଠୁଛି । ଆର୍. କେ. ଠିଆହୋଇଛନ୍ତି—ନିଶ୍ଚଳ, ନିଥର । ମନଭିତରର କୌଣସି ଭାବନା ତାଙ୍କୁ ବିଚଳିତ କରିଛି କି ନା, ତା' ହୁଏତ ସେ ନିଜେ ଜାଣନ୍ତିନି । ସେ କେବଳ ସ୍ଥିରଦୃଷ୍ଟିରେ ଗୁହିଁରହିଛନ୍ତି କକ୍ଷ-ଭିତରକୁ ।···ବେଶ୍ କିଛି ସମୟ ଅତିବାହିତ ହୋଇଗଲା । ଏ ଭିତରେ କକ୍ଷଭିତରଟି ପ୍ରାୟ ଜ୍ୟୋତ୍ସ୍ନା-ପ୍ଲାବିତ ହୋଇଗଲାଣି । ଆର୍. କେ. ଙ୍କ ପାଇଁ ଏହା ଏକ ଆନନ୍ଦମୟ ବିସ୍ମୟକର ଦୃଶ୍ୟ । ବାରନ୍ଦା ଏ ପାଖରେ ଥାଇ ସେ ସ୍ପଷ୍ଟ ଦେଖିପାରୁଛନ୍ତି, କକ୍ଷଭିତରେ ନିଶ୍ଚିନ୍ତମନରେ ନିଦ୍ରାଯାଇଛନ୍ତି ଆମ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ । ତାଙ୍କର ଟକ୍ ଟକ୍ ଗୋରାଦେହ ଚନ୍ଦ୍ରାଲୋକରେ ଆହୁରି ରଜତ ଶୁଭ୍ର ଦେଖାଯାଉଛି । କଟିଦେଶରେ ଅନ୍ତର୍ବାସ ବ୍ୟତୀତ ଦେହରେ ଅନ୍ୟ କୌଣସି ବସ୍ତ୍ର ନାହିଁ, ମଶାରୀ ନାହିଁ । ଅନାଚ୍ଛାଦିତ ଦେହରେ ନିଦ୍ରା-ଯାଇଛନ୍ତି । ଗ୍ରୀଷ୍ମକାଳର ଅର୍ଦ୍ଧରାତ୍ରି—ଦକ୍ଷିଣ ପାର୍ଶ୍ୱର କାଠଯୋଡ଼ି ନଦୀବକ୍ଷର ବାଲୁକା ଶୀତଳ ହୋଇଗଲାଣି । ନଦୀବକ୍ଷରୁ ବହିଆସୁଛି ମଳୟ-ନିଭ ଶୀତଳ ପବନ—ଆଉ ଏଇ ଶୀତଳ ପବନ ତାଙ୍କ ଦେହରେ ଶୀତଳ-ଚନ୍ଦନର ପ୍ରଲେପ ବୋଳିଦେଉଛି । ସମସ୍ତ ଦିନର କ୍ଳାନ୍ତି ଅପନୋଦନପାଇଁ ପ୍ରକୃତି ଯେମିତି ତା'ର ଦ୍ୱାର ଖୋଲିଦେଇଛି । ଉତ୍ତର-ଭାରତରେ ଦକ୍ଷିଣା-ପବନ ନାହିଁ । ସେଠି ଅଛି ପୂରୁବା ବା ପୂବେଇ ପବନ । ଆଜି ଏଠି ଏଇ ଐତିହାସିକ ପୀଠଭିତରେ ଓଡ଼ିଶାର ଦକ୍ଷିଣ-ବାୟୁ ତା'ର ସ୍ନେହ ସ୍ପର୍ଶରେ ପଣ୍ଡିତଜୀଙ୍କୁ ନିଦ୍ରାଭିଭୂତ କରି-ରଖିଛି । ଆର୍.କେ. ଦେଖୁଛନ୍ତି, ଗଭୀର ନିଦ୍ରାଜନିତ ଶ୍ୱାସପ୍ରଶ୍ୱାସରେ ପଣ୍ଡିତଜୀଙ୍କ ବକ୍ଷ ଯେପରି ସ୍ପନ୍ଦିତ ହୋଇଉଠୁଛି । ଏ ଦୃଶ୍ୟରେ ଆର୍.କେ.ଙ୍କର ତନୁ ପୁଲକିତ ଓ ଚିତ୍ତ ଆମୋଦିତ ହୋଇଉଠୁଛି ।···ଏଇ ସେ ଜବାହର ! ! ବାରବର୍ଷ ବୟସରେ ସେ ଲଣ୍ଡନର ଅତୀବ

Digitized by srujanika@gmail.com

ମର୍ଯ୍ୟାଦାସମ୍ପନ୍ନ ହାରୋ ପବ୍ଲିକ ସ୍କୁଲ୍‌ରେ ଶିକ୍ଷାଲାଭପାଇଁ ଭର୍ତ୍ତିହେଲେ । ଠିକ୍ ସେଇଦିନ ଇଂଲଣ୍ଡରେ ପାର୍ଲାମେଣ୍ଟ୍ ନିର୍ବାଚନର ଫଳାଫଳ ଘୋଷଣା କରାଗଲା ଓ ସେଇଦିନ ରାତିରେ ନୂତନ କ୍ୟାବିନେଟ୍ ଗଠିତ ହେଲା । ପରବର୍ତ୍ତୀ ଦିନ ଜବାହରଙ୍କ କ୍ଲାସ ଟିଚର୍ ଜାଣିବାକୁ ଚାହିଁଲେ ଯେ ନୂତନ କ୍ୟାବିନେଟର ମନ୍ତ୍ରୀ ଓ ସେକ୍ରେଟାରୀମାନଙ୍କ ନାମ ଯେଉଁ ଛାତ୍ରଛାତ୍ରୀ-ମାନେ ଜାଣିଛନ୍ତି, ସେମାନେ ହାତ ଟେକନ୍ତୁ । କିଛୁକ୍ଷଣପାଇଁ ସମସ୍ତ କ୍ଲାସ୍ ନିସ୍ତବ୍ଧ । ତା'ପରେ କିଛି ମୁହୂର୍ତ୍ତପାଇଁ ମୃଦୁଗୁଞ୍ଜନ; କିନ୍ତୁ ହାତ ଉଠିଲା ମାତ୍ର ଗୋଟିଏ; ଆଉ ସେ ହାତଟି ହେଉଚି ଆଲ୍ଲାହାବାଦ୍ ଆନନ୍ଦ ଭବନର ଅଧିପତି ମୋତିଲାଲ୍ ନେହେରୁଙ୍କ ଏକମାତ୍ର ପୁତ୍ରସନ୍ତାନ ବାରବର୍ଷର କିଶୋର ବାଳକ ଜବାହରଙ୍କର । କ୍ଲାସ୍‌ରେ ହୁଏତ କେତେ ଲର୍ଡ୍, କେତେ ପିଅର୍‌ଙ୍କର ପୁତ୍ରକନ୍ୟା ଥିଲେ; କିନ୍ତୁ ଏକମାତ୍ର ଭାରତୀୟ ଛାତ୍ର ଜବାହର ଗଡ଼ଗଡ଼ କରି କ୍ୟାବିନେଟ୍‌ର ସମସ୍ତ ନାମ ତାଲିକାଟି ଟିଚର୍‌ଙ୍କୁ ଶୁଣାଇଦେଲେ···ଆହା ! ଇଏ ସେଇ ଜବାହର !

ରାତି ଚଢ଼ିଚାଲିଛି । ଆର୍. କେ. ସେଇ ଗୋଟିଏ ସ୍ଥାନରେ ଠିଆହୋଇଛନ୍ତି । ବେଳେ ବେଳେ ଦୃଷ୍ଟି ଟିକିଏ ଏପାଖ ସେପାଖ ହୋଇ ପୁଣି କକ୍ଷଭିତରେ ନିବଦ୍ଧ ହୋଇ ରହୁଚି । ସେ ଜାଣିଚନ୍ତି ଏଇ କେତେଘଣ୍ଟାପାଇଁ ସେ ଆଜି ଏକ ମହାନ୍ କର୍ତ୍ତବ୍ୟରତ । ଏସ୍. ପି., ଡି. ଆଇ.-ଜି, ଏପରିକି ଆଇ.-ଜି. ପର୍ଯ୍ୟନ୍ତ ସମସ୍ତେ ଏକଥା ତାଙ୍କୁ ଚେତାଇ ଦେଇଛନ୍ତି । ଏତିକିବେଳେ ତାଙ୍କ ହାତ ତାଙ୍କ ରିଭଲଭର୍‌କୁ ଛୁଇଁଦେଲା । ସେ ଯିମିତି ଟିକିଏ ଚମକି ଉଠିଲେ—ବିଚଳିତ ହୋଇଉଠିଲେ ! ନା···, ରିଭଲଭର ଠିକ୍ ଅଛି—ଯଥାସ୍ଥାନରେ ରହିଛି ! ବେଶ୍ ତ ! ରିଭଲଭର୍ ଯଥାସ୍ଥାନରେ ରହିବାର କଥା, ରହିଚି । ସେ କିନ୍ତୁ ଚମକିଉଠିଲେ କାହିଁକି ? ଏତିକିବେଳେ କାଠଯୋଡ଼ିର ସୁଦୂର ନଦୀପଠାରୁ ଭାସିଆସିଲା ଶୃଗାଳମାନଙ୍କର ରବ । ମଧ୍ୟରାତ୍ରି ଅତିକ୍ରାନ୍ତ ହେବାର ସୂଚନା ସେମାନେ ଜଣାଇଦେଲେ । ଏହାପରେ ଆର୍. କେ. ଅନ୍ୟସବୁ ଚିନ୍ତାରୁ ମୁକ୍ତହୋଇ କେବଳ ଆଟେନ୍‌ସନ୍ ଭଙ୍ଗୀରେ ଠିଆହୋଇ ଚାହିଁରହିଲେ କକ୍ଷଭିତରକୁ । କର୍ତ୍ତବ୍ୟର ଚେତନା ସଙ୍ଗେ ସଙ୍ଗେ ମନଭିତରେ ପୁଣି ପୂର୍ବର ସେଇ ପୁଲକ ଯେ ଅନୁଭବ କରୁଚନ୍ତି । ଆଜି ଏ ରାକା-ରଜନୀରେ ସେ ଦେଖୁଚନ୍ତି ତାଙ୍କ ସ୍ଥାନରେ ସେ ଏଠି ଏକା, ଓଡ଼ିଶା କ୍ୟାଡ଼ରର ଜଣେ ପୋଲିସ ସବ୍-ଇନ୍‌ସ୍‌ପେକ୍ଟର ! ! ଆଉ ପ୍ରାୟ ଚାରିଶହ ବର୍ଷ ତଳେ ନିର୍ମିତ ଲାଲ୍‌ବାଗ କୋଠିର ସେଇ କକ୍ଷଟିରେ ନିଦ୍ରାଯାଉଚନ୍ତି ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ, ସେମିତି ଏକା ! !···ଭାଗ୍ୟ, ଭାଗ୍ୟ—ତାଙ୍କର ପରମ ସୌଭାଗ୍ୟ ଆଜି ନିଶାର୍ଦ୍ଧର ଏକ ପରମ ମୁହୂର୍ତ୍ତରେ ସେ ନିଜର କର୍ତ୍ତବ୍ୟ ସମ୍ପାଦନା କରୁଛନ୍ତି ଭାରତର ପ୍ରଧାନମନ୍ତ୍ରୀଙ୍କ ସେବାରେ ।

ହଁ, ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ! ସେଦିନ ଊଣେଇଶିହ ସତ୍ତଚାଳିଶ ମସିହା ଅଗଷ୍ଟ ପନ୍ଦର ତାରିଖ ମଧ୍ୟରାତ୍ରି । ପାର୍ଲାମେଣ୍ଟ ଭବନର ସେଣ୍ଟ୍ରାଲ୍‌ହଲ୍ ଭରପୂର । ଯଥାସ୍ଥାନରେ ଉପସ୍ଥିତ ଅଛନ୍ତି ଲର୍ଡ଼ ଓ ଲେଡ଼ି ମାଉଣ୍ଟ୍‌ବେଟେନ୍, ରାଜଗୋପାଳାଚାରୀ, ଡକ୍ଟର ରାଜେନ୍ଦ୍ର

Digitized by srujanika@gmail.com

ପ୍ରସାଦ ଓ ଅନ୍ୟମାନେ । ···ଆର୍‌. କେ. ଭାବୁଛନ୍ତି ଆଜି ଏ ଲାଲ୍‌ବାଗ କୋଠିର ଏଇ ଜବାହରଲାଲ୍‌ ନେହେରୁ ସେଦିନ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀଭାବେ ଶପଥ ନେଲା-ପରେ ମାଇକ୍ରୋଫୋନ୍‌ରେ ଘୋଷଣା କଲେ—"ଲଙ୍ଗ୍‌ ଲଙ୍ଗ୍‌ ଏଗୋ, ଉଇ ହ୍ୟାଡ୍‌ ଏ ଟ୍ରିଷ୍ଟ ଉଇଥ୍‌ ଡେଷ୍ଟିନି ।" ବିପୁଳ କରତାଳିରେ ସେଣ୍ଟ୍ରାଲ୍‌ହଲ୍‌ କମ୍ପିଉଠିଲା । ପ୍ରଧାନମନ୍ତ୍ରୀ କହି-ଚାଲିଛନ୍ତି—ଆଟ୍‌ ଦ ଷ୍ଟ୍ରୋକ୍‌ ଅଫ୍‌ ଦ ମିଡ଼୍‌ନାଇଟ୍‌, ହ୍ୱାଇଲ୍‌ ଦ' ହୋଲ୍‌ ଓ୍ୱାର୍ଲଡ୍‌ ଇଜ୍‌ ଆସ୍ଲିପ୍‌, ଇଣ୍ଡିଆ ଆଓ୍ୱେକ୍‌ସ୍‌ !···ଆର୍‌.କେ. ସ୍ମୃତିଚାରଣ କରୁଛନ୍ତି—ହଁ, ଆଜିପରି ସେଦିନ ଥିଲା ଏକ ମଧ୍ୟରାତ୍ରି । ଏଇ ଜବାହରଲାଲ ନେହେରୁ, ଯାହାଙ୍କୁ ମୁଁ ଆଜି ଏଠି ମୁକ୍ତପ୍ରାଣ ଓ ତୃପ୍ତ ନୟନରେ ଦେଖିପାରୁଛି, ସେଦିନ ପାର୍ଲାମେଣ୍ଟ ଭବନରେ ସମସ୍ତ ପୃଥିବୀକୁ ଏଇ ଅମରବାଣୀ ଶୁଣାଇଥିଲେ ।

ଆର୍‌. କେ. ଦେଖିଲେ, ଏଥରକ ଦେଲେ ଜବାହରଲାଲ କଡ଼ ଲେଉଟାଇ ଶୋଇଲେ । ମୁହଁ ତାଙ୍କର ଏଇ ଦକ୍ଷିଣ ପଟକୁ । ଆର୍‌. କେ. ଯେପରି ଟିକିଏ ଆତଙ୍କିତ ହୋଇପଡ଼ିଲେ-କୋଉଠି କିଛି ଗୋଳମାଳ ହେଲା କି ? ତାଙ୍କର ନିଦ୍ରାଭଙ୍ଗ ହେଲା କି ? ତାଙ୍କର ଆଡ଼କୁ ତ ମୁହଁକରି ସେ ଶୋଇଛନ୍ତି । ଟିକିଏ ନିରୀକ୍ଷଣ ଭଙ୍ଗୀରେ ଦେଖିଲେ—ନା, ସେଇମିତି ପୂର୍ବଭଳି ନିଶ୍ଚିନ୍ତ ଗାଢ଼ନିଦ୍ରା । ଓଠଧାରରେ ତାଙ୍କର ସେଇ ହସର ଧାର ଲାଗିରହିଛି କି ? ବିଚ୍ଛୁରିତ ଚନ୍ଦ୍ରାଲୋକ—ବାରନ୍ଦାରେ ଥାଇ ଆର୍‌. କେ. ଠିକ୍‌ ଜାଣିପାରୁନାହାନ୍ତି ତାଙ୍କ ମୁଖର ପ୍ରକୃତ ଛବି···ନେହେରୁଙ୍କ ହସ ! ସମଗ୍ର ପୃଥିବୀରେ ଫଟୋଗ୍ରାଫର୍‌ମାନଙ୍କପାଇଁ ଏ ହସ ଏକ ଅମୂଲ୍ୟ ନିଧି । ମହାତ୍ମାଙ୍କ ସହିତ ଗୋଟିଏ ସ୍ଥାନରେ ବସିବା ଅବସ୍ଥାରେ ତାଙ୍କର ସେଇ ଦୁର୍ଲ୍ଲଭ ଫଟୋଗ୍ରାଫ୍‌ରେ ନେହେରୁଙ୍କ ମୁହଁରେ ସେଇ ଦେବଦୁର୍ଲଭ ହସ !—ଚେଷ୍ଟାକରି ଯାହାକୁ ଭୁଲିହୋଇପାରିବନି । ଆଜି ତାଙ୍କ ମୁହଁର ଛବି ସ୍ପଷ୍ଟ ନ ଦେଖିପାରି ବି ଆର୍‌. କେ କଳ୍ପନାରେ ଦେଖୁଛନ୍ତି ତାଙ୍କ ଓଠର ସେଇ ଦେବଶିଶୁସୁଲଭ ହସ । ···ମନେପଡ଼ୁଯାଉଛି ସେଦିନର କଥା । ସମସ୍ତ ଭାରତରେ ସ୍ୱାଧୀନତା ଆନ୍ଦୋଳନ ସହିତ କରଦ ରାଜ୍ୟମାନଙ୍କରେ ପ୍ରଜା ଆନ୍ଦୋଳନ ଲାଗିରହିଥାଏ । କାଶ୍ମୀର ରାଜ୍ୟରେ ଏଇ ଆନ୍ଦୋଳନ ଚାଲିଛି, ଆଉ ଏଇ ପରିପ୍ରେକ୍ଷୀରେ ନେହେରୁଙ୍କୁ କାଶ୍ମୀର ରାଜ୍ୟ ସୀମା ଭିତରକୁ ପ୍ରବେଶ ନିଷେଧ କରାହୋଇଛି । ସେତେବେଳେ କାଶ୍ମୀରର ମହାରାଜା ସାର୍‌ ହରିସିଂ—ତାଙ୍କର ଦେଓ୍ୱାନ ପରମ ଅନୁଗତ ରାୟବାହାଦୂର କାକ୍‌ । ନେହେରୁଙ୍କର ପୂର୍ବପୁରୁଷ କାଶ୍ମୀରର ଅଧିବାସୀ, ଅଥଚ ତାଙ୍କୁ କାଶ୍ମୀର ପ୍ରବେଶ ନିଷେଧ କରାହୋଇଛି ! ଚରମ ହାସ୍ୟାସ୍ପଦ କଥା । ଏ ନିଷେଧାଜ୍ଞା ଅମାନ୍ୟ କରି ଜବାହରଲାଲ କାଶ୍ମୀରରେ ପ୍ରବେଶ କରିବେ—ଏଇ ନିଷ୍ପତ୍ତି ନେଇ ସେ କାଶ୍ମୀର ସୀମାରେ ପହଞ୍ଚିଲେ । ସୀମାନ୍ତରେ ବନ୍ଧୁକଧାରୀ ପୋଲିସ୍‌ । ସେମାନଙ୍କ ହାତରେ ବନ୍ଧୁକ ଉଠିକରି ରହିଛି । ବାୟୋନେଟ୍‌ ଲଗା ହୋଇଛି —ବନ୍ଧୁକର ଟ୍ରିଗର୍‌ରେ ରକ୍ଷୀମାନଙ୍କର ଅଙ୍ଗୁଳି ସଜାଗ —ସ୍ପ୍ଲିଟ୍‌ ସେକେଣ୍ଡରେ ବନ୍ଧୁକ ଗର୍ଜିଉଠିବ । କାଶ୍ମୀର ସୀମାରେଖା ଏପାଖରେ ସେଇ କାଶ୍ମୀରମାଟିର ସନ୍ତାନ ନିରସ୍ତ୍ର ଜବାହରଲାଲ—ସେପାଖରେ ସଶସ୍ତ୍ର ରକ୍ଷୀବାହିନୀ ।

Digitized by srujanika@gmail.com

ଏ ଦୃଶ୍ୟ ଦେଖି ପ୍ରଥମେ ଜବାହରଙ୍କ ମୁହଁରେ ସେଇ ଦେବୋପମ ସ୍ୱର୍ଗୀୟ ହସ କିଛି ମୁହୂର୍ତ୍ତକ ପାଇଁ ଖେଳିଗଲା । ତା'ପରେ ଗୋଟାଏ ପଲକରେ ସବୁ ବଦଳିଗଲା । ତାଙ୍କର ସମସ୍ତ ଶରୀର ଚଞ୍ଚଳ ହୋଇଉଠିଲା । ମୁଖମଣ୍ଡଳରେ ରକ୍ତିମ ଆଭା—ପ୍ରଖର ତେଜ ! ତାଙ୍କର ଏ ତେଜ ଏ ମୂର୍ତ୍ତି ଆମେ ବହୁବାର ପୂର୍ବରୁ ଦେଖିଛୁ । ଏଭଳି ପରିସ୍ଥିତିରେ ସେ କେବେ ସ୍ଥିରହୋଇ ରହିପାରିବେ ନାହିଁ । ଦେଶ ବିଭାଜନ ବେଳେ ସେଇ ହୃଦୟ-ବିଦାରକ ସାମ୍ପ୍ରଦାୟିକ ଦଙ୍ଗା ଚାଲିଥାଏ । ଥରେ ଏହିପରି ଗୋଟିଏ ଦଙ୍ଗା ଚାଲିଛି—ସମସ୍ତଙ୍କ ହାତରେ ଲାଠି, ଛୁରୀ—କାହାରି କଥା ସେମାନେ ଶୁଣୁନାହାନ୍ତି । ଏ ଦୃଶ୍ୟ ଦେଖି ନେହେରୁ ନିଜେ କମ୍ପିଉଠିଲେ—ଅନ୍ୟମାନଙ୍କ ବାରଣ ନମାନି ସେ ଦଙ୍ଗା ଭିତରକୁ କୁଦିପଡ଼ିଲେ । ସମସ୍ତଙ୍କ ମନରେ ଆତଙ୍କ ! ଏବେ ଛୁରୀ ଏବେ ଲାଠି—ତା' ଭିତରେ ନେହେରୁ ! କିନ୍ତୁ ନା, ନେହେରୁଙ୍କ ଉପରେ ଆଖିପଡ଼ିଲା ମାତ୍ରେ ଉଭୟ ଦଳର ସମସ୍ତଙ୍କ ହାତରୁ ଛୁରୀ ଆଉ ଲାଠି ଯେମିତି ଆପେ ଆପେ ଖସିପଡ଼ିଲା ।···ସେଦିନ ଯେମିତି କାଶ୍ମୀର ସୀମାନ୍ତର ସେପାଖରେ ବନ୍ଧୁକ ସଜାଗ ହୋଇ ରହିଛି—ବାୟୋନେଟ୍ ଚାହିଁରହିଛି—ଟ୍ରିଗର୍ ଉପରେ ଆଙ୍ଗୁଳି ପ୍ରସ୍ତୁତ ହୋଇ ରହିଛି । ଏ ସବୁକୁ ବେଖାତିର କରି ନେହେରୁ ଆଗେଇଚାଲିଲେ ପୂର୍ବପୁରୁଷଙ୍କ ଜନ୍ମସ୍ଥଳର ମାଟିଉପରକୁ । ସମସ୍ତେ ଦେଖୁଚନ୍ତି—ବନ୍ଧୁକ ତାଙ୍କ ଛାତିକୁ ସ୍ପର୍ଶ କରେ କି ନକରେ ! କିନ୍ତୁ ସେ ସ୍ଥିର ହୋଇ ରହିବେନି । ଚରମ ଉତ୍କଣ୍ଠାର ମୁହୂର୍ତ୍ତ ! କ'ଣ ହେବ ? ···ନା, କିଛି ହେଲାନି । ଟ୍ରିଗର୍ ଦବିଲା ନାହିଁ—ବନ୍ଧୁକ ଫୁଟିଲା ନାହିଁ—ସଙ୍ଗୀନ୍ ଆଡ଼ ହୋଇଗଲା । ···ଆହା ! ଏ ସେଇ ଜବାହରଲାଲ, ଭାରତର ପ୍ରଧାନମନ୍ତ୍ରୀ ଏଠି ନିଦ୍ରା ଯାଇଛନ୍ତି । ମୁହୂର୍ତ୍ତ ମୁହୂର୍ତ୍ତ ହୋଇ ଏ ରାତ୍ରି ବଢିଯାଉଛି, ଆଉ ଆର୍. କେ. ଭାବୁଛନ୍ତି—ଏ ମୁହୂର୍ତ୍ତ ଏମିତି ଲାଗିରହନ୍ତା କି ! ସିଏ ତା'ହେଲେ ଘଣ୍ଟା ପରେ ଘଣ୍ଟା ତାଙ୍କପାଇଁ ଏମିତି କର୍ତ୍ତବ୍ୟ ସମ୍ପାଦନ କରି ଚାଲିଥା'ନ୍ତେ ।···ଏତିକବେଳେ ତାଙ୍କ ହାତ ଚୁଣିଥରେ ତାଙ୍କ ରିଭଲଭର୍ ସ୍ପର୍ଶକଲା । କିଛିକ୍ଷଣ ସେ ରିଭଲଭର୍‌ଟିକୁ ହାତରେ ଚିପିଧରିଲେ । ତାଙ୍କ ହାତ କମ୍ପିଉଠୁଛି ! ରିଭଲଭର୍‌ଟା ଯେମିତି ତାଙ୍କୁ ଚେତାଇଦେଇ କହୁଛି—ହୁସିଆର୍ ତୋ ହାତ ମୋ ପାଖକୁ ଆଣ୍ ନାହିଁ । ହାତ ଆଉ ବନ୍ଧୁକର ସମ୍ପର୍କ ବଡ଼ ବିଷମ । ତୁ ମତେ ନେଇ କାଠଯୋଡ଼ି ନଈବାଲି ଭିତରେ ପୋତି ଦେ' !···ଆର୍. କେ. ସଜାଗ ହୋଇଉଠିଲେ । ବୁଝିପାରୁନାହାନ୍ତି ତାଙ୍କ ମନଭିତରେ ଏପରି ଏକ ଉଦ୍ଭଟ ଅସ୍ୱାଭାବିକ ଚିନ୍ତା ସ୍ଥାନ ପାଇଲା କେମିତି ! ତା'ପରେ ଧୀରେ ଧୀରେ ସେ ନିଜକୁ ପ୍ରକୃତିସ୍ଥ କରିଆଣି କକ୍ଷ-ଭିତରକୁ ଚାହିଁଲେ । କକ୍ଷଭିତରେ ଚନ୍ଦ୍ରାଲୋକର ପ୍ଲାବନ—କାଠଯୋଡ଼ି ନଦୀବକ୍ଷରୁ ଶୀତଳ ପବନର ପ୍ରବାହ—ଶଯ୍ୟାରେ ଶାୟିତ ଭାରତର ଭାଗ୍ୟବିଧାତା ବରପୁତ୍ର ଜବାହର-ଲାଲ ନେହେରୁ । ଏ ଦୃଶ୍ୟ—ଏ ପରିବେଶରେ ଆର୍. କେ.ଙ୍କ ମନରୁ ଏଇ ଟିକକ ପୂର୍ବର ସବୁ ଭ୍ରାନ୍ତି—ସବୁ କଳୁଷ ଭାବ କୁଆଡ଼େ ଉଭେଇଗଲା । ସେ ମୁଗ୍ଧ ନୟନରେ କକ୍ଷ-ଭିତରକୁ ଚାହିଁଲେ । ଧୀରେ ଧୀରେ ତାଙ୍କ ସ୍ମୃତିଭିତରେ ଜାଗିଉଠିଲା ତାଙ୍କ ଆଦ୍ୟଯୌବନ

Digitized by srujanika@gmail.com

କାଲର ଏକ ଘଟଣା । ହୁଏତ ଏପର୍ଯ୍ୟନ୍ତ ସେ କଳ୍ପନା କରିପାରିନଥିଲେ ଯେ ଏକ ଆକସ୍ମିକ ସିଂହାବଲୋକନରେ ସେ ଏଇ ଘଟଣାଟିର ସ୍ମୃତିଚାରଣ କରିବେ ! ଘଟଣାଟି ଘଟିଥିଲା ତାଙ୍କୁଇ କେନ୍ଦ୍ରକରି । ଉଣେଇଶିଶହ ଛତିଶ ମସିହାର କଥା । ଆର୍. କେ. ସଦ୍ୟ କଲେଜକୁ ଯାଇଥା'ନ୍ତି । ଉଣେଇଶିଶହ ପଇଁତିରିଶ ମସିହା ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ୍ ଅନୁସାରେ ଭାରତରେ ପ୍ରଥମ ପ୍ରାଦେଶିକ ନିର୍ବାଚନ ଅନୁଷ୍ଠିତ ହେଲା । ଭାରତୀୟ ଜାତୀୟ କଂଗ୍ରେସ ଏ ନିର୍ବାଚନରେ ଅଂଶଗ୍ରହଣ କଲେ । ଲିମିଟେଡ୍ ଫ୍ରାଞ୍ଚାଇଜ୍ ପଦ୍ଧତିରେ ନିର୍ବାଚନ ହେବ । ସେତେବେଳେ ଜାତୀୟ କଂଗ୍ରେସର ସଭାପତି ହେଉଛନ୍ତି ଜବାହରଲାଲ ନେହେରୁ । ନିର୍ବାଚନପାଇଁ କଟକରେ ଏକ କଂଗ୍ରେସ ସଭାରେ ଭାଷଣ ଦେବାଲାଗି ଜବାହରଲାଲ କଟକ ଆସିଲେ । ମ୍ୟୁନିସିପାଲିଟି ପଛପଟ ପଡ଼ିଆରେ ସେଦିନ ସେ ବିରାଟ ଜନସଭାରେ ପଣ୍ଡିତଜୀ ଭାଷଣ ଦେଉଛନ୍ତି । ସେତେବେଳେ ମାଇକ୍ରୋଫୋନ୍ ଯୁଗ ଆସିନି । ଏଇ ସଭାରେ ଉପସ୍ଥିତ ଅଛନ୍ତି ଷୋଡ଼ଶବର୍ଷ ବୟସ୍କ ସ୍ୱୟଂ ଆର୍. କେ. । ସଭାକାର୍ଯ୍ୟ ଚାଲିଛି—ସଭା ମଣ୍ଡପକୁ ଲାଗି ଆର୍. କେ. ବସିଛନ୍ତି । ନିଜ ପ୍ରଚେଷ୍ଟାରେ ଏଇ ସୁବିଧାଜନକ ସ୍ଥାନ ଝିଣ୍ଟିକ ସେଦିନ ସେ ହାସଲ କରିପାରିଥିଲେ ବୋଲି ଆଜି ଏଇ ଘଡ଼ିରେ ସେ ନିର୍ଦ୍ଦିତ ଜବାହରଲାଲଙ୍କ ଉପରେ ଦୃଷ୍ଟି ସ୍ଥାପନାକରି ନିଜେ ରୋମାଞ୍ଚିତ ଆଉ ପୁଲକିତ ହେଇଉଠୁଛନ୍ତି !

ସେଦିନର ପ୍ରୋଗ୍ରାମ ଥାଏ ଯେ ନିର୍ବାଚନ ସଭାପରେ ଜବାହରଲାଲ ମ୍ୟୁନିସିପାଲିଟି ପୁଷ୍କରିଣୀ ଅପରପାର୍ଶ୍ୱସ୍ଥ କଟକ ଟାଉନ୍‌ହଲ୍‌କୁ ଅନ୍ୟ ଏକ ସଭାରେ ଯୋଗଦେବାକୁ ଯିବେ । ନିର୍ବାଚନ ସଭା ସରିଲା । କଂଗ୍ରେସ ସଭାପତିଙ୍କ ବିପୁଳ ଜୟଗାନ ଭିତରେ ଆର୍. କେ. ଧୀରେ ଧୀରେ ଯାଇ ପ୍ରାୟ ଜବାହରଙ୍କ ସଂଲଗ୍ନ ହୋଇ ଠିଆହେଇଗଲେ । ଟେବୁଲ୍‌ଉପରେ ଅନେକ ଫୁଲମାଳ । ଜଣେ କେହି କର୍ମକର୍ତ୍ତା ଜବାହରଲାଲଙ୍କ ପରିହିତ ଏଇ ଫୁଲମାଳ ସବୁକୁ କାହା ହାତରେ ଧରାଇବେ ବୋଲି ଏପାଖ ସେପାଖ ଦୃଷ୍ଟି ନିକ୍ଷେପ କଲାବେଳକୁ ଆର୍. କେ. ହାତ ବଢ଼େଇଦେଲେ । ବାସ୍—ନେହେରୁଜୀଙ୍କ ଫୁଲମାଳତକ ଆର୍. କେ.ଙ୍କ ହାତକୁ ଆସିଲା । ନେହେରୁଜୀ ଓ ଅନ୍ୟମାନେ ଟାଉନ୍‌ହଲ୍ ଆଡ଼େ ଆଗେ ଆଗେ ଚାଲିଲେ—ପଛେ ପଛେ ଫୁଲମାଳତକ ଧରି ଅନୁସରଣ କଲେ ଆର୍. କେ. । ···ଜୀବନର ଏଇ ରୋମାଞ୍ଚକର ଘଟଣାକୁ କେବେ କେବେ ସ୍ମରଣକରି ଆର୍. କେ. ଆନନ୍ଦ-ଉଲ୍ଲାସରେ ବିମୋହିତ ହେଇପଡ଼ନ୍ତି । କିନ୍ତୁ ଆଜି ଓଡ଼ିଶା ରାଜଭବନ ପ୍ରାଙ୍ଗଣରେ ଭାରତର ପ୍ରଧାନ-ମନ୍ତ୍ରୀଙ୍କ ନିରାପତ୍ତା ଦାୟିତ୍ୱରେ ଥିବା ସବ୍-ଇନ୍‌ସପେକ୍ଟର ଆର୍. କେ. ତାଙ୍କ ନିଜ ଜୀବନର ସେଇ ମହାର୍ଘ ଅନୁଭୂତିର କଥା ସ୍ମରଣ କରିଦେଲେ ତାଙ୍କ ଚକ୍ଷୁ ଲୋତକସିକ୍ତ ହେଇ-ଉଠିଲା । ଏ ପରିସ୍ଥିତିରେ ସେ ଟିକିଏ ଚମକିଉଠିଲେ । ପର ମୁହୂର୍ତ୍ତରେ ଦୁର୍ବଳତାରୁ ନିଜକୁ ମୁକ୍ତ କରିଆଣି ନିଜର ସ୍ୱାଭାବିକ ଅବସ୍ଥାକୁ ଫେରିଆସିଲେ ।

ରାତ୍ରି ଅତିବାହିତ ହେଇଯାଉଛି । ତେବେ ବି ଏପର୍ଯ୍ୟନ୍ତ ଶୁକ୍ର ତାରା ଉଦୟ ହେଇନି । ଆର୍. କେ.ଙ୍କର ମନେପଡ଼ିଯାଉଚି ସେଇ ଛତିଶ-ସଇଁତିରିଶ ମସିହାର ଆଉ ଏକ ଘଟଣା ।

Digitized by srujanika@gmail.com

ସେତେବେଳକୁ ସେ କଲେଜଛାତ୍ର । ଜବାହରଲାଲ ନେହେରୁଙ୍କ ଆତ୍ମଜୀବନୀ—ଆନ୍ ଅଟୋ-ବାଇଓଗ୍ରାଫି—ଲଣ୍ଡନରେ ପ୍ରକାଶିତ ହେଲା । ସମଗ୍ର ପୃଥିବୀ ଏଇ ଗ୍ରନ୍ଥଟିକୁ ଅପେକ୍ଷାକରି ରହିଚି । ଓଡ଼ିଶା କଥା ଥାଉ, ଭାରତକୁ ଅର୍ଥାତ୍ ଦିଲ୍ଲୀ, କଲିକତା, ବମ୍ବେ ପ୍ରଭୃତି ସହରକୁ ଏ ପୁସ୍ତକ କେତେବେଳେ କେତେଖଣ୍ଡି ଆସୁଚି ତା'ର କିଛି ସୂଚନା ମିଳୁନଥିଲା । ପ୍ରକାଶିତ ହେବାର ଅନେକ ଦିନ ପରେ, ପ୍ରାୟ ସଇଁତ୍ରିଶ ମସିହାର ମଧ୍ୟଭାଗରେ—ଆତ୍ମ-ଜୀବନୀ ପୁସ୍ତକ ଖଣ୍ଡିଏ ପ୍ରଥମେ ପାଇଲେ ଓଡ଼ିଶା ବିଧାନ ସଭାର ବାଚସ୍ପତି ଶ୍ରୀଯୁକ୍ତ ଦାସ । ସେତେବେଳେ ଏ ଘଟଣାଟି ଏକ ଉଲ୍ଲେଖଯୋଗ୍ୟ ସମ୍ବାଦ ରୂପେ ସମଗ୍ର କଟକ ସହରରେ ପ୍ରଚାରିତ ହୋଇଗଲା । ସେତେବେଳକାର କଲେଜଛାତ୍ର ଆର୍. କେ.ଙ୍କ ଶ୍ରୁତିକୁ ଏ ଘଟଣାଟି ଆସିଲା; କିନ୍ତୁ ବାଚସ୍ପତିଙ୍କ ପାଖରୁ ଏ ପୁସ୍ତକଟି ପାଇବା ଆକାଶକୁସୁମ ତୋଳିବା ସାଙ୍ଗେ ସମାନ । ଅଥଚ ଆତ୍ମଜୀବନୀ ପୁସ୍ତକଟି ନପଢ଼ିବା ପର୍ଯ୍ୟନ୍ତ ସେ ସ୍ଥିରହୋଇ ରହିପାରୁ ନାହାନ୍ତି । ଏତିକବେଳେ ବାଚସ୍ପତିଙ୍କ ମଧ୍ୟମପୁତ୍ର ବିନୋଦ ସହିତ ଆର୍. କେ.ଙ୍କର ସାହଚର୍ଯ୍ୟ ସ୍ଥାପିତ ହେଲା । ବିନୋଦର ସହାୟତାରେ ହିଁ ସେ ଜବାହରଙ୍କ ଆତ୍ମଜୀବନୀ ପୁସ୍ତକଟିକୁ ପାଇବାରେ ସକ୍ଷମ ହେଲେ । ଗ୍ରନ୍ଥଟିକୁ ଆମୂଳଚୂଳ ପାଠ କଲେ—ସେଇ ଅବସରରେ ତାଙ୍କ ଆଖିରେ ପଡ଼ିଲା ଏକ ହାତଲେଖା ପୃଷ୍ଠାର ଫଟୋଷ୍ଟାଟ୍ କପି । ହାତ-ଲେଖାଟି ହଉଚି ଗୁରୁଦେବ କବି ରବୀନ୍ଦ୍ରନାଥଙ୍କର । ଜବାହରଙ୍କ ଆତ୍ମଜୀବନୀ ପୁସ୍ତକଟି ପଢ଼ି ବିଶ୍ୱକବି ରବୀନ୍ଦ୍ରନାଥ ତାଙ୍କର ଅଭିମତ ଟାଇପ୍ କରି ବା ଅନ୍ୟ କାହା ହାତରେ ନ ଲେଖାଇ ନିଜ ହାତରେ ଲେଖିଦେଇଥିଲେ । ବାସ୍ତବପକ୍ଷେ ତ ଏହା ଏକ ଅଭିମତ ନୁହେଁ । ଏକ ବିଶ୍ୱ-ବିଶ୍ରୁତ କବିଶ୍ରେଷ୍ଠଙ୍କର ଏକ ବିଶ୍ୱବିଖ୍ୟାତ ରାଷ୍ଟ୍ରନାୟକଙ୍କୁ ଏହା ପାରିଜାତ ପୁଷ୍ପର ଏକ ଗୁଚ୍ଛ । ଅତଏ ବିଶ୍ୱକବି କହିଥିଲେନା···ଜବାହର ଇଜ୍ ଦି ଇଣ୍ଟରନାଲ୍ ସ୍ପ୍ରିଙ୍ଗ୍ ଅଫ୍ ଇଣ୍ଡିଆ (ଚିରବସନ୍ତ) । ···ହଁ ଚିରବସନ୍ତ । ଚନ୍ଦ୍ର କ୍ରମେ ଦିଗ୍‌ବଳୟଗାମୀ ହୋଇ-ଯାଉଚନ୍ତି । ରାଜଭବନର ଏଇ କକ୍ଷରେ ଚନ୍ଦ୍ରାଲୋକ ମ୍ଳାନ ହୋଇଆସିଲାଣି । ତଥାପି ଆର୍. କେ. ଅନୁଭବ କରୁଛନ୍ତି ବିଶ୍ୱ କବିଙ୍କର ସେଇ ମହାସତ୍ୟଟି—ଭାରତର ଚିରବସନ୍ତ ଜବାହରଙ୍କ ଚେତନାହୀନ ଶରୀରର ଆଭା ଏଇ ଅର୍ଦ୍ଧ-ଆଲୋକିତ କକ୍ଷରେ ବାରିହୋଇ-ଉଠୁଚି । ଆକାଶର ପୂର୍ବ ଦିଗରେ ଆର୍. କେ.ଙ୍କର ଦୃଷ୍ଟି ପଡ଼ିଲା । ଶୁକତାରା ଉଦୟ ହୋଇ-ଆସୁଚି । ଆଉ ଅଳ୍ପ ସମୟ ପରେ ସୂର୍ଯ୍ୟ ଉଦୟ ହେବେ । ତା'ପରେ ଏଇ ମହାପୁରୁଷଙ୍କ ସହିତ ତାଙ୍କର ସମ୍ପର୍କ ଛିନ୍ନ ହୋଇଯିବ ।···ପ୍ରଭାତ ଆଗମନର ସମସ୍ତ ସୂଚନା ମିଳିଲାଣି । ରାଜଭବନର ବିସ୍ତୃତ ବୃକ୍ଷ ଗହଳି ଭିତରୁ ଶୁଭୁଚି ଅସଂଖ୍ୟ ପକ୍ଷୀମାନଙ୍କର କାକଳି । ପୂର୍ବ ଆକାଶରେ ଉଷାର ଆଗମନୀ ପ୍ରତିଭାତ ହୋଇଉଠିଲାଣି ।···କିଛିକ୍ଷଣ ଅତିବାହିତ ହୋଇଗଲା । ଦିଗ୍‌ବଳୟରୁ ଉଇଁଆସିଲେ ପୃଥିବୀର ସୂର୍ଯ୍ୟ—ଏଣେ ଶୟନକକ୍ଷ ଭିତରେ ଏହିକ୍ଷଣି ହୁଏତ ଜାଗିଉଠିବେ ଭାରତର ସୂର୍ଯ୍ୟ ।···ଆଶ୍ଚର୍ଯ୍ୟ ! ଆର୍. କେ.ଙ୍କର ଏଇସବୁ ଚିନ୍ତା ଶେଷ ନ ହେଉଣୁ ଜବାହରଙ୍କ ଶରୀର ଟିକିଏ ଯେମିତି କମ୍ପି ଉଠିଲା, ପ୍ରାୟ ଲମ୍ଫ ଦେବା ଭଙ୍ଗୀରେ

Digitized by srujanika@gmail.com

ଶଯ୍ୟାଉପରେ ସେ ଉଠି ବସିଲେ । ସଙ୍ଗେ ସଙ୍ଗେ ତାଙ୍କର ଦୃଷ୍ଟି ପଡ଼ିଲା କର୍ତ୍ତବ୍ୟରତ ସବ୍-ଇନ୍ସପେକ୍ଟର ଆର୍. କେ.ଙ୍କ ଉପରେ । ଆର୍. କେ. ବଧିବଦ୍ଧଭାବରେ ପ୍ରଧାନମନ୍ତ୍ରୀଙ୍କୁ ସାଲ୍ୟୁଟ୍ କଲେ, ସହାସ୍ୟ ବଦନରେ ପ୍ରଧାନମନ୍ତ୍ରୀ ଏଇ ତରୁଣ ସବ୍-ଇନ୍ସପେକ୍ଟରଙ୍କର ସାଲ୍ୟୁଟ୍ ଗ୍ରହଣ କଲେ । ତା'ପରେ ସେମିତି ଆନୁଷ୍ଠାନିକଭାବରେ ଆର୍. କେ. ତାଙ୍କ କର୍ତ୍ତବ୍ୟ ସ୍ଥାନରୁ ଅପସରିଗଲେ ।

× × × ×

ପୋଲିସ୍ ବିଭାଗରେ ତାଙ୍କର ସଂପୂର୍ଣ୍ଣ କାର୍ଯ୍ୟକାଳ ଶେଷକରି ଆର୍. କେ.ଡି. ଆଇ. ଜି. ପଦରୁ ଅବସର ନେଲେଣି । ଏବେ ସେ କଟକ ସହର ଉପକଣ୍ଠ ମହାନଦୀବିହାରରେ ନିଜ ବାସଭବନରେ ଅବସ୍ଥାନ କରୁଛନ୍ତି । ପାଖରେ ପୁଅଝିଅ କେହି ନାହାନ୍ତି । ସମସ୍ତେ ବାହାରେ ନିଜ ନିଜ କର୍ମସ୍ଥଳରେ ।...ସେଇଟା ଦଶହରା ମାସ । ପୁଅଝିଅମାନଙ୍କ ଘରକୁ ବୁଲିଯିବାର ପ୍ରକୃଷ୍ଟ ସମୟ । ରାଉରକେଲାରେ ଗୋଟିଏ ପୁଅ ଓ ଗୋଟିଏ ଝିଅ ଘରେ ବେଶ୍ କିଛିଦିନ ରହିଲା ପରେ ଆର୍. କେ. ସସ୍ତ୍ରୀକ ଆସିଲେ ସମ୍ବଲପୁର । ସମ୍ବଲପୁରରେ ଝିଅ ଘରେ କିଛିଦିନ କଟାଇ ସ୍ୱାମୀ ସ୍ତ୍ରୀ ଦୁହେଁ ଆଜି କଟକ ଫେରୁଛନ୍ତି । ଆର୍. କେ. ଗାଡ଼ି ଚଳାଉଛନ୍ତି—ପାଖରେ ଶ୍ରୀମତୀ । ଗାଡ଼ିରେ ଆଉ କେହି ନାହାନ୍ତି । ତାଙ୍କ ଚାକିରିଜୀବନ ଆରମ୍ଭରେ ସେଦିନ କଟକ ରାଜଭବନରେ ପ୍ରଧାନମନ୍ତ୍ରୀ ନେହେରୁଙ୍କ ନିରାପତ୍ତା ଡିଉଟିରେ ତାଙ୍କର ଯେଉଁ ଛ'ଟି ଘଣ୍ଟା କଟିଥିଲା, ସେଥିର କିଛି କିଛି ବିବରଣୀ ତାଙ୍କ ସ୍ତ୍ରୀ ଅବଶ୍ୟ ମୁହଁରୁ ଜାଣିଛନ୍ତି । କିନ୍ତୁ ଆଜି ଗାଡ଼ି ଡ୍ରାଇଭ୍ କରିବା ଅବସରରେ ଆର୍. କେ. ସେଦିନ ରାଜଭବନରେ ଘଟିଥିବା ସମସ୍ତ ବିବରଣୀ ଶ୍ରୀମତୀଙ୍କୁ ଶୁଣାଇ ଶୁଣାଇ ଆସିଛନ୍ତି । ଏଥିରେ ଶ୍ରୀମତୀ ମଧ୍ୟ କିଛି ଆନନ୍ଦ ଓ ଗର୍ବ ଅନୁଭବ କରିଛନ୍ତି ।...ଗାଡ଼ି ଚୌଦ୍ୱାର ଟପିଲା । ଆର୍. କେ.ଙ୍କ କଥା ଶେଷ ହୋଇଆସିଲାଣି । ଅନୁଗୁଳଠାରୁ ବର୍ଷା ଲାଗିରହିଛି । ରାସ୍ତାରେ ଯାନବାହାନ ଆଦି ଚଳାଚଳ କମ୍ । କାହାଣୀ ଶେଷରେ ଆର୍. କେ କହୁଛନ୍ତି—ସେଦିନ କଟକ ରାଜଭବନ ବାରଣ୍ଡା ସୀମାରେ ମୁଁ ପ୍ରଧାନମନ୍ତ୍ରୀ ନେହେରୁଜୀଙ୍କୁ ସାଲ୍ୟୁଟ୍ କରି ଫେରିଆସିବା ପରେ ମୋର ମନେହେଲା ମୋ' ଜୀବନର ସବୁକିଛି ଗର୍ବ, ଗୌରବ, ମାନ, ସମ୍ମାନ, ଯଶ, କୀର୍ତ୍ତି, ଆନନ୍ଦ, ଉଲ୍ଲାସ, ବିଭବ, ବୈଭବ, ଏପରିକି ମୋ'ର ସମସ୍ତ ଭବିଷ୍ୟତ ଜୀବନପାଇଁ ପାଥେୟ ସେଇ ଛ' ଘଣ୍ଟା ଭିତରେ ମୁଁ ପାଇସାରିଛି । ଏସବୁ କେହି ମତେ ଦେଇନାହିଁ । ମୋ ଦେଶର ପ୍ରଧାନମନ୍ତ୍ରୀଙ୍କ ନିରାପତ୍ତା ଦାୟିତ୍ୱ ତୁଲାଇବା ପରେ ତାଙ୍କୁ ମୋର ସେଦିନର ଶେଷ ସମ୍ମାନ ଜଣାଇ ଫେରିଆସିବା ବାଟରେ ଏସବୁକୁ ମୁଁ ମୋ ନିଜ ହାତରେ ଗୋଟେଇ ଆଣିଛି ।

ଗାଡ଼ି ଆସି ମହାନଦୀବିହାର ପୋର୍ଟିକୋରେ ଲାଗିଲା । ଦୁହେଁ ଗାଡ଼ିରୁ ଓହ୍ଲାଇ ଭିତରକୁ ଗଲେ । ଶ୍ରୀମତୀ ରୋଷେଇଘର ଆଡ଼େ ଗଲେ । ଆର. କେ. ତାଙ୍କ ବସିବା ଘରକୁ ଯାଇ ଦେଖିଲେ ଘଣ୍ଟାରେ ଦୁଇଟା ବାଜିବ । ରେଡ଼ିଓ ଖୋଲିଦେଲେ । ତା'ପରେ ପଙ୍ଖାଖୋଲି ବସିବାକୁ ଯାଉଛନ୍ତି, ରେଡ଼ିଓରୁ କେହିଜଣେ ହତବାକ୍ ଘୋଷଣାକାରୀ ଯେପରି କେବଳ

Digitized by srujanika@gmail.com

କର୍ତ୍ତବ୍ୟ ସମାହୃତ କରିବାପାଇଁ ଭଗ୍ନ କରୁଣ କଣ୍ଠରେ କହୁଚନ୍ତି—ଦୁଇଜଣ ଅଭିଯୁକ୍ତ ହତ୍ୟାକାରୀଙ୍କ ମଧ୍ୟରୁ ଜଣେ ସେଇ ଘଟଣାସ୍ଥଳୀରେ ଅନ୍ୟ ରକ୍ଷୀମାନଙ୍କ ଗୁଳିରେ ପ୍ରାଣ ହରାଇଛି—ଅନ୍ୟଜଣକ ପୋଲିସ୍ ହେପାଜତରେ ରହିଛି···ଆର୍.କେ. ଯେମିତି ଚିତ୍ରାର୍ପିତ ପରି ରହିଗଲେ । ସେ କିଛି ବୁଝିପାରୁନାହାନ୍ତି । କିଛି ଜାଣିପାରୁନାହାନ୍ତି । ଟିକିଏ ବିରତି ପରେ ରେଡ଼ିଓରୁ ପୁଣି ଭାସିଆସିଲା—ଆମେ ଅତି ଦୁଃଖର ସହିତ ଘୋଷଣା କରୁଚୁ ଯେ ଆମର ପୂଜ୍ୟା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ଆଉ ଇହଜଗତରେ ନାହାନ୍ତି । ତାଙ୍କର ସରକାରୀ ବାସଭବନ ଏକ ନମ୍ବର ସଫ୍‌ଦରଜଙ୍ଗ୍ ପରିସର ମଧ୍ୟରେ ତାଙ୍କର ଦୁଇଜଣ ନିରାପତ୍ତା ରକ୍ଷୀଙ୍କ ଗୁଳିଚାଳନାରେ ସେ ପ୍ରାଣ ହରାଇଛନ୍ତି ।···ଏଇଠି ଆର୍.କେ. ଗଳାଫଟାଇ ଚିତ୍କାର କରିଉଠିଲେ ଓ ! ନୋ ।···ନୋ-ନୋ ! ହୋଇପାରେନା । ନା-ନା—ଏହା ହୋଇପାରେନା—ହୋଇପାରେନା ! ! ଚିତ୍କାର କରି କରି ତାଙ୍କ ଗଳା ହୁଏତ ଫାଟି ଫାଟି ଯାଉଚି; କିନ୍ତୁ ସେ ଚୁପ୍ ରହିପାରୁନାହାନ୍ତି । ଅତି ବିକଳରେ କହିଉଠୁଚନ୍ତି—କେମିତି ? ଯିଏ ନିରାପତ୍ତା ରକ୍ଷୀ—ସିକ୍ୟୁରିଟି ଗାର୍ଡ଼ କେମିତି ସେ ତା' ଦେଶର ପ୍ରଧାନମନ୍ତ୍ରୀଙ୍କୁ ମାରିପାରିଲା ! କ'ଣ ହାତରେ ତା'ର ବନ୍ଧୁକ ଥିଲା ବୋଲି ? କେମିତି !!···ଏବେ ଆଖିରୁ ତାଙ୍କର ଧାର ଧାର ଲୁହ ବୋହିଆସୁଚି । ସେ ବସିପାରୁନାହାନ୍ତି କି ଠିଆହୋଇ ରହିପାରୁନାହାନ୍ତି । ଶ୍ରୀମତୀ ଆର୍. କେ. ଓ ଅନ୍ୟମାନେ ଆସିଲେ । କାହାରି ଯେମିତି କିଛି କହିବାର ନାହିଁ ! ସମସ୍ତେ କେବଳ ତାଙ୍କୁ ଚାହିଁରହିଚନ୍ତି । ଶ୍ରୀମତୀ ତାଙ୍କ ପାଖରେ ଆସି ଠିଆହେଲେ । ଆର୍.କେ. ତାଙ୍କ କାନ୍ଧ ଉପରେ ହାତରଖି କହିଲେ—ମୁଁ ଜାଣିପାରୁନି, କିଛି ବୁଝିପାରୁନି । ଆଇ କାଣ୍ଟ୍ ଇକୁଏଟ୍ ଏନିଥିଙ୍ଗ୍ । ଗୋଟାଏ ଦେଶର ପ୍ରଧାନମନ୍ତ୍ରୀ ଆଉ ତାଙ୍କ ସିକ୍ୟୁରିଟି ଗାର୍ଡ଼ ! ଏସବୁ କ'ଣ ହୋଇଗଲା । ହେ ଭଗବାନ୍ ! ଆମେ ଏଠି ଅଛୁ କେମିତି ? ରହିଚୁ କେମିତି ? ···ଏତିକିବେଳେ ପୁଣି ରେଡ଼ିଓରୁ ଶୁଣାଗଲା—ଆଜି ସକାଳ ସମୟ ପ୍ରାୟ ନ'ଟା । ଗୋଟିଏ ବିଦେଶୀ ଟେଲିଭିଜନ ସଂସ୍ଥା ସହିତ ଏକ ସାକ୍ଷାତ୍‌କାର କାର୍ଯ୍ୟକ୍ରମ ରହିଚି । ଏକ ନମ୍ବର ସଫ୍‌ଦରଜଙ୍ଗ୍‌ରୁ ରାସ୍ତାର ଅପର ପାର୍ଶ୍ୱସ୍ଥିତ ଗୋଟିଏ କୋଠିକୁ ଯିବାକୁ ହେବ । ପ୍ରଧାନମନ୍ତ୍ରୀ ଘରଭିତରୁ ବାହାରି ଆସିବା ପରେ ପରେ ଲତାଗୁଳ୍ମ ଉହାଡ଼ରୁ ତାଙ୍କ ଦେହରେ ଅସଂଖ୍ୟ ବୁଲେଟ୍ ଗଳିହୋଇଗଲା ।·· ଆର.କେ. ଏଇଠି ପୁଣି ଚିତ୍କାର କରିଉଠିଲେ—ବନ୍ଦକର, ବନ୍ଦକର—ମୁଁ ଶୁଣିପାରିବି ନାହିଁ । ବନ୍ଦକର । ରେଡ଼ିଓ ବନ୍ଦ କରିବାପାଇଁ ପାଗଳଙ୍କପରି ଧାଇଁଗଲାବେଳକୁ ଲୁହା ଆଲମାରିର ଧାରରେ ତାଙ୍କ ମଥା ଏତେ ଜୋର୍‌ରେ ପିଟିହୋଇଗଲା ଯେ ଧାର ଧାର ହୋଇ ରକ୍ତ ଝରି ଝରି ଆସିଲା । ଏ ହୃଦୟବିଦାରକ ଦୃଶ୍ୟ ଦେଖିବା ହୁଏତ ଶ୍ରୀମତୀ ଆର୍. କେ.ଙ୍କ ପକ୍ଷରେ ସମ୍ଭବ ହୋଇପାରିଲା ନାହିଁ । ସେ ନିଜ ପଣତକାନିରେ ସ୍ୱାମୀଙ୍କ ମଥାର କ୍ଷତ ଜାଗାଟାକୁ ଚାପିରଖି ନିଜ ଆଡ଼କୁ ଆଉଜାଇ ଆଣିଲେ । ଏ ଘଟଣାରେ ଅନ୍ତର ଭିତରେ ତୀବ୍ର ପ୍ରତିକ୍ରିୟା, ମଥାରେ ଏ ଗୁରୁ ଆଘାତ—ଆର୍.କେ. ଆଉ ଠିଆ ହୋଇପାରିଲେ ନାହିଁ । ଶ୍ରୀମତୀ ଆର୍. କେ. ତାଙ୍କୁ ଧୀରେ ଧୀରେ ନେଇ ବିଛଣାରେ ଶୁଆଇପକେଇଲେ ।

Digitized by srujanika@gmail.com

ଉପହାର

ଆରବ ରାଷ୍ଟ୍ରପୁଞ୍ଜର ଏକ କ୍ଷୁଦ୍ର ଦେଶ । ଆକାରରେ କ୍ଷୁଦ୍ର; କିନ୍ତୁ ପ୍ରକାରରେ ବିରାଟ । 'ଧନଧାନ୍ୟେ ପୁଷ୍ପେଭରା, ଆମାର ଏ ବସୁନ୍ଧରା" ଗୀତର ଏ ପଦଟି ଆମେ ପିଲାଦିନୁ କେବଳ ତୁଣ୍ଡରେ ଗାଇଆସିଛୁ, କାନରେ ଶୁଣିଆସିଛୁ—ଏତିକି ମାତ୍ର । ଉପଭୋଗ ତ' ଦୂରର କଥା, ବେଳେ ବେଳେ ଧନଧାନ୍ୟ ପୁଷ୍ପର ଦର୍ଶନ ମଧ୍ୟ ଦୁର୍ଲ୍ଲଭ ହୋଇଉଠେ । କିନ୍ତୁ ଏଇ ଆରବ ରାଜ୍ୟଟିର ଅଧିବାସୀମାନେ ସେମାନଙ୍କର ଶୟନେ ସ୍ୱପନେ, ଗଗନେ ପବନେ, ଆମୋଦେ ପ୍ରମୋଦେ, କାନନେ ବିତାନେ, ଏପରିକି ତାଙ୍କର ଚିର ସହଚର ମରୁଭୂମିର ତପ୍ତ ବାଲୁକାର ଶଯ୍ୟାଉପରେ ମଧ୍ୟ ଧନଧାନ୍ୟ ପୁଷ୍ପର ସମସ୍ତ ଉପାଦାନ ଉପଭୋଗ କରିଥା'ନ୍ତି । ···ସେଦିନ ପୃଥିବୀର ଅନ୍ୟତମ ବିଭବଶାଳୀ ଏଇ ଦେଶଟିର ଏକ ରାଷ୍ଟ୍ରୀୟ ଉତ୍ସବ ପାଳିତ ହେଉଥାଏ । ଅପରାହ୍ନ ପ୍ରାୟ ଅତିକ୍ରାନ୍ତ । ଉତ୍ସବ ଆରମ୍ଭ ହେଲା । ଉତ୍ସବମଣ୍ଡପ ଓ ସଭାଗୃହରେ ଅଛନ୍ତି କେତେକ ମିତ୍ରରାଜ୍ୟର ରାଷ୍ଟ୍ରମୁଖ୍ୟ, ବହୁ ସଂଖ୍ୟାରେ ନିମନ୍ତ୍ରିତ ସମ୍ଭ୍ରାନ୍ତ ଅତିଥି ଓ ଅଛନ୍ତି ରାଜଧାନୀସ୍ଥ ଆକ୍ରେଡିଟେଡ୍ ରାଷ୍ଟ୍ରଦୂତ ସମୂହ । ଏଇ କ୍ରମରେ ଉପସ୍ଥିତ ଅଛନ୍ତି ଭାରତର ରାଷ୍ଟ୍ରଦୂତ ଶ୍ରୀ ଏମ୍. କେ. ବାଜ୍‌ପେୟୀ ଓ ତାଙ୍କ ପତ୍ନୀ ଶ୍ରୀମତୀ ସାଧନା ବାଜ୍‌ପେୟୀ । ··· ଯଥାସମୟ ଓ ଯଥାବିଧିରେ ରାଷ୍ଟ୍ରୀୟ ଉତ୍ସବର ସମାପନ ଘଟିଲା । ରାତ୍ରି ଉପଗତ ପ୍ରାୟ । ଏହାପରେ ଭୋଜିପର୍ବ । ବାଙ୍କ୍ୱେଟ୍ ହଲ୍‌ରେ ସ୍ତିମିତ ଆଲୋକମାଳାର ଶୀତଳ ଲହରୀ ଖେଳିବୁଲୁଛି । ଏସବୁ ଦୃଶ୍ୟ ଦେଖିଲେ ମନେହୁଏ, ଆରବ ଭୂଖଣ୍ଡର ସବୁ ହେଉଛି କଳ୍ପନାର ଏକ ବିଳାସପୁରୀ—ସେ ଯୁଗର ଆର୍‌ବିଆନ୍ ନାଇଟ୍‌ସର ସେଇସବୁ ଫାଣ୍ଟାସି । କଥିତ ଅଛି, ସେ ଯୁଗର ଜଣେ ଖଲିଫ୍ ତାଙ୍କର ଶତାଧିକ ଅତିଥିଙ୍କ ସମବେତ ଭୋଜନପାଇଁ ଗୋଟିଏ ସମ୍ପୂର୍ଣ୍ଣ ଓଟକୁ ରୋଷ୍ଟ କରି ଗୋଟିଏ ବିରାଟ ସୁବର୍ଣ୍ଣଥାଳିରେ ପରିବେଷଣ କରିଥିଲେ । ତେବେ ସେ ଯୁଗ ଆଉ ନାହିଁ । ବର୍ତ୍ତମାନ ତ ଟର୍କି, କାବ୍, ଲବ୍‌ଷ୍ଟର ଆଉ ପ୍ରନ୍‌ର ଯୁଗ ।

ଭୋଜନପର୍ବ ଶେଷହେଲା । ବିସ୍ତୀର୍ଣ୍ଣ ପ୍ରାଙ୍ଗଣ ଓ ତତ୍‌ସଂଲଗ୍ନ ବିସ୍ତୀର୍ଣ୍ଣତର ଉଦ୍ୟାନରେ ଅତିଥିଗଣ ଯଥାସମ୍ଭବ ନିଭୃତ ସ୍ଥାନ ବାଛିନେଇ ନିଜ ନିଜ ଭିତରେ ଆଳାପ ଆଲୋଚନାରେ ରତ ହେଲେ । ଆମ ରାଷ୍ଟ୍ରଦୂତ ଶ୍ରୀଯୁକ୍ତ ବାଜପେୟୀ ଓ ତାଙ୍କ ପତ୍ନୀ ଉଦ୍ୟାନର ଏକ ଅପେକ୍ଷାକୃତ ନିରାଞ୍ଜନ ସ୍ଥାନରେ ଦୁଇଟି ତୁଳିତଳ୍ପ ଆସନରେ ଉପବେଶନ କଲେ । ଶ୍ରୀମତୀ ବାଜପେୟୀ କଥା ଆରମ୍ଭ କଲେ—ତମ ସିଗ୍ରେଟ୍‌ର ବାସ ମୁଁ ଠିକ୍ ଧରିପାରୁନି ।

···ତାଙ୍କ କଥାରେ କିଛି ବିସ୍ମୟ ପ୍ରକାଶ କରି ସ୍ୱାମୀ କହିଲେ—ମାନେ ?

Digitized by srujanika@gmail.com

—ଯେତେବେଳେ ଏଠି ଯେଉଁ ଦିଗରୁ ପବନ ଭାସିଆସୁଚ, ସେଥିରେ କେତେବେଳେ ଗୋଲାପର ସୁବାସ କେତେବେଳେ ହେନାର ସୌରଭ । ତମ ଓଠର ପ୍ରିୟ ସିଗ୍ରେଟ୍ ଧୂଆଁରୁ, ମୋର ପ୍ରିୟ ସୁବାସ ମୋପାଇଁ କୁଆଡ଼େ ହଜିଯାଉଚ ··· । ତୁହେଁ ଏଥିରେ ପ୍ରାଣଖୋଲା ହସ ହସିଉଠିଲେ । ହସିଉଠିଲେ ସତ; କିନ୍ତୁ ପରମୁହୂର୍ତ୍ତରେ ଶ୍ରୀଯୁକ୍ତ ବାଜପେୟୀଙ୍କ ମୁଖମଣ୍ଡଳରେ ଯେମିତି କିଛି ଚିନ୍ତାର ରେଖା ଫୁଟିଉଠିଲା ।

—କ'ଣ ଭାବୁଚ ?

—ପ୍ରାକୃତିକ ତୈଳଭଣ୍ଡାର ଏଇସବୁ ଦେଶମାନଙ୍କୁ ହୁଏତ ସ୍ୱତଃ ସମୃଦ୍ଧିଶାଳୀ କରିଛି । ଏ ଦେଶର ପ୍ରତ୍ୟେକ କାର୍ଯ୍ୟକ୍ଷମ ଲୋକ ହୁଏତ ଗାଡ଼ି ଚଢ଼ୁଚି—ଏୟାର କଣ୍ଡିସନ୍ଡ୍ ଘରେ ରହୁଚି—କିନ୍ତୁ ଦେଶର ସମୃଦ୍ଧିପାଇଁ ଦିନକୁ ଦଶଘଣ୍ଟା ପରିଶ୍ରମ କରୁଚି ।

—କରୁଛି ତ ।

—କିନ୍ତୁ ଆମେ କ'ଣ କଲୁ ? ସ୍ୱାଧୀନତା ଲଭିବା ପରଦିନ ଆମେ କମ୍ବଳ ଘୋଡ଼ିହୋଇ ଶୋଇପଡ଼ିଲୁ; ତା' ଅର୍ଥ ଏଣିକି ଆମର ଆଉ କିଛି କରିବାର ନାହିଁ । ଦେଶ ଆଉ ସରକାର ସବୁ ଆଣି ଆମ ପାଦତଳେ ଅଜାଡ଼ିଦେବେ । ଗାନ୍ଧି, ଜବାହର, ପଟେଲ, ଶାସ୍ତ୍ରୀ କାହାରି ଆଦର୍ଶ ଆମକୁ ଟଳାଇ ପାରିଲା ନାହିଁ ।

ଏକ୍ସକ୍ୟୁଜ୍ ମି, ଇସ୍ୱୋର୍, ଏକ୍ସିଲେନ୍ସି, ଗୁଡ଼୍ ଇଭନିଂ ।

ହଠାତ୍ ଚମକି ଶ୍ରୀ ବାଜପେୟୀ ଆଖି ଫେରେଇ ଚାହିଁ ଦେଖିଲେ ସମ୍ମୁଖରେ ଠିଆହୋଇ- ଛନ୍ତି ଇସ୍ରାଏଲ୍‌ର ରାଷ୍ଟ୍ରଦୂତ ନାଥାନ୍ ମାସ୍ୱେର୍ ଓ ଶ୍ରୀମତୀ ମାସ୍ୱେର୍ । ଯଥାରୀତି ସମ୍ମାନ ଆଦାନ ପ୍ରଦାନ ପରେ ମାସ୍ୱେର ଦମ୍ପତି ଆସନ ଗ୍ରହଣ କଲେ । ଏ ସାକ୍ଷାତରେ ଶ୍ରୀ ମାସ୍ୱେର ଯେପରି ଖୁବ୍ ଉତ୍ସାହିତ ହୋଇପଡ଼ିଛନ୍ତି । କିନ୍ତୁ ଶ୍ରୀଯୁକ୍ତ ବାଜପେୟୀ ! ସେ ଖୁସି ହେଇଛନ୍ତି ସତ; କିନ୍ତୁ ତାଙ୍କ ମନଭିତରର ବିପରୀତ ପ୍ରତିକ୍ରିୟାକୁ ସେ ଯେପରି ଖୁବ୍ ଆୟାସ-ସାଧନା କରି ଚାପିରଖିଛନ୍ତି, ଯେପରିକି ଶ୍ରୀଯୁକ୍ତ ମାସ୍ୱେର ଏହାର କିଛି ସୂଚନା ପାଇନପାରନ୍ତି । ଶ୍ରୀମତୀ ବାଜପେୟୀ ମନରେ ମଧ୍ୟ ସନ୍ଦେହ ଜାଗିଲାଣି । କିନ୍ତୁ କାହିଁକି ? ଗୋଟିଏ ଦେଶର ରାଷ୍ଟ୍ରଦୂତ ସହିତ ଅନ୍ୟ ଏକ ରାଷ୍ଟ୍ରଦୂତଙ୍କ ମିଳନ ସର୍ବଦା ସ୍ୱାଗତଯୋଗ୍ୟ । ଏ କ୍ରିୟା-ପ୍ରତି- କ୍ରିୟା ତେବେ କାହିଁକି ? ତା'ର କାରଣ ଭାରତ ସହିତ ଇସ୍ରାଏଲର କୂଟନୈତିକ ସଂପର୍କ ଛିନ୍ନ ହୋଇଯାଇଚ । ବିଦେଶରେ ଅବସ୍ଥାପିତ ଗୋଟିଏ ଦେଶର ରାଷ୍ଟ୍ରଦୂତ ହେଉଛନ୍ତି ତାଙ୍କ ନିଜ ଦେଶର କୂଟନୈତିକ ସ୍ୱାର୍ଥର ରକ୍ଷକ । ଯେଉଁ ଦେଶ ସହିତ କୂଟନୈତିକ ସମ୍ପର୍କ ନାହିଁ, ସେ ଦେଶର ରାଷ୍ଟ୍ରଦୂତଙ୍କ ସହିତ ଏକ ତୃତୀୟରାଷ୍ଟ୍ରର ଏପରି ଏକ ସମାରୋହପୂର୍ଣ୍ଣ ଉତ୍ସବରେ ଆଳାପ-ଆଲୋଚନା କରିବାରେ ଅନେକକିଛି ଅର୍ଥ-ଅନର୍ଥ ବାହାରିପାରେ—ଏପରିକି ଦେଶ- ଦ୍ରୋହ ବା ସେଡିସନ୍‌ର ଅଭିଯୋଗପର୍ଯ୍ୟନ୍ତ । ଏ ଅବସ୍ଥାରେ ଶ୍ରୀଯୁକ୍ତ ବାଜପେୟୀ ଶ୍ରୀ ମାସ୍ୱେରଙ୍କ ସହିତ କଥାବାର୍ତ୍ତାରେ ଯେତେଦୂର ସମ୍ଭବ ନୀରବତା ଅବଲମ୍ବନ କରିବା ଉଚିତ ମନେକଲେ । ଶ୍ରୀଯୁକ୍ତ ମାସ୍ୱେର କିନ୍ତୁ ସାଧାରଣଭାବେ କଥା କହିଚାଲିଛନ୍ତି—ମୁଁ ଦେଖିଲି

Digitized by srujanika@gmail.com

ମିଷ୍ଟର ବାଜପେୟୀ, ଆପଣ ଏଠି ନିରୋଳା ସ୍ଥାନରେ ବସିଛନ୍ତି । ଆପଣଙ୍କ ସହିତ ଦି'ପଦ କଥାବାର୍ତ୍ତା କରିବାରେ ସୁଯୋଗ ମିଳିବ, ଏଇ ଭରସାରେ ଏଠିକି ଚାଲିଆସିଲି । ଭୁଲ୍ କରିନାହିଁ ତ ?

—ନା, ନା ।

"ଥ୍ୟାଙ୍କ୍ସ୍" କହି ଶ୍ରୀଯୁକ୍ତ ମାସ୍ୱେର ଉଚ୍ଛ୍ୱସିତ ଗଳାରେ କହିଚାଲିଛନ୍ତି—ଅତି ପ୍ରାଚୀନ, ଅତି ବିରାଟ ଆପଣଙ୍କ ଦେଶ, ଆଖିରେ ନ ଦେଖିଲେ କିଛି କଳ୍ପନା କରିହୁଏନା··· । ବାଜପେୟୀ ତାଙ୍କ ସମଧର୍ମିଙ୍କ କଥା ଶୁଣିଚନ୍ତି ସତ; କିନ୍ତୁ ତାଙ୍କ ମନଭିତରେ ଆଙ୍କି ହୋଇଯାଉଚି ଅନ୍ୟ ଏକ ଚିତ୍ର । ଏଇ ଇସ୍ରାଏଲ । ଏଠାର ଅଧିବାସୀ ଇହୁଦୀମାନଙ୍କର ତିନିହଜାର ବର୍ଷର ଐତିହ୍ୟ ଅଛି; କିନ୍ତୁ ସେମାନେ ନିଜ ବାସସ୍ଥାନରୁ ବିତାଡ଼ିତ ହୋଇ ଛିନ୍ନମୂଳ, ଭିନ୍ନ ଭିନ୍ନ ଭାବେ ଏଠି ସେଠି ବାସ କରୁଥିଲେ—ବେଦୁଇନ୍‌ଭାବେ ଏଣେତେଣେ ଘୂରିବୁଲୁଥିଲେ । ୧୯୪୮ ମସିହାରେ ଜେରୁଜେଲମ୍‌କୁ କେନ୍ଦ୍ର କରି ସେମାନଙ୍କ ଶ୍ରେଷ୍ଠ ଇସ୍ରାଏଲ ଦେଶଟି ମିଳିଲା । କିନ୍ତୁ ଆରବ ରାଜ୍ୟଗୋଷ୍ଠୀର ଅନେକ ଇସ୍ରାଏଲକୁ ସ୍ୱୀକୃତି ଦେଲେନାହିଁ; ଆରବ-ରାଜ୍ୟମାନଙ୍କ ପକ୍ଷ ଅବଲମ୍ବନ କରି ଆମର ସ୍ୱାଧୀନ ଭାରତ ମଧ୍ୟ ନିଜ ତରଫରୁ ଇସ୍ରାଏଲ୍ ସହିତ କୂଟନୈତିକ ସମ୍ପର୍କ ତୁଟାଇଦେଲା । ପ୍ରତ୍ୟକ୍ଷଭାବେ ଇସ୍ରାଏଲ ଭାରତର ଶତ୍ରୁ-ନୁହେଁ—ଭାରତ ସହିତ ସେମାନେ କୌଣସି ଶତ୍ରୁତା କରିନାହାନ୍ତି । କିନ୍ତୁ ଭାରତ ରାଜନୀତି ଓ କୂଟନୀତିର ଚାପରେ ପଡ଼ି ଏ ପନ୍ଥା ଧରିଲା ।

ନାଥାନ୍ ମାସ୍ୱେର୍ ସ୍ପଷ୍ଟଭାବେ ତାଙ୍କ କଥା କହିଚାଲିଛନ୍ତି । ବାଜପେୟୀ ଲକ୍ଷ୍ୟ କରୁଚନ୍ତି ମାସ୍ୱେର୍ ତାଙ୍କ କଥାରେ ଭାରତ ଓ ଇସ୍ରାଏଲ ସମ୍ପର୍କୀୟ ପଦଟିଏ ସୁଦ୍ଧା ରାଜନୀତି ବା କୂଟନୀତି କଥା କହୁନାହାନ୍ତି । ସେ କେବଳ ଭାରତର ଅତୀତ ଗର୍ବ ଓ ଗୌରବଗାଥା ଉଦ୍ଧାର କରିଚାଲିଚନ୍ତି । ଶ୍ରୀ ବାଜପେୟୀ ସବୁ ଶୁଣୁଛନ୍ତି, ତାଙ୍କ ମନଭିତରେ କିନ୍ତୁ ଖେଳୁଛି ଅନ୍ୟ କାହାଣୀ—୧୯୭୨ ମିଉନିକ୍ ଅଲମ୍ପିକ୍‌ରେ ଭାଗନେବାପାଇଁ ଇସ୍ରାଏଲର ସତରଜଣ କ୍ରୀଡ଼ାବିତ୍ ଯାଇଥିଲେ । ଆରବ ଗରିଲା ବା ପି.ଏଲ୍.ଓ. ଗରିଲାମାନେ ଅଲମ୍ପିକ୍ ଭିଲେଜ୍‌ଭିତରେ ପଶି ଏଇ ସତରଜଣ ନିରସ୍ତ୍ର କ୍ରୀଡ଼ାବିତ୍‌ଙ୍କୁ ହତ୍ୟାକଲେ । ଅଲମ୍ପିକ୍ ଖେଳ ଶେଷରେ ସମସ୍ତ କ୍ରୀଡ଼ାବିତ୍ ସ୍ୱଗୃହକୁ ଫେରିଗଲେ; କିନ୍ତୁ ଏ ସତରଜଣ ଇସ୍ରାଏଲ ତରୁଣ ସେମାନଙ୍କ ପିତା-ମାତାଙ୍କ କୋଳକୁ ଫେରିଲେ ନାହିଁ । ସମସ୍ତ ପୃଥିବୀ ଏଥିର ଘୋର ନିନ୍ଦାବାଦ କଲା—କିନ୍ତୁ ଆମତୁଣ୍ଡରେ ପଟି ବାନ୍ଧିଦେଲା କୂଟନୀତିର ବନ୍ଧନ···ଇସ୍ରାଏଲ୍‌ର ରାଷ୍ଟ୍ରଦୂତ କହୁଛନ୍ତି—ମୋ ଜୀବନର ସବୁଠୁଁ ବଡ଼ ସ୍ୱପ୍ନ ହେଉଚି ଭାରତ-ଦର୍ଶନ । ମୁଁ ଜାଣେ, ବର୍ତ୍ତମାନ ଭାରତ ଯିବାର ଅବସ୍ଥା ମୋର ନାହିଁ; କିନ୍ତୁ ସବୁଦିନ ତ ଏ ଅବସ୍ଥା··· । ଭାରତର ରାଷ୍ଟ୍ରଦୂତ ସବୁ ଶୁଣୁଛନ୍ତି; କିନ୍ତୁ ତାଙ୍କ ମନ-ଆକାଶରେ ଆଉ ଏକ ଚିତ୍ର ଆଙ୍କି ହୋଇଯାଉଚି—ଇସ୍ରାଏଲ୍‌ର ଏକ ଯାତ୍ରୀ-ବିମାନକୁ ଆରବ ବିମାନ ଦସ୍ୟୁମାନେ ଅପହରଣ କରି ଉଗାଣ୍ଡାର ରାଜଧାନୀ କାମ୍ପାଲାକୁ ନେଇଗଲେ । କାମ୍ପାଲା ବିମାନଘାଟିରେ ବିମାନ ପଡ଼ିରହିଲା । ଯାତ୍ରୀମାନଙ୍କର ଖାଦ୍ୟପେୟର

Digitized by srujanika@gmail.com

ବ୍ୟବସ୍ଥା ନାହିଁ । ଅପହରଣକାରୀମାନଙ୍କର ଏକ ଅସମ୍ଭବ ସର୍ତ୍ତ ସେମାନଙ୍କ ପ୍ରଦତ୍ତ ସମୟସୀମା ଭିତରେ ପୂରଣ ନହେଲେ ସେମାନେ ଯାତ୍ରୀମାନଙ୍କ ସହିତ ବିମାନକୁ ଧ୍ୱଂସ କରାଦେବା ର ଧମକ ଦେଇଚାଲିଚନ୍ତି । ଉଗାଣ୍ଡାର ପ୍ରେସିଡେଣ୍ଟ ଇଦିଅମିନ୍ ମଧ୍ୟ ସମାଧାନର କୌଣସି ସୂତ୍ର ବାହାର କରିବାର ପ୍ରଚେଷ୍ଟା କଲେ ନାହିଁ । ଏଣେ ସମୟ ବିତିଯାଉଚି । ଏ ଅବସ୍ଥାରେ ଯାତ୍ରୀ ଓ ବିମାନକୁ ଉଦ୍ଧାର କରିବାର ଦାୟିତ୍ୱ ଇସ୍ରାଏଲ୍ ନିଜ ଉପରକୁ ନେଲା । ହଠାତ୍ ଦେଖାଗଲା ଯେ ଇସ୍ରାଏଲ୍‌ର କମାଣ୍ଡୋମାନେ କାମ୍ପାଲା ବିମାନଘାଟିରେ ଅବତରଣ କରି ବିମାନଦସ୍ୟୁମାନଙ୍କୁ କାବୁ କରିବା ସଙ୍ଗେ ସଙ୍ଗେ ଯାତ୍ରୀମାନଙ୍କ ସହ ବିମାନକୁ ନିଜ ଦେଶକୁ ଫେରାଇ ଆଣିଲେ । ଅପହୃତ ବିମାନ ଓ ଯାତ୍ରୀ ଉଦ୍ଧାରର ଏ ଅପୂର୍ବ ବୀରତ୍ୱ ତଥା କୌଶଳ ପାରଙ୍ଗମତା ଏହା ପୂର୍ବରୁ କେବେ କୋଉଠି ଘଟି ନଥିଲା । ଏଥିପାଇଁ ଦେଶ ବିଦେଶରେ ବହୁ ରାଷ୍ଟ୍ର ଓ ବ୍ୟକ୍ତିବିଶେଷ ଇସ୍ରାଏଲ୍ କମାଣ୍ଡୋମାନଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ । କିନ୍ତୁ ଆମେ ·· !

ରାତ୍ରି ଅଧବାହିତ ହୋଇଆସୁଚି । ମାଷ୍ଟ୍ରେର୍ ଆସନ ତ୍ୟାଗ କରିଉଠିଲେ । ଅନ୍ୟମାନେ ମଧ୍ୟ । ମାଷ୍ଟ୍ରେର୍ ତାଙ୍କ କଥା କହିଚାଲିଚନ୍ତି । ଏ ସମସ୍ତ କ୍ଷଣ ଧରି ବାଜପେୟୀଙ୍କ ଅନ୍ତର ମଧ୍ୟରେ ଯାହା ଆଲୋଡ଼ନ ସୃଷ୍ଟି ହେଉଥାଉନା କାହିଁକି, ସେ ମାଷ୍ଟ୍ରେର୍‌ଙ୍କ ସମସ୍ତ କଥା ଶୁଣିଚନ୍ତି, ଆଉ ଲକ୍ଷ୍ୟ କରିଛନ୍ତି ମାଷ୍ଟ୍ରେର ଏ ଦୁଇଦେଶ ମଧ୍ୟରେ ଥିବା କୂଟନୈତିକ ସମ୍ପର୍କ ବିଷୟରେ ପଦେହେଲେ କଥା କହିନାହାନ୍ତି । ମାଷ୍ଟ୍ରେର କହିଚାଲିଚନ୍ତି—ମୁଁ ଆପଣଙ୍କ ମହାନ୍ ଦେଶ ଭ୍ରମଣରେ ଯିବି; ଆଉ ଯିବି ଇମ୍ପ୍ରୋର ଏକ୍‌ସଲେନ୍‌ସି । ଯଦି ସେମିତି ଦରକାର ପଡ଼େ, ତେବେ ମୁଁ ଚାକିରିରୁ ଅବସର ନେଲାପରେ ଭାରତର ଅନ୍ୟକୌଣସି ବନ୍ଧୁ-ଦେଶର ସିଟିଜେନ୍‌ସିପ୍ ନେଇଯିବି—ଯିବି କେବଳ ଦୁଇଟି ଜିନିଷ ଦେଖିବାପାଇଁ । ···ଏଇଠି ଶ୍ରୀ ବାଜପେୟୀ ଟିକିଏ ସ୍ମିତ ହସି କହିଲେ—କ'ଣ, ତାଜମହଲ ଆଉ···

—ନୋ ନୋ, ମି· ବାଜପେୟୀ, ତାଜମହଲ ନୁହେଁ କି ଜୟପୁରର ହାଓ୍ୟା ମହଲ ନୁହେଁ କି ପୃଥିବୀର ସର୍ବଶ୍ରେଷ୍ଠ ସି' ବିଚ୍ ପୁରୀର ବେଳାଭୂମି ନୁହେଁ । ମୁଁ ଦେଖିବି କେବଳ କୋଣାର୍କ ମନ୍ଦିରର ରଥଚକ୍ର ଓ ସାଞ୍ଚିର ବୌଦ୍ଧତୋରଣ । ବାସ୍···ଏଇଠି ବାଜପେୟୀଙ୍କ ମୁଖମଣ୍ଡଳରେ ଟିକିଏ ବିସ୍ମୟଭାବ ଫୁଟିଉଠିଲା । ମାଷ୍ଟ୍ରେର କହିଲେ—ମୁଁ ବୁଝିପାରୁଚି ଆପଣଙ୍କ ରିଆକ୍‌ସନ୍ । ଆପଣ ଜାଣନ୍ତି···ଆଚ୍ଛା, ଆପଣ ମତେ କୁହନ୍ତୁ ତ, କୋଣାର୍କ ମନ୍ଦିର ଆଟିନ୍‌ସ୍ ସେନ୍‌ଟୁରୀର ମନୁମେଣ୍ଟ ତ ? ···ବାଜପେୟୀ ସମ୍ମତି ଜଣାଇଲେ ।

—ବହୁ ଗବେଷକଙ୍କ ମତ ଯେ କୋଣାର୍କ ରଥର ହୁଇଲ୍ ସହିତ ବେନହୁର୍ ରଥର ଚକ ମଧ୍ୟ ତୁଳନୀୟ ନୁହେଁ । ···ଆଉ ସାଞ୍ଚିର ବୌଦ୍ଧତୋରଣ । ଖ୍ରୀ. ପୂ. ଦ୍ୱିତୀୟ ଶତାବ୍ଦୀରେ ନିର୍ମିତ ଏଇ କାରୁକଳାପୂର୍ଣ୍ଣ ତୋରଣଟି ବୁଦ୍ଧଙ୍କ ଜୀବନର ଏକ ମହାନ୍ କାହାଣୀର ମୂକସାକ୍ଷୀ । ···ଏତିକି କହି ମାଷ୍ଟ୍ରେର ସାହେବ ତାଙ୍କ ଶ୍ରୀମତୀଙ୍କୁ ଯେପରି ଏକ ଇଙ୍ଗିତପୂର୍ଣ୍ଣ ଚାହାଣୀରେ ଚାହିଁଲେ । ଶ୍ରୀମତୀ ତାଙ୍କ ହାତବ୍ୟାଗ୍‌ଟି ଖୋଲି, ମେହେଗାନି

Digitized by srujanika@gmail.com

କାଠରେ ତିଆରି ଗୋଟିଏ ସୁନ୍ଦର ଚେପ୍ଟା ବାକ୍ସ ବାହାରକଲେ । ମାସ୍ଟେର ବାକ୍ସଟି ଆଣି ଶ୍ରୀଯୁକ୍ତ ବାଜପେୟୀଙ୍କ ହାତକୁ ବଢ଼ାଇ ଦେଇ କହିଲେ—

—ନଅନୁ ଇସ୍ୟୋର ଏକ୍ସଲେନ୍ସି ।

—କ'ଣ ଇଏ ?

—ଏକ ଉପହାର ।

ବାଜପେୟୀ ହଠାତ୍ କିଛି କହିପାରିଲେ ନାହିଁ । ୧୯୪୮ ମସିହାରେ ଇସ୍ରାଏଲ ଦେଶର ପ୍ରତିଷ୍ଠା ଦିନରୁ ଯେଉଁ ଦେଶ ସହିତ ଭାରତ ତା'ର କୂଟନୈତିକ ସଂପର୍କ ତୁଟାଇ ଦେଇଚି, ସେଇ ଦେଶର ରାଜଦୂତ ତାଙ୍କୁ ଉପହାର ଦେଉଚନ୍ତି । ସେ ବୁଝିପାରୁନାହାନ୍ତି, ଏଥିରେ ସେ ବିସ୍ମିତ ହେଲେ କି ବିଚଳିତ ହୋଇପଡ଼ିଲେ । ରହି ରହି କେବଳ ଏତିକି କହିଲେ—ଉପହାର ! ...ମାସ୍ଟେରଙ୍କ ମୁଖମଣ୍ଡଳରେ ଯେମିତି ଏକ ସ୍ନେହ-ସିକ୍ତ ହସ ଫୁଟିଉଠିଲା । ସେ କହିଲେ—ଇଏସ୍, ଏ ସ୍ମଲ୍ ଗିଫ୍ଟ୍ ଫ୍ରମ୍ ଏ ଫ୍ରେଣ୍ଡ୍, ହୁ ଓ୍ୟାନ୍ ନେଭାର୍, ନେଭାର୍, ନେଭାର୍ ଏ ଫୋ' ଅଫ୍ ଇସ୍ୟୋର୍ କନ୍ଟ୍ରି ।···ଯଥାରୀତି କରମର୍ଦ୍ଦନ ପରେ ଇସ୍ରାଏଲ୍ ଦମ୍ପତି ବିଦାୟ ନେଲେ । ଶ୍ରୀମତୀ ବାଜପେୟୀ ପଚାରିଲେ—କ'ଣ ଏ ବାକ୍ସ ? କାହିଁକି ତମକୁ ଦେଲେ ? କ'ଣ ଏଥିରେ ଅଛି ?

—କେମିତି ଜାଣିବି ?

—ସେ ଯାହା କହିଗଲେ···

—ସେଇକଥା ତ' । ମାସ୍ଟେର କହିଗଲେ : ଜଣେ ବନ୍ଧୁର ଉପହାର, ଯେଉଁ ବନ୍ଧୁ କେବେ, କେବେ, କେବେହେଲେ ମୋ ଦେଶର ଶତ୍ରୁ ନଥିଲା କି ନାହିଁ ।

—ବାକ୍ସ ଖୋଲିବ ?···ବାଜପେୟୀ ବାକ୍ସଟିକୁ ଚାହିଁଲେ । ଶ୍ରେଷ୍ଠ ଚାବିଟି ଝୁଲୁଚି । ପ୍ରାୟ ତେତିଶବର୍ଷର ଅଭିଜ୍ଞ ଡିପ୍ଲୋମାଟ୍ ଏଇଠି ଯେପରି କିଛି ମୁହୂର୍ତ୍ତପାଇଁ ପରାଜିତ ହୋଇଗଲେ । ତା'ପରେ ଖୁବ୍ ଦୃଢ଼ କଣ୍ଠରେ କହିଲେ—ନା, ଖୋଲିବି ନାହିଁ । କୂଟନୀତି ହେଉଛି କୂଟନୀତି । ଏଥିରେ ସାମ୍ୟନୀତି ନାହିଁ କି ସୌମ୍ୟନୀତି ନାହିଁ । ଜଣେ ଡିପ୍ଲୋମାଟ୍ ଭାବରେ ମୁଁ ମୋ ଦେଶର କୂଟନୈତିକ ସ୍ୱାର୍ଥର ରକ୍ଷକ । ହିଜ୍ ଏକ୍ସ୍‌ଲେନ୍ସି ଶ୍ରୀଯୁକ୍ତ ନାଥାନ ମାସ୍ଟେର ମୋର ଜଣେ ବନ୍ଧୁଭାବରେ ଯଦି ଏଥିରେ ଅପମାନିତ ହୁଅନ୍ତି, ତେବେ ତାଙ୍କର ଅବର୍ତ୍ତିମାନରେ ମୁଁ ତାଙ୍କଠାରେ ସବିନୟ ନିବେଦନ ସହ କ୍ଷମାଭିକ୍ଷା କରିବି । କିନ୍ତୁ ମୋ ଦେଶର ବୈଦେଶିକ ବିଭାଗରେ ନିଯୁକ୍ତ ଥିବା ପର୍ଯ୍ୟନ୍ତ ଏ ବାକ୍ସ ଖୋଲିବି ନାହିଁ । ମାଇଁ ପ୍ରଟୋକଲ୍ ଡିମାଣ୍ଡସ୍ ଇଟ୍ ।

ଯଥାସମୟରେ ଶ୍ରୀଯୁକ୍ତ ବାଜପେୟୀଙ୍କ ପ୍ୟାରିସ୍ ବଦଳି ହେଲା । ତାଙ୍କର ଚାକିରି ଜୀବନ ଆଉ ଅଳ୍ପକାଳ ବାକି ଅଛି । ପ୍ୟାରିସ୍‌ରୁ ଭାରତ ଆସି କିଛିଦିନ ସାଉଥ୍ ବ୍ଲକ୍‌ରେ କଟାଇ ସେ ସସମ୍ମାନରେ ଚାକିରିରୁ ଅବସର ଗ୍ରହଣ କଲେ । ଅବସର ଗ୍ରହଣ ପରେ ଯାହା ହେଇଥାଏ । ସବୁ ସୁବିଧା ଥାଇ ମଧ୍ୟ ଗୋଟିଏ ସ୍ଥାନରେ ସ୍ଥିତ ଅବସ୍ଥାରେ ରହିବାପାଇଁ କିଛିକାଳ ଅସ୍ଥିରତା

Digitized by srujanika@gmail.com

ଓ ଅନ୍ତର୍ଯ୍ୟମତାର ସ୍ପର୍ଶ ପ୍ରାପ୍ତ ଲାଗିରହିଥାଏ ।···ଏଇ ଅବସ୍ଥାରେ ହଠାତ୍ ସେ ଟି.ଭି.ରୁ ସମ୍ବାଦ ଶୁଣିଲେ ଯେ ଡେଭିସ୍ କପ୍ ଟେନିସ୍‌ର ଏକ ରାଉଣ୍ଡରେ ଖେଳିବାପାଇଁ ଭାରତୀୟ ଦଳକୁ ଇସ୍ରାଏଲ ଯିବାକୁ ଅନୁମତି ମିଳିଲାନି । ସେ ହଠାତ୍ କିଛି ବୁଝିପାରିଲେ ନାହିଁ । କାରଣ, ତାଙ୍କ ବଦଳି ଓ ବାନ୍ତ ଅସ୍ଥିରତା ଭିତରେ ସେ ଏ ଘଟଣାର ପୂର୍ବାପର କିଛି ଜାଣିପାରି ନଥିଲେ । ତା'ପରେ ସେ ଜାଣିପାରିଲେ ଯେ ଡେଭିସ୍ କପ୍ ଟେନିସ୍ ଖେଳର ଗୋଟିଏ ରାଉଣ୍ଡକୁ ଭାରତ ଏବଂ ଇସ୍ରାଏଲ ପୂର୍ବବର୍ଷ ଉନ୍ନୀତ ହୋଇଥିଲେ । ଖେଳ ଭାରତରେ ହେବାର କଥା । ଇସ୍ରାଏଲ ଦଳ ଭାରତ ଆସିଲେ । ଭାରତ ସହିତ ଇସ୍ରାଏଲର ଖେଳ ହେଲା ଓ ଭାରତ ବିଜୟଲାଭ କଲା । ଏ ବର୍ଷ ପୁଣି ସେହି ଡେଭିସ କପ୍‌ର ଗୋଟିଏ ରାଉଣ୍ଡକୁ ଭାରତ ଏବଂ ଇସ୍ରାଏଲ ପୁଣି ଉନ୍ନୀତ ହୋଇଛନ୍ତି । ଆନ୍ତର୍ଜାତିକ ନିୟମ ଅନୁସାରେ ଏ ଖେଳଟି ଏବର୍ଷ ଇସ୍ରାଏଲ୍‌ରେ ହେବା କଥା । ଭାରତର ଟେନିସ୍ ଖେଳପ୍ରେମୀମାନେ ଆଗ୍ରହର ସହିତ ଅପେକ୍ଷା-କରି ରହିଛନ୍ତି, ଯେ ଏ ବର୍ଷର ଖେଳରେ ମଧ୍ୟ ଭାରତ ଇସ୍ରାଏଲକୁ ପରାଜିତ କରିବ ଓ ଫାଇନାଲ୍‌କୁ ଯିବାର ସୁଯୋଗ ମଧ୍ୟ ଲାଭ କରିପାରିବ । କିନ୍ତୁ ହଠାତ୍ ସେଦିନ ଟି.ଭି.ରେ ଘୋଷଣା କରାଗଲା ଯେ ଡେଭିସ କପ୍ ଟେନିସ୍ ଖେଳିବାପାଇଁ ଭାରତର ଖେଳାଳୀମାନଙ୍କୁ ଇସ୍ରାଏଲ ଯିବାପାଇଁ ଅନୁମତି ମିଳିଲା ନାହିଁ । ଯେପରି ଶୂନ୍ୟରୁ ବଜ୍ରପାତ । ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଯାହା ଆଉନା କାହିଁକି, ଗୋଟାଏ ଦେଶ ଏ ଦେଶକୁ ଖେଳିବାକୁ ଆସିଲା, ଅଥଚ ଏ ଦେଶ ସେ ଦେଶକୁ ଯାଇପାରିବ ନାହିଁ ! ଶ୍ରୀଯୁକ୍ତ ବାଜପେୟୀ ହତବାକ୍ ହୋଇ ବସିରହିଲେ । ତାଙ୍କର ପ୍ରାୟ ୩୪ ବର୍ଷ କାଳର ସମସ୍ତ କୂଟନୈତିକ ଅଭିଜ୍ଞତା ଏଇଠି ଯେପରି ଶୂନ୍ୟରେ ମିଳେଇଗଲେ । ଶ୍ରୀମତୀ ବାଜପେୟୀ ଆସିଲେ । ସ୍ୱାମୀଙ୍କର ଏ ଅବସ୍ଥା ଦେଖି ସେ ଭରସି କିଛି ପଚାରି ପାରିଲେ ନାହିଁ ।···ହଠାତ୍ ବାଜପେୟୀ ସାହେବଙ୍କର ଯେମିତି କିଛି ଚୈତନ୍ୟ ଉଦୟ ହେଲା । ସ୍ତ୍ରୀଙ୍କ ଆଡ଼କୁ ଚାହିଁ ପଚାରିଲେ—ସେ ବାକ୍‌ସଟା ?

—କୋଉ ବାକ୍‌ସ ?

—ଭୁଲିଗଲଣି ? ମାସ୍ଟେର୍ ସାହେବ ଯେଉଁ···

—ଓ, ସେ ବାକ୍‌ସଟା···ସେ ବାକ୍‌ସଟା···ମୋର ଠିକ୍ ମନେପଡୁନି ।

—ତା'ମାନେ ? କୋଉଠି ହଜିଗଲା ?

—ନା, ନା, ହଜିବ କାହିଁକି ? ରୁହ, ମୁଁ ଦେଖୁଛି ।

ଶ୍ରୀମତୀ ଭିତରକୁ ଗଲେ । ଶ୍ରୀଯୁକ୍ତ ବାଜପେୟୀ ଯେମିତି ମନକୁମନ ଉତ୍ତେଜିତ ହୋଇ-ଉଠୁଛନ୍ତି । ସେ ଭାବୁଛନ୍ତି ଯଦି ନାଥାନ୍ ମାସ୍ଟେର ସେ ବାକ୍‌ସ ଭିତରେ ଏମିତି କିଛି ଦେଇଥାନ୍ତି, ଯାହାଦ୍ୱାରା ତାଙ୍କ କମ୍ବା ତାଙ୍କ ଦେଶକୁ ନିନ୍ଦିତ ବା ଅପମାନିତ କରାହୋଇ-ଥାଏ, ତେବେ ପରିଣତି ଯାହା ହେଉନା କାହିଁକି ସେ ଦାୟିତ୍ୱ ସେ ନିଜେ ବହନ କରିବେ ।

Digitized by srujanika@gmail.com

…ବାକ୍ସଟି ଆସିଲା । ଟି'ପଏ ଉପରେ ଥୁଆହେଲା । ପାଖ ଚେୟାରରେ ବସିବାପାଇଁ ସ୍ତ୍ରୀଙ୍କୁ ଇଙ୍ଗିତ ଦେଲେ, ସେ ବସିଲେ । କିଛି ମୁହୂର୍ତ୍ତ କଟିଗଲା । ଶ୍ରୀମତୀ କହିଲେ—ଖୋଲ ।

—ଏଇସବୁ ଘଟଣାରେ ମନ ମୋର ଏମିତି ବିଷାକ୍ତ ହୋଇଯାଇଛି ଯେ ଖୋଲିବାକୁ ସାହସ ପାଉନି ।

—ଛି । ତମର ପର ସେ ଜଣେ ଫରେନ୍ ସର୍ଭିସ୍‌ର ଲୋକ । ପୁଣି ଏତେ ଭଦ୍ର ଏତେ ନମ୍ର । ଖୋଲ ।

ସ୍ତ୍ରୀଙ୍କ ଆଡ଼କୁ ଆଉଥରେ ଦୃଷ୍ଟିପାତ କରି ବାଜପେୟୀ ବାକ୍ସଟି ଖୋଲିଲେ । ବାକ୍ସଟିର ପ୍ରଥମ ପ୍ରସ୍ତରେ ଢଙ୍କା ହୋଇଛି ଗୋଟିଏ କାରୁକାର୍ଯ୍ୟପୂର୍ଣ୍ଣ ସିଲ୍କ ରୁମାଲ । ସ୍ୱାମୀ ସ୍ତ୍ରୀ ଦୁହେଁ ପରସ୍ପରକୁ ଚାହିଁଲେ । ଉତ୍କଣ୍ଠା ବଢ଼ିଚାଲିଛି । ରୁମାଲ୍‌ଟା ଢଙ୍କାହୋଇଛି; ମାତ୍ର ରୁମାଲ୍ ତଳେ କ'ଣ ଥାଇପାରେ ! ଶ୍ରୀଯୁକ୍ତ ବାଜପେୟୀ ବିଶେଷ ଚିନ୍ତିତ ଜଣାପଡ଼ୁନାହାନ୍ତି, ଅଥଚ ରୁମାଲ୍‌କୁ ଉଠାଉ ନାହାନ୍ତି । ସେ କେବଳ ସ୍ଥିରହୋଇ ବସିରହିଛନ୍ତି ।…ଏଥର ଶ୍ରୀମତୀ ବାଜପେୟୀ ରୁମାଲ ଖଣ୍ଡିକ ଉଠାଇନେଲେ । ବାକ୍ସ ଭିତରେ ଯାହା ଦେଖିଲେ, ସେଥିରେ ସେମାନଙ୍କର ମନେହେଲା, ସେମାନେ ଯେପରି କିଛିକ୍ଷଣପାଇଁ ଏ ପୃଥିବୀର ନୁହନ୍ତି, ଅନ୍ୟ ଏକ ମହାନ୍ ଜଗତର ପ୍ରାଣୀ । ବାକ୍ସ ଭିତରେ ଯାହା ଦେଖୁଛନ୍ତି, ସେଥିରେ ହୁଏତ ଅବିଶ୍ୱାସ କରିବାର କିଛି ନାହିଁ । କିନ୍ତୁ ତାହା ଯେପରି ସବୁ ଆଶା ବା ପ୍ରତ୍ୟାଶାର ଊର୍ଦ୍ଧ୍ୱରେ । ସେମାନେ ଠିକ୍ ବୁଝିପାରୁନାହାନ୍ତି ଏଥିରେ ସେମାନେ ବିସ୍ମିତ ହେଉଛନ୍ତି କି ବିମୋହିତ ହେଉଛନ୍ତି କି ଆମୋଦିତ ହେଉଛନ୍ତି ।

ଶ୍ରୀମତୀ ବାଜପେୟୀ ସ୍ୱାମୀଙ୍କୁ ଫେରି ଚାହିଁଲେ । ଦେଖିଲେ, ତାଙ୍କ ମୁଖମଣ୍ଡଳରେ ଧୀରେ ଧୀରେ ପ୍ରଶାନ୍ତ ଭାବ ଫେରିଆସୁଛି । ପ୍ରଶାନ୍ତିରୁ କ୍ରମେ ଉଜ୍ଜ୍ୱଳ ହର୍ଷୋତ୍‌ଫୁଲ୍ଲ ଭାବ । ବାକ୍ସ ଭିତରେ ଅଛି ଆମ ଦେଶର ଗୌରବ, ଆମ ଜାତିର ଗୌରବ, ଆମ ଜାତୀୟ ଜୀବନର ସମସ୍ତ ଗରିମା ଓ ମହିମାର ପ୍ରତୀକ ଗୋଟିଏ ତ୍ରିରଙ୍ଗା ପତାକା…ଶୁଦ୍ଧ ହାତବୁଣା ଖଦଡ଼-କନାର ଗୋଟିଏ ଜାତୀୟ ପତାକା ।

Digitized by srujanika@gmail.com